ମାନବତାର ମହାନ୍ ତୀର୍ଥ

ସୌରୀବଂଧୁ କର

The Bookpoint
BHUBANESWAR

Digitized by PPRACHIN, SOA

ମାନବତାର ମହାନ୍ ତୀର୍ଥ

ସୌରୀବଂଧୁ କର

The Book Point
BHUBANESWAR

Digitized by PPRACHIN, SOA

ମାନବତାର ମହାନ୍ ତୀର୍ଥ

ଲେଖକ : ସୌରୀବଂଧୁ କର

ପ୍ରକାଶକ: ଦି ବୁକ୍ ପଏଣ୍ଟ
ପଠାଣି ସାମନ୍ତ ପ୍ଲାନେଟାରିୟମ୍ ପରିସର
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ପ୍ରଥମ ସଂସ୍କରଣ: ଶ୍ରୀଗୁଣ୍ଡିଚା, ଜୁଲାଇ-୨୦୧୧

ପ୍ରଚ୍ଛଦ : ଲିଓ ଟଲଷ୍ଟୟଙ୍କ ବାସଭବନ ସମ୍ମୁଖ ଶ୍ୱେତ ତୋରଣ

ମୁଦ୍ରଣ: ଶିକ୍ଷା ପ୍ରକାଶନୀ
ଭୁବନେଶ୍ୱର - ୭୫୧୦୧୫

ମୂଲ୍ୟ : ଟ ୧୫୦.୦୦ ମାତ୍ର

Manabatara Mahan Tirtha

Author : Souribandhu Kar

Publisher **The Book Point**
Pathani Samanta Planetorium Campus
Acharya Vihar, Bhubaneswar

First Edition : **Sri Gundicha, July-2011**

Cover **House white gate of Leo Tolstoy**

Printed at **Sikshaprakashani**
Bhubaneswar- 751015

Price **Rs. 150.00**

Digitized by PPRACHIN, SOA

ଉତ୍ସର୍ଗ

ଯାହାଙ୍କ ପ୍ରେରଣା ଓ ସାହାଯ୍ୟ ଯୋଗୁ ମୋର ନୂତନ ରାଷ୍ଟ୍ର ଦର୍ଶନ ସମ୍ଭବ ହେଲା ସେହି ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ କମ୍ୟୁନିଷ୍ଟ ନେତା ଓ ଶାନ୍ତି ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ।

ସୌରୀବଂଧୁ କର

Digitized by PPRACHIN, SOA

ସାମାନ୍ୟ କଥନ

ମୋର ଏହି ଭ୍ରମଣକାହାଣୀ ପୁସ୍ତକ ବିଷୟରେ ଦୁଇପଦ ନିଜକଥା ନ କହିଲେ ଏହା ଅସଂପୂର୍ଣ୍ଣ ଲାଗିବ । ସବୁବେଳେ ଲେଖକଟି ନିଜ କଥା କହିବ ବା ଭୂମିକାଟିଏ ଲେଖିବ, ଏହା ଆବଶ୍ୟକ ନୁହେଁ । କିନ୍ତୁ ନିଜ କଥାରେ ଅନେକ ଅକୁହା କଥା କୁହାଯାଇପାରେ ଏବଂ ଅନେକଙ୍କର ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା, ସଦିଚ୍ଛା ଓ ଶ୍ରଦ୍ଧା ଅର୍ପଣ କରାଯାଇପାରେ ।

ମୋର ଉକ୍ତ ପୁସ୍ତକ ତିନିଗୋଟି ରାଷ୍ଟ୍ରର ରାଜଧାନୀ ଭ୍ରମଣର କାହାଣୀ । ପ୍ରତ୍ୟେକ ଦେଶପାଇଁ ପୃଥକ୍ ପୃଥକ୍ ନାଁ ଦେଇଥିବା ହେତୁ ଏହା ତିନିଗୋଟି ପୁସ୍ତକର ସମନ୍ୱିତ ରୂପ । ଏଥିରେ ସନ୍ନିବେଶିତ 'ମାନବତାର ମହାନ୍ ତୀର୍ଥ', 'ମୁକ୍ତି ସଂଗ୍ରାମର ଉଜ୍ଜ୍ୱଳ ମଶାଲ' ଓ 'ନୀଳ ଉପତ୍ୟକାରେ ଶାନ୍ତି କପୋତ' ମୋର ମସ୍କୋ, ହାନୋଇ ଏବଂ କାଏରୋ ବୁଲି ଯାଇଥିବାର ଚିତ୍ର ।

ମାନବଜାତିର ସମୁନ୍ନତ ବିକାଶରେ ଓ ଶାନ୍ତି ପ୍ରତିଷ୍ଠାରେ ଏହି ତିନିଗୋଟି ରାଷ୍ଟ୍ରର ଅବଦାନ ବିଶ୍ୱ ପ୍ରଶଂସନୀୟ ହୋଇଥିବାରୁ ପୁସ୍ତକର ନାମକରଣ "ମାନବତାର ମହାନ୍ ତୀର୍ଥ" ଦେବାକୁ ମୋର ବିଚାର ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶାକରେ । ମୋର ଏହି ତିନିଗୋଟି ରାଷ୍ଟ୍ରର ରାଜଧାନୀ ଭ୍ରମଣ ସମୟରେ ମୁଁ ଲେନିନ୍, ହୋ-ଚି-ମିନ୍‌ଙ୍କ ସଂରକ୍ଷିତ ପାର୍ଥିବ ଶରୀର ଦେଖିବା ସହିତ ଟଲଷ୍ଟୟଙ୍କ ବାସଗୃହ ୟାସ୍‌ନାୟା ପୋଲ୍ୟାନା ଓ ତାଙ୍କର ସମାଧି ଦର୍ଶନ ମୋ ପାଇଁ ଅତ୍ୟନ୍ତ ଗୌରବର ବିଷୟ । କାରଣ ଏହି ମହାନ୍ ବିପ୍ଳବୀ ଓ ସ୍ରଷ୍ଟାମାନେ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିବାରୁ ସେମାନଙ୍କ ସ୍ମୃତି ସ୍ଥାନ ଦର୍ଶନ ମନରେ ଅନେକ ଆଶା ଓ ଉଦ୍ଦୀପନା ସୃଷ୍ଟି କରେ । ତେଣୁ ଏହି ଭ୍ରମଣ କାହାଣୀରେ ମୁଁ ସେ ସମ୍ପର୍କରେ ଓଡ଼ିଆ ପାଠକମାନଙ୍କ ପାଇଁ ବିଶଦ୍‌ଭାବରେ ମୋର ଅନୁଭବ ଉପସ୍ଥାପିତ କରିଛି । ଏହା ପାଠକମାନଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବ ବୋଲି ଭାବୁଛି ।

ମୋର ଏହି ସ୍ଥାନମାନଙ୍କୁ ଯିବା ଦଶବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି । କିନ୍ତୁ ଭ୍ରମଣ କାହାଣୀଟି ପୁସ୍ତକ ଆକାରରେ ପ୍ରକାଶ ହେବାରେ ଅନେକ ବିଳମ୍ବ ଯଦିଓ ଏହା ବହୁ ଓଡ଼ିଆ ପତ୍ର ପତ୍ରିକାରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ଅମୃତାୟନ, କଥାକଥା କବିତା କବିତା, ସମାରୋହ ଇତ୍ୟାଦି ଅନେକ ଲମ୍ବା ତାଲିକା । ଓଡ଼ିଆ ସାହିତ୍ୟର ଅନେକ ଭ୍ରମଣ କାହାଣୀ ଅଛି । ବହୁ ମାନ୍ୟଗଣ୍ୟ ଓ ବିଶିଷ୍ଟ ବ୍ୟକ୍ତିବିଶେଷ

Digitized by PPRACHIN, SOA

ସେହି ସବୁ ଭ୍ରମଣ କାହାଣୀର ସ୍ରଷ୍ଟା । ମୋର ଭ୍ରମଣ କାହାଣୀ ଜଣେ ସାଧାରଣ ମଣିଷର ଅସାଧାରଣ ଦର୍ଶନ କରିଥିବାର ନିଜସ୍ୱ ବିଚାର । ମୁଁ ଏହି ତିନିଗୋଟି ସ୍ଥାନକୁ ଯାଇପାରିନଥାନ୍ତି ଯଦି ମୋତେ ସୁଯୋଗ ମିଳିନଥାନ୍ତା । ଏ ସୁଯୋଗ ମୋତେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କମ୍ୟୁନିଷ୍ଟ ନେତା ଓ ଶାନ୍ତି ଓ ସଂହତି ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକ ଯୋଗାଇ ଦେଇଥିଲେ । ତାଙ୍କର ପ୍ରେରଣା ଓ ଜୋର ଜବରଦସ୍ତକରି ପଠାଇବାର ଚେଷ୍ଟା ହେତୁ ମୁଁ ଯାଇପାରିଥିଲି । ମୁଁ ତାଙ୍କୁ ଏହି ବହିଟିକୁ ସମ୍ମାନର ସହ ଉତ୍ସର୍ଗ କରିଛି । ତାଙ୍କର ଅନ୍ୟତମ ବନ୍ଧୁ, ଆପ୍‌ସୋର ପୂର୍ବତନ ସାଧାରଣ ସଂପାଦକ ସ୍ୱର୍ଗତ କମ୍ରେଡ୍ ଚିତ୍ତ ବିଶ୍ୱାସ ସବୁ ପ୍ରକାର ପରାମର୍ଶ ଓ ସାହାଯ୍ୟ କରି ନଥିଲେ ମୋର ଯିବା ଆଦୌ ସମ୍ଭବ ହୋଇନଥାନ୍ତା । ତାଙ୍କ ସ୍ମୃତି ପ୍ରତି ଗଭୀର ସମ୍ମାନ ଅର୍ପଣ କରୁଛି । ନନ୍ଦବାବୁଙ୍କର ଝିଅ ନମିତା ଓ ଜୋଇଁ ଅରୁଣ ମସ୍କୋରେ ଥିବାବେଳେ ମୁଁ ତାଙ୍କର କେବଳ ଅତିଥିହୋଇ ନାହିଁ ବରଂ ସେମାନେ ମୋ ସହିତ କାୟାଛାୟା ସହିତ ରହିବା ପରି ରହି ମୋର ବୁଲିବାକୁ ସାର୍ଥକ କରିଛନ୍ତି ।

ସେ ଦୁହିଁଙ୍କ ସ୍ନେହ ବନ୍ଧନର ଶିକୁଳିରୁ ସହଜରେ ଫିଟି ହେବନାହିଁ ।

ମସ୍କୋ ଓ ହାନୋଇ କଲିକତାରୁ ଯାଇଛି । ଯେତେଥର ଯେଉଁଠିକି ଯାଇଛି ଭିସା ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଅସୁବିଧାରେ ପଡିନାହିଁ । କଲିକତାରୁ ଯିବାବେଳେ ମୋର ଯିବାର ସବୁପ୍ରକାର ସୁବନ୍ଦୋବସ୍ତ ରାମକୃଷ୍ଣ ମିଶନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲଚର, ଗୋଲପାର୍କର ପୂଜ୍ୟ ସ୍ୱାମୀ ଗୀତାତ୍ମାନନ୍ଦ (ପ୍ରସନ୍ନ ମହାରାଜ) କରିଦିଅନ୍ତି । ତାଙ୍କପ୍ରତି କୃତଜ୍ଞତା ଜଣାଉଛି । ମୋର ଭ୍ରମଣରେ ମୋତେ ବହୁ ଭାବରେ ବହୁ ବ୍ୟକ୍ତି ବିଶେଷ ସାହାଯ୍ୟ କରିଛନ୍ତି । ସେମାନଙ୍କ ନାମ ଲେଖିଲେ ଅନେକ ଗୁଡ଼ିଏ ପୃଷ୍ଠା ମଣ୍ଡନ କରିବ । କେବଳ ଏତିକି ଉଲ୍ଲେଖ କରିବି ଯେ ମୁଁ ସେମାନଙ୍କର ଏହି ମହନୀୟ ସହଯୋଗ ପାଇଁ ସେମାନଙ୍କ ପ୍ରତି ଚିର କୃତଜ୍ଞ ।

ଅନେକ ଗୁଡ଼ିଏ କାର୍ଯ୍ୟ ହାତକୁ ନେଇ, ସେଗୁଡ଼ିକୁ ସଫଳଭାବରେ ନ କରି ପାରୁଥିବା ଦୋଷରେ ମୁଁ ଦୋଷୀ । ଯାହାର ପରିଣତି ହେଉଛି ଦୀର୍ଘ ବର୍ଷ ପରେ ଏହି ଭ୍ରମଣ କାହାଣୀ ପୁସ୍ତକ ରୂପରେ ପ୍ରକାଶିତ ।

ବହିଟି ବୁକ୍‌ପଏଣ୍ଟ, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହେଉଛି । ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଅଧିକ କିଛି କହୁନି କାରଣ ମୋତେ ଅତିଶୟୋକ୍ତି ଦୋଷରେ ଦୋଷୀ ହେବାକୁ ହେବ ।

ତା ୩/୭/୨୦୧୧
ଶ୍ରୀଗୁଣ୍ଡିଚା

ସୌରୀବଂଧୁ କର

Digitized by PPRACHIN, SOA

ମାନବତାର ମହାନତୀର୍ଥ -

Digitized by PPRACHIN, SOA

ସୂଚୀପତ୍ର

୧-	ମସ୍କୋରେ ପ୍ରଥମ ଦିନ	୯
୨-	ମାଛଭଜା ଓ ଓଡ଼ିଆ ପରିବାର	୧୪
୩-	ରାମକୃଷ୍ଣ ବେଦାନ୍ତ ପ୍ରଚାର - ମସ୍କୋ	୧୬
୪-	ଭାରତୀୟ ଦୂତାବାସ- ମସ୍କୋରେ ସଭା	୨୦
୫-	କାଉଣ୍ଟ ଲିଓ ଟଲଷ୍ଟୟ	୨୨
୬-	ୟାସ୍‌ନାୟା ପୋଲ୍ୟାନା	୨୬
୭-	ବିଶ୍ୱର ପ୍ରଥମ ନାଗରିକ	୩୨
୮-	ଟଲଷ୍ଟୟଙ୍କ ଘରେ ଏବେବି ଘଣ୍ଟା ବାଜେ	୪୧
୯-	ଶୂନ୍ୟ ଆସନ	୪୬
୧୦-	ମସ୍କୋ ଆକାଶରେ ଜହ୍ନ	୫୦
୧୧-	ଭିକ୍‌ଟ୍ରି ପାର୍କ	୫୩
୧୨-	ଦାଚା ଓ ଅବସର ଜୀବନ	୫୬
୧୩-	ବଲ୍‌ସୋଇ ଥିଏଟର	୬୦
୧୪-	କବି ମାୟାକୋଭସ୍କି	୬୩
୧୫-	ସାଥୀ ଲେଖକ ମାନଙ୍କୁ (୧୯୧୫) ମାୟାକୋଭସ୍କି	୬୫
୧୬-	ମୁଁ (୧୯୯୨)	୬୯
୧୭-	ମୁଁ ଜଣେ କବି	୭୦
୧୮-	ରେଡ୍ ସ୍କୋୟାର, କ୍ରେମଲିନ୍ ରାଜପ୍ରସାଦ ଓ ଲେନିନ୍ ମୁସୋଲିୟମ୍	୭୫
୧୯-	ମସ୍କୋ ମେଟ୍ରୋ	୭୮
୨୦-	ପୁସ୍ତକ ପ୍ରେମରେ ଭଟ୍ଟା	୮୧
୨୧-	ଧର୍ମ ଓ ଧର୍ମଜୀବନ	୮୫
୨୨-	ଯୌବନର ଉନ୍ମାଦନା	୮୯
୨୩-	୮୫୦ ବର୍ଷର ମସ୍କୋ ସହରର ମୁଖା	୯୨
୨୪-	ଭାଭିଲୋଭାରୁ ବିଦାୟ	୯୮
୨୫-	ମସ୍କୋ ଭ୍ରମଣର କେତେ ଗୁଡ଼ିଏ ଫଟୋ	୧୦୨

Digitized by PPRACHIN, SOA

ମସ୍କୋରେ ପ୍ରଥମଦିନ

ମସ୍କୋ । ବହୁଦିନରୁ ମନରେ ସଞ୍ଚହୋଇ ରହିଥିବା ଅନେକ ଆଶା ଓ ସ୍ୱପ୍ନର ସହର । ମସ୍କୋରେ ପ୍ଲେନ ଲ୍ୟାଣ୍ଡ କରିବାବେଳେ ଭୟ, ଉଦ୍‌ବିଗ୍ନ ଓ ଆନନ୍ଦ ମଧ୍ୟରେ ଏମିଗ୍ରେସନ କ୍ଲିଅର କରି ବ୍ୟାଗଧରି ବାହାରକୁ ବାହାରିବା ମାତ୍ରେ ଆଖିରେ ପଡ଼ିଲା ବନ୍ଧୁ ଅରୁଣଙ୍କର ସମ୍ଭାଷଣ ।

ଅଜଣା ଦେଶରେ ବନ୍ଧୁଙ୍କର ଆତିଥ୍ୟ ମରୁଭୂମିରେ ଓଏସିସ୍ ।

ପ୍ଲେନରେ ବନ୍ଧୁତା ଜମାଇଥିବା ବଙ୍ଗାଳୀ ତରୁଣ ଇନ୍ଦ୍ରଜିତଠାରୁ ବିଦାୟ ନେଇ ଲୋକାରଣ୍ୟ ଏୟାର ପୋର୍ଟରୁ ପଦାକୁ ବାହାରି ଆସିବାବେଳେ ଝିପ୍‌ଝିପ୍ ବର୍ଷା ଓ କୋହଲା ପାଗରେ ଶିତେଇ ଉଠିଲା ଦେହ ।

କଲିକତା ହାଓଡ଼ା ଷ୍ଟେସନରେ ଟ୍ରେନ୍‌ରୁ ଓହ୍ଲାଇବାମାତ୍ରେ ଟ୍ୟାକ୍ସି ଦଲାଲମାନଙ୍କର ମଦ୍ଧକୁ ଶାଗୁଣା ଘେରିଯାଇ ଖୁମ୍ପିବାପରି ମସ୍କୋ ଏୟାରପୋର୍ଟରେ ମଧ୍ୟ ସେଥିରେ ବ୍ୟତିକ୍ରମ ନ ଥିଲା ।

ଏକଘଣ୍ଟାର ରାସ୍ତା ଅତିକ୍ରମ କରିବା ପାଇଁ ଭଡ଼ା ହେଉଛି ୮୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ଦୁଇହଜାର ନଅଶହ ଛଅସ୍ତରୀ ଟଙ୍କା । ଜଣେ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀର ମାସକର ଦରମା ।

ବସ୍‌ରେ ବସିଲୁ । ଟିକେଟ୍‌କୁ ବନ୍ଧୁ ଅରୁଣ ପନ୍‌ଚ କରିବା ପରେ ବି ମହିଳା କଣ୍ଡକ୍ଟର ମୋର ସେହି ମୋଟା ବ୍ୟାଗଟି ପାଇଁ ଦାବି କଲେ ଭଡ଼ା । ଚାରିହଜାର ରୁବେଲ୍ ।

କାହାରି ହାତରେ ମୋ' ବ୍ୟାଗ ପରି ଓଜନିଆ ବ୍ୟାଗ ନ ଥିଲା । ଚୁପ୍‌ଚାପ୍ ଶ୍ରେଣୀଗୃହରେ ଛାତ୍ର ମନଯୋଗ ସହକାରେ ବହି ଖୋଲି ପଢ଼ିବା ପରି ବସ୍ ଭିତରେ, ମେଟ୍ରୋରେ ଗୃଷର ମହିଳା, ଯୁବତୀ ଓ ବୟସ୍କ ଲୋକେ ଖବରକାଗଜ ବା ବହି ଖୋଲି ପଢ଼ିବାରେ ମଜି ଯାଉଥିଲେ ।

ବସ୍ ସହରରେ ପ୍ରବେଶକରି ମେଟ୍ରୋ ଷ୍ଟେସନରେ ପହଞ୍ଚିବା ପରେ ଆମେ ମେଟ୍ରୋ ଆଡ଼କୁ ଗଲୁ । ଟୋକନ୍ ପନ୍‌ଚ କରି ଭିତରକୁ ଯିବା ପାଇଁ ଅନବରତ

Digitized by PPRACHIN, SOA

ଦ୍ରୁତଗତିରେ ଉପରୁ ତଳକୁ ଘୂରୁଥିବା ଏସ୍କାଲେଟରରେ ଗୋଡ଼ ସନ୍ତର୍ପଣରେ ବଢ଼ାଇବାବେଳେ ମନେହେଲା ଏଠି ଜୀବନ ମଧ୍ୟ ଏସ୍କାଲେଟର ପରି ଗତିଶୀଳ ।

ମେଟ୍ରୋ ଯାତ୍ରା ଆନନ୍ଦଦାୟକ । ପ୍ରାୟ ଏକ ଘଣ୍ଟା ଠିଆହୋଇ ଆସିବା ସତ୍ତ୍ୱେ ନା କ୍ଲାନ୍ତି ନା ବସି ପଡ଼ିବାର ଇଚ୍ଛା । ଛଅ ସିଟ୍ ବିଶିଷ୍ଟ ସିଟରେ ଛଅଜଣରୁ ସାତଜଣ ବସିବା ଦେଖାଯାଏନି କିନ୍ତୁ ବସି କରି ଯାଇ ହୋଇପାରେ । କଲିକତାରେ ମେଟ୍ରୋରେ ଠେଲାପେଲା, ଭିଡ଼ ଓ ହୋ ହଲ୍ଲା ଶବ୍ଦ ଭିତରେ ମଣିଷ ନିଜର ଅସ୍ତିତ୍ୱକୁ ଖୋଜିବାବେଳେ ମସ୍କୋ ମେଟ୍ରୋ ଯାତ୍ରା ନିଜର ବ୍ୟକ୍ତିତ୍ୱ ପ୍ରତି ସଚେତନ କରାଏ । କିଏ ଛୋଟ, କିଏ ବଡ଼, କିଏ ଦରିଦ୍ର ଓ କିଏ ଧନୀ ବା ଆଭିଜାତ୍ୟ ସମ୍ପନ୍ନ ଏହା ଜଣା ପଡ଼େନି । ଯେପରି ସମସ୍ତେ ଗୋଟିଏ ପ୍ରକାର ମଣିଷ । ଚଳଚଞ୍ଚଳ ଓ ପ୍ରାଣ ପ୍ରାଚୁର୍ଯ୍ୟରେ ଭରପୂର । ଜାତି, ଧର୍ମ ଓ ବର୍ଣ୍ଣ ଯେପରି ମୂଲ୍ୟହୀନ । ବସ୍, ମେଟ୍ରୋ, ମେଟ୍ରୋ ଓ ବସ୍ ପରେ ଆମେ ତାଙ୍କର ଚଉଦତଳ ପ୍ରାସାଦ ଘରେ ପହଞ୍ଚିଲୁ । ନଅତାଲାରେ ତା'ଙ୍କ କ୍ୱାଟର । ବନ୍ଧୁ ଅରୁଣ ଓ ତା'ଙ୍କ ପତ୍ନୀ ନମିତାଙ୍କର ମସ୍କୋଜୀବନ ମୋ' ଭ୍ରମଣବୃତ୍ତାନ୍ତର ଶେଷ ଅଧ୍ୟାୟ ହେବ । କିନ୍ତୁ ସେମାନେ ଓଡ଼ିଆ ହେବାର ଗୌରବରେ ଗର୍ବିତ ଏବଂ ଓଡ଼ିଆ ପ୍ରୀତିର ସକଳ ନିଦର୍ଶନ ତା'ଙ୍କର ସେହି ନବତଳ ପ୍ରାସାଦର ଗୃହ ମଧ୍ୟରେ ପ୍ରତିଫଳିତ ।

ମସ୍କୋ ପାଗ ଶୁଖିଲାଥିବ ଓ ଖରା ପଡ଼ିଥିବ ଏହି ଧାରଣା କ୍ରମଶଃ ମୋର ମିଳାଇ ଯିବାକୁ ଲାଗିଥିଲା । ବର୍ଷା ଓ କୋହଲା ଶୀତଳ ପବନ ଝରକା ଡେଇଁ ଘରଭିତରକୁ ପଶି ଆସୁଥିଲା ।ଗରମ ଗରମ କଫି ସତ୍ତ୍ୱେ ଥଣ୍ଡା ଘେରି ରହିଥିଲା । ପ୍ରଥମଦିନଟି ଏଇମିତି ଖାଲି ଖାଲି ଚାଲିଯିବ, ଏହା ମୋ' ପାଇଁ ଥିଲା ଅବଶ୍ୟ ପୀଡ଼ାଦାୟକ ।

ପ୍ରାୟ ପାଞ୍ଚଟା ବେଳକୁ ସେହି ବିଖ୍ୟାତ କ୍ରେମଲିନ୍ ୱାଲ ଓ ରେଡ଼ ସ୍କୋୟାର ଦେଖିବାକୁ ବାହାରିଲୁ ।

ଇତିହାସର ପୃଷ୍ଠାରେ ଲିପିବଦ୍ଧ ସେହି ପ୍ରାସାଦର ଅଙ୍ଗେ ନିଭେଇଥିବା ଘଟଣାର ଘଟଣାବଳୀ । ଲାଲକିଲ୍ଲା ଦୁର୍ଗପରି ଏଇ ବିରାଟ କ୍ରେମ୍ଲିନ୍ ପ୍ରାସାଦ ଓ ତା'ର ପାଚେରି । ସମ୍ମୁଖରେ ରେଡ଼ସ୍କୋୟାର ।

ସେହି ରାସ୍ତାରେ ପାଦଦେବା ମାତ୍ରେ ଋଷ ବିଷୟରେ ଅଗଣିତ ଦେଶପ୍ରେମୀଙ୍କର ରକ୍ତରେ ଧୋଇ ହୋଇଥିବା ରାସ୍ତାକୁ ନମସ୍କାର କରିବାକୁ ଇଚ୍ଛାହୁଏ । ବିଭିନ୍ନ ଗମ୍ବୁଜରେ ଶୋଭା ପାଉଥିବା ତାରାକା ଓ ଇଗଲପକ୍ଷୀ ଋଷ ଶାସନର କ୍ରମ ପରିବର୍ତ୍ତନର ଆଭାସ ।

Digitized by PPRACHIN, SOA

ମହାନ୍ ଦେଶପ୍ରେମୀମାନଙ୍କର ଷ୍ଟାଚ୍ୟୁ ଲେନିନ୍ ମୁସୋଲିୟମ୍ ପଛପଟେ ରେଡ୍ ସ୍କୋୟାରକୁ ଚାହିଁରହି ଯେପରି ଭାବୁଛନ୍ତି ସତେ କ'ଣ ସେମାନଙ୍କର ବଳିଦାନ ସାର୍ଥକ ।

ବନ୍ଧୁ ଅରୁଣ କହିଲେ, "କମ୍ୟୁନିଷ୍ଟ ଶାସନର ପରିବର୍ତ୍ତନ ପରେ ଏଇ ସ୍କୋୟାରରେ ଅନେକ ପରିବର୍ତ୍ତନ ଘଟିଗଲାଣି । ଲେନିନ୍‌ଙ୍କର ଶରୀରକୁ ଦିନରାତି ଜଗି ରହିଥିବା ପହରା ଆଉ ନାହିଁ । ଏବଂ ନାହିଁ ମଧ୍ୟ ରେଡ୍‌ଗାର୍ଡମାନଙ୍କର ବିଶିଷ୍ଟ ଦିନମାନଙ୍କରେ ପ୍ୟାରେଡ୍‌ର ଦୃଶ୍ୟ । ନୂତନ ରାଷ୍ଟ୍ରପତିଙ୍କର ଏଇ କ୍ରେମଲିନ୍ ପ୍ରାସାଦରେ ବହୁ ସମୟରେ ରାଷ୍ଟ୍ରପତି ଅନୁପସ୍ଥିତ ଓ ମୁଖ୍ୟ ପ୍ରବେଶଦ୍ୱାର ପ୍ରାୟ ସଦାବେଳେ ବନ୍ଦ ।"

ରେଡ୍ ସ୍କୋୟାର ସାମ୍ନାରେ ଏକ ଅତ୍ୟୁଚ୍ଚ ଗୀର୍ଜାଘର । ଚର୍ଚ୍ଚଟି ଉନ୍ନତ ରୁଚିସମ୍ପନ୍ନ କାରୁକାର୍ଯ୍ୟର ଚମତ୍କାର ପ୍ରକାଶ । ଏଇ ଚର୍ଚ୍ଚର ନାମ ସେଣ୍ଟ ବାସିଲି ଚର୍ଚ୍ଚ, ଷ୍ଟାଲିନ୍‌ଙ୍କ ଶାସନ ସମୟରେ ବହୁ ଗୁଡ଼ିଏ ଚର୍ଚ୍ଚକୁ ଭାଙ୍ଗି ଦେବାପରେ ମଧ୍ୟ (ଅବଶ୍ୟ ଏ ଚର୍ଚ୍ଚଟିକୁ ନୁହେଁ) ଏବେ ସେଗୁଡ଼ିକ ମରାମତି ହୋଇ ପୂର୍ବଗୌରବ ଫେରାଇ ଆଣିବାକୁ ଚେଷ୍ଟିତ ।

ଇତିହାସର କ୍ରମ ପରିବର୍ତ୍ତନକୁ କିଏ ଅବା ବୁଝିପାରିବ ?

କ୍ରେମଲିନ୍ ୱାଲ ଚାରିପାଖରେ ଆମେ ଘେରାଏ ପ୍ରଦକ୍ଷିଣ କଲୁ । ସହିଦମାନଙ୍କର ସ୍ମୃତି ପ୍ରତି ବିଶେଷ ଶ୍ରଦ୍ଧାଞ୍ଜଳି ଦେବାପାଇଁ ୱାଲ ପଛପାଖରେ ନିର୍ମିତ ବେଦୀରେ ନବବିବାହିତା ଦମ୍ପତିମାନଙ୍କର ପୁଷ୍ପଗୁଚ୍ଛ ପ୍ରଦାନକରି ହସି ହସି ହାତରେ ହାତଛନ୍ଦି ଓହ୍ଲାଇ ଆସୁଥିବାର ଦୃଶ୍ୟରୁ ବୋଧ ହେଉଥିଲା ବଡ଼ବଡ଼ୁଆମାନେ ବରଦହସ୍ତ ପ୍ରସାରଣ କରି ଏମାନଙ୍କୁ ଜୀବନସାରା ଆନନ୍ଦରେ ବିତାଇବାକୁ କଲ୍ୟାଣ କରୁଛନ୍ତି ।

ଏଇ ଦୃଶ୍ୟରେ ମନ ବୁଡ଼ି ଯାଉଥିବାବେଳେ ବୟସଭାରରେ ଅବଦମିତ ତଥାପି ବଞ୍ଚିରହିବା ପାଇଁ ସଂଗ୍ରାମରେ ବ୍ୟସ୍ତ ବୟସ୍କା ମହିଳାଟିଏ ଗୋଟିଏ ସହିଦ ବେଦୀକୁ ଧରି ଚାହିଁରହିଛି ନିର୍ବେଦ ଓ ନିଃସହାୟ ହୋଇ । ଋଷ ଗଣରାଜ୍ୟର ଗୋଟିଏ ଗୋଟିଏ ସହରର ବେଦୀ ଅନାମଧେୟ ଅଗଣିତ ସହିଦମାନଙ୍କ ପାଇଁ । ଏବଂ ସେଇ ବେଦୀତଳେ କେବେଠାରୁ, କେଉଁଦିନରୁ ହଜିଯାଇଥିବା, ତାକୁ ଏକାକୀ ନିଃସହାୟକରି ଛାଡ଼ି ଦେଇଥିବା ପୁତ୍ର ବା ପିତାର ଶୋକରେ ଶୋକାଭିଭୂତ ତଥାପି ସେମାନଙ୍କ ସ୍ମୃତିକୁ ପାଥେୟକରି ବଞ୍ଚି ରହିବାର ତପସ୍ୟାରେ ସେ ମଗ୍ନ ।

ରେଡ୍ ସ୍କୋୟାର, କ୍ରେମଲିନ୍ ୱାଲକୁ ପରିକ୍ରମା କରି ଚାଲୁଥିବାବେଳେ ଜାର୍‌ଶାସନକୁ ଭୂଲୁଣ୍ଠିତକରି ୧୯୧୭ର ସେହି ମହାନ୍ କ୍ରାନ୍ତିକାରୀ ଅକ୍ଟୋବର

Digitized by PPRACHIN, SOA

ବିପ୍ଳବର ଇତିହାସ ସ୍ମୃତି ଚାରଣ କରୁଥିଲୁ ଓ ସମଗ୍ର ବିଶ୍ୱର ପରିବର୍ତ୍ତନରେ ସେହି ବିପ୍ଳବର ଭୂମିକା ସମ୍ପର୍କରେ ପର୍ଯ୍ୟାଲୋଚନା କରିବାରେ ଲାଗିଥିଲୁ । ହାତରେ ୩୦୦୦ରୁବେଲ ଦେଇ କିଣିଥିବା ୧୦୦ଗ୍ରାମର ଚିନାବାଦାମକୁ ପାଟିରେ ଗୋଟିଏ ଗୋଟିଏ ପକାଉଥିଲୁ । ଆଖିରେ ପଡୁଥିଲା କ୍ରେମଲିନ୍ କାନ୍ଥ ଚାରିପଟରେ ଅନେକ ଗଛ । ଲମ୍ବା ଲମ୍ବାହୋଇ ସବୁଜିମାରେ ବାଟୋଇକୁ ଆକର୍ଷିତ କରୁଛି ।

ମସ୍କୋ ନଦୀକୂଳ ରାସ୍ତା ଦେଇ ଗଲାବେଳେ ନଦୀରେ ଏକ ଜାହାଜ ପରି ନିର୍ମାଣ ହୋଇ ପିଟର, ଦିଗ୍ରେଟ୍‌ଙ୍କର ଏକ ବିରାଟ ଷ୍ଟାଚ୍ୟୁ ଏଇ ନିକଟରେ ନିର୍ମିତ ହୋଇଥିବାର ଦେଖିଲି । ପିଟର, ଦିଗ୍ରେଟ୍‌ଙ୍କର ଅସୀମ ବୀରତ୍ୱ ଓ ସାହସର ଇତିହାସ ସୋଭିଏତ୍‌ର ଲୋକେ ଭୁଲିନାହାନ୍ତି । ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକାଷ୍ଠାର ସ୍ମୃତିକୁ ଜୀବିତ ରଖିବାକୁ ପିଟର, ଦିଗ୍ରେଟ୍‌ଙ୍କର ବିରାଟ ମୂର୍ତ୍ତି ଜାହାଜର ମାସ୍ତୁଲ ନିକଟରେ ଛିଡ଼ାହୋଇ ଚାହିଁଥିବାର ଦୃଶ୍ୟ ଆମୋଦିତ କରେ ।

ପିଟର, ଦି ଗ୍ରେଟ୍ ୧୭୦୩ ଖ୍ରୀଷ୍ଟାବ୍ଦରେ ପିଟର୍ସବର୍ଗ ସହର ନିର୍ମାଣ କରିଥିଲେ । ଏଇଠାକୁ ସ୍ଥାନାନ୍ତରିତ ହୋଇଥିଲା ଜାର ଶାସନର କେନ୍ଦ୍ରସ୍ଥଳ । ପିଟର୍ସବର୍ଗ ସହର ସୋଭିଏତ୍ ୟୁନିୟନ୍‌ର ଅଂଶଭୁକ୍ତ ନ ଥିଲା । ଏହାକୁ ସୁଇଡ଼େନଠାରୁ ପିଟର ନିଜର ବୀରତ୍ୱ ପରାକାଷ୍ଠା ଫଳରେ ଅଧିକାର କରି ନିଜ ନାମରେ ପିଟର୍ସବର୍ଗ ସହର ନିର୍ମାଣ କରିଥିଲେ । ବୋଧହୁଏ ସେଇ କାରଣରୁ ଋଷର ଲୋକମାନେ ଭୁଲି ନାହାନ୍ତି ସେହି ମହାନ୍ ଯୋଦ୍ଧାଙ୍କୁ । ଋଷ ସମ୍ରାଟ୍‌ମାନଙ୍କର ମଣି ସଦୃଶ, ପିଟର-ଦିଗ୍ରେଟ୍, ଇତିହାସରେ ତାଙ୍କର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ବହୁ ଯୁଦ୍ଧରେ ଜୟଲାଭ କରି, ବହୁ ସଂସ୍କାର ପ୍ରବର୍ତ୍ତନ କରି, ଶିକ୍ଷାକ୍ଷେତ୍ରରେ ଅନେକ ନୂତନତାର ପରୀକ୍ଷା ନିରୀକ୍ଷାକରି, ଅନେକ ସାଧାରଣ ମଙ୍ଗଳକର କାର୍ଯ୍ୟ ଆରମ୍ଭକରି ଦେଶର ସମ୍ମାନକୁ ବହୁଗୁଣରେ ବର୍ଦ୍ଧିତ କରି ପାରିଥିବା ହେତୁ ଇତିହାସରେ ତାଙ୍କର ନାମକୁ ଅମ୍ଳାନ କରିବାପାଇଁ, ପ୍ରତ୍ୟେକ ମସ୍କୋବାସୀଙ୍କ ହୃଦୟରେ ସେହି ସମ୍ରାଟଙ୍କର ସ୍ମୃତିକୁ ସୁଦୃଢ଼ କରିବାକୁ ନବନିର୍ମିତ ପିଟର, ଦିଗ୍ରେଟ୍‌ଙ୍କର ଷ୍ଟାଚ୍ୟୁ । ଦୂରରୁ ପିଟରଙ୍କର ବୀରତ୍ୱର ପ୍ରମାଣ ଝଟକି ଉଠୁଛି ।

ବିରାଟ ମସ୍କୋ ସହର । କଳ୍ପନାର ବାହାରେ । ପାଦରେ ଚାଲି ଚାଲି ହାଲିଆ ହୋଇ ପଡୁଥିଲେ ବି ଚାଲିବାରୁ ମଧ୍ୟ ପରିତ୍ରାଣ ନାହିଁ । ନମିତା ଓ ମୁଁ ବସ୍‌ରେ ଫେରିଲୁ ସହର ଦେଖି ଯାହା ଏବେ ୮୫୦ ବର୍ଷ (୧୧୪୭-୧୯୯୭) ପାଳନ କରିଛି ।

ପ୍ରଶସ୍ତ ରାସ୍ତା । ଅନେକ ଚୌରାସ୍ତା । ବିରାଟ ବିଲ୍‌ଡିଂ ଯେଉଁଠାରେ ରହିବା

Digitized by PPRACHIN, SOA

ପାଇଁ ଘର । ପ୍ରତ୍ୟେକ ଫ୍ଲାଟ ଘରେ ପ୍ରାୟ ୩୦୦-୪୦୦ ପରିବାର ।

ଦୀର୍ଘ ଏକ ଘଣ୍ଟା ବସ୍‌ରେ ବସି ଘର ପାଖରେ ଓହ୍ଲାଇଲୁ । ପାଖ ଦୋକାନରୁ ତରଭୁଜ କିଣିବାକୁ ଯାଇ କିଲୋ ୨୦୦୦ରୁବଲ୍ ୫କିଲୋକୁ ୧୦ହଜାର ରୁବଲ୍‌ରେ କିଣି ଫେରିଲୁ । ଭାରତୀୟ ମୁଦ୍ରାରେ ୭୧ଟଙ୍କା ।

ନିଦ ଲାଗିଗଲା । ସକାଳୁ ଅଳ୍ପ ସୂର୍ଯ୍ୟକିରଣ କାଚ ଝରକା ଦେଇ ଭିତରକୁ ଫିଙ୍ଗି ହୋଇ ପଡ଼ିଥିଲା । ସେତେବେଳକୁ ଘଣ୍ଟାରେ ୮ଟା । ମୁହଁଧୋଇ ଚାହିଁ ରହିଲି କାଚ ଝରକାରେ ବାହାରକୁ । ନଅତାଲା ଉପରୁ କେମିତି ଦେଖାଯାଉଛି ମସ୍କୋ । କିନ୍ତୁ ଯେଉଁଠିକି ଚାହିଁବ ସେ ଆଡ଼େ ମଧ୍ୟ ଚଉଦ ପନ୍ଦରତାଲାର ବିରାଟ ବିରାଟ ଅଟ୍ଟାଳିକା ।

ଋଷର ଡେଙ୍ଗା ଡେଙ୍ଗା ସ୍ତ୍ରୀ ପୁରୁଷଙ୍କ ପାଇଁ ଏମିତି ବିରାଟ ବିରାଟ ଅଟ୍ଟାଳିକା କି ?

Digitized by PPRACHIN, SOA

ମାଛଭଜା ଓ ଓଡ଼ିଆ ପରିବାର

ମୋର ଆସିବା ଖବର ମସ୍କୋରେଥିବା କେତେକ ସ୍ୱଚ୍ଛ ଓଡ଼ିଆ ପରିବାରଙ୍କ ମଧ୍ୟରେ ବ୍ୟାପି ଯାଇଥାଏ । ମୁଁ ତ ପବନ ପରି ଯେଉଁଠି ସେଇଠି ପଶିଯାଇପାରେ । ଓଡ଼ିଶାରୁ ବାହାରିବା ପୂର୍ବରୁ ତୁଣ୍ଡବାଇଦ ସହସ୍ରକୋଶ ମୋ' ଯିବାର ବାର୍ତ୍ତାକୁ ଘୋଷଣା କରିଦେଲା । ନିଜର ପ୍ରଚାର କାହାକୁ ଭଲ ନ ଲାଗେ ? କେତେ ଜଣ ଏମିତି ଅଛନ୍ତି, ଯେଉଁମାନେ ଏପରି ବିଦେଶକୁ ଯାଇ ପାରିବେ ?

ଅରୁଣଙ୍କ ପତ୍ନୀ ନମିତା ତାଙ୍କର ନିପୁଣ ଗୃହିଣୀ ପଣିଆକୁ ଦେଖାଇବା ପାଇଁ ବେଶ୍ ମାନସିକଭାବେ ମୋର ଆସିବା ପୂର୍ବରୁ ବୋଧେ ନିଜକୁ ପ୍ରସ୍ତୁତ କରି ନେଇଥିଲେ । ତେଣୁ ଓଡ଼ିଆ ଖାଇବାର ରନ୍ଧାଆରମ୍ଭ ହୋଇଗଲା ଏବଂ ତା' ସହିତ ଓଡ଼ିଆ ପରିବାରକୁ ଆସି ମାଛ ଓ କାଙ୍କଡ଼ ଖାଇଯିବାର ନିମନ୍ତ୍ରଣ ।

ରୋହି ଭାକୁଡ଼ ମାଛ କିଲୋ ୧୨୦ଟଙ୍କା । ପ୍ରାୟ ଦୁଇଟା ବେଳକୁ ପ୍ରଶାନ୍ତ ଓ ତା' ସ୍ତ୍ରୀ ଲୀନା ଏବଂ ତାଙ୍କର ପୁଅ ସିଦ୍ଧାନ୍ତ, ସୁରେଶ ଓ ତା'ର ଛୋଟପୁଅ ସ୍ୱରାଜ ଆସି ପହଞ୍ଚିଲେ । ସୁରେଶ ଓ ପ୍ରଶାନ୍ତ ବେଶ୍ ତରୁଣ । ତିରିଶ ବର୍ଷ ପାଖାପାଖି । ମସ୍କୋରେ ପାଠ ପଢୁଥିଲେ କମ୍ପୁଟର ଇଞ୍ଜିନିୟରିଂ । ଏଇଠି ରହିଯାଇ ବ୍ୟବସାୟ କରୁଛନ୍ତି । ବେଶ୍ ଦୁଇ ପଇସା ହାତରେ ପଡୁଛି ।

ପ୍ରଶାନ୍ତ ଓ ସୁରେଶର ବିବାହ ଲଭ୍ ମ୍ୟାରେଜ । ପ୍ରଶାନ୍ତ ଓଡ଼ିଶା ଝିଅ ଲୀନା (ତାର ସହପାଠିନୀ)କୁ ବାହା ହୋଇଥିବାବେଳେ ସୁରେଶ ମଧ୍ୟପ୍ରଦେଶର ଅଞ୍ଜନାକୁ ବାହା ହୋଇଛି । ସ୍ୱାଭାବିକ ଭାବରେ ଘଟୁଥିବା ଘଟଣା । ବର୍ଷ ବର୍ଷ ଧରି ପଢ଼ିବାପାଇଁ ମସ୍କୋରେ ରହିବାବେଳେ ନିଜକୁ କାହା ସହିତ ଟିକିଏ ଅନ୍ତରଙ୍ଗ ଭାବରେ ମିଶାଇ ଦେବାକୁ ଚାହୁଁଥିବା ମନ ଏଇମିତି ଜଣ ଜଣକ ପାଖରେ ଧରାପଡ଼ିଯାଏ ।

ତେବେ ସୁରେଶ ଓ ପ୍ରଶାନ୍ତ ଓଡ଼ିଆ ପିଲା ହୋଇ ଓଡ଼ିଶା ପ୍ରତି ଅନୁରାଗ ଓ ସମୟକ୍ରମେ ଓଡ଼ିଶା ଫେରିଯିବାକୁ ଆଗ୍ରହ, ଏହା ତାଙ୍କ କଥାରୁ ଜଣା ପଡୁଥିଲା ।

Digitized by PPRACHIN, SOA

ନମିତାଙ୍କର ତିଆରି ମାଛଭଜା, ମାଛଝୋଳ ଓ କାଙ୍କଡ଼ଭଜା ଖାଇବାରେ ନିଜ ନିଜକୁ ହଜାର ଦେଇଥିଲେ ସେମାନେ । ମୋ' ସହିତ ଓଡ଼ିଶା ବିଷୟରେ ପଚାରୁଥିଲେ । ଭୁବନେଶ୍ୱରରେ ଖଣ୍ଡେ ଖଣ୍ଡେ ଜାଗା କିଣି ଘର କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ।

ନମିତା ଏଇ ଓଡ଼ିଆ ପରିବାରମାନଙ୍କର କେନ୍ଦ୍ରବିନ୍ଦୁ । ଅରୁଣ ବହୁଦିନଧରି ମସ୍କୋରେ ରହିଥିଲେ ହେଁ କୌଣସି ସୁନ୍ଦରୀ ଋଷ ରମଣୀର ପ୍ରେମରେ ପଡ଼ିନଥିଲେ । ଅବଶ୍ୟ ଅରୁଣଙ୍କୁ ଦେଖିଲେ ପ୍ରେମ ଯେ ସେ କରିପାରିବେ ବା କରିଥିବେ ଏଇ ବିଶ୍ୱାସ ହୁଏ । କିନ୍ତୁ ଯେ କେହି ବିଦେଶୀ ଯୁବକ ଋଷର ମସ୍କୋ ସହରର ମେଟ୍ରୋରେ ଦୁଇ ତିନିଦିନ ବୁଲିଲେ, ନିଶ୍ଚିତ ସୁନ୍ଦରୀ ତରୁଣୀମାନଙ୍କର ସୁନେଲୀ କେଶ ଭିତରେ ନିଜକୁ ହଜାର ଦେବାକୁ ଚାହିଁବେ । ଅରୁଣ ନମିତାଙ୍କୁ ଓଡ଼ିଶାରୁ ବାହା ହୋଇ ଆଣିଥିଲେ । ନମିତାଙ୍କର ଓଡ଼ିଶା ଫେରିଯିବାର ଆକର୍ଷଣ ଅରୁଣଙ୍କଠାରୁ ପ୍ରବଳ । ମସ୍କୋ ସହରରେ ଏଇ ପାଞ୍ଚଛଅଟି ଓଡ଼ିଆ ପରିବାର ବ୍ୟତୀତ କାହା ସହିତ ସେମାନେ ପରସ୍ପର ନିଜ ମାତୃଭାଷାରେ କଥା ହୋଇ ପାରିବେ ? ସେଇଥିଲାଗି ସେମାନଙ୍କ ଭିତରେ ଆନ୍ତରିକତା, ଗୋଟିଏ ପରିବାରର ସଦସ୍ୟ ଓ ପରସ୍ପର ପରସ୍ପରକୁ ଭଲ ପାଇବାର ଏକ ବିଚିତ୍ର ସମ୍ପର୍କ ।

ମାଛ ଓ କାଙ୍କଡ଼ ଭଜା କେବଳ ଔପଚାରିକତା ମାତ୍ର ।

□□□

Digitized by PPRACHIN, SOA

ରାମକୃଷ୍ଣ-ବେଦାନ୍ତ ପ୍ରଚାର-ମସ୍କୋ

ମସ୍କୋ ସହରରେ ରାମକୃଷ୍ଣ ମିଶନ୍‌ର ଏକ କେନ୍ଦ୍ର, ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ଦୀର୍ଘ ୫/୬ ବର୍ଷ ଧରି ଏଇପରି ଏକ କେନ୍ଦ୍ର ସ୍ଥାପନ କରାଯିବାର ଚେଷ୍ଟା ହୋଇଛି ବୋଲି ଖବର ମୋତେ ମିଳିଥିଲା । ଭାରତରୁ ଆସିବାବେଳେ ଏହି କେନ୍ଦ୍ର ଦେଖିବା ପାଇଁ ଚିଠି ରାମକୃଷ୍ଣ ମିଶନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଲଚର ସ୍ୱାମୀ ଗୀତାତ୍ମାନନ୍ଦ (ପ୍ରସନ୍ନ ମହାରାଜ)ଙ୍କ ଠାରୁ ନେଇ ଆସିଥିଲି । ସେଥିରେ ଟେଲିଫୋନ୍ ନମ୍ବର ଓ ଠିକଣା ଥିଲା ।

ଅରୁଣବାବୁଙ୍କ ଭାଭିଲୋଭା ଘରଠାରୁ ଏହା ପ୍ରାୟ ପନ୍ଦର କିଲୋମିଟର ଦୂର । ପ୍ରଶାନ୍ତ ଆମକୁ ତାଙ୍କ କାରରେ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇ ଦେଲେ । କେଉଁରାସ୍ତାରେ କେମିତି ଯିବେ, କେଉଁ ମେଟ୍ରୋ ନିକଟତମ ହେବ, ତାହା ମସ୍କୋରୋଡ ମ୍ୟାପରୁ ଦେଖି ସେ ଜାଣି ପାରିଲେ ଓ ଦୁଆର ମୁହଁରେ ନେଇ ଗାଡିକୁ ପାର୍କକଲେ ।

ରାମକୃଷ୍ଣ ମିଶନ ସମଗ୍ର ବିଶ୍ୱବ୍ୟାପୀ ସଂଗଠନ । ରାମକୃଷ୍ଣଙ୍କ ନାମରେ ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭାରୁ ଫେରିବା ପରେ ଏଇ ସଂଗଠନ ଗଠନ କରି ରାଷ୍ଟ୍ର ଓ ବିଶ୍ୱ ମାନବର ସେବାରେ ନିଜକୁ ନିୟୋଜିତ କରିଛନ୍ତି । ତାହାର ଏକ କେନ୍ଦ୍ର ଏବେ ଏବେ ନୂତନକରି ଗଠନ କରିବାର ପ୍ରୟାସ ମସ୍କୋରେ ଆରମ୍ଭ ହୋଇଛି ।

ଆଗରୁ ମହାରାଜଙ୍କୁ ଟେଲିଫୋନ୍ ଯୋଗେ ଆମର ଯିବା ଖବର ଜଣାଇ ଦେଇଥିଲୁ । ୭୪ନମ୍ବର ଘରେ ପହଞ୍ଚି ବେଲ୍ ଦେବାମାତ୍ରେ ସ୍ୱାମୀ ଜ୍ୟୋତିରୂପାନନ୍ଦଜୀ ଆମକୁ ସ୍ୱାଗତ କଲେ । ଜଗନ୍ନାଥଙ୍କ ମହାପ୍ରସାଦକୁ ମୁଣ୍ଡରେ ମାରି ଶ୍ରୀ ରାମକୃଷ୍ଣଙ୍କୁ ସମର୍ପଣ କରିବା ପାଇଁ ନେଇ ଥୋଇଲେ ।

ଆରମ୍ଭ ହେଲା ତାଙ୍କର ବାର୍ତ୍ତାଳାପ । ମସ୍କୋରେ ଦୁଃସାହାସିକ ପଦକ୍ଷେପ ନେଇ ଏକ କେନ୍ଦ୍ର ସ୍ଥାପନ କରିବେ, ସେଥିପାଇଁ ତାଙ୍କର ସଂଗ୍ରାମର କାହାଣୀ

Digitized by PPRACHIN, SOA

ସେ କହିବାକୁ ଲାଗିଲେ । ତିନିବଖରା ବିଶିଷ୍ଟ ଏଇ ଛୋଟିଆ ଘରେ ଆରମ୍ଭ କରିଛନ୍ତି ସଂଘର କାର୍ଯ୍ୟ । ଉଦ୍ଦେଶ୍ୟ-ରାମକୃଷ୍ଣଙ୍କର ଅନାବିଳ ପ୍ରେମର ଭାବଧାରା, ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଓ ମଣିଷକୁ ଭଲ ପାଇଁ, ତା'ର ସେବା କରି ଈଶ୍ୱରଙ୍କୁ ପାଇବା, ଏହା ଋଷର ମଣିଷମାନଙ୍କ ଭିତରେ ପ୍ରଚାର ଓ ପ୍ରସାର କରିବେ ।

୧୯୧୭ ମସ୍କୋ ବିପ୍ଳବ ପରେ ଋଷ ଦେଖିଲା ବିଜ୍ଞାନର ଅଭୂତପୂର୍ବ ଜୟଯାତ୍ରା । ଅନବରତ ସଂଗ୍ରାମ ଓ କଠିନ ପରିଶ୍ରମରେ ଗଢ଼ି ଉଠିଲା ମସ୍କୋ ପରି ଅନେକ ବିରାଟ ସହର ଓ ଉଦ୍ୟୋଗ । ଲୋକମାନଙ୍କ ହୃଦୟ ଭିତରେ ଥିବା ମାନବିକ ସଂବେଦନ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ପଥର ଚଟାଣ ପାଲଟିଗଲା । ଶାସନ ବ୍ୟବସ୍ଥାରେ ସେଇ ରୂପ କ୍ରମଶଃ ଋଷକୁ ଏକ ସର୍ବବ୍ୟାପୀ ପରାକ୍ରମଶାଳୀ ରାଷ୍ଟ୍ରରୂପେ ଗଢ଼ିଲା ସିନା, ତା'ର ଜୀବନୀଶକ୍ତିରେ କ୍ୟାନସର ପରି ମାରାତ୍ମକ ରୋଗର ଭୂତାଣୁ ସଂକ୍ରମିତ ହୋଇ ହଠାତ୍ ଦିନେ ତାକୁ ଖଣ୍ଡ ବିଖଣ୍ଡିତ କରିଦେଲା । ପ୍ରାଚ୍ୟ ରାଷ୍ଟ୍ରର ଶକ୍ତିଶାଳୀ ସୋଭିଏତ୍ ୟୁନିୟନ୍ ଭାଙ୍ଗି ଟୁକୁରା ଟୁକୁରା ହୋଇ ଛୋଟ ଛୋଟ ଗଣରାଜ୍ୟରେ ପରିଣତ ହେଲା ।

ସ୍ୱାମୀ ଜ୍ୟୋତିରୂପାନନ୍ଦଜୀ ତାଙ୍କର ଅନୁଭୂତି ଆମ ଆଗରେ କହିଲେ । ନିଜ ଲୋକମାନଙ୍କ ପାଖରେ ମନଖୋଲି କଥା କୁହାଯାଇପାରେ । ସେ କିପରି ହାତରେ ମାତ୍ର ଏକଶହ ଡଲାରଧରି ଏଠାରେ ପହଞ୍ଚିଥିଲେ ଓ ସେହି କ୍ଷୁଦ୍ରଗୃହକୁ ରାମକୃଷ୍ଣଙ୍କ ନାମରେ କ୍ରୟ କରିଛନ୍ତି, ତାହା ବର୍ଣ୍ଣନା କଲେ ।

"ଋଷ ସରକାର ଧର୍ମବିଲ ପାର୍ଲାମେଣ୍ଟରେ ଆଣୁଛନ୍ତି । ଏଣୁ ବିଦେଶୀ ଧର୍ମକୁ ଋଷରେ ପ୍ରଚାର ଓ ପ୍ରସାର ପାଇଁ ପ୍ରୋତ୍ସାହନ ଦିଆଯିବନି ବୋଲି ଏହି ବିଲ୍‌ରେ ଥିବା ବ୍ୟବସ୍ଥା ନିଶ୍ଚିତଭାବେ ଆମକୁ ଅସୁବିଧା କରିବ । ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ରାମକୃଷ୍ଣ ମିଶନର କାର୍ଯ୍ୟ ଓ ବାର୍ତ୍ତା ଋଷ ଯୁବକମାନେ ପାଇ ପାରିବେ ନାହିଁ ।" ଏହା କହି ଚିନ୍ତିତ ହେଲେ ସ୍ୱାମୀଜୀ ।

ତଥାପି ସ୍ୱାମୀଜୀ ଆଶାବାଦୀ ଏବଂ ନିଶ୍ଚେ ରାମକୃଷ୍ଣଙ୍କ କୃପାରୁ ରାମକୃଷ୍ଣ ମିଶନ, ମସ୍କୋ କେନ୍ଦ୍ର ବଢ଼ିବ । ଭାରତୀୟ ଦୂତାବାସଠାରେ ୧୬ ତାରିଖ ସଂଧ୍ୟାରେ ହେବାକୁ ଥିବା "ଏକ ଶହ ବର୍ଷର ରାମକୃଷ୍ଣ ଆନ୍ଦୋଳନ ଭବିଷ୍ୟତରେ କ'ଣ ହେବ" ଏହି ଆଲୋଚନା ଚକ୍ରରେ ଯୋଗ ଦେବାକୁ ସେ ଆମକୁ ଅନୁରୋଧ କଲେ । ଏହି ଆଲୋଚନା ଚକ୍ର ଜବାହରଲାଲ ନେହେରୁ ସାଂସ୍କୃତିକ କେନ୍ଦ୍ର, ଭାରତୀୟ ଦୂତାବାସ ତରଫରୁ ଆୟୋଜନ କରାଯାଇଛି ଏବଂ ୧୬ ତାରିଖ

Digitized by PPRACHIN, SOA

ସେପ୍ଟେମ୍ବର ମଙ୍ଗଳବାର ସଂଧ୍ୟା ୬ ଘଟିକା ସମୟରେ ଡି.ପି.ଧରହଲ୍, (ଭୋରୋନଷ୍ଟୋରୋ ପଲି ୬ନ) ଭାରତୀୟ ଦୂତାବାସ, ମସ୍କୋଠାରେ ଅନୁଷ୍ଠିତ ହେବାର ନିମନ୍ତ୍ରଣ ପତ୍ର ଦେଲେ । ଏହି ନିମନ୍ତ୍ରଣ ପତ୍ରରେ ଦସ୍ତଖତ କରିଛନ୍ତି ଅଶୋକ ସାଜନାହାର, ନିର୍ଦ୍ଦେଶକ, ସାଂସ୍କୃତିକ ବିଭାଗ ।

ସ୍ୱାମୀ ଜ୍ୟୋତିରୂପାନନ୍ଦଜୀ ଓଡ଼ିଶାରେ କିଛି ଦିନ ବୁଲାବୁଲି କରିଥିଲେ । ବ୍ରହ୍ମଚାରୀ ଓ ସନ୍ନ୍ୟାସୀ ଭାବେ ଓଡ଼ିଶା ବୁଲିବାବେଳେ ଓଡ଼ିଶା ଲୋକମାନଙ୍କ ଆତିଥେୟତା, ସେମାନଙ୍କର ଭକ୍ତିଭାବ ଦେଖି ସେ ଅଭିଭୂତ ହୋଇଥିଲେ ଏବଂ ଏବେ ବି ବହୁଘଟଣା ତାଙ୍କ ସ୍ମୃତିରେ ବିଦ୍ୟମାନ । ପ୍ରାର୍ଥନା ସମୟ ହୋଇଯାଇଥିଲା । ଆମେ ପ୍ରାର୍ଥନା ଗୃହ ମଧ୍ୟକୁ ଗଲୁ । ଆଉ ୩/୪ଜଣ ଋଷୀୟ ଯୁବତୀ ଓ ଯୁବକ ଯୋଗ ଦେଇଥା'ନ୍ତି । ମହାରାଜ ଟେପ୍ ଖୋଲି ଦେବା ପରେ ରାମକୃଷ୍ଣଙ୍କର ପ୍ରଣାମ ମନ୍ତ୍ରପାଠରୁ ରାମକୃଷ୍ଣ ଶରଣମ୍ ପର୍ଯ୍ୟନ୍ତ ସୁମଧୁର ସ୍ୱରରେ ଉପବିଷ୍ଟ ଭକ୍ତମାନଙ୍କୁ ଆବିଷ୍ଟ କଲା । ପ୍ରାୟ ଏକ ଘଣ୍ଟାଧରି ପ୍ରାର୍ଥନା ଓ ଧ୍ୟାନ ପରେ ପ୍ରଣାମ କରି ଆମେ ବୈଠକଖାନାକୁ ଫେରି ଆସିଲୁ । ଋଷ ତରୁଣ ଓ ତରୁଣୀମାନେ ଦୀର୍ଘ ୧ ଘଣ୍ଟାଧରି ପଦ୍ମାସନରେ ବସି ପାରୁଛନ୍ତି, ଏହା କମ୍ କଥା ନୁହେଁ ।

ସ୍ୱାମୀଜୀ ତା' ପୂର୍ବରୁ ଆମକୁ ଋଷ ମିଠା, ଚେନାଚୁର ଓ ଚା ଇତ୍ୟାଦି ଦେଇ ଆପ୍ୟାୟିତ କରି ସାରିଥିଲେ । ତାଙ୍କ ସହିତ ପ୍ରସାଦ ସେବନ ପାଇଁ ଅନୁରୋଧ କଲେ । ତିନିଗୋଟି କ୍ଷୁଦ୍ର ବଖରା ମଧ୍ୟରୁ ଗୋଟିଏ ପ୍ରାର୍ଥନା ଓ ଉପାସନା ଗୃହ ହେବାବେଳେ ଅନ୍ୟଟି ବୈଠକଶାଳା, ସ୍ୱାମୀଜୀଙ୍କ ପଢାଘର ଓ ଶୟନକକ୍ଷ ମଧ୍ୟ ହୋଇଥିଲା । ଅନ୍ୟଟିରେ ଥିଲା କମ୍ପ୍ୟୁଟର, ଟାଇପ୍ ମେସିନ୍ ଇତ୍ୟାଦି ଯାହା ତା'ଙ୍କର ବ୍ୟକ୍ତିଗତ ସଚିବ ବ୍ୟବହାର କରେ ଓ କାହାରିକୁ ସେଠାରେ ରହିବା ନିଷିଦ୍ଧ । ସେହି ଋଷ ଯୁବକ ଯୁବତୀମାନେ ସ୍ୱାମୀଜୀଙ୍କ ପାଇଁ ନିରାମିଷ ଖାଦ୍ୟ ରୋଷେଇ କରି ଦିଅନ୍ତି ।

ଅନାଗତ ଭବିଷ୍ୟତକୁ ସାମନା କରିବାର ଧୈର୍ଯ୍ୟ ଓ ସଂକଳ୍ପରେ ବ୍ରତୀ ସ୍ୱାମୀ ଜ୍ୟୋତିରୂପାନନ୍ଦଜୀ ରାମକୃଷ୍ଣ-ବିବେକାନନ୍ଦଙ୍କର ସନ୍ତାନ ଓ ଦାୟାଦ । ମୋର ମନେ ପଡିଗଲା ସ୍ୱାମୀ ବିବେକାନନ୍ଦଙ୍କର ସେହି ମହାନ୍ ବାକ୍ୟ, "ତୁମେ ବିଶ୍ୱାସ କର ଯେ ତୁମେ ମହାନ୍ କାର୍ଯ୍ୟ କରିବାକୁ ଜନ୍ମଲାଭ କରିଛ", ତାହା ଯେପରି ସ୍ୱାମୀ ଜ୍ୟୋତିରୂପାନନ୍ଦଜୀଙ୍କ କଥା ଓ କାର୍ଯ୍ୟରୁ ପ୍ରମାଣିତ ହେଉଥିଲା ।

ରାତି ୯ଟା ବାଜିଲା । ସ୍ୱାମୀଜୀଙ୍କ ଠାରୁ ବିଦାୟ ନେଇ ଫେରିଲୁ । ଅରୁଣ କହିଲେ, ଏ ସ୍ଥାନ ଭଲ ନୁହେଁ । ସଂଧ୍ୟା ପରେ ଏଠାରେ ଋଷ ଯୁବକମାନଙ୍କର

Digitized by PPRACHIN, SOA

ଦୌରାତ୍ମ୍ୟ ବେଶୀ । ବିଦେଶୀମାନଙ୍କୁ ଦେଖିଲେ, ସେମାନଙ୍କୁ ହଇରାଣ ହରକତ କରନ୍ତି । ପାସପୋର୍ଟ ଓ ଡଲାର ଛଡାଇ ନିଅନ୍ତି ମାଡମାରି । ଆମ ଆଗରେ ତିନିଜଣ ଯୁବକ ଟଳିଟଳି ଚାଲୁଥିଲେ । ଆମେ ଟିକିଏ ପଛେଇ ଗଲୁ, ନିଜକୁ ସେମାନଙ୍କ ଦୃଷ୍ଟିଠାରୁ ଦୂରରେ ରଖିବା ପାଇଁ ।

ମେଟ୍ରୋରେ ବସି ଭାଭିଲୋଭାରେ ପହଞ୍ଚିବାବେଳକୁ ରାତି ସାଢେ ଦଶ । ଥରେ ଘରୁ ବାହାରିଲେ, ପୁଣି ଘରକୁ ଫେରି ଆଉ କେଉଁଠିକୁ ଯିବା ମସ୍କୋରେ ହୋଇ ପାରିବ ନାହିଁ । ଯେତେ ଦୂରକୁ ଯାଇଥିଲେ ମଧ୍ୟ ମେଟ୍ରୋ ଯୋଗୁ ଫେରି ଆସିବାର ସୁବିଧା ଓ ସମ୍ଭାବନା ଅଧିକ । ବେଶୀ ରାତ୍ରିରେ ବିଦେଶୀମାନଙ୍କ ପାଇଁ ବର୍ତ୍ତମାନ ମସ୍କୋ ଭୟ ସ୍ଥାନ ବୋଲି ପ୍ରାୟ ସମସ୍ତଙ୍କର ମତ ।

କିନ୍ତୁ କଣ କରାଯିବ ? ମସ୍କୋ ଜୀବନ ତ ଆରମ୍ଭ ହୁଏ ଦିନ ନଅଟା ପରେ । ସଂଧ୍ୟା ହୁଏ ପ୍ରାୟ ୮ଟା । ମସ୍କୋ ସହର, ତା'ର ରାସ୍ତାଘାଟ, ତାର ଟେଲିଫୋନ, ଦୋକାନବଜାର ଓ ସର୍ବୋପରି ସାଧାରଣ ଲୋକଙ୍କ ସଂପର୍କରେ ଜାଣିବାର ଆଗ୍ରହ ମୋର ବଢି ଯାଇଥିଲା । କାରଣ ମସ୍କୋ ଥିଲା ବିରାଟ, ବ୍ୟାପକ ଓ ବିସ୍ତୃତ । ଏକ ମହାନ୍ ଜାତି ଓ ସଭ୍ୟତାର ସଙ୍କେତ ।

□□□

Digitized by PPRACHIN, SOA

ଭାରତୀୟ ଦୂତାବାସ-ମସ୍କୋରେ ସଭା

ଭାରତୀୟ ଦୂତାବାସ, ମସ୍କୋର ଡି.ପି.ଧର ହଲ୍ ଘରେ ରାମକୃଷ୍ଣ ମିଶନ୍‌ର ଏକଶତ ବର୍ଷ ପାଳନ ଉତ୍ସବରେ ଯୋଗଦେବାକୁ ଆମେ ଯାଇ ପହଞ୍ଚିଲୁ । ବିଦେଶରେ ଏକ ଉତ୍ସବରେ ଯୋଗଦେବା ଏହା ମୋ' ପାଇଁ ପ୍ରଥମ । ହଲ୍‌ଘରଟି ସେତେବଡ଼ ନ ଥିଲେ ବି ଅନ୍ତତଃ ପକ୍ଷେ ଶହେଜଣ ଲୋକ ବସିବାର ବ୍ୟବସ୍ଥା ରହିଛି । ସେଦିନ ମିଟିଂରେ ମୁଖ୍ୟ ଆକର୍ଷଣ ଏକାଡେମିସିଆନ୍ ଚେଲିସେଭ ଓ ବକ୍ତା ପ୍ରଫେସର ର୍‌ୟବକୋଭ ।

ମସ୍କୋ କେନ୍ଦ୍ରର ସ୍ୱାମୀ ଜ୍ୟୋତିରୂପାନନ୍ଦ ଅବଶ୍ୟ ଅନ୍ୟତମ ବକ୍ତା ଥିଲେ । ହଲ୍ ଘରେ ପ୍ରବେଶ କରିବା ମାତ୍ରେ ସାଂସ୍କୃତିକ କେନ୍ଦ୍ରର ନିର୍ଦ୍ଦେଶକ ଅଶୋକ ସାଜନହାରଙ୍କ ସହିତ ପରିଚିତ ହେଲା ।

ଦୂତାବାସରେ ଯେକୌଣସି ସଭାରେ ଦର୍ଶକ ନ ହେବାର ଅପବାଦ ଥିଲେ ହେଁ ୧୬ ତାରିଖ ସଂଧ୍ୟା ସଭା ଥିଲା ତା'ର ବ୍ୟତକ୍ରମ ।

କାଠ ମଞ୍ଚ ଉପରେ ଶ୍ରୀ ଶ୍ରୀ ରାମକୃଷ୍ଣ, ଶ୍ରୀମା' ସାରଦାଦେବୀ ଓ ସ୍ୱାମୀ ବିବେକାନନ୍ଦଙ୍କର ଫଟୋଚିତ୍ର ସଜା ହୋଇଥିଲା । ସମ୍ମୁଖରେ ଥିଲା ବେଲୁନ୍‌ର ଦୁଇଟି ଚମତ୍କାରହାର । ଫୁଲକୁଞ୍ଜର ଭ୍ରମ ସୃଷ୍ଟି କରୁଥିଲା । ଶ୍ରୋତାମାନେ ଥିଲେ ପ୍ରାୟତଃ ଋଷୀୟ । ଯୁବତୀ ଓ ମହିଳାଙ୍କ ସଂଖ୍ୟା ନିଶ୍ଚିତ ଭାବେ ଅଧିକ ।

ଆମେ ଥିଲୁ ମାତ୍ର ୪/୫ ଜଣ ଭାରତୀୟ ।

ଦୂତାବାସର ସାଂସ୍କୃତିକ ନିର୍ଦ୍ଦେଶକ ଶ୍ରୀ ଆଶେକ ସାଜନହାରଙ୍କ ସ୍ୱାଗତ ପରେ ଡେପୁଟି ଆମ୍ବାସଡାର ଶ୍ରୀ ଗଣପତି ନିଜର ବକ୍ତବ୍ୟ ପ୍ରଦାନରେ ରାମକୃଷ୍ଣ ଆନ୍ଦୋଳନ ସଂପର୍କରେ କହିଲେ ।

ଏକାଡେମିସିଅନ୍ ମିଃ ଚେଲିସେଭ ସଭାପତିତ୍ୱ କରି ତାଙ୍କ ଭାଷଣରେ ରାମକୃଷ୍ଣ ମିଶନ୍ ସହିତ ତାଙ୍କର ସଂପର୍କ ବିଷୟରେ କହିବା ସହିତ ବିଭିନ୍ନ ସମୟରେ ଭାରତରେ ଉଠାଇଥିବା ଫଟୋ ମଧ ଦେଖାଇଲେ ।

ତାଙ୍କର ଭାଷଣ ଥିଲା ଋଷ ଭାଷାରେ ।

Digitized by PPRACHIN, SOA

ସେ ଇଣ୍ଡୋଲଜିର ପ୍ରଫେସର ଥିବା ହେତୁ ତାଙ୍କୁ ହିନ୍ଦୀ ଓ ଇଂରାଜୀ ଭଲଭାବେ ଜଣାଥିଲା ଓ ସେ ଆମ ସହିତ ହିନ୍ଦୀରେ କଥା ହେଲେ । ବନ୍ଧୁ ଅରୁଣ ତାଙ୍କ ସହିତ ମୋର ସାକ୍ଷାତ ସମୟ ଓ ତାରିଖ ଠିକ୍ କରିବାକୁ ଚାହିଁବାରୁ ପ୍ରଥମେ ସେ ଅତ୍ୟନ୍ତ ବ୍ୟସ୍ତ କହି ଏଡ଼ାଇଯିବାକୁ ଚାହୁଁଥିଲେ, ମାତ୍ର ପରେ ତାଙ୍କର ଟେଲିଫୋନ୍ ନମ୍ବର ଦେଲେ ।

ମସ୍କୋରେ ଏକାଡ଼େମୀସିଆନ୍ କହିଲେ ପ୍ରଫେସର ଉପର ପଦକୁ ବୁଝାଏ । ମିଃ ଚେଲିସେଭ ଋଷର ଜାତୀୟ ନୀତି ନିର୍ଦ୍ଧାରଣ ପାଇଁ ବିବେକାନନ୍ଦଙ୍କ ଚିନ୍ତାଧାରା ରାଷ୍ଟ୍ରପତି ୟେଲସିନ୍ ବିଚାର କରୁଛନ୍ତି ବୋଲି କହିଲେ ।

ଏହା ମଧ୍ୟ ସେ ଗୋର୍ବଚୋଭ ରାଷ୍ଟ୍ରପତି ଥିବାବେଳେ କହିଥିଲେ ।

ପ୍ରଫେସର ରୁବ୍‌କୋଭ ମିଃ ଚେଲିସେଭଙ୍କର ଅତ୍ୟନ୍ତ ପ୍ରଶଂସା କଲେ ।

ଏ ଦୁହିଁଙ୍କର ଭାଷଣ ବୁଝିବା ମୋ' ପାଇଁ ଥିଲା କଷ୍ଟସାଧ୍ୟ ।

କିନ୍ତୁ ସ୍ୱାମୀ ଜ୍ୟୋତିରୂପାନନ୍ଦ ଉପସ୍ଥିତ ଋଷୀୟ ଶ୍ରୋତାଙ୍କୁ ଚମତ୍କୃତ କରି ସେମାନଙ୍କୁ ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ରାମକୃଷ୍ଣଙ୍କୁ ଗ୍ରହଣ କଲେ ଋଷ ନାଗରିକମାନଙ୍କର ସକଳ ପ୍ରକାର ଉନ୍ନତି ହେବ ବୋଲି ଯେପରି ନିର୍ଭୀକ ବାର୍ତ୍ତା ପ୍ରଦାନ କଲେ, ତାହା ମୋତେ ପ୍ରଭୂତ ଆନନ୍ଦ ପ୍ରଦାନ କରିଥିଲା । ସ୍ୱାମୀ ବିବେକାନନ୍ଦଙ୍କର ଭବିଷ୍ୟତ ବାର୍ତ୍ତା, ଦିନେ ଭାରତ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ନେତୃତ୍ୱ ନେବ, ଏହା ବାରମ୍ବାର ମୋ'ର କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନିତ ହେଉଥିଲା ।

ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ବିବେକାନନ୍ଦଙ୍କ ପିଲାଦିନର ଘଟଣା । ଋଷ ପିଲାମାନେ ଏହାକୁ ଅତ୍ୟନ୍ତ ମନୋଜ୍ଞ ଓ ମାର୍ମିକ ଢଙ୍ଗରେ ପରିବେଷଣ କଲେ ।

ରାମକୃଷ୍ଣ ଆନ୍ଦୋଳନ ସଂପର୍କରେ ଋଷଭାଷାରେ ପ୍ରକାଶିତ ଏକ ବ୍ରୋଚରଧରି ମୁଁ ଫେରିଥିଲି ମନରେ ଅନେକ ଆନନ୍ଦ ଓ ଆଶା ନେଇ । ମନେ ପଡୁଥିଲା ରିଚାର୍ଡ ସିଫ୍‌ମ୍ୟାନଙ୍କର ପୁସ୍ତକ, "ରାମକୃଷ୍ଣ-ଦି ପ୍ରଫେଟ୍ ଅଫ୍ ଏ ନିଉ ଏଜ୍" । ପ୍ରଥମ କରି ଗାନ୍ଧିଜୀ ଶ୍ରୀ ରାମକୃଷ୍ଣ କଥାମୃତ ପଠାଇଥିଲେ ଟଲଷ୍ଟୟଙ୍କ ପାଖକୁ । ଆଉ କିଛି ଦିନ ପରେ ମସ୍କୋ ସହରରେ ପ୍ରତ୍ୟେକ ଘରେ ଘରେ ରାମକୃଷ୍ଣ ବିବେକାନନ୍ଦଙ୍କର ବାର୍ତ୍ତା ଲୋକେ ଗ୍ରହଣ କରିବେ-ଏହା ମୋ' ପରି ଭାରତୀୟଙ୍କ ପାଇଁ ଥିଲା ଗଭୀର ଆତ୍ମତୃପ୍ତି ।

ooo

Digitized by PPRACHIN, SOA

କାଉଣ୍ଟ ଲିଓ ଟଲଷ୍ଟୟ

ୟାସ୍‌ନାୟା ପୋଲ୍ୟାନା ତୀର୍ଥସ୍ଥାନ ଯେ କୌଣସି ଲେଖକ ପାଇଁ, ଯେ କେହି ମଣିଷକୁ ଭଲ ପାଉଥିବା ମଣିଷ ନିମିତ୍ତ । ଟଲଷ୍ଟୟ ସମଗ୍ର ମାନବ ସମାଜର ଥିଲେ ପ୍ରତିନିଧି । ତାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ମଣିଷ ଭିତରେ ଥିବା ସଞ୍ଚିତ ମାନବିକତାକୁ ଜାଗ୍ରତ କରିବା ଯାହା ସୁପ୍ତ ଅବସ୍ଥାରେ ରହିଛି । ସେଇଥିପାଇଁ ସେ ସମସ୍ତ ସୁଖସମ୍ଭୋଗ ମଧ୍ୟରେ ଏକ ଦାରୁଣ କଠୋରଜୀବନକୁ ଗ୍ରହଣ କରୁଥିଲେ ଓ ସତ୍ୟ ଅନୁସନ୍ଧାନରେ ଲାଗୁଥିଲେ ।

ୟାସ୍‌ନାୟାରୁ ଫେରିବା ବାଟରେ ମୋ' ମନରେ ଟଲଷ୍ଟୟଙ୍କର ସାହିତ୍ୟକୃତି ଚରିତ୍ର ଓ ତାଙ୍କ ବ୍ୟକ୍ତିଗତ ଜୀବନର ଛବି ଗୋଟିଏ ଗୋଟିଏ ଆଙ୍କି ହୋଇ ଯାଉଥିଲା । ଅନେକ ଦିନ ହେଲାଣି ତାଙ୍କର ଗଳ୍ପ ଉପନ୍ୟାସ ପଢ଼ିବା । ଜାର୍ ଶାସନ ସମୟରେ ଜାର୍ ବିରୁଦ୍ଧରେ ସ୍ୱର, ତାଙ୍କୁ ମହାନ୍ କ୍ରାନ୍ତିକାରୀ ଲେଖକର ଆସନରେ ବସାଇଥିଲା ।

ଭି.ଆଇ.ଲେନିନ୍ ତାଙ୍କ ସଂପର୍କରେ କହିଥିଲେ, "ତାଙ୍କ ଯୁଗ ହେଉଛି ସ୍ୱୈର ତାନ୍ତ୍ରିକ ଶାସକମାନଙ୍କର ପାଦତଳେ ଚାପି ହୋଇ ରହିଥିବା ଦେଶମାନଙ୍କରେ ବିପ୍ଳବ ପ୍ରସ୍ତୁତିକରଣର ଯୁଗ ।" ୧୮୬୧ରୁ ୧୯୦୪ ପର୍ଯ୍ୟନ୍ତ ଗଣତାନ୍ତ୍ରିକ ବିପ୍ଳବର ସତ୍ୟନିଷ୍ଠ ଚିତ୍ରକର ରୂପେ ଟଲଷ୍ଟୟ ସମସ୍ତ ସାମାଜିକ ବ୍ୟବସ୍ଥାକୁ ଚିତ୍ରିତ କରିଛନ୍ତି, ତେଣୁ ତାହା ହେଉଛି ଋଷ ଅକ୍ଟୋବର ବିପ୍ଳବର ଦର୍ପଣ ସ୍ୱରୂପ ।"

ଟଲଷ୍ଟୟ ନିଜେ ଲେଖିଥିଲେ,"ନିଷ୍ଠାର ସହିତ ବଞ୍ଚିରହିବାକୁ ହେଲେ ଆମକୁ ଅବିରାମ ଚେଷ୍ଟା ଚଳାଇବାକୁ ହେବ, ସଂଗ୍ରାମ କରିବାକୁ ହେବ, ବାରମ୍ବାର ଆରମ୍ଭ କରିବାକୁ ହେବ ଓ କ୍ଷାନ୍ତ ହେବାକୁ ହେବ, ପୁଣି ଥରେ ଆରମ୍ଭ କରିବାକୁ ହେବ, ଆହୁରି ସଂଗ୍ରାମ କରିବାକୁ ହେବ ଓ ସମୟ ସମୟରେ ହାରିବାକୁ ହେବ । ସଂଗ୍ରାମ ବିମୁଖତା ଆତ୍ମାର କଳଙ୍କ ।"

ଏହି ମହାନ୍ ଲେଖକଙ୍କର ଭାରତ ଓ ଭାରତୀୟ ଲୋକମାନଙ୍କ ସହିତ ସମ୍ପର୍କ ଥିଲା ନିବିଡ଼ । ଜାତିର ପିତା ମହାତ୍ମାଗାନ୍ଧୀ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କ ସହିତ ପତ୍ରାଳାପ କରିବା ଓ ତାଙ୍କୁ ନିଜର ଗୁରୁଭାବରେ ଗ୍ରହଣ

Digitized by PPRACHIN, SOA

କରିବା ପୂର୍ବରୁ ଅନ୍ୟାନ୍ୟ ଭାରତୀୟମାନେ ତାଙ୍କ ସହିତ ପ୍ରତାଳାପ କରି, ତାଙ୍କର ମତାମତ ଜାଣିବାକୁ ଚାହିଁଥିଲେ ।

୧୯୦୧ ମସିହା ଜୁନ୍ ୧୩ ତାରିଖରେ ତାମିଲ ପତ୍ରିକା ଆର୍ଯ୍ୟର ସଂପାଦକ ଶ୍ରୀ ଏ.ରାମଶେଷାନ୍ ଟଲଷ୍ଟୟଙ୍କୁ ଏକ ପତ୍ରରେ ଲେଖିଥିଲେ, "ସମ୍ଭବତଃ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଦେଶପ୍ରେମୀ ଭାରତୀୟ ବୁଦ୍ଧିଜୀବୀମାନଙ୍କ ନିକଟରେ ଆପଣ ଅତ୍ୟନ୍ତ ଆଦରଣୀୟ ।"

୧୮୯୬ରେ କେମ୍ବ୍ରିଜ୍‌ରେ ଅଧ୍ୟୟନ କରୁଥିବା ଉପେନ୍ଦ୍ରକୃଷ୍ଣ ଦତ୍ତ ଟଲଷ୍ଟୟଙ୍କୁ ତିନିଗୋଟି ଚିଠି ପଠାଇଥିଲେ । ଶ୍ରମିକ ପବ୍ଲିକେଶନରିଭ୍ୟୁଅଫ୍ ରିଲିଜନର ସଂପାଦକ ମହମ୍ମଦ ସାଦ୍ଦିକ, ସୁରେନ୍ଦ୍ରନାଥ ମୁଖାର୍ଜି ଲାଇଟ୍ ଅଫ୍ ଇଣ୍ଡିଆର ସଂପାଦକ ଯାହା ଆମେରିକାରୁ ପ୍ରକାଶିତ ହେଉଥିଲା, ହି.ଗୋପାଳ ଚେଟି, ମାନ୍ଦ୍ରାଜରୁ ପ୍ରକାଶ ପାଉଥିବା ନିଉ ରିଫରମରର ସଂପାଦକ, ପ୍ରଫେସର ରାମଦେଓ୍ୱାନ, ତାମିଲରେ ପ୍ରକାଶ ପାଉଥିବା ବେଦାନ୍ତ ସାତସଗେଇର ସଂପାଦକ, ଅବଦୁଲା ଚକ୍ରବର୍ତ୍ତୀ, ଲଣ୍ଡନରୁ ପ୍ରକାଶିତ ହେଉଥିବା ଲାଇଟ୍ ଅଫ୍ ଦି ଓ୍ୱାର୍ଲଡର ସଂପାଦକ ଟଲଷ୍ଟୟଙ୍କ ନିକଟକୁ ଚିଠି ପଠାଇଥିଲେ । ଏହି ଚିଠି ଗୁଡିକରେ ସେହି ସମୟର ତତ୍କାଳୀନ ଭାରତର ଅବସ୍ଥା ସଂପର୍କରେ କୁହାଯାଇ ଟଲଷ୍ଟୟଙ୍କର ଉପଦେଶପାଇବାକୁ ଅନୁରୋଧ କରାଯାଇଥିଲା ।

ଅବଶ୍ୟ ଗାନ୍ଧୀଥିଲେ ସର୍ବଜନାଦୃତ ଭାରତୀୟ ନେତୃତ୍ୱ, ଯାହାଙ୍କ ସହିତ ଟଲଷ୍ଟୟଙ୍କର ବହୁ ପ୍ରତାଳାପ ହୋଇଥିଲା ।

ଗାନ୍ଧୀ ଟଲଷ୍ଟୟଙ୍କୁ ପ୍ରିୟ ମହାଶୟ ସଂବୋଧନ କରି ଶେଷରେ ମୁଁ ତୁମର ବିଶ୍ୱସ୍ତ ଭୃତ୍ୟ ଲେଖିବାବେଳେ ଟଲଷ୍ଟୟ ତାଙ୍କୁ ପ୍ରିୟବଂଧୁ ବୋଲି ସମ୍ବୋଧନ କରୁଥିଲେ ଓ ଶେଷରେ ଲେଖୁଥିଲେ ତୁମର ବନ୍ଧୁ ଓ ଭାଇ ।

ଗାନ୍ଧୀ ଓ ଟଲଷ୍ଟୟଙ୍କ ମଧ୍ୟରେ ଏହି ପତ୍ରାଳାପ ଉଭୟ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ଗଭୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା ।

ମସ୍କୋ ସହରରେ ଟଲଷ୍ଟୟଙ୍କ ଘର । ବର୍ତ୍ତମାନ ମ୍ୟୁଜିୟମ୍ । ୟାସ୍‌ନାୟା ପୋଲ୍ୟାନା ତାଙ୍କର ପ୍ରିୟ ସ୍ଥାନ ।

ମସ୍କୋରେ ଥିବା ଦୁଇମହଲା ଘର ପ୍ରାୟ ଦୁଇଶହ ବର୍ଷର । ଅକ୍ଟୋବର ଶୀତ ସମୟରେ ଏଇଠି କଟାଇବାକୁ ସେ ଚାଲି ଆସୁଥିଲେ ଏବଂ ଏଇଠି ବିଭିନ୍ନ ଲେଖକମାନଙ୍କ ସହିତ ଆସର ଜମୁଥିଲା ।

Digitized by PPRACHIN, SOA

-ଟଲଷ୍ଟୟ ଥିଲେ ସଙ୍ଗୀତ ଓ କଳାପ୍ରିୟ ।

ନିକୋଲାଇ ରୋଏରିକ୍ ଯିଏ କି ଭାରତର ପରମବଂଧୁ ଥିଲେ, ସେ ନିଜର ଏକ ପେଣ୍ଟିଂ ଟଲଷ୍ଟୟଙ୍କୁ ଦେଖାଇବା ବେଳେ ସେ ସେହି ପେଣ୍ଟିଂ ମେସେନ୍‌ଜରକୁ ଦେଖି କହିଥିଲେ, "ତୁମେ କେବେ ଡଙ୍ଗାରେ ପାହାଡିଆ ପ୍ରଖର ସ୍ରୋତର ନଦୀକୁ ଅତିକ୍ରମ କରିଛ ? ତୁମେସଦାସର୍ବଦା ନିଜ ଲକ୍ଷ୍ୟଠାରୁ ଊର୍ଦ୍ଧ୍ୱକୁ ଯିବା ପାଇଁ ଚେଷ୍ଟା କରିବ ନଚେତ୍ ତୁମକୁ ସ୍ରୋତ ତଳକୁ ଟାଣି ଆଣିବ । ନୈତିକ ମାନଦଣ୍ଡ ସଂପର୍କରେ ତାହା ହିଁ ·ସତ୍ୟ । ତୁମେ ସବୁବେଳେ ଉପରକୁ ଯିବାକୁ ଚାହିଁବ, ନଚେତ୍ ଜୀବନ ତୁମକୁ ତଳକୁ ଖସାଇ ପକାଇବ । ସବୁବେଳେ ଦେଖିବ ଯେ ତୁମର ବାର୍ତ୍ତା ଖୁବ୍ ଜୋରରେ ଘଟଣାକୁ ଧରି ରଖେ, ତେବେ ଯାଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚି ପାରିବ ।"

ଟଲଷ୍ଟୟଙ୍କର ମସ୍କୋଘର ଉନ୍ନତ କଳାକୁଶଳତାର ପରିଚୟ । ସେ ତା'ଙ୍କ ପତ୍ନୀଙ୍କ ଠାରୁ ୧୬ବର୍ଷ ବୟସରେ ବଡ ଥିଲେ ଓ ସମୁଦାୟ ତେରଟି ସନ୍ତାନ ସନ୍ତତିର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ ହେଁ ଆଠଗୋଟି ସନ୍ତାନ ବଞ୍ଚିଥିଲେ ।

ତାଙ୍କର ଦ୍ୱିତୀୟକନ୍ୟା ମାରିଆ ପିତାଙ୍କର ପ୍ରିୟ ଥିଲେ । ସେ ପିତାଙ୍କ ପାଖକୁ ଆସୁଥିବା ସାହିତ୍ୟକୃତିର ଅନୁବାଦ କରି ଶୁଣାଉଥିଲେ ।

ଘରର ଉପରମହଲାର ଗୋଟିଏ କାଠ ଷ୍ଟୁଲ ଉପରେ ୬୦ଗୋଟି ମହମବତୀ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଥୁଆ ହୋଇଥିବାର ଦେଖାଯାଏ । କାନ୍ଥରେ ଟଙ୍ଗା ହୋଇଛି ଅନେକ ଗୁଡିଏ ପେଣ୍ଟିଂ । ତାଙ୍କର ବନ୍ଧୁ ରାସାଇନ୍‌ଙ୍କ ଦ୍ୱାରା ଅଙ୍କିତ ।

ଏକ ବିରାଟ ଭାଲୁର ଚମଡା ଅନ୍ୟ କାନ୍ଥରେ ଶୋଭା ପାଉଛି ।

ଭାଲୁ ଚମଡାର ଇତିହାସ ସତୁରୀବର୍ଷର ପୁରୁଣା । ଥରେ ଟଲଷ୍ଟୟ ଶିକାର କରିବାକୁ ବଂଧୁଙ୍କ ସହିତ ବୁଲିବାକୁ ଯାଇଥିଲେ । ମୂକ ପଶୁ ପ୍ରତି କୌଣସି ଅନିଷ୍ଟ କରିବାକୁ ଇଚ୍ଛା ନ କରି ସେ ଚୁପ୍‌ଚାପ୍ ବୁଦା କଡରେ ବସି ରହିଲେ । ତାଙ୍କର ବନ୍ଧୁ ଶିକାର ଖୋଜିବାକୁ ଗଲେ । ଠିକ୍ ସେହି ସମୟରେ ଏହି ଭାଲୁ ବୁଦା ଉହାଡରୁ ବାହାରି ଟଲଷ୍ଟୟଙ୍କ ଉପରକୁ ଲମ୍ଫ ପ୍ରଦାନ କଲା... ବନ୍ଧୁ ଜଣକ ଠିକ୍ ସମୟରେ ସେଠାରେ ପହଞ୍ଚିଥିଲେ ଏବଂ ଏଇଟି ହେଉଛି ସେଇ ଭାଲୁ ।

ଆଁ କରି ଚାହିଁ ରହିଛି ଭାଲୁ ମୁଣ୍ଡ ।

କାନ୍ଥରେ ଟଙ୍ଗା ହୋଇଛି ଚମଡା ।

ଉପର ମହଲାର ଶୋଇବା ଘର କଡରେ ଟଲଷ୍ଟୟଙ୍କର ପଢାଘର । ତାଙ୍କର

Digitized by PPRACHIN, SOA

ପତ୍ନୀ ଥିଲେ ଆଭିଜାତ୍ୟ ପରିବାରର ସୁନ୍ଦରୀ ମହିଳା । ତାଙ୍କ ହାତର ନିଖୁଣ, ସୂକ୍ଷ୍ମକାମ ଘରର ଶୋଭାକୁ ବର୍ଦ୍ଧନ କରିଥିଲା । ଏଇ ପଢ଼ାଘରେ ଯୁଦ୍ଧ ଓ ଶାନ୍ତି ପାଣ୍ଡୁଲିପିର ସମାପ୍ତି ପର୍ବ ଘଟିଥିଲା ଏବଂ କାଉଣ୍ଟେସଙ୍କୁ ପ୍ରାୟ ସାତଥର ସଂଶୋଧିତ ପାଣ୍ଡୁଲିପିକୁ ଲେଖିବାକୁ ପଡିଥିଲା ।

୧୮୧୬ରେ ପ୍ରଥମ ଥର ପାଇଁ ବିଶିଷ୍ଟ ଲେଖକ ଚେକୋଭଙ୍କ ସହିତ ଟଲଷ୍ଟୟଙ୍କ ଏଇ ଘରେ ସାକ୍ଷାତ ହୋଇଥିଲା ।

୧୯୦୦ରେ ଗର୍କି ଓ ଟଲଷ୍ଟୟ ଏଇ ଘରେ ଦେଖା ହୋଇଥିଲେ । ସେଇ ଘର ଭିତରେ ଦେଖିବାକୁ ମିଳିଥିଲା ଯୋଡା ହଳଟିଏ । କୌତୂହଳ ଜାତହେଲା ଜାଣିବା ପାଇଁ ଯୋଡା ସମ୍ପର୍କରେ ।

ଗାଇଡ୍ କହିଲା", ଟଲଷ୍ଟୟଙ୍କ ଜୀବନ ସରଳ ଓ ସାଦାସିଧା ହୋଇଯିବା ପରେ ସେ ନିଜେ ନିଜେ ଯୋତା ତିଆରି କରିବାକୁ ଚାହିଁଲେ । ତାଙ୍କର ଜଣେ ବନ୍ଧୁ ତାଙ୍କୁ ଯୋତା କରିବା ଶିଖେଇ ଦେବା ପରେ, ସେ ଥରେ ତାଙ୍କର କବିବନ୍ଧୁ ଫେଟେଙ୍କୁ ଗୋଟିଏ ଚେୟାରରେ ବସାଇ ତାଙ୍କ ଗୋଡର ମାପନେଲେ । ସପ୍ତାହକ ମଧ୍ୟରେ ଯୋତା ହଳେ ତିଆରି ହୋଇଗଲା ଫେଟେଙ୍କ ପାଇଁ । ଫେଟେ ତାକୁ ତାଙ୍କ ଘରକୁ ନେଇଗଲେ ଏବଂ ପଢାଘର ଆଲମିରାରେ ସାଇତି ରଖିଲେ ଯେଉଁଠାରେ ଟଲଷ୍ଟୟଙ୍କର ପ୍ରକାଶିତ ସମସ୍ତ ପୁସ୍ତକ ସୁସଜ୍ଜିତ ହୋଇ ଥୁଆ ହୋଇଥିଲା ।

ସେହି ଯୋତା ହଳକ ତଳେ ଖଣ୍ଡିଏ କାଗଜରେ ଲେଖାଥିଲା, "ଟଲଷ୍ଟୟଙ୍କ କୃତି ୧୩ ଖଣ୍ଡ ।" ହଠାତ୍ ଦିନେ ଏହା ଟଲଷ୍ଟୟଙ୍କ ଦୃଷ୍ଟିରେ ପଡିଲା । ସେ ବନ୍ଧୁଙ୍କର ଏତାଦୃଶ କାର୍ଯ୍ୟରେ ରାଗ ପ୍ରକାଶ କରି, ତାକୁ ସେଠାରୁ ନେଇ ଆସି ଏଇ ପଢାଘରେ ଥୋଇ ଦେଇଛନ୍ତି ।

ୟାସ୍‌ନାୟା ପୋଲ୍ୟାନା ଓ ମସ୍କୋଠାରେ ଟଲଷ୍ଟୟଙ୍କ ପବିତ୍ର ଜୀବନର ମୂଲ୍ୟବାନ କଟିଥିବା ଦିନ ଗୁଡିକର ସ୍ମୃତି ତାଙ୍କ ଘର ଗୁଡିକରୁ ଅନୁଭୂତ ହେଉଥିଲା ।

ସାହିତ୍ୟକୃତି ତ ସମସ୍ତେ ପଢନ୍ତି । ବହୁଭାଷାରେ, ବହୁଦେଶରେ, ବ୍ୟାପକଭାବେ ଏହା ପ୍ରସାରିତ ।

ମାତ୍ର କେତେଜଣ ଭାଗ୍ୟବାନ ମସ୍କୋ ସହରରେ ଦେଖିବେ ତାଙ୍କର ଘର ଓ ୟାସ୍‌ନାୟାର ମାହାଲ ।

ବୋଧହୁଏ ଏହା ମୋ' ଭାଗ୍ୟରେ ଥିଲା ।

□□□

Digitized by PPRACHIN, SOA

ୟାସ୍‌ନାୟା ପୋଲ୍ୟାନା

ସୂର୍ଯ୍ୟଙ୍କ କିରଣ ରାସ୍ତା ଘାଟରେ ବିଛାଡି ହୋଇ ପଡିଥିଲା । ମସ୍କୋ ସହର ଛାଡି ଆମ ଗାଡି ଖୁବ୍ ଦ୍ରୁତ ଗତିରେ ରିଂ ରୋଡ୍ ଅତିକ୍ରମ କରି ଆଉ ଏକ ଜିଲ୍ଲା 'ଟୁଲା' ଅଭିମୁଖେ ଯାତ୍ରା କଲା । ଦୀର୍ଘ ୨୫୦କି.ମି. । ମସ୍କୋରୁ ୧୩୮ ମାଇଲ୍ ରାସ୍ତା । ମୋର ଛାତ୍ର ଜୀବନରେ 'ଯୁଦ୍ଧ ଓ ଶାନ୍ତି' ଏବଂ 'ଆନ୍ନା କାରେନିନା' ପଢିବାବେଳେ ତା'ର ମହାନ୍ ଲେଖକ କାଉଣ୍ଟ ଲିଓ ଟଲଷ୍ଟୟଙ୍କ ପ୍ରତି ମନରେ ଅସୀମ ଶ୍ରଦ୍ଧା ଓ ଭକ୍ତି ଜନ୍ମିଥିଲା । ତାଙ୍କର ଜନ୍ମସ୍ଥାନ ଦେଖିବି, ଏହା ଥିଲା ମୋର କଳ୍ପନାର ବାହାରେ ।

ମସ୍କୋ ଆସିବା ପୂର୍ବରୁ କଥା ଛଳରେ ବନ୍ଧୁଙ୍କୁ କହିଥିଲି, "ମୋ' ଶୈଶବର ସ୍ୱପ୍ନ ସାର୍ଥକ ହେବ, ଯେଉଁଦିନ ମୋର ପ୍ରିୟ ଲେଖକଙ୍କ ଜନ୍ମଭୂମିରେ ମୁଁ ନିଜକୁ ପାଇବି ।" ଆଉ କିଛି ସମୟ ପରେ, ସେଇ ମୁହୂର୍ତ୍ତ ଆସିବ, ଏହା ଯେପରି ମୋତେ ମୋ' ଶୈଶବର ସ୍ୱପ୍ନ ପରି ଲାଗୁଥିଲା ।

ପ୍ରଶାନ୍ତ ଖୁବ୍ ଜୋରରେ ଗାଡି ଚଳାଉଥିଲା । ମୁଁ ଆଗରେ ବସି ଚାହିଁ ଦେଖୁଥିଲି ଋଷ ଦେଶର ପ୍ରାଣ ପ୍ରାଚୁର୍ଯ୍ୟ । ବିସ୍ତୀର୍ଣ୍ଣ ଶସ୍ୟ କ୍ଷେତ୍ର ଓ ବନାନୀ । କୋ୦ ଚାଷ ହେତୁ ଶସ୍ୟ କ୍ଷେତ୍ର ଖଣ୍ଡବିଖଣ୍ଡିତ ହୋଇ ଭଗ୍ନ ହୃଦୟର ଚିହ୍ନ ଧାରଣ କରିନଥିଲା । ଲମ୍ୱା ଲମ୍ୱା ଗଛର ଜଙ୍ଗଲ ପୃଥକ୍ କରି ଦେଉଥିଲା । ଦୂରରୁ ୟୁକାଲିପଟାସ ବା ଶାଳଗଛ ପରି ଦେଖାଯାଉଥିଲେ ହେଁ ପ୍ରକୃତରେ ଏହା ସେହିପରି ଜାତୀୟ କୌଣସି ଗଛ । ତା'ର ପତ୍ରର ରଙ୍ଗରେ ପରିବର୍ତ୍ତନ ଆସୁଥିଲା । ଋତୁ ପରିବର୍ତ୍ତନ ସହିତ ଏହି ପତ୍ର ହଳଦୀ ରଙ୍ଗ ଧାରଣ କରି ଝଡିବାକୁ ଆରମ୍ଭ କରୁଥିଲା କିଛି ଦିନ ପରେ ଗଦା ହୋଇ ଯାଉଥିଲା ବରଫଖଣ୍ଡ, ପତ୍ରହରା ଖୁଣ୍ଟା ଗଛଗୁଡିକ ଉପରେ ।

୧୯୨୮ ସେପ୍ଟେମ୍ୱର ୯ ତାରିଖରେ ଜନ୍ମ ଗ୍ରହଣ କରିଥିବା ଟଲଷ୍ଟୟ ପିତାମାତାଙ୍କର ପଞ୍ଚମ ଓ ଶେଷ ସନ୍ତାନ ଥିଲେ । ତିନିବର୍ଷବେଳେ ମା'ଙ୍କୁ ହରାଇଥିବା ଟଲଷ୍ଟୟ ପାଞ୍ଚବର୍ଷରେ ହରାଇଲେ ବାପାଙ୍କୁ । କୈଶୋର ତାଙ୍କ ପାଇଁ ହୋଇଥିଲା

Digitized by PPRACHIN, SOA

ନିଃସଙ୍ଗ । ଆଭିଜାତ୍ୟ ପରିବାର । ମା' ଯୁବରାଣୀ ଓ ବାପା ଖାନ୍‌ଦାନୀ । ସାମନ୍ତବାଦୀ ପରିବାରର ନିଃସଙ୍ଗ ସନ୍ତାନ ବୟସ ବଢ଼ିବା ସଙ୍ଗେ ସଙ୍ଗେ ପ୍ରଭୁଭକ୍ତ ଭୃତ୍ୟମାନଙ୍କର ସନ୍ତାନମାନେ ତାଙ୍କ କୈଶୋରର ସଖା ଓ ସହଚର ହୋଇଥିଲେ ଏବଂ ବିଭିନ୍ନ ପର୍ବପର୍ବାଣୀରେ ଗାଁର କୃଷକ ପରିବାରମାନଙ୍କର ସେ ଥିଲେ ପ୍ରିୟ ଅତିଥି ।

ପନ୍ଦରବର୍ଷ ବୟସରେ କାଜାନ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ପ୍ରବେଶ କରିଥିଲେ ହେଁ, ତାଙ୍କର ମନ ପାଠରେ ନ ଥିଲା । ସେ ଥିଲେ ମୁକ୍ତ ଜୀବନର ପୂଜାରୀ । ପାଠ ପଢ଼ିବା ଅପେକ୍ଷା ଖେଳ ଥିଲା ତାଙ୍କର ବେଶି ପ୍ରିୟ । ଦୁଇ ତିନିବର୍ଷର ସମୟ ବିଶ୍ୱବିଦ୍ୟାଳୟରେ ମୂଲ୍ୟହୀନ ହୋଇ କଟିଯାଇଥିଲା । ସେ ଫେରି ଆସିଥିଲେ ପରିବାରର ଥିବା ଇଷ୍ଟେଟକୁ ଏବଂ ହୋଇ ଯାଇଥିଲେ ସମ୍ଭ୍ରାନ୍ତ ଜମି ମାଲିକ । ଚାଷୀ କୂଳଙ୍କର ସାମୂହିକ କଲ୍ୟାଣ କରିବାକୁ ଇଚ୍ଛା କଲେ । ଜୀବନର ଏହି ମୁହୂର୍ତ୍ତ ତାଙ୍କ ପାଇଁ ଏକ ନୂତନ ବାଟର ସନ୍ଧାନ ଦେଇଥିଲା ।

ଗାଡ଼ି ୧୨୦ କି.ମି. ବେଗରେ ଚାଲିଥିଲା । ଅରୁଣ, ନମିତା ଓ ଲୀନା ସିଦ୍ଧାନ୍ତକୁ ନେଇ ବ୍ୟସ୍ତ ଥିବାବେଳେ ମୋର ଆଖି ବାରମ୍ବାର ସେହି ଦିଗ୍‌ବଳୟ ସେପାରିକୁ ଚାଲି ଯାଉଥିଲା, ଯେଉଁଠି ମୋତେ ଲାଗୁଥିଲା ଜଙ୍ଗଲ, ଉପତ୍ୟକା ଓ ପ୍ରଶସ୍ତ ରାସ୍ତା ମିଶିଯାଇଛି । ଠାଏ ଠାଏ ଦେଖିବାକୁ ମିଳୁଥିଲା ଛୋଟ ଛୋଟ ଘର । ଟିଣରେ ଛାଉଣି ହୋଇଛି । ଯାକୁ କହନ୍ତ 'ଦାଚା' ବା ସହର ତଳି ଘର । ମସ୍କୋରେ ଥିବା ଲୋକଙ୍କ ପାଇଁ ଛୁଟି ଦିନ କଟାଇବା ନିମିତ୍ତ, କିଛି କିଛି 'ଦାଚା' ଗଢ଼ି ଉଠିଥିଲା । ରାସ୍ତା କଡରେ ସେଓ ଓ ଆଳୁ ବାଲ୍‌ଟିରେ ରଖି ବିକୁଥିବାର ଦେଖାଯାଉଥିଲା । ପ୍ରଶାନ୍ତ ଖୁବ୍ ଜୋରରେ ଚଳାଉଥିବା ଗାଡ଼ିର ଗତିକୁ ଧିମେଇ ଦେଉଥିଲା କାରଣ ପ୍ରତ୍ୟେକ ଛକରେ ପୁଲିସ୍ ଚୌକିର କଡାକଡି ଯାଞ୍ଚ ବ୍ୟବସ୍ଥା ଗାଡ଼ି ଚାଳକଙ୍କର ସ୍ଥିତିରେ ଅଙ୍କୁଶ ଲଗାଇ ଦେଉଥିଲା ।

'ଟୁଲା'ରେ ଗାଡ଼ି ପହଞ୍ଚିବା ପରେ ଡାହାଣ ଦିଗକୁ ବୁଲି ୟାସ୍‌ନାୟା ପୋଲ୍ୟାନା ଆଡକୁ ଗାଡ଼ି ମାଡ଼ି ଚାଲିଲା ।

ମୋର ଗନ୍ତବ୍ୟ ସ୍ଥଳ ନିକଟେଇ ଆସୁଥିଲା । ଟଲଷ୍ଟୟଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣା ମୋର ମନଶ୍ଚକ୍ଷୁରେ ଝଲସି ଉଠୁଥିଲା । ସାମନ୍ତବାଦୀ ଭୂମି ମାଲିକ ହେବା ପରିବର୍ତ୍ତେ ସେ ନିଜକୁ ଜଣେ କୃଷକ ଓ ଚାଷୀଭାବେ ଉପସ୍ଥାପିତ କରିପାରିଲେ, ଅଗଣିତ କୃଷି ଶ୍ରମିକଙ୍କର ଉନ୍ନତିରେ ସହାୟକ ହୋଇପାରିବେ ବୋଲି ତାଙ୍କର

Digitized by PPRACHIN, SOA

ଧାରଣା ହେଲା । ଏହା ସେତେ ସମ୍ଭବ ନଥିଲା । ସାମନ୍ତ ଓ ଭୂମି ମାଲିକ ପଦରୁ ଖସି ଆସି ନିଜକୁ ବିଶାଳ ଶସ୍ୟ କ୍ଷେତ୍ରରେ ହଜାଇ ଦେଇପାରିବା ତାଙ୍କ ପାଇଁ ଯଦିଓ କଷ୍ଟକର ନ ଥିଲା, ସେ ସମୟର ସାମାଜିକ ସ୍ଥିତି ତାଙ୍କୁ ଏହି ଅନୁକୂଳ ଭୂମିକାରେ ସାହାଯ୍ୟ କରିନଥିଲା ।

ଭଲ ପାଉଥିବା ମଣିଷଙ୍କୁ ଅତ୍ୟାଚାରର ଲହୁଲୁହାଣ ଭିତରେ ପେଶି ହୋଇଯିବାକୁ ଦେଖିବା ଅପେକ୍ଷା, ସେ ପଳାୟନ କରି ଆର୍ମିରେ ଯୋଗଦେଲେ । କାଉସସ୍ ପର୍ବତମାଳାର ଦୁଃଖୀ ମଣିଷମାନଙ୍କର ସେ ହେଲେ ରକ୍ଷାକର୍ତ୍ତା ।

ସେତେବେଳୁ ତାଙ୍କର ବୟସ ମାତ୍ର ୨୩ ବର୍ଷ ।

ଏଇଠି ଲେଖିଲେ ପ୍ରଥମ ଉପନ୍ୟାସ ଚାଇଲଡ୍-ହୁଡ (ଶୈଶବ) ଏବଂ ଏହାପରେ (ବଏହୁଡ୍ ଓ ୟୁଥ୍)-କୈଶୋର ଓ ଯୌବନ ।

ଗାଡି ପାର୍କ କରି ୟାସ୍‌ନାୟା ପୋଲ୍ୟାନାର ପ୍ରବେଶ ଦ୍ୱାରକୁ ଆଗେଇଲୁ । ବିରାଟ ଇଷ୍ଟେଟ । ଅରୁଣ ଓ ପ୍ରଶାନ୍ତ ମୁଣ୍ଡ ପିଛା ୧୫ ହଜାର ରୁବଲ୍ ଦେଇ ଟିକେଟ୍ କିଣି ଆଣିବା ବେଳକୁ ମୁଁ ଗୋଟିଏ ଗୋଟିଏ ଆଗକୁ ମାଡି ଚାଲିଥାଏ । 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସର ସ୍ରଷ୍ଟା, ମାନବିକତାର ପୂଜାରୀ ଟଲଷ୍ଟୟଙ୍କ ଶିଶୁ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟର ସ୍ୱର୍ଗପୁରୀ ଏଇ ୟାସ୍‌ନାୟାକୁ ମନ ପୁରାଇ ଦେଖିବାକୁ ।

ହଠାତ୍ ମୋର କୈଶୋରର ସ୍ୱପ୍ନ ସାର୍ଥକ ହୋଇଗଲା । ଭାଗବତର ପଦଟିଏ ମନକୁ ଆସିଲା, "ଏ ମନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା ।"

ମୋତେ ତାହା ପ୍ରାପ୍ତ ହେଲା ।

ୟାସ୍‌ନାୟା ପୋଲ୍ୟାନା ଭିତରକୁ ଶ୍ୱେତ ତୋରଣ ଦେଇ ପଶିଯିବା ମାତ୍ରେ ଦେଖାଯାଉଥିଲା ବିରାଟ ବୃକ୍ଷମାନଙ୍କର ଜଙ୍ଗଲ । ସେଓ ଗଛର ଚାଷ ଓ ଫୁଲର ବଗିଚା ଶୋଭାକୁ ଦ୍ୱିଗୁଣିତ କରି ତୋଳିଥିଲା । ଅଗଣିତ ଦର୍ଶକଙ୍କ ନୀରବ ପଦଯାତ୍ରା ଭାରତୀୟ ଋଷି ଆଶ୍ରମ ନିଖୁଣ ରୂପ । ଏହି ମାହାଲ (ଇଷ୍ଟେଟ) ୩୮୪ ହେକ୍ଟର ।

ଠାଏ ଠାଏ ଟଲଷ୍ଟୟଙ୍କ କଥାର ପଙ୍‌କ୍ତିଟିଏ ।

ଜଙ୍ଗଲ ଭିତରେ ସରୁବାଟ ଚଲା ରାସ୍ତା । ତା'ର ଶେଷ କେଉଁଠି ଦେଖିବାକୁ ମିଳୁନଥିଲା । ରାସ୍ତାରେ ଦିଗ ନିର୍ଦ୍ଦେଶ କରୁଥିଲା ସମାଧିସ୍ଥଳ । ମାଟିର ଗଦାଟିଏ । ଲକ୍ଷ ଲକ୍ଷ ହୃଦୟକୁ ପ୍ରେମରେ ସିକ୍ତ କରୁଥିବା ଟଲଷ୍ଟୟଙ୍କର ପାର୍ଥିବ ଶରୀରକୁ ସେଇ ମାଟିତଳେ ପୋତି ଦିଆଯାଇଥିଲା ।

Digitized by PPRACHIN, SOA

ସେଦିନ ଥିଲା ୨୦ ନଭେମ୍ବର ୧୯୧୦ ।

ଗୋଲାପ ଫୁଲର ଏକ ବଡ ସ୍ତବକଟିଏ ଏଇ ମାଟି ଉପରେ ଥୋଇ ଦେଇଥିଲା କିଏ ଜଣେ ପ୍ରେମୀ ।

ମାଟି ବେଦୀ ଉପରେ ସଗର୍ବରେ ଠିଆ ହୋଇଥିଲା ବିରାଟ ଶାଳବୃକ୍ଷ । ଛୁଉଁଥିଲା ଆକାଶକୁ ତା'ର ଚୂଡା ।

ସ୍ମୃତି ଫଳକ ନ ଥିଲା, ମାର୍ବଲ ବେଦୀ ନ ଥିଲା । ଖାଲି ଘଞ୍ଚ ଜଙ୍ଗଲ । ତା'ରି ଭିତରେ ଧ୍ୟାନରତ ତପସ୍ୱୀ ମାଟି ଭିତରେ ଧ୍ୟାନମଗ୍ନ । ହୃଦୟରେ ଆବେଗ, ସ୍ନେହ ଓ ପ୍ରେମର ଫଲ୍‌ଗୁ ନେଇ ବିଶ୍ୱରୁ ମାଡି ଆସୁଛନ୍ତି କେତେ ଟଲଷ୍ଟୟ ପ୍ରେମୀ ।

ମୁଁ ବସିପଡିଲି ସେଇ ବେଦୀ ନିକଟରେ । ହାତରେ ଟୋଳି ଧରିଲି ମାଟି ମେଞ୍ଚାଏ । ବୋଳି ଦେଲି ମୋର ମଥାରେ ଯେଉଁଠି ପ୍ରତ୍ୟେକ ଦିନ ଚନ୍ଦନ ଶୋଭାପାଏ ।

ମୋ' ଜନ୍ମ ସତରେ ସାର୍ଥକ ବୋଲି ମୋତେ ଅନୁଭବ ହେଲା । ଏକ ନୂତନ ଜୀବନକୁ ନେଇ ଚାଲିବାର ଶପଥ ଯେପରି ମୋ' ଭିତରେ କେହି କରୁଥିଲା ।

ସାଧାରଣ ଗ୍ରାମ୍ୟ ଚାଷୀଙ୍କର ସରଳ ଜୀବନ ପ୍ରତି ଆକର୍ଷଣ ବାରମ୍ବାର ଟଲଷ୍ଟୟଙ୍କୁ ସେମାନଙ୍କ ନିକଟକୁ ଟାଣି ନେଇଥିଲା । ସେମାନେ ହୋଇଥିଲେ ତାଙ୍କ ସତ୍ୟସନ୍ଧାନର ଜୀବନ୍ତ ରୂପ ।

ଏଇ କଥାକୁ ସେ ତାଙ୍କର ପ୍ରିୟତମା ପତ୍ନୀଙ୍କ ନିକଟରେ ବର୍ଣ୍ଣନା କରି କହିଥିଲେ, "ଦିନେ ମୁଁ ମସ୍କୋରୁ ୟାସ୍‌ନାୟାକୁ ଚାଲିଚାଲି ଫେରିବାବେଳେ ସନ୍ଧ୍ୟା ହୋଇଯାଇଥିଲା । ଜଣେ କୃଷକ ଘରେ ରାତିରେ ରହିବାକୁ ଗଲି । ସେହି କୃଷକ ପରିବାର ମୋତେ ଜଣେ ସମ୍ମାନସ୍ପଦ ବୃଦ୍ଧ ବ୍ୟକ୍ତି ଭାବେ ସମ୍ମାନ କଲେ ।"

"ସେମାନେ ମୋତେ ଖୁଆଇଲେ ଏବଂ ଶୋଇବାକୁ ବିଛଣା ଦେଲେ । ଯେତେବେଳେ ପରିବାରର ପୁରୁଷମାନେ ଜାଣିଲେ ଯେ, ମୁଁ ମସ୍କୋରୁ ଆସିଛି, ସେମାନେ ମୋତେ କାଉଣ୍ଟ ଲିଓ ଟଲଷ୍ଟୟଙ୍କ ସମ୍ପର୍କରେ ଶୁଣିଛି କି ନାହିଁ ପଚାରିଲେ ।"

"କିଏ ଏହି ଟଲଷ୍ଟୟ ?" ମୁଁ ମୋର ଅଜ୍ଞତା ଦେଖାଇଲି । ସେମାନେ ପରସ୍ପର ମଧ୍ୟରେ କଥା ହେଉଥିବାର ଶୁଣିଲି, "ଆମର ଅତିଥି ବୋକା ଲୋକଟିଏ !" ଘରର ମୁରବି କହିଲା -"ତୁମେ ସେହି ମହାନ୍ ଟଲଷ୍ଟୟକୁ ଶୁଣିନାହିଁ । ସେ

Digitized by PPRACHIN, SOA

ହେଉଛନ୍ତି ସେହି ବ୍ୟକ୍ତି ଯିଏ କି କୃଷକମାନଙ୍କ ସମ୍ପର୍କରେ ଅନେକଗୁଡ଼ିଏ ହୃଦୟସ୍ପର୍ଶୀ କାହାଣୀ ଲେଖିଛନ୍ତି ।"

"ସେ କ'ଣ ଲେଖିଛନ୍ତି ?" ମୁଁ ଜଣେ ଯୁବକକୁ ପଚାରିଲି ।

ସେ ଉତ୍ତର ଦେଲା, "ବୃଦ୍ଧ ବ୍ୟକ୍ତି; ମୁଁ ତୁମକୁ ଟଲଷ୍ଟୟଙ୍କ ଲେଖା ବିଷୟରେ ନିଶ୍ଚିତ କହିଥା'ନ୍ତି ? ମାତ୍ର ତୁମେ ବର୍ତ୍ତମାନ ବହୁତ ବୃଦ୍ଧ ଏବଂ ତୁମର କ'ଣ ତାହାକୁ ପଢ଼ିବାକୁ ସମୟ ଅଛି ? ଏ ବୟସରେ ତାହା ଆରମ୍ଭ କରିବାର କୌଣସି ଯଥାର୍ଥତା ନାହିଁ ।" ହସି ହସି ଟଲଷ୍ଟୟ ତାଙ୍କ ପତ୍ନୀକୁ କହିଲେ, "ପ୍ରିୟତମା । ସାଧାରଣ ଲୋକଙ୍କ ହୃଦୟକୁ ମୋର ଗପ କେତେ ବେଶି ଛୁଇଁଛି ଦେଖୁଛ । ଏପରି ପ୍ରଶଂସା ବ୍ୟତୀତ ଆଉ ଅଧିକ କ'ଣ ଜଣେ ଲେଖକ ଆବଶ୍ୟକ କରେ ?"

କେବେଠାରୁ ଶରୀର ସେଇ ମାଟି ସହିତ ମାଟି ହୋଇ ଯାଇଥିବ । ମାଟି ମେଞ୍ଚାଏ ହିଁ ତାଙ୍କ ଜୀବନ ତ ।

ସେଓ ବଗିଚା ଦେଖି ଦେଖି ଯାସନାୟାର ଘର ନିକଟରେ ପହଞ୍ଚିଗଲୁ । ଦୁଇତାଲା ବିଶିଷ୍ଟ ଚଟାଣ କାଠରେ ତିଆରି ଯେଉଁଠି ଟଲଷ୍ଟୟ କୁଆଁ କୁଆଁ ଡାକି ଜନ୍ମ ହୋଇଥିଲେ ଏବଂ "ଯୁଦ୍ଧ ଓ ଶାନ୍ତି" ଓ "ଆନ୍ନା କାରେନିନା" ଲେଖି ବିଶ୍ୱବନ୍ଦନୀୟ ହୋଇଗଲେ ।

ସେହି ଘରେ ଶୋଭା ପାଉଥିବା ତାଙ୍କ ବ୍ୟବହୃତ ଟେବୁଲ୍, ଚେୟାର, ଟିକପ୍, ତାଙ୍କର ସାର୍ଟ, ବ୍ଲଟିଂ ପ୍ୟାଡ୍ ଓ ପାଣ୍ଡୁଲିପିର ପୃଷ୍ଠା । ଆଲମିରାରେ ଅନେକ ବହି । ବିଭିନ୍ନ ଭାଷାର ବି । ତାଙ୍କର ପ୍ରିୟ ଖଟ, ପଢ଼ା ଟେବୁଲ । କାନ୍ଥରେ ପରିବାରର ଫଟୋ । ପୁଅ ଝିଅମାନଙ୍କର ଓ ପତ୍ନୀଙ୍କର ।

ଅନେକ ଗୁଡ଼ିଏ ପଥର ଓ ଚୂନ ଖୋଦେଇ ଟଲଷ୍ଟୟଙ୍କର ପ୍ରତିମୂର୍ତ୍ତି ।

ମହିଳା ଗାଇଡ୍ ଋଷ ଭାଷାରେ ଟଲଷ୍ଟୟଙ୍କ ଜୀବନର ଇତିହାସ ଓ କୋଠରୀଗୁଡ଼ିକର ବିଶେଷତ୍ୱ କହି ଚାଲିଥିଲା ।

ମୁଁ ଦେଖୁଥିଲି ତାଙ୍କର ବହି ଓ ତାଙ୍କ ବ୍ୟବହୃତ ପଦାର୍ଥ ଏବଂ ଘର ଭିତରେ ତାଙ୍କର ଅବର୍ତ୍ତମାନରେ ବର୍ତ୍ତମାନର ଅନୁଭବ ।

ଗର୍କି ଓ ଚେକୋଭଙ୍କ ସହିତ ଅନେକ ସମୟ ବିତାଇଥିବା ମୁହୂର୍ତ୍ତ ଯାସ୍‌ନାୟାର ସେଇ କୋଠରୀରୁ ଜଣାଯାଉଥିଲା ।

ଲକ୍ଷ ଲକ୍ଷ ଦର୍ଶକ ଓ ଟଲଷ୍ଟୟ ପ୍ରେମୀଙ୍କର ଦର୍ଶନୀୟ ଯାସ୍‌ନାୟା ତାଙ୍କର ଥିଲା ହୃଦୟ ମଣି ।

Digitized by PPRACHIN, SOA

ସେ ନିଜେ ଯାସ୍‌ନାୟା ସମ୍ପର୍କରେ କହିଥିଲେ, "ମୋର ଯାସ୍‌ନାୟା ପୋଲ୍ୟାନା ବିନା ମୁଁ ଋଷିଆର କଳ୍ପନା କରିପାରେନା ।"

ବୋଧହୁଏ ତାହା ହିଁ ସତ୍ୟ, କାରଣ ସେହି ତୀର୍ଥଭୂମିରୁ ପଦାକୁ ବାହାରିବାବେଳେ ମୋର ମନେହେଲା ମୁଁ ନିଜକୁ ହଜାଇ ଦେଇଛି ।

ଏକ ନୂତନ ମଣିଷ ଖୋଜୁଥିବା ସତ୍ୟସନ୍ଧାନର ପରିସମାପ୍ତି କ'ଣ ଏଇମିତି ଘଟିପାରେ ?

ଆମେ ଶ୍ୱେତ ଫାଟକ ଦେଇ ଫେରିବାବେଳେ ମୁଁ ପଛକୁ ବାରମ୍ବାର ଫେରି ଚାହୁଁଥିଲି । ଯାସନାୟାରେ ବିତାଇଥିବା ମୁହୂର୍ତ୍ତ ମୋ' ପାଇଁ ଭବିଷ୍ୟତର ପ୍ରେରଣା ଓ ଅତୀତର ସ୍ମୃତି ।

କାରଣ ସେହି ଘଞ୍ଚ ବନାନୀ ମଧ୍ୟରେ ଆତଯାତ କରିଥିଲେ୍‌ 'ଯୁଦ୍ଧ ଓ ଶାନ୍ତି'ର ଚରିତ୍ରମାନେ ଓ ମୋର ପ୍ରିୟତମ ଲେଖକ ଟଲଷ୍ଟୟ ।

□□□

Digitized by PPRACHIN, SOA

ବିଶ୍ୱର ପ୍ରଥମ ନାଗରିକ

ୟାସ୍‌ନାୟା ପୋଲ୍ୟାନାର ଶ୍ୱେତ ତୋରଣ ମଧ୍ୟଦେଇ ପ୍ରବେଶ କରିବା ମାତ୍ରେ ଛୋଟ ପାହାଡ଼ି ଝରଣାଧାର ପରି ବହି ଯାଉଥିବା ପାଣି ଧାରଟିଏ ଏବଂ ତା' ଉପରେ କ୍ଷୁଦ୍ର ବାଉଁଶ ନିର୍ମିତ ପୋଲଟିଏ । ପାଖରେ ବେଞ୍ଚଟିଏ, ସେଇମିତି ବାଉଁଶରେ ନିର୍ମିତ । ଏଇଠି ବସି ଯୁଦ୍ଧ ଓ ଶାନ୍ତି ଚରିତ୍ରମାନଙ୍କୁ କଳ୍ପନା କରିଥିଲେ ଟଲଷ୍ଟୟ । କାଉଣ୍ଟ ଲିଓ ଟଲଷ୍ଟୟ ।

ସେତେବେଳକୁ ତାଙ୍କର ବୟସ ମାତ୍‌ ପଇଁତିରିଶ ବର୍ଷ । ଆଭିଜାତ୍ୟ ବଂଶ, ଜମିଦାର ମାତ୍ର ଜୁଆଖୋର ଓ ଏକ ଅବ୍ୟବସ୍ଥିତ ଜୀବନ । କିନ୍ତୁ ଏହି ଭୋଗ ସୁଖର ସମସ୍ୟା ତାଙ୍କୁ ଆଦୌ ଘାରୁନଥିଲା । ତାଙ୍କ ଚାରିକଡ଼ର ପୃଥିବୀ ତାଙ୍କୁ ବିବ୍ରତ କରୁଥିଲା, ସେ ଅସୁସ୍ଥ ବୋଧ କରୁଥିଲେ ଏବଂ ତାଙ୍କ ଚେତନା ତାଙ୍କୁ ଦୋଷୀ କରୁଥିଲା । ସେ ନିଜକୁ ଦୋଷୀ ଦୋଷୀ ଅନୁଭବ କରୁଥିଲେ ।

ଯୁବକ ଟଲଷ୍ଟୟଙ୍କର ସ୍ୱାସ୍ଥ୍ୟ ଥିଲା ବେଶ୍‌ ବଳଶାଳୀ, ଘୋଡ଼ା ଚଢ଼ାରେ ସେ ଥିଲେ ନିପୁଣ । ସେ ନିଜ ଶରୀରକୁ ସମ୍ମାନ ଦେଇ, ତାହା କିପରି ସବଳ ହୋଇ ରହି ପାରିବ, ସେଥିପାଇଁ ଯତ୍ନ କରିଥିଲେ, ପ୍ରତ୍ୟେକ ଦିନ ବ୍ୟାୟାମଶାଳାକୁ ଯାଇ କୁସ୍ତିକସରତ କରୁଥିଲେ । ଏତେ ସୁନ୍ଦର ସ୍ୱାସ୍ଥ୍ୟଥିବା ସତ୍ତ୍ୱେ, ସେ ଅନୁଭବ କରୁଥିଲେ, ସେ ହିଁ ନିହାତି କୁତ୍ସିତ, କଦାକାର ।

ଯୁବକ ଟଲଷ୍ଟୟଙ୍କର ଘଞ୍ଚ ଧବଳ ଶ୍ମଶ୍ରୁ ବରଫାବୃତ ଜଂଗଲ ସୃଷ୍ଟି କରି ନଥିଲା । କିନ୍ତୁ ଚେହେରା ବାରି ହୋଇ ପଡୁଥିଲା, ଯେମିତି ସମସ୍ତଙ୍କ ଠାରୁ ନିଆରା । ତାଙ୍କର ପ୍ରଶସ୍ତ ବ୍ୟାସାର୍ଦ୍ଧ, ବ୍ୟାପ୍ତ କର୍ଣ୍ଣ, ଉଚ୍ଚ ମସ୍ତିଷ୍କ ଓ ଇନ୍ଦ୍ରିୟ ଅନୁକୂଳ ଅଧର ତାଙ୍କ ପୁରୁଷାକାରର ଜୟଗାନ କରୁଥିଲା । ସେଇଥିପାଇଁ ତ ତାଙ୍କ ନାମ ଥିଲା ଲିଓ ଅର୍ଥାତ ସିଂହ । କିନ୍ତୁ ତାଙ୍କ ଦୃଷ୍ଟିରେ ଥିଲା କଠୋରତା ଯଦିଓ ସେ ମାନବତାର, ଦୟାର ପୂଜାରୀ ଭାବରେ ବିଶ୍ୱବନ୍ଦିତ ହେଲେ । ତାଙ୍କର ଓଷ୍ଠ ଦୁଇଟି ବିସ୍ତାରିତ କିନ୍ତୁ ଗାଲର ଚମଡ଼ା ସିକୁଡ଼ି ଯିବା ତାଙ୍କୁ ଅତି ମାତ୍ରାରେ ବ୍ୟସ୍ତ, ବିବ୍ରତର ମଣିଷ କରି ସିନା ଦେଖାଉ ଥିଲା, ହେଲେ ସେ ଯେପରି ସଦା ସର୍ବଦା

Digitized by PPRACHIN, SOA

ଖୋଜୁଥିଲେ ନିଜକୁ, ନିଜର ବ୍ୟକ୍ତିତ୍ୱକୁ । ସାଧାରଣ ମଣିଷର ଖୋଜିବା ଠାରୁ ବହୁ ଦୂରରେ । ନିଜକୁ ଯେପରି ପ୍ରଶ୍ନ ପରେ... ପ୍ରଶ୍ନ କରୁଥିଲେ, ନିଜ ଆତ୍ମାର ଅନ୍ୱେଷଣ । ଆତ୍ମାକୁ ଘାଣ୍ଟିଚକଟି ଦେଖିବାର ପ୍ରୟାସ ।

ପଚିଶ ବର୍ଷ ବୟସ ବେଳେ ସେ ନିଜକୁ ମଧ ଏଇ ପ୍ରଶ୍ନ କରିଥିଲେ, 'ମୋତେ ପ୍ରଥମ ଓ ଶେଷ ଥର ପାଇଁ ବୁଝିନେବାକୁ ହେବ, ମୁଁ ହେଉଛି ଏକ ବ୍ୟତିକ୍ରମ । ତା'ର କାରଣ ହୁଏତ ମୁଁ ମୋ' ବୟସ ଠାରୁ ଅଧିକା ଜଣାପଡ଼େ କିମ୍ବା ମୁଁ ହେଉଛି ସେହି ଅସାମାଜିକ ଓ ଅପାଙ୍କ୍ତେୟ ମଣିଷ ଯିଏ କୌଣସି କଥାରେ ଆଦୌ ସନ୍ତୁଷ୍ଟ ନୁହେଁ ।'

ସେ କ'ଣ ବୁଝି ପାରି ନ ଥିଲେ ଯେ ଏହି ପରସ୍ପର ବିରୋଧି ଦୃଷ୍ଟିକୋଣ ତାଙ୍କ ଭିତରେ ସହାବସ୍ଥାନ କରିଥିଲା ବୋଲି । ଏଥିରୁ ହିଁ ଜନ୍ମଲାଭ କରିଥିଲା ଲୋକମାନଙ୍କର ଅତି ଆଦର ଓ ସମ୍ମାନ ଲାଭ କରିଥିବା ଉପନ୍ୟାସ ଏବଂ ନିଜ ବ୍ୟକ୍ତିତ୍ୱ ସଂପର୍କରେ ବିଚାର ବିଭ୍ରାଟ ।

'ଯୁଦ୍ଧ ଓ ଶାନ୍ତି'ର ଏହି ମହାନ୍ ସ୍ରଷ୍ଟାଙ୍କର ଆବାସସ୍ଥଳୀ ଥିଲା ୟାସ୍‌ନାୟା ପୋଲ୍ୟାନା' ମସ୍କୋ ସହର ଠାରୁ ୨୦୦କି.ମି. ଦୂରରେ । 'ଯୁଦ୍ଧ ଓ ଶାନ୍ତି' ଲେଖିବା ବେଳେ ଯେଉଁ ଟଲଷ୍ଟୟ ନିଜର ସୁଗଠିତ ବପୁକୁ ସଯତ୍ନ ସାଇତି ରଖିବା ପାଇଁ ଶାରୀରିକ ଶ୍ରମ କରୁଥିଲେ, ପାର୍କରେ ଦୌଡୁଥିଲେ, ସେହି ଟଲଷ୍ଟୟ ଦିନେ ନିଜକୁ କଷ୍ଟ ଦେଇ ଓ ନିଜକୁ ଯନ୍ତଣା ଭିତରକୁ ଠେଲି ମସ୍କୋଠାରୁ ୟାସ୍‌ନାୟା ପୋଲ୍ୟାନାକୁ ପଦବ୍ରଜରେ ଆସିଥିଲେ ।

ସେତେବେଳେ ତାଙ୍କର ବୟସ ଷାଠିଏ ଅତିକ୍ରମ କରି ସାରିଥାଏ । ୧୮୮୬, ୧୮୮୮ ଓ ୧୮୮୯ । ଦିନେ ଯେଉଁ ଟଲଷ୍ଟୟ 'ଟୁଲା' ସହର ବାର୍ଚ୍ଚ ଗଛର ସୁନେଲି କିରଣ ଭିତରେ ଜିପ୍‌ସୀ ଯୁବତୀ ମାନଙ୍କ କୋଳରେ ନିଜକୁ ହଜାଇ ଦେଉଥିଲେ, ସେହି ଟଲଷ୍ଟୟଙ୍କର 'ଯୁଦ୍ଧ ଓ ଶାନ୍ତି'ର ଚରିତ୍ରମାନଙ୍କର ଯାତାୟତ କରୁଥିବାର ରାସ୍ତା 'ୟାସ୍‌ନାୟା ପୋଲ୍ୟାନା'ର ସେହି ଶୁଭ୍ର ତୋରଣ ନିକଟରେ ବହିଁ ଯାଉଥିବା କ୍ଷୁଦ୍ର ଜଳଧାରା ସଙ୍କେତ ଦେଉଥିଲା ।

ଋଷ ମଣିଷର ଆତ୍ମା ଭିତରେ ଏମିତି କେହି ପ୍ରବେଶ କରି ପାରି ନ ଥିଲେ ଯେପରି ଟଲଷ୍ଟୟ । ସେ ସମଗ୍ର ମାନବଜାତିର ହୃଦୟକୁ ଛୁଇଁ ଯାଇଥିଲେ । ସେ ନିଜ ପାଇଁ କେତେଗୁଡ଼ିଏ ନିୟମ ସୃଷ୍ଟି କରିଥିଲେ, ଯେଉଁ ନିୟମ ଗୁଡ଼ିକୁ ସେ ନିଜେ ଆଦୌ ମାନୁ ନ ଥିଲେ ବା ମନେ ରଖୁ ନ ଥିଲେ ।

Digitized by PPRACHIN, SOA

'ଆଦୌ ରାଗ ନାହିଁ, ଆଦୌ ଶପଥ କର ନାହିଁ, ହିଂସା ମାଧ୍ୟମରେ ମନ୍ଦର ବିରୋଧ କର ନାହିଁ, ବ୍ୟଭିଚାରରେ ଲିପ୍ତ ହୁଅ ନାହିଁ ଏବଂ ସଂଘର୍ଷ କର ନାହିଁ ।' ଏହି ପାଞ୍ଚଗୋଟି ନିୟମକୁ ସେ ନିଜେ ଭ୍ରୂକ୍ଷେପ କରୁ ନ ଥିଲେ । ସେ ନିଜ ହାତରେ ଲଗାଇଥିବା ଆତଗଛ ଏବେ ବି ଦୃଶ୍ୟମାନ । ସେଓ ବଗିଚା ହାତ ପାହାନ୍ତାରରେ । 'ୟାସ୍‌ନାୟା ପୋଲ୍ୟାନା'ର ସେହି ପ୍ରଶସ୍ତ ବଗିଚାରେ ସେଓ ବଗିଚା, ବାର୍ଚ୍ଚ ଗଛ, ଗୋଲାପର ହସହସ ଚେହେରା ଠାରୁ ବେଶି ଅଭିଭୂତ କରୁଥିଲା ସେହି ଘରଟି । ଦୁଇ ମହଲାର କାଠର ତିଆରି ସେଇ ଘରେ ଦିନେ ଟଲଷ୍ଟୟ ରହୁଥିଲେ ଓ ଉପନ୍ୟାସ ନିଜେ ଲେଖୁଥିଲେ କିମ୍ବା ତାଙ୍କର ଶାଳୀ 'ତାନ୍ୟା'କୁ ଏମୁଣ୍ଡରୁ ସେ ମୁଣ୍ଡକୁ ବୁଲି ବୁଲି ଡାକୁଥିଲେ ।

କେଉଁ ଘରେ, କେଉଁଜାଗାରେ ସେ ବସୁଥିଲେ କେଜାଣି । ବହିର ଥାକମାନ ଆଲମିରାରେ ସଯତ୍ନ ସାଇତା ହୋଇ ରହିଛି । ଏଇ ଘରେ ସେ ବସି ଗର୍କିଙ୍କ ସହିତ ଆଲୋଚନା କରୁଥିଲେ । ସେହି ଘରକୁ ଘେରି ରହିଥିବା ଘୋଡ଼ାଶାଳ, ବିଦ୍ୟାଳୟ, ରୋଷେଇଘରକୁ ବୁଲି ବୁଲି ଦେଖିବା ବେଳେ ନିଜକୁ ସେଇ ତୋଟାଠାରୁ ଦୂରକୁ ନେଇ ଯାଇ ଘଞ୍ଚ ଜଂଗଲ ମଧ୍ୟରେ ହଜାଇ ଦେଉଥିଲେ ।

'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସ ଶେଷ କରିବା ବେଳକୁ ଟଲଷ୍ଟୟ ଅଧାବୁଢ଼ା ହୋଇ ଯାଇଥିଲେ । ଜୀବନର ମଧ୍ୟାହ୍ନରେ ପହଞ୍ଚି ସାରିଥିଲେ । ନିଜ ସହିତ ନିଜକୁ ସହନ କରିବାର କ୍ଷମତା ପାଇ ଯାଇଥିଲେ ।

ସେ ତ କେବଳ ବିଶ୍ୱବିଖ୍ୟାତ ଉପନ୍ୟାସକାର ନ ଥିଲେ । ସେ ଥିଲେ ଜଣେ ମହାନ୍ ଶିକ୍ଷକ ଏବଂ ଏଇ ୟାସ୍‌ନାୟା ପୋଲ୍ୟାନାକୁ ସେ ଶିକ୍ଷାର ମନ୍ଦିର କରି ଗଢ଼ି ତୋଳି ଥିଲେ । ଚାର୍ଲସ ବାଉଦୋଇନ୍ ଲେଖିଥିବା 'ଟଲଷ୍ଟୟ-ଶିକ୍ଷକ' ବହିଟିକୁ ପଢ଼ିବାର ସିନା ମୋର ସୌଭାଗ୍ୟ ହୋଇ ନ ଥିଲା, କିନ୍ତୁ ମୁଁ ଦେଖୁଥିଲି ମୋରି ଆଖି ଆଗରେ ତାଙ୍କ ହାତରେ ତିଆରି ସ୍କୁଲ ଘରଟିକୁ ଯେଉଁଟି ଥିଲା ଶିକ୍ଷାର ପରୀକ୍ଷା କେନ୍ଦ୍ର ।

ସେହି ବିଦ୍ୟାଳୟ ସଂପର୍କରେ ସେ ଲେଖିଥିଲେ, 'ୟାସ୍‌ନାୟା ପୋଲ୍ୟାନା ଗାଆଁର କେତେକ ଚାଷୀଙ୍କ ମନରେ ଏବେ ମଧ୍ୟ କେତେକ ଆଶଙ୍କା ରହିଛି ଯେ, (ଏକଦା ବିଦ୍ୟାଳୟ ସମ୍ବନ୍ଧରେ ଶୁଣାଯାଉଥିବା ଜନରବ ଗୁଡ଼ିକର ହୁଏତ କେତେକ ଚେର ଅବଶ୍ୟ ରହିଥିବ) ଆମେ ଚତୁର ମତଲବରେ ଏଠି ସେମାନଙ୍କୁ ଶିକ୍ଷା ଦେଉଛୁ ଏବଂ ସେମାନେ ଆଦୌ କିଛି ଜାଣିବା ପୂର୍ବରୁ ପିଲାମାନଙ୍କୁ ଏକାଠି

Digitized by PPRACHIN, SOA

ଶଗଡ଼ରେ ବୋଝେଇ କରି ମସ୍କୋକୁ ଚାଲାଣ କରି ନିଆଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି ।' ଜଣେ ସ୍ରଷ୍ଟା ଭାବରେ, ଶିକ୍ଷାଭାବରେ ଓ ନାଗରିକ ଭାବେ, ଟଲଷ୍ଟୟଙ୍କ ୟାସ୍‌ନାୟା ପୋଲ୍ୟାନା ବିଦ୍ୟାଳୟ ଥିଲା ଏକ ପରୀକ୍ଷା । ଯେଉଁ ପରୀକ୍ଷା ଦିନେ ସତ୍ୟବାଦୀ ବନବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଆରମ୍ଭ କରିଥିଲେ । ଜଣେ ଲେଖକ ଭାବରେ ସେ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ କାର୍ଯ୍ୟରେ ପରିଣତ କରୁଥିଲେ ଏବଂ ସେ ଥିଲେ ସେହି ବିଦ୍ୟାଳୟର ସ୍ରଷ୍ଟା । ସାଧାରଣ ଗ୍ରାମ୍ୟ କୃଷକମାନଙ୍କର ପିଲାମାନଙ୍କୁ ଆଣି ଶିକ୍ଷାଦେବା ଏବଂ ଦରିଦ୍ର ପିଲାମାନଙ୍କ ସହିତ ଧନୀ ପିଲାମାନଙ୍କୁ ସମାନ ସ୍ତରରେ ବସାଇ ମଣିଷ ଗଠନ କରିବାର ପ୍ରୟୋଗକୁ ଟଲଷ୍ଟୟ ଅତ୍ୟନ୍ତ ଆବେଗ ଓ ହୃଦୟ ଦେଇ ସେଠାରେ କରିପାରିଥିଲେ । ପିଲାମାନଙ୍କ ଭିତରେ ସେ ନିଜକୁ ମିଶାଇ ଦେଇ ଅନେକ ଗଳ୍ପ କହୁଥିଲେ । ଗପ କହିବା ବେଳେ ପିଲାମାନେ ତାଙ୍କ ଗପର ଚରିତ୍ରମାନଙ୍କ ମୁହଁରେ ଶବ୍ଦ ଦେଉଥିଲେ ବୋଲି ସେ ନିଜେ ସ୍ୱୀକାର କରି ଲେଖିଛନ୍ତି, 'ଜଣେ ସୈନିକର ଜୀବନ କଥା' କାହାଣୀଟିର ସବୁଯାକ ପ୍ରକ୍ରିୟାକୁ ପ୍ରକୃତରେ ପିଲାମାନେ ହିଁ ସମ୍ପନ୍ନ କରିଥିଲେ ।'

ପିଲାମାନେ ସତରେ କେତେ ୟାସ୍‌ନାୟା ପୋଲ୍ୟାନକୁ ଭଲ ପାଉଥିଲେ, ତାହା ମୋତେ ସେ ଦିନ ଜଣା ପଡୁଥିଲା । କାରଣ ସେଦିନ ସେଠାରେ ପିଲାମାନଙ୍କର ଭିଡ଼ ବେଶ୍ ଜମିଥିଲା । ଜନଗଣଙ୍କ ପାଇଁ ଆବଶ୍ୟକତା ଉପରେ ଯେଉଁ ପ୍ରାଥମିକ ଗୁରୁତ୍ୱ ସେ ଆରୋପିତ କରିଗଲେ, ତାହା ପ୍ରତ୍ୟେକ ସ୍ରଷ୍ଟା ପାଇଁ ଆବଶ୍ୟକ ନୁହେଁ କି ? ଏହି ପ୍ରଶ୍ନ ମୁଁ ବିଦ୍ୟାଳୟ ଗୃହକୁ ଚାହିଁ ନିଜକୁ ପଚାରୁଥିଲି ଏବଂ 'ଯୁଦ୍ଧ ଓ ଶାନ୍ତି'ର ଚରିତ୍ରମାନଙ୍କୁ ଗଢ଼ିବାବେଳେ ସେ କେମିତି ସାଧାରଣ ମଣିଷର ପିଲାମାନଙ୍କୁ ଗଢ଼ିବାକୁ ବେଳ ପାଇଲେ, ତାହା ଭାବୁଥିଲି ।

ବିଚିତ୍ର ଜୀବନ ଥିଲା ଟଲଷ୍ଟୟଙ୍କର; ସେମିତି ତାଙ୍କ ୟାସ୍‌ନାୟା ପୋଲ୍ୟାନା । ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନ ମଧ୍ୟରେ ପ୍ରବେଶ କଲେ ଏପରି ଅନୁଭବ ଜନ୍ମେ ନାହିଁ, ଯେପରି ୟାସ୍‌ନାୟା ମଧ୍ୟରେ । ଦୁର୍ଭେଦ୍ୟ ଘଞ୍ଚ ବନାନୀ ମଧ୍ୟରେ ତପସ୍ୟାରତ ସନ୍ନ୍ୟାସୀ ଈଶ୍ୱରଙ୍କ ନିକଟରେ ଉପବିଷ୍ଟ ହେବା ପରି ଲାଗେ । ଅବଶ୍ୟ ତାଙ୍କର ଚରିତ୍ରମାନେ ଅଧା ଈଶ୍ୱର । ତାଙ୍କର ପୃଥିବୀ ହେଉଛି ଏଇଠି ଆତଯାତ କରୁଥିବା ମଣିଷ-ପୁରୁଷ ଓ ନାରୀ । ଜୀବନର ସମସ୍ତ ନୈତିକ, ସାମାଜିକ, ବ୍ୟକ୍ତିଗତ ଖଣ୍ଡ ବିଖଣ୍ଡିତ ଜୀବନର ସୁଗନ୍ଧରେ ଆମୋଦିତ ବା ବିଷାଦଗ୍ରସ୍ତ । କେତେ ସହଜରେ

Digitized by PPRACHIN, SOA

ସେ ବୁଝିଥିଲେ ମଣିଷକୁ ସତରେ । ଯୁବତୀ, ବିବାହିତା ନାରୀ, ପତିତା ନାରୀ, ଠାରୁ ଆରମ୍ଭ କରି ସାଧାରଣ ସାଦାସିଧା ସରଳା ନାରୀ ସମସ୍ତେ ତାଙ୍କ ନାରୀ ଚରିତ୍ର ମଧ୍ୟରେ ନିଜ ନିଜର ସ୍ଥାନ ଯେପରି ନିରୂପଣ କରି ନେଉଥିଲେ; ସେମିତି ପୁରୁଷ ମାନେ । କେତେ ଅନ୍ତରଙ୍ଗ ଅନୁଭୂତିରେ ବର୍ଣ୍ଣିତ ସେହି ଚରିତ୍ରମାନେ । ଏଇଥି ପାଇଁ କ'ଣ ବର୍ଣ୍ଣାଡ଼'ସ ଓ ଟଲଷ୍ଟୟଙ୍କ ମଧ୍ୟରେ 'ଈଶ୍ୱର'ଙ୍କୁ ନେଇ ଚିଠି ଆଦାନ ପ୍ରଦାନ ହୋଇଥିଲା ଏବଂ ଟଲଷ୍ଟୟ ଅଭିଯୋଗ କରିଥିଲେ ଯେ, ବର୍ଣ୍ଣାଡ଼'ସ ତାଙ୍କର "ମ୍ୟାନ ଓ ସୁପର ମ୍ୟାନ୍" ବହିରେ ଈଶ୍ୱରଙ୍କ ସମ୍ବନ୍ଧରେ ସେତେ ବେଶି ନିଷ୍ଠାପର ହୋଇ ନାହାନ୍ତି ବୋଲି ।

ଶାଳବୃକ୍ଷ ପରି ବିରାଟ ସେହି ବୃକ୍ଷ ତଳେ ବସି ରହି ମୁଁ ଭାବୁଥିଲି ଅନେକ କଥା ଟଲଷ୍ଟୟଙ୍କ ଜୀବନ ସଂପର୍କରେ, ତାଙ୍କର କୃତି ଗୁଡ଼ିକ ବିଷୟରେ । ଛାତ୍ର ଜୀବନରେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର ବହି ଗୁଡ଼ିକ ପଢ଼ିଥିବା ମନ, ତାଙ୍କ ଅଗଣାରେ ବୁଲିବା ବେଳେ, ସ୍ୱାଭାବିକ ଭାବେ ଚିନ୍ତାରେ ମଗ୍ନ ହୋଇ ଯାଇଥିଲା ।

ମସ୍କୋରୁ ଫେରିବା ପରେ ମୋତେ ଜଣେ ବନ୍ଧୁ ପ୍ରଶ୍ନ କଲେ, 'କିଏ ଏହି ଟଲଷ୍ଟୟ ?' ଏହି ପ୍ରଶ୍ନର ଉତ୍ତର ଦେବା ସେତେ ସହଜ ନ ଥିଲା ମୋ' ପାଇଁ । ମୋତେ ଲାଗୁଥିଲା, ଟଲଷ୍ଟୟ ଜଣେ ମଣିଷ ନ ଥିଲେ, ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ମଣିଷଙ୍କ ସମନ୍ୱିତ ରୂପ 'ଲିଓ ଟଲଷ୍ଟୟ' । ଶସ୍ୟ ସ୍ତୂପକୁ ଖେଳେଇ ପକାଇ ଶସ୍ୟ ଅମଳ କରିବା ସମୟରେ ହେଉ ବା ଯୁବରାଜ ଆଣ୍ଡ୍ରେଇ କ୍ଷତାକ୍ତ ହୋଇଥା'ନ୍ତୁ କିମ୍ବା ଆନା କାରେନିନାର ମୃତ୍ୟୁ ଘଟୁ, ସେ କିନ୍ତୁ ଅତ୍ୟନ୍ତ ସୁଦକ୍ଷ ଭାବରେ ସେହି ଚରିତ୍ର ମାନଙ୍କ ମନୋବୈଜ୍ଞାନିକ ବିଶ୍ଳେଷଣ କରିଛନ୍ତି ଏବଂ ଏହି ଚରିତ୍ରମାନେ ଅସାଧାରଣ ଭାବରେ ନୁହେଁ, ସାଧାରଣ ଭାବରେ ଆମ ଆଗରେ ପ୍ରତୀୟମାନ ହୁଅନ୍ତି । ଦିନେ ସେ ଏହି ଯାସ୍‌ନାୟା ପୋଲ୍ୟାନାକୁ ନିର୍ଜନତାର ନିର୍ବାସନ ପରି ଗଢ଼ି ତୋଳିବାକୁ ଚାହିଁଥିଲେ, କିନ୍ତୁ କାହିଁ ସେହି ନିର୍ଜନତା ତାଙ୍କ ପାଇଁ । ବରଂ ବେଶି ବେଶି ବଢ଼ି ଚାଲିଥିଲା ପ୍ରଶଂସକମାନଙ୍କର ଭିଡ଼ । ଯାହା ସେ ଚାହୁଁଥିଲେ, ତାହା ତାଙ୍କ ପାଇଁ ଓଲଟା ଘଟିବାକୁ ଲାଗିଥିଲା । ନିଜ ସହିତ ନିଜର ସଂଘର୍ଷରୁ ଅୟମାରମ୍ଭ ହୋଇଥିଲା ତାଙ୍କ ଜୀବନ । ଜଣେ ଋଷି ପରି ବଞ୍ଚିବାକୁ ଇଚ୍ଛା ଥାଇ ମଧ୍ୟ, ସେ ଶରୀର ସୁଖ ଭୋଗକୁ ତ୍ୟାଗ କରି ପାରି ନ ଥିଲେ । ଦାରିଦ୍ର୍ୟରେ ସଢ଼ିବାକୁ ମନ ଚାହୁଁଥିଲେ ବି ପରିବାରକୁ ଅଭାବ

Digitized by PPRACHIN, SOA

ଅନାଟନ ଭିତରେ ଛାଡ଼ିବାକୁ ସମର୍ଥ ହୋଇ ନ ଥିଲେ । ନିଜକୁ ଚର୍ଚ୍ଚ ଠାରୁ ସଂପୂର୍ଣ୍ଣ ଦୂରେଇ ନେଇ, ସେ ଧର୍ମ ଦ୍ୱାରା ବାନ୍ଧ ହେଲେ ସତ ତାଙ୍କର ପ୍ରଶଂସାର ଚଉହଦି ସମଗ୍ର ବିଶ୍ୱକୁ ବ୍ୟାପିଗଲା ।

ସେ ଚାହୁଁଥିଲେ ଜାର୍ ଶାସକ ତାଙ୍କୁ ନିନ୍ଦା କରନ୍ତୁ, ଦଣ୍ଡ ଦିଅନ୍ତୁ କିନ୍ତୁ ସେମାନେ ତାହା କଲେ ନାହିଁ । ଦସ୍ତୋଭସ୍କି ନିଜ ଅନୁଭୂତିରେ ଭୋଗି ଥିଲେ ଶାରୀରିକ ଯନ୍ତ୍ରଣା, ଜେଲ, ଜୋରିମାନାର ଦଣ୍ଡ । ଟଲଷ୍ଟୟ ଏହାକୁ ପାଇବାକୁ ବ୍ୟାକୁଳ ହେବା ସତ୍ତ୍ୱେ, ତାହା ତାଙ୍କୁ ମିଳି ନ ଥିଲା । ଜୀବନରେ ଯନ୍ତ୍ରଣା ଇଚ୍ଛା କରି ଯନ୍ତ୍ରଣା ନ ପାଇବା, ଦାରିଦ୍ର୍ୟ ଚାହିଁ ଦାରିଦ୍ର୍ୟ ଜୀବନ ନ ପାଇବାର ଅଭାବବୋଧ ତାଙ୍କୁ ଜର୍ଜରିତ କରିଥିଲା ଏବଂ ସେହି କାରଣରୁ ବୋଧହୁଏ ଟଲଷ୍ଟୟ ମହାନ୍ ହୋଇଗଲେ । ବୋଧହୁଏ ସେହି କାରଣରୁ ମାଟି ବେଦି ନିକଟରେ ଛିଡ଼ା ହୋଇଛି ଶାଳପାଂଶୁ । ଏବଂ ସୂଚାଇ ଦେଉଛି ଟଲଷ୍ଟୟଙ୍କ ପରି ମହାନ୍ କଥାକାର କେବଳ ନିର୍ବିକାର ଭାବରେ ଘନ ଅରଣ୍ୟାନୀ ମଧ୍ୟରେ ନିରବରେ ମାଟି ସହିତ ମାଟି ହୋଇ ଶୋଇ ପାରନ୍ତି । ଶ୍ରଦ୍ଧାଳୁ ପ୍ରଶଂସକମାନଙ୍କର ଗୋଲାପ ଫୁଲ ତାଙ୍କ ଉପରେ ଜମା ହୋଇପାରେ । ସେ କିନ୍ତୁ ଚୁପ୍‌ଚାପ୍ । ମନେହୁଏ ଟଲଷ୍ଟୟ ନିଜ ଝରକା ପାଖରେ ଛିଡ଼ା ହୋଇ ସମଗ୍ର ବିଶ୍ୱକୁ ଚାହିଁଛନ୍ତି । ତାଙ୍କରି ଝରକା ବିଶ୍ୱକୁ ଗବାକ୍ଷ ପାଲଟି ଯାଇଛି ।

ୟାସ୍‌ନାୟା ମାଟିରେ ସେହି ସମାଧି ସ୍ଥଳ ବୋଧହୁଏ ବିଶ୍ୱର ସବୁଠାରୁ ସୁନ୍ଦର ସମାଧିସ୍ଥଳ । ମୁଁ ମୋ' ନିଜ ଭିତରେ ସେହି ମାନବିକ ସଂବେଦନକୁ ସ୍ପଷ୍ଟ ଅନୁଭବ କରି ପାରୁଥିଲି, ନିରବରେ ଅରଣ୍ୟ ପବନର ସ୍ପର୍ଶ ଓ ନିରବତାର ସ୍ୱର ଭାସି ଆସୁଥିବା ପରି ଲାଗୁ ଥିଲା ସେହି ସମାଧିରୁ । ଜାର ଶାସନ ବିରୁଦ୍ଧରେ ତାଙ୍କ ପୁସ୍ତକ ନୂତନ ଉଦ୍ଦୀପନା ସୃଷ୍ଟି କରିଥିଲେ ହେଁ, ସେମାନେ ତାଙ୍କୁ ଜେଲ, ଜୋରିମାନା ଦଣ୍ଡରେ ଦଣ୍ଡିତ କରି ନ ଥିଲେ । ଦଣ୍ଡ ପାଇବା ପାଇଁ ତା'ଙ୍କର ଇଚ୍ଛା ଓ ଆଗ୍ରହରେ ଧକ୍କା ଲାଗିଥିଲା ।

କିନ୍ତୁ ଲେନିନ୍ କହିଥିଲେ, 'ଋଷ ବିପ୍ଳବର ଆଇନା ହେଉଛନ୍ତି ଟଲଷ୍ଟୟ' । ୟାସ୍‌ନାୟା ପୋଲ୍ୟାନାର ସେହି ଘରର ତଳମହଲାର ଏକ କ୍ଷୁଦ୍ର କୋଠରୀରେ ଯେପରି ଗର୍କି ଓ ଟଲଷ୍ଟୟ ବସି କଥା ହେଉଛନ୍ତି । ଅସରନ୍ତି ଗପପେଡ଼ି ମେଲି ଯାଇଛି । (ଗର୍କି ତା'ଙ୍କର ମୃତ୍ୟୁରେ ଅଧାପାଗଳ ପାଲଟି ଯାଇଥିଲେ । ନିଜକୁ କେବଳ ନିଃସହାୟ ଅନୁଭବ କରି ନ ଥିଲେ ବରଂ କହିଥିଲେ ସେ ଅନାଥ ହୋଇଗଲେ ।)

Digitized by PPRACHIN, SOA

ଗର୍କିଙ୍କର ମନେ ପଡ଼ୁଛି ସେ ଦିନର ସେହି ୟାସ୍‌ନାୟାରେ ଟଲଷ୍ଟୟଙ୍କୁ ଭେଟିବାର ଅନୁଭୂତି । 'ଗୁଡ଼ ମର୍ଣ୍ଣି' ହେ, ଆମର ପ୍ରିୟତମ ! ତୁମେ ଠିକ୍ ସେହିପରି ଦେଖା ଯାଉଛ । ପରିଶେଷରେ ମୋ' ଭୂଇଁରେ ସର୍ବଶ୍ରେଷ୍ଠ ସନ୍ତାନକୁ ଦେଖିବାର ମୋତେ ସୁଯୋଗ ମିଳିଲା । ମୁଁ ତୁମକୁ ସ୍ୱାଗତ କରୁଛି ଏବଂ ତୁମକୁ ନତଜାନୁ ହୋଇ ନମସ୍କାର କରୁଛି ।'

ସେହି ବଖରାର ଗୋଲ୍ ଟେବୁଲ୍ ଚାରିକଡ଼େ ଚାରିଗୋଟି ଚେୟାର ପଡ଼ିଛି । କେତେ ଚରିତ୍ରମାନଙ୍କ ସଂପର୍କରେ, ଲେଖକମାନଙ୍କ ବିଷୟରେ ଭାବନାର ସ୍ରୁଅ ଭାସି ଚାଲିଛି ।

'ୟାସ୍‌ନାୟାର ସେଓ ବଗିଚା ନିକଟରେ ଅନେକ ଚେୟାରରେ ବସିଛନ୍ତି ଚେକୋଭ, ସରଗଇ ଲଭୋଭିଚ୍, ଗର୍କି ଓ ଅନ୍ୟ କେତେଜଣ । ନାରୀମାନଙ୍କ ସଂପର୍କରେ ଆଲୋଚନା ଚାଲିଛି । ସେ ବହୁ ସମୟ ଧରି ନିରବରେ ଶୁଣି ସାରିବା ପରେ ହଠାତ୍ କହି ଉଠିଛନ୍ତି, 'ମୁଁ ମୋ' ନିଜ ତରଫରୁ ନାରୀମାନଙ୍କ ସଂପର୍କରେ ଆଦୌ କହିବି ନାହିଁ ଯେ ପର୍ଯ୍ୟନ୍ତ ମୋର ଗୋଟିଏ ପାଦ କବର ମଧ୍ୟରେ ସ୍ଥିର ହୋଇ ରହିନି । ମୁଁ ସେ ବିଷୟରେ କହିବି । କଫିନ୍ ମଧ୍ୟକୁ ପୂରାପୂରି ପଶିଯାଇ, ତାହାର ଢ଼ାଙ୍କୁଣି ମୁହଁକୁ ସଂପୂର୍ଣ୍ଣ ବନ୍ଦ କରିଦେବି । ସେମାନେ ଏବେ ଚେଷ୍ଟାକରି ମୋତେ ବାହାର କରନ୍ତୁ । ତାଙ୍କର ଆଖି ବଦମାସୀରେ ଭରା । ଆମେ ଚୁପ୍‌ଚାପ୍ ।' ଗର୍କି ଏହା କହିବା ପରେ ପୁଣି କିନ୍ତୁ କହୁଛନ୍ତି ।' 'ମୁଁ ତାଙ୍କର ନାରୀ ମାନଙ୍କ ବିଷୟରେ କହିବାକୁ ଭଲ ପାଏନି । କାରଣ ସେ ବିଷୟରେ ସେ ଅତି ସାଧାରଣ ଜଣାପଡ଼ନ୍ତି ଏବଂ ମୋତେ ଲାଗେ ତାଙ୍କ କଥାରେ ସତ୍ୟତା ନାହିଁ, ନିଷ୍ଠା ନାହିଁ । ତଥାପି ଅତି ଗଭୀର ଭାବରେ ବ୍ୟକ୍ତିଗତ ଜଣାପଡ଼େ । ଯେମିତି ଜଣାଯାଏ ତାଙ୍କୁ କେହି ଥରେ ହୁଏତ ଅପମାନ କରିଛି ଏବଂ ସେ ତାହାକୁ ଆଦୌ ଭୁଲି ପାରିବେ ନାହିଁ, ବା କ୍ଷମା ଦେଇ ପାରିବେ ନାହିଁ ।'

ଏହି ୟାସ୍‌ନାୟା ପୋଲ୍ୟାନା ଭିତରେ ମନେ ପଡ଼ୁଛି ଗର୍କିଙ୍କର କଥା । ସେ ଟଲଷ୍ଟୟଙ୍କ ସହିତ ଶୀତ ସନ୍ଧ୍ୟାରେ ଚାଲୁଛନ୍ତି ଏଇ ବନାନୀ ମଧ୍ୟରେ । ହଠାତ୍ ସେ ପ୍ରଶ୍ନ କରୁଛନ୍ତି ଗର୍କିଙ୍କୁ, 'ତୁମେ କାହିଁକି ଈଶ୍ୱରରେ ବିଶ୍ୱାସ କରୁନାହଁ ?'

'ଏହା ଠିକ୍ ନୁହେଁ । ତୁମର ପ୍ରକୃତି ଅନୁସାରେ ତୁମେ ବିଶ୍ୱାସୀ ଏବଂ ଈଶ୍ୱରଙ୍କୁ ଛାଡ଼ି ତୁମେ କିଛି କରି ପାରିବ ନାହିଁ । ତୁମେ ଖୁବ୍ ଶୀଘ୍ର ଏହା ଅନୁଭବ

Digitized by PPRACHIN, SOA

କରିବ । ତୁମେ ଅବିଶ୍ୱାସୀ । ତୁମର ଏକଜିଦିଆ ପଣ ଯୋଗୁଁ ଏବଂ ବିରୋଧ କରୁଥିବା କାରଣରୁ ହୋଇପାରେ । ଏହି ବିଶ୍ୱକୁ ତୁମେ ଯେପରି ଚାହଁ, ସେପରି ସୃଷ୍ଟି ହୋଇନି । ଲୋକମାନେ ବହୁ ସମୟରେ ନିଜର ସଂକୋଚ କାରଣରୁ ଏହାକୁ ବିଶ୍ୱାସ କରନ୍ତି ନାହିଁ । ଯୁବାବସ୍ଥାରେ ଏହା ବେଶି ଘଟେ । ସେମାନେ ନାରୀମାନଙ୍କର ଉପାସନା କରନ୍ତି କିନ୍ତୁ କାଳେ ଭୁଲ ବୁଝାମଣା ହେବ, ଏଇ ଭୟରେ ପ୍ରକାଶ କରନ୍ତି ନାହିଁ; କିମ୍ୱା ଆଦୌ ସାହସ କରି ପାରନ୍ତି ନାହିଁ । ପ୍ରେମ ପରି ବିଶ୍ୱାସ ସାହସ ଓ ନିର୍ଭୟତା ଦାବି କରେ । ଜଣେ ନିଜକୁ ନିଜେ ଏହା କହିବା ଉଚିତ, 'ମୁଁ ବିଶ୍ୱାସ କରେ ।' ଏବଂ ଅନ୍ୟ ସବୁ କଥା ଠିକ୍ ହୋଇଯିବ । ସବୁକଥା ତୁମେ ଯେପରି ଚାହିଁବ, ସେପରି ହୋଇଯିବ । ଏହା ତୁମ ନିକଟରେ ବ୍ୟାଖ୍ୟା କରି କହିପାରିବ ଏବଂ ତୁମକୁ ଆକର୍ଷଣ କରିବ ।'

'ତୁମେ ବହୁ କଥାକୁ ଭଲ ପାଅ ଏବଂ ଗଭୀର ପ୍ରେମରେ ତୁମର ବିଶ୍ୱାସ ରହିଛି । ଜଣକୁ ଆହୁରି ବେଶି ଭଲ ପାଇବାକୁ ହେବ, କାରଣ ଏହା ପ୍ରେମକୁ ବିଶ୍ୱାସରେ ପରିଣତ କରିବ । ଜଣେ ଯେତେବେଳେ କୌଣସି ଗୋଟିକୁ ଭଲ ପାଏ, ସେତେବେଳେ ସେହି ନାରୀଟି ବିଶ୍ୱର ସବୁଠାରୁ ଶ୍ରେଷ୍ଠତମ । ବିଶ୍ୱର ସବୁଠୁ ଶ୍ରେଷ୍ଠତମ ନାରୀକୁ ଜଣେ କେବଳ ଭଲ ପାଏ ଏବଂ ତାହାର ଅର୍ଥ ହେଉଛି ବିଶ୍ୱାସ । ଯେ ଅବିଶ୍ୱାସୀ ସେ ଭଲ ପାଇ ପାରିବ ନାହିଁ । ଆଜି ଜଣେ ସ୍ତ୍ରୀ ଲୋକଟିର ପ୍ରେମରେ ପଡ଼ିଲା, ଏବଂ ବର୍ଷକ ପରେ ପୁଣି ଆଉ ଜଣକ ପ୍ରେମରେ । ଏହି ଲୋକମାନଙ୍କର ଆତ୍ମା ବାରବୁଲା ଏବଂ ଟାଙ୍ଗରା । ଏହା ଠିକ୍ ନୁହେଁ । ତୁମେ କିନ୍ତୁ ଜନ୍ମରୁ ବିଶ୍ୱାସୀ ଏବଂ ତୁମେ ତାହାକୁ ଅତିକ୍ରମ କରିବାକୁ ଚେଷ୍ଟା କରିବା ଠିକ୍ ନୁହେଁ । ତୁମେ ସୌନ୍ଦର୍ଯ୍ୟ ସଂପର୍କରେ କହୁଛ । କିନ୍ତୁ ଏହି ସୌନ୍ଦର୍ଯ୍ୟ କ'ଣ ? ଈଶ୍ୱର ହିଁ ସର୍ବଶ୍ରେଷ୍ଠ ପୂର୍ଣ୍ଣତା ।'

କେବେ ଦିନେ ଏ କଥା ଟଲଷ୍ଟୟ ଗର୍କିଙ୍କୁ କହି ନ ଥିଲେ । କିନ୍ତୁ ହଠାତ୍ ସେଦିନ ଏପରି କହିବା ଦ୍ୱାରା ସେ ଆନନ୍ଦରେ ଫୁଲି ଉଠିଛନ୍ତି । ସେ ଚୁପ୍ ରହିଛନ୍ତି । ସୋଫା ଉପରେ ଗୋଡ଼ ଦୁଇଟିକୁ ଟେକି ଦେଇ ତା' ଉପରେ ବସିଛନ୍ତି । ତାଙ୍କର ଧବଳ ଦାଢ଼ୀରୁ ହସ ଝରି ପଡୁଛି । ଗର୍କିଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ କହୁଛନ୍ତି, "ନିରବ ରହି ମୋର ଏହି ପ୍ରଶ୍ନକୁ ଏଡ଼ାଇ ଦେଇ ପାରିବ ନାହିଁ । 'ନା', ଗର୍କି ତା'ର ଉତ୍ତରରେ କହିଛନ୍ତି 'ମୁଁ ଯେ ଆଦୌ ଈଶ୍ୱର ବିଶ୍ୱାସ କରେ ନାହିଁ କିନ୍ତୁ କୌଣସି କାରଣରୁ ଦେଖିଲି ମୁଁ ତାଙ୍କୁ ଚାହିଁ ରହିଛି ଏବଂ ଅତି ସଂକୁଚିତ ଭାବରେ ଭାବୁଛି, 'ଏହି ମଣିଷଟି ଈଶ୍ୱରଙ୍କ ପରି ।'

Digitized by PPRACHIN, SOA

ୟାସ୍‌ନାୟା ପୋଲ୍ୟାନା ମଧ୍ୟରେ ମୁଁ ଈଶ୍ୱରଙ୍କୁ ଅନୁଭବ କରୁଥିଲି ଏବଂ ନିଜ ଆତ୍ମାର ଆନନ୍ଦରେ ବିଭୋର ହୋଇ ସେହି ମାଟିକୁ ବାରମ୍ବାର ମୁଣ୍ଡରେ ଛୁଇଁ ଦେଉଥିଲି । ସେଦିନ ଥିଲା ୧୯୯୭ ସେପ୍ଟେମ୍ବର ୧୪ ତାରିଖ । ମୋ' ଜୀବନର ସବୁଠାରୁ ପୁଣ୍ୟତମ ଓ ଶ୍ରେଷ୍ଠତମ ଦିନ ।

❏❏❏

Digitized by PPRACHIN, SOA

ଟଲଷ୍ଟୟଙ୍କ ଘରେ ଏବେ ବି ଘଣ୍ଟା ବାଜେ

ଶ୍ୱେତ ତୋରଣ ଦେଇ ରାସ୍ତାର ସିଧା ଉପରକୁ ଚାଲିଗଲେ ପଡ଼େ ଟଲଷ୍ଟୟଙ୍କ ରହିବା ଗୃହ । ଅବଶ୍ୟ ବର୍ତ୍ତମାନ ମ୍ୟୁଜିୟମ୍ । ଆମେ ଦୁଆର ମୁହଁରେ ପହଞ୍ଚିବା ମାତ୍ରେ ନିଜ ପିନ୍ଧିଥିବା ଯୋତାକୁ ଓହ୍ଲାଇ ସେମାନେ ଦେଉଥିବା ଚପଲ ପିନ୍ଧିବାକୁ ହେଲା । ତାହା ମଧ ହେବାକୁ ବାଧ । ନଚେତ୍ ସେ ଘରେ ରହିବା କଷ୍ଟ । ଦିନକୁ ଅନ୍ୟୂନ ପକ୍ଷେ ଏକ ହଜାର ଦର୍ଶକ । ପ୍ରାୟ ତିନିଲକ୍ଷ ଲୋକ ବିଭିନ୍ନ ଦେଶରୁ ୟାସ୍‌ନାୟା ପୋଲ୍ୟାନ୍ୟକୁ ହିଁ ଦେଖିବାକୁ ଆସନ୍ତି ।

ଆମକୁ ଗାଇଡ୍ ବାଟ କଢ଼ାଇନେଲେ । ଘର ଯେମିତି ସେହି ମହାପୁରୁଷ ଟଲଷ୍ଟୟଙ୍କ ସମୟରେ ଥିଲା, ସେଇମିତି ଥୁଆ ହୋଇଛି । ଘର ଭିତରେ ଗୃହୋପକରଣ, କାନ୍ଥରେ ବିଭିନ୍ନ ଛବି, ଟଲଷ୍ଟୟଙ୍କର ବ୍ୟକ୍ତିଗତ ଜିନିଷ ଏବଂ ତାଙ୍କୁ ପଠାଇଥିବା ଅଛ କିଛି ଚିଠି ଟେବୁଲ ତଳେ ଥୁଆହୋଇ ଦର୍ଶକମାନଙ୍କର ମନକୁ ଆକର୍ଷିତ କରୁଛି ।

ଘର ଭିତରେ ବୁଲି ଆସିବା ପରେ ଲାଗେ ଯେପରି ଗୃହକର୍ତ୍ତା ଏଇଠି କେଉଁଠିକୁ ବୁଲିବାକୁ ଯାଇଛନ୍ତି । ହୁଏତ ଘରୁ ବାହାରିବା ବେଳକୁ ତାଙ୍କ ସହିତ ସାକ୍ଷାତ ହୋଇଯାଇପାରେ ଏବଂ ସେ ଆମ ଉପରେ ନଜର ପକାଇ ମନେ ମନେ ଭାବି ପାରନ୍ତି ଆମେ କିଏ ସେ ? ଆମେ ତା'ଙ୍କ ପାଇଁ ଅନିମନ୍ତ୍ରିତ ଅତିଥି ନିଶ୍ଚେ ।

ଆମେ ଏହାକୁ ମ୍ୟୁଜିୟମ ଭାବି ଆସିନ୍ଥୁ କିନ୍ତୁ ବାସ୍ତବ ପକ୍ଷେ ଏହା ତାଙ୍କର ରହିବାର ଘର ଏବଂ ସେ ଏ ଘରର ମାଲିକ ।

ସେ ଘର, ସେ ବଗିଚା ସବୁ ଯେମିତି ନିଜର ଓ ଆପଣାର ଲାଗୁଛି । ଘରଠାରୁ ଟିକିଏ ଦୂରରେ ଗୋଟିଏ ଗଛର ଗଣ୍ଡି ରହିଛି । ସେଠାରେ ପ୍ରଥମେ ଗଛ ଥିଲା । ସେଠିକୁ ଟଲଷ୍ଟୟ ଚାଲି କରି ଆସନ୍ତି । ସେହି ଗଛର ନାମ ଦିଆଯାଇଥିଲା

Digitized by PPRACHIN, SOA

'ପ୍ରୁଅରମ୍ୟାନ୍‌ସ ଟ୍ରି' । ଏହି ଗଛ ଛାଇରେ ଗରିବଲୋକମାନେ ଏକାଠି ହୋଇ ସେମାନଙ୍କ ହାରିଗୁହାରୀ ଜଣାଉଥିଲେ । ଏଇ କୋଣଠାରୁ ବଗିଚାରେ ଅନେକ ଗଛ ଲଗାଇଥିଲେ କାଉଣ୍ଟ ନିଜ ହାତରେ ଏବଂ କଦଳୀ ଥିବା ଏହି କୋଣର ନାମ ଦେଇଛନ୍ତି ୟସ୍‌ନାୟା ପୋଲ୍ୟାନା ଅର୍ଥାତ୍ ବଣ ମଧ୍ୟରେ ଥିବା ପରିଷ୍କୃତ ଖୋଲାସ୍ଥାନ ।

ଟଲଷ୍ଟୟ ଏହି ୟାସ୍‌ନାୟା ପୋଲ୍ୟାନାରେ ଦୀର୍ଘ ପଚାଶ ବର୍ଷ ରହିଥିଲେ । ତାଙ୍କର "ଯୁଦ୍ଧ ଓ ଶାନ୍ତି", "ଆନ୍ନା କାରେନିନା", "ଶୈଶବ", "କୈଶୋର" ଓ "ଯୌବନ" ଇତ୍ୟାଦି ପାଠକଲେ, ତାହାର ଛତ୍ରେଛତ୍ରେ ୟାସ୍‌ନାୟା ପୋଲ୍ୟାନାର ଚିତ୍ର ଆମ ଆଗରେ ପରିଷ୍କାର ହୋଇଯାଏ । ଜୀବନର ବହୁ ବିବିଧତାର ପରିପ୍ରକାଶ କରିବାର ରୂପ ନେଇଥିଲା ଏହି ୟାସ୍‌ନାୟା ପୋଲ୍ୟାନା ।

ସେ କେବଳ ଏଇଠି ଜନ୍ମ ନେଇ ନ ଥିଲେ, ରହୁ ନ ଥିଲେ ବା କାର୍ଯ୍ୟ କରୁ ନ ଥିଲେ । ଏହା ଥିଲା ତାଙ୍କ ସୃଷ୍ଟିର ଏକାନ୍ତ ନିବାସ ସ୍ଥାନ ଏବଂ ଅତି ପ୍ରିୟ ସ୍ଥାନ ମଧ୍ୟ । ନାଜି ଜର୍ମାନୀର ଆକ୍ରମଣରେ ଟଲଷ୍ଟୟଙ୍କର ଏହି ଘରକୁ ସୈନ୍ୟ ଛାଉଣୀରେ ପରିଣତ କରି ଦିଆ ଯାଇଥିଲା । ଏପରିକି ତାଙ୍କର ସମାଧି ସ୍ଥାନ ଯାହାକୁ "ଜାକାଜ" ବୋଲି କୁହାଯାଏ, ତାକୁ ମଧ୍ୟ ବାଦ ଦିଆ ନ ଯାଇ, ତାଙ୍କ ସମାଧି ଚାରିପାଖରେ ଅନେକ ମୃତ ଶରୀରକୁ ସେମାନେ ପୋତିଥିଲେ ।

ଋଷ ସୈନ୍ୟମାନେ "ଟୁଲା" ନିକଟରେ ଯୁଦ୍ଧରତ ଥାଇ, ଶତ୍ରୁ ପକ୍ଷର ସୈନ୍ୟଙ୍କୁ ଏ ବାଟରେ ଗୋଡ଼ାଇବା ବେଳେ ସେମାନେ ଏହାର ଦୁରାବସ୍ଥାକୁ ଦେଖିଥିଲେ ଏବଂ ୟାସ୍‌ନାୟା ପୋଲ୍ୟାନା ଓ ଟଲଷ୍ଟୟଙ୍କ ପାଇଁ ପ୍ରତିଶୋଧ ନେବାକୁ ଆଗେଇ ଆସିଥିଲେ ।

ୟାସ୍‌ନାୟାରେ ଥିଲା ପ୍ରିୟ ଟଲଷ୍ଟୟଙ୍କ ଦ୍ୱାରା ସଯତ୍ନ ସୁରକ୍ଷିତ ୨୨୦୦୦ ପୁସ୍ତକ । ସେଥି ସହିତ ତାଙ୍କର ଭିନ୍ନ ଭିନ୍ନ ସମୟର ହାତଲେଖା, ଯାହାକୁ ଆଧାର କରି ସେ ତାଙ୍କର ଉପନ୍ୟାସମାନ ରଚନା କରିଥିଲେ । ସ୍ରଷ୍ଟାର ପରୀକ୍ଷାଗାର କହିଲେ ଭୁଲ ହେବନି ।

୧୮୧୨ ମସିହାରେ ଯୁଦ୍ଧ ସଂପର୍କରେ ଲେଖିବା ପାଇଁ, ତାଙ୍କର ତଥ୍ୟ ସଂଗ୍ରହ ଓ ଐତିହାସିକ ଦଲିଲମାନଙ୍କର ମୂଳଉତ୍ସକୁ ସାଇତା ହୋଇ ରଖା ଯାଇଥିଲା । ୟାସ୍‌ନାୟା ପୋଲ୍ୟାନାରେ ଥିବା ବହୁ କିଛି ନିତ୍ୟ ବ୍ୟବହୃତ ପଦାର୍ଥର ବର୍ଣ୍ଣନା ଟଲଷ୍ଟୟ ତା'ଙ୍କ କୃତି ଗୁଡ଼ିକରେ ଲିପିବଦ୍ଧ କରିବାକୁ ଭୁଲି ନାହାନ୍ତି ।

Digitized by PPRACHIN, SOA

ଆମେ ଦେଖୁଥିଲୁ ଏକ ବିରାଟ ସୋଫା । ଏହା ଉପରେ ସେ ଜନ୍ମ ହୋଇଥିଲେ । ଏପରି ଆନ୍ନାକାରେନିନାରେ କୋନଷ୍ଟାନଟିନ୍ ଲେଭିନ୍ ଏବଂ ଅନ୍ୟ ଲେଭିନ୍ ମାନେ ଗୋଟିଏ ବଡ଼ କଳା ଚମଡ଼ା ଦ୍ୱାରା ସୁରକ୍ଷିତ ଶୋଫାରେ ଜନ୍ମ ହୋଇଥିବାର ବର୍ଣ୍ଣନା ରହିଛି । ଆନ୍ନାକାରେନିନା ଆତ୍ମଜୀବନୀ ମୂଳକ ଉପନ୍ୟାସ ।

ଟଲଷ୍ଟୟ, ତାଙ୍କର କେତେକ ପୁତ୍ର କନ୍ୟା ଓ ନାତି ନାତୁଣୀ ସେହି ସୋଫା ଉପରେ ଜନ୍ମ ହୋଇଥିବାର, ଆମକୁ ସେହି ଗାଇଡ୍ ଅତ୍ୟନ୍ତ ହର୍ଷୋତ୍‌ଫୁଲ୍ଲ ହୋଇ କହିଲେ ।

ମୋତେ ସବୁଠାରୁ ଆଶ୍ଚର୍ଯ୍ୟ ଲାଗିଥିଲା ତାଙ୍କର ଚିଠି ଗୁଡ଼ିକ ଦେଖି । ତାଙ୍କ ନିଜ ଚିଠି ଏକତ୍ରିଂଶଟି ସଂକଳନରେ ଏକତ୍ର କରାଯାଇଥିବା ବେଳେ, ତାଙ୍କୁ ଲେଖିଥିବା ପ୍ରାୟ ପଞ୍ଚାବନ ହଜାର ଚିଠି, ସେଇଠି ସାଇତା ହୋଇ ରଖା ଯାଇଛି । ବିଶ୍ୱର ସବୁ ଆଡୁ ତାଙ୍କ ପାଖକୁ ଚିଠି ଆସୁଥିଲା ।

ଟଲଷ୍ଟୟଙ୍କ ଅଶିତମ ଜନ୍ମ ଦିନରେ ତାଙ୍କୁ ଥୋମାସ୍ ଏଡ଼ିସନ୍ ଉପହାର ଦେଇଥିବା ଫୋନୋଗ୍ରାଫ୍ ଥୁଆ ହୋଇଥିଲା ଗୋଟିଏ ସିନ୍ଦୁକ ଭିତରେ । ସେହି ଫୋନୋଗ୍ରାଫରେ ବନ୍ଦଥିଲା ଟଲଷ୍ଟୟଙ୍କର ସ୍ୱର ମଧ୍ୟ ।

ତାଙ୍କ ପାଖ ଘରୁ ଶୁଣା ଯାଉଥିଲା କାନ୍ଥ ଘଣ୍ଟାର ଏକ, ଦୁଇ, ତିନି ଶବ୍ଦ । ତିନିଟା ଦିନର ସମୟକୁ ସୂଚୀତ କରୁଥିଲା । ଏହି କାନ୍ଥ ଘଣ୍ଟା ଥିଲା ଅତି ପୁରାତନ । ୨୬୦ ବର୍ଷର ପୁରୁଣା ।

'ଟଲଷ୍ଟୟଙ୍କ ଘର ଭିତରର ସବୁ କିଛି ଲାଗୁଥିଲା ଯେପରି ଗୃହକର୍ତ୍ତା ବିଦ୍ୟମାନ ରହି ସବୁ କିଛିକୁ ବ୍ୟବହାର କରୁଛନ୍ତି ଅତ୍ୟନ୍ତ ରୁଚି ସମ୍ପନ୍ନ ଭାବରେ । ସେହି ଦୁଇଶହ ଷାଠିଏ ବର୍ଷର ପୁରୁଣା ଘଣ୍ଟା ଅତୀତ ସହିତ ବର୍ତ୍ତମାନକୁ ଯୋଡି ଦେଉଥିଲା ।

ୟାସ୍‌ନାୟା ପୋଲ୍ୟାନା ସଂଗ୍ରହାଳୟ ବ୍ୟତୀତ ଟଲଷ୍ଟୟଙ୍କ ପାଇ ସମୁଦାୟ ପାଞ୍ଚଗୋଟି ମ୍ୟୁଜିୟମ୍ ମସ୍କୋରେ ରହିଛି । ସବୁ ମ୍ୟୁଜିୟମ୍ ଗୁଡ଼ିକ ଦେଖିବାର ଯଦିଓ ସୌଭାଗ୍ୟ ହେଲା ନାହିଁ, ତଥାପି ମସ୍କୋର କ୍ରୋପଟକିନ ଷ୍ଟ୍ରୀଟ୍‌ରେ ଥିବା ସଂଗ୍ରହାଳୟ ଓ ୟାସ୍‌ନାୟା ପୋଲ୍ୟାନା, ତା'ଙ୍କ ସହିତ ଥିବା ଚେତନଶୀଳ ସଂପର୍କକୁ ଆବେଗିକ ବନ୍ଧନରେ ବାନ୍ଧିଦେଲା ।

ଟଲଷ୍ଟୟ ଥିଲେ ଅଦ୍ଭୁତ ମଣିଷ । ନିଜର ଫଟୋ ପ୍ରତି ମଧ୍ୟ ବିତସ୍ପୃହ । ତାଙ୍କର ପ୍ରଥମ ଫଟୋ ୧୯୦୫ ମସିହାରେ ତାଙ୍କର ବନ୍ଧୁ ଚେର୍ଟକୋଭ୍ ୟାସ୍‌ନାୟା

Digitized by PPRACHIN, SOA

ପୋଲ୍ୟାନାରେ ନେଇଥିଲେ । ଏବଂ ଫଟୋ ନେବାବେଳେ ଟଲଷ୍ଟୟ ଜାଣି ନ ଥିଲେ ।

ଟଲଷ୍ଟୟଙ୍କର ଫଟୋ ଗୁଡ଼ିକୁ ତିନିଗୋଟି ପର୍ଯ୍ୟାୟରେ ସଜିତ କରାଯାଇପାରେ । ଟଲଷ୍ଟୟଙ୍କର ଅତି ନିକଟତମ ଫଟୋ, ଚାଷୀମାନଙ୍କ ସହିତ ଟଲଷ୍ଟୟ ଏବଂ ଟଲଷ୍ଟୟ ପ୍ରକୃତି । ୧୯୦୮ରୁ ୧୯୦୯ ମଧ୍ୟରେ ୟସ୍‌ନାୟା ପୋଲ୍ୟାନା ପରିସର ମଧ୍ୟରେ ଚେର୍ଟକୋଭ ବହୁ ଫଟୋ ଟଲଷ୍ଟୟଙ୍କର ନେବାକୁ ସମର୍ଥ ହୋଇଥିଲେ ।

ଟଲଷ୍ଟୟଙ୍କ ପାଖକୁ କେବଳ ଋଷିଆ ବା ୟୁରୋପରୁ ଚିଠି ଆସୁ ନ ଥିଲା, ଏସିଆ, ଆଫ୍ରିକା ଓ ଆମେରିକାରୁ ଗଦାଗଦାଚିଠି ପ୍ରତିଦିନ ୟାସ୍‌ନାୟା ପୋଲ୍ୟାନାରେ ଆସି ପହଞ୍ଚୁଥିଲା । ସେ ନିଜେ ଲେଖିଥିଲେ, "ଯଦିଓ ମୁଁ ଗୋଟିଏ ଗାଁରେ ବାସକରେ, କିନ୍ତୁ ମୁଁ ପୃଥିବୀର ଚାରିଆଡୁ ଚିଠି ପାଉଛି ଏବଂ ଏହା ମୋ' ପାଇଁ ଅତି ଆନନ୍ଦର କଥା । ଟଲଷ୍ଟୟଙ୍କର ବିଶ୍ୱମାନବ ମାନଙ୍କ ସହିତ ଗଢ଼ି ଉଠିଥିଲା, "ଭ୍ରାତୃତ୍ୱପୂର୍ଣ୍ଣ ସଂପର୍କ", ସେଥିପାଇଁ ବିଶିଷ୍ଟ ଲେଖକ, ସମାଜ ସେବୀ ଓ ବୈଜ୍ଞାନିକମାନଙ୍କ ଠାରୁ ପତ୍ର ଆସିବାବେଳେ ସାଧାରଣ ଲୋକେ ଚିଠି ଲେଖି ସେମାନଙ୍କର ସମସ୍ୟା ପାଇ ତା'ଙ୍କୁ ଅନୁରୋଧ କରୁଥିଲେ ଏବଂ ଚିଠିମାନଙ୍କ ସଂପର୍କରେ ତାଙ୍କର ବିଚାର ଥିଲା ଅଦ୍ଭୁତ ଓ ଆଶ୍ଚର୍ଯ୍ୟ ଜନକ । ସେ ଚିଠି ଦେଖିବା ମାତ୍ରେ ଏହା ମଜାଦାର ଚିଠି ବା ନୁହେଁ ତାହା ଅନୁମାନ କରି ପାରୁଥିଲେ । ଯଦି ଲଫାପା ଉପରେ ସୁନ୍ଦର ହସ୍ତାକ୍ଷରରେ ବଡ଼ ବଡ଼ ଅକ୍ଷରରେ ବିଶେଷଣ ଯୁକ୍ତ ହୋଇ ନାଁଟି ଲେଖା ହୋଇଥାଏ, ତେବେ ସେ ନିଶ୍ଚିତ ହୋଇଯା'ନ୍ତି ଯେ ଏହି ଚିଠିଟି ବିରକ୍ତିକର, କିନ୍ତୁ ଯେଉଁ ଚିଠିରେ ଠିକଣା ଅସ୍ପଷ୍ଟ ଓ ଥରିଲା ହାତର ଅକ୍ଷର ଥାଏ, ତାହାକୁ ସେ ଅତି ଆଦରରେ ପଢ଼ନ୍ତି ଏବଂ ସାଙ୍ଗେ ସାଙ୍ଗେ ଉତ୍ତର ମଧ୍ୟ ଦେଉଥା'ନ୍ତି ଏବଂ ପ୍ରାୟ ପ୍ରତ୍ୟେକ ଚିଠିରେ ସେ ଗୋଟିଏ ଧାଡି ଲେଖିବାକୁ ଭୁଲନ୍ତି ନାହିଁ । "ଆପଣଙ୍କ ସହିତ ପତ୍ରାଳାପ କରିବାର ସୁଯୋଗ ପାଇଥିବାରୁ ମୁଁ ଆନନ୍ଦିତ ।"

ଏହି ଗୋଟିଏ ବାକ୍ୟ ଭ୍ରାତୃତ୍ୱର ବନ୍ଧନକୁ କେତେ ଦୃଢ଼ କରିପାରେ, ତାହା ସେ ପାଇଥିବା ପଞ୍ଚାବନ ହଜାର ଚିଠିରୁ ପ୍ରମାଣିତ ହୁଏ ଏବଂ ଏହି ଚିଠି ଗୁଡ଼ିକରେ ଥାଏ ସମସାମୟିକ ସମସ୍ୟାମାନଙ୍କ ସଂପର୍କରେ ଆଲୋଚନା । ତାଙ୍କ ମତରେ, "ପ୍ରତ୍ୟେକ ସୃଷ୍ଟିଶୀଳ କାର୍ଯ୍ୟ ହେଉଛି ସ୍ରଷ୍ଟାର ଅଜଣା ବନ୍ଧୁ ନିକଟକୁ ପତ୍ର ।"

Digitized by PPRACHIN, SOA

ଟଲଷ୍ଟୟ କେବଳ ଚିଠିରେ ଉତ୍ତର ଦେଉ ନ ଥିଲେ, ତାଙ୍କର ଭାତୃତ୍ୱର ହସ୍ତ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସୁଥିଲା । ତାଙ୍କ ଚିଠି ପତ୍ରର ଆଦାନ ପ୍ରଦାନରେ ସାଧାରଣ ମଣିଷ, ଘଟଣା ଓ ସମସ୍ୟା ପ୍ରମୁଖ ସ୍ଥାନ ନେଇଥିଲା, ଯାହାକୁ ରୋମାଁରୋଲାଁ କହିଛନ୍ତି, "ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥିବା ଏକ ଆଧ୍ୟାତ୍ମିକ ମାର୍ଗ ।"

ଟଲଷ୍ଟୟଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା ତାଙ୍କର ଗଳ୍ପ, "ଜଣେ ମଣିଷ ପାଇଁ କେତେ ଜମି ଦରକାର" ମାଧ୍ୟମରେ ସେତେବେଳେ ମୁଁ ଥିଲି କଲେଜରେ ପଢୁଥିବା ଛାତ୍ର । ସେହି ଗଳ୍ପ ମୋତେ ତାଙ୍କର ବିଭିନ୍ନ ଉପନ୍ୟାସ ପଢ଼ିବାକୁ ଆକର୍ଷିତ କରିଥିଲା । ସେଇ ଦିନରୁ ମୋ' କଳ୍ପନାରେ, ମୋ' ଚିନ୍ତା ଚେତାନରେ, ସେ ନିଜର ଏକାନ୍ତ ଆତ୍ମୀୟ ପାଲଟି ଯାଇଥିଲେ ।

ୟାସ୍‌ନାୟା ପୋଲ୍ୟାନରେ ସେପ୍ଟେମ୍ବର ୧୪ ତାରିଖ ୧୯୯୭ । ମୋର ବିତାଇଥିବା ମୁହୂର୍ତ୍ତମାନ ମନେ ପଡ଼େ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ପରି । ମୋତେ ଲାଗେ ଟଲଷ୍ଟୟଙ୍କ ଘରେ ସେହି ଘଣ୍ଟାର ଶବ୍ଦ କୋଟି କୋଟି ହୃଦୟକୁ ସ୍ପନ୍ଦିତ କରୁଛି ।

□□□

Digitized by PPRACHIN, SOA

ଶୂନ୍ୟ ଆସନ

ବାଉଁଶରେ ତିଆରି ହୋଇଥିବା ଚେୟାରଟିରେ ସେ ବସିଥିଲେ । ସେ ନିଜେ ତିଆରି କରିଥିଲେ ସେହି ଆସନଟିକୁ । ଘଞ୍ଚ ଜଂଗଲ ଭିତରକୁ ଯାଇ, ସେଠାରେ ବସି ଧ୍ୟାନସ୍ଥ ହେବା ଓ ନିଜ କଳ୍ପନାରେ ରଂଗ ଦେବାର ଅନେକ ପରିକଳ୍ପନାକୁ ସାକାର କରିଛନ୍ତି ସେ ।

ତାଙ୍କ କଳ୍ପନାରେ ତିଆରି ଚରିତ୍ରମାନେ ସମୟକ୍ରମେ ନିତି ଆତଯାତ ହୋଇଛନ୍ତି ସମାଜରେ । ଜାର ଶୋଷିତ ସମାଜ । ସେଠି ମଣିଷ ଗୁଡାକ କୀଟ ପାଲଟି ଯାଇଛନ୍ତି । କୀଟ ଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ କେବଳ ମାଳମାଳ କୀଟର ଲମ୍ୱାଲମ୍ୱା ଧାଡ଼ି । ଟପିଯାଇଛନ୍ତି ନିଘନ ବାର୍ଦ୍ଧଗଛ ଗୁଡାକୁ ।

ସେ ସେହି ଆସନରେ ବସି ଦେଶ ବିଦେଶକୁ ନିଜ ଆଡ଼କୁ ଟାଣିଛନ୍ତି । ଏକ ମହାନ୍ ଲୋକର ବିଚାର ଯେମିତି ଗାଁ ସହର ନଇନାଳ କାହିଁ କେତେ ଦୂର ବ୍ୟାପି ଯାଇଛି ଓ ସମସ୍ତଙ୍କୁ ଆକର୍ଷିତ କରିଛି ।

ସେ ନିଜେ ମହାନ୍ ହୋଇ ଯାଇଛନ୍ତି । ସେହି ଆସନଟି ମଧ୍ୟ ମହାନ୍ ପାଲଟି ଯାଇଛି । ସେ ନିଜେ ହୋଇଛନ୍ତି ମହାନ୍ ଶିକ୍ଷା । ସେ ଆମକୁ ସୁନ୍ଦରତା କିପରି ସୃଷ୍ଟି ହୋଇଛି, କ୍ରମଶଃ ପ୍ରତିଷ୍ଠା ପାଇଛି ଏବଂ ପୂର୍ଣ୍ଣତାରେ ପହଞ୍ଚିଛି ସେ କଥା କହିବା ବେଳେ ଏହି ସୁନ୍ଦରତା ସମୁଦ୍ରର ଗଭୀରତାଠାରୁ କେତେ ଗଭୀର ତାହା ମଧ୍ୟ ଜଣାଇ ଦେଇଛନ୍ତି ।

ଏହି ଆସନଟି ତାଙ୍କ ନିଷ୍ଠାପର, କର୍ମମୟ, ଦୃଢପ୍ରତ୍ୟୟ, ଶାନ୍ତ ଓ ବୀରତ୍ୱ ଜୀବନର ପ୍ରତିନିଧି । ସତ୍ୟନିଷ୍ଠ ହେବା ସହିତ ଦୃଢତା ରହିବାର ସାମର୍ଥ୍ୟର ପ୍ରତ୍ୟୟ ସୃଷ୍ଟି କରିଛନ୍ତି ।

ଶକ୍ତି ଓ ସାମର୍ଥ୍ୟର କଥା କହିଛନ୍ତି ସେ । ତୁମେ ଶକ୍ତିଶାଳୀ ହେଲେ ହେଁ ନିଷ୍ଠୁର ହୋଇ ପାରିବ ନାହିଁ । ଶକ୍ତିଶାଳୀ ମଣିଷ ହିଁ ନ୍ୟାୟ ପରାୟଣ ପାଲଟି ଯାଇ ପାରିବ । ଦୟାଳୁ ହୋଇ ପାରିବ, ଭଦ୍ର ଓ ନମ୍ର ହୋଇ ପାରିବ । ତୁମ ମୁହଁରେ ହସ ଫୁଟି ଉଠିବ, ତୁମେ ଯଦି ସବଳ ଥିବ ।

Digitized by PPRACHIN, SOA

ସେହି ଆସନଟିରେ ବସି ବସି ଏଇ କଥା କେତେ ଦୃଢ଼ଭାବରେ, କେତେ ଆତ୍ମ ପ୍ରତ୍ୟୟର ସହିତ ସେ କହି ନାହାଁନ୍ତି ସତେ ! କେମିତି କହି ପାରିଲେ ଏତେ ଆତ୍ମ ପ୍ରତ୍ୟୟର, ଏତେ ନିର୍ଭୟତାର ମରମବାଣୀ । ସେ କ'ଣ ଦିବ୍ୟଦୃଷ୍ଟିରେ ଦେଖୁଥିଲେ କି ଏଇଠି ବସିବସି, ଯେତେବେଳେ ସୂର୍ଯ୍ୟକିରଣ ଗହଳିଆ ପତ୍ର ଭେଦକରି ସରୁଧାରଟିଏ ବାର୍ଚ୍ଚଗଛର ଗଣ୍ଡିକୁ ଛୁଇଁ ଦେଉଥିଲା ।

ଜହ୍ନ ଆଲୁଅର ତୋଫା କିରଣ ତାଙ୍କ ପାଖରେ ପହଞ୍ଚୁ ନଥିଲା । କାରଣ ରାତିର ସେଇ ପହରରେ ସେ ଏଇ ବେଞ୍ଚରେ ବସିବାକୁ ହୁଏତ ପସନ୍ଦ କରୁନଥିବେ ।

ସେ ଥିଲେ ସତ୍ୟର, ପ୍ରେମର, ଶକ୍ତି ଓ ସାମର୍ଥର ପୂଜାରୀ ତାଙ୍କର କୋଟରଗତ ଚକ୍ଷୁଦ୍ୱୟରୁ ନିର୍ବାପିତ ହେଉଥିବା ଆଲୋକରଶ୍ମି ଯେତିକି ଥିଲା ତେଜିୟାନ, ସେତିକି ଥିଲା ନିର୍ମଳ ଶୀତଳତା ।

ସେ ଥିଲେ ନିଜ ହୃଦୟର ରାଜ ରାଜେଶ୍ୱର । ନିଜ ହୃଦୟ କେବଳ କହିଲେ ଠିକ୍ ହେବନି, ସବୁ ହୃଦୟର ମଣି । ମଣି ମାଣିକ୍ୟ ସେ ।

ସେ ସବୁ ହୃଦୟର ମଣି ସତ କିନ୍ତୁ ଆମକୁ ସଂଭ୍ରମ ହେବାକୁ, ସହନଶୀଳ ହେବାକୁ, ତ୍ୟାଗୀ ହେବାକୁ କହିବା ସହିତ ଆମ ହୃଦୟର ଉନ୍ମାଦନାକୁ ବଢାଇ ଦେଇଛନ୍ତି । ଆମକୁ ବିଶ୍ୱାସ କରିବାକୁ, ଯନ୍ତ୍ରଣା ଭୋଗ କରିବାକୁ, ଧୈର୍ଯ୍ୟଶୀଳ ହୋଇ ନିଜ ସଂପର୍କରେ ଭାବିବାକୁ, ସନ୍ଦେହ କରିବାକୁ ବାଧ କରିବା ଦ୍ୱାରା ଆମର ସାମର୍ଥ୍ୟ ବୃଦ୍ଧି ପାଇଛି ।

ସେ କିନ୍ତୁ ସେହି ଶୂନ୍ୟ ଆସନରେ ବସି କେତେ ଜଣା ଅଜଣା କଥା ପବନ ଜରିଆରେ ଆମ ପାଖକୁ ପଠେଇଛନ୍ତି ।

ଆମ ନିକଟରେ ସେ ଆମର ଆଚାର୍ଯ୍ୟ । ସେ ଆମ ଆଗରେ ବିଭିନ୍ନ କଳ୍ପନା ମାନ ନିର୍ମାଣ କରିଯାଇଛନ୍ତି । ଯେଉଁ କଳ୍ପନା ଗୁଡିକର ଅନ୍ତର ଓ ବାହାର ପ୍ରକାଶ ଉପରେ ପ୍ରଭାବ ପକାଉଛି ଓ ଆମକୁ କହିଦେଇ ପାରୁଛି ଚରିତ୍ରର ମହତ୍ତ୍ୱ ।

ସେହି ଶୂନ୍ୟ ଚେୟାରରେ ଉନବିଂଶ ଶତାବ୍ଦୀର ପ୍ରକାଣ୍ଡ ମଣିଷଟିଏ ବସିଛି ଯାହାର କାନ୍ଧ ଯେତେ ଭାରାକ୍ରାନ୍ତ ହେଲେ ମଧ ଦବି ଯାଇ ନାହିଁ ।

କାହିଁ ସେଇ ଉନବିଂଶ ଶତାବ୍ଦୀ । ଏହି ଶୂନ୍ୟ ଚୌକିଟି କ'ଣ ତାର ପ୍ରତୀକ ପାଲଟି ଯାଇଛି କି ? କି ସ୍ଫୁରଣ ଆଧ୍ୟାତ୍ମିକତାର, ମାନବିକତାର ? ଚାରିକଡ଼ରେ ବିଶ୍ୱଯୁଦ୍ଧର ଭୟାବହତା ମଧ୍ୟରେ ଚର୍ତୁଃଦିଗରେ ଘେରା ବନାନୀ ମଧ୍ୟରୁ ସମ୍ଭୁତ ହେଉଥିଲା ବେଦମନ୍ତ୍ର, "ସର୍ବେ ଭବନ୍ତୁ ସୁଖିନଃ"

ଶାନ୍ତିର ଗୁରୁଗମ୍ଭୀର ସ୍ୱର । ଯେପରି ବିଶ୍ୱର ପାଳକ ଓ ତ୍ରାଣକର୍ତ୍ତା । ସେ

Digitized by PPRACHIN, SOA

ହିଁ ଏକାକୀ । ସେଇଥିପାଇଁ ତ ସେ ନିଜ ସୃଷ୍ଟିଠାରୁ ବଡ଼ ଏବଂ ତାଙ୍କର ଏହି ମହାନ ମୂଳରେ କିଛି ମହାନତା ନିଶ୍ଚେ ଲୁଚି ରହିଛି ।

ବିଶ୍ୱର ବନାନୀଟିକୁ ସେ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରର ସମନ୍ୱିତ ରୂପ କରି ଦେଇଛନ୍ତି । ଆଲୋକର କିରଣ ସମଗ୍ର ଜଗତକୁ ବିଚ୍ଛୁରିତ ହେଉଛି । ଏବଂ ସେଇ ଆଲୋକିତ ଜଗତରେ ମଣିଷ ଖୋଜି ଖୋଜି, ସନ୍ଧାନ କରି କରି କ'ଣ ପାଉଛି ! ଅନବରତ ଯେଉଁ ସତ୍ୟର ଅନୁସନ୍ଧାନ ଚାଲିଛି, ସେହି ଅନୁସନ୍ଧାନର ଶ୍ରେଷ୍ଠତ୍ୱ ହେଉଛି ମଣିଷ- କାରଣ ମଣିଷ ହେଉଛି ମହାନ୍ ଓ ସୁନ୍ଦର ।

ସେ କଣ ସେହି ଶୂନ୍ୟ ଚେୟାରରେ ବସି ଏବେ ବି ସତ୍ୟର ପରିଭାଷା ଖୋଜୁଛନ୍ତି ? ନା, ସତ୍ୟର ଅନୁସନ୍ଧାନ କରୁଛନ୍ତି ? ନା, ସତ୍ୟ ଖୋଜିବାର ଶେଷ ପାହାଚରେ ଆଧାତ୍ମିକ ସତ୍ୟକୁ ପାଇ ପାରିଛନ୍ତି ।

ସେହି ଆସନରେ ସେ ଆମକୁ ଅନ୍ଧାରରୁ ଆଲୋକକୁ, ପୁରାତନରୁ ନୂତନକୁ, ହିଂସାରୁ ଅହିଂସାକୁ, ମିଥ୍ୟା, ଶଠତା ଓ ପ୍ରବଞ୍ଚନାରୁ ସତ୍ୟ, ସାଧୁତା ଓ ସମର୍ପଣତା ଆଡ଼କୁ ନେଇ ଯାଉ ନାହାଁନ୍ତି କି ?

କାରଣ ସେ ହିଁ କେବଳ ମହାନ୍ । ଉନବିଂଶ ଶତକରେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରମାଣିତ ହୋଇ ଯାଇଛି । ବିଂଶ ଶତାବ୍ଦୀରେ ସେ ଶ୍ରେଷ୍ଠ ବୋଲି ଏଯାବତ୍ କେହି ଅସ୍ୱୀକାର କରି ନାହାଁନ୍ତି । ଆଉ ଏବେ ଅସ୍ୱୀକାର କରିବାର ସମ୍ଭାବନା ନାହିଁ ।

ସେହି ଶୂନ୍ୟ ଆସନ ମୋ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟଜନକ ଗୋଲକଧନ୍ଦା ମୋତେ କିଂକର୍ତ୍ତବ୍ୟ ବିମୂଢ଼ କରି ଦେଇଛି । ମୋର ବୁଦ୍ଧିବଣା ହୋଇ ଯାଇଛି । ସେ ହୋଇଛନ୍ତି ଉଭୟ ସ୍ରଷ୍ଟା ଓ ସଂସ୍କାରକ ।

ସେହି ଶୂନ୍ୟ ଆସନରେ ବସି ସେ ଅବଲୋକନ କରୁଛନ୍ତି ଆନ୍ନାକାରେନିନାର ଚରିତ୍ରମାନଙ୍କୁ । ସେହି ଛଅଟି ଚରିତ୍ର । ବୃଦ୍ଧ ଯୁବରାଜ, ତାଙ୍କ କନ୍ୟା କିଟି, ସ୍ତେପାନ ଆର୍କାଡାଇଭିଚ, ଭ୍ରୋନସ୍କି, ଲେଭିନ୍ନ ଏବଂ ଆନ୍ନା ନିଜେ ।

ବାଉଁଶ କାଠର ଆସନଟି ମୋତେ ଏମିତି ଦେଖା ଯାଉଥିଲା ଯେପରି ଶୂନ୍ୟବୋଲି ଆଦୌ ଅନୁଭୂତ ହେଉନଥିଲା ବରଂ ପୂର୍ଣ୍ଣ ବୋଲି ଜଣା ପଡୁଥିଲା । ସେହି ବିରାଟ ଆକାଶଛୁଆଁ ଗଛ ପରି ଥିଲେ ନିଜେ ସେ ନଚେତ୍ ଶତାବ୍ଦୀର ଇତିହାସ ଓ ସାମାଜିକ ଜୀବନର ଛବି କେମିତି ତାଙ୍କ ଜୀବନ ଭିତରକୁ ଦେଖାଯାଆନ୍ତା । ସବୁ ମଣିଷଙ୍କର ଆତ୍ମାର ଭାଷା କିପରି ତାଙ୍କ ମୁହଁରୁ ବାହାରୁଥାନ୍ତା ।

ସେହି ଚେୟାରରେ ବସି ସେ କ'ଣ କମ୍ ବିରୋଧ କରି ନାହାଁନ୍ତି କି ? ତାଙ୍କର ବିରୋଧିତା ସାମାଜିକ - ରାଜନୈତିକ ବ୍ୟବସ୍ଥା ପ୍ରତି ।

Digitized by PPRACHIN, SOA

ମୁଁ ଚାହିଁଥିଲି ସେହି ଶୂନ୍ୟ ଆସନକୁ ଏବଂ ଦେଖୁଥିଲି ଭାରତୀୟ ଋଷିପ୍ରାଣ ଟଲଷ୍ଟୟ ସେଠାରେ ବସି ମୋତେ ଚାହିଁ ରହିଛନ୍ତି ଏବଂ ତାଙ୍କ ଚକ୍ଷୁରୁ ଝରି ପଡୁଛି ଅପୂର୍ବ ଆନନ୍ଦ ଜ୍ୟୋତି ।

ମୁଁ ହୋଇ ପଡିଛି ସମ୍ମୋହିତ । ସ୍ପର୍ଶ କରୁଛି ସେହି ଚେୟାରଟିକୁ । ନତଜାନୁ ହୋଇ ପ୍ରଣିପାତ କରୁଛି ।

ଏହା ଶୂନ୍ୟ ନୁହେଁ । ଏହା ପୂର୍ଣ୍ଣ । ୟାସ୍‌ନାୟା ପୋଲ୍ୟାନାର ମହାନ୍ ସତ୍ୟଦ୍ରଷ୍ଟା ଋଷିଙ୍କର ତ୍ୟାଗପୂତ ଆସନ ।

❑❑❑

Digitized by PPRACHIN, SOA

ମସ୍କୋ ଆକାଶରେ ଜହ୍ନ

ଆକାଶରେ ଗୋଲ ହୋଇ ଜହ୍ନ ଉଠି ଆସୁଥିଲା । କାଚ ଝରକା ଦେଇ ଘର ଭିତରକୁ ସ୍ପଷ୍ଟ ଦେଖା ଯାଉଥିଲା । ନମିତା କହି ଉଠିଲେ, "ଦେଖିଲେ ! ଜହ୍ନ କିପରି ଲାଲ ହୋଇ ଉଠି ଆସୁଛି ? ଏଠି ଆକାଶରେ ଜହ୍ନ ବହୁ କମ୍ ଦେଖାଯାଏ ।"

ମୁଁ ଆକାଶକୁ ଚାହିଁଲି । ସକାଳୁ ସୂର୍ଯ୍ୟ ଉଠିବାବେଳେ ଯେମିତି ଲାଲ ଦେଖାଯା'ନ୍ତି, ଅବିକଳ ଜହ୍ନ ସେମିତି ଲାଲ ଦେଖାଯାଉଛନ୍ତି । କ୍ରମଶଃ ଉପରକୁ ଉଠି ନିଜର ରୂପ ଧାରଣ କରୁଥିବାର ଦେଖିବାକୁ ପାଇଲି ।

ମସ୍କୋରେ କେତେବେଳେ କିପରି ପାଗ ହେବ, କହି ହୁଏନି । ସୂର୍ଯ୍ୟଙ୍କର ପ୍ରଖର କିରଣ ବିଚ୍ଛେଇ ହୋଇ ପଡିଛି ତ ହଠାତ୍ ସବୁ ଓଲଟପାଲଟ । ପ୍ରବଳ ଥଣ୍ଡାହାଓ୍ଵା ବହିବାକୁ ଲାଗିବ ।

ସେଥିପାଇଁ ସମସ୍ତଙ୍କ ଦେହରେ ପ୍ରାୟ ଓଭରକୋଟ୍ ।

ମେଟ୍ରୋ ଓ ଟ୍ରଲି ବସ୍ ଭିତରେ ବେଶ୍ ଗରମ । ମେଟ୍ରୋ ମସ୍କୋ ସହରର ବିଶେଷ ଆକର୍ଷଣ । ଏତେ ବଡ ବିରାଟ ସହରର ଗୋଟିଏ କୋଣରୁ ଆଉ ଗୋଟିଏ କୋଣକୁ ଯିବା ଯେତେ କଷ୍ଟସାଧ ହେଲେ ହେଁ ମେଟ୍ରୋ ଯାତ୍ରାରେ ଏହା ସହଜ ଜଣାପଡ଼େ ।

ଦୁଇ ତିନିଥର ମେଟ୍ରୋ ବଦଳାଇ, ତୁମେ ସହଜରେ ନିଜର ଗନ୍ତବ୍ୟ ସ୍ଥାନରେ ପହଞ୍ଚିବ ।

ମାଟି ତଳେ ମେଟ୍ରୋ ରାସ୍ତା, ସ୍ୱଚ୍ଛନ୍ଦରେ ହଜାର ହଜାର ମସ୍କୋବାସୀଙ୍କୁ ନେବାର ସହଜ, ସରଳ ଓ ସୁଗମ ଗମନାଗମନ ପଥ ।

ମେଟ୍ରୋ ଓ ଟ୍ରଲିବସ୍‌ର ଏତେ ବ୍ୟାପକ ବ୍ୟବସ୍ଥା ଯେ ରାତି ୧୨ଟା ପର୍ଯ୍ୟନ୍ତ ତୁମେ ଯେ କୌଣସି ସ୍ଥାନରୁ ଫେରି ପାରିବ ।

ସବୁବେଳେ ବରଫ ଓ ଥଣ୍ଡା ପାଗ ଥିବା ସହରରେ ସୂର୍ଯ୍ୟ କିରଣ ଓ ଚନ୍ଦ୍ରଙ୍କର ଆକାଶରେ ଆବିର୍ଭାବ, ମନକୁ ଖୁସି କରି ପକାଏ । ଦେହ ଫୁର୍ତ୍ତି ଲାଗେ । ରାସ୍ତାକଡରେ ଗଢ଼ି ଉଠିଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକାଗୁଡ଼ିକୁ ବେଷ୍ଟନ

Digitized by PPRACHIN, SOA

କରିଥିବା ଗଛର ସବୁଜିମା ମଧ୍ୟରେ ମୁକ୍ତବାୟୁ ପାଇଁ ନିଜର ପୋଷା କୁକୁରକୁ ଧରି ଡଗ ଡଗ ହୋଇ ଚାଲି ଯାଉଥିବା ମସ୍କୋ ତରୁଣୀ, ଧୀର ପଦକ୍ଷେପରେ ସରୁ ରାସ୍ତାରେ ଗୋଟିଏ ଗୋଟିଏ ପାଦ ଥାପି ଚାଲୁଥିବା ବୃଦ୍ଧା ରମଣୀମାନଙ୍କୁ ଦେଖିଲେ ସମୟ କେମିତି ଚାଲିଛି ବୁଝାପଡେ । ହଠାତ୍ ହୁଏତ ଆଖିରେ ପଡେ ମେଟ୍ରୋ ଖୁଣ୍ଟ କଡରେ ଠିଆ ହୋଇ ପରସ୍ପରକୁ ଗାଢ ଆଲିଙ୍ଗନ କରୁଥିବା ଯୁବକଯୁବତୀ ବା ଏସ୍କାଲେଟରର ତୀବ୍ର ଚଳମାନ୍ ଗତି ସହିତ ନିଜକୁ ହଜାଇ ଦେଇଥିବା ତରୁଣତରୁଣୀ ଚୁମ୍ବନରତ ।

କାର୍, ଟ୍ରଲିବସ୍, ମେଟ୍ରୋ, ରାସ୍ତାକଡ ଯେ କୌଣସି ସ୍ଥାନ ପ୍ରେମ ପାଇଁ । ବାଧାନାହିଁ, ଈର୍ଷାପୂର୍ଣ୍ଣ ଲାଳଚକ୍ଷୁର ତାଡନା ନାହିଁ । ଅଶ୍ଳୀଳ ଅନୁଭବ ହୁଏନି । ଏଠି ପ୍ରେମ ଓ ବିବାହ ଭିନ୍ନ । ପ୍ରେମ କରୁ କରୁ ଇଚ୍ଛାହେଲା ତ ବିବାହ ହୋଇପାରେ । ଯୁବକ ଯୁବତୀ ସ୍ୱାଧୀନ । କାରଣ ଯୌଥ ପରିବାର ନାହିଁ । ପରିବାରର ବାପ ମା' ନିଜର ବୟସ୍କ ପୁଅଝିଅଙ୍କ ଉପରେ ନିର୍ଭର କରନ୍ତିନି ।

ମେଟ୍ରୋ ଓ ବସ୍ ଭିତରେ ଏ ଦୃଶ୍ୟ ସୁସ୍ପଷ୍ଟ ।

ବହୁ ଗହଳି ସତ୍ତ୍ୱେ ମେଟ୍ରୋ ଓ ବସ୍‌ରେ ନିରବତା । ବୋଝ ବୋଝ ଜିନିଷ ଭର୍ତ୍ତି ହୋଇଥିବାର ଝାମେଲା ନାହିଁ । କେହି କାହାକୁ ଠେଲିପେଲି ଧସେଇ ପଶିବାର ଭୟ ନାହିଁ । ସୁନ୍ଦରୀ ଯୁବତୀଙ୍କୁ କମେଣ୍ଟ, ଇଶାରା ବା ଧକ୍କା ମାରିବାର ଦେଖାଯାଏନି ।

ମସ୍କୋର ତରୁଣୀ ସ୍ମାର୍ଟ, ରୁଚି ସମ୍ପନ୍ନ ଓ ଆଧୁନିକ ପୋଷାକ ପରିହିତା । ଲମ୍ବା, ଡେଙ୍ଗା ଗୋରା ଚେହେରାକୁ ଶୁଆ ଥଣ୍ଟ ପରି ନାକ, ସୁନେଲି କେଶରାଶି ବିଦେଶୀ ଯୁବକ ମାନଙ୍କର ଦୃଷ୍ଟି ଆକର୍ଷଣ କରେ ।

ନଈପଠାରେ କାଶତଣ୍ଡି ଫୁଲ ଓଡ଼ିଶାରେ ଦେଖାଯିବାବେଳେ ଏଠି ରାସ୍ତାକଡ ଘାସରେ ମେଞ୍ଚାଏ ମେଞ୍ଚାଏ ଫୁଲ, କିନ୍ତୁ କେହି କେବେ ଛିଡାଇ ନିଏନି ।

ରାସ୍ତା କଡରେ କେହି ପରିସ୍ରା କରେନି । କାଗଜ ଟୁକୁରା ଖଣ୍ଡିଏ ବି ପକାଏନି । ଗାଡି ପାର୍କ କରେନି ।

ମେଟ୍ରୋ ଓ ବସ୍‌ଷ୍ଟପକୁ ଲାଗି ମାର୍କେଟ ଅଛି । ଫୁଲଠୁ ଆରମ୍ଭ କରି ଯାବତୀୟ ନିତିଦିନିଆ ଜିନିଷ ପାଇଁ ଭିଡ ଲାଗେ । ଋଷିଆର ମସ୍କୋରେ ଦରଦାମ ବଢିଯାଇଛି ।

ଘରେ, ବାହାରେ ଯେଉଁଠିକି ଗଲେ ବଡ ବଡ କପ୍‌ରେ ଚା, କଫି ଦିଅନ୍ତି । ଓଡ଼ିଶାରେ ବିଦେଶରୁ ଫେରୁଥିବା ଅନେକ ଲୋକଙ୍କ ଘରେ ବଡ ବଡ

Digitized by PPRACHIN, SOA

କପ୍ ଥିବାର ଗୌରବକୁ ସେମାନେ ଅତିଥି ସତ୍କାର ବେଳେ ତାହାର ଉପଯୋଗ କରି ଉତ୍‌ଫୁଲ୍ଲିତ ହୁଅନ୍ତି । ଅବଶ୍ୟ ସେହି କପ୍‌ରେ ଅଧା କପ୍ ଚାହା ବା କଫି ଥାଏ । ମସ୍କୋରେ ପହଞ୍ଚି ବଡ ବଡ କପ୍‌ରେ ଚା ଓ କଫି ପିଇବା ବେଳେ, ଚା'ର ଆବଶ୍ୟକତାକୁ ଅନୁଭବ କଲି ।

ଥଣ୍ଡା ପାଗ । ଶୀତୁଆ ଲାଗୁଥିବା ଦେହରେ ଉଷୁମ ପାଇବାକୁ ଗରମ ଗରମ କଫି ବା ଚା' । ଟିକିଏ ବେଶି ହେବା ଦରକାର ।

ଅଧଲିଟର ଯାଏ ବଡ କପ୍ ଥିବାର ଦେଖିଲି । ଗୋଟିଏ ଗୋଟିଏ କପ୍‌ର ଦାମ ଏକ ଡଲାର ବା ଦୁଇ ଡଲାର ।

ନଅତାଲା ଘର ଭିତରୁ ମସ୍କୋ ସହରକୁ ଚାହିଁବାବେଳେ ଆଖିରେ କେବଳ ଅଧ ଫର୍ଲଙ୍ଗ ଭିତରେ ଗଢି ଉଠିଥିବା ରାସ୍ତା ଓ ଜଙ୍ଗଲ ଦେଖିଲି, କାଁ ଭାଁ ବାଟଚଲା ମଣିଷର ରୂପ ବାରି ପାରିଲି । ଗାଡି ମାନଙ୍କର ଦ୍ରୁତ ଅପସୃୟମାଣ ପ୍ରସ୍ଥାନକୁ ଲକ୍ଷ୍ୟ କଲେ ହେଁ ମସ୍କୋ ସହରକୁ ଆକଳନ କରିବାକୁ ସମର୍ଥ ହୋଇ ପାରିଲିନି ।

□□□

Digitized by PPRACHIN, SOA

ଭିକ୍ଟ୍ରି ପାର୍କ

ନୂଆ କରି ଗଢାଯାଇଥିବା ଭିକ୍ଟ୍ରିପାର୍କରେ ପହଞ୍ଚିବାବେଳକୁ ଝିପିଝିପି ବର୍ଷା ଲାଗି ରହିଥାଏ । ଲାଗୁଥାଏ ଓଡ଼ିଶାର ମାଘ ମାସର ଶୀତ । ହାତ ଗୋଡ କେମ୍ପା କେମ୍ପା ମାରିଯାଉଥାଏ ।

ଆମେ ମେଟ୍ରୋଠାରୁ ଓହ୍ଲାଇ ଲମ୍ବାଲମ୍ବା ପାହାଚ ଓ ତୀକ୍ଷଣ ଏସ୍କାଲେଟର ଅତିକ୍ରମ କରି ଆଗକୁ ଯିବାବେଳେ ଅରୁଣ କହିଲେ, "ମସ୍କୋ ସହରର ଶେଷସୀମା ଏଇଠିଥିଲା । ନୂଆ କରି ଗଢା ହୋଇଛି ଏଇ ଭିକ୍ଟ୍ରିପାର୍କ । ଏହା କୁଟୁଜୋଭସ୍କି ଆଭେନ୍ୟୁ ଓ କେଭ ରେଳପଥର ମଧ୍ୟରେ ଅବସ୍ଥିତ ।"

ରାସ୍ତା ଉପରେ ଏକ ବିରାଟ ତୋରଣ, ଭାରତର ବିଭିନ୍ନ ଦେବସ୍ଥାନ ବିଶେଷକରି ଦକ୍ଷିଣ ଭାରତରେ ଦେଖାଯିବା ପରି । ଓଡ଼ିଶାର ବାରିପଦା ସହରକୁ ପଶିଯିବାବେଳେ ମଧ୍ୟ ଏକ ସୁନ୍ଦର ତୋରଣ ରହିଛି । ତୋରଣର ଶୀର୍ଷରେ କେତେଗୁଡ଼ିଏ ଅଶ୍ୱ ଓ ଜଣେ ସୈନିକ ତା'କୁ ଚଳାଉଥିବାର ପ୍ରତିମୂର୍ତ୍ତି ।

ଦୂରରୁ ଦେଖାଯାଉଛି ଶ୍ରୀମଦ୍ ଭଗବଦ୍‌ଗୀତାରେ ଶ୍ରୀକୃଷ୍ଣ ଚଳାଉଥିବା ନନ୍ଦିଘୋଷ ରଥ । ପ୍ରାୟ କିଲୋମିଟର ରାସ୍ତା ଚାଲିବା ପରେ ଭିକ୍ଟ୍ରି ପାର୍କରେ ପହଞ୍ଚିଲୁ । ୧୯୪୧, ୧୯୪୨, ୧୯୪୩, ୧୯୪୪, ୧୯୪୫, ୧୯୪୬ ପଥର ଖଣ୍ଡରେ ଲେଖା ହୋଇ କ୍ରମାନ୍ୱୟରେ ପଛକୁ ପଛ ଥୁଆହୋଇଛି । ଏବଂ ଭିକ୍ଟ୍ରି ଟାୱାରର ଚଟାଣରେ ଫୁଲରେ ଲେଖା ହୋଇଛି ୧୯୪୭ ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫାସିବାଦ ବିରୁଦ୍ଧରେ ସଂଗ୍ରାମକରି ଋଷବାସୀ ଯେଉଁ ଅପୂର୍ବ ଗୌରବ ଓ ସାଫଲ୍ୟ ଲାଭ କରିଥିଲେ, ତାକୁ ମନେ ରଖିବା ପାଇଁ ଭିକ୍ଟ୍ରି ଟାୱାର ନିର୍ମାଣ କରାଯାଇଛି । ୧୯୬୧ ମସିହାରେ ପୋକଲୋନାୟା ପାହାଡ଼ ଉପରେ ଏହି ଟାୱାର ହେବାର ମୂଳଭିତ୍ତି ସ୍ଥାପିତ ହୋଇଥିଲା । ଏହା ୧୯୮୦ ମସିହାରେ ଆରମ୍ଭ ହୋଇ ୧୯୮୫ ମସିହାରେ ସମ୍ପନ୍ନ କରାହୋଇଚି । ଭିକ୍ଟ୍ରିଟାୱାର ସ୍ତମ୍ଭର ମୂଳରେ ଏକ ସୈନିକ ବର୍ଚ୍ଛା ସାହାଯ୍ୟରେ ଗୋଟିଏ ପଶୁକୁ ହତ୍ୟା କରିବାର ଦୃଶ୍ୟ ଏବଂ ସେହି ପଶୁର ମୁଣ୍ଡ ଅଲଗା ପଡିଛି । ଯେପରି ଦେବୀ ଦୁର୍ଗା

Digitized by PPRACHIN, SOA

ମହିଷାସୁରକୁ ବଧ କରିଛନ୍ତି । ଏହା ଫାସୀବାଦ ବିରୁଦ୍ଧରେ ସଂଗ୍ରାମର ବିଜୟ ସଙ୍କେତ ।

ସେହି ବିରାଟ ପ୍ରସ୍ତର ଖଣ୍ଡର ଶେଷଭାଗରେ ଜଣେ ବଡ ପରୀ ଆଉ ଦୁଇଜଣ ସହଚରୀ ଧରି ଉଡ଼ିଯାଉଥିବାର ଛବି । କଳା ମାର୍ବଲ ପଥରରେ ଅତି ସୂକ୍ଷ୍ମ କଳା ଚାତୁର୍ଯ୍ୟରେ ନିର୍ମାଣ ଏହି ଟାୱାର ପଛରେ ରହିଛି ବିରାଟ ମ୍ୟୁଜିୟମ୍ ଯେଉଁଠାରେ ଯୁଦ୍ଧକାଳୀନ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଯୁଦ୍ଧରେ ପ୍ରୟୋଗ ବିଭିନ୍ନ ରଣକୌଶଳ ଓ ମୃତ୍ୟୁବରଣ କରିଥିବା ସୈନିକ ମାନଙ୍କର ବୀରଗାଥାର କାହାଣୀ ପ୍ରଦର୍ଶିତ ହେଉଛି ।

ଭିକ୍‌ଟ୍ରି ଟାୱାରର ପ୍ରାୟ ଦୁଇଶହ ଫୁଟ ଦୂରରେ ଏକ ଚର୍ଚ୍ଚ । ଯାହାର ନାମ ହେଉଛି ଭିକ୍‌ଟ୍ରି ଚର୍ଚ୍ଚ । ଏକ ବିରାଟ ଅଞ୍ଚଳରେ ନିର୍ମିତ ଏହିପାର୍କରେ ଠିଆ ହୋଇ ଚାହିଁଲେ ମସ୍କୋ ସହରର ସୌନ୍ଦର୍ଯ୍ୟର କିଛି ଅଂଶ ଦେଖାଯାଏ ଏବଂ ପ୍ରଥମେ ଆଖିରେ ପଡେ ମସ୍କୋ ଷ୍ଟେଟ୍ ୟୁନିଭରସିଟି । ସେହିପରି ନୂତନ କଳାସ୍ଥାପତ୍ୟରେ ନିର୍ମିତ ମସ୍କୋରେ ୭ ଗୋଟି ବିଲଡିଂ ରହିଛି । ଯେଉଁମାନଙ୍କୁ କୁହାଯାଏ ସାତଭଉଣୀ । ଷ୍ଟାଲିନ୍‌ଙ୍କ ସମୟରେ ଏହା ନିର୍ମାଣ କରାଯାଇଥିଲା ।

ଦୁଇ କି.ମି. ବ୍ୟାସାର୍ଦ୍ଧ ପରିମିତ ଭିକ୍‌ଟ୍ରି ପାର୍କ ବୁଲିବୁଲି ଗୋଡହାତ ଲାଗୁଥିଲା ଅବଶ । ପାଣି ପିଇବାକୁ ଇଚ୍ଛା ହେଉଥିଲା । ଥକ୍‌କା ମାରିବାକୁ ମନ ଚାହିଁଲା । କିନ୍ତୁ ରାସ୍ତାରେ ପାଣି କାହିଁ ? ଏଠି ବାଟଚଲା ବାଟୋଇ କ୍ଲାନ୍ତ ହୁଏନି । ମେଟ୍ରୋରେ ପହଞ୍ଚି ଥଣ୍ଡା ଜନିତ କ୍ଲାନ୍ତି ଦୂର ହେଲା । ଗୋଟିଏ ସ୍ଥାନରୁ ବାହାରି ଅନ୍ୟ ସ୍ଥାନରେ ପହଞ୍ଚିବା ଓ ପୁନର୍ବାର ଫେରିବାରେ ପ୍ରାୟ ଚାରିପାଞ୍ଚଘଣ୍ଟା ଲାଗି ଯାଉଥିଲା ।

ଭିକ୍‌ଟ୍ରିଟାୱାର ନିକଟରେ ଠିଆହୋଇ ମସ୍କୋଷ୍ଟେଟ ୟୁନିଭରସିଟିର ସେହି ସୁନ୍ଦର ଓ ରମଣୀୟ ବିଲଡିଂରୁ ଆଖି ଫେରାଇ ଆଣି ହେଉ ନ ଥିଲା । ମସ୍କୋର ମୁକୁଟମଣି ହେଉଛି ଏହି ବିଶ୍ୱବିଦ୍ୟାଳୟ, ଯାହାର ନାମକରଣ ଏମ୍.ଭି. ଲୋମୋନୋଶୋଭଙ୍କ ନାମ ଅନୁସାରେ ହୋଇଥିଲା । ଲେନିନ୍ ପାହାଡ ଉପରେ ଅବସ୍ଥିତ ଏହି ବିଶ୍ୱପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ମସ୍କୋର ଉଚ୍ଚବହୁତଳୀୟ ପ୍ରାସାଦଗୁଡିକ ମଧ୍ୟରୁ ଅନ୍ୟତମ । ୩୨ ମହଲା ଏହି କୋଠାଘରର ଉଚ୍ଚତା ୩୦୦ ମିଟର । ଉଚ୍ଚତମ ଶିକ୍ଷାର ପ୍ରାଣକେନ୍ଦ୍ର ଏହି ବିଶ୍ୱବିଦ୍ୟାଳୟରେ ପ୍ରାୟ ୩୦ ହଜାର ଋଷ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ବେଳେ ପାଞ୍ଚହଜାର ବିଦେଶୀଛାତ୍ର ଏଠାରେ ରହି ଶିକ୍ଷା ପାଇବାର ଗୌରବ ଲାଭ କରିଥା'ନ୍ତି । ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରାଣ ପ୍ରାଚୁର୍ଯ୍ୟରେ

Digitized by PPRACHIN, SOA

ରୁଦ୍ଧିମନ୍ତ ଏହି ବିଶ୍ୱବିଦ୍ୟାଳୟ ଛାତ୍ର ମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ରହିଛି ବିରାଟ ଲାଇବ୍ରେରୀ, ସନ୍ତରଣ ପୋଖରୀ, ମଲ୍ଲ ଓ କୁସ୍ତି ଆଖଡା କେନ୍ଦ୍ର । ୨ହଜାର କୋଠରୀ ବିଶିଷ୍ଟ ଏହି ବିଶ୍ୱବଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କର ଆବାସସ୍ଥଳ ।

ମସ୍କୋ ବିଶ୍ୱବିଦ୍ୟାଳୟକୁ ଦେଖିବାବେଳେ ମନେ ପଡୁଥିଲା ଭାରତରେ କିଛିଦିନ ତଳେ ଦେଖିଥିବା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଯାହାର ପ୍ରତିଷ୍ଠାତା ଥିଲେ ମଦନମୋହନ ମାଳବ୍ୟ । ଯେଉଁ ବିଶ୍ୱବିଦ୍ୟାଳୟ ଦିନେ ସୁଖ୍ୟାତି ଲାଭ କରିଥିଲା, ତା'ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା ନିମିତ୍ତ, ତାହା ବର୍ତ୍ତମାନ ମ୍ରିୟମାଣ । ଯେପରି ନିଜର ଗୌରବମୟ ଅତୀତର ଛିନ୍ନ ପୃଷ୍ଠା । ମସ୍କୋ ବିଂଶ୍ୱବିଦ୍ୟାଳୟ ବର୍ତ୍ତମାନ ସରକାରୀ ପୃଷ୍ଠପୋଷକତା ବିମୁଖହୋଇ ଶ୍ରୀହୀନ । ବିଦେଶୀ ଛାତ୍ରମାନଙ୍କର ଅବସ୍ଥା ଶୋଚନୀୟ । ନିଜ ହାତରୁ ଟଙ୍କା ଖର୍ଚ୍ଚକରି ପଢିବା ସହିତ ଅସାମାଜିକ ଯୁବକ ମାନଙ୍କର ବିଦେଶୀ ମାନଙ୍କ ପ୍ରତି ରାସ୍ତାଘାଟ, ସହର ବଜାର, କାମ୍ପସ ଇତ୍ୟାଦିରେ ଜୋର ଜବରଦସ୍ତି କରି ଟଙ୍କା ଛଡାଇ ନେବାଠାରୁ ଡିଗ୍ରୀ ଲାଭ କରି ଋଷରେ ବା ଭାରତରେ ଚାକିରି ବା କର୍ମସଂସ୍ଥାନ ନ ପାଇବାର ଅନିଶ୍ଚିତତା, ଭିସା ପାଇଁ ଲାଞ୍ଚଦେବା ବା ଭିସା ନ ପାଇ ଋଷ ଜେଲଖାନାକୁ ନିଜର ଘର କରିବା ଇତ୍ୟାଦି ଯେପରି ପ୍ରତ୍ୟେକ ଦିନର ଘଟଣା ।

ଭିକ୍ଟ୍ରି ପାର୍କରେ ବୁଲିବା ଅବକାଶରେ ମସ୍କୋଷ୍ଟେଟ ୟୁନିଭରସିଟି ଅପରୂପଲାବଣ୍ୟ ବିମଣ୍ଡିତା ହୋଇ ଦୃଶ୍ୟମାନ ହେଉଥିବା ବେଳେ ପ୍ରତ୍ୟେକ ଦର୍ଶକର ହୃଦୟକୁ ଛୁଉଁଥିଲେ ହେଁ, ସ୍ୱାଧୀନତା ଓ ମୁକ୍ତିର ଆହ୍ୱାନରେ ଗଣରାଜ୍ୟର ବିଖଣ୍ଡିତ ଚେହେରାର ପ୍ରଭାବରେ ନିଷ୍ପ୍ରଭ ଯୁବଶକ୍ତି, ଏହା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ପ୍ରବେଶ କଲେ ଜଣାପଡେ ।

ଆମେ ମେଟ୍ରୋଦେଇ ଫେରୁଥିଲୁ ଆମର ଗନ୍ତବ୍ୟସ୍ଥଳକୁ ଏବଂ ଯୁବକ ଯୁବତୀ, ସହଯାତ୍ରୀ ଓ ସହଯାତ୍ରିଣୀ ମାନଙ୍କୁ ଲକ୍ଷ୍ୟକରି ମୁଁ ଭାବୁଥିଲି ଏମାନଙ୍କ ଶରୀରରେ ରହିଛି ଶକ୍ତି, ସାମର୍ଥ୍ୟ ମାତ୍ର ଅଭାବ ତାରୁଣ୍ୟର ଉଲ୍ଲାସ ।

□□□

Digitized by PPRACHIN, SOA

ଦାଚା ଓ ଅବସର ଜୀବନ

ଋଷ ଲୋକମାନଙ୍କ ଜୀବନ ଅତି ଧୀର ସୁସ୍ଥରେ ଚାଲେ । ସେମାନଙ୍କର ଚାଲିଚଳଣ ଓ ଭାବନାରେ ପରିବର୍ତ୍ତନ ଆଣିବା ଭାରି କଷ୍ଟସାଧ୍ୟ ବ୍ୟାପାର । ରାଜନୀତିକ ପରିବର୍ତ୍ତନରେ ମଧ୍ୟ ସେମାନେ ଅବିଚଳିତ । ସେମାନଙ୍କର ଏହି ଅଭ୍ୟାସ ସେମାନଙ୍କର ମତବାଦଠାରୁ ମଧ୍ୟ ପୁରୁଣା । ଇତିହାସ ଓ ସଂସ୍କୃତିର ମୂଳସ୍ରୋତ ସହିତ ଜଡ଼ିତ । ସେଥିପାଇଁ ବହୁ ବିକାଶ ସତ୍ତ୍ୱେ ଋଷିଆ ଏକ ଗ୍ରାମ୍ୟ ପ୍ରଧାନ ରାଷ୍ଟ୍ର ବୋଲି କୁହାଯାଇପାରେ । ଏହାର ଗ୍ରାମାଞ୍ଚଳରେ ପ୍ରାୟ ଅର୍ଦ୍ଧାଧିକ ଲୋକ ବାସ କରନ୍ତି ।

ଋଷର କୃଷକ କାଠରେ ତିଆରି ସୁନ୍ଦର ଘରେ ରହେ, କୂଅରୁପାଣି କାଢେ, ବତକ ଓ ଘୁଷୁରୀ ପାଳେ ଏବଂ ନିଜ ନିଜର ଛୋଟ ଛୋଟ ଚାଷ ଜମିରେ ଚାଷକରେ । ଘର ଗୁଡିକ କାଠରେ ତିଆରି ଓ ଛାତଟିଣ । ଦ୍ୱିତଳ ପ୍ରାସାଦ ଦେଖିବାକୁ ମିଳେନି । ସାମନାରେ ବଗିଚାପରି ଚାଷ ଜମି । କାଠ ତିଆରି ବାଡକୁ ନୀଳରଙ୍ଗରେ ଶୋଭିତ କରାଯାଇଛି । ବହୁ ଘର ସେଇମିତି ଖାଲିଖାଲି ପଡିଛି । ମସ୍କୋରେ ରହୁଥିବା ବହୁଲୋକଙ୍କର ଏହି ଗ୍ରାମ୍ୟଜୀବନର ଗୃହକୁ 'ଦାଚା' କହନ୍ତି । କେତେକ ଘରୁ ଧୂଆଁ ବାହାରୁଥିବାର ଦେଖାଯାଏ । ବାହାର ବଗିଚାରେ ମୁଣ୍ଡରେ ରୁମାଲବାନ୍ଧି ମହିଳାମାନେ କାମ କରୁଥା'ନ୍ତି । ସବୁ ଘରକୁ ଆଲୁଅ ଅଛି ମାତ୍ର ପାଣି ନାହିଁ ।

ମସ୍କୋ ସହରଠାରୁ ଅଳ୍ପ ଦୂର ଗଲେ ଏଇ ଦୃଶ୍ୟ ଦେଖିବାକୁ ମିଳେ । ଯେପରି କେଉଁ ଆଦିମକାଳର ଜନ ମାନବଶୂନ୍ୟ ଏଇ ଅଞ୍ଚଳ ସବୁ । ଗାଁରେ ଥିବା ଚର୍ଚ୍ଚଘର ମଧ୍ୟ ଭଙ୍ଗା । ମସ୍କୋ ସହରର ବିରାଟ ବିରାଟ ଫ୍ଲାଟ ଘରେ ଶ୍ୱାସରୁଦ୍ଧ ଅବସ୍ଥାରୁ ରକ୍ଷା ପାଇବା ପାଇଁ ଶୁକ୍ରବାର ସନ୍ଧ୍ୟାରେ 'ଦାଚା'କୁ ଚାଲିଯାଆନ୍ତି ସେମାନେ ଏବଂ ଗ୍ରାମ୍ୟ ପରିବେଶରେ ଜୀବନ ସହଜ୍ ଓ ସରଳ ହୋଇଯାଏ । ବଗିଚାରୁ ଫଳ ଓ ଫୁଲ ସଂଗ୍ରହ କରନ୍ତି । କିଛି କିଛି ବ୍ୟକ୍ତିଗତ ସମ୍ପତ୍ତି (ଜମି) ସେମାନଙ୍କୁ ଦେଇଥାଏ ଆନନ୍ଦ ଯଦିଓ ଗ୍ରାମ୍ୟ ଜୀବନରେ ସହରର ବିଳାସ ଓ ସୌଖୀନ ପଦାର୍ଥର ଅଭାବ ବେଶ୍ ପରିଲକ୍ଷିତ ।

Digitized by PPRACHIN, SOA

ଓଡ଼ିଶାର ସହର ତଳିରେ ଗଢ଼ି ଉଠୁଥିବା ବସ୍ତି ଅଞ୍ଚଳ ପରି ଋଷର ଗ୍ରାମ୍ୟ ଜୀବନ ଦେଖା ଯାଉଥିଲେ ହେଁ, ମୁକ୍ତବାୟୁ ପ୍ରବାହ ଓ ଆର୍ଥିକ ଅନଗ୍ରସରତା ସେମାନଙ୍କୁ କରିଛି ଅଳସୁଆ । ସମଗ୍ର ଋଷରେ କୋଠଚାଷ ଏବେ ବି ବଳବତ୍ତର ରହିଛି । କମ୍ୟୁନିଷ୍ଟ ଶାସନ ସମୟରେ ବିଶ୍ୱବିଦ୍ୟାଳୟ ଓ କଲେଜର ସ୍ନାତକ ମାନଙ୍କୁ ଶିକ୍ଷା ସମାପ୍ତ ପରେ ଦୁଇବର୍ଷ ଏହିପରି ଗ୍ରାମ୍ୟ ମାନଙ୍କରେ ଜୀବନ ବିତେଇବାକୁ ବାଧ୍ୟତାମୂଳକ କରାଯାଇଥିଲା । ସେମାନଙ୍କ ପାଇଁ ଏହି ଜୀବନ ଥିଲା ଅତ୍ୟନ୍ତ ନୈରାଶ୍ୟଜନକ ଏବଂ ଦିନ ଗଣିଗଣି ସେମାନେ ଦୁଇବର୍ଷ ପୂରିବା ମାତ୍ରେ ଫେରି ଆସୁଥିଲେ ସହରକୁ । ସହରରୁ ଯାଇ ଗ୍ରାମ୍ୟ ଜୀବନକୁ ଆଦରିବା ଓ ଗ୍ରାମ ମାନଙ୍କ ଉନ୍ନତି କରିବାର ସକଳ ଚେଷ୍ଟାରେ ସୋଭିଏତ୍ ସରକାର ସେହି ସମୟରେ ବ୍ୟର୍ଥ ଓ ଅସଫଳ ହୋଇଛନ୍ତି, ଏହା ଗ୍ରାମ୍ୟ ପରିବେଶ ସୂଚୀତ କରେ । ଋଷର ବ୍ୟାପକ କ୍ଷେତ୍ରକୁ ଆକଳନ କରିବା କଷ୍ଟ । ଯେଉଁଆଡେ ଚାହିଁବ ସେଆଡେ ବିସ୍ତୀର୍ଣ୍ଣ କ୍ଷେତ୍ର । ଔଦ୍ୟୋଗିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାହେତୁ କେବଳ ଶସ୍ୟକ୍ଷେତ୍ର ଉତ୍ପାଦନ ପାଇଁ ଅନୁପଯୁକ୍ତ ହୋଇନି ବରଂ ପରିବେଶ ମଧ୍ୟ ଦୂଷିତ ହୋଇ ଯାଇଛି । ନଦୀ ଓ ହ୍ରଦର ପାଣି ବିଷାକ୍ତ ପାଲଟିଛି ।

ଋଷ ବିପ୍ଳବ ସର୍ବହରାଙ୍କୁ ସହରାଭିମୁଖୀ କରିପାରିଥିବା ବେଳେ ଗ୍ରାମ୍ୟକୃଷକ ପଛୁଆ ହୋଇ ରହିଯାଇଛି । କୃଷକ ଓ ଶ୍ରମିକ ଏପରି ଦୁଇ ଶ୍ରେଣୀରେ ବିଭକ୍ତ । ଋଷ ସମାଜରେ କିନ୍ତୁ କୃଷକ ଅବହେଳିତ ହୋଇଛି । ମସ୍କୋ ନଦୀ କୂଳଠାରୁ କିଛି ଦୂରରେ ପାଇନ୍ ଜଙ୍ଗଲ ମଧ୍ୟରେ ପାଇନ୍ ଗଛ ତଳେ ଛିଡା ହୋଇ ଲକ୍ଷ୍ୟ କଲେ, ପ୍ରକୃତିର ଶୋଭା ଦେଖାଯାଏ ସତ, ମାତ୍ର ତାହା ମନକୁ ଆକର୍ଷିତ ଓ ଆନ୍ଦୋଳିତ କରେ ନାହିଁ ।

'ଦାଚା'କୁ ଫେରିଯାଇ ଦିନେ ଦୁଇଦିନ କଟାଇବାରେ ମସ୍କୋ ସହରବାସୀ ବ୍ୟାକୁଳ ହୋଇଉଠନ୍ତି । ଭୋଡକାରୁ ପେଟେ ପିଇ ଦେଇ, କର୍ଦ୍ଦମାକ୍ତ ନଦୀଜଳରେ ସ୍ନାନ କରିବା ଓ ଶସ୍ୟ କ୍ଷେତ୍ରରେ ଘୂରିଘୂରି କିଛି ଶସ୍ୟ ସଂଗ୍ରହ କରିବା ସେମାନଙ୍କର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହୋଇଥିଲେ ହେଁ ଋଷ କୃଷକର ଜୀବନ ଓ ଗ୍ରାମ୍ୟ ପରିବେଶର ଜୀବନରେ ମିଳେ ବାସ୍ତବତା ।

ଦାଚା ଜୀବନ ସେମାନଙ୍କ ପାଇଁ ଫୁରସତ୍‌କୁ କଟାଇବାର ସମୟ । ଋଷ ଲୋକମାନେ ଆମୋଦ ପ୍ରମୋଦରେ ମାତିବା ବେଳେ ପୁରାଦମ୍‌ରେ ସେଥିରେ ମାତିଯା'ନ୍ତି । ଗୀତ, ନାଚ, ଖିଆପିଆ, ହସକାନ୍ଦ ମଧ୍ୟରେ କଟେ ସେମାନଙ୍କ ପାର୍ଟି ସମୟ । ଯୁକ୍ତି ତର୍କରେ ଥାଏ ହୃଦୟର ଅନୁଭବ । ସେଠି ନ ଥାଏ କୃତ୍ରିମତା

Digitized by PPRACHIN, SOA

ବା ଛଳନା । ନିଜକୁ ଯେମିତି ଅନ୍ୟପାଖରେ ଅଜାଡି ଦିଅନ୍ତି 'ଦା, ଦା, 'ଖରସୋ' 'ଖରସୋ' ମଧ୍ୟରେ । ସେମାନଙ୍କର ଛୁଟିଦିନ କଟେ ବନ୍ଧୁମେଳରେ,; ଗାଁ ପରିବେଶରେ, ଯେଉଁଠି ସେମାନେ ଖାଇ ପିଇ, ନାଚିକୁଦି, ସୂର୍ଯ୍ୟକିରଣ ତଳେ ଫୁଙ୍ଗୁଳା ଦେହକୁ ବିଛାଡି ଦେଇ ସମୟ କଟାନ୍ତି ।

ସେମାନଙ୍କ ପାଇଁ ସେମାନଙ୍କ ଜନ୍ମଦିନ ପାଳନ ସବୁଠୁ ବଡ ଆନନ୍ଦର ଦିନ । ସେମାନେ ଏକାଠି ହୁଅନ୍ତି । ପ୍ରତ୍ୟେକ ଅତିଥିଙ୍କ ହାତରେ ଥାଏ ଉପହାର । ଭୋଡକା, ମଦ, ସାମ୍ପେନଠାରୁ ଯାବତୀୟ ପାନୀୟର ଟୋଷ୍ଟ ହେବା ପରେ ଆରମ୍ଭ ହୁଏ ଭାଷଣ ଦିଆ କାର୍ଯ୍ୟକ୍ରମ । ଅତି ମଧୁର, ମନୋରମ ଓ ସୁନ୍ଦର ଭାଷାମାନ ପ୍ରଶଂସାରେ ଝରିପଡେ । ରାତ୍ର ଭୋଜନରେ ବିଟ୍‌ରୁଟ୍‌ର ସୁପ୍, ମାଛ ସୁପ୍, ମାଂସ ସୁପ୍ ବା ପରିବା ସୁପ୍ ପ୍ରଥମେ ପରଶା ଯାଏ । ଖାଇବାରେ ମାଛ, ମାଂସ, ବିଫ୍, ଚିକେନ୍‌ଠାରୁ ପରିବା ଯେ ଯାହାନେଲା ତା'ର ପସନ୍ଦ ଅନୁସାରେ ଥୁଆ ହୋଇଥାଏ । ଶେଷକୁ ମିଠାଇ, ଆଇସକ୍ରିମ୍ କେକ୍ । ଏ ପ୍ରକାର ପାର୍ଟି ସବୁ ସମୟ ଧରି ଚାଲେ । କେହି କେହି ହୁଏତ ପୂରାପୂରି ମଦନିଶାରେ ଟୁଳଟୁଳ ହେଉଥା'ନ୍ତି ଏବଂ ରସରସିଆ କଥା କହି ଚାଲିଥାନ୍ତି । ଋଷର ଲୋକମାନେ ଯେ କୌଣସି ସମୟରେ ଯେ କୌଣସି ଖାଦ୍ୟ ଖାଇବାରେ ଅଭ୍ୟସ୍ତ । ସେମାନଙ୍କ ଟେବୁଲରେ ଏତେ ପ୍ରକାର ଖାଦ୍ୟ ପରିବେଷଣ ହୋଇଥାଏ ଯେ ତାହା ପ୍ରାୟ ଶେଷ ହୁଏ ନାହିଁ । କିନ୍ତୁ ସେମାନେ ଖାଦ୍ୟ ନଷ୍ଟ କରନ୍ତି ନାହିଁ ।

ଋଷଲୋକମାନେ ଯଦିଓ ମୁକ୍ତବାୟୁକୁ ଭଲ ପା'ନ୍ତି କିନ୍ତୁ ସେମାନେ ବଗିଚା କରନ୍ତି ନାହିଁ । ବିରାଟ ବିରାଟ ପ୍ରାସାଦ ମାନଙ୍କ ଚାରିକଡରେ ଘେରି ରହିଥିବା କାଠ ଜଙ୍ଗଲରେ ବାଲୁଙ୍ଗା ଗଛ ଭର୍ତ୍ତି । ସନ୍ଧ୍ୟାବେଳେ କୁକୁରମାନଙ୍କୁ ହାତରେ ଧରି ବୁଲିବାରେ ଅଭ୍ୟସ୍ତ ଋଷ ଲୋକେ ସେହି ଅନାବାନା ଜଙ୍ଗଲ ରାସ୍ତାରେ ଚାଲୁଥା'ନ୍ତି ।

ଆମେ ବୁଲିବାବେଳେ, ହଠାତ୍ ଦୁଇଟି ବଡ କୁକୁର ମୋ' ଆଡକୁ ଝପଟି ଆସୁଥିବାର ଦେଖି ମୁଁ ଡରିଯିବା ବେଳେ, କୁକୁର ମାଲିକାଣୀ ତରୁଣୀଟି ତା' ଭାଷାରେ ତାକୁ ମୋତେ ଛାଡିଯିବାକୁ ନିର୍ଦ୍ଦେଶ ଦେଲା । କେତେ ବିଶ୍ୱସ୍ତ ସତେ ସେମାନେ । ଫୁଲ ବଗିଚା ସିନା ଦେଖାଗଲାନାହିଁ, କିନ୍ତୁ ମେଟ୍ରୋ ଷ୍ଟେସନ ଗୁଡିକରେ ଢେ଼ରସାରା ଫୁଲର ପସରା ମେଲି ଦେଇଥା'ନ୍ତି । କି ସୁନ୍ଦର ସୁନ୍ଦର ଗୋଲାପ । କୁକୁର ରଖିବା ସେମାନଙ୍କର ସଉକ । ଦିନହେଉ ବା ରାତି ହେଉ କୁକୁରମାନଙ୍କୁ ନେଇ ବ୍ୟାୟାମ ଅଭ୍ୟାସ କରାଇବା, ବୟସ୍କମାନେ କୁକୁରଧରି

Digitized by PPRACHIN, SOA

ବୁଲିବା ପ୍ରାୟ ଦେଖିବାକୁ ମିଳେ । କୁକୁର ପାଳିବାରେ ସେମାନେ ଏତେ ଅଭ୍ୟସ୍ତ ଯେ, ଗୋଟିକିଆ ରୁମ୍ ଫ୍ଲାଟରେ ମଧ୍ୟ ଆଫଗାନ୍ ହାଉଣ୍ଡ ଦେଖିବାକୁ ମିଳେ । କୁକୁର ପ୍ରଦର୍ଶନୀ ଗୁଡିକରେ ନିଜ ନିଜର କୁକୁରମାନଙ୍କ ସହିତ ଯୋଗ ଦେବାରେ ସେମାନେ ଆତ୍ମପ୍ରସାଦ ଲାଭ କରନ୍ତି ।

ରାସ୍ତାରେ ଏବେ ଏବେ ଅନେକ ବୁଲା କୁକୁର । ଖାଦ୍ୟ ଅଭାବରୁ ପୋଷା କୁକୁର ବୁଲା କୁକୁର ପାଲଟି ଯାଉଛନ୍ତି । ସାଧାରଣ ବିଦେଶୀ ଲୋକ ବଡ ବଡ କୁକୁରକୁ ଦେଖି ଭୟ ପାଇଯିବ ନିଶ୍ଚେ । ଘୋଡାଦୌଡ, ଲଟେରୀ, ଫୁଟବଲ ମ୍ୟାଚ, ବରଫରେ ହକି ଇତ୍ୟାଦିରେ ସେମାନଙ୍କର ଅନେକ ଆଗ୍ରହ ଓ ରୁଚି ରଖିବାର ଲକ୍ଷ୍ୟ କଲି । ଖେଳ ସେମାନଙ୍କର ପ୍ରିୟ ।

ଅବସର ପାଳନ କରିବା ଅର୍ଥ ତାଙ୍କ ପାଇଁ କିଛି ନ କରିବା । ସେମାନେ ଶୋଇ ଶୋଇ ମଧ୍ୟ ଅବସର ଦିନଟିକୁ କଟାଇ ଦିଅନ୍ତି । କାମ କରିବା ଦିନ ଗୁଡିକରେ ସେମାନେ ଏତେ କାମ କରିଥା'ନ୍ତି ଯେ, ଛୁଟିଦିନ ଦାଚାରେ, ବାହାରେ ବା ଘରେ କୌଣସି କାମ ନ କରି କଟାଇ ଦେଇଥା'ନ୍ତି । ଋଷଲୋକଙ୍କର ଜୀବନ ଶୈଳୀରେ ଯେଉଁ ପ୍ରାଣ ପ୍ରାଚୁର୍ଯ୍ୟ ରହିଥିବାର ଦେଖିଲି, ବୋଧହୁଏ ଆମ ଭିତରେ ନାହିଁ । ଆମେ ଯେପରି ସଂସାର ବୋଝରେ ବୋଝିଆ ପାଲଟି ଯାଉଛୁ ।

□□□

Digitized by PPRACHIN, SOA

ବଲ୍‌ସୋଇ ଥିଏଟର

ଋଷିଆର ବ୍ୟାଲେ ନୃତ୍ୟ ବିଶ୍ୱପ୍ରସିଦ୍ଧ ବୋଲି ଜଣାଶୁଣା ଏବଂ ଏହା ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ବଲ୍‌ସୋଇ ଥିଏଟର ହଲ୍ ନିକଟରେ ପଡିଥିବା ସୁନ୍ଦର ସୁନ୍ଦର ବେଞ୍ଚରେ ଆମେ ବସିଲୁ । ଦୁଇ ଶହ ବର୍ଷରୁ ଊର୍ଦ୍ଧ୍ୱ ଏହି ପୁରୁଣା ଥିଏଟର ବାହାରୁ ଏତେ ସୁନ୍ଦର ଜଣାପଡୁଥିଲା ଯେ, ଭିତରକୁ ଯାଇ ଦେଖିବାକୁ ମନ ଚାହୁଁଥିଲା । ମାତ୍ର ଟିକେଟ୍ ମିଳିବା ଥିଲା କଷ୍ଟକର ବ୍ୟାପାର । ସୋଭିଏତ ସଂଘର ସାଂସ୍କୃତିକ ଚେତନାର ଭାବମୂର୍ତ୍ତିର ପ୍ରତୀକ ବଲ୍‌ସୋଇ ଥିଏଟର । ରେଡ୍ ସ୍କୋୟାରଠାରୁ ଅଳ୍ପ ଦୂରରେ ଅବସ୍ଥିତ ଏହି ଅଟ୍ଟାଳିକାର ପ୍ରବେଶ ଦ୍ୱାର ସମ୍ମୁଖସ୍ଥ ଓ ତତ୍‌ସଂଲଗ୍ନ ସ୍ତମ୍ଭ ବିଶିଷ୍ଟ ମଣ୍ଡଳ ଗ୍ରୀକ୍ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଆଠଗୋଟି ସ୍ତମ୍ଭ ଉପରେ ବ୍ରୋଞ୍ଜ ନିର୍ମିତ ରଥରେ ଆଗଗୋଡକୁ ଉଠାଇ ସଗର୍ବରେ ମତୁଆଲା ହୋଇ ଚାଲୁଥିବା ଘୋଡାର ପ୍ରତିକୃତି ଅଟ୍ଟାଳିକା ଶୀର୍ଷରେ ଶୋଭା ପାଉଛି ।

ଆମେ ଚେଷ୍ଟା କଲୁ ଏହାର ସୁନ୍ଦର ଛବିଟିଏ ତୋଳିବା ପାଇଁ କିନ୍ତୁ ଏତେ ଉଚ୍ଚରୁ ସେହି ଅଶ୍ୱର ଚିତ୍ର ନେବା ସମ୍ଭବ ନ ଥିଲା । ବଲ୍‌ସୋଇ ଥିଏଟରରେ ଅଂଶ ଗ୍ରହଣ କରୁଥିବା କଳାକାରମାନଙ୍କ ଜୀବନ ସଂପର୍କରେ ଜାଣିବାର ଇଚ୍ଛା ଥିଲେ ମଧ୍ୟ ସମୟ ଓ ସୁଯୋଗର ଅଭାବ ସେଥିରେ ବାଧା ସୃଷ୍ଟି କଲା । ଯେଉଁ କେତେକ ବିଶିଷ୍ଟ କଳାକାର ନାମ ଜାଣି ପାରିଲୁ, ସେମାନେ ଥିଲେ ମ୍ୟାରିସ୍ ଲିଏପା, ଏକଟେରିନା ମାକ୍ସିମୋଭା ଓ କାତ୍ୟା ଇତ୍ୟାଦି ।

ସୋଭିଏତ୍ କଳାକାରଙ୍କ ଜୀବନ କେତେକଙ୍କୁ ଛାଡିଦେଲେ ଅନ୍ୟମାନଙ୍କର ପ୍ରାୟତଃ ସାଧାରଣ । ସେମାନଙ୍କର ଆୟ ମଧ୍ୟ ସ୍ୱଳ୍ପ । ଦୀର୍ଘ ୨୫ ବର୍ଷଧରି ବ୍ୟାଲେ ନୃତ୍ୟ କରିଥିବା ନର୍ତ୍ତକୀ ମାତ୍ର ୧୬୦ ରୁବଲ୍ ପାଏ ଯାହା ହାରାହାରି ଜାତୀୟ ଆୟଠାରୁ ମଧ୍ୟ କମ୍ । ବ୍ୟାଲେଟ୍ ନୃତ୍ୟ ଗ୍ରୁପ୍ ମଧ୍ୟକୁ ପ୍ରବେଶ କରିବା ମଧ୍ୟ କଷ୍ଟ । ବଲ୍‌ସୋଇର ନିଜର ତାଲିମ୍ ବିଦ୍ୟାଳୟ ରହିଛି । ସାତ ବର୍ଷର ପିଲା

Digitized by PPRACHIN, SOA

ଯଦି ନୃତ୍ୟ ସଙ୍ଗୀତରେ ପାରଦର୍ଶିତା ପ୍ରଦର୍ଶନ କରେ, ତା'ର ମାଂସପେଶୀ ଶକ୍ତ ଥାଏ, ଓଜନ ଓ ଉଚ୍ଚତା ଆବଶ୍ୟକ ମୁତାବକ ହୋଇଥାଏ, ତେବେ ତା'କୁ ଗ୍ରହଣ କରାଯାଇ ତାଲିମ ଦେବାର ବ୍ୟବସ୍ଥା ହୁଏ ।

ବ୍ୟାଲେ ନୃତ୍ୟରେ ସଫଳତା ଓ ଶ୍ରେଷ୍ଠତା ପାଇବା କଷ୍ଟକର । ଶ୍ରେଷ୍ଠତା ପାଇବା ପରେ ମଧ୍ୟ ସେହି ସ୍ଥାନରେ ସବୁବେଳେ ରହିବା ସମ୍ଭବ ହୁଏନାହିଁ । ଏହି ନାଚ ପାଇଁ ବୟସର ଗୁରୁତ୍ୱ ବେଶି କାରଣ ଶାରୀରିକ ଶକ୍ତି ଓ ସାମର୍ଥ୍ୟ ଉପରେ ଏହି ନୃତ୍ୟ ନିର୍ଭର କରେ । ତେଣୁ ଜଣେ ବୟସ୍କ ବ୍ୟକ୍ତି ହୁଏତ ଦୀର୍ଘ ଦିନ ଧରି ନାଚିପାରେ କିନ୍ତୁ ଦର୍ଶକ ଏହାକୁ ଗ୍ରହଣ କରିବା ଅସମ୍ଭବ ।

ବହୁ ସମୟରେ ବ୍ୟାଲେଟ୍ ନୃତ୍ୟଦଳକୁ ବିଦେଶ ଯିବାକୁ ହୋଇଥାଏ । ଏହା ସେମାନଙ୍କ ମନରେ ଅବଶ୍ୟ ବିଶେଷ ଆନନ୍ଦ ଜନ୍ମାଏ କାରଣ ଏକ ଅପରିଚିତ ସ୍ଥାନରେ ସେମାନେ ସେମାନଙ୍କର କଳା ଓ ନୃତ୍ୟ ପ୍ରଦର୍ଶନ କରିପାରିବେ । ମାତ୍ର ଯେତେବେଳେ ବଛାବଛି କାର୍ଯ୍ୟ ହୁଏ, ସେତେବେଳେ ମଧ୍ୟ ରାଜନୀତିକ ଚାପ, ଅନୁଗ୍ରହ ଇତ୍ୟାଦି ବହୁଭାବରେ କାର୍ଯ୍ୟକରେ, ଯେପରି ଆମ ଦେଶରେ ହୁଏ ।

ବ୍ୟାଲେଟ୍ ଋଷିଆର ସମ୍ମାନପ୍ରଦ କଳା । ଋଷର ସାଧାରଣ ଲୋକମାନେ ଏହି ନୃତ୍ୟ ପ୍ରତି ଗୁରୁତ୍ୱ ଆରୋପ କରିଥା'ନ୍ତି । ଆମ ଦେଶରେ ନୃତ୍ୟ ପ୍ରତି ଏତେ ଆଗ୍ରହ ପରିଲକ୍ଷିତ ହୁଏ ନାହିଁ । ଅବଶ୍ୟ ଓଡ଼ିଶାରେ ଏବେ ଏବେ ଓଡ଼ିଶୀ ନୃତ୍ୟକୁ ଗୁରୁତ୍ୱ ଦିଆଯାଉଛି ଏବଂ ବିଦେଶିନୀ ମହିଳାମାନେ ଏହାକୁ ଶିଖିବାକୁ ଆଗ୍ରହ ପ୍ରକାଶ କରି ଓଡ଼ିଶା ଆସୁଛନ୍ତି ।

ମସ୍କୋରେ ରହିଛି ବହୁତ ଗୁଡ଼ିଏ ନାଟ୍ୟଶାଳା ଏବଂ ଏଠାକାର ନୃତ୍ୟ ଦେଖିବା ପାଇଁ ମାଗଣାରେ ସିଟ୍ ଆଦୌ ମିଳେ ନାହିଁ । ଶିଶୁମାନଙ୍କ ମଧ୍ୟରେ କଳା ସଂପର୍କରେ ଧାରଣା ସୃଷ୍ଟି କରିବା ପାଇଁ, ପ୍ରତ୍ୟେକ ସପ୍ତାହରେ ଦିନେ ଶିଶୁ ମନଲାଖି ନାଟକ ପ୍ରତ୍ୟେକ ଥିଏଟରରେ ପ୍ରସ୍ତୁତ ହୁଏ ଏବଂ ବିଦ୍ୟାଳୟ ଛୁଟି ଥିବାବେଳେ, ପିଲାମାନଙ୍କୁ ବେଶିବେଶି ନାଟକ ଦେଖାଯାଏ । ଏହା ଆଇନ୍ ଦ୍ୱାରା କରାଯାଇଛି । ପିଲାମାନଙ୍କୁ ଆନନ୍ଦ ଦେବା ପାଇଁ ମସ୍କୋରେ "ମସ୍କୋ କଣ୍ଢେଇ ନୃତ୍ୟଶାଳା" ରହିଛି ଯାହା ଆରମ୍ଭ ହୋଇଥିଲା ୧୯୩୧ ମସିହାରେ ।

ମସ୍କୋ ଥିଏଟର ଗୁଡ଼ିକର ଅନ୍ୟ ଏକ ବିଶେଷତ୍ୱ ହେଲା ପ୍ରଚାରଧର୍ମୀ ନାଟକ ଖୁବ୍ କମ୍ । ସେମାନେ ନାଟକରେ ପରୀକ୍ଷା କରି ପାରିବେ ଓ ବ୍ୟଙ୍ଗବିଦ୍ରୁପ ମଧ୍ୟ । ମସ୍କୋ ସହରରେ ଥିଏଟର ସଂଖ୍ୟା ଯେତିକି ଅଧିକ, ସେତିକି ବ୍ୟାପକ ହେଉଛି ସ୍ଥାପତ୍ୟ କଳା । ମସ୍କୋ ସହର ତମାମ ବିଭିନ୍ନ ଲୋକମାନଙ୍କ ଷାଚ୍ୟୁ । ବିରାଟ

Digitized by PPRACHIN, SOA

ବିରାଟ ଷ୍ଟାଚ୍ୟୁ, ସ୍ଥାପତ୍ୟକଳାର ଗାରିମା ବୃଦ୍ଧିକରେ । ପେଣ୍ଟିଂ ଓ ସ୍ଥାପତ୍ୟ ଋଷ କଳା ସୃଷ୍ଟିର ବିଶେଷ ନମୂନା । ମସ୍କୋରେ ଥିବା ଥିଏଟର ସଂଖ୍ୟା ଅନେକ । ପ୍ରାୟ ୫୦ ହଜାର ଦର୍ଶକ ପ୍ରତ୍ୟେକ ଦିନ ବିଭିନ୍ନ ଥିଏଟର ଦେଖିବାର ସୁଯୋଗ ପାଇଥା'ନ୍ତି । ତଥାପି ଟିକେଟ୍ ମିଳେନି । ପ୍ରାୟ ପ୍ରତ୍ୟେକ ଥିଏଟରରେ ଟିକେଟ୍‌ର ମୂଲ୍ୟ ୭୫ ହଜାର ରୁବେଲ୍ ଠାରୁ ୧ ଲକ୍ଷ ପର୍ଯ୍ୟନ୍ତ । ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ପାଞ୍ଚଶତଟଙ୍କା ଠାରୁ ସାତଶହ ଟଙ୍କା ଯାଏ । ଏହା ମଧ ମିଳିବା କଷ୍ଟକର ।

ଆମେ ବହୁ ସମୟ ଯାଏ ବଲ୍‌ସୋଇ ଥିଏଟର ସମାନାରେ ପଡିଥିବା ବେଞ୍ଚରେ ବସି ଚୁମ୍ୱନ ଓ କୋଳାଗ୍ରତରତା ତରୁଣ ତରୁଣୀମାନଙ୍କୁ ଲକ୍ଷ୍ୟ କରୁଥିଲୁ । କଲିକତାର ଭିକ୍ଟୋରିଆ ମେମୋରିଆଲ୍ ହଲ୍ ପାର୍କ, ବମ୍ବେର ଚୌପାଟୀ ଠାରୁ ଏହା କୌଣସିଥିରେ ନ୍ୟୂନ ନ ଥିଲା । ଅବାଧ ସ୍ୱାଧୀନତା ଓ ମିଳାମିଶା, ଚୁମ୍ୱନ ଓ କୋଳାଗ୍ରତ କିନ୍ତୁ ମନରେ ଯୌନ ଉଦ୍ଦୀପନା ସୃଷ୍ଟି କରୁନଥିଲା । ବନ୍ଧୁ ଅରୁଣ କହିଲେ, "ବଲ୍‌ସୋଇ ଥିଏଟରର ଟିକେଟ୍ ଯଦି ହାତରେ ଥିବ, ତେବେ ଯେ କୌଣସି ତରୁଣୀକୁ ସାଥିରେ ନେଇ ନୃତ୍ୟକୁ ଉପଭୋଗ କରିବାରେ ବାଧା ନାହିଁ ।"

ଅବଶ୍ୟ ସୋଭିଏତ୍ ଋଷରେ କମ୍ୟୁନିଷ୍ଟ ଶାସନ ଭାଙ୍ଗିଯିବା ପରେ, ଋଷ ମହିଳାମାନଙ୍କ ମଧରେ ଯୌନ ଆବେଦନର ଦ୍ୱାର ଉନ୍ମୁକ୍ତ ହୋଇ ଯାଇଛି, ତାହାର ସୂଚନା ବିଭିନ୍ନ ପତ୍ରପତ୍ରିକାରୁ ଦେଖିବାକୁ ମିଳୁଥିଲା । ଆମେ ରେଡ୍ ସ୍କୋୟାରକୁ ଆସି କ୍ରେମଲିନ୍ ପ୍ରାସାଦକୁ ନିରିଖେଇ ଦେଖିଦେଖି ମେଟ୍ରୋ ଆଡକୁ ଫେରିବାକୁ ଲାଗିଥିଲୁ ।

ସେତେବେଳକୁ ସନ୍ଧ୍ୟା ୮ଟା ।

□□□

Digitized by PPRACHIN, SOA

କବି ମାୟାକୋଭସ୍କି

ଆମେ ମାୟାକୋଭସ୍କି ମେଟ୍ରୋଷ୍ଟେସନରୁ ଉପରକୁ ଆସି ଯେଉଁ ଛକରେ ପହଞ୍ଚିଲୁ, ତାହା କବି ମାୟାକୋଭସ୍କିଙ୍କ ନାମ ଅନୁସାରେ ଚିହ୍ନିତ । ଏହାର ପୁରୁଣା ନାମ ଥିଲା 'ଟ୍ରିଫୁଲ ନାୟା' । ଏଠାରେ କାଠରେ ନିର୍ମିତ ଏକ ସୁନ୍ଦର ତୋରଣ ଓ ଏହି ତୋରଣ ଫୁଲରେ ସଜ୍ଜିତ । ଜାର୍‌ଙ୍କ ସେଣ୍ଟ ପିଟର୍ସବର୍ଗ୍‌ରୁ ପ୍ରତ୍ୟାବର୍ତ୍ତନ ସମୟରେ, ତାଙ୍କ ସମ୍ମାନାର୍ଥେ ଏହି ବର୍ଣ୍ଣାଢ୍ୟ ତୋରଣ । ୧୯୫୮ ମସିହାରେ କବି ମାୟାକୋଭସ୍କିଙ୍କର ସୁନ୍ଦର ଓ ମନୋରମ ମୂର୍ତ୍ତିକୁ ନିର୍ମାଣ କରିଥିଲେ କିବାଲନିକୋଭ । ସେଠାରେ କବି ମାୟାକୋଭସ୍କି ପୁଷ୍ପ ଉଦ୍ୟାନ ବେଷ୍ଟିତ ହୋଇ ଦଣ୍ଡାୟମାନ ।

ଆମେ ଫଟୋ ଉଠାଇବା ପାଇଁ ଚେଷ୍ଟା କଲୁ କବିଙ୍କର ପ୍ରତିମୂର୍ତ୍ତି ସହିତ । ମସ୍କୋର ମୁଖ୍ୟ ରାସ୍ତାର ପ୍ରଥମେ ପୁଷ୍‌କିନ୍ ଓ ବ୍ୟାଲୋରସ୍କି ମୋଡ଼ରେ ଗର୍କିଙ୍କର ପ୍ରତିମୂର୍ତ୍ତି ରହିଛି । ମାୟାକୋଭସ୍କିଙ୍କର ପଛ ପାଖକୁ ଠିଆ ହୋଇଛି ଆଲେକ୍‌ଜାଣ୍ଡର ଥିଏଟର ଯେଉଁଠାରେ ଦେଖିବାକୁ ମିଳେ ଅନ୍ୟ ଦୁଇଟି ଥିଏଟର ସାଟିରି (୧୯୨୩) ଓ ସୋଭରେ ମେନିକ୍ (୧୯୫୬)

କବି ମାୟାକୋଭସ୍କିଙ୍କର ଷ୍ଟାଚ୍ୟୁ ନିକଟରେ ବସିବାବେଳେ ମନେ ପଡୁଥିଲା ରୁଷିଆର ଏହି ବିପ୍ଳବୀ କବିଙ୍କର ଜୀବନ ଓ ତାଙ୍କ କବିତା । ବନ୍ଧୁ ଅରୁଣ ଓ ମୁଁ ଉଭୟଙ୍କର ଏକ ମିଳିତ ଛବି ଉଠାଇବା ପାଇଁ ଆମେ ସେଠାରେ ଆନମନା ହୋଇ ବସିଥିବା ଜଣେ ମଧ୍ୟବୟସ୍କ ଭଦ୍ରବ୍ୟକ୍ତିଙ୍କୁ ଅବଶ୍ୟ ଅନୁରୋଧ କଲୁ । ତାଙ୍କର ଚେହେରାରୁ ଜଣାପଡୁଥିଲା ଯେପରି ସେ କବି ମାୟାକୋଭସ୍କିଙ୍କର ଏକାନ୍ତ ଅନୁଗତ ଜଣେ ଭକ୍ତ ।

ମାତ୍ର ୩୭ ବର୍ଷ ବୟସରେ ଏହି ତରୁଣ ବିପ୍ଳବୀ କବିଙ୍କର ଦେହାବସାନ ଘଟିଥିଲା । ସତ୍ୟକୁ ରୋକ୍‌ଠୋକ୍ ଓ ନିର୍ଭୀକ ଭାବରେ କହି ପାରୁଥିବା କବି ଭ୍ଲାଡ଼ିମିର ମାୟାକୋଭସ୍କି... ୧୮୯୩ ରେ ଜନ୍ମ ୧୯୩୦ରେ ମୃତ୍ୟୁ ।

Digitized by PPRACHIN, SOA

ସେ ନିଜ ସଂପର୍କରେ କହିଥିଲେ, 'ମୁଁ ଜଣେ କବି । ସେଇଥିପାଇଁତ ଲୋକେ ମୋ ସଂପର୍କରେ ଆଗ୍ରହୀ । ସେଇ ବିଷୟରେ ହିଁ ମୁଁ ଲେଖୁଛି । ତା'ଛଡ଼ା ଲେଖୁଛି ମୋର ପ୍ରେମ ବିଷୟରେ, ମୋର ବେପରୁଆ ଜୁଆ ଖେଳିବା ସଂପର୍କରେ, ଆଉ କକେସସ୍ ପର୍ବତ ଉପତ୍ୟାକାର ସୁନ୍ଦରୀ ମାନଙ୍କ ସମ୍ବନ୍ଧରେ । ଶବ୍ଦରେ ଯେତେଦୂର ଏଇ ସବୁ ବିଷୟକୁ ରୂପ ଦିଆଯାଇପାରେ, ତାହା ଦେବା ପାଇଁ ଚେଷ୍ଟା କରିବି ।"

ଶବ୍ଦର ଯାଦୁକର ଥିଲେ ମାୟାକୋଭସ୍କି । ନିଜ କଥାକୁ ଖୁଣ୍ଟିନାଣ୍ଟି କହିବାରେ ଓସ୍ତାଦ । ସେଇଥିପାଇଁ ବିଖ୍ୟାତ ମା' ଉପନ୍ୟାସର ଲେଖକ ମ୍ୟାକସିମ୍ ଗର୍କି ୧୯୧୫ ମସିହାରେ ତାଙ୍କ ବିଷୟରେ ପ୍ରଶଂସା କରି ଲେଖିଥିଲେ, "ଉଦାହରଣ ସ୍ୱରୂପ ମାୟାକୋଭସ୍କି । ସେ ତରୁଣ । ବୟସ ମାତ୍ର ୨୦ବର୍ଷ । ସେ ମୁଖର, ଅସଂଯତ ହୋଇ ପାରନ୍ତି, କିନ୍ତୁ ତାଙ୍କ ଭିତରେ କେଉଁଠି ଯେ ପ୍ରତିଭାର ଗୋପନଉସ ରହିଛି ଏହା ନିଃସନ୍ଦେହ । ତାଙ୍କୁ ଆହୁରି ଲେଖିବାକୁ ହେବ, ଅଧ୍ୟୟନ କରିବାକୁ ହେବ । ସେ ଭଲ ଲେଖିବେ । ପ୍ରକୃତ କବିତା ଲେଖିବେ । ମୁଁ ତାଙ୍କ କବିତା ବହି ପଢ଼ିଛି । କେତେକ କବିତା ମୋର ଧ୍ୟାନ ଆକର୍ଷଣ କରିଛି । ସେ ଗୁଡିକ ଖାଣ୍ଟି ଶବ୍ଦରେ ଲେଖା ।"

୧୯୨୨ ମାର୍ଚ୍ଚ ମାସ ୫ ତାରିଖରେ ତାଙ୍କର କବିତା 'ଇଜ୍‌ଭେସ୍ତିଆ'ରେ ପ୍ରକାଶିତ ହୁଏ । ମାର୍ଚ୍ଚ ୬ ତାରିଖରେ ଲେନିନ୍ ଏଇ କବିତା ବିଷୟ ତାଙ୍କ ବକ୍ତୃତାରେ ଉଲ୍ଲେଖ କରି କହନ୍ତି, " କାଲି ଦୈବାତ୍ ମୁଁ 'ଇଜ୍‌ଭେସ୍ତିଆ' ରେ ମାୟାକୋଭସ୍କିଙ୍କର ଏକ କବିତା ପଢ଼ିବାକୁ ପାଇଲି । ତାଙ୍କର କବି ପ୍ରତିଭାର ସମଝଦାର ବା ପ୍ରଶଂସକଙ୍କ ମଧ୍ୟରେ ମୁଁ ନିଜକୁ ଗଣ୍ୟ କରେ ନାହିଁ । ମୁଁ ସେ କ୍ଷେତ୍ରରେ ନିଜର ଅଯୋଗ୍ୟପଣିଆ ସ୍ୱୀକାର କରି ନେଉଛି । କିନ୍ତୁ ଅନେକ ଦିନ ପରେ ଏଭଳି ଏକ କବିତା ପଢ଼ି ରାଜନୀତିକ ଓ ପ୍ରଶାସନିକ ଦୃଷ୍ଟିକୋଣରୁ ମୁଁ ଯେଉଁ ଆନନ୍ଦ ପାଇଲି, ତାହା ବାସ୍ତବିକ୍ ଉପଭୋଗ୍ୟ । ଏ କବିତାରେ ସେ କନ୍‌ଫରେନ୍‌ସମାନଙ୍କୁ ଥଟ୍ଟା କରିଛନ୍ତି ଏବଂ କମ୍ୟୁନିଷ୍ଟମାନେ ବେଶୀ ସମୟ ସଭାସମିତି ଓ କନଫରେନ୍‌ସରେ କଟାଉଥିବାରୁ ସେ ସେମାନଙ୍କୁ ଆକ୍ଷେପ କରିଛନ୍ତି । କବିତା ସଂବଧରେ ମୋର ବିଶେଷ କିଛି ଜ୍ଞାନ ନାହିଁ । କିନ୍ତୁ ରାଜନୀତିକ ଦୃଷ୍ଟିକୋଣରୁ ମୁଁ ଶପଥ କରି କହିବି, ସେ ନିରାଟ ସତ କଥା ହିଁ କହିଛନ୍ତି ।" ସେ କବିତାରୁ ପଂକ୍ତିଟିଏ ବୋଲିଲି ମୁଁ ।

Digitized by PPRACHIN, SOA

"ଖାଲି କାଗଜ ଚାଷ,
ଫାଇଲର ସ୍ରୋତ ସବୁଠୁ ଯେ ବେଶୀ ଇମ୍ପୋର୍ଟାଣ୍ଟ
ସେମାନଙ୍କ ଅଫିସକୁ ଯାଅତ, ଦେଖିବ
ତା ପରେ ମିଳାଇ ଯାନ୍ତି କନ୍‌ଫରେନ୍‌ସରେ ।
ଶହ ଶହ କାଗଜ ପତ୍ର ବାଛନ୍ତି ଖଣ୍ଡିଏ ।

(କବିତା: କନ୍‌ଫରେନ୍‌ସରେ, ୧୯୨୨)

ସେ'ଠି ବସି କବିତା ଆବୃତ୍ତି କରିବାକୁ ବେଳ ନଥିଲା । ମାୟାକୋଭସ୍କି ନିଜ କବିତା ସପର୍କରେ କହିଥିଲେ, "ମୋର ବର୍ତ୍ତମାନ କାଳର ଲେଖାକୁ ଅନେକ ପ୍ରଚାର ମୂଳକ, ଶୁଷ୍କ ଏବଂ ବର୍ଣ୍ଣହୀନ ବୋଲି ମତବ୍ୟକ୍ତ କରିଥାନ୍ତି । ସେମାନେ କହନ୍ତି, ଆଗାମୀ ବଂଶଧରମାନେ ମୋତେ ଗ୍ରହଣ କରିବେ ନାହିଁ । ମୁଁ ଅନାଗତ ପୁରୁଷମାନଙ୍କୁ ପ୍ରତ୍ୟକ୍ଷ ଭାବରେ କହିବାକୁ ଚାହେଁ । ମୋର ସମାଲୋଚକମାନେ ସେମାନଙ୍କୁ ଭବିଷ୍ୟତ ଯୁଗରେ କ'ଣ ବୁଝାଇବେ, ସେଥିପାଇଁ ଅପେକ୍ଷା କରିବାକୁ ମୁଁ ରାଜି ନୁହେଁ ।"

ଷ୍ଟାଚ୍ୟୁ ନିକଟରେ ବସି ରହିବା ପ୍ରାୟ ଘଣ୍ଟେ ହୋଇ ଯାଇଥିଲା । ବନ୍ଧୁ ଅରୁଣ ଯିବାକୁ ଇଶାରା ଦେଲେ । ମୁଁ ଉଠି ଠିଆ ହେଲି ଏବଂ ସେହି ଷ୍ଟାଚ୍ୟୁତଳେ ନମସ୍କାର କରି ଚାଲିବାକୁ ଆରମ୍ଭ କଲି । ମୁହଁରେ ମୋର ଲାଗିରହିଥିଲା ମାୟାକୋଭସ୍କିଙ୍କର କବିତା ।

"ପ୍ରାର୍ଥନାଠୁ ସତ୍ୟ ଅଟେ ଶିରା ମାଂସପେଶୀ,
ସମୟର ଦୟା ଆମେ କରିବା ପ୍ରାର୍ଥନା ?
ଆମ ହାତେ, ପ୍ରତ୍ୟେକ ହାତରେ
ଦୁନିଆର ରହିଚି ଲଗାମ,
ଆମ ପାଞ୍ଚ ଆଙ୍ଗୁଠିର ମୁଠା ଭିତରେ ।"

ସାଥୀ ଲେଖକମାନଙ୍କୁ (୧୯୧୫) ମାୟାକୋଭସ୍କି

ମନେହୁଏ, ଅଭ୍ୟସ୍ତ ମୁଁ ହେବିନାହିଁ
ଚା ପିଇବାରେ
'ବ୍ରିଷ୍ଟଲ'ରେ ବସି
ଧାଡ଼ିରେ ନିବେଶି ତନୁ ।

Digitized by PPRACHIN, SOA

ଗ୍ଲାସ୍ ସବୁ ଓଲଟା ପାଲଟା କରି,
ଟେବୁଲରେ ପଙ୍କା ପିଟି
କହେ ମୁଁ ସାମନୁ- 'ଶୁଣ
ସବୁ ସାହିତ୍ୟକ ସାଥୀ !
ତୁମେ ବସି ଏଠି
ଚା'ରେ ନିକ୍ଷଜ ଆଖି,
ଭେଲଭେଟ କହୁଣୀ
ତମ ଲେଖି ଲେଖି କ୍ଷୀଣ ।
ଅସମାପ୍ତ ଗ୍ଲାସ ଛାଡି
ଦେଖ ଖୋଲି ଆଖି
ମୁକୁଳାଅ କାନ ତୁମ
ସେଇ ସବୁ କୃଷ୍ଣ କବରୀରୁ
ପ୍ରିୟାମାନଙ୍କର
ଶବ୍ଦ ସହ ତୁମର ବିବାହ,
ତୁମେ ସବୁ ଯେ ବସିଛ
କାନ୍ଥକୁ ସଟ୍‌କି
ନାନା ଚିତ୍ର କାଗଜରେ
ପିଠି ମାନ ଘଷି !
ମନେହୁଏ, ଅଭ୍ୟସ୍ତ ମୁଁ ହେବିନାଇ
ଚା ପିଇବାରେ
'ବ୍ରିଷ୍ଟଲ' ରେ ବସି
ଧାଡ଼ିରେ ନିବେଶି ତନୁ ।
ଗ୍ଲାସ୍ ସବୁ ଓଲଟା ପାଲଟା କରି,
ଟେବୁଲରେ ପଙ୍କା ପିଟି
କହେ ମୁଁ ସାମନୁ- 'ଶୁଣ
ସବୁ ସାହିତ୍ୟକ ସାଥୀ !
ତୁମେ ବସି ଏଠି
ଚା'ରେ ନିକ୍ଷଜ ଆଖି,

Digitized by PPRACHIN, SOA

ଭେଲଭେଟ କହୁଣୀ
ତମ ଲେଖି ଲେଖି କ୍ଷୀଣ ।
ଅସମାପ୍ତ ଗ୍ଲାସ ଛାଡି
ଦେଖ ଖୋଲି ଆଖି
ମୁକୁଳାଅ କାନ ତୁମ
ସେଇ ସବୁ କୃଷ୍ଣ କବରୀରୁ
ପ୍ରିୟାମାନଙ୍କର
ଶବ୍ଦ ସହ ତୁମର ବିବାହ,
ତୁମେ ସବୁ ଯେ ବସିଛ
କାନ୍ଥକୁ ସଟ୍‌କି
ନାନା ଚିତ୍ର କାଗଜରେ
ପିଠି ମାନ ଘଷି ।
ତମେ କି ଜାଣିଚ
ଫ୍ରାଙ୍କୋଇଶ ଭିଲୋଁ
ଲେଖାଲେଖି ସାରିକରି
କରିଥିଲେ ଆରମ୍ଭ ଲୁଣ୍ଠନ ?
ଏବଂ ତୁମେ ସବୁ ଥରି ଉଠ ଯିଏ ଦେଖି
କଲମଦ୍ରାସ ଛୁରୀ,
ତୁମେ ଏକ ଭବ୍ୟ ଯୁଗର
ହେବାକୁ ମୁରବୀ ଆସ୍ଫାଳନ କର ।

କ'ଣ ଲେଖିଚ ତୁମେ ଆଜି ସମ୍ବନ୍ଧରେ
କହ ମନେ କରି
ଯେ କୌଣସି ଓକିଲର ସହକାରୀ ଜଣେ
ଜୀବନକୁ ମନେକରେ ବେଶୀ
ଆକର୍ଷକ ।

ଭଦ୍ରଲୋକ, କବିଗଣ !

Digitized by PPRACHIN, SOA

କ୍ଳାନ୍ତ ନୁହଁ ତୁମେ କ'ଣ
ଲେଖି ଲେଖି ଅଜସ୍ର ପୃଷ୍ଠାରେ
ପ୍ରାସାଦ
ଓ ପ୍ରେମ
ଏବଂ ଲିଲାକ ଫୁଲର କଥା ।

ତୁମେ ଯଦି ଏଇପରି ସ୍ରଷ୍ଟା
ପକାଇବି ଛେପ ମୁଇଁ ସବୁ ଆର୍ଟ ପରେ ।

ମୁଁ ବରଂ ଖୋଲିବି ଦୋକାନ,
କିମ୍ବା ଯିବି ସଠ଼ା ବଜାରକୁ
କିମ୍ବା ମୋର ଥଳିମାନ କରିବି ପୃଥୁକ
କେଉଁ ଏକ ଅନ୍ଧାରୀ ଗଳିରେ ।

ମୁଁ ମୋର ଆତ୍ମାକୁ ଆଜି କରିବି ଦମନ
ଏକ ଦୀପ୍ତ ମାତାଲ ସଂଗୀତ
ସେ ବିଧାତା ଭେଦି ତମ ବାଳର ଅରମ
ପଶିବ କି ମଗଜ ଭିତରେ ?

ତୁମ ମୁଣ୍ଡରେ ଅଛି
ଗୋଟିଏ ଧାରଣା-
ବାଳର ସେ ଜଂଗଲର ତଳେ।
କୁଣ୍ଡାଇବା । କାହିଁକି ? ପଟାରେ
ସେ କ୍ଷଣ ତ ତା'ର କିଛି ମୂଲ୍ୟ ନାଇ ।
ଆଉ ଚିର କାଳ କଥାଟା ଉଠିଲେ-
କିଏ କଣ ପାନିଆରେ ଚିରଦିନ
ରଂପା ହୋଇପାରେ ?

□□□

Digitized by PPRACHIN, SOA

ମୁଁ (୧୯୯୨)

ମୋର ଦଳିତ ଆତ୍ମାର
ଛକେ,
ପାଗଳଙ୍କୁ କୁତାର ଗୋଇ
ଦଳିଦିଏ
ନାନା କ୍ରୁର ରୁକ୍ଷ ଶବ୍ଦ
ଛବି ।

ଯେଉଁଠି ନଗରୀ ଠିଆ
ଏବଂ ମେଘ- ପାଶେ
ମିନାରର ଚୂଡା ମାନ
ଛବି ହୋଇଯାଏ ।
ମୁଁ ଯାଏ ।
ନିଭୃତରେ କାନ୍ଦେ
ସେ ଛକି ରାସ୍ତାରେ,
ଯହିଁ କୃଶବଦ୍ଧ
ପୋଲିସ୍‌ମ୍ୟାନଟି ।

Digitized by PPRACHIN, SOA

ମୁଁ ଜଣେ କବି

ମାୟାକୋଭସ୍କିଙ୍କର ଷ୍ଟାଚ୍ୟୁ ନିକଟରୁ ତାଙ୍କ କବିତାର ଗୋଟିଏ ପଂକ୍ତିକୁ ମନେ ମନେ ଗାଇ ଗାଇ ମୁଁ ମେଟ୍ରୋ ଆଡ଼କୁ ଆଗେଇ ଚାଲିଥିଲି । ସେହି ପଦଟି ଥିଲା । "ଦୁନିଆଁର ରହିଛି ଲଗାମ, ଆମ ପାଂଚ ଅଂଗୁଠିର ମୁଠାର ଭିତରେ ।"

ଜଣେ ସ୍ୱଳ୍ପ ବୟସରେ ନିଜକୁ ସମଗ୍ର ବିଶ୍ୱ ମଂଚରେ ପ୍ରତିଷ୍ଠିତ କରିପାରିଥିବା କବି । ଭ୍ଲାଡିମିର ମାୟାକୋଭସ୍କି । ଯାହାଙ୍କ ନାମରେ ଅସଂଖ୍ୟ ସ୍କୁଲ, ବ୍ଲକ୍, ଲାଇବ୍ରେରୀ, ଥିଏଟର, ପାର୍କ, ଚୌରାସ୍ତା ଠାରୁ ଆରମ୍ଭ କରି କୃଷି ଫାର୍ମ ଏବଂ ପାହାଡ଼ ପର୍ଯ୍ୟନ୍ତ ।

ମସ୍କୋ ନଗରୀରେ ଆମେ ତ ମାୟାକୋଭସ୍କି ସ୍କୋୟାର ଓ ମେଟ୍ରୋ ନିକଟରେ ଦୀର୍ଘ ସମୟ ଧରି ବସି ରହିଥିଲୁ ।

ମସ୍କୋରେ ମଧ୍ୟ ରହିଛି ତାଙ୍କର ମ୍ୟୁଜିୟମ୍ । ଷ୍ଟେଟ ମାୟାକୋଭସ୍କି ମ୍ୟୁଜିୟମ । ଯେଉଁଠି ସେ ୧୯୧୯-୩୦ ମସିହା ପର୍ଯ୍ୟନ୍ତ ରହିଥିଲେ । ତାଙ୍କର ୧୨ଗୋଟି ପାଣ୍ଡୁଲିପି ଏବଂ ୬୮ ଗୋଟି ଖାତା ରହିଛି । ତାଙ୍କ ଜୀବନର ପ୍ରତ୍ୟେକ ଘଟଣାର ମୂଳସାକ୍ଷୀ ସେହି ମ୍ୟୁଜିୟମ୍‌ରେ ଥିବା ପ୍ରାୟ ଦୁଇହଜାର ପଦାର୍ଥ ।

ମାୟାକୋଭସ୍କିଙ୍କ ସ୍ୱରରୁ କବିତା ମଧ୍ୟ ଶୁଣିବାକୁ ମିଳେ ।

ନିଜର ଆତ୍ମକଥାରେ ସେ ଅତି ରୋକ୍‌ଠୋକ୍ ଭାବରେ କହିପାରିଥିଲେ, "ମୁଁ ଜଣେ କବି" । ସେଥିପାଇଁତ ଲୋକେ ମୋ ସଂବଧରେ ଆଗ୍ରହୀ । ମୋର ଆଗ୍ରହ ତ ବହୁଆଗରୁ ଥିଲା । ତାଙ୍କର ଷ୍ଟାଚ୍ୟୁ ନିକଟରେ ଦୀର୍ଘ ସମୟ ବସିବା ପରେ, ଷ୍ଟାଚ୍ୟୁ ସହିତ ନିଜର ଆତ୍ମୀୟତାକୁ ଜାହିର କରି ଆତ୍ମ ସନ୍ତୋଷ ଲାଭ କରିବା ପାଇଁ ଫଟୋ ଉଠାଇବା ପରେ, ଆମେ ଫେରିଆସିଥିଲୁ ଏବଂ ମୁଁ ମାୟାକୋଭସ୍କିଙ୍କର ପ୍ରଶଂସକରୁ ସ୍ତାବକ ସ୍ତରକୁ ଉର୍ତ୍ତୀର୍ଣ୍ଣ ହୋଇ ଯାଇଥିଲି ।

ତାଙ୍କ ସଂପର୍କରେ ଅଧିକ ଜାଣିବାକୁ ମୋତେ ଅଫିମ୍ ନିଶା ଲାଗିଥିଲା କାରଣ ସେ ଆତ୍ମହତ୍ୟା କରିଥିଲେ । ସଫଳତାର ଶୀର୍ଷ ବିନ୍ଦୁରେ ପହଞ୍ଚି ହଠାତ୍ ନିଜକୁ କ'ଣ ବୋଲି ଭାବିଲେ କେଜାଣି ଏପ୍ରିଲ୍ ୧୪ ତାରିଖ ୧୯୩୦

Digitized by PPRACHIN, SOA

ମସିହାରେ ନିଜ ଜୀବନକୁ ନିଜ ହାତରେ ଶେଷକରିଦେଲେ । ଶେଷ କରିବା ପୂର୍ବରୁ ସେ ଲେଖିଥିଲେ ଗୋଟିଏ କବିତା । ବଂଧୁ ଅରୁଣ କବିତାକୁ ପଢି ମୋତେ ଶୁଣାଇଲେ ।

"ଅତିମାନ୍ୟ,
ସାଥୀଗଣ, ବଂଶଧର ଗଣ !
ହେ ଆଗାମୀ ପୁରୁଷ ସକଳ !
ଆମ ସମ ସାମରିକ
ଶିଳାଭୂତ
ଆବର୍ଜନା ଖୋଳି
ହୁଏତ କରିବ ତୁମେ
ମୂଲ୍ୟାୟନ
ବହୁମୃତ ଶତାବ୍ଦୀର ଗର୍ଭେ ।
ପଚାରିବ, ଥିଲା ବୋଲି
ମାୟାକୋଭସ୍କି ଜଣେ ।
ତମର ପଂଡିତ ମାନେ
ବହୁତଥ୍ୟ ଘାଂଟି
କରିବେ ପ୍ରକାଶ
ନାନା ପ୍ରଶ୍ନ, ତତ୍ତ୍ୱ ଆଉ କିଂବଦଂତୀ ସବୁ ।
ହୁଏତ କହିବେ-
"ଏକଦା ଗାୟକ ଥିଲା ଜଣେ
ରକ୍ତ ଯାର ଟିଳଟିଳ ଫୁଟେ
ଘୃଣା କରେ ସିଏ ଯାହା
ଥଂଡା ଆଉ କଂଚା ।"

ହଠାତ୍ ଅରୁଣ କବିତା ପଢା ବନ୍ଦ କରିଦେଲେ ।

ବାହାରେ ଝିପିଝିପି ବର୍ଷା ଯୋଗୁଁ ଘର ଭିତରର ଥଣ୍ଡା କ୍ରମଶଃ ବଢି ଯାଇଥାଏ । ବଡ ବଡ କପ୍‌ରେ ଚାହା ପିଇବାର ଆଗ୍ରହ କବିତା ପଢା ବନ୍ଦ ହେବାର ମୁଖ୍ୟକାରଣ ହୋଇ ଯାଇଥାଏ ।

ଗରମ ଗରମ ପକୁଡି ଓ ଚା ଟ୍ରେଧରି ନମିତା ଆମ ସହିତ ଯୋଗଦେଲେ । ସେ କହିଲେ " ମାୟାକୋଭସ୍କି ଏକ ଭିନ୍ନ ଧରଣର କବି । ସେ ନିଜ ସଂପର୍କରେ ଯାହା କହିଥିଲେ ତାହା ବେଶ୍ ପ୍ରଣିଧାନ ଯୋଗ୍ୟ ଓ ଗୁରୁତ୍ୱପୂର୍ଣ୍ଣ ।

Digitized by PPRACHIN, SOA

"ମୋର ଲେଖନୀର ଆବେଦନ କୌଣସି ଲଂବା-ବାଳ ରଖିଥିବା ଲିରିକ୍ ଲେଖକଙ୍କ ଠାରୁ କମ୍ ନୁହେଁ । ମୁଁ କାହିଁକି ଖାଲି ଜ୍ୟାକ୍ ଓ ଛିଲିଂକ ପ୍ରେମ ବିଷୟରେ କବିତା ଲେଖୁଥିବି ? ନିଜକୁ କାହିଁକି ଏକ ନୂତନ ଜୀବନର ସ୍ରଷ୍ଟା ବୋଲି ମନେ ନକରିବି ?"

"କବି କେବଳ ପ୍ରେମଗାଥାର ଗାୟକ ଏକ କୁଂଚୁ କୁଂଚିଆ ଲୋମବିଶିଷ୍ଟ ମେଷ ଶାବକ ନୁହେଁ । ସେ ତୀକ୍ଷ୍ଣ ଶ୍ରେଣୀ ସଂଘର୍ଷ ସମୟରେ, ସର୍ବହରାର ଅଗ୍ନି-ଉତ୍ସବରେ ନିଜ ଲେଖନୀକୁ ଉତ୍ସର୍ଗ କରିଥାଏ ଏବଂ ଅପରିଷ୍କାର ବା କଠିନ ବୋଲି କୌଣସି ବିଷୟକୁ ଫୋପାଡି ଦିଏ ନାହିଁ ।

ମାୟାକୋଭସ୍କି କମ୍ୟୁନିଷ୍ଟ ନଥିଲେ କିନ୍ତୁ ସର୍ବହରାର ସଂଗ୍ରାମ ପ୍ରତିଥିଲେ ଅନୁଗତ । ଲେନିନ୍‌କୁ ଭଲ ପାଉଥିଲେ ଏବଂ ୧୯୧୭ ମସିହାର ସୋଭିଏତ୍ ବିପ୍ଳବକୁ ଆନନ୍ଦରେ, ହର୍ଷୋତ୍‌ଫୁଲ୍ଲ ମନରେ ଗ୍ରହଣ କରିଥିଲେ ।"

"ମୁଁ ଜଣେ କବି । ସେଇଥିପାଇଁ ତ ଲୋକେ ମୋ ବିଷୟରେ ଆଗ୍ରହୀ" ଏକଥାକୁ କେତେ ଅସ୍ବାର୍ଦ୍ଧାର ସହିତ, କେତେ ଆତ୍ମ ସନ୍ତୋଷର ସହିତ ସେ କହିଛନ୍ତି, ତାହା ପ୍ରଥମେ ହିଁ ହୃଦୟକୁ ଆନ୍ଦୋଳିତ କରେ । ସେ ଏହା କହି ସତେ ଅବା ନିଜ ଚାରିପାଖରେ ଏକ ପାଚେରୀ ସୃଷ୍ଟି କରିଗଲେ ।

ତାଙ୍କ ନିକଟରେ ବିପ୍ଳବର ଭୂମିକମ୍ପକୁ ସାମନା କରିବାର ଥିଲା ଶକ୍ତି ଓ ସାମର୍ଥ୍ୟ । ସେ ତେଣୁ ବିପ୍ଳବକୁ ଭଲ ପାଇ କହିଲେ, ମୁଁ ପ୍ରେମକରେ, ହେ ମୋର ବିପ୍ଳବ ।"

ସ୍ରଷ୍ଟା ସୃଷ୍ଟିର ପରିସମାପ୍ତିକୁ ସେ 'ଅସ୍ତ' ବୋଲି ବିଚାର କରୁଥିଲେ । ଋଷ କବିତାରେ ତାଙ୍କର ଯୋଗଦାନ ଥିଲା ଅତ୍ୟନ୍ତ ସାହସିକ ଏବଂ ନିଜ ଭୂମିରେ ସେ ନିଜେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଛିଡା ହୋଇଥିଲେ । ତାଙ୍କ କବିତାକୁ ଦେଖିଲେ ଲାଗେ ସେ ଆଦୌ ଖୋଜୁ ନଥିଲେ କିନ୍ତୁ ପାଇ ଯାଉଥିଲେ । ତେଣୁ ଅତି ରୋକ୍‌ଠୋକ୍ ଭାବରେ କହିଥିଲେ, "ଆମେ ସୋଭିଏତ୍ ଲୋକମାନେ ପ୍ରକୃତିରେ ଗର୍ବୀ ।"

ଜଣେ ସୋଭିଏତ କବି ଭାବରେ ଏତେ ମାତ୍ରାରେ ନିଜ ମାଟି, ପାଣି, ପବନ, ଲୋକ ମାନଙ୍କ ସହିତ ଜଡିତ ହୋଇଯାଇଥିଲେ ଯେ ତାଙ୍କ ଠାରୁ ଏହି କଥାଟି ଶିଖିବାକୁ ହୁଏ ।

ନିଜକୁ ଭଲ ପାଇବା ସହିତ ସେ ଭଲ ପାଇଥିଲେ ନିଜ ଦେଶକୁ, ନିଜ ଦେଶର ଲୋକମାନଙ୍କୁ ।

Digitized by PPRACHIN, SOA

ଏଇ ଭଲ ପାଇବା ଯୋଗୁଁ ବୋଧହୁଏ ସେ ବିଶ୍ୱବନ୍ଦିତ, ବିଶ୍ୱସମ୍ମାନର ଅଧିକାରୀ ହୋଇଗଲେ । ଏବଂ ନିଜକୁ ଅତି ଗୁରୁତ୍ୱର ସହିତ ଉଦ୍‌ଘୋଷଣା କରି ପାରିଲେ "ମୁଁ ଜଣେ କବି ।"

ବିଂଶ ଶତାବ୍ଦୀର ବିଶ୍ୱ କବିତାରେ ମାୟାକୋଭସ୍କି ଅନନ୍ୟ, ଅସାମାନ୍ୟ ଓ ଅନସ୍ୱୀକାର୍ଯ୍ୟ । ବିପ୍ଲବୀ କବି ଭାବରେ ମାୟାକୋଭସ୍କି ଯେମିତି ଜଡି ହୋଇ ଯାଇଛନ୍ତି । କାରଣ ତାଙ୍କ ସ୍ୱର ନିଆରା । ସେ ଏକ ନୂତନ ପୃଥିବୀ ଓ ନୂତନ ମଣିଷର କଥା କହିଛନ୍ତି ।

ନମିତା ମାୟାକୋଭସ୍କିଙ୍କର ୧୯୧୫ ମସିହାରେ ଲେଖିଥିବା ଗୋଟିଏ କବିତା ପଢିବାକୁ ଆରମ୍ଭ କଲେ । ଓଡ଼ିଆ ଅନୁବାଦ ହୋଇଛି । କିଏ ଓଡ଼ିଆ ଅନୁବାଦ କରିଛି, ତାହା ଜଣା ନାହିଁ । ତୁଏତ ସଚ୍ଚି ରାଉତରା ବା ଅନନ୍ତ ପଟ୍ଟନାୟକ ହୋଇପାରନ୍ତି ।

ସେହି କବିତାର ଶୀର୍ଷକ ଥିଲା "ସାଥୀ ଲେଖକମାନଙ୍କୁ"

"ମନେହୁଏ, ଅଭ୍ୟସ୍ତ ମୁଁ ହେବିନାଇ ଚା' ପିଇବାଗେ
'ବ୍ରିଷ୍ଟଲରେ' ବସି ।"
ଧାଡିରେ ନିବେଶି ତନୁ
ଗ୍ଲାସ ସବୁ ଓଲଟ ପାଲଟ କରି
ଟେବୁଲରେ ପଂଝା ପିଟି କହେ ମୁଁ ସାମନୁ-
"ଶୁଣ
ସବୁ ସାହିତ୍ୟକ ସାଥୀ ।
ତୁମେ ବସି ଏଠି
ଚା'ରେ ନିମ୍ନଜ ଆଖି
ଭେଲଭେଟ କହୁଣୀ ତମ ଲେଖିଲେଣି କ୍ଷୀଣ
ଅସମାପ୍ତ ଗ୍ଲାସ୍ ଛାଡି ଦେଖ ବୋଲି ଆଖି
ମୁକୁଳାଅ କାନ ତୁମ ସେଇ କୃଷ୍ଣ କବରୀରୁ
ପ୍ରିୟାମାନଙ୍କର,
ଶବ୍ଦ ସହ ତୁମର ବିବାହ,
ତୁମେ ସବୁ ଯେ ବସିଚ କାନ୍ଥକୁ ସଟ୍‌କି,
ନାନା ଚିତ୍ର କାଗଜରେ,
ପିଠିମାନ ଘଷି,
ତମେ କି ଜାଣିଚ,

Digitized by PPRACHIN, SOA

ଫ୍ରାକୋଇଶ ଭିଲୋଁ,
ଲେଖାଲେଖି ସାରିକରି,
କରିଥିଲେ ଆରମ୍ଭ ଲୁଣ୍ଠନ ?'

xxx

ଏପ୍ରିଲ ୧୪ ତାରିଖ ୧୯୩୦ ମସିହା କବି ମାୟାକୋଭସ୍କିଙ୍କର ଦେହାନ୍ତ ହେଲା ।

କେତେକ ବ୍ୟକ୍ତି ସଂଗ୍ରାମୀ ଭାବେ , ଯୋଦ୍ଧା ଭାବେ ଜନ୍ମ ହୁଅନ୍ତି । କିନ୍ତୁ କବି ମାନଙ୍କ ମଣ୍ଡଳୀରେ ସେ ଜଣେ ପ୍ରତିବଦ୍ଧ ସଂଗ୍ରାମୀ କବି ।

ସେଇଥିପାଇଁ ବୋଧହୁଏ ମୋର ତାଙ୍କ ପ୍ରତି ଏ ଆକର୍ଷଣ ଏବଂ ଦୀର୍ଘ ସମୟଧରି ମସ୍କୋ ରହଣିବେଳେ ତାଙ୍କ ଷ୍ଟାଚ୍ୟୁ ନିକଟରେ ବସି ତାଙ୍କ ସାହଚର୍ଯ୍ୟରେ ନୂତନ ବିଶ୍ୱକୁ ଦେଖିବାର ପ୍ରଚେଷ୍ଟା ମୁଁ କରୁଥିଲି ।

□□□

Digitized by PPRACHIN, SOA

ରେଡ୍ ସ୍କୋୟାର, କ୍ରେମଲିନ୍ ରାଜପ୍ରାସାଦ ଓ ଲେନିନ୍ ମୁସୋଲିୟମ୍

କ୍ରେମଲିନ୍ ରାଜପ୍ରାସାଦ ବହୁ ଘାତ ପ୍ରତିଘାତ ମଧ୍ୟ ଦେଇ ଋଷ ଇତିହାସ ଓ ସଂସ୍କୃତିର ମୂକସାକ୍ଷୀ ଭାବରେ ଛିଡା ହୋଇଛି । ବର୍ତ୍ତମାନ ଏହା ଦେଶର ରାଜନୀତିକ ଜୀବନର ପ୍ରାଣକେନ୍ଦ୍ର । ଏଠାରେ ରାଷ୍ଟ୍ରପତି ଓ ମନ୍ତ୍ରୀ ପରିଷଦର ବୈଠକ ବସେ । ଲେନିନ୍ କ୍ରେମଲିନ୍‌ରେ ରହୁଥିବା ଅଟ୍ଟାଳିକା ଏବେ ମ୍ୟୁଜିୟମ୍, କ୍ରେମଲିନ୍ ପ୍ରାସାଦ ମଧ୍ୟରେ ରହିଛି ଅନେକଗୁଡ଼ିଏ ଚର୍ଚ୍ଚ ଏବଂ ଏଗୁଡିକ ପ୍ରାଚୀନ କଳା ଓ ହସ୍ତଶିଳ୍ପରେ ସଜ୍ଜିତ ।

୧୮ଶ ଶତାବ୍ଦୀର ଜାରଘଣ୍ଟା ଯାହାର ଓଜନ ୨୦୦ଟନ୍ ମସ୍କୋ ସହରର ଅନ୍ୟତମ ଆକର୍ଷଣ ଏବଂ ସେଠାରେ ଦେଖିବାକୁ ମିଳେ ୧୬ଶ ଶତାବ୍ଦୀର ବିରାଟ ତୋପ । କ୍ରେମଲିନ୍ ମଧ୍ୟରେ ରହିଛି ମ୍ୟୁଜିୟମ୍ । ଆମେ କ୍ରେମଲିନ୍‌ର ପଛପାଖ ରାସ୍ତାରେ ଗଲାବେଳେ ବହୁ ସଂଖ୍ୟକ କଳାରଙ୍ଗରକାର ଭିଆଇପିମାନଙ୍କୁ ନେଇ ଅନବରତ ଯାତାୟତ କରୁଥିବାର ଦୃଶ୍ୟ ଥିଲା ବେଶ୍ ଉପଭୋଗ୍ୟ ।

ମସ୍କୋର ମୁଖ୍ୟଛକ (ସ୍କୋୟାର) ରେଡ ସ୍କୋୟାର । ପ୍ରାଚୀନ ସ୍ଲାଭ ଭାଷାରେ 'ରେଡ୍' ଅର୍ଥ ହେଉଛି ସୁନ୍ଦର । ଏହି ସ୍କୋୟରରେ ରହିଛି ସେଣ୍ଟ ବାସିଲ କାଥେଡ୍ରାଲ ଏବଂ ସମ୍ମୁଖରେ ମସ୍କୋର ପ୍ରଥମ ସ୍ଥାପତ୍ୟ କଳାର ନିଦର୍ଶନ, ଋଷ ଦେଶପ୍ରେମୀ କୋଜମା ମିନିନ୍ ଓ ଡିମିଟ୍ରି ପୋଜାରସ୍କିଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିସ୍ତମ୍ଭ ।

କ୍ରେମଲିନ୍‌ର ସବୁଠାରୁ ସୁନ୍ଦରତମ ଟାୱାର ସ୍ପାସକାୟା । ତାହିଁ ରହିଛି ରେଡ୍ ସ୍କୋୟାରକୁ । ଏହା ମସ୍କୋର ନିଦର୍ଶନ । ଏଥିରେ ଲାଗିଛି ବିରାଟ ଘଣ୍ଟା । ରେଡ୍ ସ୍କୋୟାରରେ ସ୍ଥାପନ କରାଯାଇଛି ମହାମାନବ ଲେନିନ୍ ମୁସୋଲିୟମ୍ । ଏଠାରେ ଲେନିନ୍‌ଙ୍କର ମରଶରୀରକୁ ସଯତ୍ନେ ସାଇତା ହୋଇ ରଖାଯାଇଛି । ଝିପିଝିପି ବର୍ଷା ସତ୍ତ୍ୱେ ଆମେ ଦେଖିବାକୁ ରେଡ୍ ସ୍କୋୟାରରେ ପହଞ୍ଚି ଯାଇଥିଲୁ । ସେହି ମୁସୋଲିୟମକୁ

Digitized by PPRACHIN, SOA

ଅନବରତ ଜଗି ରହିଛନ୍ତି ଋଷ ପୁଲିସ୍ । ୟେଲତ୍‌ସିନ୍ ଋଷ ଗଣରାଜ୍ୟର ଶାସନଡୋରି ନେବାପରେ ଏହାକୁ ଭାଙ୍ଗିଦେବାକୁ ଚେଷ୍ଟା ହୋଇଥିଲା । କିନ୍ତୁ ଋଷର ଅସଂଖ୍ୟ ଦେଶପ୍ରେମୀ ଲୋକେ ତାଙ୍କ ପ୍ରିୟ ନେତାଙ୍କୁ ସ୍ଥାନାନ୍ତରିତ କରିବାକୁ ବା ଏହାକୁ ଭାଙ୍ଗି ଦେବାକୁ ଦେଇ ନ ଥିଲେ । ଏହି ମୁସୋଲିୟମ୍ ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ଦିନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଉନ୍ମୁକ୍ତ ରହେ । ରବିବାର ଦିନ ୧୧ଟାରୁ ୪ଟା । ଗ୍ରୀଷ୍ମକାଳରେ ୯ଟାରୁ ୧ଟା ଓ ରବିବାର ଦିନ ୯ଟାରୁ ୪ଟା । ଏହି ରେଡ୍ ସ୍କୋୟାରରେ ମହାନ୍ ନାୟକ ଲେନିନ୍ ବହୁଭାଷଣ ଦେଇଥିଲେ । ବିଭିନ୍ନ ସମୟରେ ଋଷର ରେଡ୍ ଆର୍ମି ଏଠାରେ ମାର୍ଚ୍ଚ କରି ଯାଇଥା'ନ୍ତି ଓ ବିଦେଶାଗତ ରାଷ୍ଟ୍ର ମୁଖ୍ୟମାନଙ୍କୁ ଏଠାରେ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା ଥାଏ । ତାହା ବର୍ତ୍ତମାନ ଅବଶ୍ୟ ନାହିଁ ଏବଂ ରେଡ୍ ସ୍କୋୟାରକୁ ଅଧିକାର କରି ଗଢି ଉଠିଛି ବିରାଟ ବିରାଟ ପ୍ରାସାଦ ।

ଲେନିନ୍ ମୁସୋଲିୟମ୍‌ର ପଛ ପାଖରେ, କ୍ରେମଲିନ୍ କାନ୍ଥକୁ ଛାଡି ଅସଂଖ୍ୟ ସମାଧି ନିର୍ମାଣ ହୋଇଛି ସ୍ୱର୍ଗତ ନେତାମାନଙ୍କ ଉଦ୍ଦେଶ୍ୟରେ, ଯେଉଁମାନେ ଦେଶ ପାଇଁ ଓ ଆନ୍ତର୍ଜାତୀୟ ଶ୍ରମିକ ଆନ୍ଦୋଳନ ପାଇଁ ନିଜ ଜୀବନ ଦେଇ ସହିଦ ହୋଇଛନ୍ତି । ସେହି ସହିଦମାନଙ୍କ ମଧ୍ୟରେ ରହିଛି ଅଗଣିତ ଶ୍ରମିକ ଓ ସୈନିକଙ୍କର ସମାଧି, ଅକ୍ଟୋବର ବିପ୍ଳବରେ ନୂତନ ଶାସନ ବ୍ୟବସ୍ଥା ଗଢ଼ିବା ପାଇଁ ଯେଉଁମାନେ ଜୀବନଦାନ କରିଥିଲେ ।

ଆମେ ଧୀର ପଦକ୍ଷେପରେ ଲେନିନ୍ ମୁସୋଲିୟମ ମଧ୍ୟକୁ ପ୍ରବେଶ କଲୁ । ଝିପିଝିପି ବର୍ଷା ଓ ଥଣ୍ଡା ପାଗ ସତ୍ତ୍ୱେ ବହୁଲୋକ ସେହି ଧାଡ଼ିରେ ପ୍ରିୟ ନେତାଙ୍କର ପାର୍ଥିବ ଶରୀରକୁ ଦେଖିବା ପାଇଁ ଯାଉଥା'ନ୍ତି । ଅଳ୍ପ ଅଳ୍ପ ବ୍ୟବଧାନରେ ସଗର୍ବଠାଣିରେ ଋଷ ପୁଲିସ ଆମ୍ଭମାନଙ୍କୁ ଯିବା ପାଇଁ ଆଙ୍ଗୁଳି ନିର୍ଦ୍ଦେଶ କରୁଥା'ନ୍ତି । କ୍ୟାମେରା ଇତ୍ୟାଦି ନ ନେବା ପାଇଁ ମୂଳରୁ ତାଗିଦ୍ । ମୋର କ୍ୟାମେରାଟିକୁ ମୁଁ ଓଭରକୋଟ ମଧ୍ୟରେ ଲୁଚାଇ ରଖି ବୋତାମ ଲଗାଇ ଦେଇଥାଏ ।

ଲମ୍ବା କ୍ୟୁରେ ଗୋରା ଡେଙ୍ଗା ମଣିଷଙ୍କ ସହିତ କୁନିକୁନି ସ୍କୁଲ ପିଲାମାନେ ନିଜର ପାଦକୁ ସତର୍କତାର ସହିତ ପକାଉଥା'ନ୍ତି । ଆମେ ମୁସୋଲିୟମ୍ ମଧ୍ୟକୁ ପ୍ରବେଶ କଲୁ । ଲେନିନ୍‌ଙ୍କର ପାର୍ଥିବ ଶରୀର ଶୋଇ ରହିଛି, ଆମେ ଦୂରରୁ ଦେଖୁଥିଲୁ । ହାତ ଉପରକୁ ଉଠିଗଲା ନମସ୍କାର ଭଙ୍ଗୀରେ । ଅନିର୍ବାଣ ଦୀପଶିଖା ଲେନିନ୍ । ଅକ୍ଟୋବର ବିପ୍ଳବର ସଫଳତା, ଋଷରେ ଜାର ଶାସନ ଲୋପ ପାଇଁ

Digitized by PPRACHIN, SOA

କୃଷକ ଓ ଶ୍ରମିକର ଶାସନ ବ୍ୟବସ୍ଥାର ପ୍ରଚଳନ ସମଗ୍ର ବିଶ୍ୱ ରାଜନୀତିକୁ ଏକ ନୂଆ ମୋଡ ଦେଇଥିଲା । ପୁଞ୍ଜିବାଦ, ସାମନ୍ତବାଦ, ସାମ୍ରାଜ୍ୟବାଦ ଓ ଫାସିବାଦର ମୃତ୍ୟୁକାଳୀନ ଘଣ୍ଟାଧ୍ୱନୀ ଇଉରୋପଠାରୁ ଏସିଆ ମହାଦେଶ ଯାଏ ବ୍ୟାପୀ ଯାଇଥିଲା ଏବଂ ବହୁଦେଶ ସ୍ୱାଧୀନତାର ଆନନ୍ଦଲାଭ କରିଥିଲା ।

ସେଇଥିଲେ ଲେନିନ୍ । ମାନବତାବାଦର ପୂଜାରୀ ଲେନିନ୍ । ଖଟିଖିଆ ମେହନତି ମଣିଷର ପ୍ରିୟତମ ବନ୍ଧୁ ଓ ସଖା ଲେନିନ୍ ।

ସମଗ୍ର ମସ୍କୋ ସହରରେ ତାଙ୍କରି ପାଇଁ ମୁସୋଲିୟମ୍, ତାଙ୍କର ବିରାଟ ଷ୍ଟାଚ୍ୟୁ, ତାଙ୍କରି ନାମରେ ନାମିତ ମେଟ୍ରୋ ଇତ୍ୟାଦି ।

ସେ ଶୋଇଛନ୍ତି ଚିରନିଦ୍ରାରେ । ଅସଂଖ୍ୟ ଅଗଣିତ ଶ୍ରଦ୍ଧାଳୁ ଦର୍ଶକଙ୍କର ଯୋଡହସ୍ତ ଲମ୍ବିଯାଉଛି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ।

ତାଙ୍କରି ଗଢା ମଣିଷମାନେ ସର୍ବହରାର ଏକ ନାୟକତ୍ୱରେ ବିଶ୍ୱାସ ନ କରି କ୍ଷମତାକୁ ଜାବୁଡି ଧରିବା ଫଳରେ ମାତ୍ର ସତୁରୀ ବର୍ଷ ପରେ ସାମ୍ୟବାଦର ମେରୁଖୁଣ୍ଟ ଦୋହଲି ଯାଇଛି । ସୋଭିଏତ ସଂଘ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଇଛି । ମୂକ ସାକ୍ଷୀଭାବେ ଛିଡା ହୋଇଛି ମହାନ୍ ଅକ୍ଟୋବର ବିପ୍ଲବର ଦାର୍ଶନିକ ଓ ବିପ୍ଲବୀମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିସ୍ତମ୍ଭ ଆଲୋକ୍ୟାଣ୍ଡୋଭସ୍କି ଉଦ୍ୟାନରେ ।

ଆମେ କ୍ରେମଲିନ୍, ରେଡସ୍କୋୟାର ଓ ଲେନିନ୍ ମୁସୋଲିୟମ୍ ଛାଡି ଫେରିବାବେଳେ ମନେ ପଡିଲା ଜଣେ ସୋଭିଏତ କବି ଲେଖିଥିଲେ, 'ମସ୍କୋ କ୍ରେମଲିନ୍ ଠାରୁ ଋଷିଆର ବ୍ୟାପ୍ତି । କ୍ରେମଲିନ୍ ଟାୱାରରେ ଥିବା ଘଣ୍ଟାରୁ ସୂଚୀତ ହୁଏ ପ୍ରତ୍ୟେକ ଦିନ ସକାଳେ ଋଷର ଦିନ - ସକାଳ ଆରମ୍ଭ ହୁଏ ରେଡ୍ ସ୍କୋୟାରରୁ ପ୍ରଥମେ ।'

ooo

Digitized by PPRACHIN, SOA

ମସ୍କୋ ମେଟ୍ରୋ

ମାଟିତଳେ ନିର୍ମାଣ କରାଯାଇଥିବା 'ମେଟ୍ରୋ' ମସ୍କୋର ଅନ୍ୟତମ ଆକର୍ଷଣ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମାଣ କରାଯାଇଥିବା ଏହି ମେଟ୍ରୋ ଦୈନିକ ହାରାହାରି ୧.୫ ଲକ୍ଷ ଲୋକଙ୍କୁ ନେବା ଆଣିବା କରେ । ସହରର ୫୦ଭାଗ ଲୋକଙ୍କର "ମେଟ୍ରୋ" ହେଉଛି ଗମନାଗମନର ମାଧ୍ୟମ । ମସ୍କୋ ବୁଲି ଦେଖିବା ପାଇଁ ଏହା ଅତ୍ୟନ୍ତ ସହଜ ଓ ସୁବିଧା ଉପାୟ । ବିଭିନ୍ନ ଦିଗକୁ ବିଚ୍ଛୁରିତ ହୋଇଥିବା ମେଟ୍ରୋ ଲାଇନ୍ ଗୋଟିଏ ବୃତ୍ତାକାର ରିଙ୍ଗ ଲାଇନ୍ ସହିତ ସଂଯୁକ୍ତ । ପ୍ରତ୍ୟେକ ବ୍ୟାସାର୍ଦ୍ଧ ସଦୃଶ୍ୟ ବହିର୍ଗାମୀ ମେଟ୍ରୋ ରାସ୍ତାର ନାମକରଣ ରହିଛି ଏବଂ ମେଟ୍ରୋ ମାନଚିତ୍ରରେ ବିଭିନ୍ନ ରଙ୍ଗଦ୍ୱାରା ଚିହ୍ନିତ କରାଯାଇଛି । ନିର୍ଦ୍ଦିଷ୍ଟ ସ୍ଥାନ ଯେତେଦୂର ହେଲେ ମଧ୍ୟ ମାତ୍ର ଦୁଇଟି ମେଟ୍ରୋ ପରିବର୍ତ୍ତନ କରି ପହଞ୍ଚି ଯାଇହେବ ।

ମୋତେ ଆନନ୍ଦ ଲାଗୁଥିଲା ମେଟ୍ରୋ ଷ୍ଟେସନର ନାମକରଣ କବି ଓ ଲେଖକଙ୍କର ନାମାନୁସାରେ କରାଯାଇଥିବା ଯୋଗୁ । ଯେ କୌଣସି ଷ୍ଟେସନରେ ପଶି ପ୍ରଥମେ ରୁବେଲ ଦେଇ ପ୍ଲାଷ୍ଟିକ ଟୋକନ୍ କିଣିବାକୁ ହେବ ଏବଂ ସ୍ୱୟଂଚାଳିତ ଗେଟ୍‌ରେ ସେହି ଟୋକେନ୍‌କୁ ଭର୍ତ୍ତି କରିଦେବା ମାତ୍ରେ ଗେଟ୍ ଖୋଲିଯିବ । ଯେତେବାଟ ବା ଯେତେ ସମୟ ବା ଯେତେ ପରିବର୍ତ୍ତନ କରି ଯିବାକୁ ଥିଲେ ହେଁ ସେହି ଏକା ରୁବେଲ୍ ଦେବାକୁ ହେବ । ବନ୍ଧୁ ଅରୁଣଙ୍କ ପାଖରେ ଥିଲା ମାସିକିଆ ପାସ୍, ଆମ ଭାରତୀୟ ବ୍ୟାଙ୍କ ମାନଙ୍କରେ ପ୍ରଚଳିତ କ୍ରେଡିଟ୍ କାର୍ଡ ପରି ।

ପ୍ରତ୍ୟେକ ମେଟ୍ରୋରେ ରହିଛି ମ୍ୟାପ୍ । ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବା ପାଇଁ କେଉଁଠି ପରିବର୍ତ୍ତନ କରିବାକୁ ହେବ, ତାହା ସହଜରେ ଜଣାପଡ଼େ । ବିଭିନ୍ନ ଷ୍ଟେସନ ମାନଙ୍କରେ ଏହା ମନକୁ ମନ ଖୋଲିବ ଓ ମନକୁ ମନ ବନ୍ଦ ହେବ । ଠେଲା ପେଲା ନାହିଁ, ନାହିଁ ମଧ୍ୟ ହୋ ହଲ୍ଲା । ପ୍ରତ୍ୟେକ ଷ୍ଟେସନ ଅତ୍ୟନ୍ତ ସୁନ୍ଦର କଳା ଓ କାରିଗରୀର ନମୁନା ପ୍ରଦାନ କରେ । ପ୍ରତ୍ୟେକ ମେଟ୍ରୋ ଷ୍ଟେସନ ନିକଟରେ ରହିଛି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପୁଲିସ୍ ସହାୟକ କେନ୍ଦ୍ର ।

Digitized by PPRACHIN, SOA

ଏହାର କର୍ମଚାରୀମାନେ ବ୍ୟବହାର କରୁଛନ୍ତି ବ୍ଲୁ ପୋଷାକ । ଟିକେଟ୍ ଚେକ୍ କରିବାର ଆବଶ୍ୟକ ନାହିଁ । ମେଟ୍ରୋ ଷ୍ଟେସନ ମାନଙ୍କର ସେହି ଟନେଲ୍‌ରେ ଏବେ ମିଳୁଛି ଯାବତୀୟ ଉପଭୋକ୍ତା ମାନଙ୍କ ପାଇଁ ମନଲୋଭା ଜିନିଷ । ବିଭିନ୍ନ ପାନୀୟଠାରୁ ଫୁଲ, ଫଳ, ପୁସ୍ତକ, କାଗଜ, ପ୍ରସାଧାନ ସାମଗ୍ରୀ, ବିଦ୍ୟୁତ ପଦାର୍ଥ, ଲୁଗାପଟାର ଛୋଟ ଛୋଟ ଷ୍ଟଲ । ବିକ୍ରୀ ହେବାପାଇଁ ଥିବା ପଦାର୍ଥ ଉପରେ ଦାମ ଚିପ୍‌କା ଯାଇଛି । ଦରଦାମ ମୂଲ୍ୟଚାଲ ହୁଏନି । ପ୍ରାୟ ଅଧିକାଂଶ ବିକ୍ରେତା ମହିଳା ।

ସକାଳ ୬ଟାରୁ ଆରମ୍ଭହୁଏ ମେଟ୍ରୋ ଓ ରାତି ୧ଟା ପର୍ଯ୍ୟନ୍ତ ଏହା ଚାଲେ । ମେଟ୍ରୋ ଭିତରେ କୋଣସି ଖାଦ୍ୟପଦାର୍ଥ ବିକ୍ରୀର ଝାମଲା ନାହିଁ । କେହି କେହି ନିଜର କ୍ଷୁଧା ମେଣ୍ଟାଇବା ପାଇଁ ବିସ୍କୁଟ, କେକ୍ ଇତ୍ୟାଦି ଖାଇବାବେଳେ, ସାମାନ୍ୟତମ କ୍ଷୁଦ୍ର ଅଦରକାରୀ ବସ୍ତୁକୁ ଯେଉଁଠି ସେଇଠି ଫିଙ୍ଗି ନଦେଇ ନିଜ ନିଜର ହାତବ୍ୟାଗରେ ରଖନ୍ତି ଡଷ୍ଟବିନ୍‌ରେ ପକାଇବା ପରି । ଏତେ ଲୋକଙ୍କର ଗମନା ଗମନ ସତ୍ତ୍ୱେ ଏହା ଅତ୍ୟନ୍ତ ପରିଷ୍କାର ।

ମେଟ୍ରୋ ଷ୍ଟେସରେ ସବୁ ନାଁ ଗୁଡିକୁ ମନେ ରଖିବା କଷ୍ଟକର କିନ୍ତୁ ଗର୍କୋଭସ୍କାୟା ବା ପୁସ୍‌କିନସାୟା ନାଁ ଗୁଡିକୁ ଶୁଣିବା ମାତ୍ରେ ମନରେ କେବଳ ଉଦ୍ଦିପନା ଜାଗେନି ବରଂ ସେଠାରେ ସେମାନଙ୍କର ଷ୍ଟାଚ୍ୟୁ ମଧ୍ୟ ଦେଖିବାକୁ ମିଳେ ।

ମେଟ୍ରୋ ଷ୍ଟେସନକୁ କେନ୍ଦ୍ରକରି ମସ୍କୋ ବୁଲିବା କେତେ ସହଜ, ତାହା ମୋର ଉପଲବ୍ଧି ହେଲା ଯେଉଁଦିନ ଆମେ ପ୍ରାୟ ୨୦.କି.ମି. ପାଦରେ ଚାଲି ଚାଲି ଅତିକ୍ରମ କଲୁ । ଗୋଟିଏ ପରେ ଗୋଟିଏ ଦର୍ଶନୀୟ ସ୍ଥାନ ଦେଖିପାରିଲୁ ।

ଆମେ ମାୟାକୋଭସ୍କି ମେଟ୍ରୋ ଷ୍ଟେସନରୁ ଉପରକୁ ଆସି ଯେଉଁ ଛକରେ ପହଞ୍ଚିଲୁ, ତାହା କବି ମାୟାକୋଭସ୍କିଙ୍କ ନାମ ଅନୁସାରେ ଚିହ୍ନିତ ହେଉଥିଲା । ଏହାର ପୁରୁଣା ନାଁ ଥିଲା ଟ୍ରିଫୁଲନାୟା । କାରଣ ଏଠାରେ ଯେଉଁ ସୁନ୍ଦର ତୋରଣ ନିର୍ମାଣ କରାଯାଇଛି, ତାହା କାଠରେ ନିର୍ମିତ ଏବଂ ସୁନ୍ଦର ଫୁଲ ଦ୍ୱାରା ସଜ୍ଜିତ ଜାର୍‌ଙ୍କର ସେଣ୍ଟ ପିଟରସ୍‌ବର୍ଗରୁ ଆସିବା ସମୟରେ ତାଙ୍କ ସମ୍ମାନାର୍ଥେ ଏହି ବର୍ଣ୍ଣାଢ୍ୟ ତୋରଣ । ୧୯୫୮ ମସିହାରେ କବିମାୟାକୋଭସ୍କିଙ୍କର ସୁନ୍ଦର ଓ ମନୋରମ ମୂର୍ତ୍ତିକୁ ନିର୍ମାଣ କରିଥିଲେ କିବାଲନିକୋଭ ଏବଂ ପୁଷ୍ପଉଦ୍ୟାନ ବେଷ୍ଟିତ ହୋଇ କବି ମାୟାକୋଭସ୍କି ଦଣ୍ଡାୟମାନ ।

ଆମେ ଫଟୋ ଉଠାଇବାର ଚେଷ୍ଟାକଲୁ କବିଙ୍କର ପ୍ରତିମୂର୍ତ୍ତି ସହିତ । ମସ୍କୋର ମୁଖ୍ୟରାସ୍ତାର ପ୍ରଥମେ ପୁସ୍‌କିନ୍ ଓ ବ୍ୟାଲୋରସ୍କି ମୋଡ଼ରେ ଗର୍କିଙ୍କର

Digitized by PPRACHIN, SOA

ପ୍ରତିମୂର୍ତ୍ତି ରହିଛି । ମାୟାକୋଭସ୍କିଙ୍କର ପଛ ପାଖକୁ ଠିଆ ହୋଇଛି ଆଲକଜାର ଥିଏଟର ଯେଉଁଠାରେ ଦେଖିବାକୁ ମିଳେ ଅନ୍ୟ ଦୁଇଟି ଥିଏଟର ସାଟରି (୧୯୨୩) ସୋଭରେମେନିକ୍ (୧୯୫୬) ।

କବି ମାୟାକୋଭସ୍କିଙ୍କ ଷ୍ଟାଚ୍ୟୁ ନିକଟରେ ବସିବାବେଳେ ମନେପଡୁଥିଲା ଋଷିଆର ଏହି ବିପ୍ଲବୀ କବିଙ୍କର ଜୀବନ ଓ ତାଙ୍କର କବିତା । ବନ୍ଧୁ ଅରୁଣ ଓ ମୁଁ ଉଭୟଙ୍କର ଏକ ମିଳିତ ଛବି ଉଠାଇବା ପାଇଁ ଆମେ ସେଠାରେ ଆନମାନା ହୋଇ ବସିଥିବା ଜଣେ ମଧ୍ୟବୟସ୍କ ଭଦ୍ରବ୍ୟକ୍ତିଙ୍କୁ ଅବଶ୍ୟ ଅନୁରୋଧ କଲୁ । ତାଙ୍କର ଚେହେରାରୁ ଜଣା ପଡୁଥିଲା ଯେପରି ସେ କବି ମାୟାକୋଭସ୍କିଙ୍କର ଏକାନ୍ତ ଅନୁଗତ ଭକ୍ତ ଜଣେ ।

□□□

Digitized by PPRACHIN, SOA

ପୁସ୍ତକ ପ୍ରେମରେ ଭଟ୍ଟା

ଦିନଥିଲା, ଯେତେବେଳେ ସୋଭିଏତ୍ ବହି ପୃଥିବୀ ବଜାରରେ ଶସ୍ତାରେ ମିଳୁଥିଲା । ସୁନ୍ଦର ବାଇଣ୍ଡିଂ, ଉନ୍ନତ ମାନର ଚିତ୍ର ଓ ଭଲ ଦାମିକିଆ କାଗଜ ଏହି ବହି ଗୁଡିକର ଥିଲା ବିଶେଷତ୍ୱ । ଯେ କୌଣସି ବିଶିଷ୍ଟ ଲେଖକଙ୍କର ପୁସ୍ତକ ସେଟ୍ ୧୦୦ଟଙ୍କା ମଧ୍ୟରେ ମିଳି ପାରୁଥିଲା । ଆମେ ସିଡିନ୍ ବହି ଦୋକାନ ଅଭିମୁଖେ ଚାଲି ଚାଲି ଗଲୁ ମାୟାକୋଭସ୍କି ମେଟ୍ରୋ ଷ୍ଟେସନଠାରୁ । ରାସ୍ତାରେ ଅନେକ ଐତିହାସିକ ଘଟଣା ରାଜିର ସ୍ମୃତି ସୌଧ କର୍ପୂର ଉଡିଯାଇ କନା ପଡିରହିବା ପରି କେବଳ ବିଲଡିଂ ଗୁଡିକ ବ୍ୟକ୍ତି, ସଂସ୍ଥା ଓ ଘଟଣା ଗୁଡିକର ଦ୍ରଷ୍ଟା ଭାବେ ଛିଡା ହୋଇଛନ୍ତି । ମୁଖ୍ୟ ରାସ୍ତାଠାରୁ ଗଳି ଓ ଉପଗଳି ମାନଙ୍କ ଆଡ଼କୁ ଆଖି ପକାଇ, ସେହି ଗଳି ବା ଉପଗଳିରେ ସେପରି କିଛି ଐତିହାସିକ ସ୍ଥାନ ଥିଲେ, ତାକୁ ଦେଖି ପୁଣି ମୁଖ୍ୟରାସ୍ତାକୁ ଫେରି ଆସୁଥିଲୁ ଓ ଚାଲିବାକୁ ଲାଗିଥିଲୁ ।

କଳାସୃଷ୍ଟି ପାଇଁ ଋଷିଆ ସମଗ୍ର ବିଶ୍ୱରେ ଶେଷସ୍ଥାନ ଲାଭ କରିଥିଲା । ସାଧାରଣ ଲୋକମାନଙ୍କର ମନକୁ ଆକର୍ଷଣ କରିବାର ଏଥିଲା ମାଧ୍ୟମ । ସେଥିପାଇଁ ମେଟ୍ରୋ ଷ୍ଟେସନ ମାନଙ୍କରେ, ସୁନ୍ଦର ସୁନ୍ଦର ବିଲଡିଂରେ "କଳା"ର ବିଚିତ୍ରତା ଥିଲା ଅପୂର୍ବ । ଶାସକ ମାନଙ୍କର ଦୃଢ ବିଶ୍ୱସା ଥିଲା ଯେ ପୁସ୍ତକ ଓ ଚିତ୍ରତ କଳା ସାଧାରଣ ମଣିଷକୁ ସଦାସର୍ବଦା ନିୟୋଜିତ କରି ରଖିବ । ମଣିଷ ଖୋଜେ ପଢିବାକୁ ବହି, ଦେଖିବାକୁ ସିନେମା ଓ ପେଣ୍ଟିଂ । ଏହା ତାର ଜଞ୍ଜାଳମୟ ଜୀବନରେ ଆଣିବ ରଙ୍ଗ ଓ ବିବିଧତା ।

ଲେଖକ ଓ ଶିଳ୍ପୀମାନେ ଲେଖିବା କାର୍ଯ୍ୟରେ, ପେଣ୍ଟିଂ ବା ଚିତ୍ର ଆଙ୍କିବାରେ ନିଯୁକ୍ତି ରହିବେ । ସୋଭିଏତ୍ ବ୍ୟବସ୍ଥା ସଂପର୍କରେ, ଶାସନ ବିଷୟରେ ପ୍ରଚାର ଓ ପ୍ରସାର କରିବେ । ଶାସକ ଓ ଶାସିତ ପରସ୍ପରକୁ ଘୃଣା, ଦ୍ୱେଷ ଓ ବିରୋଧ ଭାବରେ ନଦେଖି ଦେଖିବେ ବଂଧୁ, ସଖା ଓ ତ୍ରାଣକର୍ତ୍ତା ଭାବେ । ସଂପର୍କହେବ ନିବିଡ଼ । ବିରୋଧ ଭାବନା ରହିବ ନାହିଁ । ପ୍ରଗତିର ରଥ ଆଗକୁ ମାଡି ଚାଲିବ । ସର୍ବହରାର ଏକନାୟକତ୍ୱ ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିବ ।

Digitized by PPRACHIN, SOA

ସୋଭିଏତ ସଂଘ ଭାଙ୍ଗିଗଲା । ଖଣ୍ଡ ଖଣ୍ଡ ହୋଇଗଲା । ରାଷ୍ଟ୍ରପତି ଗୋର୍ବାଚେଭ ସଂଘ ଭାଙ୍ଗିଯିବା ବେଳେ ମୂକସାକ୍ଷୀ ରୂପେ ଏକ କ୍ଷମତାହୀନ ମଣିଷ ଶବଟିଏ ପାଲଟି ଯାଇଥିଲେ । ବୋରିସ୍ ୟେଲତ୍‌ସିନ୍ କ୍ଷମତା ଅଧିକାର କଲେ । ସେତେବେଳେ କେଉଁଠିଥିଲେ ଲେଖକ, କବି, କଳାକାର ଓ ଶିଳ୍ପୀ? ଏ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କରୁଥିଲା । ବଂଧୁ ଅରୁଣ ଚାଲିବା ବେଳେ କହିଲେ, "ଆପଣ ଏତେ ଭାବୁଛନ୍ତି କାହିଁକି? ଏହା ଭାରତବର୍ଷ ନୁହେଁ । ଏଠାକାର ସାହିତ୍ୟକମାନେ ଯେତେ ସ୍ୱାଧୀନ ବୋଲି ଭାବୁଛନ୍ତି, ସେତେ ସ୍ୱାଧୀନ ନୁହଁନ୍ତି ।

ଭାରତ ଅବଶ୍ୟ ଗଣତନ୍ତ୍ରର ଦେଶ । ବ୍ୟକ୍ତି ସ୍ୱାଧୀନତା ରହିଛି । କିନ୍ତୁ କେତେ ଲେଖକ ନିଜର ମତକୁ ନିର୍ଭୀକଭାବେ, ସ୍ୱାଧୀନଭାବେ ବ୍ୟକ୍ତ କରୁଛନ୍ତି ? ତଥାପି କିଛିଟା ନିର୍ଭୀକତା, ସାହାସିକତା ଦେଖିବାକୁ ମିଳେ ଭାରତରେ ।

ଋଷର ଲେଖକ/ଶିଳ୍ପୀମାନେ ତିନି ପର୍ଯ୍ୟାୟର । ଜାର ଶାସନ ସମୟରେ ଓ ତାପରେ ମଧ ଏପରି କେତେକ ଲେଖକ ଓ କବିଥିଲେ ଯେଉଁମାନଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ସେମାନଙ୍କ ଲେଖନୀରେ ପ୍ରତିଭାତ ହୋଇଥିଲା । ସେମାନେ ସମଝୋତା କ'ଣ ଜାଣି ନଥିଲେ । କ୍ଷମତାସୀନ ଶାସକମାନଙ୍କ ବିରୁଦ୍ଧରେ ସେମାନଙ୍କର ବକ୍ତବ୍ୟ ହୋଇଯାଇଥିଲା ତୀକ୍ଷ୍ଣ ଓ ଶକ୍ତିଶାଳୀ । ସେପରିକା ମଣିଷ ହାତ ଗଣତିରେ ଗୋଟିଏ, ଗୋଟିଏ ।

ଆଉ କେତେକ ଥିଲେ ଖୋସାମତକାରୀ, ଯେଉଁ ମାନଙ୍କ ପାଖରେ ଉନ୍ନତ ମାନର ଗୁଣ ନଥିଲା । ସେମାନେ କ୍ଷମତାଦଲାଲ ମାନଙ୍କର ନେତୃତ୍ୱକୁ ଗ୍ରହଣ କରି ବଶ୍ୟତାସ୍ୱୀକାର କରିଥିଲେ ଓ ସେମାନଙ୍କୁ ଖୁସି କରିବା ପାଇଁ ଲେଖି ଚାଲିଥିଲେ । ଲୋକମାନଙ୍କର ମାନବୀୟ ଚେତନାକୁ ଉଜ୍ଜୀବିତ କରିବା ବଦଳରେ ଶୋଇ ପଡିଥିଲେ ସେମାନେ ।

ତୃତୀୟ ଗୋଷ୍ଠୀଟି ଥିଲେ ଏକବାର ନିଆରା । ଉଚ୍ଚକୋଟିର ପ୍ରତିଭା, ମାନବିକ ଚେତନା ପ୍ରତି ଜାଗରୁକ ଓ ସଂବେଦନଶୀଳ । ଶାସକ ମାନଙ୍କୁ କଟୁ ସମାଲୋଚନା ପ୍ରତି ଆଗ୍ରହୀ କିନ୍ତୁ ସେମାନେ ହୋଇ ଯାଇଥିଲେ ନିରବ, ନିସ୍ପନ୍ଦ ଓ ନିର୍ବିକାର । ନିରବତାକୁ ଶ୍ରେୟ ଓ ଧେୟ ଭାବରେ ଗ୍ରହଣ କରି ଚୁପ୍ ରହିଯିବା ଛଡା ସେମାନଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିଲା । କାରଣ ସେମାନେ ଦେଶରେ ବା ଦେଶ ବାହାରେ ପରିଚିତ ହେବା ଅସମ୍ଭବ ଥିଲା । ଏମାନଙ୍କର ସଂଖ୍ୟା ଥିଲା ଅଧିକ କିନ୍ତୁ ସ୍ୱର ହୋଇ ଯାଇଥିଲା କ୍ଷୀଣ ଓ ନିସ୍ତବ୍ଧ ।

Digitized by PPRACHIN, SOA

ଋଷିଆର କବି, ଲେଖକ ଓ ଶିଳ୍ପୀ ସରକାରର ଅଂଶ ହେବାଥିଲା ଜାତି ପାଇଁ ଦୁର୍ଭାଗ୍ୟଜନକ । ସେମାନଙ୍କ ପାଇଁ କ୍ଷମତା ଓ ସୁବିଧା ସୁଯୋଗର ଅପୂର୍ବ ସୁଯୋଗ ମିଳିଥିଲା । ମାସିକ ଦରମା, ଗାଡ଼ି, ମିଟିଂ ଓ ଆଲୋଚନା ଇତ୍ୟାଦି ଭିତରେ ସେମାନଙ୍କୁ ବୁଦ୍ଧିଜୀବୀ ଭାବରେ ଗଣା ଯାଉଥିଲା । ସେମାନେ ଶାସକ ବର୍ଗଙ୍କ ଆଖିରେ ସବୁକଥାକୁ ତର୍ଜମା କରି କହୁଥିଲେ ।

କବି କେବଳ କବିତା ଲେଖୁଥିଲା, ଲେଖକ ଗଦ୍ୟରଚ଼ନା କରୁଥିଲା, ଶିଳ୍ପୀ ପେଣ୍ଟିଂ ବା ଆର୍ଟ ସୃଷ୍ଟି କରୁଥିଲା । ସେମାନେ ଯାହା କହୁଥିଲେ ବା କରୁଥିଲେ, ତାହା ଚିରାଚରିତ, ଏକଦେଶଦର୍ଶୀ ଓ ସମାଲୋଚନା ବିମୁଖ ହେବା ଫଳରେ ସୋଭିଏତ୍ ସଂଘ ଭାଙ୍ଗିଯିବାବେଳେ ସୃଷ୍ଟିଶୀଳ ଶିଳ୍ପୀମାନେ କୌଣସି ସଠିକ୍ ଭୂମିକା ତୁଲାଇ ପାରିଲେ ନାହିଁ ।

ଆମେ ପୁସ୍କିନସାୟା ମେଟ୍ରୋ ନିକଟରେ ପହଞ୍ଚି ଯାଇଥିଲୁ । ଏହା ସିଡିନ୍ ପୁସ୍ତକ ପ୍ରକାଶନ ସଂସ୍ଥାର ଠିକ୍ ବିପରୀତ ଦିଗରେ ଥିଲା । ଦୂରରୁ ବହିର କୌଣସି ଚିହ୍ନବର୍ଣ୍ଣ ଦେଖାଯାଉନଥିଲା । ଅଧାମାଇଲବ୍ୟାପୀ ଏହି ସୁନ୍ଦର ପୁସ୍ତକ ଦୋକାନରେ ଶୋଭା ପାଉଥିଲା ହରେକ୍ କିସମର କାର୍ । ମସ୍କୋ ରାସ୍ତାରେ ବିଭିନ୍ନ ରଙ୍ଗ ଓ ମଡେଲ କାରର ଅନବରତ ଦୌଡ଼ ବଢି ଯାଇଥିବା ବେଳେ ହଜି ଯାଇଥିଲା ମଣିଷ ମନର ଭାଷା - ପୁସ୍ତକ ।

ଲକ୍ଷ ଲକ୍ଷ ହୃଦୟକୁ ଆନନ୍ଦ ଦେଉଥିବା ପୁସ୍ତକର ସ୍ଥାନ 'କାର ସୋରୁମ୍'ରେ ପରିବର୍ତ୍ତନ ଉପଭୋକ୍ତା ସଂସ୍କୃତିର ଆବାହନ ଥିଲା କି ? ଏ ପ୍ରଶ୍ନ ବଂଧୁ ଅରୁଣଙ୍କୁ ପଚାରିବାକୁ ଇଚ୍ଛା ହେଉଥିଲା । ସେତେବେଳକୁ ସଂଧ୍ୟା ୮ଟା । ଫେରିବାକୁ ଆମେ ପୁସ୍କିନସ୍କାୟା ମେଟ୍ରୋ ମଧ୍ୟରେ ପ୍ରବେଶ କଲୁ । ଦୂରରୁ ସେହି କାର ସୋରୁମ୍ ମୋତେ ବିଦ୍ରୂପ କରୁଥିଲା କାରଣ ମୁଁ ଥିଲି ସୋଭିଏତ୍ ପୁସ୍ତକ ପ୍ରେମୀ ।

ମସ୍କୋରେ ଥିବା ବୃହତ୍ ପୁସ୍ତକ ଦୋକାନ ସିନା ନିଜର ଗୌରବକୁ ହଜାଇ ଦେଇଥିଲା କିନ୍ତୁ ପାର୍କ କୁଲ୍ଟୁରି ମେଟ୍ରୋ ଷ୍ଟେସନ ନିକଟରେ ବହିମେଳା ଲାଗିଥିଲା । ଯେଉଁମାନେ ଏହି ବହି ବିକ୍ରୀ କରୁଥିଲେ, ସେମାନେ ଥିଲେ ଯୁବକ । ବୁଦ୍ଧିମାନ କିନ୍ତୁ ପ୍ରଗଳ୍ଭ । ପିଲାଙ୍କ ପାଇଁ ବହି ଭିଡ ବେଶିଥିଲା । ଏପରିକି ଶିଶୁ ସାହିତ୍ୟର ବହି ଯୌନ ଉଦ୍ଦିପକ ପୁସ୍ତକଠାରୁ ଅଧିକ ଖୋଜା ପଡୁଥିଲା । ଆଗାଥାକ୍ରିଷ୍ଟି, ଜେମସ୍ ହାର୍ଡଲେ ଚେଜ୍, ଫରାସୀ ଲେଖକ ଏସ୍. ଗୋଲୋନଙ୍କ ବହିର କିଛି ଆବଶ୍ୟକତା ଥିବାବେଳେ ଋଷ ଭାଷାରେ ପ୍ରକାଶିତ ବୋରିସ୍ ୟେଲଟ୍‌ସିନ୍‌ଙ୍କ ସଂପର୍କରେ ପୁସ୍ତକ କିଣିବାକୁ ଲୋକଙ୍କ

Digitized by PPRACHIN, SOA

ମଧ୍ୟରେ ଥିଲା ପ୍ରବଳ ଆଗ୍ରହ । ଏହି ବହି ବିପଣୀରେ କିନ୍ତୁ ହଜି ଯାଇଥିଲା ଋଷର ପ୍ରସିଦ୍ଧ ଲେଖକମାନଙ୍କର ଲେଖାସବୁ ଯଦିଓ ସେଥିପାଇଁ ଋଷବାସୀଙ୍କ ମନରେ ଯେ ଆଗ୍ରହ ନାହିଁ, କୁହାଯାଇପାରିବ ନାହିଁ ।

ଆମେ ଆଉ ଏକ ପୁସ୍ତକ ଦୋକାନରେ ପଶି କିଛି ଋଷର ଦର୍ଶନୀୟ ସ୍ଥାନର ଫଟୋଚିତ୍ର ସଂବଳିତ ପୋଷ୍ଟକାର୍ଡ କିଣିଲୁ । ଦଶଗୋଟି ପୋଷ୍ଟକାର୍ଡର ମୂଲ୍ୟ ଥିଲା ପନ୍ଦର ହଜାର ରୁବେଲ୍ ଅର୍ଥାତ୍ ୨.୫ ଡଲାର । ଭାରତୀୟ ମୁଦ୍ରାରେ ଶହେ ଟଙ୍କା ।

□□□

Digitized by PPRACHIN, SOA

ଧର୍ମ ଓ ଧର୍ମଜୀବନ

ଧର୍ମ ମଣିଷ ଜୀବନରେ ଅଫିମ, ଏହା ଯେତେ କୁହାଗଲେ ମଧ ଋଷ ଲୋକମାନେ ଧାର୍ମିକ, ଯଦିଓ ବାହ୍ୟପ୍ରକାଶରେ ଏହା ସୀମିତ । ଇଂରେଜମାନେ ଯେପରି ବାରମ୍ବାର ସବୁ କଥାରେ ଈଶ୍ୱରଙ୍କ ନାମ ନେଇଥା'ନ୍ତି, ଋଷର ଲୋକେ ମଧ ସେ କ୍ଷେତ୍ରରେ କମ୍ ଊଣା ନୁହନ୍ତି ।

ଆମେ ଦୂରଦର୍ଶନ ପରଦାରେ ଦେଖୁଥିଲୁ ପାର୍ଲାମେଣ୍ଟ (ଡୁମା) ସମ୍ମୁଖରେ ଧାର୍ମିକ ବିଲ୍ ବିରୁଦ୍ଧରେ ବିକ୍ଷୋଭ 'ହରେକୃଷ୍ଣ' ସଂସ୍ଥା ତରଫରୁ ସଂଘଟିତ ହେଉଥିଲା । ଡୁମାରେ ଚାଲିଥିଲା ଘମାଘୋଟ ବିତର୍କ । ବିତର୍କ ବିଷୟ ଥିଲା ଅନ୍ୟାନ୍ୟ ଧାର୍ମିକ ସଂଗଠନକୁ ଋଷରେ ନିଷେଧ କରାଯିବ କି ନାହିଁ ।

ଋଷରେ ଖ୍ରୀଷ୍ଟିୟାନ୍, ଇସ୍‌ଲାମ୍ ଓ ଜୁଡାଇଜିମ୍‌ର ବ୍ୟାପକତା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଥିଲା । ଋଷ ରକ୍ଷଣଶୀଳ ଚର୍ଚ୍ଚ ଖ୍ରୀଷ୍ଟଧର୍ମର ମୁଖ୍ୟ । ସେଠାରେ ବଲ୍‌ସେଭିକ୍ ବିପ୍ଳବ ପରେ ଦୀର୍ଘ ୭୦ ବର୍ଷ ହେବା ପରେ, ଋଷ ଲୋକମାନଙ୍କ ମଧରେ ଧର୍ମଭାବନା ଜାଗ୍ରତ ହୋଇଛି । ଭାଙ୍ଗି ଯାଇଥିବା ଚର୍ଚ୍ଚଗୁଡ଼ିକର ମରାମତି ଚାଲିଛି ।

-କି ସୁନ୍ଦର ସେହି ଚର୍ଚ୍ଚଗୁଡ଼ିକ ସତେ ।

ଚର୍ଚ୍ଚର ସଭ୍ୟ ସଂଖ୍ୟା କେତେ ଏହାର କୌଣସି ରେକର୍ଡ ନାହିଁ । କମ୍ୟୁନିଷ୍ଟ ଶାସନ ଥିବାବେଳେ କୁହାଯାଉଥିଲା ଯେ ମାତ୍ର ଶତକଡ଼ା ୨୦ରୁ ୩୦ ଭାଗ ଲୋକ ଧର୍ମରେ ବିଶ୍ୱାସ କରନ୍ତି । କିନ୍ତୁ ଏବେ ତ ସମ୍ପୂର୍ଣ୍ଣ ସ୍ୱାଧୀନତା । ବନ୍ଧନ ନାହିଁ । ସୋଭିଏତ ବିପ୍ଳବ ପୂର୍ବରୁ ଜାର୍ ଶାସନ ସମୟରେ ୫୪୧୭୪ ଚର୍ଚ୍ଚରେ ଥିଲେ ୫୭ ହଜାର ପୁରୋହିତ (ପ୍ରିଷ୍ଟ); ୯୪ ହଜାର ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ । ଏହା ବ୍ୟତୀତ ଥିଲା ୧୦୭୫ ସନ୍ନ୍ୟାସୀ ସଂଘ ଓ କନ୍‌ଭେଣ୍ଟ । ବର୍ତ୍ତମାନ ଏହି ପ୍ରିଷ୍ଟମାନଙ୍କର ସଂଖ୍ୟା ବହୁତ କମି ଯାଇଛି । କିନ୍ତୁ ସବୁ ଗାଁରେ ଦେଖିବାକୁ ମିଳେ ଚର୍ଚ୍ଚ । କେତେକ ଭଗ୍ନ ଅବସ୍ଥାରେ ପଡ଼ି ରହିଛି । ଯଦିଓ ଏହା ରାଷ୍ଟ୍ରର ସମ୍ପତ୍ତି ଭାବେ ଘୋଷିତ ହୋଇ, ଏହାର ସୁରକ୍ଷା କରାଯିବ ବୋଲି କୁହାଯାଉଥିଲା । ଚର୍ଚ୍ଚ

Digitized by PPRACHIN, SOA

ଓ ଜାର ଶାସନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କମ୍ୟୁନିଷ୍ଟ ଶାସନ ବିଶ୍ୱାସ କରୁଥିବା ହେତୁ ଚର୍ଚ୍ଚଗୁଡ଼ିକ ଦାରୁଣ କଷ୍ଟ ଭୋଗ କରିଥିଲେ । ୧୯୩୯ ମସିହା ବେଳକୁ ସମଗ୍ର ଋଷରେ ୪ ଜଣ ବିସପ୍ ଓ ୧୦୦ ଗୋଟି ଚର୍ଚ୍ଚ କାର୍ଯ୍ୟରତ ଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଋଷ ଶାସକମାନଙ୍କ ମନରେ ଆଣିଥିଲା ପରିବର୍ତ୍ତନ । ନାଜି ଜର୍ମାନୀ ବିରୁଦ୍ଧରେ ଲଢ଼ିବା ପାଇଁ, ଲୋକଙ୍କୁ ଏକଜୁଟ କରି ରାଷ୍ଟ୍ରର ସହାୟକ ହେବା ପାଇଁ ଲୋଡ଼ା ପଡ଼ିଲା ସେମାନଙ୍କର ସାହାଯ୍ୟ । ୨୫ ହଜାର ଚର୍ଚ୍ଚ ଦ୍ୱାର ଉନ୍ମୁକ୍ତ ହେଲା ଏବଂ ପ୍ରିଷ୍ଟ (ଧର୍ମ ଯାଜକ)ମାନଙ୍କର ସଂଖ୍ୟା ହେଲା ୩୩ ହଜାର । ଚର୍ଚ୍ଚ କିପରି କାର୍ଯ୍ୟ କରିବ, ସେଥିପାଇଁ କଡ଼ାକଡ଼ି ନିୟମ ମଧ ଲାଗୁ ହେଲା ।

ଋଷ ସରକାରରେ ଧାର୍ମିକ ଅଧିକାର ପ୍ରଦାନ କରାଯାଇଛି । ସରକାରରେ ଏକ ବିଭାଗ ରହିଛି ଯାହାର ନାମ ହେଉଛି 'ଦି କାଉନ୍‌ସିଲ ଫର୍ ରିଲିଜିୟସ୍ ଆଫେୟାର୍ସ ।' ଯେଉଁ ବିଭାଗ ଧର୍ମ ସମ୍ପର୍କୀୟ ଆଇନ୍, ନୀତିନିୟମ ପ୍ରଣୟନ କରିବ କମ୍ୟୁନିଷ୍ଟ ଶାସନ ଥିବା ପର୍ଯ୍ୟନ୍ତ ଏହି ବିଭାଗର ଦାୟିତ୍ୱ ଥିଲା । ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ସଂଘବଦ୍ଧ ହୋଇ ରାଷ୍ଟ୍ର ଶକ୍ତି ବିରୁଦ୍ଧରେ ଯେପରି ଯାଇ ନ ପାରନ୍ତି ଏବଂ ଚର୍ଚ୍ଚଗୁଡ଼ିକ ରାଷ୍ଟ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତି ଅଙ୍ଗୀକୃତ ହୋଇ ତା'ର ସେବା କରନ୍ତୁ ଏହା ତଦାରଖ - କରିବା । ଚର୍ଚ୍ଚଗୁଡ଼ିକ ଯେ ମୁକ୍ତ ଏହା ଉପରକୁ ଦେଖା ଯାଉଥିଲେ ମଧ ବାସ୍ତବ କ୍ଷେତ୍ରରେ ଏହାର ପରିସର ଥିଲା ସୀମିତ ।

"ହାତରେ ନ ମାରି ଭାତରେ ମାରିବା" ନୀତି ଧର୍ମପ୍ରତି ସୋଭିଏତ ସଂଘରେ ଚାଲିଥିବା ନୀତିରେ ବର୍ତ୍ତମାନ ପରିବର୍ତ୍ତନ ହେବାରେ ଲାଗିଛି । ଭାରତରେ ଯେପରି ମୁକ୍ତ ଓ ସ୍ୱାଧୀନ ଭାବେ ଧର୍ମକୁ ମଣିଷ ବ୍ୟବହାର କରି ପାରୁଛି, ତାହା ମସ୍କୋ ସହରରେ ଦେଖିବାକୁ ମିଳିଲା ନାହିଁ । ଅବଶ୍ୟ ଏଠାରେ ରହିଛି ସୁନ୍ଦର ସୁନ୍ଦର ଚର୍ଚ୍ଚ । ୮ ନିୟୁତ ଲୋକଙ୍କ ପାଇଁ ପଚାଶ ଗୋଟି ଚର୍ଚ୍ଚ । ମସ୍କୋ କ୍ରେମଲିନ୍ ମଧ୍ୟରେ ଥିବା ପୁରାତନ ଚର୍ଚ୍ଚଗୁଡିକ ରାଜ୍ୟ ସଂଗ୍ରହାଳୟରେ ପରିଣତ ହୋଇ ଯାଇଛି । ଗ୍ରାମାଞ୍ଚଳରେ ଥିବା ଚର୍ଚ୍ଚଗୁଡ଼ିକ ଭାଙ୍ଗିରୁଜି ଯିବା ଫଳରେ ବର୍ତ୍ତମାନ ତା'ର ମରାମତି କଷ୍ଟସାଧ ଓ ଅର୍ଥଶ୍ରାଦ୍ଧ । ଧର୍ମ ଯାଜକମାନଙ୍କୁ ଦରମା ଦେଇ ଚଳାଇବା ଗ୍ରାମ ଲୋକମାନଙ୍କର ଆର୍ଥିକ ସ୍ଥିତିର ବାହାରେ ।

Digitized by PPRACHIN, SOA

ଋଷର ରକ୍ଷଣଶୀଳ ଚର୍ଚ୍ଚ ତା'ର ଦୈନନ୍ଦିନ କାର୍ଯ୍ୟ ଚଳାଇବା ପାଇଁ ଲୋକମାନଙ୍କର ସ୍ୱେଚ୍ଛାକୃତ ଦାନ ଉପରେ ନିର୍ଭର କରେ । ଏହା ବ୍ୟତୀତ ବିଭାଘର, ଶବ ସତ୍କାର, ଧର୍ମ ଗ୍ରହଣ ଓ ବିଶେଷ ପ୍ରାର୍ଥନା ଇତ୍ୟାଦି କରାଗଲେ ଅର୍ଥ ସଂଗ୍ରହ କରାଯାଏ । ବିଧିବଦ୍ଧ ହିସାବ ରଖାଯାଏନି । ତଥାପି ବ୍ୟାଙ୍କ ଏକାଉଣ୍ଟରେ ଥିବା ଚର୍ଚ୍ଚ ଟଙ୍କା ବର୍ଷ ଶେଷରେ ରାଜ୍ୟ ସରକାରଙ୍କ ଖାତାକୁ ଚାଲିଯିବାର ବ୍ୟବସ୍ଥା ଥିବା ହେତୁ, ଚର୍ଚ୍ଚର ରକ୍ଷଣା ବେକ୍ଷଣା ଓ ମରାମତି ହୋଇପାରେ ନାହିଁ ।

ମସ୍କୋ ନିକଟରେ ରହିଛି ଚର୍ଚ୍ଚରେ ବ୍ୟବହୃତ ହେଉଥିବା ଦ୍ରବ୍ୟ କାରଖାନା । ଚର୍ଚ୍ଚପ୍ଲେଟ, ମହମବତୀ, ବିବାହ ଗାଉନ୍, ମେଡାଲ ଓ ଅନ୍ୟାନ୍ୟ ଉପହାର ସାମଗ୍ରୀ । କିନ୍ତୁ ଏହାର ଉତ୍ପାଦନ ଅନ୍ୟ ଫ୍ୟାକ୍ଟ୍ରୀର ଉତ୍ପାଦନ ପରି ।

ଚର୍ଚ୍ଚ ଓ ରାଷ୍ଟ୍ର ମଧ୍ୟରେ ସଂପର୍କ ଆଦୌ ସହଜ ଓ ସରଳ ନ ଥିଲା । ଧର୍ମ ଅନୁଷ୍ଠାନ ସହିତ ସଂପୃକ୍ତ ବ୍ୟକ୍ତି ପାର୍ଟି ସଭ୍ୟ ହୋଇ ପାରିବେ ନାହିଁ । ଏବଂ ଯେଉଁମାନେ ଚର୍ଚ୍ଚକୁ ନିୟମିତ ଯାତାୟତ କରନ୍ତି, ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଥିବା ହେତୁ, ଲୋକମାନେ ଭୁଲି ଯାଇଥିଲେ ଧର୍ମ ଓ ଚର୍ଚ୍ଚକୁ । ଋଷରେ ଧର୍ମ ଲୋକମାନଙ୍କର ଅନ୍ତତଃ ଭାବନାରେ ଥିଲେ ମଧ୍ୟ ତାହା ଭୟ, ଦଣ୍ଡ ଓ ରାଷ୍ଟ୍ର କର୍ତ୍ତୃକ ଦ୍ୱାରା ହୋଇଥିବା ହେତୁ, ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ରରେ ଧର୍ମର ପ୍ରୟୋଗ ଯେପରି ପରିଦୃଶ୍ୟ ହେଉଥିଲା, ତାହା ଋଷରେ ନଥିଲା ଏବଂ ଶାସନ ପରିବର୍ତ୍ତନ ହେବା ପରେ, ତାହା ବର୍ତ୍ତମାନ ବିକଶିତ ହେବାରେ ଲାଗିଛି । ମଣିଷର ସହଜାତ ପ୍ରବୃତ୍ତିକୁ ରାଷ୍ଟ୍ର ଆଇନ୍ କରି, ଭୟ ବା ଦଣ୍ଡ ଦେଖାଇ ବନ୍ଦ କରି ହୁଏନି; ଏହା କ'ଣ ସତୁରୀ ବର୍ଷ ପରେ ପ୍ରମାଣିତ ହେଲା ନାହିଁ କି ?

ଯଦିଓ ବ୍ୟକ୍ତି ଚେତନାରେ ଧର୍ମ ବାହ୍ୟ ସ୍ଫୁରଣ ଅବନତ ହୋଇ ରହିଥିଲା, କିନ୍ତୁ ତାହାର ସମ୍ପୂର୍ଣ୍ଣ ମୁକ୍ତ ପରିପ୍ରକାଶ ଘଟିଥିଲା କଳା, ପେଣ୍ଟିଂ ଓ ସଙ୍ଗୀତରେ । ଖ୍ରୀଷ୍ଟଧର୍ମ ବ୍ୟତୀତ ସୋଭିଏତ ୟୁନିୟନ୍‌ରେ ଆଉ ଗୋଟିଏ ଧର୍ମ ରାଷ୍ଟ୍ର ଚଉହଦିକୁ ଡେଇଁ ରହିଥିଲା, ତାହା ଇସଲାମ ଧର୍ମ । ସୋଭିୟତ୍ ୟୁନିୟନରେ ଥିବା ମୁସଲମାନ୍ ସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱର ପଞ୍ଚମ ରାଷ୍ଟ୍ର । ଏହି ମୁସଲମାନମାନେ ଉଜ୍‌ବେକିସ୍ତାନ, ତାଜକିସ୍ତାନ, ତୁର୍କମେନିୟା, କିରିଗିଜିଆ, କାଜକିସ୍ତାନ ଓ ଆଜରବାଇଜାନ୍‌ରେ ବାସ କରନ୍ତି । ଋଷରେ ଷ୍ଟାଲିନ୍‌ଙ୍କ ଶାସନ ସମୟରେ ଏହି ରକ୍ଷଣଶୀଳ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରାଯାଇଥିଲା, କାରଣ ଏମାନେ ସାମାଜିକ ଓ ରାଜନୀତିକ ପରିବର୍ତ୍ତନ ବିରୋଧି ଥିଲେ ।

Digitized by PPRACHIN, SOA

ମସ୍‌ଜିଦଗୁଡ଼ିକୁ ଚନ୍ଦ କରି ଦିଆଗଲା, ମକ୍କାକୁ ତୀର୍ଥ ଦର୍ଶନରେ ବିରୋଧ କରାଗଲା ଓ ମଦ୍ରାସାକୁ ବନ୍ଦ କରାଗଲା । ୧୯୧୭ ମସିହା ପୂର୍ବରୁ ୨୪ ହଜାର ମସ୍‌ଜିଦ ଥିବାବେଳେ ଏହା ୩୦୦କୁ ଖସି ଆସିଥିଲା ।

ଋଷରେ ନୂତନ ସରକାର ହେବା ଦିନଠାରୁ ହଠାତ୍ ମୁସଲମାନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଧର୍ମ ପ୍ରତି ଆଗ୍ରହ ଜନ୍ମିଛି । ଇହୁଦୀମାନଙ୍କର ଅବସ୍ଥା ମଧ୍ୟ ଠିକ୍ ସେହିପରି । ବୋଧହୁଏ ଶକ୍ତି ଓ ଭୟଦ୍ୱାରା ଧର୍ମକୁ ବନ୍ଦ କରି ହୁଏନା ।

ଦୀର୍ଘ ୭୦ ବର୍ଷ ପରେ ସୋଭିଏତ୍ ସଂଘର ପ୍ରଜାତନ୍ତ୍ରୀମାନେ ଅଲଗା ଅଲଗା ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିବାବେଳେ ବିଭିନ୍ନ ଧାର୍ମିକ ଭାବନା ଲୋକମାନଙ୍କ ମଧ୍ୟରେ ଜାଗ୍ରତ ହୋଇଛି । ଧର୍ମ ମଣିଷ ରକ୍ତରେ ରହିଛି କହିବା ଭୁଲ ହେବକି ବୋଲି ମୁଁ ଭାବୁଥିଲି ।

□□□

Digitized by PPRACHIN, SOA

ଯୌବନର ଉନ୍ମାଦନା

ମସ୍କୋ ମେଟ୍ରୋ ହେଉ ବା ବସ୍, ରାସ୍ତା ବା ମାର୍କେଟ ସବୁଠାରେ ଦେଖିବାକୁ ମିଳେ ତରୁଣ ତରୁଣୀମାନଙ୍କୁ । ସେମାନଙ୍କର ବେଶଭୂଷା, ଚାଲିଚଳନରେ ଯୌବନ ଉଚ୍ଛୁଳି ଉଠୁଥିବାର ପରିଲକ୍ଷିତ ହୁଏ । ପରିଧାନ ଥାଏ ଜୀନ୍ ପ୍ୟାଣ୍ଟ ଓ ଗଞ୍ଜି । ଥଣ୍ଡା ସମୟରେ ଓଭରକୋଟ୍ । ସେହି ଗଞ୍ଜି ଗୁଡ଼ିକରେ ପାଶ୍ଚାତ୍ୟ ଦେଶ ବିଶେଷକରି ଆମେରିକା ଓ ଲସ୍ ଏଞ୍ଜେଲସ୍‌ର ସ୍ଲୋଗାନ । ଗୋଡରେ 'ଆଡ଼ିଦାସ' ଜୋତା । ଯୁବକ ଯୁବତୀମାନଙ୍କୁ ଲକ୍ଷ୍ୟକଲେ ଜଣାପଡେ ଯେପରି ସେମାନଙ୍କ ଜୀବନ ପପ୍ ସଂଗୀତର ଅଂଶ ବିଶେଷ । ପପ୍ ସଂଗୀତ ବେଶ୍ ପ୍ରାଧାନ୍ୟ ଲାଭ କରିଛି । ବର୍ତ୍ତମାନ ବିଭିନ୍ନ ସ୍ଥାନରେ ପପ୍ ସଂଗୀତ । ଏପରି କି କେବଳ ମସ୍କୋରେ ପାଞ୍ଚହଜାର ପପ୍ ସଂଗୀତ ଗ୍ରୁପ୍ ରହିଛନ୍ତି । ଅବାଧ ପ୍ରବେଶ କରିଛି ସୌଖୀନ୍ ଜିନିଷର ବଜାର ।

ଋଷରେ ଦେଖାଦେଇଛି ଏକ ନୂତନ ପରିବେଶ ଯେଉଁଠି ବର୍ତ୍ତମାନ ପିଢ଼ିର ଯୁବକଯୁବତୀମାନେ ଋଷ ବିପ୍ଳବ ସଂପର୍କରେ ଅଜ୍ଞ । ସେମାନଙ୍କ ଆଖିରେ ଉପଭୋକ୍ତା ସଂସ୍କୃତିର ପ୍ରାବଲ୍ୟ । ସେମାନେ ଚାହାନ୍ତି ସୌଖୀନ ଜୀବନ । କମ୍ୟୁନିଷ୍ଟ ଶାସନ ସମୟରୁ ଉପଭୋକ୍ତା ସଂସ୍କୃତି ଲୋକମାନଙ୍କ ଭିତରେ ପ୍ରବେଶ କରିବାରେ ଲାଗିଛି । ଏପରି କି ଯଦି କେହି ପିଲା ସ୍କୁଲକୁ କାନରେ ରିଂ ଲଗାଇ ଆସୁଛି, ତେବେ ଅନ୍ୟମାନେ ସେହିପରି କିଛି ପାଇବାକୁ ବ୍ୟାକୁଳତା ପ୍ରକାଶ କରିଥା'ନ୍ତି । ଜିନ୍‌ସ, ଟେପ୍‌ରେକର୍ଡ଼ର, ସ୍ପୋର୍ଟସ ଜୋତା, ସୌଖୀନ ଲୁଗାଠାରୁ ଆରମ୍ଭ କରି ମଟର କାର ପର୍ଯ୍ୟନ୍ତ ସେମାନଙ୍କର ଆବଶ୍ୟକ । ସେମାନେ ଚାହାନ୍ତି ଏପରି ଜୀବନ ଯେଉଁଠାରେ ସାଧାରଣ କାର 'ଝିଗୁଲି' ନୁହେଁ, ମର୍ସିଡସ୍ ମିଳିବ ।

ଆମେ ଦେଖୁଥିଲୁ ରାସ୍ତାରେ ଧାଡି ଧାଡି କାର ଘର ସମ୍ମୁଖରେ ଲାଇନ୍ ହୋଇ ଥୁଆ ହୋଇଛି ।

ଭାରତ ପରି ମଧ୍ୟ ଏଠାରେ କାର୍ ଥିବା ଲୋକେ ବିତ୍ତବାନ୍, କ୍ଷମତାବାନ୍ ଓ ଯଶବାନ୍ ବୋଲି ସମାଜରେ ପରିଚିତ ହୁଅନ୍ତି । ସାଧାରଣରେ ବ୍ୟବହୃତ

Digitized by PPRACHIN, SOA

ହେଉଥିବା କାରର ନାମ ହେଉଛି ଝିଗୁଲି । ପ୍ରତି ପନ୍ଦରଜଣ ଲୋକରେ ଜଣକ ପାଖରେ କାର ଥାଏ । ମସ୍କୋଭିଚ୍ ମଧ୍ୟମ ଧରଣର କାର୍ । ଏହାର ବେଶି ପ୍ରଚଳନ ବର୍ତ୍ତମାନ ନାହିଁ । ବେଶି ମୂଲ୍ୟବାନ କାର୍‌ର ନାମ ହେଉଛି 'ଭୋଲଗା' । ଏ ଗୁଡିକୁ ଟ୍ୟାକ୍ସି ଭାବରେ ମଧ୍ୟ ବ୍ୟବହାର କରାଯାଏ । ଏହି 'ଭୋଲ୍‌ଗା' କଳା କାର୍ ଗୁଡ଼ିକ ସରକାରୀ ଗାଡିଭାବେ ସଗର୍ବେ କ୍ରେମଲିନ୍ ପ୍ୟାଲେସ୍ ମଧ୍ୟକୁ ଯିବା ଆସିବା କରିବାରେ ଲାଗିଥା'ନ୍ତି । ଏହା ବ୍ୟତୀତ ଆଉ ଗୋଟିଏ ସବୁଠାରୁ ଉଚ୍ଚମାନର ଗାଡି ହେଉଛି 'ଝଲି' । ଏ କାର୍ ଗୁଡିକ ବୁଲେଟ୍-ପ୍ରୁଫ ଗାଡ଼ି । କମ୍ୟୁନିଷ୍ଟ ପାଟିର ପଲିଟିବ୍ୟୁରୋ ମେମ୍ବରମାନେ ଏହି ଗାଡି ଚଢୁଥିଲେ । ରାସ୍ତାରେ ଲୋକମାନେ ଏ ଗାଡି ଯିବାବେଳେ ଇତସ୍ତତଃ ହୋଇ ଏହା ପାଇଁ ରାସ୍ତା ଛାଡି ଦିଅନ୍ତି ।

ଆଉ ଏକ ପ୍ରକାର ଗାଡି ରହିଛି ଯାହାକୁ କୁହାଯାଏ ସାଇକା । ଏହା ସାଧାରଣରେ କିଣାବିକା ହୁଏ ନାହିଁ । ବିଦେଶୀ ଅତିଥିମାନଙ୍କୁ ବିଭିନ୍ନ ସ୍ଥାନ ଦେଖାଇବାରେ ସାହାଯ୍ୟ କରେ । କ୍ଷମତାରେ ଥିବା ସଭ୍ୟମାନଙ୍କର ପିଲାମାନେ ବିଭିନ୍ନ ଗାଡି ବ୍ୟବହାର କରିବାକୁ ନିଜର ଆବଶ୍ୟକତା ମନେ କରନ୍ତି ଏବଂ ସେମାନେ ହିଁ କ୍ଷମତାର ଅପବ୍ୟବହାର କରିଥା'ନ୍ତି । ଯୁବକ ଯୁବତୀମାନେ ଏହି କାର୍ ବ୍ୟବହାର ଅନୁସାରେ ପ୍ରେମ ଓ ବିବାହ ମଧ୍ୟ କରିଥା'ନ୍ତି ।

ଏବେ ବଜାରରେ ସବୁ ପ୍ରକାର ଉପଭୋଗ୍ୟ ଦ୍ରବ୍ୟ ପ୍ରଚୁର ପରିମାଣରେ ମିଳୁଛି । କ୍ୟୁ ନାହିଁ । ବିଦେଶୀ ଆମଦାନୀ ଜିନିଷର ପ୍ରାବଲ୍ୟ ସହିତ ଚୋରାରେ ସବୁପ୍ରକାର ଦ୍ରବ୍ୟ ମିଳିବାର କଟକଣା ମଧ୍ୟ ନାହିଁ । କମ୍ୟୁନିଷ୍ଟ ଶାସନ ସମୟରେ ଏ ଜିନିଷ ମାନ ମିଳୁଥିଲା । କିନ୍ତୁ ତା'ର ପରିଣାମ ଥିଲା ସ୍ୱଳ୍ପ । ମସ୍କୋରେ ଥିବା କମ୍ୟୁନିଷ୍ଟ ସରକାର ଲୋକମାନଙ୍କୁ ବିଭିନ୍ନ ଦ୍ରବ୍ୟ ଯୋଗାଇ ଦେବା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ, କାରଣ ଉତ୍ପାଦନ କରୁଥିବା ଉଦ୍ୟୋଗଗୁଡିକ ଆବଶ୍ୟକୀୟ ଚାହିଦାକୁ ଚାହିଁ ଉତ୍ପାଦନ କରୁନଥିଲେ । ଫଳରେ ଦୈନନ୍ଦିନ ଜୀବନରେ ଆବଶ୍ୟକ ଥିବା ବହୁ ଜିନିଷ ଆଦୌ ମିଳୁନଥିଲା ।

ଏପରି କି ଋଷରେ ବହୁ ବହି ପ୍ରକାଶିତ ହେଉଥିଲେ ମଧ୍ୟ ଯେଉଁ ବହି ଗୁଡିକର ଆବଶ୍ୟକତା ଥିଲା, ତାହା ପ୍ରକାଶ ପାଉ ନ ଥିଲା । ଲୋକମାନେ ଯାହା ଚାହୁଁଥିଲେ, ତାହାର ଥିଲା ଘୋର ଅଭାବ । ବିଜ୍ଞାନ ବିଷୟକ ପୁସ୍ତକ ଓ ପାର୍ଟି ପ୍ରଚାର ପୁସ୍ତକର ବହୁଳତା ବ୍ୟତୀତ ଅନ୍ୟ ବହି ପ୍ରାୟ ମିଳୁନଥିଲା । ଆମେ ମେଟ୍ରୋରେ ଗଲାବେଳେ ଦେଖୁଥିଲୁ କିପରି ଭାବରେ ଯୁବକ ଯୁବତୀମାନେ ବହି ପଢାରେ ନିଜ ନିଜକୁ ନିମଜ୍ଜିତ କରିଦେଉଥା'ନ୍ତି । ଋଷର କ୍ଳାସିକ୍, କବିତା ଓ

Digitized by PPRACHIN, SOA

ଗନ୍ଧ ଇତ୍ୟାଦିର ବହୁଳ ଅଭାବ ଯୁବପିଢ଼ି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଫଳରେ ବର୍ତ୍ତମାନ ପ୍ରଚୁର ପରିମାଣରେ ଯୌନ ଉଦ୍ଦୀପକ ପୁସ୍ତକ ସେମାନଙ୍କ ପଠନର କେନ୍ଦ୍ରବିନ୍ଦୁ ହୋଇଛି ।

ବେକାରୀ ବଢ଼ିଛି ଓ ତା ସହିତ ନିଜ ଚେଷ୍ଟାରେ ରୋଜଗାର କରି ବଞ୍ଚିବା ପାଇଁ ଚେଷ୍ଟା ଆରମ୍ଭ ହୋଇଛି । ଖବରକାଗଜ ପୃଷ୍ଠାରେ ବିଜ୍ଞାପନ ଦେଖିଲେ ଜଣାଯିବ ଯେପରି ସୁନ୍ଦରୀ ସୁନ୍ଦରୀ ନାରୀମାନେ ଶସ୍ତାରେ କିଣାବିକା ହୋଇ ପାରୁଛନ୍ତି । ନାଇଟ୍ କ୍ଲବ, ବିଉଟି ପାର୍ଲୋର ଇତ୍ୟାଦିର ବ୍ୟାପକ ବିଜ୍ଞାପନ ଖବରକାଗଜ ପୃଷ୍ଠାରେ ଓ ଟି.ଭି ଚ୍ୟାନେଲରେ । ଏହା ଫଳରେ ବଢ଼ିଛି ଅପରାଧ ପ୍ରବୃତ୍ତି । ବିଦେଶୀମାନଙ୍କୁ ରାସ୍ତାରେ ମାଡମାରି ଜିନିଷପତ୍ର ଛଡେଇ ନେବାଠାରୁ ଆରମ୍ଭ କରି କାରଚୋରି ପର୍ଯ୍ୟନ୍ତ ଅପରାଧରେ ଯୁବକମାନେ ସଂଶ୍ଳିଷ୍ଟ ହୋଇ ପଡୁଛନ୍ତି । ବିଦେଶୀ ମାନଙ୍କ ପାଇଁ ଜୀବନ ହୋଇଛି ଦୁର୍ବିସହ । ଦୁର୍ନୀତି ଅପରାଧୀକରଣକୁ ଆହୁରି ବଢ଼ାଇ ଦେଇଛି ।

ମୋର ବନ୍ଧୁ ଅରୁଣ କହିଲେ କିଛି ଡଲାର ଦେଲେ ସିନା ଭିସା ମିଳିବ । ପୁଲିସବାଲା ତ ବେଶ୍ ହଇରାଣ ହରକତ କରୁଛନ୍ତି ବିଦେଶୀ ପର୍ଯ୍ୟଟକମାନଙ୍କୁ ।

ଋଷର ଯୁବକଯୁବତୀ ସ୍ୱାଧୀନଚେତା ହେଲେ ହେଁ ବହୁଦିନ ଧରି ଶୃଙ୍ଖଳାବନ୍ଧନ ସେମାନଙ୍କ ବିଚାରକୁ କରିଛି ସ୍ଥାଣୁ । ସେମାନେ ରାଷ୍ଟ୍ର ନିୟନ୍ତ୍ରଣ ମଧ୍ୟରେ ବାନ୍ଧି ହୋଇ ରହିବାକୁ ଚାହୁଁ ନାହାନ୍ତି । ଏହା ସେମାନଙ୍କର ହାବଭାବ, ଚାଲିଚଳଣ ଓ କଥାବାର୍ତ୍ତାରୁ ସ୍ପଷ୍ଟ ବାରି ହୋଇ ପଡେ । ଜୀବନ ହୋଇଛି ସଂଗ୍ରାମ । ବଞ୍ଚିବା ପାଇଁ ସବୁକିଛିକୁ ଆବୋରି ନେବାର ଇଚ୍ଛା । ଯୌବନ ଉପଭୋଗ ପାଇଁ, ଦେଶ ପାଇଁ ନୁହେଁ, ଏହା ସେମାନଙ୍କୁ ବେଶି ବେଶି ଛୁଇଁବାରେ ଲାଗିଛି ।

Digitized by PPRACHIN, SOA

୮୫୦ ବର୍ଷର ମସ୍କୋ ସହରର ମୁଖା

ମସ୍କୋର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମସ୍କୋବାସୀଙ୍କର ଜୀବନ । ମୋର ମସ୍କୋ ଯିବା ପୂର୍ବରୁ ସେହି ସହର ପାଳନ କରିଥାଏ ୮୫୦ ବର୍ଷ ପୂର୍ତ୍ତି ଉତ୍ସବ । ମସ୍କୋ ତମାମ ୮୫୦ ବର୍ଷ ଲେଖା ହୋଇଥାଏ । ୧୧୪୭ ମସିହାରେ କାଉଣ୍ଟ ୟୁରି ଡାଲଗୋରୁକି ମସ୍କୋ ନଦୀ କୂଳରେ ଅବସ୍ଥିତ ଏହି କ୍ରେମଲିନ୍‌କୁ ନଗରୀ ନାମ ଦେଇଥିଲେ ।

୮୫୦ ବର୍ଷ ପୂର୍ତ୍ତି ଉତ୍ସବ ଥିଲା ଆନନ୍ଦ ମୁଖରିତ । କାରଣ ଦୀର୍ଘ ବର୍ଷ ଧରି ମସ୍କୋରେ ରହୁଥିବା ଅଧିବାସୀମାନେ ବହୁ ଦୁଃଖ ଓ ଯନ୍ତ୍ରଣାର ଶିକାର ହୋଇଛନ୍ତି । ଯଦିଓ ମସ୍କୋରେ ବହୁ କୀର୍ତ୍ତି ଓ ବିରାଟ ବିରାଟ ଇମାରତ ଏହି ସମୟ ମଧ୍ୟରେ ଗଢ଼ି ଉଠିପାରିଛି, ତଥାପି ବହୁଲୋକ ଏବେ ବି ଯନ୍ତ୍ରଣାଦଗ୍ଧ । ମସ୍କୋ ଲୋକଙ୍କ ମୁହଁରେ କେବେ ହସ ଦେଖାନଯାଏ ବୋଲି ଥିବା ପାଶ୍ଚାତ୍ୟ ଲୋକଙ୍କର ଅପବାଦରୁ ମୁକ୍ତ ସେମାନେ ଏବେ ।

ମସ୍କୋବାସୀମାନଙ୍କର ମାର୍ଲବେରୀ ସିଗାରେଟ୍ ଧୂଆଁରେ ଦିନ ଆରମ୍ଭ ହୁଏ ଏବଂ ନିର୍ମଳ ଭୋଡ୍‌କାରୁ ପେଟେ ପିଇବା ପ୍ରାୟ ପ୍ରତ୍ୟେକ ଦିନର ଅଭ୍ୟାସ । ଏଠାକାର ସାଧାରଣ ଋଷ ଲୋକ ପ୍ରାୟତଃ ସ୍ୱଚ୍ଛଳ । ସେମାନଙ୍କର ମାସିକ ଆୟ ୪୪୧ ଡଲାରରୁ ୫୬୦ ଡଲାର ପର୍ଯ୍ୟନ୍ତ ହୋଇଥାଏ । ମସ୍କୋରେ ରହୁଥିବା ଲୋକମାନେ ପ୍ରାୟ ବେଶି ପିଅନ୍ତି ଓ ସିଗାରେଟ୍ ଫୁଙ୍କନ୍ତି ଏବଂ ପ୍ରାୟ ୨୫୧ ଡଲାର ସେମାନେ ଖର୍ଚ୍ଚ କରନ୍ତି କେବଳ ଖାଦ୍ୟରେ । ବର୍ତ୍ତମାନର ରାଜନୀତିକ ସ୍ଥିତି ସଂପର୍କରେ ଋଷିଆର ଲୋକମାନେ ବିଶେଷ ସନ୍ତୁଷ୍ଟ ନୁହନ୍ତି କିନ୍ତୁ ମସ୍କୋ ଲୋକମାନଙ୍କ ଉପରେ ଏହାର ସେତେବେଶି ପ୍ରଭାବ ନାହିଁ । ଯଦିଓ ବେକାରୀ ବଢିଛି, ତଥାପି ସେମାନେ ତାହାକୁ ସହିଯିବାକୁ ପ୍ରସ୍ତୁତ । ଧନୀ ଓ ଗରିବମାନଙ୍କ ମଧ୍ୟରେ ମଜୁରୀରେ ବହୁତ ତଫାତ୍ ।

ମସ୍କୋ ଲୋକଙ୍କ ପାଇଁ ଘଟୁଥିବା ଅପରାଧ ବଡ଼ ଚିନ୍ତାର ବିଷୟ । ଶତକଡ଼ା ୩୩ ଭାଗ ଲୋକ ଦୋଷ ଦିଅନ୍ତି ପୁଲିସ୍‌ଙ୍କ ଉପରେ । ଏମାନେ ପୂରାପୂରି ଦୁର୍ନୀତିଗ୍ରସ୍ତ

Digitized by PPRACHIN, SOA

ହୋଇ ପଡ଼ିଥିବାରୁ ହତ୍ୟା, ଲୁଣ୍ଠନ ଓ ଅପରାଧ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏଠାରେ ମୃତ୍ୟୁହାର ବଢ଼ି ଚାଲିଥିବା ବେଳେ ଜନ୍ମହାର କମିବାରେ ଲାଗିଛି । ଅତ୍ୟଧିକ ମଦ୍ୟପାନ ଓ ମାର୍ଲବେରୀ ସିଗାରେଟ୍ ସେବନ ହେତୁ ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା । ମସ୍କୋକୁ କୁହାଯାଏ ମାର୍ଲବୋରୋଦେଶ । ଏହି ସିଗାରେଟ୍ ଏତେ ପ୍ରିୟ ଯେ ଏଠାକାର ପ୍ରାୟ ଶତକଡ଼ା ୭ ଭାଗ ଲୋକ ଏହାକୁ ହିଁ ପିଇ ଥାଆନ୍ତି ।

ମସ୍କୋରେ ରହୁଥିବା ଲୋକମାନଙ୍କର ପାରିବାରିକ ସ୍ଥିତି ଅନୁଧ୍ୟାନ କରିବାରୁ ଜଣାଯାଏ ଯେ ଶତକଡ଼ା ୬୨ ଭାଗ ବିବାହିତ ଓ ଏକାଠି ରୁହନ୍ତି; ଶତକଡ଼ା ୧୬.୮ ଭାଗ ଏକାକୀ ନିଃସଙ୍ଗ ଜୀବନ ଯାପନ କରୁଥିବା ବେଳେ ୧୦.୨ ଭାଗ ବିବାହ ବିଚ୍ଛେଦ (ଡ୍ରାଇଭୋର୍ସ), ୧୦ ଭାଗ ବିଧବା ଏବଂ ବଳକା ୧ ଭାଗଙ୍କର ସ୍ଥିତି ଅତ୍ୟନ୍ତ ବିଚିତ୍ର ।

ମସ୍କୋରେ ରହୁଥିବା ଲୋକମାନଙ୍କର ବେଶି ପସନ୍ଦ ସେଠାକାର ଜିନିଷ ପ୍ରତି । ବିଦେଶୀ ଜିନିଷ ପ୍ରତି ଆଗ୍ରହ କମ୍ । ସେମାନଙ୍କ ପାଖରେ ଥିବା ବଳକା ଅର୍ଥକୁ ସେମାନେ ଭିଡ଼ିଓ କ୍ୟାସେଟ୍, ଟେପ୍ ରେକଡ଼ର ଇତ୍ୟାଦି କିଣିବାପାଇଁ ଖର୍ଚ୍ଚ କରନ୍ତି । ଆମେ ଏହି ଜିନିଷର ଦୋକାନ ଦେଖୁଥିଲୁ ଅପର୍ଯ୍ୟାପ୍ତ । ମସ୍କୋ ଲୋକମାନଙ୍କ ମଧ୍ୟରୁ ଶତକଡ଼ା ୧୧ଭାଗ ସେବାକ୍ଷେତ୍ର, ୧୦ ଭାଗ ବ୍ୟବସାୟ ଓ ୫ ଭାଗ ଆର୍ଥିକ ସଂସ୍ଥାରେ କାର୍ଯ୍ୟ କରନ୍ତି । ଉଚ୍ଚ ଶିକ୍ଷାର କେନ୍ଦ୍ର ମସ୍କୋ ହୋଇଥିବା ହେତୁ, ଉଚ୍ଚ ଶିକ୍ଷିତମାନଙ୍କ ସଂଖ୍ୟା ଏଠାରେ ବେଶି । ଦେଶର ୩୮ ଭାଗ ଉଚ୍ଚ ଶିକ୍ଷିତ କେବଳ ମସ୍କୋରେ ।

ଶତକଡ଼ା ୨୩ ଜଣ ବର୍ଷକୁ ପ୍ରାୟ ତିନିଥର ଥିଏଟର ଦେଖିବାକୁ ଭଲ ପାଆନ୍ତି । ସେମାନଙ୍କ ଥିଏଟର ସିନେମାଠାରୁ ପ୍ରିୟ । ଶତକଡ଼ା ୭୩ ଭାଗ ମସ୍କୋଲୋକ ଆଦୌ ସିନେମା ଦେଖନ୍ତି ନାହିଁ । କମ୍ୟୁନିଷ୍ଟ ଶାସନ ଯିବାପରେ ସେମାନଙ୍କର ବିଦେଶ ଭ୍ରମଣର ନିଶା ବେଶ୍ ବଢ଼ିଛି । ସେମାନେ ଆମେରିକା, ଫ୍ରାନ୍ସ ଓ ଇଟାଲି ଯିବାକୁ ବେଶି ପସନ୍ଦ କରନ୍ତି । ମସ୍କୋର ଶତକଡ଼ା ୧୩ ଭାଗ ଲୋକ ପ୍ରାୟ ପ୍ରତ୍ୟେକ ବର୍ଷ ଏହି ଦେଶମାନଙ୍କୁ ବୁଲିଯିବାର ବ୍ୟବସ୍ଥା କରୁଛନ୍ତି ।

ମସ୍କୋର ଶତକଡ଼ା ୫୪ଭାଗ ଲୋକଙ୍କ ନିକଟରେ ଧର୍ମ ମନୋଭାବ ଦେଖିବାକୁ ମିଳେ । ସେମାନେ ଖ୍ରୀଷ୍ଟିୟାନ ଧର୍ମ ବିଶ୍ୱାସ କରନ୍ତି । ଏହା ସତ୍ତ୍ୱେ ସେଠାରେ ରହିଛି ବିବାହ ବିଚ୍ଛେଦ ଓ ଏକ ସନ୍ତାନର ପରିବାର ।

କଲିକତାର ଟ୍ରାମ ଗାଡ଼ି ପରି ମସ୍କୋ ମେଟ୍ରୋ ଗରିବ ଲୋକମାନଙ୍କର

Digitized by PPRACHIN, SOA

ମର୍ସିଡିସ୍ । ଭୋର ଘ.୫.୨୫ ମିନିଟ୍‌ରେ ଲୋକୋଲ ମେଟ୍ରୋ ଷ୍ଟେସନ ଖୋଲେ । ହଜାର ହଜାର ମସ୍କୋବାସୀ ମାତ୍ର ୨୦୦ରୁବେଲ୍ ଦେଇ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇ ପାରନ୍ତି । ବମ୍ବେର ଲୋକାଲ ଟ୍ରେନ୍, କଲିକତାର ଲୋକାଲ୍ ପରି ମେଟ୍ରୋ । କିନ୍ତୁ ଏହା ପରିଷ୍କାର ।

ମେଟ୍ରୋ ଷ୍ଟେସନ ବାହାରେ ଖବରକାଗଜ, ଫୁଲ ଓ ସିଗାରେଟ୍ ବିକ୍ରି ଆରମ୍ଭ ହୋଇ ଯାଇଥାଏ । ଏଠାରେ ଦେଖିବାକୁ ମିଳେ ବୟସ୍କ ଲୋକମାନଙ୍କୁ । ପେନ୍‌ସନ୍‌ରେ ତାଙ୍କର ଗୁଜୁରାଣ ମେଣ୍ଟେନି । ନୂତନ ଶାସନ ବ୍ୟବସ୍ଥାରେ ଅବସର ନେଇଥିବା ନାଗରିକମାନଙ୍କ ପାଇଁ ନାହିଁ ସରକାରଙ୍କର ସାମାଜିକ ନିରାପତ୍ତା ।

ସକାଳେ ଚର୍ଚ୍ଚର ଘଣ୍ଟା ବାଜେ । ଯୁବକ, ବୃଦ୍ଧ, ମହିଳାମାନଙ୍କର ଲମ୍ବା କ୍ୟୁ । ଘ. ୮.୨୦ ମିନିଟ୍‌ରେ ପ୍ରିଷ୍ଟ ଆସନ୍ତି ତାଙ୍କର ଧଳା ଓ କଳା ପୋଷାକ ପିନ୍ଧି । ଯିଶୁଖ୍ରୀଷ୍ଟଙ୍କର କ୍ରୁସ ନିକଟରେ ଜଳି ଉଠେ ମହମବତୀ ।

ସାନ ସାନ ପିଲାମାନଙ୍କର ସ୍କୁଲ ଖୋଲିଯାଏ । ସରକାରୀ ଅନୁଦାନର ଅଭାବ ହେତୁ ପ୍ରତ୍ୟେକ ନାଗରିକକୁ ଦେବାକୁ ହୁଏ ପ୍ରତି ପିଲା ପାଇଁ ମାସକୁ ୧ ଲକ୍ଷ ରୁବେଲ୍ । ଶିକ୍ଷକମାନଙ୍କୁ ଏମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ହୋଇଥାଏ । ଜଣେ ଜଣେ ଶିକ୍ଷକ ୧୦ଲକ୍ଷ ରୁବେଲ୍ ମାସକୁ ଆୟ କରିଥା'ନ୍ତି ।

ଅଫିସ୍ ମାନଙ୍କରେ ଲଞ୍ଚ ଖାଇବାର ବ୍ୟବସ୍ଥା ଥାଏ । ଏବେ ତ କୌଣସିଠାରେ ସରକାରଠାରୁ ସବ୍‌ସିଡି ମିଳେ ନାହିଁ । ଯେଉଁମାନଙ୍କର ଆୟ ବେଶି, ସେମାନେ କଫିହାଉସଗୁଡ଼ିକୁ ଯାଇ ଖାଇ ପାରନ୍ତି । ମସ୍କୋରେ ଏବେ ଖୋଲିଛି ଗୋଟିଏ ସାଉଥ୍ ଇଣ୍ଡିଆନ୍ କାଫ୍‌ଟେରିଆ । ସେଠାରେ ଦୋସା ଓ ଇଡ୍‌ଲି ମିଳେ ।

ମେଟ୍ରୋ ଷ୍ଟେସନ ବନ୍ଦ ହୁଏ ରାତି ୧ଟା ବେଳେ । କିନ୍ତୁ ପ୍ରସ୍ଥାନ ଦ୍ୱାର ଖୋଲା ରହେ ଘ. ୧.୪୫ ମିନିଟ୍ ପର୍ଯ୍ୟନ୍ତ । ଋଷର ଗାଁ ଗହଳ ଓ ଛୋଟ ଛୋଟ ସହରଗୁଡ଼ିକରୁ ବୟସ୍କ ଲୋକେ ମାର୍କେଟିଂ କରିବାକୁ ମସ୍କୋ ଆସୁଥିବାର ଦେଖାଯାଏ । ଲୋକାଲ ମେଟ୍ରୋ ଷ୍ଟେସନ ସକାଳ ଘ. ୫.୨୫ ମିନିଟ୍‌ରୁ ରାତି ଘ ୧.୪୫ ମିନିଟ୍ ପର୍ଯ୍ୟନ୍ତ ଅନବରତ ଖୋଲା ରହି ଦେଖୁଥାଏ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ସେଲସ୍‌ମ୍ୟାନ, ଟ୍ରକ୍ ଡ୍ରାଇଭରମାନଙ୍କୁ ଯେଉଁମାନେ ମେଟ୍ରୋ ପାହାଚରେ ମସ୍କୋ ସହର ଭିତରକୁ ପଶୁଥିବା ପ୍ରଥମ ଟ୍ରେନ୍‌କୁ ଧରିବାକୁ ବ୍ୟଗ୍ର ହୋଇ ଦୌଡ଼ୁଥା'ନ୍ତି ।

ସବୁଠି ଜୀବନ ଏଇମିତି ଦୌଡ଼େ । ଯେଉଁଠି ସାମାଜିକ ସୁରକ୍ଷାର ଅଭାବ, ସେଠି ଜୀବନ ହୋଇଉଠେ ଦୁର୍ବିସହ । ଯେଉଁ ମାଟିରେ ଦିନେ ଆବାଳବୃଦ୍ଧବନିତାଙ୍କୁ

Digitized by PPRACHIN, SOA

ବୟସ ନିର୍ବିଶେଷରେ ସାମାଜିକ ନିରାପତ୍ତା ଯୋଗାଇ ଦିଆଯାଉଥିଲା, ଆଜି ସେହି ମାଟିର ବୃଦ୍ଧ ଓ ବୃଦ୍ଧା ମେଟ୍ରୋ ଷ୍ଟେସନର ଫୁଟ୍‌ପାଥିରେ ଛିଡ଼ା ହୋଇ ବିକନ୍ତି 'ମାର୍ଲବେରୀ' ସିଗାରେଟ୍ । କିନ୍ତୁ ପାଳନ କରନ୍ତି ୮୫୦ ବର୍ଷ ମସ୍କୋ ସହରର ଜନ୍ମୋତ୍ସବ । ତଥାପି ମସ୍କୋରେ ଘଟିଥିବା ରାଜନୀତିକ ପରିବର୍ତ୍ତନରେ ବହୁ ଲୋକ ପ୍ରକାଶ କରିଛନ୍ତି ଆନନ୍ଦ । ଶିକ୍ଷିତ ବୁଦ୍ଧିଜୀବୀ, ଏକାଡେମୀସିଆନ୍‌ମାନେ ଅଧ୍ୟାପନା କାର୍ଯ୍ୟରେ ସନ୍ତୋଷ ନ ପାଇଁ ବିଭିନ୍ନ ପ୍ରକାର ବ୍ୟବସାୟରେ ହାତ ଦେଇଛନ୍ତି । ଅଧ୍ୟାପକ, ଲେଖକ, ଶିଳ୍ପୀ ଓ କଳାକାରମାନଙ୍କ ଜୀବନରେ ଘଟିଛି ପରିବର୍ତ୍ତନ । ବଞ୍ଚିବା ପାଇଁ ସେମାନେ ଆରମ୍ଭ କରିଛନ୍ତି ସଂଗ୍ରାମ । ରାଷ୍ଟ୍ର ବନ୍ଧନରୁ ସେମାନେ ମୁକ୍ତ ହୋଇ ନିଜ ନିଜର ଜୀବନ ଓ ଜୀବିକା ପାଇଁ ସାଧନାରତ । ତଥାପି ସେମାନେ ମସ୍କୋ ମେୟର ୟୁରି ଲୁଜ୍‌କୋଭଙ୍କର ମସ୍କୋ ସହରରୁ ୮୫୦ ବର୍ଷ ପାଳନ ପ୍ରଶଂସାରେ ମୁଖରିତ ।

କେତେକ ମସ୍କୋ ମେୟର ଲୁଜ୍‌କୋଭ ପ୍ରତି, ମଧ୍ୟ ବିତସ୍ପୃହ । ମସ୍କୋ ସହରର ରାସ୍ତା ଉପରେ ଗୃହଶୂନ୍ୟ ଭାବରେ ବାସ କରୁଥିବା ୪୦ ହଜାର ଲୋକ ସେମାନଙ୍କର ଥଇଥାନ ପ୍ରତି ମେୟର ଦୃଷ୍ଟି ଦେଉନାହାଁନ୍ତି ଅଥଚ ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତା ସମୟରେ ସରକାର ନିୟମ କରିଦେଲେ ଯେଉଁମାନେ ଗୃହଶୂନ୍ୟ ଓ ଯେଉଁମାନଙ୍କର ବାସସ୍ଥାନ ମସ୍କୋରେ ରହିବା ପାଇଁ ପରମିଟ୍ ନାହିଁ, ସେମାନେ ମସ୍କୋର ୧୦୧କି.ମି. ଦୂରରେ ଯାଇ ରହିବେ । ଲୁଜ୍‌କୋଭ ଏବେ ଆଦେଶ ଦେଲେ ଯାହାକୁ ଫୁଟପାଥରେ ଦେଖିବ, ତାକୁ ଟେକି ନେଇ ବାହାରକୁ ଫିଙ୍ଗିଦିଅ । ମସ୍କୋରେ ଘର ନାହିଁ ତ ରାଜ୍ୟ ସରକାରଙ୍କଠାରୁ ପେନ୍‌ସନ୍ ମଧ୍ୟ ମିଳେନି । ଗୃହଶୂନ୍ୟ, ବାର୍ଦ୍ଧକ୍ୟଭତ୍ତାରୁ ବଂଚିତ, ରାସ୍ତାରେ ଭିକାରୀ ପରି ଜୀବନ କାଟୁଥିବା ବୁଢ଼ାବୁଢ଼ୀ ଖାଲି ବୋତଲ ସଂଗ୍ରହ କରନ୍ତି । ପ୍ରତ୍ୟେକ ବୋତଲକୁ ବିକ୍ରି କରନ୍ତି ୩୫୦ ରୁବେଲରେ । କେବେ କେବେ ଚୋରି ଓ ପକେଟମାରୁ ଧନ୍ଦାର ମଧ୍ୟ ଆଶ୍ରୟ ନିଅନ୍ତି । ଜେଲ୍ ଯିବାରେ ଆଦୌ ଅସୁବିଧା ନାହିଁ । କାରଣ ସ୍ୱଚ୍ଛନ୍ଦରେ ରହିବା ଓ ଦୁଇଓଳି ଖାଇବାର ସୁବିଧା ତ ମିଳିଯିବ ।

ମସ୍କୋ ସହରରେ ଦେଖିବାକୁ ମିଳେ ଅନେକ ଗୁଡ଼ିଏ ସମାଧି । ସୋଭିଏତ୍ ଇତିହାସର ଅନେକ ପରିଚିତ ନାମର ସମାଧି କ୍ରେମଲିନ୍ କାନ୍ଥ କଡ଼ରେ ଦଣ୍ଡାୟମାନ । କୌଣସି ସମାଧି ଉପରେ କ୍ରୁଶ୍ ଚିହ୍ନ ଦେଖାଯାଏନି । ମସ୍କୋ ଅଧିବାସୀଙ୍କ ବ୍ୟତୀତ ଏବଂ ବିଶେଷ କରି ଯେଉଁମାନେ ରାଷ୍ଟ୍ରସ୍ତରର ନେତା ବା ଶିଳ୍ପୀ, ସେମାନେ ସ୍ଥାନ ପାଆନ୍ତି କ୍ରେମଲିନ୍ କାନ୍ଥ ନିକଟରେ । କ୍ରେମଲିନ୍ ପ୍ରାଚୀର ବ୍ୟତୀତ ଅନ୍ୟ ଅନେକ

Digitized by PPRACHIN, SOA

ସ୍ଥାନରେ ରହିଛି ସମାଧି ସ୍ଥାନ । ଅନେକ ଦର୍ଶନୀୟ ଓ ଅନେକ ଅବ୍ୟବହୃତ । ସମୟ ଗତିଧାରାରେ ସମ୍ପୂର୍ଣ୍ଣ ଲୁପ୍ତ । ସମାଧିରୁ ଜଣାପଡ଼େ ଇତିହାସ, ରାଜନୀତି ଓ ଦୈନନ୍ଦିନ ଜୀବନର ଅକୁହା କାହାଣୀ ।

ସମାଧି ଗୁଡ଼ିକ ବିଭିନ୍ନ ଢଙ୍ଗର, ବିଭିନ୍ନ ରୁଚିର, ରାଷ୍ଟ୍ରର ସାମାଜିକ ଇତିହାସର ଚିତ୍ର । ପ୍ରତ୍ୟେକ ସମାଧିରେ ଫଟୋଟିଏ ଛପା ହୋଇଛି ଏବଂ ଅନ୍ୟ କେତେ ସମାଧିରେ ଖୋଦିତ ହୋଇଛି ଫଟୋଟି । ଜୀବନର ନାନାଦି ଉଲ୍ଲେଖନୀୟ ଘଟଣାର ସଂକ୍ଷିପ୍ତ ସୂଚନା ସହିତ ରହିଛି ଦୁଃଖ, ଧୈର୍ଯ୍ୟ ଓ ନିର୍ଯାତନାର କରୁଣ କଥା । କିଛି କିଛି ସମାଧିବୁଲି ଦେଖିବାବେଳେ ମନେ ପଡୁଥିଲା ତରୁଣ କବି ସିମୋନୋଭଙ୍କର କବିତା,

"ଅପେକ୍ଷାକର ମୋ ପାଇଁ"
ମୁଁ ନିଶ୍ଚେ ଫେରିବି
ଯଦି ପ୍ରକୃତରେ ଅପେକ୍ଷା କର ।"

ମସ୍କୋ କ୍ରେମଲିନ୍ କାନ୍ଥ କଡ଼ ସମାଧି ଉପରେ ଫୁଲ ଥୋଇଦେବାବେଳେ ବୋଧହୁଏ ସେହି ବୃଦ୍ଧବୃଦ୍ଧାମାନେ ଏଇମିତି ଅପେକ୍ଷା କରୁଥିଲେ ଏବଂ ଦେଖୁଥିଲେ କିପରି ଲେନିନ୍ ଚିରନିଦ୍ରାରେ ଶୋଇ ମଧ୍ୟ ଋଷିଆର ଉତ୍‌ଥାନ ଓ ପତନକୁ ଲକ୍ଷ୍ୟ କରୁଛନ୍ତି ଲେନିନ୍ ମୁସୋଲିୟମ ମଧ୍ୟରେ ରହି ।

ମସ୍କୋ ସହରରେ ଦୀର୍ଘ କେତେ ଦିନ ଧରି ବୁଲୁଥିଲି । ବନ୍ଧୁ ଅରୁଣ ତାଗିଦ କରି ଦେଇଥିଲେ ପାଖରେ ପାସ୍‌ପୋର୍ଟଟିକୁ ସଦାସର୍ବଦା ରଖିବା ପାଇଁ । ମସ୍କୋ କହିଲେ ସେଠାକାର ମଣିଷ, ଚଳଣୀ, ଆଚାର, ବିଚାର, ମୂଲ୍ୟବୋଧ । ମୁଁ ତା'କୁ ସବୁ ଗଭୀର ନିରୀକ୍ଷଣକରି, ଅନୁଭବ କରୁଥିଲି ସବୁ ଯେମିତି ଶୃଙ୍ଖଳିତ, କଥା କହିବାଠାରୁ ଚାଲିବା ପର୍ଯ୍ୟନ୍ତ । ହୋ ହଲ୍ଲା ନାହିଁ । ବିଦେଶୀ ମଣିଷଟିକୁ ଆଡ଼ ଆଖିରେ ଚାହୁଁ ନାହାନ୍ତି ମଧ୍ୟ ।

୮୫୦ ବର୍ଷର ମସ୍କୋରେ ମଣିଷଟିର ସ୍ଥାୟିତ୍ୱ ଓ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନେ ଯେପରି ସମ୍ପୂର୍ଣ୍ଣ ଅନାସକ୍ତ ଓ ଉଦାସୀନ । ମସ୍କୋ ଲାଗୁଥିଲା ଯେପରି ନିଜ ଭିତରେ ନିଜେ ସମାହିତ । ସାଧାରଣ ମଣିଷଟି ଏଇ ବିରାଟ ସହର ଓ ବ୍ୟବସ୍ଥା ଭିତରେ ଯେମିତି ଅତି କ୍ଷୁଦ୍ର ଓ କ୍ଷମତାହୀନ । ସେ ଏହାକୁ ପରିବର୍ତ୍ତନ କରିପାରିବ ନାହିଁ କିମ୍ବା ଏଥିପାଇଁ ତା'ର ଚେଷ୍ଟା ନାହିଁ । ବୋଧହୁଏ ପ୍ରତ୍ୟେକ ଋଷବାସୀଙ୍କ ପାଇଁ ଜୀବନ ସହିତ ଭାଗ୍ୟ ଯୋଡ଼ା ହୋଇ ରହିଛି । ସେ ହୋଇ ଯାଇଛନ୍ତି ଭାଗ୍ୟବାଦୀ ।

Digitized by PPRACHIN, SOA

ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଭାଗ୍ୟ ଓ ଭଗବାନ୍‌ଙ୍କୁ ବାର୍ଚ୍ଚ ଗଛ-ଛାଇ ତଳେ ଛାଡ଼ି ଆସିଥିବା ମସ୍କୋବାସୀ ୮୫୦ ବର୍ଷ ପାଳନ କଲାବେଳେ ଆଶା ଓ ନିରାଶା ମଧ୍ୟରେ ପୁଣି ଯେପରି କ'ଣ ଖୋଜୁଛନ୍ତି ମସ୍କୋ ନଦୀର ଧାରରେ,ଏହା ମୋତେ ଅନୁଭୂତ ହେଉଥିଲା । ସେମାନେ ବୋଧହୁଏ ଖୋଜୁଥିଲେ ଶ୍ରଦ୍ଧା, ପ୍ରେମ, ଧୈର୍ଯ୍ୟ ଓ ସହନଶୀଳତା ଏବଂ ଜୀବନକୁ ହସି ହସି ବିତାଇଦେବାର ମୁହୂର୍ତ୍ତ ।

□□□

Digitized by PPRACHIN, SOA

ଭାଭିଲୋଭରୁ ବିଦାୟ

ମୋର ମସ୍କୋ ବୁଲା ବେଶିଦିନ ନ ଥିଲା । ଅଦିନିଆ ମେଘ ହଠାତ୍ ଆସି ଖୁବ୍ ଜୋରରେ ବର୍ଷିଦେଇ ଚାଲିଯିବା ପରି, ମୁଁ ମାତ୍ର ଦଶ ଦିନ ରହି ଫେରି ଆସିଥିଲି । ବରଂ ଫେରିଆସିବାକୁ ବାଧ ହୋଇଥିଲି କାରଣ ଭିସା ନ ଥିଲା । ଫେରିବାର ଟିକେଟ୍ କରିଥିଲି । ସେହି କ୍ଷଣମାତ୍ର ସମୟ ମଧରେ ମସ୍କୋ ସହରକୁ ଦେଖିବା, ଟଲଷ୍ଟୟଙ୍କ ଜନ୍ମସ୍ଥାନରେ ପାଦ ପକାଇବା ଓ ମସ୍କୋ ଲୋକମାନଙ୍କର ଜୀବନ ସହିତ ସମ୍ୟକ୍ ପରିଚୟ ହେବାର ସୁଯୋଗକୁ ମୁଁ ହାତଛଡ଼ା କରିନଥିଲି । ମସ୍କୋ ସହରର ବିରାଟ ବିରାଟ ଅଟ୍ଟାଳିକା, ଘଞ୍ଚ ଜଙ୍ଗଲ, ଅତି ଚଉଡ଼ା ରାସ୍ତା, ଲମ୍ବା ଡେ଼ଙ୍ଗା ଗୋରାମଣିଷ ମାନଙ୍କ ଭିତରେ ମୁଁ ଦେଖିଥିଲି ଅନେକ ବୈଚିତ୍ର୍ୟ, ବିବିଧତା ଓ ବିଷମତା ।

ମୁଁ ମସ୍କୋ ସହରକୁ ଦେଖିଥିଲି ଯେତେବେଳେ ସୋଭିଏତ୍ ସଂଘ ଭାଙ୍ଗି ଟୁକୁରା ଟୁକୁରା ଗଣରାଜ୍ୟରେ ଅଲଗା ହୋଇଯାଇଥିଲା । କମ୍ୟୁନିଷ୍ଟ ଶାସନ ବଦଳରେ ୟେଲତ୍‌ସିନ୍‌ର ଶାସନ ଚାଲିଥିଲା । ଏକ ବିରାଟ ରାଷ୍ଟ୍ରକୁ ମସ୍କୋରୁ କିପରି ଶାସନ କରାଯାଉଥିଲା, ତାହା ମୋତେ ମଧ ଆଶ୍ଚର୍ଯ୍ୟ କରୁଥିଲା । ସୋଭିଏତ୍ ୟୁନିୟନ ସହିତ ପନ୍ଦରଗୋଟି ରାଷ୍ଟ୍ରସଂଘ ଯୁକ୍ତ ହୋଇଥିଲେ ମଧ ଋଷିଆନ୍ ସୋଭିଏତ୍ ଫେଡ଼େରେଟେଡ୍ ସୋସିଆଲିଷ୍ଟିକ୍ ରିପବ୍ଲିକ ଥିଲା ଋଷିଆର ହୃଦୟ ଅଞ୍ଚଳ ଏବଂ ଏହା ସାଇବେରିଆରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ବ୍ୟାପିଥିଲା । ଯଦିଓ ସମସ୍ତ ରାଜନୀତିକ ଓ ଆର୍ଥିକ ନୀତି ନର୍ଦ୍ଧାରଣର କେନ୍ଦ୍ରବିନ୍ଦୁ ମସ୍କୋ ଥିଲା ଏବଂ ଏକକ କମ୍ୟୁନିଷ୍ଟ ପାର୍ଟିର ଶାସନାଧୀନ ଥିଲା, କିନ୍ତୁ ବାସ୍ତବ ଗଠନରେ ଏହା ଥିଲା ଦୁର୍ବଳ ଏବଂ କେନ୍ଦ୍ରରୁ ଏହା ଉପରେ ସେପରି ନିରଙ୍କୁଶ ଶାସନାଧିକାର ନ ଥିଲା । ଆଞ୍ଚଳିକ ଓ ଧାର୍ମିକ ଜାତୀୟତାବାଦର ଭାବ ଥିଲା ପ୍ରବଳ, ଯାହା ସତୁରୀବର୍ଷଧରି ମାଡ଼ିମକଚି ରହି ବିସ୍ଫୋରିତ ହୋଇ ଭାଙ୍ଗିଗଲା । ସୋଭିଏତ୍ ୟୁନିୟନର ବିଭିନ୍ନତା ଓ ବହୁତ୍ୱ ପ୍ରତି ଗୁରୁତ୍ୱ ଆରୋପ ନ କରି, ଗୋଟିଏ ବାଟରେ

Digitized by PPRACHIN, SOA

ମଣିଷକୁ ଶାସନକରିବାର ବିଚାରର ପ୍ରୟୋଗ ଭୁଲ୍ ହୋଇଗଲା । ବୋଧହୁଏ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବାର ତାହା ହିଁ ଥିଲା ଅନ୍ୟତମ କାରଣ ।

ମାର୍କସ କହିଥିଲେ ଧର୍ମ ମଣିଷ ପାଇଁ ଅଫିମ । ସୋଭିଏତ୍‌ସଂଘରୁ ସେଇ ଧାର୍ମିକ ନିଶାକୁ ଯେତେଚେଷ୍ଟା ସତ୍ୱେ ମଧ୍ୟ ନିଃଶେଷ କରାଯାଇ ପାରିନଥିଲା । ଲୋକମାନଙ୍କ ମଧ୍ୟରେ ପାରମ୍ପରିକ ବିଚାର ଓ ଭାବ ରହି ଯାଇଥିଲା ଧର୍ମ ଓ ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ପ୍ରତି । ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବ ଓ ତିରୋଧାନ ଦିବସ ଗୁଡ଼ିକ ଯତ୍ନ ସହିତ ବହୁ ପରିବାର ପାଳନ କରୁଥିଲେ । ମହାପ୍ରୟାଣ ଦିବସ ଦିନ ପରିବାରର ସଦସ୍ୟମାନେ ନିଜ ନିଜର ପ୍ରିୟତମ ବ୍ୟକ୍ତିର ସମାଧି ନିକଟକୁ ଯିବା ଏବଂ ପୂର୍ବରୁ ତାହାକୁ ପରିଷ୍କାର କରିବା ଥିଲା ସେମାନଙ୍କର ପାରମ୍ପରିକ କାର୍ଯ୍ୟ । ସେହି ନିର୍ଦ୍ଦିଷ୍ଟ ଦିନ ସେମାନେ ସମାଧି ନିକଟରେ ପହଞ୍ଚି ପୁଷ୍ପ ସ୍ତବକ, ଭଙ୍ଗା ଥଣ୍ଡା ଏବଂ ଛୋଟ ଗ୍ଲାସରେ ଭୋଡ଼କା ସମର୍ପଣ କରିଥା'ନ୍ତି । ସାମ୍ୟବାଦୀ ବିଚାର ମଧ୍ୟରେ ଏହା ଲୋପ ପାଇ ଯାଇଥିଲା ବୋଲି ଯେତେ କୁହାଯାଇଥିଲା, ତାହାର ଓଲଟା ରୂପ ଠିକ୍ ଦେଖି ପାରୁଥିଲି ମସ୍କୋରେ । ଠିକ୍ ସେହିପରି ଉଜ୍‌ବେକିସ୍ତାନ, ତାଜ୍‌କିସ୍ତାନ, ତୁର୍କମେନିୟ, କିରଗିଜିୟା, କାଜଖସ୍ତାନ ଓ ଆଜାରବାଇଜାନ ଇତ୍ୟାଦି ରାଜ୍ୟଗୁଡ଼ିକରେ ମୁସଲମାନ୍ ମାନଙ୍କର ଧର୍ମ ଚେତନା ଥିଲା ରକ୍ଷଣଶୀଳ ଏବଂ ସୋଭିଏତ୍ ୟୁନିୟନ୍ ପତନ ମାତ୍ରକେ ଏହି ରାଜ୍ୟ ଗୁଡ଼ିକ ସ୍ୱାଧୀନ ଓ ମୁକ୍ତ ହୋଇଗଲେ ।

ଟି.ଭି ପରଦାରେ ମସ୍କୋବାସୀଙ୍କର ଜୀବନର ପ୍ରତିଛବି ବେଶ୍ ବାରି ହୋଇଯାଏ । ପ୍ରତ୍ୟକ୍ଷ ଅନୁଭବ ପରିବର୍ତ୍ତେ ପରୋକ୍ଷ ଅନୁଭୂତିର ଅନେକ ଝଲକ ମୋତେ ଆମୋଦିତ କରିପାରିଛି । ଜୀବନ ଏଠି ଧୀର ଗତିରେ ଚାଲେ । ବନ୍ଧୁ ଅରୁଣଙ୍କର ନିତିଦିନିଆ ସାମ୍ବାଦିକତା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ନମିତା ସ୍କୁଲକୁ ଚାଲିଯାଏ, ତା' ବସ୍‌ରେ । ପ୍ରତ୍ୟେକ ଋଷ ପରିବାରରେ ମହିଳା କେବଳ ପରିବାରର ମେରୁଦଣ୍ଡ ନୁହେଁ, ସମଗ୍ର ଦେଶର ମେରୁଦଣ୍ଡ । ଏଠି ମହିଳା ପାଇଛି ସମ୍ପୂର୍ଣ୍ଣ ଆଇନଗତ ଅଧିକାର ସବୁକ୍ଷେତ୍ରରେ ପୁରୁଷ ସହିତ । ସମ୍ପୂର୍ଣ୍ଣ ମୁକ୍ତ ସମାଜ ବ୍ୟବସ୍ଥା ହେତୁ ଅବୈଧ ଗର୍ଭପାତର ସଂଖ୍ୟା ସବୁଠାରୁ ବେଶି । କିନ୍ତୁ ବୃଦ୍ଧା ଜେଜେମା'ର ଶୀତଳ ହାତ କୁନିକୁନି ନାତି ମାନଙ୍କୁ ଗାଡ଼ିରେ ଧରି ଘଞ୍ଚଜଙ୍ଗଲ ମଧ୍ୟରେ ନିଜ ନିଜର ପୋଷାକୁକୁର ସହିତ ବୁଲୁଥିବାର ଦୃଶ୍ୟ, ସେମାନଙ୍କର ପାରିବାରିକ ବନ୍ଧନ ଓ ସୌହାର୍ଦ୍ଦ୍ୟର ପରିଚୟ ହୁଏ । ତଥାପି ଜୀବନରେ ଏଠି

Digitized by PPRACHIN, SOA

ଅନେକ ଏକାକୀତ୍ୱ । ପୁରୁଷମାନେ ବହୁ ସମୟରେ ବାହା ହେବାକୁ ଚାହାନ୍ତିନାହିଁ । ଯେଉଁମାନେ ଧନୀ, ବୁଦ୍ଧିମାନ୍ ସେମାନେ ସହର ପାଣି ପବନ ଭିତରେ ଜୀବନକୁ ଉପଭୋଗ କରନ୍ତି ଛାଡ଼ପତ୍ର ପାଇଥିବା ମହିଳାମାନଙ୍କ ସହିତ । ପରିବାର ବସାଇବାର ଆବଶ୍ୟକତା ନ ଥାଏ । କିଛି ଝିନ୍‌ଝଟ୍ ମଧ ମୁଣ୍ଡାଇବାକୁ ହୁଏ ନାହିଁ । କେତେକଙ୍କର ପୁରୁଷବନ୍ଧୁ ମଧ ଥାଆନ୍ତି । ସେମାନେ ସମଲିଙ୍ଗି ଯୌନ ସମ୍ପର୍କ ସ୍ଥାପନ କରି ଜୀବନ କଟାନ୍ତି । ଏଇମିତି ଆନମନା ହୋଇ ପ୍ରୌଢ଼ ଓ ପ୍ରୌଢ଼ାମାନଙ୍କର ବୁଲୁଥିବାର ବ୍ୟାପକ ଅନୁଭୂତି ଯେ କେହି ପର୍ଯ୍ୟଟକ ଆହରଣ କରିପାରେ । ଋଷବାସୀଙ୍କ ପାଇଁ ସବୁଠାରୁ ବୃହତ୍ ହିଁ ସୁନ୍ଦର । ବିରାଟ ବିରାଟ ଅଟ୍ଟାଳିକା ଠାରୁ ୧୬ ଲେନ୍ ବିଶିଷ୍ଟ ରାସ୍ତା, ବୃହତ୍ ଘଣ୍ଟା ଇତ୍ୟାଦି ମୋତେ ଚମତ୍କୃତ କରିଥିଲା । ବୋଧହୁଏ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ରରେ ଏତେ ବଡ଼ ବଡ଼ ବିଲ୍ଡିଂ ନାହିଁ । ଏପରି କି କ୍ରେମଲିନ୍ ନିକଟରେ ନିର୍ମିତ ରୋସିୟା ହୋଟେଲର ବିରାଟ କଳ୍ପନା କରିବା କଷ୍ଟସାଧ । ଅଲମ୍ପିକ ଖେଳ ସମୟରେ ୨୮ ମହଲା ବିଶିଷ୍ଟ ଏକ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା, ଯେଉଁଥିରେ ଦଶହଜାର ଲୋକ ରହିବା ପାଇଁ ବ୍ୟବସ୍ଥା ହୋଇଛି ଏବଂ ହଜାରେ ଲୋକ ସିନେମା ଦେଖିବାର ହଲ୍ ।

ରାସ୍ତାରେ ଅନେକ କାର୍ । କିନ୍ତୁ କଳା ବଡ଼ବଡ଼ କାର୍ ହେଉଛି ଜିଲ୍ । ବୁଲେଟ୍ ପ୍ରୁଫ୍ ଏହି ଗାଡ଼ି ଗୁଡ଼ିକ ଚାଲିଗଲା ବେଳେ ଲୋକମାନେ ଭୟଭୀତ ଓ ଇତସ୍ତତଃ ହୋଇ ପଡ଼ନ୍ତି । କ୍ରେମଲିନ୍ ରାଜପ୍ରାସାଦ ମଧକୁ ଯିବାଆସିବା କରୁଥିବା ଏହି କାର୍‌ର ଦୃଶ୍ୟ ଥିଲା ମୋ' ପାଇଁ ବେଶ୍ ଉପଭୋଗ୍ୟ । ସବୁଠୁ ମୋତେ ବେଶି ଭଲ ଲାଗିଥିଲା ମେଟ୍ରୋରେ ଯିବା ବେଳର ଅନୁଭୂତି । ମେଟ୍ରୋ ଭିତରେ କି ପ୍ରଚଣ୍ଡ ନିରବତା । ପ୍ରତ୍ୟେକ ନିଜର ମୁଣ୍ଡକୁ ବହି ସହିତ ମିଳାଇ ଦେଇଥା'ନ୍ତି । ବହି ପଢ଼ିବାର ଆଗ୍ରହ ସେମାନଙ୍କର ବହୁତ ବେଶି । କିନ୍ତୁ ବର୍ତ୍ତମାନ ବଜାରରେ ମିଳୁଥିବା ଅର୍ଦ୍ଧାଧିକ ପୁସ୍ତକ କେବଳ ପ୍ରୋନୋଗ୍ରାଫି । ଟଲଷ୍ଟୟ, ଗର୍କି, ଡ଼ଷ୍ଟୋଭସ୍କି, ପୁସ୍କିନ, ଗୋଗଲ, ୟେସନିନ୍ ଇତ୍ୟାଦିଙ୍କର ପୁସ୍ତକ ଦୁଷ୍ପ୍ରାପ୍ୟ । ଜିନ୍ ପୋଷାକ ପରିଧାନ, କାନ୍ଧରେ ପ୍ଲାଷ୍ଟିକ ବ୍ୟାଗ, ପାଦରେ ଅଡିଦାସ ଜୋତା ମସ୍କୋ ଯୁବକ ଯୁବତୀଙ୍କର ପାଶ୍ଚାତ୍ୟ ଅନୁକରଣ ରୁଚିର ପରିଚୟ ଦିଏ ।

ମୋର ମସ୍କୋ ଯିବାବେଳକୁ ମସ୍କୋରେ କମ୍ୟୁନିଷ୍ଟ ଶାସନର ଅବସାନ ଘଟିଥିଲା । ମୁକ୍ତ ଅର୍ଥନୀତି.. ରାସ୍ତାଘାଟ, ମେଟ୍ରୋ ଇତ୍ୟାଦିରେ ମାଡ଼ି ବସିଥିଲା । ନୂଆ କରି ଜୀବନକୁ ଚିହ୍ନିବାକୁ ଚେଷ୍ଟା କରୁଥିଲେ; ତରୁଣ ତରୁଣୀମାନେ । ଜୀବନ

Digitized by PPRACHIN, SOA

ଆବଦ୍ଧକୋଠରୀ ମଧ୍ୟରେ ବାନ୍ଧି ହୋଇ ନ ରହି, ମସ୍କୋନଈ କୂଳର ଖୋଲାହାଓ୍ୱା ଆଡ଼କୁ ବଢ଼ି ଯାଇଥିଲା ।

ମସ୍କୋରେ ଦଶଦିନ ରହଣି ଓ ବିଭିନ୍ନ ସ୍ଥାନ ଦେଖିବାର ସମୟ ପୂରି ଆସିଥିଲା । ମୋତେ ଫେରିବାକୁ ହେବ ମୋ' ନିଜଘର ଓଡ଼ିଶାକୁ । ମୁଁ ଥିଲି ମାତ୍ର ୧୦ ଦିନର ଅତିଥି । ପାସପୋର୍ଟ ଓ ଭିସା ବ୍ୟତୀତ ମୋର ପରିଚୟ ସେଠି କିଛି ନାହିଁ । ସେପ୍ଟେମ୍ବର ୨୪ ତାରିଖ ୧୯୯୭ । ମୋତେ ଛାଡିବାକୁ ହେବ ମସ୍କୋ । ସନ୍ଧ୍ୟା ୬ଟା ବେଳେ ଫ୍ଲାଇଟ୍ । ଅରୁଣବାବୁ ଛାଡ଼ିବାକୁ ଆସିଲେ ସେରେମେଟୋଭା ଏୟାରପୋର୍ଟକୁ । ତାଙ୍କ ଘର ଭାଭିଲୋଭାଠାରୁ ଏୟାରପୋର୍ଟ ପ୍ରାୟ ୪୫ ମିନିଟ୍ ଟ୍ୟାକ୍ସିରେ ଲାଗିଲା । ଗାଡ଼ିର ଗତି ସହିତ ମନ ବେଶି ଜୋର୍‌ରେ ଦୌଡୁଥିଲା । ମସ୍କୋ ସହର କ୍ରମଶଃ ଆଖି ଆଗରୁ ଅପସରି ଯାଉଥିଲା । ଅରୁଣବାବୁ ମୋତେ ଛାଡ଼ିଦେଇ ଚାଲିଗଲେ ବିଦାୟ ନେଇ । ମୁଁ ଏୟାରପୋର୍ଟରେ ବସି ଅପେକ୍ଷା କଲି ପ୍ଲେନ୍‌କୁ । ମୋ'ର ମନ କିନ୍ତୁ ଟଲଷ୍ଟୟଙ୍କର ୟାସ୍‌ୟାନା ପୋଲ୍ୟାନା, ଲେନିନ୍ ମୁସୋଲିୟମ୍, ମାୟାକୋଭସ୍କି ମେଟ୍ରୋ ଇତ୍ୟାଦି ସମ୍ପର୍କରେ ଭାବି ଚାଲିଥିଲା । ଦୀର୍ଘ ୧୦ ଦିନର ଅଙ୍ଗେ ନିଭେଇଥିବା ଘଟଣା ଓ ଚରିତ୍ରମାନେ ଆତଯାତ କରୁଥିଲେ ।

"ଦି ମସ୍କୋ ଟାଇମସ୍" ଇଂରାଜୀ କାଗଜ ଖଣ୍ଡିଏ କିଣି ଆଖି ପକାଇଲି । ବୋର୍ଡିଂ ପାଇଁ ବୋର୍ଡ଼ରେ ସଙ୍କେତ ମିଳିଲା । ଅନେକ ଭାରତୀୟ ବିଶେଷ କରି ପଞ୍ଜାବୀ ମାନେ କ୍ୟୁରେ ଥା'ନ୍ତି । ପାସପୋର୍ଟ ଶେଷ ପୃଷ୍ଠାରେ ଇମିଗ୍ରେସନ କ୍ଲିଅର ଛାପ ମାରି ମସ୍କୋ ରମଣୀ ମୋ' ଆଡ଼କୁ ପାସ୍‌ପୋର୍ଟ ବଢ଼ାଇଦେଲା । ତା' ଗୋରା ମୁହଁରେ ହସ ନ ଥିଲା । ମୋ 'ଥ୍ୟାଙ୍କ୍ ୟୁ'ର କୌଣସି ଉତ୍ତର ମଧ୍ୟ ମିଳିଲାନି । କଲିକତା ବିମାନବନ୍ଦରରେ ପହଞ୍ଚିଲି ସକାଳ ୮ଟା ସେପ୍ଟେମ୍ବର ୨୫, ୧୯୯୭ ମସିହା । ମସ୍କୋ ସହରର ସ୍ଥାନ, ଘଟଣା ଓ ଚରିତ୍ରମାନେ ମୋ' ସ୍ମୃତିରେ ସଯତ୍ନ ସାଇତି ହୋଇଯାଇଥିଲେ ।

□□□

Digitized by PPRACHIN, SOA

ୟାସ୍‌ନାୟା ପୋଲ୍ୟାନା ଠାରେ ଥିବା ଟଲଷ୍ଟୟଙ୍କ
ସମାଧିପୀଠରେ ପୁଷ୍ପଗୁଚ୍ଛ ଅର୍ପଣ

ୟାସ୍‌ନାୟା ପୋଲ୍ୟାନାରେ ପିଲାମାନଙ୍କ ସହିତ

Digitized by PPRACHIN, SOA

ୟାସ୍‌ନାୟା ପୋଲ୍ୟାନା ବଗିଚାରେ

ମସ୍କୋ ରେଡ୍‌ସ୍କୋୟାରରେ

Digitized by PPRACHIN, SOA

ମସ୍କୋ ସହିଦ ମାନଙ୍କର ସ୍ମୃତି ସ୍ତମ୍ଭ ନିକଟରେ ବନ୍ଧୁ ଅରୁଣଙ୍କ ସହିତ

ବଲ୍‌ସେଇ ଥିଏଟର ନିକଟରେ ଆସୀନ

Digitized by PPRACHIN, SOA

ମାୟାକୋଭସ୍କି ମେଟ୍ରୋ ଷ୍ଟେସନ ନିକଟରେ

ରେଡ୍‌ସ୍କୋୟାରରେ ନମିତାଙ୍କ ସହ

Digitized by PPRACHIN, SOA

ଲେଳିନ୍ ମୁସୋଳିୟମ୍ ନିକଟରେ ଅରୁଣଙ୍କ ସହିତ

ମସ୍କୋଠାରେ ଥିବା କବି ମାୟାକୋଭସ୍କି ଷ୍ଟାଚ୍ୟୁ ନିକଟରେ
ବନ୍ଧୁ ଅରୁଣଙ୍କ ସହିତ ଦଣ୍ଡାୟମାନ

Digitized by PPRACHIN, SOA

ପୁଷ୍କିନ୍‌ସାୟା ମେଟ୍ରୋ ଷ୍ଟେସନରେ

ମସ୍କୋଠାରେ ଥିବା ସେଣ୍ଟ ବେସେଲି ଚର୍ଚ୍ଚ ସମ୍ମୁଖରେ

Digitized by PPRACHIN, SOA

ମୁକ୍ତି ସଂଗ୍ରାମର ଉଜ୍ଜ୍ୱଳ ମଶାଲ

Digitized by PPRACHIN, SOA

ସୂଚୀପତ୍ର

୧-	ଲାଲ୍ ନଦୀର ଉପତ୍ୟକା	୧୧୦
୨-	ଯାତ୍ରାର ପ୍ରଥମ ପାଦ	୧୧୪
୩-	ଭିସା ନଥିବାର ଦୁଃଖ	୧୧୯
୪-	ହ୍ୟୁନି ହୋଟେଲ	୧୨୩
୫-	ଭାରତ ଓ ଭିଏତ୍‌ନାମ- ବନ୍ଧୁତ୍ୱର ସେତୁ	୧୨୭
୬-	ଶାନ୍ତି, ମୈତ୍ରୀ ଓ ବନ୍ଧୁତ୍ୱ ସଂଗଠନ	୧୩୧
୭-	ଜାଉଁଳି ପାହାଡ଼	୧୩୬
୮-	ଅଙ୍କଲ "ହୋ"ଙ୍କ ପ୍ରତି ଶ୍ରଦ୍ଧା ନିବେଦନ	୧୩୭
୯-	ପ୍ରେମ ଓ ଯୌନଜୀବନର ମଝି ସିଡିରେ ଯୁବପିଢ଼ି	୧୪୩
୧୦-	ହାନୋଇର ଏକ ଖମ୍ବ ପାଗୋଡ଼ା	୧୪୬
୧୧-	ବା ଦିନ୍ ସ୍କୋୟାର	୧୪୯
୧୨-	ଝିଅ ମାନଙ୍କର ପୋଷାକ	୧୫୨
୧୩-	ଫୁଟପାଥର ବଜାର	୧୫୪
୧୪-	ଭିଏତ୍‌ନାମ ସାହିତ୍ୟର ସମ୍ୟକ୍ ଝଲକ	୧୫୬
୧୫-	ପିକ୍‌ନିକ୍‌ର ମଜା ଓ କଣ୍ଢେଇ ନାଚ	୧୫୯
୧୬-	ବିଦାୟ ହାନୋଇ-ବିଦାୟ	୧୬୧
୧୭-	ହାନୋଇ ଭ୍ରମଣର କେତେଗୁଡ଼ିଏ ଫଟୋ	୧୬୩

Digitized by PPRACHIN, SOA

ଲାଲ୍ ନଦୀର ଉପତ୍ୟକା

ହାନୋଇ ଆନ୍ତର୍ଜାତୀୟ ଉଡାଜାହାଜ ପଡ଼ିଆରେ ପ୍ଲେନ୍ ଲ୍ୟାଣ୍ଡ୍ କରିବାବେଳେ ଦୂରରୁ ଦେଖାଯାଉଥିଲା ଲାଲ୍ ନଦୀର ଉପତ୍ୟକା । ଭିଏତ୍‌ନାମ ରାଷ୍ଟ୍ରର ମୁକ୍ତି ସଂଗ୍ରାମର ବାର୍ତ୍ତାବହ ଏଇ ଲାଲ୍‌ନଦୀ । ମୋର ବନ୍ଧୁ ରମେଶଙ୍କ କଥା ମନେ ପଡୁଥିଲା । ଅଗଣିତ ସ୍ୱାଧୀନତାପ୍ରେମୀଙ୍କର ପ୍ରେରଣାର ଉତ୍ସ ଏଇ ଭିଏତ୍‌ନାମ । ଆମେରିକା ସାମ୍ରାଜ୍ୟବାଦ ବିରୁଦ୍ଧରେ ନିଜକୁ ଲହୁଲୁହାଣ କରି ଯେଉଁ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଗଢ଼ି ତୋଳିଛନ୍ତି ଭିଏତ୍‌ନାମର ଏଇ ତରୁଣ ଦଳ, ତାହା ତ ଆମ ପାଇଁ ସ୍ୱର୍ଗ । ତାହା ଆମ ପାଇଁ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଓ ପାଗୋଡ଼ା ପରି ଉପାସନା କ୍ଷେତ୍ର । ତାକୁ ଟିକିଏ ଭଲକରି ନିରେଖି ଚାହିଁବ । ସେହି ମାଟିକୁ ଛୁଇଁ ଦେବାବେଳେ ତୁମ ଦେହରେ ଯେଉଁ ପୁଲକ ହେବ, ଯେଉଁ ସ୍ପନ୍ଦନ ହେବ, ତାକୁ ତୁମେ ଆମ ପାଇଁ ସାଇତି କରିନେଇ ଆସିବ ।

ହାନୋଇ ଏୟାରପୋର୍ଟରୁ ହାନୋଇ ସହର । ବାଟରେ ରେଡ୍ ରିଭର୍ । ସେଇ ଲାଲ୍ ନଦୀ । ତା' କୂଳରେ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର । ଧାନ କିଆରୀରେ କାର୍ଯ୍ୟରତ ଭିଏତ୍‌ନାମ କୃଷକ । ଏଇ କୃଷକ ଦିନେ ସଂଗ୍ରାମ କରିଥିଲା ମୁକ୍ତି ପାଇଁ । ମାନବିକ ମୂଲ୍ୟବୋଧ ଓ ସମ୍ମାନକୁ ବଜାୟ ରଖିବା ପାଇଁ ଆବାଳ ବୃଦ୍ଧବନିତା ଯେଉଁ କଠିନ ସଂଗ୍ରାମରେ ବ୍ରତୀ ହୋଇଥିଲେ, ସେଥିରେ ଥରି ଉଠିଥିଲା ଆମେରିକା ସାମ୍ରାଜ୍ୟବାଦ । ବୋମା ଓ ଡଲାର ବିରୁଦ୍ଧରେ ଏଇ ସଂଗ୍ରାମ ଥିଲା ଜନଗଣଙ୍କର ସଂଗ୍ରାମ । ସ୍ୱାଧୀନତା ଓ ମୁକ୍ତିପାଇଁ ସଂଗ୍ରାମ । କିଏ ନ ଥିଲା ସେଇ ସଂଗ୍ରାମରେ ? କ୍ଷେତରେ କାମ କରୁଥିବା ଚଷା, ସେଇ ଜୀର୍ଣ୍ଣକାୟା ନାରୀ, ସେଇ ଚପଳମତି କିଶୋରୀ ଧାନ ରୋଇବା ବେଳେ, ସୈନିକର ଧମକଚମକକୁ ଭ୍ରୂକ୍ଷେପ କରୁନଥିଲା । ମଣିଷ ରକ୍ତରେ ହୋରି ଖେଳିବାକୁ ମାଡ଼ି ଚାଲିଥିବା ସୈନ୍ୟମାନଙ୍କୁ ବାଟ ଭୁଲାଇଦେଇ ସେମାନଙ୍କର ବମ୍ ଓ ଅସ୍ତ୍ରଶସ୍ତ୍ରକୁ ଲୁଣ୍ଠନ କରି ଟେକି ଦେଉଥିଲେ ଦେଶପ୍ରେମୀ ଯୋଦ୍ଧାଙ୍କ ହାତରେ । ସେହି ବୃଦ୍ଧମାନଙ୍କୁ, ଶିଶୁମାନଙ୍କୁ କେବେ କେବେ

Digitized by PPRACHIN, SOA

ଅକଥନୀୟ ଅତ୍ୟାଚାର ଭୋଗ କରିବାକୁ ହେଉଥିଲା । ଯେଉଁ ଝିଅଟି ବିଲରେ ଧାନ ରୋଉଥିଲା, ସେ ରାସ୍ତାରେ ବୋମା ଖଞ୍ଜିଦେଉଥିଲା ଏବଂ ଶତ୍ରୁ ସୈନିକମାନଙ୍କର ଡେରା ନିକଟରେ ଥିବା ବୁଦାରେ ବିସ୍ଫୋରଣ ରଖି ସେମାନଙ୍କୁ କ୍ଷତାକ୍ତ କରିପକାଉଥିଲା । ସେମାନଙ୍କର ଆର୍ତ୍ତ ଚିତ୍କାରରେ ସେ ଦଉଡ଼ି ଯାଉଥିଲା ସେମାନଙ୍କର ସେବା କରିବାକୁ । ସେମାନଙ୍କ ମୁହଁରେ ପାଣି ଦେବାକୁ, ସେମାନଙ୍କ କ୍ଷତରେ ଔଷଧ ଲଗାଇବାକୁ । କ୍ଷତରେ ବ୍ୟାଣ୍ଡେଜ୍ ବାନ୍ଧିବାବେଳେ, ସେହି କୁନି ଝିଅଟି ଧୀରେ ଧୀରେ ପଚାରୁଥିଲା, "ସେମାନେ କାହିଁକି ବିଦେଶୀର ସେବା କରି ନିଜ ଦେଶର ନିରୀହ ସ୍ୱାଧୀନତା ପ୍ରେମୀମାନଙ୍କୁ ହତ୍ୟା କରୁଛନ୍ତି । କାହିଁକି ଜାଳିପୋଡ଼ି ଛାରଖାର କରିଦେଉଛନ୍ତି ସେମାନଙ୍କର ଗାଁ, ନଷ୍ଟ କରୁଛନ୍ତି ସେମାନଙ୍କର ଶସ୍ୟକ୍ଷେତ୍ର, ନିର୍ଯ୍ୟାତିତ କରୁଛନ୍ତି ଶିଶୁ ଓ ମହିଳାମାନଙ୍କୁ ?"

କ'ଣ ଉତ୍ତର ଦେଇଥିବେ ସେଇ ସୈନିକମାନେ ? କିଏ ଜାଣେ ସେମାନଙ୍କର ପଥର ହୃଦୟ ଏ ପ୍ରଶ୍ନରେ ତରଳି ଥିବ କି ନାହିଁ । ସବୁ ଏଇ ଲାଲ୍ ନଦୀ ଦେଖିଛି, ଶୁଣିଛି ।

ବୀରମାନଙ୍କର ରକ୍ତରେ ଆହୁରି ଗାଢ଼ ହୋଇଛି ତା'ର ପାଣି ।

ଭିଏତ୍‌ନାମ ମଣିଷର ଏଇ ସଂଗ୍ରାମ ଜନ୍ମ ନେଇଥିଲା ତା' ମନରେ ଦେଖାଦେଇଥିବା କ୍ରୋଧରୁ । ତାହା ହିଁ ଥିଲା ତା'ର ଅସ୍ତ୍ର । ଖାଲି ହାତରେ ମାନବିକ ସମ୍ମାନକୁ ରକ୍ଷା କରିବା ପାଇଁ ତା'ର ସଂଗ୍ରାମ ଥିଲା ଦୁରନ୍ତ । ବାଉଁଶ ଖୋଳଭିତରେ ଲୁଚି ରହି ସେ ଗାଉଥିଲା ।

"ନାହିଁ ଆମ: ପାଖେ ଲୌହ ଅଶ୍ୱ କିମ୍ବା ଅସ୍ତ୍ର,
କେବଳ ହୃଦୟ ଧରି, ବଞ୍ଚିବାକୁ ଚାହୁଁ
ମଣିଷ ପରି ବଞ୍ଚିବାକୁ ଶିଖୁ ।
କାରଣ ଏଇ ଭୂମି ଆମର ଜନ୍ମଭୂମି
ଏଇଠି ଆମେ ଲଗାଉଛୁ ଯେଉଁ ଗଛ,
ବଞ୍ଚିଥିବ ଚିରଦିନ ଏହିଠାରେ ।"

ଛନ୍ଦହୀନ, ଲାଳିତ୍ୟ ବିବର୍ଜିତ ଏଇ କବିତାରେ ହୃଦୟ ପୂରି ଉଠିଥାଏ ଦେଶପ୍ରୀତିରେ । ତାରି ଭିତରେ ନିର୍ଯ୍ୟାତନା, ଫରଫର ଉଡୁଥାଏ ହାତରେ ସ୍ୱର୍ଣ୍ଣତାରକା ଚିହ୍ନିତ ପତାକା ।

ଗାଡ଼ି ଚାଲିଥାଏ ଦ୍ରୁତଗତିରେ । ଏୟାରପୋର୍ଟରୁ ହାନୋଇ ସହର । ଦୀର୍ଘ ୨୦ କି.ମି.ର ରାସ୍ତା । ଦୁଇକଡ଼ରେ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ରରୁ ପବନରେ ଭାସି ଆସୁଥାଏ ଅତୀତ

Digitized by PPRACHIN, SOA

ଦିନର ସଂଗ୍ରାମର ଇତିହାସ । ତରୁଣ ତୁ ଭାନ୍ ତୁ କହିଚାଲୁଥା'ନ୍ତି ଗୋଟିଏ ପରେ ଗୋଟିଏ ଘଟଣା । ଆଖି ତାଙ୍କର ଦପ୍ ଦପ୍ ହୋଇଉଠୁଥାଏ ଇତିହାସର ସେହି ପୃଷ୍ଠା ଉନ୍ମୋଚନ କଲାବେଳେ । ଖଣ୍ଡି ଖଣ୍ଡି ଇଂରାଜୀରେ କହିବାବେଳେ ମୋତେ ଲାଗୁଥାଏ ଯେପରି ସାମ୍ରାଜ୍ୟବାଦର ବଡ଼ ବଡ଼ ଇମାରତ୍‌ମାନେ ମଡ଼ ମଡ଼ ହୋଇ ଭାଙ୍ଗି ପଡ଼ୁଛନ୍ତି ।

ସେ କହିଚାଲିଥା'ନ୍ତି ଗୋଟିଏ ପରେ ଗୋଟିଏ ଘଟଣା । ଉତ୍ତର ଓ ଦକ୍ଷିଣ ଭିତରେ ବିଭେଦ ସୃଷ୍ଟି କରି ସବୁଦିନ ପାଇଁ ଉତ୍ତର ଭିଏତ୍‌ନାମ ଶତ୍ରୁ ରାଷ୍ଟ୍ର ଭାବେ ଲୋକମାନଙ୍କ ମନରେ ଧାରଣା ରଖିବାକୁ ସେମାନଙ୍କର ବି ଚେଷ୍ଟା । ପାହାଡ଼ି ଇଲାକାର ରମଣୀଟି ଖୋଜେ ତା'ର ପୁରୁଷଟିକୁ ଯେ ରହିଯାଇଥାଏ ଉତ୍ତର ଭିଏତ୍‌ନାମରେ । ସେ ତା'ର ସ୍ମୃତିକୁ ଜାବୋଡ଼ି ଧରି ଦିନେ ଏହି ଶତ୍ରୁମାନେ ବିନାଶ ହେବେ ଏବଂ ତା'ର ସ୍ୱାମୀ ଫେରିଆସିବ ଏଇ ପ୍ରତୀକ୍ଷାରେ ବଞ୍ଚି ରହେ । ତୁ ଭାନ୍‌ତୁ କହୁଥାନ୍ତି କିପରି ପାହାଡ଼ି ଇଲାକାର ମଣିଷମାନେ ଜାତୀୟ ମୁକ୍ତି ସଂଗ୍ରାମରେ ଯୋଗଦେଇ ସଂଗ୍ରାମର ଗୁରୁତ୍ୱକୁ ବୃଦ୍ଧି କରିଥିଲେ । ସେମାନଙ୍କ ହୃଦୟରେ ମୁକ୍ତି ପାଇଁ କି ଜ୍ୱଳନ । ପାହାଡ଼ ଓ ଜଙ୍ଗଲ ଘେରା ପ୍ରକୃତିର ଅମାପ ଶୋଭା ସମ୍ପଦ ଭିତରେ ସେମାନେ ଦେଖୁଥିଲେ ସାମ୍ରାଜ୍ୟବାଦୀ ଶକ୍ତିର ପତନ । ଜଙ୍ଗଲ ପକ୍ଷୀ ଚୋ-ରାଓର ସ୍ୱର ଭିତରେ ସଂଗ୍ରାମ ପାଇଁ ଥିବା ଆହ୍ୱାନ ସେମାନଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ମୁକ୍ତି ସଂଗ୍ରାମର ସଙ୍ଗୀତ ସବୁ ମଣିଷଙ୍କୁ ପ୍ରେମବନ୍ଧନରେ ବାନ୍ଧି ଦେଉଥିଲା ।

ସମସ୍ତଙ୍କର ସେହି ଗୋଟିଏ ଲକ୍ଷ୍ୟ ସାମ୍ୟବାଦ । ଶୋଷଣ କଷଣରୁ ମୁକ୍ତି । ମାନବିକ ମୂଲ୍ୟବୋଧ ଓ ସମ୍ମାନର ପ୍ରତିଷ୍ଠା । ନିଜ ଭୂଇଁ ପ୍ରତି, ମାଟିପ୍ରତି ମମତା । ମାଟି ମା'ର ଆହ୍ୱାନରେ ଜୀବନ ଯେ ତୁଚ୍ଛ । ବିଦ୍ୟାଳୟ ଛାଡ଼ି ଚାଲି ଆସୁଥିଲେ ଦଳ ଦଳ ହୋଇ ସ୍କୁଲ ଛାତ୍ର । ଜାତୀୟ ଜୀବନର ଚେତନା ଶକ୍ତି ରାଜନୀତିକ ବିଚାରଧାରା କବିତାର ଛତ୍ରେ ଛତ୍ରେ ଫୁଟି ଉଠୁଥିଲା ଯେଉଁ କବିତା ହୋଇ ଯାଇଥିଲା ମୁକ୍ତି ସଂଗ୍ରାମୀମାନଙ୍କର ପ୍ରିୟ ।

ତୁ ଭାନ୍ ତୁ କହିଲେ "ଆପଣ ଶୁଣିବେ ଫାନ୍‌ବୋଇ ଚାଉଙ୍କ କଥା ? ସେ ମୁକ୍ତି ସଂଗ୍ରାମୀମାନଙ୍କର ପ୍ରେରଣାର ଉତ୍ସ । ୧୯୧୪ ମସିହାରେ ଫାନ୍‌ବୋଇ ଚାଉଙ୍କୁ ବନ୍ଦୀକରି କ୍ୱାନ୍ ଆମ୍ ପାର୍ବତ୍ୟ ଜିଲ୍ଲାରେ ରଖାଯାଇଥିଲା । ତାଙ୍କୁ ଦିଆଯାଇଥିଲା ମୃତ୍ୟୁ ଦଣ୍ଡ । ସେ ଜେଲ୍ ଭିତରୁ ଯେଉଁ ଚିଠି ଲେଖିଥିଲେ ତାହା ତାଙ୍କର ସହଦେଶପ୍ରେମୀମାନଙ୍କ ନିକଟରେ ବିପ୍ଳବର ଟେଷ୍ଟାମେଣ୍ଟ୍ ଥିଲା । ଆଧୁନିକ ପିଢ଼ି ପାଇଁ ପ୍ରେରଣାଦାୟକ ।"

Digitized by PPRACHIN, SOA

"ମୃତ୍ୟୁଆସନ୍ନ ପକ୍ଷୀଟି ଶେଷ ମୁହୂର୍ତ୍ତରେ ଚିତ୍କାର କରି ଉଠୁଥିଲା ଯେପରି ମୃତ୍ୟୁ ଅପେକ୍ଷାରେ ଅପେକ୍ଷାରତ ମଣିଷ ଠାରୁ ଯୁକ୍ତିର ସ୍ୱର ଶୁଣାଯାଏ । ମୁଁ କେମିତି ଜାଣିବି ଯେ ଯାହା ମୁଁ କହୁଛି ତାହା ଯୁକ୍ତିଯୁକ୍ତ ? ତଥାପି ଏହି ଶବ୍ଦଗୁଡ଼ିକ ଯାହା ମୁଁ ଏଠାରେ ରଖିଯାଉଛି, ତାହା ଜଣେ ମୃତ୍ୟୁ ଅପେକ୍ଷମାଣ ବ୍ୟକ୍ତିର ଅଭିବ୍ୟକ୍ତି ।"

ହାନୋଇ ସହରରେ ଗାଡ଼ି ପହଞ୍ଚିଯାଇଥିଲା । ହ୍ୟୁନି ହୋଟେଲ୍ ସମ୍ମୁଖରେ ଗାଡ଼ି ଅଟକିଲା । ଭିଏତ୍‌ନାମ ସହରରେ ଥିବା ଟ୍ୟୁରିଜିମ୍‌ର ହୋଟେଲ୍ ।

ଗାଡ଼ିରୁ ଓହ୍ଲାଇ ଦ୍ୱାର ଠେଲି ଭିତରକୁ ପ୍ରବେଶ କରିବା ମାତ୍ରେ ହୋଟେଲ୍ ରିସେପ୍‌ସନ୍‌ରେ ଥିବା ଝିଅଟି 'ଗୁଡ଼ ମର୍ଣ୍ଣି' କହି ସ୍ୱାଗତ କଲା ।

ଏଇ ହୋଟେଲରେ ରହିବାକୁ ହେବ ପାଞ୍ଚଦିନ । ଆମେ ଭିଏତ୍‌ନାମ ଶାନ୍ତି କମିଟିର ଅତିଥି । ଏସିଆ-ପାସିଫିକ୍ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେବାକୁ ଆସିଛୁ ।

ତୁ ଭାନ୍ ତୁ ବିଦାୟ ନେଲା । ଭିଏତ୍‌ନାମ ମୁକ୍ତି ସଂଗ୍ରାମର ଇତିହାସକୁ ଅଧାରଖି । ମୁଁ ଚାହିଁ ରହିଥିଲି ମୋ' ପୁଅ ବୟସର ଏହି ତରୁଣକୁ ଯାହା ଚକ୍ଷୁରେ ଦେଶପ୍ରେମର ବହ୍ନି ଜାଜ୍ୱଲମାନ ହୋଇ ପ୍ରକଟିତ ହେଉଥିଲା ।

□□□

Digitized by PPRACHIN, SOA

ଯାତ୍ରାର ପ୍ରଥମ ପାଦ

ରିସେପ୍‌ସନିଷ୍ଟ ହୋଟେଲ ରେଜିଷ୍ଟରରେ ଲେଖିବାକୁ ମୋର ପାସପୋର୍ଟଟିକୁ ମାଗିଲେ । ବିଦେଶ ଯାତ୍ରାର ଏକ ମାତ୍ର ବିଶ୍ୱସ୍ତ ପାସପୋର୍ଟ । ତାଙ୍କ ହାତକୁ ବଢ଼ାଇଦେଇ ରେଜିଷ୍ଟରରେ ଦସ୍ତଖତ ଦେଲି । ସେ ମୋ ହାତକୁ ବଢ଼ାଇ ଦେଲେ ୧୧୪ ନମ୍ବର ରୁମ୍ ଚାବିକାଠି । ସେତେବେଳକୁ ବୟ ମୋର ଭିଆଇପି ବାକ୍ସଟିକୁ ଧରି ଉପରମହଲାକୁ ଯିବା ପାଇଁ ଉପକ୍ରମ ଆରମ୍ଭ କରିଦେଇଥାଏ ।

ହ୍ୟାନି ହୋଟେଲ । ଭିଏତ୍‌ନାମ ଟ୍ୟୁରିଜିମ୍‌ର ହୋଟେଲ । ଆଧୁନିକ ସଭ୍ୟତାର ପ୍ରତୀକ ପ୍ରାଚୀନ ସହରର ମଧ୍ୟଭାଗରେ ବିଦ୍ୟମାନ ହୋଇ ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି । ୧୧୪ନମ୍ବର ରୁମ୍ ଭିତରକୁ ପଶିଯିବାମାତ୍ରେ ତାହା ଯେ କୌଣସି ଆନ୍ତର୍ଜାତୀୟ ମାନଦଣ୍ଡ ସମ୍ପନ୍ନ ହୋଟେଲ ବୋଲି ବୁଝାପଡ଼ିଗଲା । ଯାତ୍ରାର ସମସ୍ତ ସ୍ୱାଛନ୍ଦ୍ୟ ମଧ୍ୟରେ ମାନସିକ ଉଦ୍‌ବେଳନ ମୋର ଶାରୀରିକ କ୍ଲାନ୍ତିକୁ ଦ୍ୱିଗୁଣିତ କରି ଦେଇଥାଏ ।

ହାନେଇ ସହରରେ ଆସି ପହଞ୍ଚିବି, ଏ କଥା କଲିକତାରୁ ବାହାରିବା ବେଳେ ମନରେ ଆଦୌ ପ୍ରତ୍ୟୟ ନ ଥିଲା । ଆଫ୍ରୋ ଏସିଆ ପାସିଫିକ୍ ପିସ୍ ସଂଗଠନର ଏହି ସମ୍ମିଳନୀରେ ଯୋଗ ଦେବାକୁ ମୋତେ ମାତ୍ର ସାତଦିନ ଆଗରୁ ଦିଲ୍ଲୀରୁ ଜଣାଇ ଦିଆଯାଇଥିଲା ଏବଂ ଭିସା ମିଳିବା ହଠାତ୍ ସମ୍ଭବ ହୋଇ ନ ଥିବା ହେତୁ ପାସପୋର୍ଟ କଲିକତାକୁ ଫେରସ୍ତ ଆସିଥିଲା ।

କଲିକତାରେ ସେପ୍ଟେମ୍ବର ୨୧ ତାରିଖରେ ପହଞ୍ଚିବାବେଳେ, ମୋର ପରମ ହିତାକାଙ୍‌କ୍ଷୀ ରାମକୃଷ୍ଣ ମିଶନ୍ ଇନଷ୍ଟିଚ୍ୟୁଟ ଅଫ୍ କଲଚରରେ ଥିବା ସନ୍ନ୍ୟାସୀ ସ୍ୱାମୀ ଗୀତାତ୍ମାନନ୍ଦ ମୋ' ଯିବା ପାଇଁ ସବୁ ବ୍ୟବସ୍ଥା କରିଦେଇଛନ୍ତି ବୋଲି ଜଣାଇ ଦେଇଥିଲେ । ଭୁବନେଶ୍ୱର ଷ୍ଟେସନ ଛାଡ଼ିବାଠାରୁ କଲିକତା ଆସି ବନ୍ଧୁ ଅନନ୍ତ ଘରେ ପହଞ୍ଚିବା, ସେଠାରୁ ରାମକୃଷ୍ଣ ମିଶନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କଲଚ଼ର ଯାଇ ଟିକେଟ୍ ଆଣିବା ପର୍ଯ୍ୟନ୍ତ ମୋର ମନ ଯିବା ନ ଯିବା ମଧ୍ୟରେ ପେଣ୍ଡୁଲମ୍ ଦୋହଲିବାପରି ଦୋଳାୟମାନ ହୋଇ ଚାଲିଥାଏ । କେବଳ ଯିବା ଆସିବା ଟିକେଟ୍ ହେଉଛି ୨୩

Digitized by PPRACHIN, SOA

ହଜାର ଟଙ୍କା । ପୁଣି ଅନ୍ୟାନ୍ୟ ଖର୍ଚ୍ଚ । ସ୍ୱାମୀଜୀ ମୋର ଭିସା ନ ଥିବା ଶୁଣି ଭିଏତ୍‌ନାମାକୁ ଫ୍ୟାକ୍ସ କରି ଜଣାଇ ଦେଲେ । ମୁଁ ମଧ୍ୟ ଅନ୍ୟ ଏକ ଫ୍ୟାକ୍ସ ପଠାଇଲି । କିନ୍ତୁ ଏହାର କୌଣସି ଉତ୍ତର ଅପେକ୍ଷା କରି ମିଳିଲା ନାହିଁ ।

ବନ୍ଧୁମାନେ ଭୁବନେଶ୍ୱରରୁ ବିଦାୟ ଦେଇଛନ୍ତି । ହାନୋଇ ଯିବା ପାଇଁ କେତେ ମନକରି ଭିସା ନାହିଁ ବୋଲି କଲିକତାରୁ ଫେରିଗଲେ ମୋତେ ସମସ୍ତେ କ'ଣ ଭାବିବେ; ମନରେ ଏ କଥା ମଧ୍ୟ ବିଚାର କରୁଥାଏ । ଗୋଟିଏ ସଂଗ୍ରାମର ଦେଶକୁ ଯିବାବେଳେ, ମନଟାକୁ ନିରାଶ କଲେ ଚଳିବ ନାହିଁ; ଧୈର୍ଯ୍ୟ ଓ ସାହସର ସହିତ ମୁକାବିଲା କରିବାକୁ ହେବ, ଏଇ ସଂକଳ୍ପ ନେଇ ଥାଇ ଏୟାରଲାଇନ୍‌ସର ପ୍ଲେନ ଟିକେଟ୍ ଓ କିଛି ଡଲାର ଧରି ପ୍ରସନ୍ନ ମହାରାଜ (ସ୍ୱାମୀ ଗୀତାତ୍ମାନନ୍ଦ)ଙ୍କ ଠାରୁ ବିଦାୟ ନେଇ ଆସିଲି ।

ଗରିଆହାଟରୁ ବନ୍ଧୁ ଅନନ୍ତ ଘରକୁ ଆସିବା ବାଟରେ କିଛି ଅତ୍ୟାବଶ୍ୟକ ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ କିଣି ଯିବାପାଇଁ ମାନସିକ ପ୍ରସ୍ତୁତି କରି ଚାଲିଥିଲି । ୨୨ ତାରିଖ ସକାଳ ପାଞ୍ଚଟା ବେଳେ ଟ୍ୟାକ୍ସିରେ କଲିକତା ଆନ୍ତର୍ଜାତୀୟ ଏୟାର ପୋର୍ଟରେ ପହଞ୍ଚି ଭାରତୀୟ ବିମାନ ଆଇସି ୭୩୧ରେ ଯିବା ପାଇଁ ଏୟାର ପୋର୍ଟ ଟିକସ ଜମାକରି ସିକ୍ୟୁରିଟି ଇତ୍ୟାଦି ଦେଇ ବିମାନରେ ବସିବା ବେଳକୁ ଦିନ ୧୧ଟା । ବିମାନ ଯିବାରେ ଦୁଇଘଣ୍ଟା ବିଳମ୍ବ ।

ପ୍ଲେନ୍ ଟିକେଟ୍ କିଣିବାବେଳେ ମୋର ଖାଦ୍ୟ କ'ଣ ହେବ, ଜଣାଇ ନ ଥିଲି । ଭାବିଥିଲି, ପ୍ଲେନ୍ ଭିତରେ ନିରାମିଷ ଖାଦ୍ୟ (Veg) ମିଳିବ । କିନ୍ତୁ ମୋର ଭାବନାକୁ ଭୁଲ୍ ବୋଲି ପ୍ରମାଣିତ କରି ଯେତେବେଳେ ବିମାନ ପରିଚାରିକା ମୋତେ ଆମିଷ (Non-Veg) ଖାଦ୍ୟ ଦେଲା, ମୁଁ ତା'କୁ ନିରାମିଷ ଦେବାକୁ ସଶ୍ରଦ୍ଧ ଅନୁରୋଧ କଲି । ଭୋର ପାଞ୍ଚଟାରୁ ସେ ପର୍ଯ୍ୟନ୍ତ ପେଟରେ କିଛି ପଡ଼ିନଥିବାରୁ ଜଠରାଗ୍ନି ପ୍ରବଳ ବେଗରେ ଜଳିବାକୁ ଆରମ୍ଭ କରିଦେଇଥାଏ । ନନ୍‌ଭେଜ୍ ଖାଦ୍ୟ ଖାଇବା ବଦଳରେ ସେ ମୋତେ ଦେଲା ଗୋଲ ହୋଇ ପାଉଁରୁଟି । ମୋର ବା ଅନ୍ୟ ଉପାୟ କ'ଣ ଅଛି ?

ବ୍ୟାଙ୍କକ୍‌ରେ ପ୍ଲେନ ପହଞ୍ଚିଲା ପ୍ରାୟ ୧ଟା ବେଳେ । ପୁଣି ଫର୍ମାଲିଟି । ଭିସା ନ ନେଇ ଏମିଗ୍ରେସନ୍ ଲାଇନ୍‌ରେ ଠିଆ ହୋଇ ନିଜକୁ ଅପଦସ୍ତ ଅନୁଭବ କଲି । ବିରାଟ ଏୟାରପୋର୍ଟ । ସେଇଠି ଭିସା । ପର୍ଯ୍ୟଟକ ମାନଙ୍କର ଆକର୍ଷଣୀୟ ବ୍ୟାଙ୍କକ୍ ହେତୁ ଭିସା ତତ୍‌କ୍ଷଣାତ୍ ଦେବାର ବ୍ୟବସ୍ଥା ଥାଏ । ଫରେନ୍ ଏକସ୍‌ଚେଞ୍ଜର କାଉଣ୍ଟର । ୧୨ ଡଲାର ଦେଇ ଥାଇଲାଣ୍ଡର ମୁଦ୍ରା ବାଥ (bath) କିଣିଲି ।

Digitized by PPRACHIN, SOA

୩୦୦ ବାଥ୍ ଜମା କଲି । ପାସପୋର୍ଟରେ ଥିବା ଦୁଇଟି ଫଟୋ ଫର୍ମରେ ଦେଲି । ସବୁଠି କ୍ୟୁ । କାଉଣ୍ଟର ମାନଙ୍କରେ ପ୍ରାୟ ମହିଳା । କାଉଣ୍ଟର ସାମନାରେ ଠିଆ ହେବା ଅଭଦ୍ରାମି । ଟୋକେନ୍ ଧରି ଅନତି ଦୂରରେ ଲମ୍ବାହୋଇ ରଖାଯାଇଥିବା ଚେ଼ୟାରରେ ବସିଲି । ପ୍ରାୟ ୧୫ ମିନିଟ୍ ପରେ ଟୋକେନ ସଂଙ୍କେତ ମିଳିଲା, ଭିସା ପାଇଲି ।

ମୋର ମନରେ କିନ୍ତୁ ସେତେବେଳକୁ ଅନେକ ଅହେତୁକ ଆଶଙ୍କା । ବିରାଟ ଏୟାରପୋର୍ଟରେ କେଉଁଠି ବାକ୍ସକୁ ଖୋଜିବି । କେଉଁ ପ୍ଲେନ୍ କେଉଁଠି ଲଗେଜ୍ କ୍ଲିୟର କରୁଛି, ତାହା ସୂଚ଼ନା ବୋର୍ଡରେ ଜଣାଇ ଦିଆଯାଉଥାଏ । ଭୟ ଥିଲା । ପ୍ଲେନରେ ଆସିବା ପ୍ରାୟ ଦେଢ଼ଘଣ୍ଟା ହେଲାଣି । ଭିସା ପାଇବାରେ ଏତେ ବିଳମ୍ବ ହେଲା ବାକ୍ସ ଥିବ ତ ? ଏମିଗ୍ରେସନ୍ କ୍ଲିଅର କରି ଏସ୍କାଲେଟର ଦେଇ ଯେତେବେଳେ ତଳକୁ ଆସିଲି, ମୋର ବାକ୍ସଟି ଏକାଏକା ଶୂନ୍ୟକୁ ଚାହିଁ ଥୁଆ ହୋଇଥାଏ । ମୋର ମନରେ ଥିବା ଭୟରୁ ସିନା ନିଷ୍କୃତି ପାଇଲି, ବର୍ତ୍ତମାନ କେବଳ ଗୋଟିଏ ଚିନ୍ତା, "କେଉଁଠି ରହିବି ?"

ଯାତ୍ରୀମାନଙ୍କର ସୁବିଧା ଅସୁବିଧା ବୁଝିବା ପାଇଁ ଅନେକ କାଉଣ୍ଟର । ଭୁବନେଶ୍ୱର ଛାଡ଼ିବା ବେଳେ ମୁଁ ବୁଝିଥିଲି ଏୟାରପୋର୍ଟ ବାହାରେ ରହିଲେ ଶସ୍ତା । ତେଣୁ ବେଶି ବ୍ୟସ୍ତ ନ ହୋଇ କାଉଣ୍ଟରରେ ବୁଝିଲି । ଏୟାରପୋର୍ଟ ହୋଟେଲରେ ରହିଲେ ପ୍ରତି ୩ଘଣ୍ଟାକୁ ୫୦୦ ବାଥ୍ ଅର୍ଥାତ ୨୦ ଡଲାର । ମୋର ପ୍ଲେନ ତା ପରଦିନ ଅର୍ଥାତ୍ ସେପ୍ଟେମ୍ବର ୨୩ ତାରିଖ ଦିନ ୧୦.୩୦ ମିନିଟ୍ । ମୋତେ ପୂରା ରାତିଟା ବ୍ୟାଙ୍କକ୍‌ରେ କଟାଇବାକୁ ହେବ । ବ୍ୟାଙ୍କକ୍ ଦେଇ ଯାଉଥିବା ପ୍ରତ୍ୟେକ ଉଡ଼ାଜାହାଜ ପ୍ରାୟ ସେଇଦିନ ଅନ୍ୟ ଦେଶକୁ ଯାଏ ନାହିଁ । ଏହା ଥାଇଲାଣ୍ଡ ସରକାରକୁ ବେଶ୍ କିଛି ବିଦେଶୀ ମୁଦ୍ରା ଅର୍ଜନରେ ସାହାଯ୍ୟ କରେ । ହାତରେ ଏତେ ଡଲାର ନାହିଁ ଯେ ମନଇଚ୍ଛା ଖର୍ଚ୍ଚ କରି ପାରିବି । ଦେଖିଚାହିଁ ଛଟିରଖି ଚଳିବାକୁ ହେବ ।

ଏୟାରପୋର୍ଟ ବାହାରେ ଥିବା ହୋଟେଲ ଶସ୍ତା କଥା ମନରେ ପଡ଼ିଲା । କିନ୍ତୁ ବାହାରକୁ କେମିତି ଯିବି ? ନୂଆ ଜାଗା, ନୂଆଭାଷା । ହାତରେ ମଧ୍ୟ ସମୟ କମ୍ । ଆସନ୍ତା କାଲି ପୁଣି ହାନୋଇ ଅଭିମୁଖେ ଯିବି । ବୁଝିଲି ଏୟାରପୋର୍ଟ ବାହାରେ ରହିଲେ ୬୦ ଡଲାର ଦେବାକୁ ହେବ । ହୋଟେଲ ଏୟାରପୋର୍ଟ ହାଉସ । ମାତ୍ର ୧୫ ମିନିଟ୍ କାର ଡ୍ରାଇଭ । ବୁକିଂ ସେଇ କାଉଣ୍ଟର ଠି ହେଉଛି । ତାଠୁ ଅଧିକ ଶସ୍ତା ହୋଟେଲ ନାହିଁ ।

Digitized by PPRACHIN, SOA

ସେଇଠି ପୁଣି ଡଲାର ଚେ଼ଞ୍ଜ କଲି ଓ ବାଥ୍ ଜମାକରି ରସିଦ୍ ନେଇ ଆସିବାମାତ୍ରେ କାର ଅପେକ୍ଷା କରି ରହିଥିଲା । ବ୍ୟାଙ୍କକ୍ ରାସ୍ତା ବେଶ୍ ଗହଳି । ସଂକୀର୍ଣ୍ଣ ଓ ଅଙ୍କାବଙ୍କା ହୋଇଥିବା ହେତୁ ଗାଡ଼ି ଓଭରଟେକିଂ ପ୍ରାୟ ନାହିଁ । ଆଗ ଗାଡ଼ି ନ ଗଲେ ପଛଗାଡ଼ି ଯିବାର ଚାରା ନାହିଁ । ଏୟାର କଣ୍ଡିସନ୍ଡ୍ କାର । ଡ୍ରାଇଭିଂ ବେଶ୍ ଆରାମଦାୟକ ।

ହୋଟେଲ ଏୟାରପୋର୍ଟ ହାଉସକୁ ଦେଖିଲେ କେହି ହୋଟେଲ କହିବ ନାହିଁ । ଗୋଟିଏ ବଡ଼ଘର ପରି ଦୂରକୁ ଦେଖାଯାଉଥାଏ । ରୁମ ଗୁଡ଼ିକ କିନ୍ତୁ ବେଶ୍ ଅତ୍ୟାଧୁନିକ । ସେତେବେଳକୁ ପ୍ରାୟ ୪ଟା । କ୍ଳାନ୍ତ ଲାଗୁଥାଏ । ଗରମ ପାଣିରେ ଗାଧୋଇ ପଡ଼ିବା ମାତ୍ରେ ଭୋକ ପ୍ରବଳ ହେଲା । ମନରେ ଚିନ୍ତା "କ'ଣ ଖାଇବି ?" ହୋଟେଲରେ ଦେଲିଣି ୬୦ ଡ଼ଲାର । ପାଖରେ ଅଛି ମାତ୍ର ଡ଼ଲାର । ଫେରିବା ପାଇଁ ସାତଦିନ ବାକି । କେଉଁଠି କେତେ ଡ଼ଲାର ଦେବାକୁ ହେବ କିଏ ଜାଣେ । ହିସାବ କରି ବିଦେଶ ଗସ୍ତ ହୁଏନି ବୋଲି ମୋର ଖିଆଲ ହେଲା ।

ସଂଧ୍ୟା ପ୍ରାୟ ହୋଇ ଆସୁଥାଏ । ଟିକିଏ ବୁଲିବାକୁ ଇଚ୍ଛା କରି ରାସ୍ତାରେ ଚାଲିଗଲା ବେଳେ ରାସ୍ତାକଡରେ ଅନେକ ଖାଇବା ଦୋକାନ ଯାହାକୁ କାଫଟେରିଆ, ହୋଟେଲ କୁହାଯାଇପାରେ । ଆରମ୍ଭ ହେଲା ଖାଇବା ସମସ୍ୟା । ଓଡ଼ିଆ ପୁଅର ପ୍ରିୟ ପଖାଳ ନ ଥିଲା ବା ଓଡ଼ିଆ ତରକାରି । ହୋଟେଲ ବୟ ମୋ' ଇଂରାଜୀ ବୁଝୁ ନ ଥିଲା । ହାତଠାରି ମୁଁ ତାକୁ ଭାତ, ଡାଲି ଓ ଆଳୁ ଦେବାକୁ କହିଲି । ମୋ' କହିବା ଭଙ୍ଗୀ ଦେଖି ସେ ହସୁଥାଏ । ତା ହସ ସହିତ ତାଳମିଳାଇ ହୋଟେଲ ମାଲିକ ଓ ତା ସ୍ତ୍ରୀ ତା'ଙ୍କ ଭାଷାରେ କ'ଣ କ'ଣ କଥା ହେଉଥା'ନ୍ତି । ଛୋଟିଆ ହୋଟେଲରେ ମାଲିକ, ତା' ସ୍ତ୍ରୀ ଉଭୟ କାର୍ଯ୍ୟରତ, ଆମ ଓଡ଼ିଶାରେ ସ୍ତ୍ରୀ କେବଳ ରୋଷେଇ ବା ଘରେ ରୁହନ୍ତି ।

ଯେନତେନ ପ୍ରକାରେଣ ପେଟ ପୂରାଇ ପକେଟରୁ ଦେବାକୁ ହେଲା ୨୫ ବାଥ୍ । ଓଡ଼ିଶା କେତେ ଶସ୍ତା ଓ ଯେ କୌଣସି ଛୋଟ ହୋଟେଲରେ ୧୦ଟଙ୍କା ଦେଇ କେତେ ବଢ଼ିଆ ଖାଦ୍ୟ ଖିଆ ଯାଇପାରେ, ତାହା ମୁଁ ମନେ ମନେ ଭାବୁଥିଲି । ସେତେବେଳକୁ ଝିପିଝିପି ବର୍ଷା ଆରମ୍ଭ ହୋଇ ଯାଇଥାଏ । ରାସ୍ତାରେ ବୁଲାକୁକୁର ମାନେ ଭୁକୁଥା'ନ୍ତି । ହୋଟେଲ ଏୟାରପୋର୍ଟ ହାଉସ୍ ଅଞ୍ଚଳଟି ସହର ତଳି ଗ୍ରାମାଞ୍ଚଳ ପରି ଥିବାରୁ ରାସ୍ତାରେ କେବଳ ସ୍ୱଚ୍ଛ ଆଲୋକ ଥାଏ । ମୋର ଆଖିପତା ମାଡି ମାଡି ପଡୁଥାଏ । ହୋଟେଲକୁ ଫେରି ଆସି ଚିତ୍‌କାତ ହୋଇ ଦେହଟିକୁ ଲମ୍ବାଇ ଦେଲି । କମ୍ବଳଟିକୁ ଦେହ ଉପରକୁ ଟାଣିଦେଇ ଗତ ସନ୍ଧ୍ୟାରୁ ଏ ପର୍ଯ୍ୟନ୍ତ ଘଟି ଯାଇଥିବା ଘଟଣାର ଏକ ତାଲିକା ପ୍ରସ୍ତୁତ କରିବାରେ ଲାଗିଗଲି, ହଠାତ୍

Digitized by PPRACHIN, SOA

କଲିଂବେଲ୍ । ଦୁଆର ଖୋଲିଦେବା ମାତ୍ରେ ହୋଟେଲ ବୟ ଭିତରକୁ ଆସି ପଚାରିଲା, "ଏନି ହେଲପ୍ ସାର୍ । ଫର୍ ରିଲାକ୍ସେସନ ତୁ ୟୁ ୱାଣ୍ଟ ଏନି ଲେଡି ସାର ।"

ମୁଁ ତାକୁ ଆଖି ଟେକି ଚାହିଁଲି । ଶୁଣିଥିଲି ବିଦେଶୀ ପର୍ଯ୍ୟଟକମାନେ ବ୍ୟାଙ୍କକ୍ ଆସି ଦେହଲାଳସା ଚରିତାର୍ଥ କରନ୍ତି । ଏୟାରପୋର୍ଟରେ କାର୍ଯ୍ୟରତ ମହିଳାମାନଙ୍କର ସୌନ୍ଦର୍ଯ୍ୟରେ ମୁଗ୍ଧ ଓ ମୋହିତ ହୋଇଥିଲି । କିନ୍ତୁ ହଠାତ୍ ଏ ପ୍ରକାର ପ୍ରସ୍ତାବ ମୋତେ ମିଳିବ, ତାହା ମୋ' କଳ୍ପନାର ବାହାରେ ଥିଲା । ବହୁ ଲୋକଙ୍କୁ ବହୁ କଥା ଖୋଜିଲେ ମିଳୁ ନ ଥିବାବେଳେ, ମୋତେ ଅଖୋଜାଭାବେ ମିଳିବା, ମୋର ସୌଭାଗ୍ୟ ବୋଲି କହିବାକୁ ହେବ । କିନ୍ତୁ ଭାରତୀୟ ଓ ଓଡ଼ିଆ ମନ କେବଳ ଧର୍ମଭୀରୁ ନ ଥିଲା, ବରଂ ନୈତିକତାକୁ ଆଶ୍ରୟକରି ବଞ୍ଚିବାକୁ ଚେଷ୍ଟା କରୁଥିଲା ।

ମୁଁ ସେହି ବୟ ମୁହଁକୁ ବଲବଲ କରି ଚାହିଁବା ବେଳେ ସେ କହିଲା, "ସାର୍ । ୟୁ ହାଭ ଟୁ ପେ ଟୁ ହଣ୍ଡ୍ରେଡ୍ ଆମେରିକାନ ଡଲାର ଓନ୍‌ଲି ।"

ଦ୍ୱାର ମୁହଁରେ ଛିଡାହୋଇ ବୟ ମୋତେ ପ୍ରଶ୍ନିଳ ଆଖିରେ ଚାହିଁ ରହିଥିଲା । ଏବଂ ମୋର ଦୃଷ୍ଟି ଟେବୁଲ ଉପରେ ଥୋଇଥିବା ଶ୍ରୀ ରାମକୃଷ୍ଣଙ୍କର ଛବି ଉପରେ ଥିଲା ନିବଦ୍ଧ ।

ମୁଁ ତା' ସହିତ କୌଣସି ଆଲୋଚନା ନ କରି କେବଳ ସଂକ୍ଷେପରେ 'ନୋ' କହିଲି । ଦେଖିଲି ତା' ମନ ବୁଝୁନି । କିଛି ସମୟପରେ ପୁଣି ଥରେ ଠକ୍ ଠକ୍ । ପ୍ରଶ୍ନିଳ ଆଖିରେ ମୋତେ ଚାହିଁ କହିଲା, 'ମେସେଜ୍' । ତା' କହିବା ଭଙ୍ଗୀରୁ ବୁଝା ପଡୁଥାଏ ଯେପରି ମୋ' ପରି ଏକ ଅଜଣା ଅତିଥିର ସତ୍କାର ପାଇଁ ସେ ବେଶ୍ ଆଗ୍ରହୀ । ଭାରତର ବିଭିନ୍ନ ସହରରେ ଆଜିକାଲି 'ମେସେଜ୍ ପ୍ୟାରଲୋର' ଆରମ୍ଭ ହେଲାଣି ଏବଂ କେତେକ ସ୍ଥାନରେ ସୁନ୍ଦରୀ ଲଳନାମାନେ ଏହି ବ୍ୟବସାୟରେ ଲିପ୍ତରହି କିପରି ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରନ୍ତି, ତାହା ପରୋକ୍ଷଭାବେ ଜାଣିଥିଲି । ପୁଣି ଥରେ ତାକୁ 'ନୋ' ଓ 'ଥ୍ୟାଙ୍କ ୟୁ' କହି ଲାଇଟ୍ ଲିଭାଇ ଦେଲି । ଟି.ଭି. ବନ୍ଦ କଲି । ଫ୍ରିଜ୍ ଖୋଲି ଦେଖିବା ବେଳକୁ ସେଥିରେ ପାଣି ବୋତଲ ସହିତ ଅନେକ ବିଦେଶୀ ପାନୀୟ । ପାଣି ବୋତଲଟିଏ ଆଣି ଢକଢକ ପିଇଦେଲି । ସେତେବେଳେ ଜାଣିନଥିଲି ଯେ ଫ୍ରିଜ୍‌ରେ ଥିବା ପାଣି ପାଇଁ ମଧ୍ୟ ମୋତେ ୨୫ ବାଥ୍ ଦେବାକୁ ହେବ ବୋଲି ।

ଶୀତତାପ ନିୟନ୍ତ୍ରିତ ସେହି ମୋଲାୟମ ବିଛଣାରେ ଶୋଇ ପଡିଲି ନିଘୋଡ ନିଦରେ, ଶରୀର ଓ ମନରେ ଭରି ରହିଥିବା କ୍ଳାନ୍ତି ଦୂର କରିବା ପାଇଁ ।

□□□

Digitized by PPRACHIN, SOA

ଭିସା ନଥିବାର ଦୁଃଖ

ସକାଳୁ ସକାଳୁ କୁକୁଡ଼ା ରାବରେ ନିଦ ଭାଙ୍ଗିଗଲା । ମୁଁ କ'ଣ ମୋ' ଗାଁରେ ଅଛି କି ? ଏହିପରି ମନେ ହେଉଥିଲେ ହେଁ ହୋଟେଲ ଏୟାରପୋର୍ଟ ହାଉସ୍‌ରେ ଏ ଶବ୍ଦ ଶୁଣିବାକୁ ପାଇଲି । ବାହାରେ ଫର୍ଚ୍ଚା ବେଶି ହୋଇ ନ ଥାଏ । ମୋତେ ଏୟାରପୋର୍ଟ ଯିବାକୁ ହେବ ଆଠଟା ବେଳକୁ । ହାନୋଇ ଅଭିମୁଖେ ପ୍ଲେନ୍ ଛାଡ଼ିବ ଘ୧୦.୩୦ ମିନିଟ୍‌ରେ । ଭାରତୀୟ ସମୟ ଠାରୁ ବ୍ୟାଙ୍କକ୍ ସମୟ ମଧ୍ୟରେ ଘ.୧.୩୦ ମିନିଟ୍‌ର ବ୍ୟବଧାନ ।

ନିଜକୁ ଯିବା ପାଇଁ ପ୍ରସ୍ତୁତ କରିନେଇ ଗାଡ଼ିକୁ ଅପେକ୍ଷା କଲି । ଚା' କପେ ପିଇଲି । ହୋଟେଲ କାର୍ ମୋତେ ନେଇ ବ୍ୟାଙ୍କକ୍ ଏୟାରପୋର୍ଟରେ ଛାଡ଼ିଦେବା ପରେ ଲମ୍ବା ଲମ୍ବା କ୍ୟୁରେ ଠିଆ ହୋଇଥିବା ଅସଂଖ୍ୟ ଯାତ୍ରୀଙ୍କ ମଧ୍ୟରେ ନିଜକୁ ଆବିଷ୍କାର କଲି । ବୋର୍ଡିଂ ପାଇଁ ଧାଡ଼ି ଗୁଡ଼ିକ ଯଥା ଶୀଘ୍ର ଚାଲିଥାଏ । ତତ୍ପରତା ସହିତ କାଉଣ୍ଟରରେ ଥିବା ମହିଳାମାନେ କାମ କରୁଥା'ନ୍ତି । କଲିକତାରେ ଯେଉଁ ଦୁଃଖଦ ଅନୁଭୂତି ହୋଇଥିଲା, ତାହା ଅବଶ୍ୟ ଏଠାରେ ନ ଥିଲା । ଲଗେଜ୍‌କୁ ଓଜନ ଯନ୍ତ୍ର ମଧ୍ୟରେ ଥୋଇ ଦେବାପରେ, ତାହା ଆପଣା ଛାଏଁ ପ୍ୟାକ୍ ହୋଇ ଏସ୍କାଲେଟର ଦେଇ ଗନ୍ତବ୍ୟ ପଥକୁ ଯାଇ ସାରିଥିଲା । ଟିକେଟ୍ ତନଖି କରି ବୋର୍ଡିଂ ପାସ୍ ଦେବା ସମୟରେ କାଉଣ୍ଟରେ ଥିବା ମହିଳା ମୋ' ପାସପୋର୍ଟରେ ଭିସା ନ ଥିବାର ତ୍ରୁଟିକୁ ଧରିଦେଲେ । ମୋତେ ତାଙ୍କର ବୋର୍ଡିଂ ପାସ୍ ଦେବା ନୋହିଲା ।

ମୋ' ପାସ୍‌ପୋର୍ଟଟିକୁ ସେ ନିକଟସ୍ଥ ଅଧିକାରୀଙ୍କ ହାତକୁ ବଢ଼ାଇ ଦେଲେ । ସେହି ସୁନ୍ଦରୀ ମହିଳା ମୋତେ ଇଂରାଜୀରେ ଅତି ଭଦ୍ର ଭାବରେ କହିଲେ, "ପ୍ଲିଜ୍, ଗୋ ଦେୟାର ।"

ମୁଁ କାଉଣ୍ଟରରେ ଥିବା ଅଧିକାରୀଙ୍କୁ ମୋ'ର ସମସ୍ତ କାଗଜପତ୍ର, ଫ୍ୟାକସ୍ ଲେଟର ଦେଖାଇବା ସତ୍ତ୍ୱେ ତାଙ୍କ ମନ ମାନିଲା ନାହିଁ । ମୋ' ପାଖରେ ମଧ୍ୟ ରିଟର୍ଣ୍ଣ ଟିକେଟ୍ ଥିଲା । ସେ ହାନୋଇ ଏୟାରପୋର୍ଟ ସହିତ ସମ୍ପର୍କ ସ୍ଥାପନ କଲେ, ମୋତେ

Digitized by PPRACHIN, SOA

ସାହାଯ୍ୟ କରିବା ପାଇଁ ହେଉ କିମ୍ବା ସଠିକ୍ ତଥ୍ୟ ସଂଗ୍ରହ ପାଇଁ । ତାଙ୍କର ଚେଷ୍ଟାରେ କିନ୍ତୁ ସେ ସଫଳ ହେଲେ ନାହିଁ ।

ମୋ'ର ଧୈର୍ଯ୍ୟ ଧରି ଛିଡ଼ା ହେବା ବ୍ୟତୀତ ଆଉ ବା କ'ଣ ଚାରା ସେ ମୋତେ ଚାହିଁଲେ । ମୋ'ର ଦୁଃଖକୁ ବୁଝି ପାରିଲେ ବୋଧହୁଏ ଏବଂ ମୋ' ହାତକୁ ବଢ଼ାଇ ଦେଲେ ଗୋଟିଏ ଫର୍ମ । ତାହା ଥିଲା ଇନ୍‌ଡେମିଣ୍ଟ ଫର୍ମ । ବିଦେଶ ଭୂଇଁରେ ନିଜକୁ ରକ୍ଷା କରିବା ପାଇଁ ସେହି ଫର୍ମକୁ ନ ପଢ଼ି ଦସ୍ତଖତ କଲି ଓ ପାସପୋର୍ଟ ଓ ବୋର୍ଡିଂ ପାସ୍ ନେଇ ଚାଲିଲି ସିକ୍ୟୁରିଟି ଦିଗକୁ । ବିରାଟ ଏୟାରପୋର୍ଟରେ କେଉଁ ପ୍ଲେନ କେଉଁଠୁ ଯାଉଛି, ତାହା ଖୋଜି ବାହାର କରିବାକୁ ହେବ । ବିଭିନ୍ନ ଗେଟ୍ ଦେଇ ସିକ୍ୟୁରିଟ୍‌ରେ ପହଞ୍ଚିଲି ଏବଂ ୱେଟିଂ ହଲ୍‌ରେ ଅପେକ୍ଷା କରି ରହିଲି । ଭିନ୍ନ ଭିନ୍ନ ଦେଶର ଲୋକ । ପ୍ରତ୍ୟେକ ପାଞ୍ଚ ମିନିଟ୍‌ରେ ଗୋଟିଏ ଗୋଟିଏ ଫ୍ଲାଇଟ୍ । ଟି.ଭି. ଚ୍ୟାନେଲ୍‌ରେ ନ୍ୟୁଜ୍ ଓ ଗୀତ ।

ବାରମ୍ବାର ଭାରତର ଗୋଟିଏ ନ୍ୟୁଜ୍ ଟି.ଭି ପରଦାରେ ଦେଖା ଯାଉଥାଏ । ଗଣେଶଙ୍କ କ୍ଷୀର ଖାଇବାର ଦୃଶ୍ୟ । ହଜାର ହଜାର ଭକ୍ତଙ୍କର ଭାରତର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତିକୁ ଦୁଧ ଦେବା ଓ ମୂର୍ତ୍ତି ସାମନାରୁ ଦୁଧ ସରି ଯାଉଥିବାର ଖବର ଅପେକ୍ଷାରତ ଯାତ୍ରୀମାନଙ୍କ ମଧ୍ୟରେ କୌତୁହଳ ଓ ଆଗ୍ରହ ସୃଷ୍ଟି କରୁଥାଏ । କେହି କେହି ନିଜନିଜ ଭାଷାରେ କଥା ହେବା ବେଳେ, ଅନ୍ୟ କେତେକ ଇଂରାଜୀରେ, ଏହି ଆଶ୍ଚର୍ଯ୍ୟଜନକ ଘଟଣା ସମ୍ପର୍କରେ ଆଲୋଚନା କରୁଥା'ନ୍ତି । ମୁଁ ୨୧ ତାରିଖ କଲିକତାରେ ଥିବା ଦିନ ଏଇ ଘଟଣା ଘଟିଥିବା ଶୁଣିଥିଲି ଓ କଲିକତାରେ କିପରି ଟ୍ରାମ୍, ବସ୍ ଓ କାରମାନ ରାସ୍ତାରେ ଜାମ୍ ହୋଇ ଲୋକ ଗହଳି ଯୋଗୁ ଯାଇ ପାରି ନ ଥିଲା, ତାହା ପ୍ରତ୍ୟକ୍ଷ କରିଥିଲି । ସେହି ଖବର କେତେବେଶି ଗଣମାଧ୍ୟମରେ ପ୍ରଚାର ଚାଲିଛି, ତାହା କେବଳ ବ୍ୟାଙ୍କକ୍ ଏୟାରପୋର୍ଟରେ ଦେଖିଲି ନୁହେଁ, ହାନୋଇ ହୋଟେଲ ରୁମ୍‌ରେ ମଧ୍ୟ ଟି.ଭି. ପରଦାରେ ଦେଖିବାକୁ ପାଇଲି ।

ସତେ କ'ଣ ଭାରତ ଏକ ଫ୍ୟାନ୍‌ଟାସି'ର ଦେଶ ? ଏହାର ଉତ୍ତର କ'ଣ ହେବ ଖୋଜି ପାଉନଥିଲି । ବ୍ୟାଙ୍କକ୍‌ରେ ପ୍ଲେନ୍‌ରେ ବସିବା ବେଳକୁ ପ୍ରାୟ ୧୧ଟା । ବିରାଟ ଲ୍ୟାଣ୍ଡିଂ ଏରିଆ । ପ୍ରସ୍ଥାନ ଗେଟ୍‌ରୁ ପ୍ରାୟ ୨କି.ମି. ବସ୍‌ରେ ଯିବା ପରେ ପ୍ଲେନରେ ଚଢ଼ିଲୁ । ପ୍ଲେନ କିଛି ବାଟ ଚାଲିବା ପରେ ବନ୍ଦ ହୋଇଗଲା । ଯାନ୍ତ୍ରିକ ଅସୁବିଧା । ପ୍ରାୟ ଘଣ୍ଟାଏ କାଳ ସେହି ପ୍ଲେନରେ ବସି ରହିବାକୁ ହେଲା । ମଣିଷ ସିନା ଯନ୍ତ୍ରକୁ ଚାଳିତ କରେ କିନ୍ତୁ ସମୟ ସମୟରେ ଏହି ଯନ୍ତ୍ରମାନ ମଣିଷର ଗନ୍ତବ୍ୟ ସ୍ଥଳରେ ଠିକ୍ ସମୟରେ ପହଞ୍ଚିବାରେ ବାଧା ସୃଷ୍ଟି କରେ ମଧ୍ୟ । କଲିକତାରୁ ବ୍ୟାଙ୍କକ୍ ଆସିବା

Digitized by PPRACHIN, SOA

ବେଳେ ଭାରତୀୟ ବିମାନରେ ଯେଉଁ ଅନୁଭବ ହୋଇଥିଲା, ଥାଇ ଏୟାରଲାଇନ୍‌ରେ ମଧ୍ୟ ସେଇ ଅବସ୍ଥା ।

ଦିନ ଘ.୧.୩୦ ମିନିଟ୍ ବେଳେ ପ୍ଲେନ୍ ଲ୍ୟାଣ୍ଡ କଲା ନ୍ୟୁବୋଇ (ହାନୋଇ) ଉଡ଼ାଜାହାଜ ପଡ଼ିଆରେ । ବାଟ ସାରା କିନ୍ତୁ ମୋ'ର ସେଇ ଗୋଟିଏ ଚିନ୍ତା ଭିସା ଯଦି ନ ମିଳେ ? କେହି ଯଦି ଏୟାରପୋର୍ଟକୁ ନ ଆସିଥା'ନ୍ତି ? ମନେ ମନେ ଇଷ୍ଟ ନାମ ସ୍ମରଣ ଓ ଗୁରୁ ମନ୍ତ୍ର ଜପ କରିବାକୁ ଆରମ୍ଭ କରି ଦେଇଥାଏ । ଭାରତୀୟ ଲୋକ ମାନଙ୍କର ଗୁରୁମନ୍ତ୍ର ଜପ କଲେ ସର୍ବବିଘ୍ନ ବିନାଶ ହୁଏ, ଏହି ବିଶ୍ୱାସକୁ ମୁଁ ମୋ' ନିଜ ଉପରେ ପ୍ରୟୋଗ କଲି ।

ନ୍ୟୁବୋଇ ଏୟାରପୋର୍ଟ ସେତେ ବେଶି ବଡ଼ ନୁହେଁ । ଭିସା ନାହିଁ । ଯଦି କେହି ନେବାକୁ ନ ଆସିଥା'ନ୍ତି, ତେବେ କ'ଣ ଅବସ୍ଥା ହେବ ଭାବୁଥିବା ବେଳେ ମୋ ନାଁ ଓ ସଂଗଠନ ଲେଖାଥିବା ପ୍ଲାକାର୍ଡ ଧରି ତରୁଣ ଯୁବକଟିଏ ଠିଆ ହୋଇଥିବାର ଦେଖି ମନରେ ହୋସ ପଶିଲା । ଭୁବନେଶ୍ୱର ଠାରୁ ଏ ଯାଏ ଯେଉଁ ଭୟ ଓ ଆଶଙ୍କା ଥିଲା, ତାହା ଯେପରି କ୍ଷଣ ମାତ୍ରକେ ଉଭେଇଗଲା ସୂର୍ଯ୍ୟଙ୍କର ଉପସ୍ଥିତିରେ ବାଦଲ ଅପସରି ଯିବାପରି । ଭିଏତ୍‌ନାମ ଭୂଇଁ ଉପରେ ପାଦ ରଖିବା ମାତ୍ରେ ମନ ଓ ଶରୀର ମମତା ବନ୍ଧନରେ ବାନ୍ଧି ହୋଇଗଲା ।

ନିଜର ପରିଚୟ ଦେବା ପରେ ସେଇଠି ମୋତେ ଅପେକ୍ଷା କରିବାକୁ ହେଲା ପ୍ରାୟ ଦୁଇଘଣ୍ଟା ଭିସା ପାଇଁ । ମୋ' ପଠାଇଥିବା ଫ୍ୟାକ୍‌ସରେ ଜନ୍ମ ତାରିଖ ନଥିବା ହେତୁ ଯେତେ ସବୁ ଅସୁବିଧା । ସେଇ ଦୁଇଘଣ୍ଟା ଅପେକ୍ଷାରେ ଭିଏତ୍‌ନାମ ଯୁବକ ଯୁବତୀଙ୍କର ଅନୁଶାସନକୁ ଲକ୍ଷ୍ୟ କରୁଥିଲି । ଏମିଗ୍ରେସନ୍ କ୍ଲିୟର ପାଇଁ ବସିଥିବା ଅଫିସର ଓ ସହଯୋଗୀ ପୁଅଝିଅ ମାନେ ନିଜ ନିଜ ସ୍ଥାନ ମାନଙ୍କରେ ନିରବରେ ବସିଥିଲେ । କାହା ମଧ୍ୟରେ ଆଲୋଚନା ବା ପାଟିତୁଣ୍ଡ ହେଉଥିବାର ଦେଖିଲି ନାହିଁ ।

ତୁ ଭାନ୍ ତୁ ମୋତେ ଥଣ୍ଡା ପାନୀୟ ପିଆଇଲେ । ଭୋକରେ ପେଟ ଆଉଟୁ ପାଉଟୁ ହୋଇ ଯାଉଥିଲା । ହୁନ୍ ଭାନ୍ ନିଜର କବିତାର ଗୋଟିଏ ପଙ୍‌କ୍ତି ଇଂରାଜୀରେ କହିଲେ, "Since we want, with out swords, to reclaim our lands, For a thousand years we have been missing Thong Long."

'ଯେଉଁ ଦିନଠାରୁ ଆମେ ଆମ ଭୂଇଁକୁ, ଦାବି କରିବାକୁ ଅସ୍ତ୍ର ଧରି ଚାଲି ଯାଇଥିଲେ ସେଇ ହଜାର ହଜାର ବର୍ଷରୁ, ଆମେ ହରାଇଥିଲେ ଆମର ପ୍ରିୟ ଭୂମି ଥଙ୍ଗ ।"

ହାନୋଇ-ଭିଏତ୍‌ନାମ୍‌ର ରାଜଧାନୀ । ଭିଏତ୍‌ନାମ ଲୋକମାନଙ୍କର ଏ

Digitized by PPRACHIN, SOA

ହେଉଛି ପବିତ୍ରଭୂମି । ଜାତୀୟ ଇତିହାସର ସାକ୍ଷୀ ଏବଂ ପ୍ରାଚୀନ ସଂସ୍କୃତିର ଗୌରବଗାଥାରେ ମଣ୍ଡିତ ଏଇ ନ୍ୟୁବୋଇ (ହାନୋଇ) ପ୍ରତ୍ୟେକ ଭିଏତ୍‌ନାମ ଲୋକଙ୍କୁ ଆକର୍ଷିତ କରୁଛି ଏବଂ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି ।

ମୁଁ ସେଇ ଭୂମିରେ ପାଦଦେଲି । ଭିସା ପାଇଁ ଦୁଇ ଘଣ୍ଟା ଅପେକ୍ଷା ପରେ ଭିସା ମିଳିଲା । ଏମିଗ୍ରେସନ୍ କ୍ଲିଅର କରି ଯେତେବେଳେ ଏୟାରପୋର୍ଟର ବାହାରକୁ ଆସିଲି, ମୋ' ମନରେ ପ୍ରତ୍ୟୟ ହେଲା ମୁଁ ଏହି ଦେଶରେ ସାତଦିନ କଟାଇବି ।

ହାନୋଇ ଏୟାରପୋର୍ଟର ପ୍ରସ୍ଥାନ ଦ୍ୱାରରେ ଠିଆ ହୋଇ ଟଙ୍ଗା ହୋଇଥିବା ବିଶାଳ ହୋଡିଂ ଗୁଡିକୁ ପଢ଼ି ଚାଲିଥିଲି । କେବଳ କେତେ ଗୁଡ଼ିଏ ହୋଟେଲ ଓ ବ୍ୟାଙ୍କର ନାମ ଫଳକ । ସେଠି ସଂଗ୍ରାମର ଇତିହାସ ଦେଖୁ ନ ଥିଲି ବା ସଂସ୍କୃତି ଅପରୂପ ଲାବଣ୍ୟ ପ୍ରତିଭାତ ହେଉ ନ ଥିଲା । ଗୋଟିକ ପରେ ଗୋଟିଏ ପଢ଼ିବାବେଳେ ମନେ ହେଲା ବିଦେଶୀ ପୁଞ୍ଜିର ଆକର୍ଷଣ କେତେ ଅଲଘଂନୀୟ । ସେଇ କାନ୍ଥରେ ଟଙ୍ଗା ହୋଇଥିବା ହୋଡିଂରେ ଥିଲା-

ହେରିଟେଜ୍ ହାଲଙ୍ଗ ହୋଟେଲ Tel-3346286, 88, H.A. Long, BAICHAY, Fax-3348718

ବ୍ୟାଙ୍କଜ୍ ବ୍ୟାଙ୍କ ଲିମିଟେଡ୍

ହାନୋଇ ସବ୍ ବ୍ରାଞ୍ଚ Tel-(84-4)260886

୮, ତ୍ରାନ୍ ହୁଙ୍ଗ୍ ଦାଓ Fax-(84-4) 267397

ଆମେରିକାନ୍ କରପୋରେଟ୍ ସେଣ୍ଟ ଡ୍ରେସର ଇଣ୍ଡଷ୍ଟ୍ରିଜ୍, ଏ.ଏନ.ଜେଡ୍ ବ୍ୟାଙ୍କ, ଭିଏତ୍‌ନାମ ଟ୍ୟୁରିଜିମ୍, ହାନୋଇ ହୋଟେଲ, କ୍ୟାପିଟାଲ ଗାର୍ଡନ ହୋଟେଲ; ଲେକ୍ ସାଇଡ୍ ହୋଟେଲ, ହୋଟେଲ ସାଫିଟିଚି..ଇତ୍ୟାଦି ।

ଏୟାରପୋର୍ଟ କ୍ଷୁଦ୍ର ହେଲେ ହେଁ ନିରବତା ତା'ର ଗାରିମାକୁ ବୃଦ୍ଧି କରୁଥିଲା ।

ତୁ ଭାନ୍ ତୁ ହାତରେ ମୋ'ର ଅଟାଚିଟିକୁ ନେଇ କାର୍ ଭିତରେ ରଖି ସାରିଥିଲା ଓ ତା' ସହିତ କଥା ହେଉ ହେଉ ଆମେ 'ହ୍ୟୁନି' ହୋଟେଲରେ ପହଞ୍ଚି ଯାଇଥିଲୁ । ପେଟରେ ଭୋକ ଚୁପ୍ ହୋଇ ଯାଇଥିଲା ।

□□□

Digitized by PPRACHIN, SOA

ହ୍ୟୁନି ହୋଟେଲ

ହ୍ୟୁନି ହୋଟେଲ ସମ୍ପର୍କରେ ଦିପଦ ନ ଲେଖିଲେ ଭିଏତ୍‌ନାମରେ ରହିବାର ସୁଖ ମନେ ରହିବ ନାହିଁ । ହାନୋଇ ପୁରୁଣା ରାସ୍ତା ଚଉଛକି ଉପରେ ଭିଏତ୍‌ନାମ ଟ୍ୟୁରିଜିମ୍‌ର ଏଇ ହୋଟେଲ ଥିଲା ବେଶ୍ ଆକର୍ଷଣୀୟ । ହୋଟେଲ ସାମନାରେ ଗାଡି ପାର୍କିଂ ନାହିଁ । ଅନବରତ ହୋଣ୍ଡା ଦୁଇ ଚକିଆ ସାଇକେଲ ପରସ୍ପର ବିପରୀତ ଦିଗକୁ ଯିବା ଆସିବା କରୁଥିଲା । ହୋଟେଲ ସାମନାରେ ଠିଆ ହେବା ମାତ୍ରେ ସାଇକେଲ ଗୁଡ଼ିକର ଦୁଇ ପାଖରୁ ଚାଲୁଥିଲା ଲମ୍ଭାଧାଡି ଓ ପରସ୍ପର ପରସ୍ପରକୁ ଏଡ଼େଇ ଚାଲୁଥିବାର କୌଶଳ ବଡ଼ ଅଭିନବ ଓ ବିଚିତ୍ର ଥିଲା । ଭାରତରେ ପୁଲିସ୍ ଥାଇ ମଧ୍ୟ ଟ୍ରାଫିକ୍ ଜାମ୍ ହୋଇଯିବାର ଭୟ ରହିଥିଲେ ହେଁ, ସେଠାରେ କୌଣସି ପୁଲିସ୍ ନ ଥାଇ ପରସ୍ପର ପରସ୍ପରକୁ ଅତିକ୍ରମ କରି ଯାଉଥିଲେ । ମୋତେ ରାସ୍ତା ପାର କରିବାକୁ ଭୟ ଲାଗୁଥିଲା ।

ହ୍ୟୁନି ହୋଟେଲ ଅର୍ଥ ହେଉଛି ବନ୍ଧୁତ୍ୱ ହୋଟେଲ । ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ସମସ୍ତ ରୁମ୍ ଅତ୍ୟନ୍ତ ଆଭିଜାତ୍ୟ ପୂର୍ଣ୍ଣଭାବେ ସଜ୍ଜିତ । ଏଥିରେ ୩୮ ଗୋଟି ରୁମ୍ ଏବଂ ପ୍ରତ୍ୟେକ ରୁମ୍ ଶୀତତାପ ନିୟନ୍ତିତ ହେବା ସହିତ ଟେଲିଫୋନ୍, ଫ୍ରିଜ୍, ଓ ଟି.ଭି. ଇତ୍ୟାଦି ବ୍ୟବହାର ପାଇଁ ଦିଆଯାଇଛି । ଯେ କୌଣସି ଚ୍ୟାନେଲରେ ସଂଗୀତ ଓ ସମ୍ବାଦ ମିଳିପାରୁଛି । ଭାରତୀୟ ସିନେମା ଓ ସଙ୍ଗୀତ ଓ ସମ୍ବାଦ ମିଳି ପାରୁଛି । ଭାରତୀୟ ସିନେମା ଓ ସଙ୍ଗୀତ ବହୁଳ ଭାବେ ପ୍ରଚାରିତ । ହୋଟେଲ ସହିତ ସଂଶ୍ଳିଷ୍ଟ ହୋଇ ଡାଇନିଂ ହଲ । ଭଦ୍ର, ମାର୍ଜିତ ଓ ରୁଚିସମ୍ପନ୍ନ ତରୁଣ ତରୁଣୀମାନେ ଏହାର ପରିଚାରକ ଓ ପରିଚାରିକା ଭାବେ କାର୍ଯ୍ୟ କରିବାବେଳେ ଖଣ୍ଡି ଖଣ୍ଡି ଇଂରାଜୀରେ ଭାବର ଆଦାନ ପ୍ରଦାନ କରନ୍ତି । ମେନୁ କାର୍ଡ ଦେଖି ଅର୍ଡର ଦେଲେ, ପ୍ରାୟ ୫ ମିନିଟ୍ ମଧ୍ୟରେ ଖାଦ୍ୟ ପରିବେଷଣ ହୁଏ । ନିରାମିଷ ଖାଦ୍ୟ ଖାଉଥିବା ଲୋକମାନେ ବା ଆମପରି ଭାରତୀୟ ଖାଦ୍ୟ ଖାଇବାରେ ଅଭ୍ୟସ୍ତଙ୍କୁ ଅବଶ୍ୟ ଟିକିଏ ହଇରାଣ ହେବାକୁ ହେବ । ହୋଟେଲରେ ଗାଧୋଇ ସାରି ଡାଇନିଂ ହଲ୍‌କୁ ଆସି ଖାଇବସିଲି । ମୋ' ସହିତ ଥିବା ଅନ୍ୟାନ୍ୟ ଦେଶର ବନ୍ଧୁମାନେ ବିଭିନ୍ନ ପାନୀୟ ସହିତ

Digitized by PPRACHIN, SOA

ଘୁଷୁରୀ ମାଂସ ଓ ଅଣ୍ଡା ଇତ୍ୟାଦିକୁ ଦୈନନ୍ଦିନ ଖାଦ୍ୟଭାବେ ନେବାବେଳେ ମୋ'ର ଖାଦ୍ୟ ଥିଲା ବୟଲଡ୍ ରାଇସ୍, ବିଲାତି ବାଇଗଣ ଓ କାକୁଡ଼ି ସାଲାଡ଼ ଓ ଆଳୁ ଫ୍ରାଇ । ଅବଶ୍ୟ ଭେଜିଟେବୁଲ ସୁପ୍‌କୁ ମୁଁ ଡାଲି ଭାବେ ବ୍ୟବହାର କରୁଥିଲି । ଚା' ବା କଫି ପାଇଁ କନ୍‌ଡେନ୍‌ସଡ୍ ଦୁଧ ବ୍ୟବହାର କରୁଥିଲି । ସକାଳ ଜଳଖିଆ ଥିଲା ପାଉଁରୁଟି, ଲହୁଣୀ ଓ ଜାମ୍ ସହିତ କମଳାରସ, ପାଚିଲା କଦଳୀ ବା ଅମୃତ ଭଣ୍ଡା । ପାଚିଲା ଅମୃତଭଣ୍ଡାକୁ ଚୋପା ନ ଛଡାଇ ସେମାନେ ଦେବାବେଳେ ଚାମଚ ସାହାଯ୍ୟରେ ଆମେ ତାକୁ ବାହାର କରି ଖାଉଁଥିଲୁ ।

ଆମେ ଥିଲୁ ଭିଏତ୍‌ନାମ ଶାନ୍ତି କମିଟିର ଅତିଥି । ତେଣୁ ଡଙ୍ଗ (ଭିଏତନାମର ମୁଦ୍ରା) ଦେବାର ଆବଶ୍ୟକତା ନ ଥିଲା । କେବଳ ଆମେ ସେହି କ୍ୟାସ୍ ମେମୋ ଉପରେ ଦସ୍ତଖତ କରି ଦେଉଥିଲୁ । ହ୍ୟୁନି ହୋଟେଲର ଡାଏନିଂ ହଲ୍‌ରେ ଥିବା ସେହି ପରିଚାରକ ଓ ପରିଚାରିକା ମାନଙ୍କର ମାସିକ ବେତନ ଥିଲା ମାତ୍ର ୨୫/୩୦ ଡଲାର । ଗୋଟିଏ ଡ଼ଲାରର ମୂଲ୍ୟ ୧୦ ହଜାର ଡଙ୍ଗ୍ । ମୁଦ୍ରାସ୍ଫୀତି ବହୁତ ବେଶି । ଯେତେ ସବୁ ଚିରା ଫଟା ଡଙ୍ଗ ମୁଦ୍ରା ବ୍ୟବହାର ହେଉଛି । ହୋଟେଲ ତରଫରୁ ସେମାନଙ୍କୁ ଯୋଗାଇ ଦିଆଯାଇଥିଲା ଧଳା ଟ୍ରାଉଜର/ସାଲୱାର ବା ପାଇଜାମା ଓ ବ୍ଲୁ କମିଜ୍ । କମିଜ୍ ବେଶ୍ ଲମ୍ୱା ହୋଇ ଆଣ୍ଠୁ ପର୍ଯ୍ୟନ୍ତ ପଡୁଥିଲା ।

ହ୍ୟୁନି ହୋଟେଲ ସହିତ ଲାଗି ରହିଥିଲା ବିଦେଶୀ ମୁଦ୍ରା ବିନିମୟ ପାଇଁ ଏକ କାଉଣ୍ଟର । ହୋଟେଲରେ ସୁବିଧାରେ ଏକସ୍‌ଚେଞ୍ଜ କରି ହେବାର ବ୍ୟବସ୍ଥା । ତା ସହିତ ପୁରାତନ ଦ୍ରବ୍ୟର ଏକ ସୋ ରୁମ୍ । ଦାମ୍ ବହୁତ । ସବୁବେଳେ ହସ ହସ ହୋଇ ସେଇ ଝିଅଟି ଯେ କି ପ୍ରାୟତଃ କାଉଣ୍ଟରରେ ବସେ, ସମୟର ସଦୁପଯୋଗ କରି ସେଠାରେ ଇଂରାଜୀ ଶବ୍ଦ ଶିଖିବାର ଅଭ୍ୟାସ ମଧ୍ୟ କରୁଥାଏ ।

ହୋଟେଲକୁ ଲାଗି ସାଓନା ବାଥ୍ । ଗରମ ପାଣିର ବାମ୍ପରେ ତେଲ ମାଲିସ୍ କରିଦେଲେ ଦେହ ହାଲୁକା ଲାଗେ । ଫିସ୍ ମାତ୍ର ୭ ଡଲାର । ହ୍ୟୁନି ହୋଟେଲରେ ରହିବାକୁ ହେଲା ସାତଦିନ । ସକାଳର ମର୍ଣ୍ଣିଂଠାରୁ ରାତ୍ରିର ନୈଶ୍ୟ ଖାଦ୍ୟ ଯୋଗାଇବା ବେଳେ ସେହି ପରିଚାରକ ଓ ପରିଚାରିକାମାନେ କ୍ୱଚିତ କଥା ହେଉଥିଲେ । ଅଭ୍ୟସ୍ତ ଭାବରେ କାମ କରିବାର ପ୍ରବୃତ୍ତି ଥିଲା ସେମାନଙ୍କର । ଆମ ଭାରତୀୟ ହୋଟେଲ, ମାର୍କେଟ ପରି ଅନୁଭବ ହେବାବେଳେ ଏହା ଥିଲା ଭିନ୍ନ ।

ହୋଟେଲରେ ଲୁଗା ବା ସାର୍ଟଟିଏ ସଫା କରି ଇସ୍ତ୍ରୀ କରିବାର ମୂଲ୍ୟ ୨ ଡଲାର । କେବଳ ଇସ୍ତ୍ରୀ ୧ ଡଲାର । ମୋ'ର ସଫା ହୋଇଥିବା ସାର୍ଟଟିକୁ ଖାଲି ଇସ୍ତ୍ରୀକରି ଆଣି ଦେଇଗଲା ବୟ । ସେଥିରେ ଆଦୌ ଭାଙ୍ଗ ହୋଇ ନ ଥିଲା । ଦୀର୍ଘ ସାତଦିନ ହ୍ୟୁନି

Digitized by PPRACHIN, SOA

ହୋଟେଲରେ ମୋ'ର ରହଣିର ସନ୍ତକ ଥିଲା ୧୧୪ ନମ୍ବର ରୁମ୍ । ହାନୋଇ ଛାଡ଼ିବା ବେଳେ ମନେହେଲା ସେହି ତରୁଣୀମାନେ କେତେ ଶ୍ରଦ୍ଧାରେ ଅତିଥି ସତ୍କାର କରୁନାହାଁନ୍ତି ସତେ । ମାତ୍ର ୩୦ ଡଲାର ମାସିକ ବେତନ । ତାହା ପୁଣି ଉତ୍ପାଦନ ଅଭିମୁଖୀ । ଆମର ଏଠାରେ ସରକାର ଉଦ୍ୟୋଗରେ ଦରମା ଉତ୍ପାଦନ ସହିତ ଯୁକ୍ତ ନୁହେଁ ।

ହୋଟେଲ ରହିବା ଯେତେ ଆକର୍ଷଣୀୟ ଥିଲେ ବି କମୋଡ୍ ପାଇଖାନାରେ ବସି ମଳଶୌଚ କରିବା ପାଇଁ ମଗ୍ ନ ଥିଲା । ଆମେ ତ କାଗଜ ବ୍ୟବହାର କରିବାରେ ଅଭ୍ୟସ୍ତ ନୋହୁଁ । ସେଥିପାଇଁ ମୋତେ ପିଇବା ପାଇଁ ଥିବା ଗୋଟିଏ କାଚ ଗ୍ଲାସକୁ ବ୍ୟବହାର କରିବାକୁ ପଡ଼ିଲା । ହୋଟେଲରେ କାମ କରୁଥିବା କର୍ମଚାରୀ ମାନଙ୍କର ଜୀବନ, ସଂଗ୍ରାମର ଜୀବନ । ପରିବାର ସମସ୍ତେ ରୋଜଗାର କରିବାକୁ ବାଧ୍ୟ । ନଚେତ୍, କେମିତି ଚଳିବେ । ହ୍ୟାନି ଭିଏତ୍‌ନାମର ଟ୍ୟୁରିଜିମ୍ ହୋଟେଲ । ସବୁ ପ୍ରକାର ସ୍ୱାଚ୍ଛନ୍ଦ୍ୟ ରହିବା ସ୍ୱାଭାବିକ କାରଣ ବିଦେଶୀ ବିଶିଷ୍ଟ ଅତିଥିମାନଙ୍କ ଏ ହେଉଛି ରହଣୀସ୍ଥାନ ।

ହୋଟେଲରେ ରହିବାର ବିଶେଷତା ପ୍ରାଚୀନ ସହରକୁ ଦେଖିବାର ଓ ଅଙ୍ଗେ ନିଭେଇବାର ଅନୁଭୂତି । ହୋଟେଲ ଦୁଆର ମୁହଁରୁ ଚାହିଁଦେଲେ ଚାରିଦିଗକୁ ମେଳି ହୋଇ ରହିଥିବା ଦୋକାନ ଓ ଅନବରତ ଚାଲିଥିବା ଦୁଇ ଚକିଆ ହୋଣ୍ଡା ସାଇକେଲ ଓ ସାଧାରଣ ସାଇକେଲର ଦୃଶ୍ୟ । ରାସ୍ତା କଡ଼ରେ ମେଲିଥିବା ହୋଟେଲ ଯେଉଁଠି ଖାଦ୍ୟ ହେଉଛି ଅସରପା, ସାପ ଇତ୍ୟାଦି । ଷ୍ଟୁଲ ଉପରେ ବସି ବିୟର, ରମ୍, ବା ଜୀନ୍ ପିଇ ଚାଲିଥିବା ଯୁବକ ଯୁବତୀ ମାନଙ୍କର ବେପରୁଆ, ବେଖାତିର ଓ ବେସାଲିସ୍ ଜୀବନର ଝଲକ ।

ସ୍ଲେଜ ପରି ରିକ୍‌ସାରେ ହାନୋଇ ସହରକୁ ବୁଲାଇ ନେବା ପାଇଁ ଆଗନ୍ତୁକ ମାନଙ୍କୁ ଘନ ଘନ ଆହ୍ୱାନ । ଭଡ଼ା ମୂଲଚାଲ ଉପରେ ନିର୍ଭର କରେ ।

ସାତଦିନ ରହିବା ପରେ ଆମ ଫେରିବା ଦିନ ଜିନିଷ ପତ୍ର ସବୁ ଗାଡ଼ିରେ ଲଦା ହେଲା । ରିସେପ୍‌ସନିଷ୍ଟ ରେଜିଷ୍ଟରରେ ଦସ୍ତଖତ ନେଲା । ଚାବିକାଠି ବଢ଼ାଇ ଦେଲୁ ତାକୁ । ରୁମ୍ ତନଖି କରି ବୟ କହିଲା, ଗୋଟେ କୋଲଡ୍ ଡ୍ରିଙ୍କ ଓ ପାଣି ବଟଲ ନାହିଁ । ୬ ଡଲାର ଦେବାକୁ ହେବ ।

ରୁମ୍‌ରେ ଥିବା ଫ୍ରିଜ୍ ଜିନିଷ ପାଇଁ ପଇସା ଦେବାକୁ ହୁଏ, ଏ କଥା ମୋତେ ଜଣା ନ ଥିଲା । ବ୍ୟାଙ୍କକ୍ ହୋଟେଲରେ ରହିବାବେଳେ ମୁଁ ଆଦୌ ଫ୍ରିଜ୍ ଜିନିଷ ବ୍ୟବହାର କରି ନ ଥିଲି । ଭିଏତ୍‌ନାମରେ ଶାନ୍ତି କମିଟିର ଅତିଥି । ତେଣୁ ନିଧଡ଼କରେ ପାଣି ବୋତଲଟିଏ ବ୍ୟବହାର କରିଥିଲି । ପାଣି ବୋତଲ ପାଇଁ ଛଅ ଡଲାର ଦେବାକୁ ମନ ଚାହୁଁ ନ ଥିଲା । ମାଗଣା ପାଉଥିବା ସୁବିଧାକୁ ହାତଛଡ଼ା କରିବାକୁ କିଏ ଅବା ଚାହେଁ ?

Digitized by PPRACHIN, SOA

ଭାବିଥିଲି ରୁମ୍ ବୟକୁ ଟିପସ୍ ଦେବି । ଏଇ ଛଅ ଡଲାରକୁ ଟିପ୍‌ସ୍ ଭାବି ତା' ହାତକୁ ବଢ଼ାଇ ଦେଲି ଓ ରସିଦ୍‌କୁ ଅପେକ୍ଷା ନ କରି ତଳକୁ ଓହ୍ଲାଇ ଆସିଲି । ଅଭ୍ୟର୍ଥନା କାଉଣ୍ଟରରେ ବସିଥିବା ଭଦ୍ରବ୍ୟକ୍ତି ବେଶ୍ ଭଲ ଇଂରାଜୀରେ କହିଲେ, "ଗୁଡ୍ ବାୟ ସାର୍ ! ପ୍ଲିଜ୍ କମ୍ ଏଗେନ୍ ।"

ମୋ' ହାତ ତାଙ୍କ ହାତ ସହିତ କରମର୍ଦ୍ଦନ କରିବାକୁ ଲମ୍ବିଗଲା । ସେ ମୋତେ ହୋଟେଲ ଠିକଣାର କାର୍ଡ ବଢ଼ାଇ ଦେଲେ ଯେଉଁଥିରେ ଲେଖାଥିଲା-

ହ୍ୟୁନି ହୋଟେଲ (HUU NGHI HOTEL)

ADDRESS:23 QUAN THANH STR, HANOI.

Tel.84-4-253182, 84-4-254967

84-4-254968, FAX-84-4-259272

□□□

Digitized by PPRACHIN, SOA

ଭାରତ ଓ ଭିଏତ୍‌ନାମ-ବନ୍ଧୁତ୍ୱର ସେତୁ

ଭାରତ ଆସି ଯେଉଁମାନେ ବନ୍ଧୁତ୍ୱର ବନ୍ଧନକୁ ମଜଭୁତ କରିଥିଲେ, ପଣ୍ଡିତ ନେହେରୁଙ୍କ ସହିତ ବନ୍ଧୁତ୍ୱର ସେତୁକୁ ଗଢ଼ିଥିଲେ, ସେମାନେ ଥିଲେ ଉପନିବେଶବାଦ ବିରୁଦ୍ଧରେ ସଂଗ୍ରାମ କରୁଥିବା ନେତା । ସେମାନେ ଏସିଆ ମହାଦେଶ ଓ ବିଶେଷକରି ବିଶ୍ୱରେ ସମାନତା ଓ ନ୍ୟାୟ ଆଣିବା ପାଇଁ ଏକ ନୂଆ ମୋଡ଼ ଦେଇଥିଲେ ।

ସୋସିଆଲିଷ୍ଟ ରିପବ୍ଲିକ୍ ଅଫ୍ ଭିଏତ୍‌ନାମର ୫୫ବର୍ଷ ପୂର୍ତ୍ତି ଓ ସଂଯୁକ୍ତ ଭିତଏତ୍‌ନାମର ରୌପ୍ୟ ଜୟନ୍ତୀ ଅବସରରେ ଭାରତ ଓ ଭିଏତନାମର ଏହି ନିଗୂଢ଼ ସମ୍ପର୍କକୁ ବିଚାର କରିବା । ୫୫ବର୍ଷ ପୂର୍ବେ ହୋ-ଚି-ମିନ୍ ଭିଏତନାମ ଲୋକମାନଙ୍କର ସ୍ୱାଧୀନତା ଘୋଷଣା କରି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଭିଏତନାମର ପ୍ରତିଷ୍ଠା କରିଥିଲେ । ୧୯୭୫ ମସିହାରେ ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମର ମିଶ୍ରଣ ହେବା ପରେ ଭିଏତ୍‌ନାମର ଲୋକେ ନାଁ ରଖିଲେ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ୍ ଭିଏତ୍‌ନାମ । ଦୀର୍ଘ ବର୍ଷର ଅନବରତ ସଂଗ୍ରାମ ପରେ ମାତ୍ର କେଇ ବର୍ଷ ଧରି ଭିଏତ୍‌ନାମର ଲୋକମାନେ ଆରମ୍ଭ କରିଛନ୍ତି ପୁନର୍ଗଠନ ଓ ପୁନଃନିର୍ମାଣ କାର୍ଯ୍ୟକ୍ରମ । ଏହାର ନେତୃତ୍ୱରେ ଅଛନ୍ତି ଭିଏତ୍‌ନାମ କମ୍ୟୁନିଷ୍ଟ ପାର୍ଟି । ୧୯୮୬ ମସିହାଠାରୁ ଦାଓ ମାଇ' ପୁନର୍ଗଠନ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ଭିଏତ୍‌ନାମ ଆଗକୁ ଆଗକୁ ମାଡ଼ିଚାଲିଛି ।

୧ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଭିଏତ୍‌ନାମ ଓ ଭାରତ ମଧ୍ୟରେ ସମ୍ପର୍କ ବୌଦ୍ଧଧର୍ମ ହେତୁ ସମ୍ଭବ ହୋଇପାରିଥିଲା । ବୌଦ୍ଧଭିକ୍ଷୁମାନେ ଭିଏତ୍‌ନାମକୁ ଯାଇ ସେଠାରେ ବୌଦ୍ଧଧର୍ମର ପ୍ରଚାର କରି ଲୋକମାନଙ୍କର ସଂଗ୍ରାମ ପ୍ରତି ସଦିଚ୍ଛା ଜଣାନ୍ତି । ୧୯୪୭ ଜାନୁଆରିରେ ସମଗ୍ର ଭାରତରେ ଭିଏତ୍‌ନାମ ଦିବସ ପାଳନ କରାଯାଏ । ଭାରତ ସରକାର ୧୯୫୪ ମସିହାରେ ଫ୍ରାନ୍ସ ଯୁଦ୍ଧ ବିମାନ ଭାରତ ମଧ୍ୟ ଦେଇ ଚଳାଚଳ ନକରିବାକୁ ଆଦେଶ କରନ୍ତି । ପ୍ରଧାନମନ୍ତ୍ରୀ ନେହେରୁ ୧୯୫୪ ମସିହା ଅକ୍ଟୋବର ମାସରେ ହାନୋଇ ପରିଦର୍ଶନ କରିବାବେଳେ ତାଙ୍କୁ ହୋ-ଚି-ମିନ୍

Digitized by PPRACHIN, SOA

ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରନ୍ତି । ହାନୋଇ ମୁକ୍ତିପରେ ନେହେରୁ ପ୍ରଥମ ବିଶ୍ୱବ୍ୟକ୍ତିତ୍ୱ ଯେ କି ସେ ଦେଶକୁ ଯାଇଥା'ନ୍ତି । ୧୯୫୫ ଏପ୍ରିଲ୍ ମାସରେ ଭିଏତ୍‌ନାମର ପ୍ରଧାନମନ୍ତ୍ରୀ ମିଷ୍ଟର ଫାମ୍ ଭାନ୍ ଡଙ୍ଗ ଭାରତର ପରିଦର୍ଶନରେ ଆସନ୍ତି ଏବଂ ଉଭୟ ଦେଶ ମଧ୍ୟରେ ମିଳିତ ଚୁକ୍ତିନାମା ସ୍ୱାକ୍ଷରିତ ହୁଏ ।

ରାଷ୍ଟ୍ରପତି ହୋ-ଚି-ମିନ୍‌ଙ୍କ ଅନୁରୋଧରେ ଭାରତ ଉପରାଷ୍ଟ୍ରପତି ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନ୍ ହାନୋଇ ଗସ୍ତ କରନ୍ତି । ୧୯୫୮ ଫେବୃଆରୀ ମାସରେ ରାଷ୍ଟ୍ରପତି ହୋ-ଚି-ମିନ୍ ଭାରତ ପରିଦର୍ଶନ କରନ୍ତି । ୧୯୫୯ ମେ' ମାସରେ ଭାରତର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଭିଏତ୍‌ନାମ ପରିଦର୍ଶନ କରନ୍ତି । ୧୯୭୨ ଜାନୁଆରି ୧ତାରିଖ ଦିନ ଭାରତ ଓ ଭିଏତ୍‌ନାମର ସମ୍ପର୍କ ଆଶ୍ୱାସନାର ଅବସ୍ଥାକୁ ଉନ୍ନୀତ ହୁଏ । ୧୯୭୫ ଏପ୍ରିଲ ୩୦ ତାରିଖ । ଭାରତ ପ୍ରୋଭିଜନାଲ ରିଭୋଲ୍ୟୁସନାରୀ ଗଭର୍ଣ୍ଣମେଣ୍ଟ ଅଫ ଦି ରିପବ୍ଲିକ୍ ଅଫ୍ ସାଉଥ୍-ଭିଏତ୍‌ନାମକୁ ସ୍ୱୀକୃତି ପ୍ରଦାନ କରି, ସେଠାରେ ଆମ୍ବାସଡ଼ାର ନିଯୁକ୍ତ କରେ । ଏହିପରି ଭାବରେ ପ୍ରତ୍ୟେକବର୍ଷ ଉଭୟଦେଶ ମଧ୍ୟରେ ପାରସ୍ପରିକ ସହଯୋଗ, ବନ୍ଧୁତ୍ୱ କ୍ରମଶଃ ବୃଦ୍ଧି ହେବା ସହିତ ଏଗ୍ରିମେଣ୍ଟ ଅନ୍ ଏନ୍‌କରେଜିଂ ଆଣ୍ଡ ପ୍ରୋଟେକିଂ ଇନ୍‌ଭେଷ୍ଟମେଣ୍ଟ, ଅଧିକା ଟିକସ ନବସିବାକୁ ଦେଖିବା, ଖଣି, ସ୍ୱାସ୍ଥ୍ୟ ସେବା, ପରିବେଶ ସମ୍ପର୍କରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ସହଯୋଗରେ ଭିଏତ୍‌ନାମରେ ଓମନ ଓ୍ୱାଟର ରାଇସ୍ ରେଜେଣ୍ଟ ସେଣ୍ଟର ଏବଂ ସଙ୍ଗଠନ ମିଲ୍‌କ ବଫାଲୋ କେନ୍ଦ୍ର ସ୍ଥାପିତ ହୋଇଛି । ଭାରତ ଭିଏତ୍‌ନାମକୁ ଉନ୍ନତମାନର କପା, ବାଜରା ମଞ୍ଜି ଯୋଗାଇ ଦେଇଛି ଏବଂ ବିଭିନ୍ନ ପ୍ରକାର ଉନ୍ନତମାନର ଗାଈ, ଛେଳି, ମାଛ ଇତ୍ୟାଦି ପ୍ରଜଜନ କରିବାର ଜ୍ଞାନକୌଶଳ ଆଦାନପ୍ରଦାନ କରିଛି । ଭିଏତ୍‌ନାମ ଯୁବକଯୁବତୀମାନେ ଆମ ଦେଶକୁ ଆସି ଉଚ୍ଚତର ଶିକ୍ଷା ଓ ଗବେଷଣା କରୁଛନ୍ତି । ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ଟି ଗବେଷଣା ନିମିତ୍ତ ବୃତ୍ତି ଭାରତ ପ୍ରଦାନ କରୁଛି । କୃଷି, ସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସମ୍ପର୍କ ବଢୁଛି, ବିକଶିତ ଓ ସମ୍ପ୍ରସାରିତ ହେଉଛି ।

୧୯୯୮ ମସିହା ଶେଷ ସୁଦ୍ଧା ଭାରତ ଏବଂ ଭିଏତ୍‌ନାମ ମଧ୍ୟରେ ବାଣିଜ୍ୟର ପରିମାଣ ଥିଲା ପ୍ରାୟ ୧୨୦ ମିଲିୟନ୍ ଆମେରିକାନ୍ ଡଲାର । ଭାରତ ଯେଉଁ କ୍ଷେତ୍ରରେ ନିଜର ପୁଞ୍ଜି ଲଗାଣ କରିଛି ସେଥିରେ ରହିଛି କୃଷି ଉତ୍ପାଦିତ ପଦାର୍ଥର ଅମଳ କରିବା ବ୍ୟବସ୍ଥା । ଉଭୟ ଦେଶ ମଧ୍ୟରେ ରାଜନୀତିକ ସହଯୋଗ ଓ ସମ୍ପର୍କ ଅତ୍ୟନ୍ତ ଗଭୀର ଓ ନିବିଡ଼ ହୋଇଥିଲେ ମଧ୍ୟ ଆର୍ଥିକ କ୍ଷେତ୍ରରେ ଏ ସମ୍ପର୍କ ସୀମିତ କାରଣ ଉଭୟ ରାଷ୍ଟ୍ର ବିକାଶଶୀଳ ରାଷ୍ଟ୍ର ଏବଂ ଉଭୟ ଦେଶର ଅର୍ଥନୀତି ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟା ବିନିଯୋଗ

Digitized by PPRACHIN, SOA

କରିବାର ଆବଶ୍ୟକତା ରଖେ । ସେମାନଙ୍କର ଆମଦାନୀ ଓ ରପ୍ତାନୀ ଦ୍ରବ୍ୟ ପ୍ରାୟତଃ ସମାନ କରିବାକୁ ଅସମର୍ଥ ହେବା ବେଳେ, ଭାରତୀୟ ବ୍ୟବସାୟୀମାନଙ୍କର ପ୍ରତିଯୋଗିତାମୂଳକ ବଜାରରେ ପ୍ରତିଯୋଗିତା କରିବାର ମନୋବୃତ୍ତି ମଧ୍ୟ ପ୍ରଦର୍ଶନ କରୁନାହାନ୍ତି । ଉଭୟ ଦେଶ ମଧ୍ୟରେ ପାରସ୍ପରିକ ସୂଚନାରେ ଦେଣନେଣ, ପରିଚାଳନା ଗତ ଅସୁବିଧାର ଦୂରୀକରଣ ଇତ୍ୟାଦି ଆଗାମୀ ଦିନରେ ହୋଇପାରିବ ବୋଲି ଆଶା । ଗତ ଡିସେମ୍ବର ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭିଏତ୍‌ନାମର ରାଷ୍ଟ୍ରପତି ଭାରତ ଗସ୍ତରେ ଆସିଥିବା ବେଳେ ଭାରତ ଭିଏତ୍‌ନାମ ଯୁଗ୍ମ ଘୋଷଣାନାମା ପ୍ରକାଶ ପାଇଛି । ବିଭିନ୍ନ କ୍ଷେତ୍ରରେ ଅଧିକ ସୁସମ୍ପର୍କ ବୃଦ୍ଧି ଦିଗରେ କାର୍ଯ୍ୟ କରିବା ପାଇଁ ଉଭୟ ଦେଶ ଏହି ମିଳିତ ଘୋଷଣାନାମାରେ ଆଶା ପ୍ରକାଶ କରିଛନ୍ତି । ସମଗ୍ର ବିଶ୍ୱରେ ଦେଖା ଦେଇଥିବା ସମସ୍ତ ସମସ୍ୟାର ସମାଧାନର ଏକମାତ୍ର ମାଧ୍ୟମ ହେଉଛି ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ, ଶକ୍ତି ପ୍ରୟୋଗ କରି ନୁହେଁ ବୋଲି ଦୁଇଦେଶ ବିଶ୍ୱାସ କରନ୍ତି । ଉଭୟ ଦେଶ ଜାତିସଂଘର ସଂସ୍କାର ଓ ଗଣତାନ୍ତ୍ରୀକରଣ ସମ୍ପର୍କରେ ଆଲୋଚନା କରିବେ ଏବଂ ଭିଏତ୍‌ନାମ ଭାରତର ଜାତିସଂଘର ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ପଦକୁ ସମର୍ଥନ କରେ । ଉଭୟ ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣରେ ବିଶ୍ୱାସ କରନ୍ତି ଏବଂ ଏସିଆନ୍ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ମଞ୍ଚରେ ଏକ ସୁସ୍ଥ ଓ ସମାନତା ଭିତ୍ତିକ ବିଶ୍ୱବ୍ୟବସ୍ଥା ପାଇଁ କାର୍ଯ୍ୟ କରିବେ ।

ରାଷ୍ଟ୍ରପତି ମିଷ୍ଟର ତ୍ରାନ୍ ଡୁ୍ୟସ୍ ଲଙ୍ଗଙ୍କର ଏହି ଭାରତଗସ୍ତ କାଳରେ ଭାରତ ଓ ଭିଏତ୍‌ନାମ ମଧ୍ୟରେ ଚାରି ଗୋଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଥିଲା । ସେଗୁଡ଼ିକ ହେଲା ଇଣ୍ଡିଆ ଆଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଟରନ୍ୟାସନାଲ ରିଲେସନ୍‌ସ ଅଫ୍ ଭିଏତ୍‌ନାମ ।

ଭାରତ ଓ ଭିଏତ୍‌ନାମ ମଧ୍ୟରେ ବାଣିଜ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଭାରତ ଭିଏତ୍‌ନାମ ଯୁଗ୍ମ କମିସନ ଗଠନ କରାଯାଇଛି ଏବଂ ଏମାନେ ବିଭିନ୍ନ ସ୍ଥାନରେ ବସି କିପରି ସମ୍ପର୍କ ବୃଦ୍ଧି ହେବ, ତାହା ଆଲୋଚନା କରୁଛନ୍ତି । ଉଭୟ ଦେଶ ମଧ୍ୟରେ ହୋଇଥିବା ଚୁକ୍ତି ଦୁଇ ଦେଶର ସମ୍ପର୍କକୁ ବିଭିନ୍ନ କ୍ଷେତ୍ରରେ ବଢ଼ାଇବ ବୋଲି ଆଶା ଓ ବିଶ୍ୱାସ । ଏହି ବିଶ୍ୱାସ ଉଭୟ ଦେଶର ସରକାର ପୋଷଣ କରୁଥିବା ବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ସମ୍ପର୍କ ବଢ଼ୁଛି ।

ସ୍ୱାଧୀନତା ଆନ୍ଦୋଳନ ବେଳେ ହୋ-ଚି-ମିନ୍ ଘୋଷଣା କରି କହିଥିଲେ, "ଆମ ପାର୍ଟିର କେବଳ ସ୍ୱାର୍ଥ ହେଉଛି ଆମ ମାତୃଭୂମି ଓ ଲୋକମାନଙ୍କ ସ୍ୱାର୍ଥ ରକ୍ଷା

Digitized by PPRACHIN, SOA

କରିବା ।” ଭିଏତ୍‌ନାମ ଶାନ୍ତି, ଗଣତନ୍ତ୍ର ଓ ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟ କରିବା ବେଳେ ସାମ୍ରାଜ୍ୟବାଦର ନବ୍ୟରୂପ ଆର୍ଥିକ ଉପନିବେଶବାଦ୍ ବିରୁଦ୍ଧରେ ମଧ୍ୟ ସ୍ୱର ଉତ୍ତୋଳନ କରୁଛି । ବିଶ୍ୱୀକରଣ ବ୍ୟବସ୍ଥାରେ ବିକାଶଶୀଳ ରାଷ୍ଟ୍ରମାନେ ଯଦି ଏକାଠି ମିଶି କାର୍ଯ୍ୟ କରନ୍ତି, ତେବେ ଆର୍ଥିକବଜାର ଦ୍ୱାରା ସେମାନେ ପୂରାପୂରି ପୁଞ୍ଜିବାଦର କବ୍‌ଜା ଭିତରେ ପଶିଯିବେ । ଭିଏତ୍‌ନାମ ଏଥିପ୍ରତି ସଚେତନ ଓ ସଜାଗ । ଏ ଦୃଷ୍ଟିରୁ ଆମର ପାରସ୍ପରିକ ବନ୍ଧୁତ୍ୱର ଗୁରୁତ୍ୱ ବେଶି । ଭାରତୀୟମାନେ ଭିଏତ୍‌ନାମ ଲୋକମାନଙ୍କର ସାହାସ, ଧୈର୍ଯ୍ୟ ଓ ଦେଶପ୍ରେମ ଭାବନା ଦ୍ୱାରା ଉଦ୍‌ବୁଦ୍ଧ । ସେମାନଙ୍କର ମୁକ୍ତି ସଂଗ୍ରାମର ପଟାନ୍ତର ନାହିଁ ।

□□□

Digitized by PPRACHIN, SOA

ଶାନ୍ତି, ମୈତ୍ରୀ ଓ ବନ୍ଧୁତ୍ୱ ସଂଗଠନ

୧୯୯୫ ସେପ୍ଟେମ୍ବର ୨୬ ଓ ୨୭ ତାରିଖ ଦୁଇଦିନ ଧରି ଆଫ୍ରୋ-ଏସିଆନ୍ ସଲିଡାରିଟି ଅର୍ଗାନାଇଜେସନ୍ ତରଫରୁ ଏସିଆ ଆଞ୍ଚଳିକ ଶାନ୍ତି ସମ୍ମିଳନୀ ଏବଂ ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ବନ୍ଧୁତ୍ୱ ବୈଠକ ଅନୁଷ୍ଠିତ ହେଲା । ଭିଏତ୍‌ନାମ ୟୁନିୟନ୍ ଅଫ୍ ପିସ୍, ସଲିଡାରିଟି ଓ ଫ୍ରେଣ୍ଡସିପ୍ ସଙ୍ଗଠନ ଆନୁକୂଲ୍ୟରେ ହାନୋଇ ଠାରେ ଥିବା ୧୦୫ଏ, କ୍ୱାନ୍ ଥାନ୍ ଅଫିସ୍ ଗୃହର ସମ୍ମିଳନୀ କକ୍ଷରେ ଏହାର ବୈଠକ ଚାଲିଲା । ଠିକ୍ ସକାଳ ୮-୩୦ ମିନିଟ୍‌ରେ ଏହା ଆରମ୍ଭ ହେଲା । ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଦେଶର ପ୍ରତିନିଧିମାନଙ୍କର ରେଜିଷ୍ଟ୍ରେସନ୍ ସମାପ୍ତ ହେବା ପରେ ଭିଏତ୍‌ନାମର ଉପରାଷ୍ଟ୍ରପତି ଏବଂ ଆପ୍‌ସୋର ଉପସଭାପତି ମ୍ୟାଡାମ୍ ନ୍ୟୁୟେନ୍ ଥି-ବିନ୍ ତାଙ୍କର ବକ୍ତବ୍ୟ ପ୍ରଦାନ କରି ଏହାକୁ ଉଦ୍‌ଘାଟନ କଲେ । ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ହୃଦୟର ଗଭୀରତମ ପ୍ରଦେଶରୁ ବନ୍ଧୁତ୍ୱର ଅନୁଭବ ପ୍ରକାଶ କଲେ । ସେ କହିଲେ ଯେ, ସଂପ୍ରତି ଏସିଆ ଉପମହାଦେଶରେ ବହୁ ପରିବର୍ତ୍ତନ ଘଟି ଯାଉଛି । ବିଭିନ୍ନ ରାଷ୍ଟ୍ରର ସାମାଜିକ ଓ ଆର୍ଥିକ ବିକାଶ ଘଟି, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଶାନ୍ତି, ସାର୍ବଭୌମତ୍ୱ, ସମନ୍ୱୟ ଓ ବିକାଶର ଧାରା ଅବ୍ୟାହତ ରହିଛି । ଯେବେଠାରୁ ଭିଏତ୍‌ନାମରେ ଦାଓମାଇ(ପୁନର୍ଗଠନ)ର ନୀତି ଆରମ୍ଭ ହୋଇଛି, ଏହି ଦଶବର୍ଷ ମଧ୍ୟରେ ଏହା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପ୍ରଗତି କରିଛି । ଭିଏତ୍‌ନାମର ଲକ୍ଷ୍ୟହେଉଛି ଆମ ଲୋକମାନଙ୍କୁ ସମୃଦ୍ଧ କରିବା, ଦେଶକୁ ଶକ୍ତିଶାଳୀ କରି ଗଢ଼ିବା ଏବଂ ଏକ ସନ୍ତୁଳିତ ସଭ୍ୟ ରାଷ୍ଟ୍ରରୂପେ ଏହାକୁ ଗଢ଼ିବା । 'ଆପ୍‌ସୋ'ର ଏହି ସମ୍ମିଳନୀ ନିଶ୍ଚିତଭାବେ ଏସିଆର ଆଞ୍ଚଳିକ ସ୍ଥିତିକୁ ମଜଭୁତ କରିବାରେ ସାହାଯ୍ୟ କରିବ ।

'ଆପ୍‌ସୋ'ର ସଭାପତି ଡକ୍ଟର ମୋରାଦ୍ ଗାଲିବ୍ ତାଙ୍କର ଭାଷଣରେ ପ୍ରଥମେ ମ୍ୟାଡାମ୍ ବିନ୍‌ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । କାରଣ ମ୍ୟାଡାମ୍ ବିନ୍‌ଙ୍କର ଭିଏତ୍‌ନାମ ବିପ୍ଳବରେ ସକ୍ରିୟ ଅଂଶ ଗ୍ରହଣ ତାଙ୍କୁ ମହାନ୍ କରିଛି ଏବଂ ତାଙ୍କର ଶାନ୍ତି ଓ

Digitized by PPRACHIN, SOA

ସହଯୋଗ ପାଇଁ ଅନବରତ ପ୍ରଚେଷ୍ଟା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ କରି ପାରିଛି । ସେ ଇତିହାସର ଏହି ସନ୍ଧିକ୍ଷଣରେ ଏହି ସମ୍ମିଳନୀ ଏକ ନୂତନ ଦିଗନ୍ତ ଉନ୍ମୋଚିତ କରିବ ବୋଲି ଉଲ୍ଲେଖ କରିବା ସହିତ ବିଶ୍ୱ ବ୍ୟବସ୍ଥାରେ ଦେଖାଦେଇଥିବା ଅସନ୍ତୁଳନ ସ୍ଥିତି ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିପାଇଁ ଦକ୍ଷିଣ ପୂର୍ବ ରାଷ୍ଟ୍ର ସମୂହର ଆର୍ଥିକ ସହଯୋଗର ଭୂମିକା ଉପରେ ସେ ଦେଇଥିଲେ ଗୁରୁତ୍ୱ । କିପରି ଭାବରେ ଆମେରିକା ମାନବିକ ଅଧିକାର, ଗଣତନ୍ତ୍ର ଓ ବୌଦ୍ଧିକ ଅଧିକାର ନାମରେ ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ପ୍ରଭାବ ବିସ୍ତାର କରୁଛି ଓ ଚାପ ପ୍ରୟୋଗ କରୁଛି ତାହା ଉଲ୍ଲେଖ କରି, ଦକ୍ଷିଣ ପୂର୍ବ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ ।

ସମ୍ମିଳନୀ ପ୍ରାରମ୍ଭରେ ମିଃ ନୁଗେନ୍ କ୍ୱାଙ୍ଗ ତାଓ ଯେ କି ଭିଏତ୍‌ନାମ ୟୁନିୟନ୍ ଅଫ୍ ଫ୍ରେଣ୍ଡସିପ୍ ଅରଗାନାଇଜେସନ୍‌ର ସଭାପତି ସମବେତ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ କରି, ତାଙ୍କର ଏହି ବନ୍ଧୁତ୍ୱ ସଂଗଠନ ବିଭିନ୍ନ ୪୫ଗୋଟି ଶାନ୍ତି, ସଂହତି ଓ ବନ୍ଧୁତ୍ୱ ସଂଗଠନର ସମନ୍ୱୟ ରୂପ ବୋଲି ପ୍ରକାଶ କରିଥିଲେ । ଏହି ସମ୍ମିଳନୀ ହାନୋଇଠାରେ ଅନୁଷ୍ଠିତ ହେଉଥିବାରୁ ସେ ନିଜର ଆନନ୍ଦ ପ୍ରକାଶ କରି ଏହା ତା'ଙ୍କ ସଂଗଠନ ପାଇଁ, ଏ ପ୍ରକାର ସୁଯୋଗ ଏକ ଗୌରବ ବୋଲି ବର୍ଣ୍ଣନା କରିଥିଲେ ।

ସ୍ୱାଗତ ସମ୍ଭାଷଣ, ଉଦ୍‌ଘାଟନ ଭାଷଣ ଓ ସଭାପତିଙ୍କ ମନ୍ତବ୍ୟ ପରେ ସମ୍ମିଳନୀରେ ପ୍ରତିନିଧିମାନଙ୍କ ଦ୍ୱାରା ଆଲୋଚନା ଅରମ୍ଭ ହେଲା । ଆମେ ଭାରତରୁ ତିନିଜଣ ପ୍ରତିନିଧି ବିଭିନ୍ନ ସଂଗଠନରୁ ଯୋଗ ଦେଇଥିଲୁ । ମୋ' ବ୍ୟତୀତ ମିଃ ଖାଜା ମହମ୍ମଦ ଖାନ୍, ସାଂସଦ, ଇଣ୍ଡୋ-ଆଇନ୍ ଇସଲାମିକ୍ ଆସୋସିଏସନ୍‌ର ଚେୟାରମ୍ୟାନ୍ ଓ ମିଃ ହରିନ୍ଦ୍ର ବେରୀ, ଯୁଗ୍ମ ନିର୍ଦ୍ଦେଶକ, ଇଣ୍ଟର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନନ୍‌ଆଲାଇନ୍ ଷ୍ଟଡିଜ୍ ଅଫ୍ ଇଣ୍ଡିଆର ଏହି ସମ୍ମିଳନୀରେ ଯୋଗଦେଇଥିଲେ ।

ଏଥିରେ ଅନ୍ୟ ଯେଉଁ ଦେଶର ପ୍ରତିନିଧିମାନେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ଲାଓ ପିଡିଆର, ଜିଡ଼ିଆର କୋରିଆ, ବ୍ରିଟିଶ ଆପ୍‌ସୋ, ନେପାଳର ଆପ୍‌ସୋ କମିଟି, ରିପବ୍ଲିକ୍ ଅଫ୍ କୋରିଆ, ଘାନା, ବ୍ରୁନେଇ, ଇଣ୍ଡୋନେସିଆ, ମାଲେସିଆ, ଥାଇଲାଣ୍ଡ, ଇଣ୍ଟରନ୍ୟାସନାଲ ଷ୍ଟଡିଜ୍ ଅଫ୍ ପିସ୍ ଓ ସର୍ବୋପରି ଆତିଥେୟତା ପ୍ରଦାନ କରୁଥିବା ରାଷ୍ଟ୍ର ଭିଏତ୍‌ନାମ ।

ମୁଁ ଲେଖିଥିବା ମୋର ବକ୍ତୃତାକୁ ପ୍ରଥମେ ପଢିବାକୁ ଆରମ୍ଭ କଲି । ଭାରତ ସହିତ ଭିଏତ୍‌ନାମର ମୈତ୍ରୀ ସମ୍ପର୍କକୁ ମୁଁ ମୋର ଭାଷଣରେ ଗୁରୁତ୍ୱ ଦେଇଥିଲି ।

Digitized by PPRACHIN, SOA

ଭିଏତ୍‌ନାମର ଗଣମାଧ୍ୟମମାନେ ମୋର ବକ୍ତୃତାକୁ ପ୍ରଚାର କରିବା ପାଇଁ ବ୍ୟଗ୍ର ହୋଇ ଉଠିଲେ । ମୁଁ ମୋର ବକ୍ତୃତାରେ ଭାରତ ସହିତ ଭିଏତ୍‌ନାମର ବନ୍ଧୁତ୍ୱପୂର୍ଣ୍ଣ ସମ୍ବନ୍ଧ ସମ୍ପର୍କରେ ଉଲ୍ଲେଖ କରିବା ସହିତ ଆଗାମୀ ଦିନମାନଙ୍କରେ ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମଧ୍ୟରେ କିପରି ଅଧିକ ଆର୍ଥିକ ସହଯୋଗ ବୃଦ୍ଧି ପାଇବ, ତାହାର ଉଲ୍ଲେଖ କଲି । ମୋର ବକ୍ତୃତା ଥିଲା ପ୍ରାୟ ୧୫ମିନିଟ୍ ଏବଂ ଏହି ସମୟ ମୁଁ ସେଠାରେ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କର ଅପରିଚିତରୁ ପରିଚିତ ହୋଇଗଲି । ଭିଏତ୍‌ନାମ ରେଡିଓ ମୋର ବକ୍ତବ୍ୟକୁ ଟେପ୍ କରିବା ପରେ ମୋତେ ଇଣ୍ଟରଭ୍ୟୁ କଲେ । ଆମେ ହୋଟେଲରେ ରାତ୍ର ଭୋଜନରେ ବସିଥିବାବେଳେ ଟି.ଭି. ଚାନେଲରେ ନିଉଜ୍ ପ୍ରଚାର ହେଉଥାଏ । ସେତିକିବେଳେ ହଠାତ୍ ମୋରଦେଉଥିବା ବକ୍ତବ୍ୟ ସହିତ ମୋର ବକ୍ତୃତାକୁ ଗଣ ମାଧ୍ୟମରେ ପ୍ରଚାର କରାଯାଉଥିବାର ଦୃଶ୍ୟ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ଓ ଭାବବିହ୍ୱଳ ହୋଇ ଯାଇଥିଲି । ମନେ ମନେ ଭାବୁଥିଲି କାହିଁ ଓଡ଼ିଶା ଓ କାହିଁ ଭିଏତ୍‌ନାମ ? ମୁଁ ହାନୋଇ ସହରରେ ଭାଷଣ ଦେଉଛି ଏବଂ ଭିଏତ୍‌ନାମର ଘରେ ଘରେ ମୋର ଏହି ବନ୍ଧୁତ୍ୱପୂର୍ଣ୍ଣ ବାର୍ତ୍ତା ବର୍ତ୍ତମାନ ପ୍ରଚାର ଓ ପ୍ରସାର ହେଉଛି । ହୋଟେଲର ପରିଚାରକ ଓ ପରିଚାରିକାମାନେ ଟି.ଭି. ପରଦାରେ ମୋତେ ଦେଖୁଥା'ନ୍ତି ଓ ମୋ ମୁହଁକୁ ଆବାକାବା ହୋଇ ଚାହୁଁଥା'ନ୍ତି ।

ଭିଏତ୍‌ନାମ ୟୁନିୟନ୍ ଅଫ୍ ପିସ୍, ସଲିଡାରିଟି ଓ ଫ୍ରେଣ୍ଡସିପ୍ ଅରଗାନାଇଜେସନ୍ ହେଉଛି ରାଷ୍ଟ୍ରସ୍ତରୀୟ ଏକ ସାମାଜିକ ରାଜନୀତିକ ସଂଗଠନ ଯାହାର ମୁଖ୍ୟ କାର୍ଯ୍ୟ ହେଲା ଭିଏତ୍‌ନାମ୍ ଓ ଅନ୍ୟ ରାଷ୍ଟ୍ରର ଜନଗଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ ସ୍ଥାପନ କରିବା । ଏହାର ନିଜସ୍ୱ ଅଫିସ୍, କର୍ମଚାରୀ ଓ ବ୍ୟାଙ୍କ୍ ବାଲାନ୍‌ସ ରହିଛି । ୨୬ ଓ ୨୭ ତାରିଖ ଦୁଇଦିନ ସମ୍ମିଳନୀର କାର୍ଯ୍ୟ ଠିକ୍ ସକାଳ ଘ୮.୩୦ମିନିଟ୍‌ରୁ ଆରମ୍ଭ ହୋଇ ସନ୍ଧ୍ୟା ଘ୫.୩୦ମିନିଟ୍ ପର୍ଯ୍ୟନ୍ତ ଚାଲୁଥିଲା ଏବଂ ପ୍ରତ୍ୟେକଦିନ ସମ୍ମିଳନୀ ଶେଷରେ ଏକ ସିଦ୍ଧାନ୍ତ ପ୍ରକାଶ ପାଉଥିଲା । ଅବଶ୍ୟ ୨୭ ତାରିଖ ଦିନ ସକାଳ ୮ଟା ବେଳେ ଆମେ ପ୍ରଥମେ ହୋ-ଚି-ମିନ୍‌ଙ୍କ ପାର୍ଥିବ ଶରୀର ସଂରକ୍ଷିତ ମୁସୋଲିୟମ୍ ଦେଖିବାକୁ ଗଲୁ ।

ଭିଏତ୍‌ନାମର ବୈଦେଶିକ ନୀତି ସମ୍ପର୍କରେ ଉଲ୍ଲେଖକରି ମିଃ ଫାମ୍‌ଭାନ ଚୌଙ୍ଗ କହିଲେ ଯେ, ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି, "ବିଶ୍ୱ ରାଷ୍ଟ୍ର ସମୂହ ସହିତ ଭିଏତ୍‌ନାମ ବନ୍ଧୁ ହେବାକୁ ଚାହେଁ ଏବଂ ଶାନ୍ତି, ସ୍ୱାଧୀନତା ଓ ବିକାଶ ପାଇଁ କାର୍ଯ୍ୟ କରିବା । ପଚାଶ ବର୍ଷର ସ୍ୱାଧୀନତା ମଧ୍ୟରେ ଭିଏତ୍‌ନାମ ନିଜର ଜାତୀୟ ଏକତାକୁ

Digitized by PPRACHIN, SOA

ଦୃଢ଼ କରିଛି, ରାଜନୀତିକ ସ୍ଥିରତା ପ୍ରତିଷ୍ଠା କରିଛି, ଆର୍ଥିକ ବିକାଶ ଘଟିଛି ଏବଂ ବୈଦେଶିକ ସମ୍ପର୍କରେ ଅଭିବୃଦ୍ଧି ଘଟି ପ୍ରାୟ ୧୬୦ଟି ରାଷ୍ଟ୍ର ସହିତ କୂଟନୀତିକ ସଂପର୍କ ସ୍ଥାପନ କରିଛି ।

ଭିଏତ୍‌ନାମର ସାମାଜିକ-ଆର୍ଥିକ ବିକାଶ ସମ୍ପର୍କରେ ସମ୍ୟକ୍ ଧାରଣା ଦେବାକୁ ଯାଇ ଷ୍ଟେଟ ପ୍ଲାନିଂ କମିଟିର ଉପାଧ୍ୟକ୍ଷ ମିଃ ଟ୍ରାନ୍ କୁଆନ ଗିଆ କହିଲେ ଯେ ଆର୍ଥିକ ବିକାଶ ପାଇଁ ଭିଏତ୍‌ନାମ ତିନିଗୋଟି କ୍ଷେତ୍ର ଉପରେ ଗୁରୁତ୍ୱ ଆରୋପ କରିଛି । ପ୍ରଥମତଃ ଏକ ବହୁମୁଖୀ ଅର୍ଥନୀତିକ ବ୍ୟବସ୍ଥା, ଦ୍ୱିତୀୟରେ ରାଷ୍ଟ୍ରଦ୍ୱାରା ପରିଚାଳିତ ଏକ ନିୟନ୍ତ୍ରିତ ବଜାର ଓ ସୁସ୍ଥ ଆର୍ଥିକ ପରିବେଶ ଏବଂ ତୃତୀୟରେ ଏପରି ଏକ ଅର୍ଥବ୍ୟବସ୍ଥା ସୃଷ୍ଟି ଯାହା ଫଳରେ ବିଦେଶୀ ଓ ଘରୋଇ ଆର୍ଥିକ ସଂସ୍ଥା ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇ ରପ୍ତାନୀ ବୃଦ୍ଧି ଘଟିବ ।

ଆଫ୍ରୋ-ଏସିଆନ୍ ପିଉପିଲସ୍ ସଂଗଠନ ତରଫରୁ ଆୟୋଜିତ ଏହି ସମ୍ମିଳନୀ ଭିଏତ୍‌ନାମ ସମ୍ପର୍କରେ ଜାଣିବାର ଓ ଦକ୍ଷିଣ ଏସିଆ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବାର ମାର୍ଗ ଉନ୍ମୋଚିତ କଲା । ଏଠାରେ ବହୁ ବନ୍ଧୁ ସୃଷ୍ଟି ହେଲେ । ଅନେକ ଭାବ ବିନିମୟ ହେଲା । ଭାରତ ପ୍ରତି ସମସ୍ତ ରାଷ୍ଟ୍ରମାନଙ୍କର ରହିଥିବା ଗୁରୁତ୍ୱ ବୁଝା ପଡ଼ିଲା ।

୨୭ ତାରିଖ ସନ୍ଧ୍ୟାରେ ଉପରାଷ୍ଟ୍ରପତି ମ୍ୟାଡାମ୍ ବିନ୍‌ଙ୍କ ତରଫରୁ ପ୍ରତିନିଧିମାନଙ୍କୁ ଏକ ନୈଶ୍ୟ ଭୋଜିରେ ଆପ୍ୟାୟିତ କରାଗଲା । ମ୍ୟାଡାମ୍ ବିନ୍ ସନ୍ଧ୍ୟାରେ ଆସିବା ବେଳେ ଆଦୌ ସିକ୍ୟୁରିଟି ନଥିଲା । ଭାରତର ଭିଆଇପିମାନଙ୍କ ପାଇଁ କେତେ ଯେ ସିକ୍ୟୁରିଟି ବ୍ୟବସ୍ଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେ ଆମ୍ଭମାନଙ୍କ ସହିତ ବ୍ୟକ୍ତିଗତ ଆଳାପ ଆଲୋଚନା କଲେ । ଭ୍ରାତୃତ୍ୱ ଓ ସହଯୋଗ କାମନା କରି ଟୋଷ୍ଟ ହେଲା । ମୁଁ ତ ଆଦୌ ଡ୍ରିଙ୍କସ୍‌ର ଧାର ଧାରେନି । ଗୋଟିଏ ପାଣି ପରି ଜଣା ପଡୁଥିବା ପେଗ୍ ଉଠାଇନେଇ ପାଟିରେ ଦେବା ମାତ୍ରେ ଓଠ ପୋଡ଼ି ଗଲା ପରି ଲାଗିଲା । ପାଟି ଭିତରେ ଜିନ୍ । ଢୋକି ହେଉନି କି ବାହାର କରି ହେଉନି । ଡାଇନିଂ ହଲ୍ କଡ଼ରେ ଥିବା ବାଥ୍‌ରୁମକୁ ଯିବାକୁ ହେଲା ତରବର ହୋଇ । ବିରାଟ ଡାଇନିଂ ଟେବୁଲରେ ରୋଷ୍ଟ ହୋଇ ରଖାଯାଇଥିଲା ଛୋଟ କୁକୁରଟିଏ । ଅବଶ୍ୟ ମ୍ୟାଡାମ୍ ବିନ୍‌ଙ୍କ ନିର୍ଦ୍ଦେଶରେ ତା'କୁ ସେଠାରୁ ଅପସାରିତ କରାଗଲା । ପ୍ରତିନିଧି ବନ୍ଧୁମାନେ ଆକଣ୍ଠ ପାନ କରୁଥିଲେ ମଧ୍ୟ ସମସ୍ତେ ସଂଯତ ଅବସ୍ଥାରେ ଥିଲେ ଏବଂ ନିଜ ନିଜ ଭିତରେ ହସଖୁସି ଲାଗି ରହିଥିଲା ।

ଭାରତ ଓ ଭିଏତ୍‌ନାମ ମଧ୍ୟରେ ବନ୍ଧୁତା ବହୁ ପୁରୁଣା । ଏହି ବନ୍ଧୁତାର କ୍ରମବିକାଶରେ ଧାରା ହୋ-ଚି-ମିନ୍, ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ମାର୍ଗ

Digitized by PPRACHIN, SOA

ଦେଇ ଏ ଯାବତ୍ ଅବ୍ୟାହତ ରହିଆସିଛି । ଉଭୟ ରାଷ୍ଟ୍ର ପରସ୍ପରକୁ ସ୍ୱାଧୀନତା ପାଇଁ ମୁକ୍ତି ସଂଗ୍ରାମରେ ସାହାଯ୍ୟ କରି ଆସିଛନ୍ତି । ଯେତେବେଳ ଭିଏତ୍‌ନାମ ଉପରେ ଆକ୍ରମଣ ହୋଇଛି, ପ୍ରତିବନ୍ଧ ଲଗାଯାଇଛି, ଭାରତ ଅତ୍ୟନ୍ତ ଦୃଢଭାବରେ ଭିଏତ୍‌ନାମକୁ କରିଛି ସମର୍ଥନ । ଭାରତ ଓ ଭିଏତ୍‌ନାମ ମଧ୍ୟରେ ବାଣିଜ୍ୟଚୁକ୍ତି, ସାଂସ୍କୃତିକ ଆଦାନ ପ୍ରଦାନର ଚୁକ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂକ୍ରାନ୍ତୀୟ ଚୁକ୍ତି ଇତ୍ୟାଦି ସ୍ୱାକ୍ଷରିତ ହୋଇଛି । ମୋର ମନେ ପଡୁଥିଲା ଋଷ୍‌କବି ଆର. ଗାମାଜାଟୋଭଙ୍କ ବକ୍ତବ୍ୟ । ସେ କହିଥିଲେ, "A great number of friends in the world, in Rusia, including myself, have always felt genuine appreciation and genuine admiration for Vietnam. Now here also is there such a wonderful combination of courage, and kindness as in Vietnam. If there is a constitution of the world, the first line must mention the heroic example of Vietnam."

ଏହାର ଅର୍ଥ ହେଉଛି, "ମୋ' ସମେତ ଋଷିଆ ଓ ସମଗ୍ର ପୃଥିବୀର ଆମେ ଅନେକ ବନ୍ଧୁ ସବୁବେଳେ ଭିଏତ୍‌ନାମ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନ ଅନୁଭବ କରିଛୁ । ଭିଏତ୍‌ନାମରେ ଯେପରି ବୀରତ୍ୱ ଓ ଦୟାର ଅଦ୍ଭୁତ ମିଳନ ଘଟିଛି, ସେପରି ଅନ୍ୟ କେଉଁଠି ହୋଇନି । ଯଦି ସମଗ୍ର ବିଶ୍ୱର ଏକ ସମ୍ବିଧାନ ହେବ, ତେବେ ତା'ର ପ୍ରଥମ ଧାଡ଼ିରେ ଉଲ୍ଲେଖ ହେବ ଭିଏତ୍‌ନାମର ପରାକ୍ରମ ଉଦାହରଣ ।" ମୋର ସେଇଠି ଗୋଟିଏ କବିତା ପଢିବାକୁ ଇଛା ହେଲା । ହୋଟେଲକୁ ଫେରିଆସି ମୁଁ ଭୁକାଓଙ୍କର "ଦି ବ୍ଲ୍ୟୁଇନ୍ ହିଲସ୍" କବିତା ପଢି ତା'କୁ ଅନୁବାଦ କରିବାକୁ ଲାଗିଲି । ସେ କବିତାଟି ଥିଲା ଏହିପରି ।

□□□

Digitized by PPRACHIN, SOA

ଜାଉଁଳି ପାହାଡ଼

"ଆଖି ଉଠାଇ ନିରେଖିଲା ସେ, ତଳିଆ ଭୂଇଁକୁ
ପାଇନ୍ ଗଛ, ନଈକୂଳ, ପରିଚିତ ପଥ
ଧୂଆଁରେ କୁହୁଡି ତ ଅସ୍ତଗାମୀ ସୂର୍ଯ୍ୟ
ସେଠାରେ ପାହାଡ଼ ସବୁ ଓ ଏକୁଟିଆ ମୁଁ ।

ଘୁ ଲି ହାଟରେ ଲୋକେ କୁହନ୍ତି,
"କେଡ଼େ ଯୁବାବସ୍ଥାରେ ମରିଗଲା ସେ !
ଦେଶ ପାଇଁ ଲଢୁଲଢୁ ବର୍ଷ ବର୍ଷ ଧରି
କରିଥିଲା ପ୍ରତ୍ୟାଖ୍ୟାନ ସବୁ ବରପାତ୍ରେ ।"
ଏହି ରାସ୍ତା ଦେଇ ଶତ୍ରୁ କରିଥିଲା ଅତିକ୍ରମ,
ଘାସର ଗହଳେ ହଜିଗଲା ରାସ୍ତା
ଭଙ୍ଗା ଘର ସବୁ, ପଛଆଡ଼ ଭର୍ତ୍ତି ନର୍ଦ୍ଦମାରେ
ବାଦୁଡ଼ିଙ୍କ ମେଳା, ବୁଦା ଉହାଡ଼ରେ ।
ଚିରଦିନ ବଞ୍ଚିବ ତୁମେ ଅନ୍ୟ ଯେତେ ଦେଶଭକ୍ତଙ୍କ ସହିତ
ଧାନ କ୍ଷେତର ଶୁଭ୍ର ପଥର କବର ତଳେ,
ହୃଦୟର ସୂକ୍ଷ୍ମ କୋଣୁ ଡାକେ ତୁମକୁ ମୁଁ "କମ୍ରେଡ ।"
ଅନେକ ହୃଦୟ ମଧ୍ୟେ ସ୍ନେହସିକ୍ତ ହୃଦୟ ତୁମର !
ମୋ' ସୈନିକ ହେଲମେଟ୍ ଉପରେ ତାରା ଚକ୍‌ମକ୍ କରେ
ରାସ୍ତାରେ ମୋତେ ବାଟ କଢାଇ ନେବାକୁ
ତୁମେ ସେହି ଫୁଲ ଯା'ର ସୁବାସ ସଞ୍ଚରି ଯାଏ
ଋତୁ ପରେ ଋତୁ, ପାହାଡ ଉପରେ ।"

କେତେବେଳେ ନିଦ ମୋତେ ଲାଗି ଯାଇଥିଲା ଜାଣେନି । କାଗଜ କଲମ ଟେବୁଲ ଉପରେ ଥୁଆ ହୋଇଥିଲା । ଆଲୁଅ ଜଳୁଥିଲା । ନିଦ ଭାଙ୍ଗିଥିଲା ସକାଳ ଆଠଟାରେ ।

☐☐☐

Digitized by PPRACHIN, SOA

ଅଙ୍କଲ 'ହୋ'ଙ୍କ ପ୍ରତି ଶ୍ରଦ୍ଧା ନିବେଦନ

ହୋଟେଲ ରୁମ୍‌ରେ ବସି ହୋ-ଚି-ମିନ୍‌ଙ୍କର ଜେଲଡ଼ାଏରୀ କବିତା ପଢୁଥାଏ । ଗତ ସନ୍ଧ୍ୟାରେ ଦି ଗେଉ ପ୍ରକାଶନ ଦ୍ୱାରା ତ୍ରିଭାଷୀରେ ପ୍ରକାଶିତ ବହିଟିକୁ ହାନୋଇ ଠାରେ ଥିବା ଏକ ବଡ଼ ପୁସ୍ତକ ଦୋକାନରୁ କିଣିଥାଏ । କବିତା ଗୁଡ଼ିକ ତାଙ୍କ ଜେଲଜୀବନରେ ଲେଖା ଯାଇଥିଲା । ୧୯୪୨ ଅଗଷ୍ଟ ୨୯ ତାରିଖରେ ତାଙ୍କୁ ଚୀନ୍ ସରକାର ସୀମା ପାରକରୁଥିବା ସମୟରେ ଗିରଫ କରିଥିଲେ । ୧୯୪୩ ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଥିଲା ତାଙ୍କର ଏହି ଜେଲଜୀବନ । ସେ ଏହି କବିତା ଗୁଡ଼ିକୁ ଚୀନ୍ ଭାଷାରେ ଲେଖିଥିଲେ ଏବଂ ୧୯୬୦ରେ ଭିଏତ୍‌ନାମ ଭାଷାରେ ଅନୁବାଦ ହୋଇ ପ୍ରକାଶ ପାଇଲା । ବହୁ ଭାଷାରେ ଅନୁବାଦ ହୋଇ ପ୍ରକାଶ ପାଇଥିବା ଏହି କବିତା । ବହିର ପ୍ରତ୍ୟେକ ଧାଡିରେ ହୋ-ଚି-ମିନ୍‌ଙ୍କର ଅନ୍ତଃର୍ନିହିତ ଚେତନାର ମାର୍ମିକ ପରିପ୍ରକାଶ ଦେଖିବାକୁ ମିଳେ ।

ସେଦିନ ସକାଳେ ଆମର ଥାଏ ହୋ-ଚି-ମିନ୍‌ଙ୍କର ମୁସୋଲିୟମ୍ ଦେଖିଯିବାର ପ୍ରୋଗ୍ରାମ । ତା' ପୂର୍ବରୁ ଅନ୍ତତଃ ପକ୍ଷେ ତାଙ୍କ ସମ୍ପର୍କରେ କିଛି ପଢିଲେ, ମନରେ ତା'ଙ୍କ ଛବିର ଏକ ଚିତ୍ରପଟ ଆଙ୍କି ହୋଇଯିବ ଏବଂ ମନ ସେହି ଭାବରେ ଭାବିତ ହୋଇ ରହିବବୋଲି ଚିନ୍ତାକରି ତାଙ୍କ କବିତା ଓ ଜୀବନୀ ପୃଷ୍ଠା ଓଲଟାଇବାରେ ଲାଗିଥାଏ ।

ହୋ-ଚି-ମିନ୍‌ଙ୍କୁ ଛାଡ଼ି ଭିଏତ୍‌ନାମକୁ କଳ୍ପନା କରାଯାଇ ପାରେନା । ଦୀର୍ଘ ୫୦ ବର୍ଷର ସଂଗ୍ରାମ ଓ ସଂଘର୍ଷ ଭିତରେ । ଦିନେ ସେ ଦେଶ ଯେ ବିଶ୍ୱ ଆଗରେ ଉଜ୍ଜ୍ୱଳ ଗୌରବରେ ଗୌରବାନ୍ୱିତ ହେବ, ଏହାକୁ କିଏ ଅବା କଳ୍ପନା କରିଥିଲା ! କାରଣ ସମଗ୍ର ରାଷ୍ଟ୍ରକୁ ଘେରି ରହିଥିଲା ଘନ ଅନ୍ଧକାର । ମୁକ୍ତି ସଂଗ୍ରାମର ଅଗ୍ନି ହୁତୁହୁତୁ ହୋଇ ଜଳୁଥିଲା । ହୋ-ଚି-ମିନ୍‌ଙ୍କ କଣ୍ଠରୁ ସେଦିନ ଝରି ପଡ଼ିଥିଲା, "ଭିଏତନାମ ରାଷ୍ଟ୍ର ମୁକ୍ତି ଓ ସ୍ୱାଧୀନତା ପାଇବାକୁ ହକ୍‌ଦାର ।" ଦୀର୍ଘ ୩୦ ବର୍ଷ ଧରି ଚାଲିଥିଲା ଏହି ସଂଗ୍ରାମ । ରକ୍ତ ରଂଜିତ ହୋଇ ଯାଇଥିଲା ଲାଲ ଉପତ୍ୟକା । ସ୍ୱାଧୀନତା ସମ୍ପୂର୍ଣ୍ଣ ହେଲା । ରାଷ୍ଟ୍ର ଏକାଠି ହେଲା ୧୯୭୫ ଏପ୍ରିଲ ମାସରେ । ନଦୀଗର୍ଭରେ ଉତ୍‌ଥିତ

Digitized by PPRACHIN, SOA

ତରଙ୍ଗମାଳା ଉପରେ କ୍ଷୁଦ୍ରକ୍ଷୁଦ୍ର ହସ୍ତର ଶକ୍ତ ଆହୁଲାର ପ୍ରହାର ବିଶାଳକାୟ ତରଙ୍ଗକୁ ବୁଦ୍‌ବୁଦ୍‌ରେ ପରିଣତ କରିଦେଇଥିଲା । ତା'ରି ନେତୃତ୍ୱ ନେଇଥିଲେ ହୋ-ଚି-ମିନ୍ । ସେ ଥିଲେ ସେହି ନୌକାର ନାବିକ ।

ଭିଏତ୍‌ନାମ ଲୋକମାନଙ୍କ ପରିବାର ସଦସ୍ୟ ଥିଲେ ସେ । ସେ ତ ସେମାନଙ୍କ ପାଇଁ ବଞ୍ଚିଥିଲେ, ସେମାନଙ୍କର ସ୍ୱାଧୀନତା ପାଇଁ ସଂଗ୍ରାମରେ ଲିପ୍ତ ହୋଇଥିଲେ । ତାଙ୍କର ଜନ୍ମ ୧୮୯୦ ମସିହା ମେ ୧୯ ତାରିଖରେ କେନ୍ଦ୍ରୀୟ ଭିଏତ୍‌ନାମର ନି ତିନ୍ ପ୍ରଦେଶର ନାମ ଦାନ ଜିଲ୍ଲାର କିମ୍ ଲିନ୍ ଗ୍ରାମରେ । ତାଙ୍କର ପ୍ରକୃତ ନାମ ଥିଲା ନୁଗୁଇନ୍ ସିନ୍‌କଙ୍ଗ୍ ଯାହା ଯୁବାବସ୍ଥାରେ ପରିବର୍ତ୍ତିତ ହୋଇ ହେଲା ନଗୁଇନ୍ ତାତ୍ ଥାନ୍ ଏବଂ କିଛି ବର୍ଷ ପରେ ନୁଗୁଇନ୍ ଆଇକ୍ୱାକ୍ ବା ନୁଗୁଇନ୍ । ନୁଗୁଇନ୍‌ର ଅର୍ଥ ଦେଶପ୍ରେମୀ । ଫରାସୀ ବିପ୍ଳବର ସେହି ମହାନ୍ ମନ୍ତ୍ର ସ୍ୱାଧୀନତା, ସମାନତା ଓ ମୈତ୍ରୀ ତାଙ୍କ ଛାତ୍ର ଜୀବନକୁ କରିଥିଲା ପ୍ରଭାବିତ ଓ ଆନ୍ଦୋଳିତ । କିଛିଦିନ ଶିକ୍ଷକତା କରିବା ସମୟରେ ଗଷୋ ଓ ମଣ୍ଟେସ୍କୁଙ୍କର ରାଜନୀତିକ ବିଚାରଧାରା ପ୍ରତି ସେ ହେଲେ ଅବଗତ । ଅଧିକ ବିପ୍ଳବ ସମ୍ପର୍କରେ ଜାଣିବେ, ବିପ୍ଳବକୁ କେମିତି ପରିଚାଳନା କରାଯାଏ, ତାହା ବୁଝିବେ ଏହି ଜ୍ୱାଳାର ତୀବ୍ର ଜ୍ୱଳନରେ ଆକ୍ରାନ୍ତ ହୋଇ ସେ ସ୍ଥିରକଲେ ପାଶ୍ଚାତ୍ୟ ଜଗତକୁ ଯିବେ ।

୧୯୧୧ ଜୁନ୍ ୫ ତାରିଖ ଦିନ ଏକ ଫରାସୀ ବାଣିଜ୍ୟିକ ଜାହାଜରେ ଜଣେ ରୋଷେୟାଭାବେ ଯୋଗ ଦେଇ ସେ ନିଜ ଦେଶକୁ ପରିତ୍ୟାଗ କଲେ । ପ୍ରଥମ କେତେବର୍ଷ ସେ ଫ୍ରାନ୍‌ସ, ଇଂଲଣ୍ଡ, ସ୍ପେନ୍, ପର୍ତ୍ତୁଗାଲ, ଅଲଜେରିଆ, ଟ୍ୟୁନିସିଆ, କଙ୍ଗୋ, ଡାହୋମି ଇତ୍ୟାଦି ଭ୍ରମଣ କରି ସବୁଠି ଅନ୍ୟାୟ ଓ ଅମାନୁଷିକତାର ସ୍ପଷ୍ଟ ଚିତ୍ର ଦେଖିବାକୁ ପାଇଲେ । ସବୁଠି ସେଇ ଗୋଟିଏ କଥା । ଶ୍ରମିକ, ଖଟିଖିଆ ମଣିଷ ଉପରେ ଅମାନବିକ ଅତ୍ୟାଚାର ଓ ବର୍ବର ଆକ୍ରମଣ । ସେଇ ଅନୁଭବରୁ ତାଙ୍କର ଏହି ମହାଶିକ୍ଷା ହେଲା ଯେ ଲୋକମାନେ ବହୁବର୍ଣ୍ଣର ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଦୁଇଟି ଜାତିର । ଗୋଟିଏ ନିଷ୍ପେସିତ ଓ ନିର୍ଯ୍ୟାତିତ ହେବା ବେଳେ ଅନ୍ୟଟି ତାଙ୍କୁ ନିଷ୍ପେସିତ ଓ ନିର୍ଯ୍ୟାତିତକରି ରଖିଥିବା ଜାତି ।

୧୯୧୪ ମସିହାରେ ଆୟର୍ଲ୍ୟାଣ୍ଡରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ସେ ଲଣ୍ଡନରେ ଏହା ଅବଗତ ହେଲେ ଏବଂ ମେୟର କୁକ୍‌ଙ୍କର ମୃତ୍ୟୁରେ ସେ ଏପରି ମହାନ୍ ନିର୍ଭୀକ ସାହାସୀ ସଂଗ୍ରାମୀ ପୁରୁଷ କେବେହେଲେ ନିଜକୁ ସମର୍ପଣ କରିନଥିବାର ଭାବନା ଦ୍ୱାରା ଉଦ୍‌ବୁଦ୍ଧ ହୋଇଗଲେ । ୧୯୧୭ ମସିହାରେ ଫେରିଥିଲେ ଫ୍ରାନ୍‌ସକୁ ଏବଂ ସେଠାରେ ୧୭୮୯ ମସିହାରେ ଘଟିଥିବା ଫରାସୀ

Digitized by PPRACHIN, SOA

ବିପ୍ଳବର ଚିତ୍ର ଓ ଚରିତ୍ର ସମ୍ପର୍କରେ ଆରମ୍ଭ କରିଥିଲେ ତାଙ୍କର ଅନୁଧ୍ୟାନ ଓ ଅନୁଶୀଳନ । ସେ ସେଠାରେ ଫ୍ରାନ୍ସ ସୋସିଆଲିଷ୍ଟ ପାର୍ଟିର ସଭ୍ୟଭାବେ ଯୋଗଦେଲେ । ଦିନକର ଅର୍ଦ୍ଧେକ ସମୟକୁ ସେ ନିଜର ଖାଦ୍ୟ ପାଇଁ କାର୍ଯ୍ୟ କରିବା ବେଳେ, ଅନ୍ୟ ଅର୍ଦ୍ଧେକ ସମୟକୁ ସାମାଜିକ ଓ ରାଜନୀତିକ କାର୍ଯ୍ୟ ସହିତ ଅଧ୍ୟୟନରେ କଟାଇଥିଲେ । ସେଠାରେ କ୍ରମଶଃ ତାଙ୍କର ବନ୍ଧୁତ୍ୱ ସାମ୍ବାଦିକ, ଲେଖକ ଓ ରାଜନୀତିକ ନେତାମାନଙ୍କ ସହିତ ଗଢି ଉଠିଲା ଏବଂ ସେ ଚାର୍ଲସ ଡିକେନ୍ସ, ଆନାତୋସି ଫ୍ରାନ୍ସ, ଲିଓ ଟଲଷ୍ଟୟ, ଲୁ ସୁନ୍ ଏବଂ ଅନ୍ୟାନ୍ୟ ମହାନ୍ ଲେଖକମାନଙ୍କର ଲେଖା ମଧ୍ୟ ପଢିଲେ । ତାଙ୍କର ଅଧ୍ୟୟନ ଫଳରେ ସେ ବହୁ ବିଷୟରେ ଜ୍ଞାନ ଆହରଣ କରିବାକୁ ସକ୍ଷମ ଥିଲେ ।

ଭର୍ସେଲିସ୍ ଠାରେ ହେଉଥିବା ଶାନ୍ତି ସମ୍ମିଳନୀକୁ ସେ ପ୍ରଥମେ ଭିଏତନାମର ଦେଶପ୍ରେମୀଙ୍କ ତରଫରୁ ଏକ ଆବେଦନ ପତ୍ର ପଠାଇ ଭିଏତନାମ ଲୋକମାନଙ୍କୁ ସର୍ବନିମ୍ନ ସ୍ୱାଧୀନତା ଓ ଗଣତନ୍ତ୍ର ଦେବାକୁ ଅନୁରୋଧ କଲେ । ଏହାର ନକଲ ସେ ସମସ୍ତ ପ୍ରତିନିଧିମାନଙ୍କୁ ମଧ୍ୟ ପଠାଇଲେ । ଏହି ଆବେଦନ ପତ୍ର ଥିଲା ଏକ ରାଜନୀତିକ ବୋମା । ଯଦିଓ ଏହାର ଭାଷା ଥିଲା ମାର୍ଜିତ, ତଥାପି ଏହାର ପ୍ରଭାବ ଭିଏତନାମ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା ନବଜାଗରଣ । ହୋ-ଚି-ମିନ୍ ଏହା ଫଳରେ ରାଜନୀତିକ ଦିଗ୍‌ବଳୟରେ ହୋଇଗଲେ ସମ୍ପୂର୍ଣ୍ଣ ପରିଚିତ ।

ତାଙ୍କ ମନରେ ନିଜ ଦେଶର ସ୍ୱାଧୀନତା ପାଇଁ ବ୍ୟାକୁଳତା ଦିନକୁ ଦିନ ବଢ଼ିବାରେ ଲାଗିଥାଏ । କିଏ ଆଣିଦେବ ତା'ଙ୍କ ଲୋକଙ୍କ ପାଇଁ ମୁକ୍ତି ଓ ସ୍ୱାଧୀନତା ? ଏହି ଚିନ୍ତାରେ ସେ ସଦାସର୍ବଦା ଘାରିହେବାରେ ଲାଗିଥା'ନ୍ତି । ସେତେବେଳକୁ ସେ ଲେନିନ୍‌ଙ୍କର ପୁସ୍ତକ "ଥିସିସ୍ ଅନ୍ ଦି ନ୍ୟାସନାଲ ଆଣ୍ଡ କଲୋନିଆଲ୍ କୋଣ୍ଟିନ୍ସ"କୁ ପଢି ସାରିଥା'ନ୍ତି । ତାହା ଦ୍ୱାରା ଅନୁପ୍ରାଣିତ ହୋଇ ସେ ଫ୍ରାନ୍ସ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହେବାକୁ ସିଦ୍ଧାନ୍ତ ଗ୍ରହଣ କଲେ ଏବଂ ବସ୍ତୁତଃ ସେ ହୋଇଗଲେ ଏହାର ପ୍ରତିଷ୍ଠାତା ସଭ୍ୟ ।

୧୯୧୭ ମସିହାର ସୋଭିଏତ୍ ବିପ୍ଳବ ତାଙ୍କର ଆଶା ଓ ଉତ୍ସାହକୁ ବହୁଗୁଣରେ ବୃଦ୍ଧି କରି ଦେଇଥାଏ । ଦେଶପ୍ରେମ ଓ ଆନ୍ତର୍ଜାତିକ ଚେତନାରେ ସେ କ୍ରମଶଃ ନିଜକୁ ହଜାଇ ଦେଇ ସୋଭିଏତ୍ ୟୁନିୟନ୍ ବିରୁଦ୍ଧରେ ଅର୍ଥନୀତିକ ବାସନ୍ଦକୁ ଉଠାଇବା ପାଇଁ ହେଉଥିବା ବିକ୍ଷୋଭରେ ଯୋଗ ଦେବା ସହିତ ସୋଭିଏତ୍ ୟୁନିୟନ୍‌କୁ ସ୍ୱୀକୃତି ଦେବା ଦାବି ସହିତ ନିଜକୁ ସାମିଲ କରିଥା'ନ୍ତି । ସେ ଅନ୍ୟାନ୍ୟ ବିପ୍ଳବୀମାନଙ୍କ ସହିତ ମିଶି ଆନ୍ତଃଉପନିବେଶ ସଂଗଠନ ୧୯୨୧ ମସିହାରେ ଆରମ୍ଭ କରିଥା'ନ୍ତି ଏବଂ ଏହାର

Digitized by PPRACHIN, SOA

ପତ୍ରିକା 'ଲା ପାରିଆ'ର ପ୍ରକାଶକ ଦାୟିତ୍ୱ ମଧ୍ୟ ଗ୍ରହଣ କରିଥା'ନ୍ତି । ସେ ଫ୍ରାନ୍ସ କମ୍ୟୁନିଷ୍ଟ ପାର୍ଟି ପ୍ରତିନିଧି ମଣ୍ଡଳରେ ସ୍ଥାନ ପାଇଁ ମସ୍କୋଠାରେ ହେଉଥିବା କଂଗ୍ରେସରେ ଯୋଗଦାନ କରନ୍ତି । ସେଠାରେ ସେ ଲେନିନ୍‌ଙ୍କର ଉପନିବେଶବାଦ ଅଞ୍ଚଳ ସମ୍ପର୍କରେ ବିପ୍ଳବ ଆଭିମୁଖ୍ୟକୁ ଗ୍ରହଣ କରନ୍ତି ଓ ନିଜର ସମର୍ଥନ ମଧ୍ୟ ଦିଅନ୍ତି । ତାଙ୍କୁ ସେଠାରେ ପୂର୍ବ ଏସିଆ ବିଶେଷକରି ଚୀନ୍, ବର୍ମା, ଥାଇଲାଣ୍ଡ, ଫିଲିପାଇନ୍ସ ଏବଂ ଇଣ୍ଡୋଚିନ୍‌ର କୃଷକ ଅନ୍ଦୋଳନର ଦାୟିତ୍ୱ ଅର୍ପଣ କରାଯାଏ ।

୧୯୨୪ ମସିହାରେ ସେ ଚୀନ୍‌ର କ୍ୱାଙ୍ଗଚେଙ୍କୁ ଯାଇଁ ଭିଏତ୍‌ନାମରେ ବିପ୍ଳବ ଆରମ୍ଭର ପ୍ରସ୍ତୁତି କରିବାକୁ ଚେଷ୍ଟା କରନ୍ତି । ସେଠାରେ ଥିବା ଭିଏତ୍‌ନାମ ଯୁବକମାନଙ୍କୁ ସଂଗଠିତ କରି ବିପ୍ଳବ ପାଇଁ ତାଲିମ ପ୍ରଦାନ କରନ୍ତି ଏବଂ ୧୯୨୫ ମସିହାରେ ଗଠନ କରନ୍ତି ଭିଏତ୍‌ନାମ ଯୁବ ବିପ୍ଳବୀ ସଂଗଠନ । ସେଠାରେ ଏହି ସାଂଗଠନିକ କାର୍ଯ୍ୟରେ ବ୍ୟସ୍ତ ରହିଥିବା ବେଳେ ସେ ଦୁଇଟି ପୁସ୍ତକ ରଚନା କରିଥିଲେ । ପ୍ରଥମଟି ହେଉଛି "ବିପ୍ଳବର ମାର୍ଗ" ଓ ଦ୍ୱିତୀୟଟି "ଯୁବା" । ଏହି ବହି ଦୁଇଟି ଭିଏତ୍‌ନାମ ବିପ୍ଳବର ମୁଖ୍ୟ ଆଧାର ହୋଇ ଯାଇଥିଲା ।

୧୯୩୦ ଫେବୃୟାରୀ ୩ ତାରିଖ ଦିନ ସେ ହଂକଂଠାରେ ଭିଏତ୍‌ନାମରେ ଗୋଟିଏ ପୂର୍ଣ୍ଣ କମ୍ୟୁନିଷ୍ଟ ପାର୍ଟି ଗଠନ କରିବା ପାଇଁ ଏକ ସମ୍ମିଳନୀ ଆହ୍ୱାନ କଲେ । ସେଠାରେ ଭିଏତ୍‌ନାମ ବିପ୍ଳବର ସମସ୍ତ ବିପ୍ଳବୀମାନେ ଯୋଗଦେଇଥିଲେ । ସେହିଦିନ ହିଁ ବିପ୍ଳବୀମାନଙ୍କର ବିଭିନ୍ନ ଗୋଷ୍ଠୀମାନଙ୍କୁ ଏକାଠି କରି ଗଠନ କରାହେଲା ଭିଏତ୍‌ନାମ କମ୍ୟୁନିଷ୍ଟ ପାର୍ଟି ।

୧୯୪୧ ଜାନୁଆରୀ ୨୮ ତାରିଖ ଦିନ ସେ ଭିଏତ୍‌ନାମ ଅଞ୍ଚଳକୁ ଦୀର୍ଘ ୩୦ ବର୍ଷ ପରେ ପ୍ରବେଶ କଲେ । ସେ ନିଜକୁ ପ୍ରଥମେ "ପାକ୍‌ବୋ' ନାମକ ଏକ ଗୁମ୍ଫା ମଧ୍ୟରେ ଲୁଚାଇ ରଖିଲେ । ସେଠାରେ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ବୈଠକ ଡାକି ବିପ୍ଳବର ଆଭିମୁଖ୍ୟ ଓ ବିଶ୍ୱ ରାଜନୀତିର ଅବସ୍ଥା ସମ୍ପର୍କରେ ସେମାନଙ୍କୁ ଜଣାଇଲେ । ଜର୍ମାନୀ ସୋଭିଏତ୍ ୟୁନିୟନ୍‌କୁ ଆକ୍ରମଣ କରିବ ଓ ଜାପାନ ଦକ୍ଷିଣ ଏସିଆରେ ଯୁଦ୍ଧ କରିବ ବୋଲି ଭବିଷ୍ୟତବାଣୀ ଶୁଣାଇ ସେ କହିଲେ ଯେ ଭିଏତ୍‌ନାମ ଲୋକମାନେ ଏକ ଫ୍ରଣ୍ଟ ଗଠନ କରି ଫ୍ରାନ୍ସ ଓ ଜାପାନକୁ ଆମ ଦେଶରୁ ତଡ଼ିବାକୁ ହେବ । କାରଣ ଭିଏତ୍‌ନାମ ଓ ଇଣ୍ଡୋଚୀନ୍‌ର ବିପ୍ଳବ ଫାସିବାଦ ବିରୁଦ୍ଧରେ ହେଉଥିବା ସମଗ୍ର ବିପ୍ଳବର ଅଂଶ ମାତ୍ର ।

୧୯୪୨ ଅଗଷ୍ଟ ୧୩ ତାରିଖ ଦିନ ସେ ଚୀନ୍ ଯାଇ ସେମାନଙ୍କ ସହିତ ସମ୍ପର୍କ ରକ୍ଷା କରିବାକୁ ଉଦ୍ୟମ କରିଥିଲେ । ସେ ନୁଗାନ୍ ଏଇକ୍ୱାକ୍‌ରୁ ରୂପାନ୍ତରିତ ହେଲେ

Digitized by PPRACHIN, SOA

ହୋ-ଚି-ମିନ୍ ରେ । ଗୁଆଜିଙ୍ଗ ପ୍ରଦେଶଠାରେଚୀନ୍ ସୀମା ଅତିକ୍ରମ କରୁଥିବା ସମୟରେ ତାଙ୍କୁ ୨୯ଅଗଷ୍ଟ ୧୯୪୨ରେ ବନ୍ଦୀ କରାଯାଇଥିଲା ଏବଂ ୧୦ ସେପ୍ଟେମ୍ବର ୧୯୪୩ପର୍ଯ୍ୟନ୍ତ ଦୀର୍ଘ ୧୪ ମାସ କାଳ ତାଙ୍କୁ ବନ୍ଦୀ କରି ରଖାଗଲା, ଯେଉଁଠାରେ ସେ ଲେଖିଥିଲେ ସ୍ମରଣୀୟ କବିତା "ଜେଲ ଡାଏରୀ" । ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପାଦରେ ଆରମ୍ଭ ହେଲା ଭିଏତ୍‌ନାମ ମୁକ୍ତି ସଂଗ୍ରାମ । ଏହାର ପରିସମାପ୍ତି ଘଟିଲା ଅଗଷ୍ଟ ୧୯ ତାରିଖ । ହୋ-ଚି-ମିନ୍ ସେପ୍ଟେମ୍ବର ୨ ତାରିଖରେ ଭିଏତ୍‌ନାମ ସ୍ୱାଧୀନତାର ଘୋଷଣା କଲେ ହାନୋଇର 'ବାଦିନ୍' ଛକରେ ।

କିନ୍ତୁ ଦକ୍ଷିଣ ଭିଏତ୍‌ନାମ ସେ ପର୍ଯ୍ୟନ୍ତ ସ୍ୱାଧୀନତା ପାଇ ନ ଥାଏ । ଫ୍ରାନ୍‌ସ ସରକାରଙ୍କ ସହିତ ସମସ୍ତ ଆଲୋଚନା ବିଫଳ ହୋଇଥାଏ । ଦକ୍ଷିଣ ଭିଏତ୍‌ନାମରେ ତଥାପି ରକ୍ତର ସୁଅ ଛୁଟି ଥାଏ । ହୋ-ଚି-ମିନ୍ ସେମାନଙ୍କର ଦୁଃଖରେ ଦୁଃଖୀ ହୋଇ ପଡୁଥା'ନ୍ତି । ସ୍ୱାଧୀନତା ଓ ମୁକ୍ତି ଠାରୁ ଅନ୍ୟକିଛି ମୂଲ୍ୟବାନ ନୁହେଁ, ଏହି ସଂକଳ୍ପରେ ଦୃଢ ରହି ସଂଗ୍ରାମରେ ଲିପ୍ତ ଥା'ନ୍ତି ଦକ୍ଷିଣ ଭିଏତ୍‌ନାମର ମୁକ୍ତିଯୋଦ୍ଧାମାନେ ।

ସେହି ମହାନ୍ ଦେଶପ୍ରେମୀ, ମୁକ୍ତିଯୋଦ୍ଧା, ଭିଏତ୍‌ନାମବାସୀଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋ-ଚି-ମିନ୍‌ଙ୍କର ଦେହାନ୍ତ ହୁଏ ୧୯୬୯ ସେପ୍ଟେମ୍ବର ୨ ତାରିଖରେ । ଏବେ ବି ସେ ନିଜର ସେହି ପ୍ରିୟ ପୋଷାକ ପିନ୍ଧି ଶୟନରତ ହୋ-ଚି-ମିନ୍ ମୁସୋଲିୟମ୍‌ରେ ଏବଂ ବିଶ୍ୱର ଅଗଣିତ ନରନାରୀଙ୍କର ଯୋଡହସ୍ତ ତା'ଙ୍କ ଆଡକୁ ପ୍ରସାରିତ ହୋଇଯାଏ ସେହି ସ୍ମୃତିତୀର୍ଥକୁ ଅତିକ୍ରମ କରିବାବେଳେ । ସେ ଅବଶ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଖିପାରିଲେ ନାହିଁ, କିନ୍ତୁ ଯେଉଁ ମଞ୍ଜି ପୋତିଥିଲେ ତାହା ପୁଷ୍ପିତ ହେଲା ୧୯୭୫ ଏପ୍ରିଲ ୩୦ ତାରିଖ ଦିନ । ଭିଏତ୍‌ନାମ ହେଲା ସମ୍ପୂର୍ଣ୍ଣ ସ୍ୱାଧୀନ ।

ଆମେ ତାଙ୍କର ପାର୍ଥିବ ଶରୀର ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଫେରିଆସିଲୁ ରାଷ୍ଟ୍ରପତିଙ୍କ ବାସଭବନକୁ ଯେଉଁଠାରେ ସେ ରହୁଥିଲେ। ୨ସେପ୍ଟେମ୍ବର ୧୯୭୩ ମସିହାରେ ହୋ-ଚି-ମିନ୍ ମୁସୋଲିଏମ୍ ଆରମ୍ଭ କରାଯାଇ ଦୀର୍ଘ ୨ବର୍ଷ କାଳ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ହୋଇ ୨୯ ଅଗଷ୍ଟ ୧୯୭୫ ମସିହାରେ ଏହାକୁ ସର୍ବସାଧାରଣଙ୍କ ପାଇଁ ଉନ୍ମୋଚନ କରାଯାଇଥିଲା । ଏହା ସଂପୂର୍ଣ୍ଣ ଭାବରେ ଗ୍ରାନାଇଟ୍ ପଥରରେ ନିର୍ମିତ ।

ରାଷ୍ଟ୍ରପତି ହୋ-ଚି-ମିନ୍‌ଙ୍କର ପାର୍ଥିବ ଶରୀରକୁ ଦର୍ଶନ କରିବା ପାଇଁ ଆମକୁ ପାହାଚ ପରେ ପାହାଚ ଅତିକ୍ରମ କରି ଦ୍ୱିତୀୟ ମହଲାରେ ପହଞ୍ଚିବାକୁ ହେଲା ଯେଉଁଠାରେ କାଚ ନିର୍ମିତ କଫିନ୍ ମଧ୍ୟରେ ପୂର୍ଣ୍ଣ ଶରୀରରେ ଶାୟିତ ମହାନ ବିପ୍ଳବୀ ହୋ । ଦ୍ୱାର ନିକଟରୁ ପାହାଚ ଦେଇ ଅତିକ୍ରମ କରିବା ବେଳେ ସିକ୍ୟୁରିଟି ଗାର୍ଡମାନେ

Digitized by PPRACHIN, SOA

ସଶସ୍ତ୍ର ଦଣ୍ଡାୟମାନ । ସେଠାରୁ ବାହାରିବା ପରେ ପଡ଼େ ରାଷ୍ଟ୍ରପତିଙ୍କର ବଗିଚା ଯେଉଠି ଭିଏତ୍‌ନାମର ବିଭିନ୍ନ ପ୍ରାନ୍ତରରୁ ବୃକ୍ଷମାନଙ୍କୁ ଅଣାଯାଇ ଲଗା ଯାଇଛି । ତା'ଙ୍କ ଉଦ୍ଦେଶ୍ୟରେ ମଧ୍ୟ ହାନୋଇଠାରେ ନିର୍ମାଣ କରାଯାଇଛି ହୋ-ଚି-ମିନ୍ ସଂଗ୍ରହାଳୟ ଯେଉଁଠାରେ ତାଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ସେଠାରେ ରଖାଯାଇଛି ପାକ୍‌ବୋ ଗୁମ୍ଫାର ଏକ ମଡ଼େଲ । ତା'ଙ୍କ ଦ୍ୱାରା ବ୍ୟବହୃତ ଲୁଗାପଟା ଓ ବାସନକୁସନ ରହିଛି ସୁରକ୍ଷିତ ହୋଇ । ବିଶ୍ୱନେତା ମାନଙ୍କଠାରୁ ପାଇଥିବା ସମସ୍ତ ଉପଢୌକନର ବିଚିତ୍ର ଓ ବର୍ଣ୍ଣାଢ୍ୟ ସମାବେଶ ମଧ୍ୟ ସେଠାରେ ।

ଭିଏତ୍‌ନାମ ମୁକ୍ତିସଂଗ୍ରାମର ସମ୍ପୂର୍ଣ୍ଣ ଆଲେଖ୍ୟ ଏଇ ସଂଗ୍ରହାଳୟ । ହୋ-ଚିମିନ୍‌ଙ୍କର ସଂଗ୍ରାମ ଥିଲା ସ୍ୱାଧୀନତା ଓ ମୁକ୍ତି ପାଇଁ, ଶାନ୍ତି ଓ ଗଣତନ୍ତ୍ର ପାଇଁ, ସମୃଦ୍ଧି ଓ ସୁରକ୍ଷା ପାଇଁ । ଭିଏତ୍‌ନାମରେ ତାହା ବର୍ତ୍ତମାନ ଦାଉ ଦାଉ ହୋଇ ଜଳୁଛି । ସେ ସବୁ ତ 'ଅଙ୍କଲ ହୋ'ଙ୍କ ଯୋଗୁ ହିଁ ସମ୍ଭବ ।

ହୋଟେଲ ରୁମ୍‌କୁ ଫେରିଆସି ମୁଁ ପୁଣି ଖୋଲିଲି "ଜେଲ ଡାଏରୀ" ଅଙ୍କଲ୍ ହୋଙ୍କର । ଏବଂ ସଂକ୍ଷିପ୍ତ କେତେଗୁଡ଼ିଏ କବିତାର ଅନୁବାଦ କରିବାକୁ ଆରମ୍ଭ କଲି ।

□□□

Digitized by PPRACHIN, SOA

ପ୍ରେମ ଓ ଯୌନ ଜୀବନର ମଝିସିଡ଼ିରେ ଯୁବପିଢି

ସେମାନଙ୍କ ପାଇଁ ଜୀବନ ବଡ଼ କଷ୍ଟ । ଛାତ୍ରଜୀବନରୁ ବଞ୍ଚିବାର ପାଥେୟ ଖୋଜିବା ପାଇଁ ସଦାସର୍ବଦା ସଂଗ୍ରାମରେ ବ୍ୟସ୍ତ । ହ୍ୟୁନି ହୋଟେଲରେ କାମ କରୁଥିବା ତରୁଣ ତରୁଣୀମାନଙ୍କୁ ମୁଁ ଲକ୍ଷ୍ୟ କରୁଥିଲି । ସେମାନଙ୍କର ପରିଧାନ ଥିଲା ଲମ୍ୱା ସାଲୱାର ଓ କମିଜ୍ । ବେଶ୍ ଗୋରା ଗୋରା ଝିଅମାନଙ୍କ ମୁହଁରେ ଲାଗି ରହିଥିଲା ହସ । ରିସେପ୍ସନ ଠାରୁ ହୋଟେଲ ଡାଇନିଂହଲରେ ସେମାନେ ଥିଲେ ବେଶ୍ ଶୃଙ୍ଖଳିତ ଓ ମାର୍ଜିତ । କଥା କହିବା ବେଳେ ହସ ଝରି ପଡୁଥିଲା । ମୋର ଦେଇଥିବା ଇଂରାଜୀ ଭାଷଣକୁ ଟାଇପ୍ କରିଥିବା ଝିଅଟି ସହିତ ହୋଟେଲ ଲାଉଞ୍ଜ୍‌ରେ ବସି କଥାହେବାବେଳେ ତା' ଘର ଓ ପରିବାର କଥା ପଚାରିଲି । ମଫସଲରୁ ଆସି ସହରରେ ବସବାସ କରି ରହୁଥିବା ତରୁଣ ତରୁଣୀମାନଙ୍କର ଜୀବନ ବଡ଼ ନିଃସଙ୍ଗ, ଦୁଃଖପୂର୍ଣ୍ଣ ଓ ଯନ୍ତ୍ରଣାଦାୟକ । ଝିଅମାନଙ୍କର ସାଧାରଣ ଜୀବନ ହେଉଛି ବିବାହ, ସନ୍ତାନ ଉତ୍ପାଦନ ଓ ପରିଶ୍ରମ କରି କିଛି ସ୍ୱଚ୍ଛ ରୋଜଗାର । ପରିବାରର ପ୍ରାୟ ପ୍ରତ୍ୟେକ ରୋଜଗାର କରନ୍ତି । ମାସକୁ ଆୟ ୩୦ ଆମେରିକାନ୍ ଡଲାର । ଗୋଟିଏ ଡଲାରର ମୂଲ୍ୟ ଦଶହଜାର ଡଙ୍ଗ୍ । ସେମାନଙ୍କ ମୁଦ୍ରାର ନାମ ଡଙ୍ଗ୍ ।

ସେମାନେ ରହନ୍ତି ସାର୍ବଜନୀନ ଗୃହମାନଙ୍କରେ । ୪୦।୫୦ଜଣ ପାଇଁ ଗୋଟିଏ ପାଇଖାନା । ୨୪ ବର୍ଗଫୁଟ ପରିମିତ ଘର, ସେମାନଙ୍କର ଆବାସ ସ୍ଥଳ । ପରିବାରରେ ମହିଳାମାନେ ଏକାଠି ହୋଇ ଟି.ଭି ଦେଖିବା ଓ ଗପ କରିବା ବେଳେ ପୁରୁଷମାନେ ମଦ ପିଇବା, ଗାଡ଼ି ଧରି ବୁଲିବା କିମ୍ୱା ବାନ୍ଧବୀମାନଙ୍କ ସହିତ ସମୟ କଟାନ୍ତି । ବିବାହ ପୂର୍ବରୁ ପୁଅଝିଅମାନଙ୍କର ସମ୍ପର୍କ ଗଢି ଉଠେ । ସମସ୍ତଙ୍କ ଭାଗ୍ୟରେ ବିବାହ ଜୁଟେ ନାହିଁ । ସେମାନେ ନିଜେନିଜେ ବହୁ କ୍ଷେତ୍ରରେ ନିଜର ବିବାହ ଠିକ୍ କରନ୍ତି । ଅନେକ କ୍ଷେତ୍ରରେ ଝିଅ ବଡ଼ ଓ ପୁଅ ସାନ । ଏଠାରେ ଧର୍ମ ସମ୍ୱନ୍ଧରେ କୌଣସି ନିର୍ଦ୍ଦିଷ୍ଟ ଭାବ ନାହିଁ । ୧୦ ଭାଗ ଲୋକ ବୌଦ୍ଧ ହେବା ବେଳେ

Digitized by PPRACHIN, SOA

୨ଭାଗ ମୁସଲମାନ ଓ ୫ଭାଗ ଖ୍ରୀଷ୍ଟିୟାନ୍ । ବାହା ହେବାରେ କୌଣସି ଝାମେଲା ରହେନି । ପୁଅ ବା ଝିଅ ନିଜର ଜୀବନ ସାଥି ଠିକ୍ କରିବା ପରେ ସେମାନେ ପରିବାରରେ ଭୋଜି କରନ୍ତି । ବିବାହ ବିଚ୍ଛେଦ ବେଶି ।

ଗାଁ ଗହଳରେ ଝିଅଟି ପ୍ରେମରେ ଅସଫଳ ହେଲେ, ତା'ର ଜୀବନ ହୋଇ ପଡ଼େ ଦୁର୍ବିସହ । ତା'କୁ ପ୍ରାୟ ଗାଁରେ ରହିବାକୁ ଦିଆଯାଏ ନାହିଁ । ଯୌଥ ପରିବାରରେ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ, ଦାୟିତ୍ୱ ଥାଏ । ସମସ୍ତଙ୍କୁ ନିଜନିଜର ଖାଇବା ପାଇଁ ଅର୍ଥ ଦେବାକୁ ପଡ଼େ । ବହୁ ସମୟରେ ବିବାହିତ ଦମ୍ପତି ପରିବାର ସହିତ ନରହି ଅଲଗା ରହିବାକୁ ଭଲ ପା'ନ୍ତି । ସମସ୍ତେ ପଇସା ଦିଅନ୍ତି ଖାଇବା ପାଇଁ କିନ୍ତୁ ସମସ୍ତଙ୍କର ପେଟ ତ ସମାନ ନୁହେଁ । କିଏ କମ୍ ବା କିଏ ବେଶି ଖାଇବ । ମାସ ଶେଷରେ ହିସାବ ହୁଏ । ଭାଇ ଭଉଣୀଙ୍କ ମଧ୍ୟରେ କମ୍ ବେଶି ଖାଇବାକୁ ନେଇ ପଇସା ଦେବାରେ କଳି ହୁଏ; ଏଥିରେ ବଡ଼ମାନେ ମଧ୍ୟ ଯୋଗ ଦିଅନ୍ତି ।

ସେଠାକାର ପରମ୍ପରା ଅନୁସାରେ ବଡ଼ଭାଇ ଓ ତାଙ୍କର ସ୍ତ୍ରୀ ପରିବାରର ସମସ୍ତ ଦାୟିତ୍ୱ ବହନ କରନ୍ତି । ସେମାନେ ବାପ ମା' ଓ ସାନସାନ ପିଲାମାନଙ୍କ କଥା ବୁଝନ୍ତି । ପ୍ରତ୍ୟେକ ରୋଜଗାର କରୁଥିଲେ ମଧ୍ୟ ସେମାନଙ୍କର ଦରମା ଏତେ କମ୍ ଯେ ସେଥିରେ ସ୍ୱାଧୀନ ଭାବରେ ଚଳିବା କଷ୍ଟ । ଏପରି ଦମ୍ପତି ମଧ୍ୟ ଅଛନ୍ତି, ଯେଉଁମାନେ ବାପାମା'ଙ୍କ ସହିତ ରହିବାକୁ ଭଲ ପାଆନ୍ତି । ଯୌଥ ପରିବାର ଜୀବନ ସେମାନଙ୍କୁ ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ ପାଇବାର ଓ ବାଣ୍ଟିବାର ସୁଯୋଗ ସୃଷ୍ଟି କରେ । ଆର୍ଥିକ ବୋଝ ଲାଘବ କରାଏ ।

ଭିଏତ୍‌ନାମର ଝିଅମାନେ ଏସିଆ ଉପମହାଦେଶର ଅନ୍ୟ ରାଷ୍ଟ୍ରର ପୁଅମାନଙ୍କୁ ବାହା ହେବାକୁ ଭଲ ପାଆନ୍ତି । ପୁଅ ମାନେବି । ଭିଏତ୍‌ନାମ ରମଣୀର ଜୀବନ ବଞ୍ଚିବାର ଶୈଳୀ ସରଳ ଓ ଘରକାମ କରିବାରେ ନିପୁଣା । ସ୍ୱାମୀ ଓ ପରିବାର ପ୍ରତି ଅନୁରକ୍ତା । କିନ୍ତୁ ସୁଖମୟ ଦାମ୍ପତ୍ୟଜୀବନ ପଛରେ ବାଧା ସୃଷ୍ଟି କରେ ବୟସ, ଭାଷା, ଅନୁଭୂତି, ସଂସ୍କୃତି ଓ ଶ୍ରେଣୀଗତ ଚେତନା । ବିଦେଶୀମାନଙ୍କୁ ବିବାହ କରି ଭିଏତ୍‌ନାମ ମହିଳା ସୁଖୀ ହୋଇ ପାରେନା ।

ମୁଁ ବିକ୍ ନଗ ଠାରୁ ଭିଏତ୍‌ନାମର ପରିବାର ଓ ଦାମ୍ପତ୍ୟ ଜୀବନ ସମ୍ପର୍କରେ ଶୁଣିବାବେଳେ ତା'କୁ ଯୌନଜୀବନ ସମ୍ପର୍କରେ ପ୍ରଶ୍ନ ପଚାରିବାକୁ ମନ ହେଲା । ହାନୋଇ ପାର୍କରେ ତରୁଣ ତରୁଣୀମାନଙ୍କର ନିବିଡ଼ ଆଶ୍ଲେଷରେ ବାନ୍ଧି ହୋଇ ରହିଥିବାର ଦୃଶ୍ୟ ମୋ' ଆଖିକୁ ଏଡ଼ାଇ ପାରିନଥିଲା । କଲିକତାର ଭିକ୍ଟୋରିଆ ପାର୍କ, ଲେକ୍, ବମ୍ବେର ଚୌପାଟୀ ଇତ୍ୟାଦିର ଦୃଶ୍ୟର ପୁନରାବୃତ୍ତି ଦେଖିଥିଲି ହାନୋଇ ପାର୍କରେ । ହାନୋଇ ପରି ସବୁ ସହରରେ ରହିଛି ଯୁବପିଢ଼ି ପାଇଁ କ୍ଲବ । ସେଠାରେ

Digitized by PPRACHIN, SOA

ଯୁବକ ଯୁବତୀ ମାନେ ଏକାଠି ହୋଇ ନାଚଗୀତ ଠାରୁ ଆରମ୍ଭକରି ବହୁବିଧ କାର୍ଯ୍ୟ କରନ୍ତି । ସେମାନେ କିପରି ଉନ୍ନତ ଯୌନଜୀବନ ଯାପନ କରିବେ, ସେଥିପାଇଁ ସଚେତନ ହୋଇ ସେ ବିଷୟରେ ମଧ୍ୟ ଆଲୋଚନା କରନ୍ତି । ସେମାନଙ୍କର ସବୁଠାରୁ ବେଶି ସମସ୍ୟା ହେଉଛି ଆର୍ଥିକ ଅବସ୍ଥା । ବିବାହ ଓ ରୋଜଗାର ଯେମିତି ଯୋଡି ହୋଇ ରହିଛି । ପୁଅଝିଅ ପରସ୍ପର ପରସ୍ପରକୁ ଭଲ ପାଇ ବାହା ହେବା ପ୍ରାୟ ନିତିଦିନିଆ ବ୍ୟାପାର ହୋଇଥିଲେ ହେଁ ପରିବାର ସେମାନଙ୍କର ରୋଜଗାର ଉପରେ ଗୁରୁତ୍ୱ ଦିଅନ୍ତି ବେଶି । ସେମାନେ କିନ୍ତୁ ପରିବାର ନିୟନ୍ତ୍ରଣ ପ୍ରତି ବେଶ୍ ସଚେତନ । ଲୋକ ସଂଖ୍ୟା ବୃଦ୍ଧିହାର ବାର୍ଷିକ ମାତ୍ର ୧ ପ୍ରତିଶତ । ସ୍କୁଲ ମାନଙ୍କରେ ଯୌନଜୀବନ ସମ୍ପର୍କରେ ଶିକ୍ଷା ଦିଆଯାଏ । କମ୍ୟୁନ୍ ଜୀବନ ଯାପନ କରୁଥିବା କାରଣରୁ ପୁଅଝିଅଙ୍କ ମଧ୍ୟରେ ଅବାଧ ମିଳାମିଶାର ସୁଯୋଗ ଦେଖିବାକୁ ମିଳେ । କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସେମାନଙ୍କର ସମାନ ଅଧିକାର ରହିଛି । ବିବାହ ପୂର୍ବରୁ ଯୌନଜୀବନ ପ୍ରତି ସେମାନେ ଯେ ଆକୃଷ୍ଟ ନୁହନ୍ତି, ଏହା କହିଲେ ଭୁଲ୍ ହେବ କିନ୍ତୁ ନିଜକୁ ସଂଯତ ରଖିବାକୁ ଚେଷ୍ଟା କରନ୍ତି ଯଦିଓ ମିଳାମିଶା ଓ ଭଲ ପାଇବାରେ କୌଣସି ବାଧା ବନ୍ଧନ ନ ଥାଏ ।

ପ୍ରାଚୀନରୁ ନୂତନ ଦେଇ ଅତି ଆଧୁନିକତା ମଧ୍ୟରେ ବଞ୍ଚିବାକୁ ଚାହୁଁଥିବା ଭିଏତ୍‌ନାମ ଝିଅ ଅତୀତର ମୂଲ୍ୟବୋଧକୁ ଭୁଲିପାରିନି । ସତୀତ୍ୱ ଯେପରି ସେମାନଙ୍କ ପାଇଁ ଥିଲା ଅଗ୍ନି ପରୀକ୍ଷା । ଯୌନ ଜୀବନକୁ ନେଇ ଗୋଟିଏ ଲୋକଗୀତି ଥିଲା ଏହିପରି,

"ପନ୍ଦର ବର୍ଷ ବୟସରେ ବାହା ହେଲି ମୁଁ,
ମୋ ସ୍ୱାମୀ ଭାବିଲା ମୁଁ ନିହାତି ସାନ,
ମନା କଲା ଶୋଇବାକୁ ମୋ'ସହିତ,
ମୁଁ ଅଠର ବା କୋଡ଼ିଏ ବର୍ଷ ବୟସରେ
ତଳେ ଶୋଇଥିବା ବେଳେ, ମୋ' ସ୍ୱାମୀ
ମୋତେ ଭିଡ଼ି ନେଲା ବିଛଣା ଉପରକୁ,
ସେ ମୋତେ କହିଲା ଭଲ ପାଏ ବୋଲି,
କିନ୍ତୁ ଅତି ଅଦ୍ଭୁତ ସେ ପ୍ରେମ,
ଭାଙ୍ଗିଗଲା ବିଛଣାର ଗୋଟେ ଖଟ ଗୋଡ଼ ।"

ହୋଟେଲରେ, ହୋଟେଲ ବାହାରେ ମୁଁ ସେଇ ଯୁବପିଢ଼ିକୁ ଲକ୍ଷ୍ୟ କରୁଥିଲି । ବଞ୍ଚିବାର ଅନେକ ସମ୍ଭାବନା ମଧ୍ୟରେ ସେମାନେ ସଂଗ୍ରାମରତ କିନ୍ତୁ ସେମାନଙ୍କ ଆଖିରେ ଅନେକ ପ୍ରେମ ଓ ପ୍ରେମ ପାଇଁ ସ୍ୱପ୍ନ । ପରମ୍ପରା ଓ ମୂଲ୍ୟବୋଧ ମଧ୍ୟରେ ପ୍ରେମ ଯେପରି ସେମାନଙ୍କର ଜୀବନକୁ ଏକାଠି କରି ଗଢି ତୋଳିଛି ।

ooo

Digitized by PPRACHIN, SOA

ହାନୋଇର ଏକ ଖମ୍ବ ପାଗୋଡ଼ା

ହାନୋଇ ସହରର ସୌନ୍ଦର୍ଯ୍ୟ ମନକୁ ଆକର୍ଷିତ କରେ । ହ୍ୟୁନି ହୋଟେଲରୁ ମଣିଷଟଣା ସ୍ଲେଜ୍‌ପରି ଗାଡ଼ିରେ ସହର ବୁଲିବାକୁ ବେଶ୍ ମଜାଲାଗେ । ଅବଶ୍ୟ ମନରେ ଦୁଃଖହୁଏ ଯେ ମନୁଷ୍ୟ ଏହି ଗାଡ଼ିକୁ ଟାଣି କରି ନେଉଛି । କଲିକତାରେ ଗାଡ଼ିଗୁଡ଼ିକ ବଡ଼ ଓ ଉଚା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ରହିଛି । ଗାଡ଼ିଟି ଯାଇ ଗୋଟିଏ ପାଗୋଡ଼ା ନିକଟରେ ଅଟକିଗଲା । ବୌଦ୍ଧଭିକ୍ଷୁ ମାନେ ଏହି ପାଗୋଡ଼ାକୁ ନେଇ ଗର୍ବ କରନ୍ତି । ହାନୋଇରେ ଥିବା ପାଗୋଡ଼ା ସଂପର୍କରେ କୁହାଯାଏ ଯେ ୧୦୪୯ ମସିହାରେ ଲିଡାନୋଷ୍ଟିର କିଙ୍ଗ୍ ଥାଇ ଥଙ୍ଗ ସ୍ୱପ୍ନରେ ଦେଖିଲେ ଯେ ଅଭଲକାଇଟ୍ ସଭାରା (କ୍ୱାନଆମ) ଏକ ପଦ୍ମଫୁଲ ଉପରେବସିଛନ୍ତି । ସେ ନିଦରୁ ଉଠିବା ପରେ ଏକ ପଥର ଖମ୍ବ ଉପରେ ଏକ କ୍ଷୁଦ୍ର ପାଗୋଡ଼ା ନିର୍ମାଣ କରିବାକୁ ଚାହିଁଲେ । ପାଗୋଡ଼ାର ଆକୃତି ହେଉଛି ଘନାକୃତି ଏବଂ ଏହାର ଛାତ ବକ୍ରଆକୃତି । ଏହାର ପ୍ରତ୍ୟେକ ପାର୍ଶ୍ୱ ୩ ମିଟର ଲମ୍ବା ଖମ୍ବ ଉପରେ ପାଗୋଡ଼ା ଦୃଢ଼ ଭାବରେ ଦଣ୍ଡାୟମାନ । କାରଣ ଏହାକୁ କାଷ୍ଠନିର୍ମିତ ଫ୍ରେମ୍ ଦ୍ୱାରା ଯୁକ୍ତ କରାଯାଇଛି । ନିକଟରୁ ଦେଖିଲେ ଜଣାଯାଏ ଯେପରି ଏକ ଗୋଲାକୃତି ପୁଷ୍କରିଣୀ ମଧ୍ୟରେ ବିରାଟ ପଦ୍ମଫୁଲଟିଏ ଫୁଟିଛି ।

ଏହାର ବୈଶିଷ୍ଟ୍ୟପୂର୍ଣ୍ଣ ନିର୍ମାଣ ଶୈଳୀ ଯୋଗୁଁ ଏହି ଏକ ଖମ୍ବ ବିଶିଷ୍ଟ ପାଗୋଡ଼ାକୁ ହାନୋଇର ପ୍ରତୀକ ବୋଲି ବିଚାର କରାଯାଏ । ୧୧ସେପ୍ଟେମ୍ବର ୧୯୫୪ ମସିହାରେ ରାତି ୧୦ଟାରୁ ସକାଳ ମଧ୍ୟରେ ଫରାସୀ ସୈନିକମାନେ ଭିଏତନାମ୍ ସୈନିକ ମାନଙ୍କ ସହିତ ମିଶି ହାନୋଇ ସହରକୁ ଧ୍ୱଂସ କରିବା ସହିତ ଏହି ଏକ ଖମ୍ବ ବିଶିଷ୍ଟ ପାଗୋଡ଼ା ଉପରେ ଡିନାମାଇଟ୍ ପକାଇଥିଲେ । ହୋ-ଚି-ମିନ୍ ହାନୋଇ ଅଧିକାର କରିବା ପରେ ଏହାର ପୁନର୍ନିର୍ମାଣ କରିଥିଲେ ଏବଂ ଏହା ୧୯୫୫ ମସିହାରେ ସଂପୂର୍ଣ୍ଣ ହୋଇଥିଲା ।

Digitized by PPRACHIN, SOA

ବିହାରର ବୁଦ୍ଧଗୟା ଯିବା ସମୟରେ ମୁଁ ଅନେକ ପାଗୋଡ଼ା ଦେଖିବାର ସୁଯୋଗ ପାଇଥିଲି କିନ୍ତୁ ହାନୋଇର ଏହି ପାଗୋଡ଼ାର ନିର୍ମାଣ ଶୈଳୀ ମୋତେ ଅଭିଭୂତ କରିଦେଲା । ଭିଏତ୍‌ନାମାରେ ଆଉ ଏକ ପାଗୋଡ଼ା ହାନୋଇ ପାଗୋଡ଼ା ଢାଞ୍ଚାରେ ନିର୍ମାଣ ହୋଇଛି ବୋଲି ଜାଣିବାକୁ ପାଇଲି । ତାହା ହୋ-ଚି -ମିନ୍ ସିଟିରେ ରହିଛି । ହାନୋଇ ଠାରୁ ହୋ-ଚି-ମିନ୍ ସିଟିର ଦୂରତ୍ୱ ୧୭୦୦ କିମି ସେଠାକୁ ଯାଇ ତାକୁ ଦେଖିବାର ସୁଯୋଗ ମିଳିଲା ନାହିଁ । ଏହା ବ୍ୟତୀତ ଚୀନ୍‌ର ୱାଲର୍ଡ ପାର୍କଠାରେ ଭିଏତ୍‌ନାମପରି ଏକ ଏକଖମ୍ବ ବିଶିଷ୍ଟ ପାଗୋଡ଼ା ରହିଛି ଏବଂ ସେହି ଅନୁରୂପ ପୋଲାଣ୍ଡର ୱାରସ୍ ମ୍ୟୁଜିୟମ୍‌ରେ ମଧ୍ୟ ଅଛି ।

ପାଗୋଡ଼ା ଦେଖିବାକୁ ବିଦେଶୀ ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଥିଲା । ମୁଁ କିଛି ସମୟ ସେଠାରେ କଟାଇ ହ୍ୟୁନି ହୋଟେଲକୁ ହାତଟଣା ଗାଡ଼ିରେ ଫେରିଆସିଥିଲି । ମନରେ ଅବଶୋଷ ରହିଗଲା ଯେ କ୍ୟାମେରାଟି ହୋଟେଲରେ ରହିଗଲା । ଛବିଟିଏ ଉଠାଇ ପାରିଲି ନାହିଁ । କିନ୍ତୁ ପାଗୋଡ଼ା ଦେଖିବାର ଆନନ୍ଦରେ ସେହି ଦୁଃଖଟି ହଜିଯାଇଥିଲା ।

ହାନୋଇ ଏବଂ ହୋ-ଚି-ମିନ୍ ସିଟିରେ ଏପରି ପାଗୋଡ଼ା ନିର୍ମାଣ ହେବାର କାରଣ ହେଲା ଭିଏତ୍‌ନାମର ଅଧିବାସୀମାନେ ବୌଦ୍ଧଧର୍ମ ଓ ତାଓ ଧର୍ମର ବିଶ୍ୱାସକୁ ନେଇ ସେମାନଙ୍କର ସ୍ୱଦେଶୀ ପ୍ରାଚୀନ ସର୍ବପ୍ରାଣବାଦର ଉପାସନା ସହିତ ମିଶାଇ ଏକ ବିଶେଷ ଆଧାତ୍ମିକ ଚୌହଦୀ ସୃଷ୍ଟି କରିଛନ୍ତି । ପୁରୁଷାନୁକ୍ରମେ ଭିଏତ୍‌ନାମର ଶିଳ୍ପୀମାନେ ସେମାନଙ୍କର ବିଶ୍ୱାସ ଓ ସମ୍ମାନ ବୁଦ୍ଧଙ୍କର ମୂର୍ତ୍ତି, ସାଧୁ ସନ୍ନ୍ୟାସୀ, ଦେବଦେବୀ, ହଉ ସାଧୁ ଏବଂ ବିଶିଷ୍ଟ ବ୍ୟକ୍ତି ମାନଙ୍କର ମୂର୍ତ୍ତି ପ୍ରସ୍ତୁତ କରିଚାଲିଛନ୍ତି । ଏହା ସବୁ ଭିଏତ୍‌ନାମର ଐତିହାସିକ ଓ ସାଂସ୍କୃତିକ ସ୍ଥାନମାନଙ୍କରେ ଦେଖିବାକୁ ମିଳେ ।

ସେମାନେ ବିଭିନ୍ନ ସ୍ଥାନମାନଙ୍କରେ ହାଉ ମୂର୍ତ୍ତିର ପୂଜା କରନ୍ତି । ମହାନ୍ ବ୍ୟକ୍ତିମାନଙ୍କ ଉପରେ ମହନୀୟ ପରଂପରା ଓ ସଂସ୍କୃତିକୁ ଆରୋପିତ କରାଯାଇଥିବା ମୂର୍ତ୍ତିକୁ ହାଉମୂର୍ତ୍ତି କୁହାଯାଏ । ଭିଏତ୍‌ନାମର ପରଂପରା ହେଉଛି ଯେ ପୂର୍ବପୁରୁଷମାନଙ୍କ ସହିତ ଉପାସନାକାରୀର ସଂପର୍କ ସ୍ଥାପନ, ପରିବାରର ସଦସ୍ୟମାନଙ୍କ ସହିତ ସମାଜର ସଂପର୍କ ପ୍ରତିଷ୍ଠା । ଭିଏତ୍‌ନାମରେ କଥିତ ଅଛି ଯେତେବେଳେ ପାଣି ପିଉଁଛ, ତା'ର ମୂଳ ଉତ୍ସକୁ ମନେ ରଖ ।" ସେଇଥିପାଇଁ ସେମାନେ ପରଂପରା ଓ ସଂସ୍କୃତି ଆଧାରିତ ମୂର୍ତ୍ତିଗଠନ କରନ୍ତି । ଭିଏତ୍‌ନାମର ପାଣିପାଗ ଓ ଐତିହାସିକ ସଂଗ୍ରାମ ହେତୁ ଅନେକ

Digitized by PPRACHIN, SOA

ଐତିହାସିକ କୀର୍ତ୍ତିରାଜି ଓ ସଂସ୍କୃତି ସ୍ଥାନ ଭଗ୍ନାବଶେଷରେ ପରିଣତ ହୋଇଛି । ଯଦିଓ ଭିଏତ୍‌ନାମରେ ଲୋକମାନେ ଧନୀ ନୁହଁନ୍ତି, ସେମାନେ କିନ୍ତୁ ଅତୀତର ସାଂସ୍କୃତିକ ସୌଧକୁ ସାଇତି ରଖିବା ପାଇଁ ଚେଷ୍ଟା କରୁଛନ୍ତି । ଭିଏତ୍‌ନାମର ଜାତୀୟ ସଂସ୍କୃତିର ସୁରକ୍ଷା ପାଇଁ ସେମାନେ ସଂକଳ୍ପବଦ୍ଧ ।

□□□

Digitized by PPRACHIN, SOA

ବା ଦିନ୍ ସ୍କୋୟାର

ଶାନ୍ତି ସମ୍ମିଳନୀରେ ଯୋଗଦେଇଥିବା ପ୍ରତିନିଧିମାନଙ୍କୁ ହାନୋଇର କେତେକ ଐତିହାସିକ ଓ ରାଜନୈତିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୁଲାଇ ଦେଖାଇବାର ବ୍ୟବସ୍ଥା କରାଯାଇଥିଲା । ଭିଏତ୍‌ନାମ୍ ଶାନ୍ତି କମିଟିର ଆତିଥେୟତାରେ ଆଦୌ ଅବହେଳା ନ ଥିଲା । ଆମେ ହୋ-ଚ଼ି-ମିନ୍ ମୁସୋଲିୟମ୍ ପରିଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ଆମକୁ ଜାତୀୟ ଆସେମ୍ବ୍ଲିର ବିଲଡିଂ ଦେଖାଇବା ସହିତ ଯେଉଁଠାରେ ଭିଏତ୍‌ନାମର ସ୍ୱାଧୀନତା ଘୋଷଣା କରାଯାଇଥିଲା ସେଠାକୁ ନିଆଗଲା । ୨ ସେପ୍ଟେମ୍ବର ୧୯୪୫ ମସିହାରେ ହୋ-ଚ଼ି-ମିନ୍ ହାନୋଇର ବାଦିନ୍ ସ୍କୋୟାରଠାରେ ଭିଏତ୍‌ନାମର ସ୍ୱାଧୀନତା ଘୋଷଣା କରିଥିଲେ । ଏହି ସ୍ୱାଧୀନତା ଘୋଷଣା ପୂର୍ବରୁ ୧୨୮୫ ମସିହାରେ ପ୍ରଥମେ ସେ ସମୟର ସମ୍ରାଟ ଟ୍ରାନ୍ ସେଠାକାର ସମ୍ଭ୍ରାନ୍ତ ଓ କର୍ମଚାରୀମାନଙ୍କର ଏକ ବୈଠକ ଡାକିଥିଲେ ମଙ୍ଗୋଲମାନଙ୍କ ଆକ୍ରମଣକୁ ମୁକାବିଲା କରାଯିବ କି ନାହିଁ ସେ ସଂପର୍କରେ ପରାମର୍ଶ କରିବା ପାଇଁ ।

ଭିଏତ୍‌ନାମ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରକୁ ଆଇନ ସମ୍ମତ କରିବାପାଇଁ ଏକ ନିର୍ବାଚିତ ଜାତୀୟ ଆସେମ୍ବ୍ଲି ଗଠନ କରିବା ଥିଲା ହୋ-ଚି-ମିନ୍‌ଙ୍କର ଉଦ୍ଦେଶ୍ୟ । ୧୯୧୯ ମସିହାରେ ହୋ ଭିଏତ୍‌ନାମ୍‌ଙ୍କ ଜନଗଣଙ୍କ ପକ୍ଷରୁ ଏକ ୭ଦଫା ଦାବି ସମ୍ବଳିତ ଦରଖାସ୍ତ ପ୍ରସ୍ତୁତ କରି ଭରସେଲିସ୍ କନ୍‌ଫରେନ୍‌ସରେ ଉପସ୍ଥାପିତ କରିଥିଲେ । ଏହି ଦରଖାସ୍ତରେ ଏକ ଲିଖିତ ସଂବିଧାନ ଏବଂ ନିର୍ବାଚିତ ଆସେମ୍ବ୍ଲିର ଦାବି କରାଯାଇଥିଲା । କିନ୍ତୁ ମିଟିଂରେ ଏ ବିଷୟରେ ଆଦୌ ଆଲୋଚନା ହୋଇନଥିଲା ।

ବା ଦିନ୍ ସ୍କୋୟାରରେ ସ୍ୱାଧୀନତା ଘୋଷଣା ସମୟକୁ ଭିଏତ୍‌ମିନ୍ ମାନେ ସହରକୁ ଜାପାନର ଯୁଦ୍ଧକାଳୀନ ଶାସନରୁ ମୁକ୍ତକରିବା ପାଇଁ ନିଜ କବ୍‌ଜାରେ ରଖିଥିଲେ । ଦ୍ୱିତୀୟଦିନ କାମଚଳା ସରକାରର ପ୍ରଥମ ବୈଠକରେ, ହୋ-ଚ଼ି-ମିନ୍ ପ୍ରସ୍ତାବ ରଖିଥିଲେ ଯେ ଯେତେଶୀଘ୍ର ସାବାଳକ ଭୋଟ ପ୍ରଥା ମାଧ୍ୟମରେ ସାଧାରଣ

Digitized by PPRACHIN, SOA

ନିର୍ବାଚନ ହୋଇ ଜାତୀୟ ଆସେମ୍ବ୍ଲି ଗଠନ ହେଉ । ଭିଏତ୍‌ନାମ୍‌ର ୧୮ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକ ଏହି ଭୋଟରେ ଅଂଶଗ୍ରହଣ କରିବେ ।

ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା କିନ୍ତୁ ରାଜନୈତିକ ଅବସ୍ଥା ଥିଲା ସଂଗୀନ । ଫରାସୀ ସୈନ୍ୟବଳ ମାନେ ବ୍ରିଟିଶ ସେନାମାନଙ୍କ ସାହାଯ୍ୟରେ ସାଇଗନକୁ ଅଧିକାର କରି ନେଇଥିଲେ । ପୋଟସ୍‌ଡ୍ୟାଗ ଜାପାନୀ ସେନାମାନଙ୍କୁ ନିରସ୍ତ କରିବାକୁ ଦାୟିତ୍ୱ ଦିଆଯାଇଥିବା ସମ୍ମିଳନୀରେ ଜାପାନୀ ସେନାମାନଙ୍କୁ ନିରସ୍ତ କରିବାକୁ ଦାୟିତ୍ୱ ଦିଆଯାଇଥିବା ଜାତୀୟତାବାଦୀ ଚୀନ୍‌ର କୋମିଙ୍ଗଟାଙ୍ଗ୍ ସେନା ଯାହାର ନେତୃତ୍ୱ ନେଉଥିଲେ ଜେନେରାଲ୍ ନ୍ୟୁହାନ୍, ତାଙ୍କର ୫ଲକ୍ଷ ସେନାଙ୍କୁ ମଧ ହୋଇଁ ମୁକାବିଲା କରିବାକୁ ହେଲା । ସେ ମଧ ବିରୋଧର ସମ୍ମୁଖିନ ହେଲେ ଭିଏତ୍‌ନାମରେ ଥିବା ଚୀନ ସପକ୍ଷବାଦୀ ଭିଏତ୍‌ନାମ୍ ଜାତୀୟ ପାର୍ଟି, ଭିଏନ୍‌କ୍ୟୁଡିଡି ପକ୍ଷରୁ ।

ଅତ୍ୟନ୍ତ ଅବ୍ୟବସ୍ଥିତ ସୁରକ୍ଷା ମଧ୍ୟରେ ୬ ଜାନୁଆରୀରେ ନିର୍ବାଚନ ହେଲା । ଭିଏତ୍‌ମିନ୍ ଘୋଷଣା କଲା ଯେ ୯୦ ପ୍ରତିଶତ ମତଦାତା ଭୋଟରେ ଅଂଶ ଗ୍ରହଣ କରିବେ । ମାର୍ଚ୍ଚ ୩,୧୯୪୬ରେ ପ୍ରଥମ ଜାତୀୟ ଆସେମ୍ବ୍ଲି ହାନୋଇ ଅପେରା ହାଉସ୍‌ରେ ଅନୁଷ୍ଠିତ ହେଲା । ଏଥିରେ ୪୦୨ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ କୋମିଙ୍ଗ୍‌ଟାଙ୍ଗ ସମର୍ଥନ କରୁଥିବା ଭିଏନ୍‌କ୍ୟୁଡିଡି ଦଳର ୭୦ଜଣଙ୍କୁ ହୋ-ଚି-ମିନ୍ ନିଯୁକ୍ତ କରିଥିଲେ ।

ପ୍ରଥମ ବୈଠକରେ ଆସେମ୍ବ୍ଲି ପୂର୍ବଗଠିତ କାମଚଳା ସରକାରକୁ ସ୍ୱୀକୃତି ପ୍ରଦାନ କଲେ ଯାହାର ରାଷ୍ଟ୍ରପତି ହୋଇଥିଲେ ହୋ-ଚି-ମିନ୍ । ଏହା ବ୍ୟତୀତ ପ୍ରତିରୋଧ କମିଟି ଯାହା ଜେନେରାଲ ଭୋଭାନ୍ ଜିଆପ୍‌ଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ତାହାକୁ ସ୍ୱୀକୃତି ପ୍ରଦାନ କରାଗଲା । ପୂର୍ବତନ ସମ୍ରାଟ ବାଓ ଦାଇଙ୍କ ନେତୃତ୍ୱରେ ଏକ ଉପଦେଷ୍ଟା କମିଟି ଗଠନ କରାଗଲା ।

ଏହାର କିଛିଦିନ ପରେ ଭିଏତ୍‌ମିନ ମାନେ ହାନୋଇ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ ହେଲେ କାରଣ ଜାନୁଆରୀ ୧୯୪୬ ଚୁକ୍ତି ଅନୁଯାୟୀ କୋମିଙ୍ଗଓ୍ୱାନ ସେନା ବଦଳରେ ଫରାସୀ ସେନାଯୋଗ ଦେଲେ । ୧୯୪୫ ଜେନେଭା ରାଜିନାମା ଫଳରେ ଆସେମ୍ବ୍ଲିର ବୈଠକ ଅନୁଷ୍ଠିତ ହୋଇପାରିନଥିଲା ।

୧୯୬୦ ରେ ଦେଶର ଉତ୍ତରଭାଗରେ ନିର୍ବାଚନ ହେଲା । ଏହି ନିର୍ବାଚନରେ ୧୯୪୬ରେ ନିର୍ବାଚିତ ସଭ୍ୟମାନଙ୍କର ସ୍ଥାନ ବଜାୟ ରହିଥିଲା । ରାଷ୍ଟ୍ରବ୍ୟାପି ନିର୍ବାଚନ ପାଇଁ ୧୯୭୬ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେଲା ।

Digitized by PPRACHIN, SOA

ନୂତନ ଗଠିତ ଆସେମ୍ଲି ସାଇଗନ୍ ନାମକୁ ହୋ-ଚି-ମିନ୍‌ସିଟିରେ ପରିବର୍ତ୍ତନ କରିବା ସହିତ ରାଷ୍ଟ୍ରର ନାମକୁ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ଭିଏତ୍‌ନାମରୁ ପରିବର୍ତ୍ତନ କରି ସୋସିଆଲିଷ୍ଟ ରିପବ୍ଲିକ୍ ଭିଏତ୍‌ନାମ୍ କଲେ ।

ଜାତୀୟ ଆସେମ୍ଲି ବର୍ଷକରେ ଦୁଇଥର ବସେ ଏବଂ ଏହାର ଅବଧି ପାଞ୍ଚବର୍ଷ । ବିଶେଷ ଅବସ୍ଥାରେ, ଦୁଇ ତୃତୀୟାଂଶ ସଭ୍ୟ ଭୋଟ ଦେଇ ଆସେମ୍ଲିର ଅବଧିକୁ ବଢ଼ାଇ ପାରିବେ କିମ୍ବା କମାଇ ପାରିବେ । ଆସେମ୍ଲିର ବିଶେଷ ଅଧିବେଶନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଏକ ତୃତୀୟାଂଶ ଡେପୁଟିଜ୍ କିମ୍ବା ଆସେମ୍ଲି ଭୋଟ ମାଧ୍ୟମରେ ଡକା ଯାଇପାରିବ । ନିର୍ବାଚନର ୬୦ ଦିନ ମଧ୍ୟରେ ଆସେମ୍ଲି ବୈଠକ ଆହୂତ ହୋଇ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ହେବ । ସେମାନେ ସଂବିଧାନ ଅନୁସାରେ ଆସେମ୍ଲିର ସଭ୍ୟ ହୋଇଥିବେ । ଆସେମ୍ଲି ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ମୁଖ୍ୟ, ମୁଖ୍ୟ ଅଧିବକ୍ତାଙ୍କୁ ବାଛିବ ଏବଂ ରାଷ୍ଟ୍ରପତି ମନୋନୟନ ପାଇଁ ଆସେମ୍ଲି ଭୋଟ ଦେବ ।

ଆମେ ଆସେମ୍ଲି, ରାଷ୍ଟ୍ରପତି ଭବନ ଇତ୍ୟାଦିକୁ ବାହାରେ ଦେଖିବା ପରେ ବା ଦିନ୍ ସ୍କୋୟାରରେ କିଛି ସମୟ କଟାଇ ଫେରି ଆସିଥିଲୁ ହ୍ୟୁନି ହୋଟେଲକୁ ଯେଉଁଠି ଆମ ପାଇଁ ଅପେକ୍ଷା କରି ରହିଥିଲା ମଧ୍ୟାହ୍ନ ଭୋଜନ ।

□□□

Digitized by PPRACHIN, SOA

ଝିଅମାନଙ୍କର ପୋଷାକ

ଭିଏତ୍‌ନାମୀ ପୁଅଝିଅ ମାନଙ୍କର ପୋଷାକ ମୋତେ ବେଶ୍ ଆକର୍ଷିତ କରିଥିଲା । ହାନୋଇ ଏୟାରପୋର୍ଟରେ ପହଞ୍ଚିବାଠାରୁ ହ୍ୟୁନି ହୋଟେଲରେ ଆସି ଅବସ୍ଥାନ କରିବା ପର୍ଯ୍ୟନ୍ତ ସେମାନଙ୍କର ପାରଂପାରିକ ପୋଷାକ ଶୈଳୀ ବିଶେଷ କରି ଝିଅମାନଙ୍କୁ ଅତି ସୁନ୍ଦର ମାନୁଥିଲା । ପାରଂପାରିକ ପୋଷାକକୁ ଭିଏତ୍‌ନାମାରେ କୁହାଯାଏ ଆଓଦାଇ । ମୁଁ ଯେତେବେଳେ ହୋଟେଲ ରିସେପ୍‌ସନ୍‌ରେ ଥିବା ଝିଅକୁ ତାର ପୋଷାକ ସଂପର୍କରେ ପଚାରିଲି ସେ ମୋତେ ପୋଷାକର ଅତୀତଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କ୍ରମପରିବର୍ତ୍ତନର ଧାରା ବର୍ଣ୍ଣନା କରି କହିଲା । ଅତୀତରେ ଉତ୍ତର ଭିଏତ୍‌ନାମର ଝିଅ ମାନେ ପିନ୍ଧୁଥିବା ପୋଷାକ ଥିଲା ୩-୭ଖଣ୍ଡ । ତାହା ତିନି ପର୍ଯ୍ୟାୟରେ ପୋଷାକ । ବାହାର ଅଂଶ ୪ଖଣ୍ଡରେ ନିର୍ମିତ ପୋଷାକ ଏବଂ ଏହାର ରଙ୍ଗ ବ୍ରାଉନ ଓ ସିଲ୍‌କ କଳା । ମଝି ଅଂଶ ଚିକେନ୍ ରଙ୍ଗ ଏବଂ ଭିତର ଅଂଶ ଈଷତ୍ ହଳଦିଆ କିମ୍ବା ହାଲୁକା ନୀଳ । ପୋଷାକର କଲର ଗୋଲାକୃତି ଏବଂ ଭାଙ୍ଗ ନଥାଇ ସିଧା କିନ୍ତୁ ହାତ ପାଖରେ ଶକ୍ତ (tight) । କହୁଣୀ ପାଖ ଢିଲା ହେତୁ ହାତକୁ ସହଜରେ ପରିଚାଳିତ କରିହେବ । ତାହା କହୁଣିଠାରୁ ବେକପର୍ଯ୍ୟନ୍ତ ଏପରି ହୋଇଛି ଯେ ପୋଷାକର ତିନି ରଂଗବାରି ହୋଇ ପଡ଼ିବ । ମଧ୍ୟବୟସ୍କ ମହିଳାମାନେ ପିନ୍ଧନ୍ତି କଳା ରଙ୍ଗର ପୋଷାକ ଏବଂ ଗାଁର ଝିଅମାନେ ଧଳା, ହାଲୁକା, ଈଷତ୍ କଳାରଙ୍ଗ ବ୍ୟବହାର କରନ୍ତି । ୧୯୨୦-୩୦ମସିହା ପର୍ଯ୍ୟନ୍ତ ଗାଁ ଗହଳର ଝିଅମାନେ ଏହି ପାରଂପାରିକ ପୋଷାକ ବ୍ୟବହାର କରୁଥିଲେ । କିନ୍ତୁ ବଡ଼ ବଡ଼ ସହରମାନଙ୍କରେ ଆଓଦାଇରେ ପରିବର୍ତ୍ତନ ହେଲା । ନୂତନ ନିର୍ମିତ ଆଓଦାଇ କଲର ୧ସେମି ଉଚ୍ଚା । ପୋଷାକର ସିଲ୍‌ଭର କାନ୍ଧ ପାଖରୁ କହୁଣୀ ପର୍ଯ୍ୟନ୍ତ କ୍ରମଶଃ ସରୁ ହୋଇ ଆସେ ।

୧୯୩୫ ମସିହା ବେଳକୁ ଶିଳ୍ପୀ-କ୍ୟାଟ୍ ଟୁଆଙ୍ଗଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍ ବ୍ୟାପକ ଭାବେ ଫେସନ୍‌ରେ ପରିଣତ ହେଲା । ତାହାକୁ ପାଶ୍ଚାତ୍ୟ ଢଙ୍ଗରେ ସଜାଗଲା । ପୋଷାକରୁ ସରଳତା, ନମ୍ରତା ଓ ଜାତୀୟ ଚରିତ୍ର ବୁଝାପଡ଼େ । କଲର କେଉଁଠି ଉଚ୍ଚା, କେଉଁଠି ନିଚ୍ଚା । ଲମ୍ବ ଅନେକ ସ୍ଥଳରେ ବଡ଼, କେତେକ ସ୍ଥାନରେ

Digitized by PPRACHIN, SOA

ଛୋଟ । ଝିଅମାନଙ୍କ ପାଇଁ ଧଳା ଓ କଳାର ଟ୍ରାଉଜର ଏବଂ ଏହାକୁ ମଧ୍ୟ ବୟସ୍କା ସ୍ତ୍ରୀ ଲୋକମାନେ ବ୍ୟବହାର କରନ୍ତି । ଏହି ପୋଷାକ ମାତ୍ର ଗୋଟିଏ ପର୍ଯ୍ୟାୟ ।

ଗ୍ରୀଷ୍ମ ସମୟରେ ଝିଅମାନେ ସାଧାରଣତଃ ଧଳା ପିନ୍ଧନ୍ତି । ଏଥିରେ ଚିକେନ୍ ରଙ୍ଗର ସିଲ୍କ କନାର ଫୁଲ ସିଲାଇ ହୋଇଥାଏ । ଶୀତଦିନରେ ଏବଂ ବିଶେଷ ଦିନମାନଙ୍କରେ ସେମାନେ ସାଧାରଣତଃ ଭେଲ୍‌ଭେଟ୍ କନାର ପୋଷାକ ବ୍ୟବହାର କରନ୍ତି ।

ବର୍ତ୍ତମାନ ଭିଏତନାମର ପୋଷାକ ଉଚ୍ଚ କଲାର ଯୁକ୍ତ ଏବଂ ଲମ୍ବା ସିଲଭର । ଏହି ପୋଷାକକୁ ଦୂରରୁ ଦେଖିଲେ ଜଣାପଡ଼େ ଯେପରି ଗୋଟିଏ ନଦୀ କାରଣ ଏଥିରେ ଈଷତ୍ ନୀଳ, ପିଙ୍କ ଓ ଧଳାରଙ୍ଗ ରହିଥିବାରୁ ଏହା ଅତ୍ୟନ୍ତ ରୁଚିପୂର୍ଣ୍ଣ ଓ ପ୍ରେମପୂର୍ଣ୍ଣ ଅନୁଭବ ହୁଏ ।

ଭିଏତନାମ୍‌ରେ ଝିଅମାନଙ୍କର ଏପରି ପୋଷାକରୁ ମୋର ମନେ ହେଲା ସେମାନେ ନିଜର ପରଂପରା ପ୍ରତି ଅତ୍ୟଧିକ ସଚେତନ ଏବଂ ଆଧୁନିକତା ନାମରେ ପାଶ୍ଚାତ୍ୟ ବେଶ ପୋଷାକ ଅନୁକରଣ କରିବାରେ ଆଗ୍ରହ ରଖୁନାହାଁନ୍ତି ।

□□□

Digitized by PPRACHIN, SOA

ଫୁଟପାଥ୍‌ର ବଜାର

ହାନୋଇ ସହର ମଧ୍ୟରେ ପ୍ରବେଶ କରିବା ମାତ୍ରେ ଯାହା ପ୍ରଥମେ ଆଖିରେ ପଡ଼େ ତାହା ରାସ୍ତାର ଫୁଟପାଥ୍ ଉପରେ ସବୁ ପ୍ରକାର ବଜାର । ହ୍ୟୁନି ହୋଟେଲ ରାସ୍ତାକଡ଼ରେ ଫୁଟ୍‌ପାଥ୍ ଏତେ ଗହଳି ଯେ ମନେହୁଏ କଲିକତା, ବମ୍ବେ, ଦିଲ୍ଲୀ ଫୁଟ୍‌ପାଥିରେ ଚାଲିଥିବା ବ୍ୟବସାୟ ଓ ଲୋକଗହଳିଠାରୁ କମ୍ ନୁହେଁ । କିନ୍ତୁ ସେହି ଫୁଟ୍‌ପାଥିର ଦୋକାନକୁ ଦେଖିଲେ ଜଣାପଡ଼େ ଗରିବ ଲୋକମାନେ ତାଙ୍କର ଛୋଟିଆ ବ୍ୟବସାୟକୁ ସହର ମଧ୍ୟରେ ଚଳାଇ ରଖିବାର ଚେଷ୍ଟା କରୁଛନ୍ତି । ଏମାନଙ୍କୁ କୁହାଯାଉଛି ଷ୍ଟ୍ରିଟ୍‌ଭେଣ୍ଡର ।

ପ୍ରଥମେ ଜିନିଷ ସବୁ ମୁଣ୍ଡରେ ବୁହାଁହୋଇ ଆସୁଥିଲା । ଏମାନେ ମୁଣ୍ଡ ଉପରେ ଲୁଗାର ଠେକା ଥୋଇ ତା ଉପରେ ବାକ୍ସ ରଖି ଆଣୁଥିଲେ । ବିଶେଷ କରି ଚିନିମିଠାଇ ବା କାଠି ଚାରିକଡ଼ରେ ବୋଳା ହୋଇଥିବା ମିଠାଇକୁ ସେମାନେ ଏପରି ବାକ୍ସରେ ଆଣୁଥିଲେ ଏବଂ ବାକ୍ସକୁ ମୁଣ୍ଡ ଉପରେ ରଖି ଠିଆ ହୋଇ ରହୁଥିଲେ । କେହି କ୍ରେତା ଆସିଲେ, ମୁଣ୍ଡରୁ ଓହ୍ଲାଉଥିଲେ ବାକ୍ସକୁ ଏବଂ ଏହାକୁ ଲମ୍ବ ଅନୁସାରେ ବିକ୍ରୀ କରୁଥିଲେ । ଯେତେବଡ଼ ସେତେ ବେଶୀ ଟଙ୍କା । ପାଟିରେ ଦେବାମାତ୍ରେ ତାହା ଭାଙ୍ଗିଯିବ ଓ ଆସ୍ତେ ଆସ୍ତେ ମିଳାଇଯିବ ।

ଏହି ବୁଲାବିକାଳୀ ମାନେ ମାଂସ, ଅଣ୍ଡା, କେକ୍ ମଧ ବାକ୍ସ ବା ଝୁଡ଼ିରେ ମୁଣ୍ଡାଇ ବିକ୍ରୀ କରୁଥିଲେ । ଏବେବି ଓଡ଼ିଶାର ଗାଁ ଗହଳରେ ଏପରି ବୁଲା ବିକାଳୀମାନଙ୍କୁ ଦେଖିବାକୁ ମିଳେ ।

ହାନୋଇ ରାସ୍ତାକଡ଼ରେ ଖାଇବା ଦୋକାନ ବେଶ୍ ଅନେକ । ଚୁଲାଉପରେ କଡ଼େଇ ବସିଥିବା ଗରମ ପାଣିରେ ଝିଟିପିଟି, ଅସରପା, ଜିଆ, ସାପ ଇତ୍ୟାଦିକୁ ପକାଇଦେଇ ଖାଇବାକୁ ପ୍ଲେଟରେ ଦେବେ । କେତେକ ମୁଣ୍ଡରେ ଜିନିଷପତ୍ର ଆଣୁଥିବା ବେଳେ ଅନ୍ୟ କେତେକ ବାହୁଙ୍ଗୀରେ ଆଣନ୍ତି । ଗୋଟିଏ ଲମ୍ବା ବାଉଁଶର ଦୁଇ କଡ଼ରେ ଝୁଲା ହୋଇଥିବା ଜିନିଷମାନ । ସେମାନେ ବିଭିନ୍ନ ଲୁଣ, ଆଚାର, ଫଳ ଇତ୍ୟାଦି ଧରି ବିକ୍ରୀ ପାଇଁ ଆସିଥିବେ ।

Digitized by PPRACHIN, SOA

ମୁଁ ଫୁଟପାଥ୍‌ର ଧାରେ ଧାରେ ଚାଲିବା ବେଳେ ଲକ୍ଷ୍ୟ କରୁଥିଲି ପ୍ରାୟ ପ୍ରତ୍ୟେକ ସ୍ଥାନରେ ବିଭିନ୍ନ ପ୍ରକାର ସାମଗ୍ରୀର ପସରା ମେଲା ହୋଇଛି । ଯେପରି ଓଡ଼ିଶାର ଗ୍ରାମାଞ୍ଚଳର ହାଟ । କେହି ମୁଣ୍ଡରେ, କେହି ଭାରରେ ଏବଂ ଏବେ ସାଇକେଲରେ ଜିନିଷ ପତ୍ର ବୋହିବାର ଦେଖାଯାଏ । ସାଇକେଲ ଦୁଇ କଡ଼ରେ ଟୋକେଇ ଆକୃତିର ବାଉଁଶ ଡବା ଲଦାହୋଇ ସେଥିରେ ଜିନିଷପତ୍ର ବୁହାଯାଏ ଏବଂ ସାଇକେଲକୁ ଠିଆ କରି ସେମାନେ ଗରାଖ ସହିତ ମୂଲଚାଲ କରି ବିକ୍ରୀ କରନ୍ତି ।

ହାନୋଇରେ ଯେ କେତେ ମଲ୍ ବା ଦୋକାନ, ସୁପରମାର୍କେଟ ନାହିଁ ଏକଥା ନୁହେଁ । କିନ୍ତୁ ନିଜର ଦୈନିକ ରୋଜଗାର ପାଇଁ ଅନେକ ରାସ୍ତାକଡ଼ର ଫୁଟ୍‌ପାଥ ଦୋକାନ ଉପରେ ନିର୍ଭର କରନ୍ତି । ହାନୋଇର ରାସ୍ତାକଡ଼ରେ ଛୋଟ ଛୋଟ ଦୋକାନର ପସରା ମେଲି ବସିଥିବା ଲୋକମାନେ ଜୀବନ ସଂଗ୍ରାମରେ ଯୁଝୁଥିବା ବେଳେ ପାଠ ପଢ଼ିବା ପାଇଁ ମଧ୍ୟ ରହିଛି ସେମାନଙ୍କର ଆଗ୍ରହ । ଅଧିକାଂଶ ରାତି ସ୍କୁଲରେ ପାଠ ପଢନ୍ତି । ଏପରିକି ଯେଉଁମାନେ ଫ୍ୟାକ୍ଟ୍ରିରେ କାମ କରନ୍ତି, ସେମାନଙ୍କର ମଧ୍ୟ ପାଠପଢ଼ିବାର ବ୍ୟବସ୍ଥା ଥାଏ । ହାନୋଇ ବା ହୋ-ଚି-ମିନ୍ ସିଟିରେ ବାସଗୃହ ସମସ୍ୟା ଅତି ଉତ୍କଟ । ଆମ ରାଜ୍ୟରେ ଯେପରି ସହର ମାନଙ୍କରେ ବସ୍ତି ଗଢ଼ି ଉଠିଛି ସେଠାରେ ମଧ୍ୟ · ଲୋକମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି । ଭିଏତ୍‌ନାମର ଲୋକମାନେ ବିଶେଷ ଭାବରେ କୃଷି ଉପରେ ନିର୍ଭର କରୁଥିବାରୁ ସେମାନଙ୍କର ଉନ୍ନତି ପାଇଁ ସମବାୟ ମାଧ୍ୟମରେ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି ।

ହାନୋଇ ସହର ସମୁଦାୟ ୯୧୩.୮ ବର୍ଗ କିଲୋମିଟର ଏବଂ ଏହା ଉତ୍ତରରୁ ଦକ୍ଷିଣକୁ ୫୦କି.ମି ଓ ପଶ୍ଚିମରୁ ପୂର୍ବକୁ ୩୦କି.ମି ଲମ୍ବ । ମୁଁ ଫୁଟ୍‌ପାଥ୍‌ରେ ବୁଲିବା ବେଳେ ଦେଖୁଥିଲି ମହିଳାମାନଙ୍କର ସଂଖ୍ୟା ମଧ୍ୟ ଅଧିକ । ଦୀର୍ଘବର୍ଷ ଧରି ସାମ୍ରାଜ୍ୟବାଦୀ ବୃହତ୍‌ଶକ୍ତି ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ସଂଗ୍ରାମ କରି ସେମାନେ ହୋଇଛନ୍ତି ଇସ୍ପାତର ମଣିଷ ଏବଂ ବଂଚିବା ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ । ଫୁଟପାଥ୍‌ରେ ବିପଣିର ଲମ୍ବା ଧାଡି ବସିଥିଲେ ମଧ୍ୟ ହୋହଲ୍ଲା ନଥିଲା ବରଂ ଶୃଙ୍ଖଳିତ ଭାବରେ ସେମାନେ କଥା ହେଉଥିଲେ । ସେମାନଙ୍କର ଖାଦ୍ୟ ସହିତ ମୋର ଯଦିଓ ଆଦୌ ରୁଚି ନଥିଲା, କିନ୍ତୁ ଅସରପା, ଝିଟିପିଟିକୁ ଗରମ ପାଣିରେ ପକାଇ ଖାଇବା ଦେଖିବା ବେଳେ ମୋତେ ଟିକିଏ ଅଶ୍ୱସ୍ତି ଅନୁଭବ ହେଉଥିଲା । ହ୍ୟୁନି ହୋଟେଲ୍ ଥିଲା ଚାରିଛକ ଉପରେ ଏକ ଆଭିଜାତ୍ୟ ହୋଟେଲ ଏବଂ ତାକୁ ଘେରି ଚାଲିଥିଲା ଫୁଟ୍‌ପାଥ୍‌ର ବଜାର ।

Digitized by PPRACHIN, SOA

ଭିଏତ୍‌ନାମ ସାହିତ୍ୟର ସମ୍ୟକ୍ ଝଲକ

ଭିଏତ୍‌ନାମର ହାନୋଇଠାରେ ସାତଦିନ ରହିବା ବେଳେ ଦିନେ ସନ୍ଧ୍ୟାରେ ମାର୍କେଟ ଯାଇ କିଛି ବହି ଦୋକାନ ଦେଖିବାକୁ ଇଛା ହେଲା । ବହିଦୋକାନ ମାତ୍ର ଦୁଇଟି ଏବଂ ଇଂରାଜୀରେ ଲିଖିତ ପୁସ୍ତକ ବେଶୀ କିଛି ନାହିଁ । ଚାରିଗୋଟି ବହି କିଣିଲି । ସେ ଗୁଡ଼ିକ ହେଉଛି ଭିଏତ୍‌ନାମିଜ ଲିଟରେଚର, ଦି ସରୋଅଫ୍‌ୱାର, ପାରାଡାଇଜ୍ ଅଫ୍ ଦି ବ୍ଲାଇଣ୍ଡ ଏବଂ ପ୍ରିଜିନ୍ ଡାଏରୀ । ପ୍ରିଜିନ୍ ଡାଏରୀ ହୋ-ଚି-ମିନ୍ ଚୀନ୍ ଠାରେ ଜେଲରେ ଥିବା ସମୟରେ ତାଙ୍କ ଦ୍ୱାରା ଲିଖିତ କବିତା । ଦି ସରୋ ଅଫ୍ ଦି ୱାର ଉତ୍ତର ଭିଏତ୍‌ନାମର ପୁରସ୍କୃତ ଉପନ୍ୟାସ ଯାହାର ଲେଖକ ହେଉଛନ୍ତି ବାଓ ନିହ । ଏହାର ଇଂରାଜୀ ଅନୁବାଦ କରିଛନ୍ତି ଫ୍ରାଙ୍କ ପାମୋଜ । ଏହା ରାଇଟରସ୍ ଆସୋସିଏସନ୍ ପବ୍ଲିଶିଂ ହାଉସ, ହାନୋଇ ଦ୍ୱାରା ୧୯୯୧ରେ ପ୍ରକାଶିତ ହେବା ପରେ ଇଂରାଜୀରେ ଅନୁବାଦ ହୋଇ ୧୯୯୩ରେ ପ୍ରକାଶ ପାଇଥିଲା । ଏହି ଉପନ୍ୟାସର କଥାବସ୍ତୁ ମଧରେ ପୂରି ରହିଛି ଭିଏତ୍‌ନାମ ଯୁଦ୍ଧ ବିଭୀଷିକାର ଚିତ୍ର ଏବଂ ସେଥିରେ ଉତ୍ପୀଡିତ ହୋଇଥିବା ମଣିଷ । ଯୁଦ୍ଧରେ ଯେ କେହି ଜୟ ଲାଭ କରିଥାଉ, କିନ୍ତୁ ମାନବତାର ହତ୍ୟା ଏହି ଯୁଦ୍ଧର ଦୁଃଖ ବା ଦି ସରୋଅଫ୍ ୱାରରେ ବର୍ଣ୍ଣିତ । ପାରାଡାଇଜ୍ ଅଫ୍ ଦି ବ୍ଲାଇଣ୍ଡ ହେଉଛି ଅନ୍ୟ ଏକ ଉପନ୍ୟାସ ଯାହା ଭିଏତ୍‌ନାମରେ ନିଷିଦ୍ଧ କରାଯାଇଥିଲା ଏବଂ ଆମେରିକାରେ ପ୍ରକାଶିତ ହୋଇଛି । ଏହାର ଲେଖିକା ଡୁଆଙ୍ଗ ଥୁ ହୁଆଙ୍ଗ । ଏହାର ଅନୁବାଦ କରିଛନ୍ତି ଫାନ୍ ହୁ ଡୁଆଙ୍ଗ ଏବଂ ନିନା ମାକ୍‌ଫର୍‌ସନ୍ । ପେଙ୍ଗୁଇନ୍ ବୁକ୍‌ସ ଏହାର ପ୍ରକାଶକ । ଏହି ଉପନ୍ୟାସର କଥାବସ୍ତୁ ତିନିଜଣ ଭିଏତ୍‌ନାମୀ ମହିଳାଙ୍କ ଜୀବନ ଉପରେ ଆଧାରିତ ଯେଉଁମାନେ ସମାଜରେ ତିଷ୍ଠି ରହିବା ପାଇଁ ସଂଗ୍ରାମରତ । ଅନ୍ୟ ଯେଉଁ ପୁସ୍ତକଟି ତାହା ହେଉଛି ଭିଏତ୍‌ନାମ ସାହିତ୍ୟ । ଭିଏତ୍‌ନାମ ସାହିତ୍ୟ ସଂପର୍କରେ ସମ୍ୟକ୍ ଧାରଣା ଦେବା ପାଇଁ ଏ ସଂପର୍କରେ କିଛି ଅବତାରଣା କରାଯାଇପାରେ ।

Digitized by PPRACHIN, SOA

ବହୁ ହଜାର ବର୍ଷ ମଧ ଦେଇ ଭିଏତ୍‌ନାମ ରାଷ୍ଟ୍ର ଗଠନ ହୋଇଛି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ୧୯୪୫ ମସିହା ପରଠାରୁ ଭିଏତ୍‌ନାମ ସାହିତ୍ୟରେ ପୁନରଭ୍ୟୁଦୟ ସଂଘଟିତ ହୋଇଛି । କିନ୍ତୁ ଆଧୁନିକ ସାହିତ୍ୟ ଆରମ୍ଭର କାଳଖଣ୍ଡ ହେଉଛି ୧୯୦୦-୧୯୩୦ । ଭିଏତ୍‌ନାମର ଉପନିବେଶବାଦୀ ଶାସନ ବ୍ୟବସ୍ଥା ମଧ୍ୟରେ ଆଧୁନିକ ସାହିତ୍ୟର ଆରମ୍ଭ ଓ ବିକାଶ ହୋଇଥିଲେ ମଧ ୧୯୩୦ରେ ଅର୍ଥନୈତିକ ଓ ରାଜନୈତିକ ସମସ୍ୟା ଉପନିବେଶ ଶାସନ ବ୍ୟବସ୍ଥାକୁ ଦୋହଲାଇ ଦେଇଥିଲା । ସେହି ସମୟରେ ଜନ୍ମଲାଭ କରିଥିଲା କମ୍ୟୁନିଷ୍ଟ ପାର୍ଟି ଏବଂ ଏହାର ନେତୃବର୍ଗ ଜାତୀୟ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଲେ । ଏହା ପ୍ରତ୍ୟକ୍ଷ ଭାବରେ ସାହିତ୍ୟକୁ ପ୍ରଭାବିତ କଲା । ଏହି ସମୟ ମଧ୍ୟରେ ଖବରକାଗଜ ଓ ପତ୍ରିକା ପ୍ରକାଶନରେ ବୃଦ୍ଧି ଘଟିଲା । ଜାତୀୟ ଆନ୍ଦୋଳନ ମଧ୍ୟକୁ ଲେଖକ ଗୋଷ୍ଠୀ ପ୍ରବେଶ କଲେ । ସାହିତ୍ୟ ସାଧାରଣ ଗରିବ ଜନତାର ସମସ୍ୟାକୁ ଉଜ୍ଜୀବିତ କରିବାକୁ ଆରମ୍ଭ କଲା । କବିତା ଏବଂ ସଂଘର୍ଷ ଯେପରି ଓତପ୍ରୋତ ହୋଇ ଯୋଡି ହୋଇଗଲେ । ୧୯୪୨ ମସିହାରେ ହୋ-ଚି-ମିନ୍‌ଙ୍କୁ ଆରେଷ୍ଟ କରିବା ସମୟରେ ସେ ଜେଲରେ ଲେଖିଥିଲେ କବିତା ଯାହା "ପ୍ରିଜିନ ଡାଏରୀ" ବା "ବନ୍ଦୀର ଆତ୍ମକଥା"ରେ ପ୍ରକାଶ ପାଇଛି । ଏହି ପ୍ରିଜିନ୍ ଡାଏରୀ ଭିଏତ୍‌ନାମ ସାହିତ୍ୟର ଏକ ଅନବଦ୍ୟ ଗ୍ରନ୍ଥ ।

ଏଥିରେ କବି ଓ ସଂଗ୍ରାମୀର ସମନ୍ୱିତ ରୂପ ଦେଖିବାକୁ ମିଳେ ।

ଏହି ସମୟରେ ଭିଏତ୍‌ନାମ ସାହିତ୍ୟ କଳା ପାଇଁ କଳା ନ ହୋଇ ହୋଇଥିଲା ସାହିତ୍ୟ ଜୀବନ ପାଇଁ ।

ଅଗଷ୍ଟ, ୧୯୪୫ ବିପ୍ଳବ ଭିଏତ୍‌ନାମ ରାଷ୍ଟ୍ର ଜୀବନରେ ଏକ ନୂତନ ଇତିହାସ ପର୍ଯ୍ୟାୟ ଉନ୍ମୋଚିତ କଲା । ୩୦ ବର୍ଷ ମଧ୍ୟରେ ଲମ୍ବା ସଂଗ୍ରାମ ସାମ୍ରାଜ୍ୟବାଦର ଦୁଇ ମହାଶକ୍ତି ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ । ଏହି ମହାନ୍ ବିପ୍ଳବରେ ସହରାଞ୍ଚଳର ଲୋକମାନଙ୍କ ସହିତ ଯୋଗ ଦେଇଥିଲେ ନିପଟ ମଫସଲରେ ରହୁଥିବା କୃଷକ ଗୋଷ୍ଠୀ ଏବଂ ବଣପାହାଡ଼ ଘେରା ବସତିରେ ବାସ କରୁଥିବା ସଂଖ୍ୟା ଲଘୁ ସଂପ୍ରଦାୟ । ତେଣୁ ସାହିତ୍ୟ ଏହି ଘଟଣାବଳୀ ସହିତ ତାଳ ମିଳାଇ ଚାଲିବାକୁ ବାଧ ହୋଇଥିଲା । ବୈପ୍ଳବିକ ଆନ୍ଦୋଳନ ସାହିତ୍ୟ ପାଇଁ ସୃଷ୍ଟି କରିଥିଲା ଏକ ଶକ୍ତିଶାଳୀ ପ୍ରେରଣା । ଯେଉଁମାନେ କୃଷକ ଓ ଶ୍ରମିକମାନଙ୍କ ସହିତ ବନ୍ଧୁକ ଧରି, ସେମାନଙ୍କ ହାତରେ ହାତ ମିଳାଇ ଲଢ଼ିଥିଲେ ସେମାନଙ୍କ ମଧ୍ୟରୁ କବି ଓ ଲେଖକ ଉଦ୍‌ଭବ ହେଲେ । ସେମାନେ ଥିଲେ ନୂତନ ମଣିଷ; ଲେଖୁଥିଲେ କବିତା, ଗଳ୍ପ, ଉପନ୍ୟାସ,

Digitized by PPRACHIN, SOA

ନାଟକ ନୂତନ ପାଠକ ଓ ଦର୍ଶକମାନଙ୍କ ପାଇଁ । ଏହା ସହିତ ସଂସ୍କୃତି କ୍ଷେତ୍ରରେ ମଧ ଘଟିଥିଲା ଉଲ୍ଲେଖନୀୟ ପରିବର୍ତ୍ତନ । କ୍ୱାକ ବ୍ୟୁ ଜାତୀୟ ଭାଷା ଭାବରେ ସବୁ ସ୍ତରରେ ପ୍ରଚଳିତ ହେବାକୁ ଆରମ୍ଭ କରିଥିଲା । ନିରକ୍ଷରତା ଦୂରୀକରଣ କରାଯିବା ପାଇଁ ଶିକ୍ଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରସାର ସହିତ ସିନେମା, ଥିଏଟର, ସଙ୍ଗୀତ ଏବଂ ନୃତ୍ୟ ଉପରେ ପ୍ରାଧାନ୍ୟ ଦିଆଗଲା । ଜାତୀୟ ସାହିତ୍ୟର ସମୃଦ୍ଧି ପାଇଁ ଅନ୍ୟ ରାଷ୍ଟ୍ର ସହିତ ସାଂସ୍କୃତିକ ସଂପର୍କ ସ୍ଥାପନ କରାଗଲା । ଚୀନ୍ ଓ ସୋଭିଏତ୍ ୟୁନିୟନ ସହିତ ସାଂସ୍କୃତିକ ସଂପର୍କ ଲେଖକ ମାନଙ୍କ ନିକଟରେ ନୂତନ ଦିଗବଳୟ ଉନ୍ମୋଚନ କରିବାରେ ସାହାଯ୍ୟ କଲା । ବିଭିନ୍ନ ପ୍ରସିଦ୍ଧ ଲେଖକ ଯଥା- ସେକ୍ସପିୟର, ବାଲଜାକ୍, ଟଲଷ୍ଟୟ, ସେଲୋକୋଭ ଏବଂ ଆଣ୍ଡରସନ ପ୍ରଭୃତିଙ୍କ ଲେଖାର ଅନୁବାଦ ପ୍ରକାଶିତ ହୋଇ ଲୋକଙ୍କ ମଧ୍ୟରେ ଅନେକ ଆଗ୍ରହ ସୃଷ୍ଟି କଲା ।

ସବୁଠାରୁ ମୌଳିକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଥିଲା ସାହିତ୍ୟ ସର୍ଜ୍ଜନା ଉପରେ ମାର୍କସବାଦ ଓ ଲେନିନ୍‌ବାଦ । ଅଣରାଜନୈତିକ ସାହିତ୍ୟ ସୃଷ୍ଟି ଥିଲା କଳ୍ପନାର ବାହାରେ ଯେତେବେଳେ ସମଗ୍ର ଜନତା ସାଂସ୍କୃତିକ ଜାଗରଣ ମାଧ୍ୟମରେ ଏକ ମହାନ୍ ସଂଗ୍ରାମରେ ବ୍ରତୀ ହୋଇଥିଲେ ।

ତେଣୁ ଭିଏତ୍‌ନାମର ସାହିତ୍ୟ ସୃଷ୍ଟି କବିତା, ଗଦ୍ୟ, ନାଟକ କ୍ଷେତ୍ରରେ ଥିଲା ଅପର୍ଯ୍ୟାପ୍ତ ଏବଂ ଆମେରିକାର ବୋମା ଲେଖକର କଲମକୁ ବନ୍ଦ କରିପାରିନଥିଲା କିମ୍ବା ସଂଗୀତକାରଙ୍କର ସଂଗୀତର ସ୍ୱରକୁ ଅସ୍ତମିତ କରି ପାରିନଥିଲା । ଏହାହିଁ ପରିଚୟ କରାଇଦିଏ ଭିଏତ୍‌ନାମ ଲୋକମାନଙ୍କର ଶକ୍ତି ଓ ସାମର୍ଥ୍ୟ ଏବଂ ବିଜୟ । ଏହି ବିଜୟ ମଧ ଥିଲା ପଶୁଶକ୍ତି ବିରୁଦ୍ଧରେ ମାନବତାର ଜୟଗାନ ।

ଭିଏତ୍‌ନାମ ପୂର୍ଣ୍ଣ ସ୍ୱାଧୀନତା ସହିତ ଏକୀକରଣ ହେଲା ୧୯୭୫ ମସିହାରେ ଏବଂ ସାହିତ୍ୟ କ୍ଷେତ୍ରରେ ଆରମ୍ଭ ହେଲା ଏକ ନୂତନ ଅଧ୍ୟାୟ ।

ଭିଏତ୍‌ନାମ ସାହିତ୍ୟ ସଂପର୍କରେ ଜାଣିବା ପାଇଁ ଯଦିଓ ସାହିତ୍ୟିକମାନଙ୍କୁ ଭେଟିବାକୁ ଇଚ୍ଛା ଥିଲା, ସମୟ ସ୍ୱଳ୍ପତା ହେତୁ, ତାହା ହୋଇ ପାରି ନଥିଲା କିନ୍ତୁ ମୋର ଦ୍ୱିଭାଷୀ ତରୁଣ ବନ୍ଧୁ ତୁ ଭାନ୍ ତୁ ମୋତେ ସଂକ୍ଷେପରେ ଇତିହାସ ଓ ସାହିତ୍ୟ ସଂପର୍କରେ ଅବଧାରଣା ଦେଇଥିଲେ ।

□□□

Digitized by PPRACHIN, SOA

ପିକ୍‌ନିକର ମଜା ଓ କଣ୍ଢେଇ ନାଚ

ଆସନ୍ତା କାଲି ଅର୍ଥାତ୍ ୨୯ ନଭେମ୍ବର ୧୯୯୫ ମସିହା ମୋତେ ହାନୋଇରୁ ବିଦାୟ ନେବାକୁ ହେବ । ହାତରେ ମାତ୍ର ଦେଢ଼ଦିନ । ଶାନ୍ତି କମିଟିର କର୍ମକର୍ତ୍ତାମାନେ ସକାଳୁ ଆସି ଜଣାଇ ଦେଲେ ଆମେ ବୁଲିଯିବୁ ଏକ ମଫସଲ ଗାଁକୁ ଯେଉଁଠି ଅଛି ଝରଣା, ଧାନକ୍ଷେତ, ଫୁଲ ବଗିଚା । ଗାଡି ଲାଗିଗଲା ହ୍ୟୁନି ହୋଟେଲ ସାମନାରେ । ଆମେ ଥିଲୁ ୧୨ଜଣ । ବେଶ୍ ବଡ଼ ଗାଡି ଥିବାରୁ ବସିବାରେ ଅସୁବିଧା ହେଲାନି । ହାନୋଇ ସହର ମଧ୍ୟ ଦେଇ ଯିବାବେଳେ ଆମେ ହାନୋଇ ଫ୍ଲାଗ ପିଲାର ପାଖରେ କିଛି ସମୟ କଟାଇ ୱେଷ୍ଟଲେକ୍, ଚିଲିପାର୍କ, ଲେନିନ୍ ପାର୍କ, ଥୁ-ଲି ପାର୍କ ଅତିକ୍ରମ କରିଗଲୁ ସହର ବାହାରକୁ । ୱେଷ୍ଟଲେକ୍ ଏକ ବିରାଟ ହ୍ରଦ ଅବଶ୍ୟ ଆମର ଚିଲିକା ପରି ନୁହେଁ । ବରଂ ଏହାକୁ ଏକ ବିରାଟ ପୁଷ୍କରିଣୀ କହିଲେ ଭୁଲ୍ ହେବନି । ସେଥିରେ ଫୁଟିଛି ନାଲି ଓ ଧଳା କଇଁଫୁଲ । କୂଳରେ କଳମ ଶାଗ ଏବଂ ସୁନ୍ଦର ସୁନ୍ଦର କରବିର ଫୁଲର ଗଛ ।

ଚିଲି ପାର୍କର ନାମ ହେଉଛି ଇନ୍ଦିରାଗାନ୍ଧୀ ପାର୍କ । ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ପାଇଁ ଏହି ପାର୍କ ଉତ୍ସର୍ଗ ହୋଇଛି ।

ଆମେ ରାସ୍ତା କଡ଼ରେ ଦେଖୁଥିଲୁ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଏବଂ ସେଥିରେ କାର୍ଯ୍ୟରତ ପୁରୁଷ ଓ ମହିଳା । ମୁଣ୍ଡରେ ଟୋପି ଦେଇ ନଇଁ ପଡି ଧାନ କାଟୁଛନ୍ତି । କେଉଁଠି କେଉଁଠି ମେସିନ୍‌ରେ ଧାନକୁ ଅମଳ କରି ହାତଟଣା ଗାଡ଼ିରେ ଲଦି ଦେଉଛନ୍ତି । କେତେ ସ୍ଥାନରେ ହୋଣ୍ଡା ସାଇକେଲ ବାସ୍କେଟରେ ବସ୍ତା ରଖି ଚାଲିଛନ୍ତି । ଏହା ସାଇକେଲ୍ ନୁହେଁ ବରଂ ମଟର ସାଇକେଲର ରୂପ କିନ୍ତୁ ଆଦୌ ଶବ୍ଦ ନାହିଁ । ଆମେ ପିକ୍‌ନିକ୍ ପରି ପାହାଡ଼ ଘେରା ଏକ ସ୍ଥାନରେ ଅଟକିଲୁ । ହାନୋଇଠାରୁ ପ୍ରାୟ ୧୦୦କି.ମି ଦୂର । କିଛି ଦୂରରେ ଝରଣା । ଟ୍ୟୁରିଷ୍ଟମାନଙ୍କୁ ଆକର୍ଷିତ କରିବା ପାଇଁ ସ୍ଥାନଟିକୁ ବେଶ୍ ପରିଷ୍କାର କରି ରଖିବା ସହିତ ସିମେଣ୍ଟ ରାସ୍ତା ଓ ପାହାଡ଼ କରାଯାଇଛି । କ୍ୟାଫଟେରିଆ ମଧ୍ୟ ଅଛି । ଆମକୁ ସେଠାରେ ଦେଖେ

Digitized by PPRACHIN, SOA

ଲଞ୍ଚ୍ । ଭାତ ଓ ବିଭିନ୍ନ ପ୍ରକାର ମାଂସ । ଆଳୁ ବା ବିଲାତି ବାଇଗଣ ନାହିଁ । କଳମ ଶାଗକୁ ଗରମ ପାଣିରେ ବୁଡ଼ାଇ ଖାଇବା ପାଇଁ ପରଶିଲେ । ଦୁଇଟି କାଠି ଦେଲେ ଖାଇବାରେ ବ୍ୟବହାର ପାଇଁ । କାଠି ଦୁଇଟିରେ ଭାତ ଉଠାଇ ପାଟିକି ନେଇ ହେଲାନି କିମ୍ବା ଗରମ ପାଣିରୁ କଳମ ଶାଗକୁ ଉଠାଇ ଚୋବାଇବାକୁ ମୋର ମନ ବଳିନା ନାହିଁ । ୨ଟା କୋକାକୋଲା ପିଇ ଉଦର ଶାନ୍ତ କରିବାକୁ ହେଲା । କାଫ୍‌ଟେରିଆରେ ଖାଇବାକୁ ତ ଆଉ କିଛି ନାହିଁ ।

ଆମେ ହାନୋଇରେ ପହଞ୍ଚିବା ବେଳକୁ ସନ୍ଧ୍ୟା । ଆମର ମନୋରଂଜନ ପାଇଁ ଭିଏତନାମ ଶାନ୍ତି କମିଟି ଥିଏଟରରେ କଣ୍ଢେଇ ନାଚ ଦେଖେଇବାର ବ୍ୟବସ୍ଥା କରିଥାନ୍ତି । ପାଣି ଉପରେ କଣ୍ଢେଇ ନାଚ ଭିଏତ୍‌ନାମରେ ପ୍ରସିଦ୍ଧ । ଯେହେତୁ ଆମେ ବିଦେଶୀ ବନ୍ଧୁ ଓ ଶାନ୍ତି ଦୂତ, ସେଥିପାଇଁ ଯେତେ ପ୍ରକାର ସଦିଚ୍ଛା ଯୋଗାଇ ଦିଆଯାଇପାରେ, ସେଥିରେ ସେମାନେ ଆଦୌ ହେଳା କରୁନଥିଲେ ।

ଆମେ ବିରାଟ ଥିଏଟର ହଲ ଘରେ ପ୍ରବେଶ କଲୁ । ହଲ୍ ଘରଟି ପୂର୍ଣ୍ଣଥିଲା କେବଳ ବିଦେଶୀ ମାନଙ୍କ ଦ୍ୱାରା । ଆମେ ଅତିଥି ଥିବା ହେତୁ ଟିକେଟ୍ କରିବାର ଆବଶ୍ୟକତା ନଥିଲା । କଣ୍ଢେଇ ନାଚ ହେବ ପାଣି ଉପରେ । ସେହି କଣ୍ଢେଇ ନାଚ ପ୍ରଦର୍ଶନ କରୁଥିଲେ ଥ୍ୟାଙ୍କ୍ ଲାଙ୍ଗ୍ ୱାଟର ପପେଟ୍ ଗ୍ରୁପ୍ । ଅତି ମନମୁଗ୍ଧକର ମ୍ୟୁଜିକ୍ ମଧ୍ୟରେ ଆରମ୍ଭ ହେଲା ସୋ । ପାଣିରେ କଣ୍ଢେଇ ନାଚରେ ସେମାନେ ନଦୀର ଉତ୍ତରରେ ଅବସ୍ଥିତ ଲୋକମାନଙ୍କର ଦୈନନ୍ଦିନ ଜୀବନନୀତିର ଘଟଣାବଳୀ ଉପସ୍ଥାପିତ କରନ୍ତି । ଏହା ଏକ ପାରଂପାରିକ କଳା ।

ଅଧିକାଂଶଙ୍କ ହାତରେ ଥିଲା କ୍ୟାମେରା । ନିଜ ନିଜ ସିଟ୍‌ରୁ ଫଟୋ ନେବାର ଚେଷ୍ଟାରେ ପ୍ରାୟ ସମସ୍ତେ ସଫଳ ହେଉଥିଲେ । ଦୀର୍ଘ ଦୁଇଘଣ୍ଟା ଧରି ଆମେ ଏହି ପାଣି କଣ୍ଢେଇନାଚକୁ ଉପଭୋଗ କରୁଥିଲୁ । ଏହି କଣ୍ଢେଇ ନାଚରେ ଥିଲା ଡ୍ରାଗନ୍ ଡାନସ୍, ବାଉଁଶ ବଂଶୀ, କୃଷି, ବେଙ୍ଗଧରିବା, ବତକ ପାଳିବା ଏବଂ ଶିଆଳୀ ଧରିବା, ମାଛଧରିବା, ଶସ୍ୟ ଅମଳ କରିବା, ସିଂହନାଚ, ନୌକାଦୌଡ଼ ଇତ୍ୟାଦି । ବେଶ୍ ମଜା ଲାଗୁଥିଲା ପାଣି ଉପରେ କଣ୍ଢେଇ ମାନଙ୍କୁ ଲଟକାଯାଇ ଏପରି ନାଚକୁ ନୂତନ ରୂପରେ ଉପସ୍ଥାପିତ କରାଯାଉଥିବାର ଦୃଶ୍ୟ ।

ଆମେ ହୋଟେଲକୁ ଫେରି ଆସିଲୁ । ଆସନ୍ତା କାଲି ହେବ ଆମର ଶେଷଦିନ ଏଇ ହୋଟେଲରେ । ଶାନ୍ତି କମିଟିର କର୍ମକର୍ତ୍ତାମାନେ କହିଦେଲେ ଯେ ଯାହାର ଯେତେବେଳେ ଫ୍ଲାଇଟ୍ ଥାଉଁନା କାହିଁକି, ସେମାନେ ଆମକୁ ଦିନ ୯ଟା ବେଳେ ନେଇଯିବେ ଏୟାରପୋର୍ଟ ।

କ୍ଳାନ୍ତ ଶରୀର ବିଶ୍ରାମ ଚାହୁଁଥିଲା । ଶୋଇ ପଡ଼ିଲି ରୁମ୍‌ରେ ନିଘୋଡ଼ ନିଦରେ ।

□□□

Digitized by PPRACHIN, SOA

ବିଦାୟ ହାନୋଇ- ବିଦାୟ

ସାତଦିନ ସ୍ମୃତି ବିଜଡ଼ିତ ହାନୋଇ ସହରରୁ ବିଦାୟ ନେଇ ଯିବାକୁ ହେବ ୯ଟା ବେଳେ । କଲିକତାରୁ ଆସିବାବେଳେ ଯେଉଁ ଉତ୍କଣ୍ଠା ଥିଲା, ତାହା ଅନେକାଂଶରେ ମେଣ୍ଟି ଯାଇଥିଲା । ହୋ-ଚି-ମିନ୍‌ଙ୍କ ସହରରେ, ଭିଏତ୍‌ନାମ ମାଟିରେ ପାଦଦେବାର ପ୍ରଥମ ପୁଳକ ଏବେବି ହୃଦୟକୁ ଆଚ୍ଛନ୍ନ କରି ରଖିଥିଲା ।

ଫେରିବାକୁ ହେବ ନିଜ ଜନ୍ମମାଟିକୁ । ନେଇ ଯିବାକୁ ହେବ ମୁକ୍ତି ସଂଗ୍ରାମର ଅନେକ ସ୍ମୃତି । ଆଉ ଥରେ ଏଠାକୁ ଆସିବାର ସୌଭାଗ୍ୟ ହୁଏତ ନ ହୋଇପାରେ ।

ମୋର ବାକ୍ସ ହାତରେ ଧରି ରିସ୍‌ପସନ ଲାଉଞ୍ଜକୁ ଆସିଲି । ବ୍ରେକ୍‌ଫାଷ୍ଟ ସାରିଥିଲି । ଅପେକ୍ଷା ଯିବା ପାଇଁ । କାଉଣ୍ଟରରେ ଠିଆ ହୋଇଥିବା ଝିଅଟି ମୋର ଦସ୍ତଖତ ପାଇଁ ବଢ଼ାଇଦେଲା ରେଜିଷ୍ଟାର ।

ଦସ୍ତଖତ କଲି । ବ୍ୟାଗ୍ ଗାଡିରେ ଲଦା ସରିଥିଲା । ସମସ୍ତଙ୍କ ସହିତ କରମର୍ଦ୍ଦନ ଓ ନମସ୍କାର ବିନିମୟ ପରେ ଗାଡିରେ ବସିଲି । ଆଖିରେ ଲୁହ ଢଳେଇ ଆସୁଥିଲା । ଏତେ ଆପଣାର ଭାବ, ତାହାହିଁ ମୋତେ ଭିଏତ୍‌ନାମକୁ ନିବିଡ ଭାବେ ଭଲ ପାଇବାକୁ ବାଧ କରିଥିଲା । ମନେ ପଡୁଥିଲା କବିତା ବିନ୍ ନିଓ ଦାଇ କାଓଙ୍କର,

'ଲାମ ପାହାଡ଼ରୁ ଫେରୁଥିବା ବେଳେ
ଶୋକଗ୍ରସ୍ତ ଥିଲୁ ଆମ ଭୂଇଁପ୍ରତି
ହୋଇଥିବା ଅନ୍ୟାୟକୁ ଭାବି,
ପ୍ରତିଜ୍ଞା କରିଥିଲୁ ଶୋଷକର ସ୍ୱର୍ଗ ସୁଖ ତଳେ
କେବେ ହେଁ ରହିବୁ ନାହିଁ ।
ବର୍ଷ ବର୍ଷ ଧରି ଭୋଗିଲୁ ଯନ୍ତ୍ରଣା ।
ମନ ଓ ହୃଦୟ ମଧ୍ୟରେ...

କବିତାର ଶେଷ ନଥିଲା । ଭାବ ବୁଝାଇ ଦେଉଥିଲା ଲାଲ୍ ନଦୀର ଦେଶ କିପରି ମନୁଷ୍ୟ ରକ୍ତରେ ଲାଲ୍ ହୋଇଯାଇଥିଲା ଏବଂ ଦେଶପ୍ରେମୀ ମାନଙ୍କ

Digitized by PPRACHIN, SOA

ବର୍ଣ୍ଣନାତୀତ ସଂଗ୍ରାମ ଫଳରେ ମୁକ୍ତି ସୂର୍ଯ୍ୟ ଉଦିତ ହୋଇଥିଲା । ମୁକ୍ତିସୂର୍ଯ୍ୟର ରୂପ ହାନୋଇକୁ ବିଦାୟ ଦେଇ ପହଞ୍ଚିଥିଲି ଏୟାରପୋର୍ଟରେ ଏବଂ ଅପେକ୍ଷାକରିଥିଲି ଉଡାଜାହାଜକୁ ଯିବା ପାଇଁ ବ୍ୟାଙ୍କକ୍ ।

ବ୍ୟାଙ୍କକ୍ ରେ ରାତିରେରହିବାକୁ ହେବ । ଏୟାରପୋର୍ଟ ହୋଟେଲରେ ଥାଇ ଏୟାରଲାଇନ୍ସ୍ ପକ୍ଷରୁ ବ୍ୟବସ୍ଥା ।

ଆଭିଜାତ୍ୟ କେବଳ ନୁହେଁ, ଚାକଚକ୍ୟ ଓ ମନୋରଂଜନର ଏଇ ହୋଟେଲରେ ରାତି କଟାଇ ଫେରିଥିଲି ତା ପର ଦିନ କଲିକତା ଏବଂ ସେଠାରୁ ଭୁବନେଶ୍ୱର ।

୩୦ତାରିଖ ସେପ୍ଟେମ୍ବର ୧୯୯୫ ମସିହା ସଂଧ୍ୟାବେଳେ ସ୍ପର୍ଶ କଲି ମୋ ଜନ୍ମଭୂମିର ମାଟିକୁ ଯେଉଁ ଜନ୍ମଭୂମିକୁ ରକ୍ଷାକରିବା ପାଇଁ ତ୍ରୁ ଭାନ୍ ତ୍ରୁ ର ବଂଶଜ ମାନେ କରିଥିଲେ ଅବର୍ଣ୍ଣନୀୟ ସଂଗ୍ରାମ ଯାହା ହୋଇଗଲା ମୋର ଭବିଷ୍ୟତ ସଂଗ୍ରାମର ପାଥେୟ ।

□□□

Digitized by PPRACHIN, SOA



ଡକ୍ଟର ମୋରାଦ୍ ଗାଲିବ୍‌ଙ୍କ ସହିତ

ହାନୋଇ ହୋଟେଲ୍ ସମ୍ମୁଖରେ ବିଭିନ୍ନ ରାଷ୍ଟ୍ରର
ପ୍ରତିନିଧି ମାନଙ୍କ ସହିତ

Digitized by PPRACHIN, SOA

ଭିଏତ୍‌ନାମର ଶାନ୍ତି ସଂଗଠନର କର୍ମକର୍ତ୍ତାମାନଙ୍କ ସହିତ

ଭିଏତ୍‌ନାମ ରେଡିଓ ପ୍ରତିନିଧିଙ୍କ ସହିତ ଇଣ୍ଟରଭ୍ୟୁ ଦେବା ଅବସରରେ

Digitized by PPRACHIN, SOA

ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନଙ୍କ ସହିତ ହୋଟେଲ୍ ସମ୍ମୁଖରେ

ହାନୋଇ ହୋଟେଲ୍ ସମ୍ମୁଖରେ ଭିଏତ୍‌ନାମାର ଇଣ୍ଟରପିଟର ସହିତ

Digitized by PPRACHIN, SOA

ଭିଏତ୍‌ନାମାର ଉପରାଷ୍ଟ୍ରପତି ମାଡାମ୍ ନ୍ୟୁୟେନ୍ ଥି ବିନ୍ ଏବଂ
ଶାନ୍ତି ସଂଗଠନର ସଭାପତି ନିୟୁଗେନ୍ କ୍ୱାଙ୍ଗ ତାଓଙ୍କ ସହିତ

ଭିଏତ୍‌ନାମ୍‌ର ଉପରାଷ୍ଟ୍ରପତି ମାଡାମ୍ ବିନ୍ ଓ ଆପ୍‌ସୋର
ସଭାପତି ମୋରାଦ୍ ଗାଲିବ୍‌ଙ୍କ ସହିତ

Digitized by PPRACHIN, SOA

ନୀଳ ଉପତ୍ୟକାରେ ଶାନ୍ତି କପୋତ

Digitized by PPRACHIN, SOA

ସୂଚୀପତ୍ର

୧.	ପିରାମିଡ୍‌ର ଆହ୍ୱାନ	୧୬୯
୨.	ଯାତ୍ରାର ମଙ୍ଗଳାଚରଣ	୧୭୧
୩.	ହୋଟେଲ୍ ସଫିର୍‌ରେ ରହଣି	୧୭୪
୪.	ନୀଳ ନଦୀର ଗୌରବ-କାଏରୋ	୧୭୬
୫.	ସଫିର ହୋଟେଲ୍‌ରେ ପ୍ରଥମ ରାତ୍ରୀ	୧୭୯
୬.	ପ୍ରାତଃ ଭ୍ରମଣ ଓ ଚା' ପାନ	୧୮୧
୭.	ଆପ୍‌ସୋ ଶାନ୍ତି ସମ୍ମିଳନୀ ଆରମ୍ଭ	୧୮୪
୮.	ନୀଳ ଜଳରାଶିରେ ନୌକା ବିହାର	୧୮୯
୯.	କାଏରୋ ଟାୱାର	୧୯୩
୧୦.	ହୋଟେଲ ସଫିର୍‌ରେ ସାହିତ୍ୟ ସଂଧ୍ୟା	୧୯୮
୧୧.	ପିରାମିଡ୍ ଓ ସ୍ଫିଙ୍କ୍‌ସ୍‌ର ସାନ୍ନିଧ	୨୦୨
୧୨.	ମ୍ୟୁଜିୟମ୍‌ରେ ହୃଦୟ ବନ୍ଦୀ	୨୦୭
୧୩.	ଓସିରିସ୍ ଧର୍ମମତ	୨୧୧
୧୪.	ଇତିହାସର ଅଧ୍ୟାୟରୁ	୨୧୪
୧୫.	କାଏରୋ ଜୀବନ	୨୧୯
୧୬.	କାଏରୋ ଭ୍ରମଣର କେତେଗୁଡ଼ିଏ ଫଟୋ	୨୨୪

Digitized by PPRACHIN, SOA

ପିରାମିଡ୍‌ର ଆହ୍ୱାନ

ଇଜିପ୍ଟର ରାଜଧାନୀ କାଏରୋ ଯିବାକୁ ଚିଠି ମିଳିବା ବେଳକୁ ହାତରେ ସମୟ ବହୁତ କମ୍ । ଭିସା ନ ହେଲେ ଯାଇ ହେବନି । ଟିକେଟ୍ କରିନଦେଲେ ଭିସା ବି ମିଳିବନି । ଦିଲ୍ଲୀ ଯାଇ ଭିସା କରିବାକୁ ହେବ । ଯିବା ନ ଯିବାର ମାନସିକ ଦ୍ୱନ୍ଦ ମଧ୍ୟରେ ଥିବାବେଳେ ବନ୍ଧୁମାନେ କହିଲେ, "ପୁରୁଣା ସଭ୍ୟତାର ଦେଶ । ଯାଅ, ଦେଖିଆସିବ ।"

ମନରେ ପଡ଼ିଲା ସ୍ୱାମୀ ବିବେକାନନ୍ଦଙ୍କର ମିଶର ସଂପର୍କରେ ବକ୍ତବ୍ୟ । ମନ ସ୍ଥିର କଲି ଯିବି । ଦିଲ୍ଲୀରେ ତିନିଦିନ ଆଗରୁ ପହଞ୍ଚିଲେ ଭିସା ଓ ଡ଼ଲାର ମିଳିପାରିବ । ଆଫ୍ରୋ-ଏସିଆନ୍ ପିଉପିଲସ୍ ସଲିଡ଼ାରିଟି ସଂଗଠନ ତରଫରୁ ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସେମିନାର ଅନୁଷ୍ଠିତ ହେଉଛି । ସେଥିରେ ଯୋଗ ଦେବାକୁ ହେବ ଭାରତ ଶାନ୍ତି ସଂଗଠନର ପ୍ରତିନିଧି ଭାବେ । ଅଖିଳ ଭାରତ ଶାନ୍ତି ଓ ସଂହତି ସଂଗଠନ । ତା'ର ସଭାପତି ଡକ୍ଟର ମୋରାଦ୍ ଗାଲିବ ଓ ସାଧାରଣ ସଂପାଦକ ନୁ୍ୟରି ଅବଦୁଲ ରଜାକ୍‌ଙ୍କ ସହିତ ସାକ୍ଷାତ ହେବ । ମେ' ମାସ ପାଞ୍ଚ ତାରିଖ ଦିନ ଇଜିପ୍ଟର ପ୍ରସିଦ୍ଧ ହୋଟେଲ ସଫିର୍ ଠାରେ ଦିନ ୯ଟା ବେଳେ ଆରମ୍ଭ ହେବ ସେମିନାର ।

ଇଜିପ୍ଟ ପିରାମିଡ୍ ପାଇଁ ପ୍ରସିଦ୍ଧ । ନୀଳନଦୀ, ପିରାମିଡ୍, ମମି (ମୃତବ୍ୟକ୍ତିମାନଙ୍କର ସୁରକ୍ଷିତ ଶବ) ଓ ଫୋନିକ୍ସ ଦେଖିବାର ତୀବ୍ର ଇଚ୍ଛା ମତେ କ୍ରମଶଃ ଯିବାପାଇଁ ପ୍ରେରଣା ଦେଲା । ମେ' ୪ ତାରିଖ ଭୋରରୁ ଦିଲ୍ଲୀ ଛାଡ଼ିବାକୁ ହେବ । ୩ତାରିଖ ରବିବାର, ୨ ତାରିଖ ଶନିବାର । ଇଜିପ୍ଟ ଦୂତାବାସ ବନ୍ଦ । ଭୁବନେଶ୍ୱର ୨୯ ତାରିଖ ଦିନ ରାଜଧାନୀ ଏକ୍ସପ୍ରେସ ଯୋଗେ ଯାତ୍ରା ଆରମ୍ଭ କଲି । ଦିଲ୍ଲୀରେ ପହଞ୍ଚିବାବେଳକୁ ଦିନ ୧୧ଟା । ଗେଷ୍ଟ ହାଉସରେ ନିତ୍ୟକର୍ମ ସାରି ଇଜିପ୍ଟ ଦୂତାବାସ ଅଭିମୁଖେ ଯାତ୍ରା କଲି । ଗୋଟାଏ ପୂର୍ବରୁ ପହଞ୍ଚି ଭିସା ପାଇଁ ଆବେଦନ କରିବାକୁ ହେବ ।

Digitized by PPRACHIN, SOA

ନୀତି ମାର୍ଗର କୋଣରେ ଇଜିପ୍ଟ ଦୂତାବାସ । ଦିଲ୍ଲୀର ଅଟୋବାଲା ଠିକ୍ ଭାବରେ ପହଞ୍ଚାଇବାକୁ ଯାଇ ବାରମ୍ବାର ବାଟ ହୁଡୁଥାଏ ଏବଂ ମୋର ଛାତି ଧଡ଼୍ଧଡ଼୍ ହେବାରେ ଲାଗିଥାଏ । ଠିକ୍ ସମୟରେ ନ ପହଞ୍ଚିଲେ ଭିସା ମିଳିବନି, ଯିବା ବନ୍ଦ ହୋଇଯିବ । ପରିଶ୍ରମ ବୃଥାଯିବ । ଦୂତାବାସ ଆଗରେ ନାମ ଫଳକ ନ ଥାଏ । ପଚାରି ପଚାରି ପହଞ୍ଚିବାକୁ ହେଲା । ଘଣ୍ଟାରେ ୧୨-୩୦ ମିନିଟ୍ । ଗେଟ୍ ବନ୍ଦ । ବାହାରେ ଏକ ନିବୁଜ୍ କାଉଣ୍ଟର । ପାସ୍‌ପୋର୍ଟ, ଟିକେଟ ଓ ଦୁଇଟା ଫଟୋ ସହିତ ଭିସା ଫର୍ମକୁ ପୂରଣ କରି ବଢ଼ାଇଦେଲି ତା' ଭିତରକୁ । ଭିସା ଦେବା ପାଇଁ ଟଙ୍କା ଦରକାର ହୁଏ । କିନ୍ତୁ ମୁଁ ଯେହେତୁ ଶାନ୍ତି ସଂଗଠନର ନିମନ୍ତ୍ରଣରେ ଯାଉଛି, କୌଣସି ଅର୍ଥ ଦେବାକୁ ହେଲା ନାହିଁ ।

ବ୍ୟକ୍ତିଗତ ଭାବେ ପହଞ୍ଚି ଭିସା ସଂଗ୍ରହ କରିବା ଏଇ ଥିଲା ମୋର ପ୍ରଥମ ଅଭିଜ୍ଞତା । ଏହା ପୂର୍ବରୁ ଯଦିଓ ତିନିଥର ବିଦେଶ ଗସ୍ତ କରିଥିଲି, ନିଜେ ଯାଇ କେବେହେଲେ ଭିସା କରିନି । କାଉଣ୍ଟରରେ ବସିଥିବା ଅଫିସର୍ ମତେ ପ୍ରାପ୍ତି ସ୍ୱୀକାରର ରସିଦ୍ ପ୍ରଦାନ କଲେ । ସେଥିରେ ଲେଖାଥିଲା ତା'ପର ଦିନ ଦିନ ଘ୨-୩୦ ମିନିଟ୍‌ରୁ ୩ଟା ମଧ୍ୟରେ ପୁଣି ସେଠାକୁ ଯାଇ ଭିସା ସଂଗ୍ରହ କରିବାକୁ ହେବ ।

କ୍ଳାନ୍ତି ଲାଗୁଥାଏ । ପେଟରେ ଭୋକ । ଅଟୋଧରି ଗେଷ୍ଟହାଉସ୍‌କୁ ଫେରିଲି । ତା' ପରଦିନ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସେଠାରେ ପହଞ୍ଚିଥିଲେ ମଧ୍ୟ ସେଠାରେ କାଉଣ୍ଟର ପ୍ରାୟ ୨୦ ମିନିଟ୍ ବିଳମ୍ବରେ ଖୋଲିଲା । ବୋଧହୁଏ ଭାରତୀୟ ସମୟାନୁବର୍ତ୍ତିତାର ପ୍ରଭାବ । ଧାଡ଼ିବାନ୍ଧି ଭିସା ପାଇବାପାଇଁ ପ୍ରବଳ ଖରାରେ ଛିଡ଼ା ହୋଇଥା'ନ୍ତି ପ୍ରାୟ୩୦ ଜଣ । ପାସ୍‌ପୋର୍ଟରେ ଭିସା ଷ୍ଟାମ୍ପ ଥାଇ ଟିକେଟ୍ ସହିତ ଯେତେବେଳେ ମୋତେ ଫେରସ୍ତ ମିଳିଲା, ମନରେ ଆସିଲା ଯେ, ମୁଁ ମିଶର ଯିବା ପ୍ରାୟ ନିଧାର୍ଯ୍ୟ ।

ପାସ୍‌ପୋର୍ଟ ଓ ଭିସା ଦେଖାଇ ତା' ପରଦିନ ମୋତେ ବ୍ୟାଙ୍କରୁ ଡଲାର ମିଳିଗଲା । ଡ଼ଲାରର ମୁଦ୍ରା ବିନିମୟ ମୂଲ୍ୟ ୪୦ଟଙ୍କା ।

□□□

Digitized by PPRACHIN, SOA

ଯାତ୍ରାର ମଙ୍ଗଳାଚରଣ

ଯିବା ଦିନ ମଝିରେ ଗୋଟିଏ । ରବିବାର ରାତିରେ ଦିଲ୍ଲୀ ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରୁ ଯିବାକୁ ହେବ । ଭୋର ୬-୩୦ ମିନିଟ୍‌ରେ ପ୍ଲେନ୍ ଛାଡ଼ିବ । ୪ଟା ବେଳକୁ ପହଞ୍ଚିବା ଦରକାର । ମୋ ଗେଷ୍ଟହାଉସ୍‌ଠାରୁ ଦିଲ୍ଲୀ ବିମାନବନ୍ଦର ପ୍ରାୟ ଏକଘଣ୍ଟାର ବାଟ ।

ଅଖିଳ ଭାରତ ଶାନ୍ତି ଓ ସଂହତି ସଂଗଠନର ସାଧାରଣ ସଂପାଦକ ଶ୍ରୀ ଚିତ୍ତ ବିଶ୍ୱାସ ଓ ମୁଁ ସାଙ୍ଗ ହୋଇଯିବୁ । ଟ୍ୟାକ୍‌ସିରେ ପ୍ରାୟ ରାତି ୩ଟା ବେଳେ ଏୟାରପୋର୍ଟ ଅଭିମୁଖେ ଯାତ୍ରା କଲୁ । ନିଦ ମାଡ଼ି ମାଡ଼ି ପଡୁଥାଏ । ରୟାଲଜୋର୍ଡାନିଆନ୍ ପ୍ଲେନ୍‌ରେ ଦିଲ୍ଲୀରୁ ଅମନ୍ ଓ ଅମନ୍‌ରୁ କାଏରୋ ।

ଟିକେଟ୍‌ରେ ଏୟାରପୋର୍ଟ ଟ୍ୟାକ୍ସ ଦେଇଥିବା ହେତୁ, ଆଉ ଥରେ ଦେବାକୁ ପଡ଼ିଲା ନାହିଁ । ଲଗେଜ ବୁକ୍ କରିଦେଲୁ କାଏରୋ ପର୍ଯ୍ୟନ୍ତ । ହାତରେ କେବଳ ହ୍ୟାଣ୍ଡ ବ୍ୟାଗ୍ । ପାସ୍‌ପୋର୍ଟ ଓ ବୋଡ଼ିଂ ପାସ୍ ପକେଟରେ । ଟିକେଟ୍ ଚେକ୍, ସିକ୍ୟୁରିଟି ଚେକ୍, ଏମିଗ୍ରେସନ ଇତ୍ୟାଦି ସାରି ଆରାମରେ ବସିରହିଲୁ ପ୍ଲେନଛାଡ଼ିବାକୁଅପେକ୍ଷାକରି ।

ମୋ ହାତରେ ଥାଏ ଶ୍ରୀମଦ୍ ଭଗବଦ୍ ଗୀତା । ପଢ଼ିବାକୁ ଆରମ୍ଭ କରି ଦେଇଥାଏ । ପ୍ଲେନ୍ ଛାଡ଼ିବାର ଅଧଘଣ୍ଟା ପୂର୍ବରୁ ଆମେ ପ୍ଲେନ୍ ଦିଗକୁ ଆଗେଇଲୁ ।

ବିରାଟ ପ୍ଲେନ୍ । ବହୁ ଲୋକ । ଅମନ୍ ବାଟ ଦେଇ ୟୁରୋପର ବହୁଦେଶକୁ ଯାଉଥିବା ଯାତ୍ରୀଗଣ । ପ୍ଲେନ୍‌ରେ ମୃଦୁ ପାନୀୟ, କଫି ଓ ଲଞ୍ଚ ଦେବାର ବ୍ୟବସ୍ଥା ଥିଲା ସୁସଂଯତ । ମୁଁ ତ ନିରାମିଷାଶୀ । ଏହା ମୋର ବୋଡ଼ିଂ ପାସ୍‌ରେ ଲେଖା ହୋଇଥାଏ । ବିଗତ ବିଦେଶଯାତ୍ରା ସମୟରେ ମୋର ଅଭିଜ୍ଞତା ହେତୁ ଟ୍ରାଭେଲ ଏଜେଣ୍ଟକୁ କହି ଏପରି ବ୍ୟବସ୍ଥା ମୋତେ କରିବାକୁ ହୋଇଥାଏ । ନଚେତ୍ ସେମାନେ ଖାଦ୍ୟ ଦେବେ ଆମିଷ । କେବଳ ବୋଡ଼ିଂ ପାସ୍ ନୁହେଁ, କମ୍ପ୍ୟୁଟର ଚାର୍ଟରେ ମୋ' ନାଁ କଡ଼ରେ ଲେଖାହୋଇଥାଏ ଭେଜିଟାରିଆନ୍ ।

Digitized by PPRACHIN, SOA

ଦିଲ୍ଲୀ ଏୟାରପୋର୍ଟରୁ ଅମନ ଦୀର୍ଘ ୭ ଘଣ୍ଟାର ପ୍ଲେନ୍ ଜର୍ଣ୍ଣି । ଅମନ୍ ଏୟାରପୋର୍ଟରେ ପ୍ଲେନ୍ ଲ୍ୟାଣ୍ଡ କରିବାବେଳକୁ ଘଣ୍ଟାରେ ୧-୩୦ମିନିଟ୍ । ସେଠାକାର ସମୟ କିନ୍ତୁ ୧୧ଟା । ଅମନ୍‌ରୁ କାଏରୋ ଅଭିମୁଖେ ଯିବାକୁ ଥିବା ପ୍ଲେନ୍‌ର ଟାଇମ୍ ଥିଲା ଘ୧୨-୪୫ମିନିଟ୍ ।

ଦୀର୍ଘ ଘ୧-୪୫ ମିନିଟ୍ କାଳ ବସିବାକୁ ହେଲା ଏୟାରପୋର୍ଟରେ । ଆମେ ଟ୍ରାନ୍‌ଜିଟ୍ ପାସେଞ୍ଜର୍ । ବୋଡିଂ ପାସ୍ ଆଣି ପ୍ଲେନ୍ ଯିବାକୁ ଅପେକ୍ଷା କଲୁ । କିଛି ସମୟ ଡ୍ୟୁଟି ଫ୍ରି ଦୋକାନ ମାନ ବୁଲି ଦେଖିଲୁ । ଏତେ ଆକର୍ଷଣୀୟ ଭାବରେ ସଜ୍ଜାହୋଇରହିଥାଏ ଯେ, ନିଶ୍ଚେ କିଣିବାକୁ ମନ ହେବ ।

ଡ଼ଲାର ପ୍ରତିବଦଳ କରିବାକୁ ସେଇଠି କାଉଣ୍ଟର । ମିନିଟିକ ମଧ୍ୟରେ ଡ଼ଲାର ବଦଳ । ଚିନ୍ତଦା ବିଦେଶୀ ପାନୀୟ ବୋତଲଟେ କିଣିଲେବନ୍ଧୁଙ୍କୁ ଦେବାପାଇଁ । ଜୋର୍ଡ଼ାନର ରାଜଧାନୀ ଅମନ୍ । ଏହାର ଲୋକସଂଖ୍ୟା ପ୍ରାୟ ୧୨ ଲକ୍ଷ । ସମୁଦାୟ ଜୋର୍ଡ଼ାନର ଲୋକସଂଖ୍ୟା ୪.୯୫ ନିୟୁତ । ଡ଼ଲାର ବଦଳରେ ମିଳେ ଜୋର୍ଡ଼ାନିଆନ୍ ଡ଼ିନାର ଓ ପାଏଷ୍ଟର । ଡ୍ୟୁଟି ଫ୍ରି ଦୋକାନ ମାନଙ୍କରେ ଡ଼ଲାର ନେବାର ମଧ୍ୟ ବ୍ୟବସ୍ଥା ରହିଛି ।

ଏୟାରପୋର୍ଟ ୱେଟିଂ ହଲକୁ ଲାଗି ନମାଜ କରିବା ପାଇଁ ପ୍ରାର୍ଥନା ଗୃହ । ଏହା ମୁସଲମାନ ରାଷ୍ଟ୍ର ହୋଇଥିବା ହେତୁ, ଏୟାରପୋର୍ଟମାନଙ୍କରେ ପ୍ରାର୍ଥନା (ନମାଜ) କରିବାର ବ୍ୟବସ୍ଥା ରହିଛି । ସବୁଠାରେ ଆରବିକ ଭାଷା ସହିତ ଇଂରାଜୀ । ଏୟାରପୋର୍ଟ ଭିତରେ ଥିବା ହେତୁ ଗରମ ଲାଗୁ ନ ଥାଏ । କିନ୍ତୁ ବାହାରେ ତାପମାତ୍ରା ଥାଏ ପ୍ରାୟ ୨୫ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ।

ଜୋର୍ଡ଼ାନ ହେଉଛି ପ୍ରାଚୀନ ସଭ୍ୟତାର ଦେଶ । ସେ ଦେଶ ସମ୍ପର୍କରେ କିଛି ତଥ୍ୟ ଜାଣିବାକୁ ଇଚ୍ଛା କରି ଡ୍ୟୁଟି ଫ୍ରି ସପ୍‌ରେ ଥିବା ସେଲ୍‌ସଗାର୍ଲ ମାନଙ୍କ ସହିତ କଥା ହେଲି । ସେମାନେ ଦେଖିବାକୁ ସୁନ୍ଦର, ସ୍ମାର୍ଟ ଓ ୟୁରୋପୀୟ ପୋଷାକଦ୍ୱାରା ନିଜକୁ ସଜ୍ଜିତ କରିଥା'ନ୍ତି । କଥା କହିବା ବେଳେ ମୁହଁବେଶ୍ ହସ ହସ । ଗୋରା, ଗୋରା ପୁରିଲା ପୁରିଲା ଦେହ । ମୁସଲମାନମାନଙ୍କର ନୂଆ ବର୍ଷ (ହିଜରା) ଅନୁସାରେ ଜୋର୍ଡ଼ାନର ଧାର୍ମିକ ପର୍ବପର୍ବାଣୀ ସ୍ଥିର ହୁଏ । ମକ୍କାର ମହମ୍ମଦ ୭୯୯ ଖ୍ରୀଷ୍ଟାବ୍ଦରେ ଯେଉଁ ତାରିଖରେ ଆସିଥିଲେ ସେହିଦିନ ହୁଏ ନବବର୍ଷ । ତେଣୁ ଠିକ୍ ତାରିଖ ପ୍ରାୟ ସ୍ଥିର ନ ହେଲେ ହେଁ ଆନୁମାନିକ ଭାବେ ନବବର୍ଷ ୧ ଜାନୁଆରୀ ଓ ମୁସଲମାନ ନୂଆବର୍ଷ (ହିଜରା) ୨୭ ଏପ୍ରିଲ । ଆମର ଯେପରି ହୁଏ ମକର ସଂକ୍ରାନ୍ତି । ବିଶ୍ୱ ଶ୍ରମିକ ଦିବସ, ଖ୍ରୀଷ୍ଟମାସ ଡେ', ମଇ

Digitized by PPRACHIN, SOA

ପହିଲା ଓ ପଚିଶ ଡିସେମ୍ବରକୁ ଜୋର୍ଡ଼ାନ ସରକାର ଛୁଟି ଦିବସ ଭାବେ ପାଳନ କରିବାବେଳେ ୨୫ ମେ ସେମାନଙ୍କ ସ୍ୱାଧୀନତା ଦିବସ ଓ ୧୦ ଜୁନ୍ ସେନା ଦିବସ । କିଙ୍ଗ୍ ହୁସେନ୍‌ଙ୍କର ଗାଦିସୀନ ହେବାର ତାରିଖ ୧୪ ଅଗଷ୍ଟ ଓ ତାଙ୍କର ଜନ୍ମ ଦିନ ୧୪ ନଭେମ୍ବରକୁ ମଧ୍ୟ ସେମାନେ ପାଳନ କରନ୍ତି । ରମଜାନ ମାସ ସେମାନଙ୍କର ଉପବାସର ମାସ ହୋଇଥିବା ହେତୁ ସରକାରୀ ଦପ୍ତର ଓ ବ୍ୟବସାୟ ପ୍ରତିଷ୍ଠାନର କାର୍ଯ୍ୟସମୟ ସଂକୁଚିତ ହୋଇଥାଏ । ମୋଟାମୋଟି ପ୍ରାୟ ୧୩/୧୪ ଦିନ ପ୍ରତିବର୍ଷ ସରକାରୀ ଛୁଟି । ଅଫିସ୍‌ଗୁଡ଼ିକରେ କାର୍ଯ୍ୟକରିବାର ସମୟ ହେଉଛି ଘ୮ଟାରୁ ୨ଟା । ରମଜାନ୍ ମାସରେ ଘ୯.୩୦ରୁ ଘ୧-୩୦ ।

ହାତ ତିଆରି ସୁନ୍ଦର ସୁନ୍ଦର ସୁନା ଗହଣା ଓ ପଥର ହାରର ଆକର୍ଷଣ ଏଡ଼ାଇଯିବା କଷ୍ଟକର ହେଉଥାଏ । ଅମନ୍ ଏୟାରପୋର୍ଟରୁ ଯିବାକୁ ହେବ କାଏରୋ । ଘୋଷଣା ହେଲା ପ୍ଲେନ ଆରଜେ ୧୯୩ ଅମନ୍‌ରୁ କାଏରୋ ଯିବାର ସମୟ । ଦିଲ୍ଲୀରୁ ଯାଇଥିଲୁ ଆରଜେ ୫୦୫ରେ । ସମୁଦାୟ ଯିବାଆସିବା ଟିକେଟ୍ ମାତ୍ର ୨୬ ହଜାର । ଦେଶ ଭିତରେ ଇଣ୍ଡିୟାନ ଏୟାରଲାଇନ୍‌ସରେ ଗଲେ ଟିକେଟ୍‌ର ଦାମ ବହୁ ଅଧିକ ।

ପୁଣି ସିକ୍ୟୁରିଟ୍ ଚେକ୍ । ହାତରେ କେବଳ ହାଣ୍ଡ୍ ବ୍ୟାଗ୍ । ତେଣୁ ବିଶେଷ ଝନ୍ ଝଟ୍ ନ ଥାଏ । ପ୍ଲେନ୍ ଛାଡ଼ିଲା କାଏରୋ ଅଭିମୁଖେ । ମାତ୍ର ଏକ ଘଣ୍ଟାର ବାଟ ।

□□□

Digitized by PPRACHIN, SOA

ହୋଟେଲ ସଫିର୍‌ରେ ରହଣି

ମିଶରର ରାଜଧାନୀ କାଏରୋ । କାଏରୋର ପୁରୁଣା ଏୟାରପୋର୍ଟରେ ପ୍ଲେନ୍‌ଲ୍ୟାଣ୍ଡ କରିବା ବେଳେ କ୍ୟାପଟେନ୍ ଯାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଘୋଷଣା କଲେ ବାହାରେ ତାପମାତ୍ରା ୩୪ ଡିଗ୍ରୀ ସେଣ୍ଟିଗ୍ରେଡ । ସମୟ ଭାରତ ସମୟଠାରୁ ଦୁଇଘଣ୍ଟା ତିରିଶ ମିନିଟ୍ କମ୍ ।

ଆମେ ଏମିଗ୍ରେସନ୍ କ୍ଲିୟର କରି ବାହାରକୁ ଆସିଲୁ । ଏମିଗ୍ରେସନ୍ କାଉଣ୍ଟରରେ ଭିଡ଼ ନ ଥିବା ସତ୍ତ୍ୱେ ସେମାନେ ଧୀର ଭାବେ ଯାଞ୍ଚ କରୁଥା'ନ୍ତି । ଦିଲ୍ଲୀରୁ କାଏରୋ ପର୍ଯ୍ୟନ୍ତ ବୁକ୍ ହୋଇଥିବା ଆମର ଲଗେଜ୍ ସେତେବେଳକୁ ଆସି ଯାଇଥିଲା । ଭୟ ଥିଲା କାଳେ ଲଗେଜ ଆସିନଥିବ । ସମୟେ ସମୟେ ଯାତ୍ରୀମାନଙ୍କ ଲଗେଜ୍ ଟ୍ରାନ୍‌ଜିଟ୍ ଏୟାରପୋର୍ଟମାନଙ୍କରେ ନିର୍ଦ୍ଦିଷ୍ଟ ପ୍ଲେନରେ ଲୋଡିଂ ନ ହୋଇ, ଅଲଗା ପ୍ଲେନ୍‌ରେ ଚାଲିଯାଏ । ସେଥିପାଇଁ ଆମେ ଦିଲ୍ଲୀ-ଅମନ ଓ ଅମନ-କାଏରୋ ବୋର୍ଡିଂ କାର୍ଡ଼କୁ ସାଇତି ରଖିଥିଲୁ । ମୋ ସହିତ ଚିତ୍ତଦା' ଥିବା ହେତୁ ମୁଁ ଥିଲି ନିଧଡ଼କ ଓ ବେପରୁଆ । ସେ ଥିଲେ ଅଭିଜ୍ଞ ଓ ବହୁବର୍ଷ କାଏରୋରେ କଟାଇଥିଲେ ।

ଆମେ ଲଗେଜ୍ ଧରି ସିକ୍ୟୁରିଟି ଅତିକ୍ରମ କରିବାକୁ ଯାଉଛୁ, କେହି ଜଣେ ଭଦ୍ର ବ୍ୟକ୍ତି ଆମକୁ ସ୍ୱାଗତ କରି ପଚାରିଲେ, "ମିଃ ଚିତ୍ତ ବିଶ୍ୱାସ" ଓ ମିଃ ସର ବନ୍ଧ କର ।"

- ୟସ୍, ୟସ୍

ମୋ ନାଁ ତ ଭାରତରେ ଲୋକମାନେ ଏମିତି କହନ୍ତି, ତେଣୁ ଆଶ୍ଚର୍ଯ୍ୟ ହେବାର ନ ଥିଲା ।

- ଓକେ, କମ୍, କମ୍ ।

ସେ କିନ୍ତୁ ଆମ ହାତରୁ ଜିନିଷ ଛଡ଼ାଇ ନେଲେନି । ଦୁଇଟି ଓଜନିଆ ବ୍ୟାଗ ହାତରେ ଉଠାଇ ଆଣିବାକୁ ହେଲା କାରଣ ଏୟାରପୋର୍ଟ ଟ୍ରଲି ପାଇଁ ସେଠାରେ ଦେବାକୁ ଥିଲା ଇଜିପିଟ୍‌ଆନ୍ ୧ ପାଉଣ୍ଡ ।

Digitized by PPRACHIN, SOA

ଆମ ପାଖରେ ସେହି ମୁଦ୍ରା ନ ଥିଲା । ଦୁଇଟି ବାକ୍ସ ହାତରେ ଉଠାଇ ଆଣିବାରେ ମୋତେ କିଛି ସଙ୍କୋଚ ମଧ୍ୟ ବୋଧ ହେଉନଥିଲା ।

ଟ୍ୟାକ୍‌ସିରେ ବସି ଆମେ 'ଡ଼କି' ଅଭିମୁଖେ ଯାତ୍ରା କଲୁ । କାଏରୋ ସହରର ଅନ୍ୟ ଏକ ସଂଭ୍ରାନ୍ତ ଅଞ୍ଚଳ । ଆମେ ସେଠି ରହିବୁ ହୋଟେଲ 'ସଫିର୍'ରେ । ଏୟାରପୋର୍ଟରୁ ପ୍ରାୟ ୪୦ ମିନିଟର ରାସ୍ତା । ପ୍ରଶସ୍ତ ଓ ଚଉଡ଼ା ରାସ୍ତା କିନ୍ତୁ ଟ୍ରାଫିକଜାମ୍ ଆମର କଲିକତା ରାସ୍ତା ପରି । ଅବଶ୍ୟ କଲିକତାରେ ଅଦୌ ଟ୍ରାଫିକ ଚେତନା ଗାଡ଼ିଚଳେଇବା ଲୋକଙ୍କର ହିଁ ନାହିଁ । କାଏରୋ ରାସ୍ତା ଚଉଡ଼ା ସତ୍ତ୍ୱେ ଓଭରଟେକିଂ ପ୍ରାୟ ମନା ।

'ଡ଼ିକି' ଅଞ୍ଚଳଟି ବିଦେଶୀ ଦୂତାବାସରେ ପୂର୍ଣ୍ଣ । ଏୟାରକଣ୍ଡିସନ୍ ଗାଡ଼ିରେ ବସି କାଏରୋ ସହର ଦେଖି ଦେଖି ଆମ ଗାଡ଼ି ଯେତେବେଳେ ପଞ୍ଚତାରକା ହୋଟେଲ 'ସଫିର୍'ରେ ପହଞ୍ଚିଲା, ଦେହ ଓ ମନର ଅବଶତା ଦୂରହେବାକୁ ଲାଗିଲା । ଆସିବା ନ ଆସିବାର ଦ୍ୱନ୍ଦ୍ୱରେ ଶେଷକୁ ଆସି କାଏରୋରେ ପହଞ୍ଚିଲି, ଏହା ଥିଲା ମୋ' ନିଜ ପାଇଁ ବିସ୍ମୟ ।

ହୋଟେଲ ସଫିର୍ ବେଶ୍ ଆଭିଜାତ ସମ୍ପନ୍ନ ପଞ୍ଚତାରକା ହୋଟେଲ । ୨୮୦ରୁମ୍ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ଏହି ହୋଟେଲରେ ରହିବା ପାଇଁ ଦିନକୁ ଦିନ ସର୍ବନିମ୍ନ ଭଡ଼ା ୧୦୦ ଆମେରିକାନ୍ ଡ଼ଲାର । ଆମେ ହୋଟେଲ ଫର୍ମପୂରଣ କରି ପାସ୍‌ପୋର୍ଟ ସହିତ ରିସେପ୍‌ସନିଷ୍ଟଙ୍କୁ ଧରାଇ ଦେଲୁ । ହାତରେ ରୁମ୍ ଚାବି କଢ଼ାଇଦେଲା ୱେଟର ।

ମୋର ରୁମ୍ ଥିଲା ୧୦୦୩ ଓ ଚିତ୍ତ ଦା'ଙ୍କର ୧୦୦୪ । ବିଦେଶୀ ଅତିଥିମାନଙ୍କୁ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଁଏ ରୁମ୍ ଦେବାର ବ୍ୟବସ୍ଥା ପ୍ରାୟ ଆନ୍ତର୍ଜାତିକ ସମ୍ମିଳନୀରେ କରାଯାଇଥାଏ ।

ହୋଟେଲ ସଫିର୍‌ରେ ରହିବାକୁ ହେଲା ପାଞ୍ଚଦିନ । ବେଶ୍ ଆନନ୍ଦଦାୟକ ରହଣି ।

□□□

Digitized by PPRACHIN, SOA

ନୀଳନଦୀର ଗୌରବ କାଏରୋ

ହୋଟେଲ ସଫିର୍‌ଠାରୁ ଅନତି ଦୂରରେ ନୀଳନଦୀ ପ୍ରବାହିତ । ଆମେ ହୋଟେଲରେ ପହଞ୍ଚିଲା ବେଳକୁ ପ୍ରାୟ ୫ଟା । ଭୋକ ଲାଗୁନଥାଏ । ଖାଇବାକୁ ହେଲେ ପଇସା ଦେଇ ଖାଇବାକୁ ହେବ । କାରଣ ଆମ ପାଇଁ ଲଞ୍ଚ, ଡ଼ିନର ଓ ବ୍ରେକ୍‌ଫାଷ୍ଟ ଫ୍ରି । ସେତେବେଳକୁ ଲଞ୍ଚ ଟାଇମ୍ ବିତିଗଲାଣି ।

ରୁମ୍‌ରେ ବସିବା ଅପେକ୍ଷା ଟିକିଏ ବୁଲିଲେ ଭଲ ଲାଗିବ ଭାବି, ବାହାରକୁ ଗଲି । ଅପୂର୍ବ ସହର କାଏରୋ । ଆଫ୍ରିକା ମହାଦେଶର ସବୁଠାରୁ ଅଧିକା ଜନବସତି ସହର । ପ୍ରତି ବର୍ଗ କିଲୋମିଟରରେ ପ୍ରାୟ ୫୦ ହଜାର ଲୋକ ବସବାସ କରୁଛନ୍ତି । ପ୍ରଶସ୍ତ ଚଉଡ଼ା ରାସ୍ତାର ଦୁଇକଡ଼ରେ ଅସଂଖ୍ୟ ଗାଡ଼ି ପାର୍କିଂ ହୋଇ ରହିଛି । ଗଳି, ଉପଗଳିରେ ଖରା, ବର୍ଷା ଓ ଶୀତକୁ ଖାତିର ନ କରି ପଡ଼ି ରହିଛି ସୁନ୍ଦର ସୁନ୍ଦର ଗାଡ଼ିଗୁଡ଼ିକ । ଚେଭ୍ରୋଲେଟ, ସିଟ୍ରୋନ ଇତ୍ୟାଦି ଅନେକ ନାମ ସେହି ଗାଡ଼ି ଗୁଡ଼ିକର । ରାସ୍ତାରେ ମଣିଷମାନଙ୍କ ଅପେକ୍ଷା ଗାଡ଼ିଗୁଡ଼ିକର ଭିଡ଼ ଅଧିକ ।

ହୋଟେଲ ସଫିର୍ ଠାରୁ ଅନତି ଦୂରରେ ବିରାଟ କାଏରୋ ସେରାଟନ୍ ହୋଟେଲ । ଆଧୁନିକ ଚାକଚକ୍ୟର ପ୍ରତୀକ କାଏରୋ ସହର । ଏହାର ପୁରାତନ ନାମ ହେଉଛି, 'ଅଲ୍-କ୍ୱାହିରା' । ଖ୍ରୀଷ୍ଟପୂର୍ବ ୧୬୯ରେ ଫାଟିମିଡ୍ ଆର୍ମିର ମୁଖ୍ୟ ଗଓ୍ୱାହର-ଏଇ-ସିକ୍ୟୁଲି ଏହି ନୂତନ ସହର ଆଲ୍-କ୍ୱାହିରକୁ ଆବିଷ୍କାର କଲେ; ଯାହାର ଅର୍ଥ ହେଉଛି ବିଜେତା । ଏହା ହେଲା ଇଜିପ୍ଟ୍‌ର ରାଜଧାନୀ ଓ ଇସ୍‌ଲାମୀୟ ସଂସ୍କୃତିର କେନ୍ଦ୍ରସ୍ଥଳ । ୧୧୭୬ ଖ୍ରୀଷ୍ଟାବ୍ଦରେ ସାଲହା-ଏଇ-ଦିନ ଶାସନ ଗାଦି ନେବାପରେ, ସହରର ଉତ୍ତର ଦିଗକୁ କ୍ରମଶଃ ବଢ଼ିବାକୁ ଲାଗିଲା । ୧୨୫୦-୧୫୧୭ ହେଉଛି ମୁମ୍‌ଲକ ଶାସନ । ଏ ସମୟରେ କାଏରୋର ରୂପ ବଦଳିବାକୁ ଲାଗିଲା । ଆରମ୍ଭ ହେଲା ବ୍ୟବସାୟ କେନ୍ଦ୍ର, ବିରାଟ ବିରାଟ ଅଟ୍ଟାଳିକା । ୧୯୫୨ ବିପ୍ଳବ ପରେ ୧୯୬୦ରେ ଅର୍ଥନୀତିକ ବିକାଶ ସମୟରେ

Digitized by PPRACHIN, SOA

କାଏରୋ ବିଶ୍ୱର ଯେକୌଣସି ପ୍ରସିଦ୍ଧ ସହର ସହିତ ସମକକ୍ଷ ହୋଇଗଲା । ବର୍ତ୍ତମାନ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବାସ କରୁଛନ୍ତି ।

କାଏରୋ ସହରର ମଧ୍ୟଭାଗ ଦେଇ ନୀଳନଦୀ ପ୍ରବାହିତ ହେଉଛି । ଦୁଇଭାଗରେ ବିଭକ୍ତ କରିଦେଇଛି କାଏରୋକୁ । ଉଭୟ ପାର୍ଶ୍ୱକୁ ସଂଯୁକ୍ତ କରୁଛି ପାଞ୍ଚଗୋଟି ବଡ଼ ବଡ଼ପୋଲ । ଫଳରେ ଟ୍ରାଫିକ୍‌ର ସୁବିଧା ହୋଇପାରିଛି । କାଏରୋ ସହରର ଗୋଟିଏ ଅଂଶକୁ କୁହାଯାଇଛି ଗେଜିରା, ଯେଉଁଠାରେ ବିରାଟ ହୋଟେଲ, ପାର୍କ, ସ୍ପୋର୍ଟସ୍ କ୍ଲବ, ମ୍ୟୁଜିୟମ୍ ଓ କାଏରୋ ଟାୱାର ରହିଛି ଏବଂ ଟି.ଭି ରେଡ଼ିଓ ଓ ସଂଯୁକ୍ତ ଆରବରାଷ୍ଟ୍ରମାନଙ୍କ ଅଫିସ୍ ।

କାଏରୋରେ ରହିଛି ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟ । ଆଲ-ଆଟ୍ ବିଶ୍ୱବିଦ୍ୟାଳୟ ସର୍ବପ୍ରାଚୀନ ଓ ବିଖ୍ୟାତ । ଅନ୍ୟ ଚାରିଗୋଟି ବିଂଶ ଶତାବ୍ଦୀରେ ନିର୍ମିତ ହୋଇଛି । କଳା, ଥିଏଟର, ସିନେମା, ବାଲେଟ୍ ଇତ୍ୟାଦି ପାଇଁ ରହିଛି ଏକାଡ଼େମୀ । ବହୁ ଗୁଡ଼ିଏ ମ୍ୟୁଜିଅମ୍ ଏହାର ଅନ୍ୟତମ ଆକର୍ଷଣ । ଇଜିପଟ୍ ମ୍ୟୁଜିୟମ୍, କପଟିକ୍ ମ୍ୟୁଜିୟମ, ଇସ୍‌ଲାମିକ୍ ମ୍ୟୁଜିୟମ୍ ଓ କୃଷି ମ୍ୟୁଜିୟମ ପ୍ରମୁଖ ସ୍ଥାନ ଗ୍ରହଣ କରିଛି ପର୍ଯ୍ୟଟକ ମାନଙ୍କର ଦର୍ଶନୀୟ ସ୍ଥାନ ଭାବରେ ।

କାଏରୋ ସହରରେ ରହିଛି ବହୁଗୁଡ଼ିଏ ସ୍କୋୟାର । ବିଭିନ୍ନ ନାମକରଣରେ ସେ ସ୍କୋୟାର ସବୁ ସୂଚିତ ହେଉଛି । ସ୍କୋୟାରଗୁଡ଼ିକରେ ବିଭିନ୍ନ ଶାସନ ସମୟର ଷ୍ଟାଚ୍ୟୁ ମଧ୍ୟ ରଖାଯାଇଛି । ଦୁଇଭାଗରେ ବିଭକ୍ତ ରାସ୍ତା ମଝିକୁ ଶୋଭାବର୍ଦ୍ଧନ କରୁଛି ସୁନ୍ଦର ସୁନ୍ଦର ଖଜୁରୀ ଗଛଗୁଡ଼ିକ ଯାହାର ପତ୍ର ଗୁଡ଼ିକ ଏପରି କାଟିଦିଆଯାଇଛି ଯେପରି ମୂଳରୁ ଶେଷ ଯାଏଁ ପାହାଚ ସୃଷ୍ଟି କରିଛି ।

ମଇଦାନ୍-ଏଲ୍-ତହରିର (ମୁକ୍ତି ସ୍କୋୟାର) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଛକ ଯାହାର ଚାରିକଡ଼େ ଇଜିପଟ୍ ମ୍ୟୁଜିୟମ୍, ପାର୍ଲାମେଣ୍ଟ, ରାଜ୍ୟପାଳଙ୍କ ନିବାସ ସ୍ଥାନ, ଏଲ୍-ମୋଗାମା, ବିଭିନ୍ନ ମନ୍ତ୍ରାଳୟ ଓ ଆମେରିକୀୟ ବିଶ୍ୱବିଦ୍ୟାଳୟ ରହିଛି ।

ଡ଼କି ସଫିର୍ ହୋଟେଲଠାରୁ ମାତ୍ର ଦୁଇ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ । ଏହି ସବୁ ଅଫିସ, ସ୍କୋୟାର ଇତ୍ୟାଦି କଡ଼ ଦେଇ ରାସ୍ତାରେ ଚାଲି ଚାଲି ଦେହ କ୍ଳାନ୍ତ ଲାଗୁଥାଏ । ଭୋକ ବି ଜୋର ଲାଗିବାକୁ ଆରମ୍ଭ କରିଦେଇଥିଲା । ସେତେବେଳକୁ ଘଣ୍ଟାରେ ୮ଟା ବାଜିଲାଣି । ଟ୍ୟାକ୍‌ସି ନେଇ ଫେରିଲୁ ହୋଟେଲ । ଭଡ଼ାଦେବାକୁ ହେଲା ୧୦ ଇଜିପ୍‌ଟିଆନ୍ ପାଉଣ୍ଡ, ଭାରତୀୟ ମୁଦ୍ରାରେ ପ୍ରାୟ ୧୫୦ ଟଙ୍କା ।

Digitized by PPRACHIN, SOA

ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଏ ସହର ଅତି ବ୍ୟୟବହୁଳ । ବିଶେଷ କରି ଭାରତୀୟମାନଙ୍କ ପାଇଁ । କାରଣ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଡ଼ଲାର ମୂଲ୍ୟରେ କମ୍ । କିନ୍ତୁ ଇଜିପଟ୍ ମୁଦ୍ରା ପାଉଣ୍ଡ ଓ ପାଏଷ୍ଟର ଡ଼ଲାର ସହିତ ଭାରସାମ୍ୟ ରକ୍ଷା କରିପାରୁଛି ।

କାଏରୋ ସହରରେ ପ୍ରଥମ ସଂଧ୍ୟା । କାହିଁ ଭୁବନେଶ୍ୱର, କେଉଁଠି କାଏରୋ । କିନ୍ତୁ କେତେ ଛୋଟ ଲାଗୁଛି ଏଇ ପୃଥିବୀ । ବିହାରୀ ବନ୍ଧୁ ଭାର୍ଗେବନେ ଟେଲିଫୋନ କଲେ ପାଟ୍‌ନାକୁ ଏସ୍.ଟି.ଡ଼ି. ବୁଥ୍‌ରେ । ତାଙ୍କର ମନେ ପଡ଼ିଲା ସ୍ତ୍ରୀଙ୍କ ମୁହଁ ।

ମୁଁ କିନ୍ତୁ ଗୁଣୁଗୁଣୁ ହେଉଥିଲି, "ଯତ୍ର ବିଶ୍ୱଭବତି ଏକ ନୀଡ଼ମ୍ ।"

Digitized by PPRACHIN, SOA

ସଫିର୍ ହୋଟେଲରେ ପ୍ରଥମ ରାତ୍ରୀ

ରୁମ୍‌କୁ ଯାଇ ଧୋଇଧାଇ ହୋଇଆସିବା ଅପେକ୍ଷା ପେଟପୂଜା କରିବା ଦରକାର ଭାବି ହୋଟେଲ ସଂଲଗ୍ନ କ୍ୟାଣ୍ଟିନ୍‌ରେ ପ୍ରବେଶ କଲି । ପରିଚାଳକ ଓ ପରିଚାଳିକାମାନେ ବେଶ ସ୍ମାର୍ଟ । ହୋଟେଲ ଲନ୍‌ରେ ରହିଛି ଚାରିଗୋଟି ଦୋକାନ । ପ୍ରଥମଟି ଟୁରିଷ୍ଟ ଗାଇଡ୍ । ସେଠାରେ କାର୍ ମିଳେ ଭଡ଼ାରେ । ଇଂରାଜୀରେ ସେମାନେ ଉତ୍ତର ଦିଅନ୍ତି । ତା' ପାଖକୁ ଲାଗି ବିଉଟିପାର୍ଲୋର । ତୃତୀୟ ଷ୍ଟଲଟି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାର ବିଭିନ୍ନ ମିଶରୀୟ ସାମାଗ୍ରୀ । ତା'ପରେ ରହିଛି ସୁସ୍ୱାଦୁ କେକ୍‌ର ଦୋକାନ । ଆମେ ହୋଟେଲର କ୍ୟାଣ୍ଟିନରେ ପ୍ରବେଶ କଲୁ । ତା'ର ନାମ ହେଉଛି 'ଫାଇଲ୍‌କା' । ବଫେ ପରି ନେଇ କରି ଖାଇବାକୁ ହେବ । ମାଂସ, ଅଣ୍ଡାଠାରୁ ଯାବତୀୟ ନିରାମିଷ ଓ ଆମିଷ ଖାଦ୍ୟ ଥୁଆ ହୋଇଛି । କିନ୍ତୁ ଜାଣିହେଉନି କିଏ ମାଂସ ବା କିଏ ନିରାମିଷ ।

ବିହାରୀବନ୍ଧୁ ଭାର୍ସେନେ ଚାଲାକ । ସେତେବେଳକୁ ମଧୁର କଥା କହି ପରିଚାଳକ ଓ ମ୍ୟାନେଜରକୁ ନିଜର କରି ନେଇଥା'ନ୍ତି । ତାଙ୍କୁ ବରାଦ କରିଥା'ନ୍ତି ଭେଜିଟେରିଆନ୍ ସୁପ୍, ଭାତ, ପରିବା ସିଝା ଓ ଦହି । ଆମକୁ ପ୍ଲେଟ ଧରି କ'ଣ ଖାଇବା ବା ନଖାଇବା ଜିନିଷ ଖୋଜିବାକୁ ପଡ଼ିଲା ନାହିଁ । ମନ ଖୁସି ହେଲା ଯେ ଭଲ ଚାଉଳରେ ଭାତ ମୁଠେ ଖାଇବାକୁ ମିଳିଲା । ଆଗରୁ ଗ୍ଲାସରେ ଅରେଞ୍ଜଜୁସ୍ ଆଣି ରଖିଥାଉ । ପାଣି ମାଗିଲୁ । ବୟ ଆଣି ଥୋଇଦେଲା ପାଣି ବୋତଲ । ଖାଇସାରି ବିଲ୍‌ରେ ରୁମ୍ ନମ୍ବର ଲେଖି ଦସ୍ତଖତ କରିଗଲାବେଳକୁ ମ୍ୟାନେଜର କହିଲେ ପାଣି ବୋତଲ ପାଇଁ ଦେବାକୁ ହେବ ୫ ପାଉଣ୍ଡ ।

ଏ ବଡ଼ ବିଚିତ୍ର କଥା ପରି ଆମକୁ ଲାଗିଲା । ଖାଇବାବେଳେ ପାଣି ଦେବାକଥା । ଆମେ ପାଣି ମାଗି ପିଇଲୁ । ତା'ର ଦାମ୍ ଆମେ କାହିଁକି ଦେବୁ ?

ପରିଚାଳକ ନ ଛୋଡ଼ା ବନ୍ଧା । ସଭାର ଆୟୋଜକ କେବଳ ଖାଇବା ଦାୟିତ୍ୱ ନେଇଛନ୍ତି । ପାଣି ଦାୟିତ୍ୱ ନୁହେଁ । ୫ପାଉଣ୍ଡର ମୂଲ୍ୟ ଦୁଇ ଡ଼ଲାର

Digitized by PPRACHIN, SOA

ପାଖାପାଖି । ଆମେ ଆୟୋଜକଙ୍କୁ ଖୋଜିଲୁ । ତାଙ୍କର ମଧ ଦେଖାନାହିଁ । ପାଣି ମାଗି ବୁଦ୍ଧି ତ ହୁଡୁଛି; ଏବେ ନ ଦେଇ ଉପାୟ କ'ଣ ।

ଫଇଲ୍‌କା କ୍ୟାଣ୍ଟିନ୍‌ରେ ୫ଦିନ ଖାଇବୁ । ଖାଇବା ବେଳେ ପାଣି ନ ପିଇଲେ କେମିତି ଚଳିବ । ତା'ପର ଦିନ ସେ ସମସ୍ୟାର ସମାଧାନ ହେଲା । ଆୟୋଜକମାନେ ମାନେ ପାଣି ବ୍ୟବସ୍ଥା ଖାଦ୍ୟ ସହିତ କଲେ । ବିଲ୍‌ରେ ଚଢ଼ିଲା ପାଞ୍ଚ ପାଉଣ୍ଡ ।

ଫଇଲ୍‌କା କ୍ୟାଣ୍ଟିନ ତଳେ ରହିଛି ବ୍ୟାଲେ ଡ଼ାନ୍‌ସ ହଲ । ରାତି ୧୨ଟା ପରେ ସେଠାରେ ଚାଲେ ନାଚ । କେବଳ ଦମ୍ପତିମାନେ ସେଥିରେ ଯୋଗ ଦେଇପାରିବେ । କାଏରୋରେ ବ୍ୟାଲେ ଡ଼୍ୟାନ୍‌ସ ପ୍ରସିଦ୍ଧ । ତାକୁ 'ନାଇଲ କ୍ରୁଜର' କହନ୍ତି । ନୀଳନଦୀ ଉପରେ ସୁସଜ୍ଜିତ ନୌକା । ତା' ଭିତରେ ଖାଇବା ପିଇବା ଓ ନାଚ ଗୀତର ବ୍ୟବସ୍ଥା । ତିନି ଘଣ୍ଟାର ଆମୋଦ ପାଇଁ ୨୫ ପାଉଣ୍ଡ । ଅବଶ୍ୟ ହୋଟେଲ ସଫିର୍‌ରେ ଥିବା ରୁମ ଗେଷ୍ଟମାନଙ୍କ ପାଇଁ ହୋଟେଲ ବ୍ୟାଲେ ହଲ ପୂରାପୂରି ମାଗଣା । ନାଇଲ୍‌କ୍ରୁଜର ନଦେଖି ହୋଟେଲରେ ବ୍ୟାଲେ ଦେଖିବାକୁ ମନସ୍ଥ କରି ରୁମ୍‌ରେ କିଛି ସମୟ ବିଶ୍ରାମ କରି ଆସିବି ବୋଲି ସ୍ଥିର କଲି ।

ଦିନସାରା କ୍ଲାନ୍ତ । ପ୍ଲେନ ଜର୍ଣ୍ଣି । ଗତ ରାତିରୁ ଦିଲ୍ଲୀରେ ଅନିଦ୍ରା । ବିଛଣାରେ ପଡୁ ପଡୁ ନିଦ ଲାଗିଗଲା । ଏୟାରକଣ୍ଡିସନ୍‌ଡ଼ ରୁମରେ ପଙ୍ଖା ଘୂରାଇ ଦେଇ ରେଜେଇକୁ ଦେହ ଉପରକୁ ଭିଡ଼ି ନେଲି ।

ସେ ଦିନ ରାତିରେ ବ୍ୟାଲେ ଡ଼୍ୟାନ୍‌ସ ଦେଖିବା ନୋହିଲା ।

□□□

Digitized by PPRACHIN, SOA

ପ୍ରାତଃ ଭ୍ରମଣ ଓ ଚା'ପାନ

ଅଭ୍ୟାସ ଅନୁଯାୟୀ ଠିକ୍ ଭୋର ଛଅଟା ବେଳକୁ ନିଦ ଭାଙ୍ଗିଗଲା । ଚାରିମହଲା ଝରକାରୁ ବାହାରକୁ ଚାହିଁଲି । ଫର୍ଚ୍ଚା ହେଲାଣି । ଲୋକବାକଙ୍କର ରାସ୍ତାରେ ଗହଳି ଆରମ୍ଭ ହୋଇନି ।

ପ୍ୟାଣ୍ଟ ସାର୍ଟ ପିନ୍ଧି ମର୍ଣ୍ଣିଂଓ୍ୱାକରେ ଯିବାକୁ ସ୍ଥିର କରି ରୁମ୍‌ରୁ ପଦାକୁ ବାହାରିଲି । ଗଲାବେଳେ ପକେଟରେ ପାସ୍‌ପୋର୍ଟ ନେବାକୁ ଭୁଲିଲି ନାହିଁ । ବିଦେଶରେ ସବୁବେଳେ ପାସ୍‌ପୋର୍ଟ ନ ରଖିଲେ ବିପଦ ।

ସକାଳୁଆ ପବନ ସହିତ ବୁଲା କୁକୁର ମାନଙ୍କର ଚଳପ୍ରଚଳ ମନକୁ ବେଶ୍ ହାଲୁକା କରିଦେଲା । ରାସ୍ତାକଡ଼ ବସ୍‌ଷ୍ଟପ ଗୁଡ଼ିକରେ ପୁରୁଷ ଓ ସ୍ତ୍ରୀ ବସ୍‌କୁ ଅପେକ୍ଷା କରି ଛିଡ଼ା ହୋଇଥା'ନ୍ତି । ସଫିର୍ ହୋଟେଲ ଅତିକ୍ରମ କରି ଅଲ୍ ହୋରେୟା ପ୍ରାଇମେରୀ ଓ ପ୍ରିପାରେଟୋରୀ ସ୍କୁଲ ଦେଇ ମୁବାରକ ପବ୍ଲିକ ଲାଇବ୍ରେରୀ ପାଖରେ ଥିବା ଏକ ବିରାଟ ପାର୍କ କଡ଼େ କଡ଼େ ଚାଲିବାକୁ ଲାଗିଲି । ସେହି ପାର୍କର ନାଁ ହେଉଛି 'ଇଜବେକିୟା ଗାର୍ଡ଼େନ' । ୧୮୬୭ ଖ୍ରୀଷ୍ଟାବ୍ଦରେ ଏହି ଗାର୍ଡ଼େନ ଆରମ୍ଭ ହୋଇଥିଲା ଯେଉଁଠି ବିଭିନ୍ନ ପ୍ରକାରର ଗଛ ଦେଖିବାକୁ ମିଳେ । ସକାଳୁ ଗାର୍ଡ଼େନ ବନ୍ଦ । ଭିତରକୁ ନ ଯାଇ ତା' ଚାରିପାଖରେ ବୁଲିବା ବେଳକୁ ପ୍ରାୟ ଘଣ୍ଟେ ଲାଗିଲା । ସେଛି ଗୋଲାକାର ଛକରେ 'ଦି କଲୋସସ୍ ଅଫ ରମସେ ଦୁଇ'ଙ୍କର ଷ୍ଟାଚ୍ୟୁ ରହିଛି । ହାତରେ କ୍ୟାମେରାରେ ଫଟୋଟିଏ ଉଠାଇଲି ।

ଚା' ପିଇବାର ବେଳ ହୋଇ ଯାଇଥିଲା । ହୋଟେଲ ସଫିରକୁ ଫେରି ଚା' ପିଇବା ଅପେକ୍ଷା ରାସ୍ତାକଡ଼ ଦୋକାନରେ ଚା' କପେ ପିଇବାକୁ ମନ କରି ଚେୟାରରେ ବସି ଚା' ଅର୍ଡ଼ରଦେଲି । ବିନା କ୍ଷୀରରେ ଚା' ଟେବୁଲ୍ ଉପରେ ଥୋଇଦେଲା ଦୋକାନ ମାଲିକ । 'ମିଲ୍‌କ୍', 'ମିଲ୍‌କ୍' କହିବାରୁ ସେ ଦୁଧ ଗରମ କରି ସେଥିରେ ଢ଼ାଳିଦେଲା । 'କଣ୍ଡେନସ୍‌ଡ଼' ମିଲ୍‌କ୍ । ବଢ଼ିଆ ଲାଗିଲା

Digitized by PPRACHIN, SOA

ଚା' । ରାସ୍ତା କଡ଼ରେ ଛୋଟ ଛୋଟ ଦୋକାନ ରହିଛି । ଆମ ଭଳି କ୍ୟାବିନ୍‌ରେ ନୁହେଁ । ଘର ମାନଙ୍କରେ ।

ଚା' ପିଇସାରି ତା'ର ଦାମ ପଚାରିଲି । ସେ କହିଲା, "ତିନି ପାଉଣ୍ଡ" । ଚା'ରୁ ଯେଉଁ ଆନନ୍ଦ ପାଇଥିଲି, ତାହା ନିମିଷେକେ ମିଳାଇଗଲା । ଇଜିପ୍‌ଟିଆନ ତିନି ପାଉଣ୍ଡ ଅର୍ଥ ପ୍ରାୟ ୧ ଆମେରିକୀୟ ଡ଼ଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ଚାଳିଶ ଟଙ୍କା । ତା' ହାତକୁ ବଢ଼ାଇ ଦେଲି ତିନି ପାଉଣ୍ଡ ଓ ଆଗକୁ ଚାଲିବାକୁ ଆରମ୍ଭକଲି । ବିଦେଶରେ ଡଲାର ମୂଲ୍ୟ ଆମର ଟଙ୍କାଏ ପରି, ବୋଧ ହୁଏ ସେ ଯାଏ ମୁଁ ଏକଥା ବୁଝି ପାରିନଥିଲି ଯଦିଓ ସେତେବେଳକୁ ତିନିଥର ବିଦେଶ ଗସ୍ତ କରି ସାରିଲିଣି । ସୁନ୍ଦର ସୁନ୍ଦର କାର ଗୁଡ଼ିକରେ ଲମ୍ଫାଧାଡ଼ି । ଗହଳିଆ ଗଛରୁ ଝଡ଼ିପଡ଼ିଥିବା ପତ୍ର ଓ ବିରାଟ ବିରାଟ ବିଲ୍‌ଡିଂ ସମ୍ମୁଖରେ ସିକ୍ୟୁରିଟି ଗାର୍ଡ଼ । ଅନେକ ବିଦେଶୀ ଦୂତାବାସର ଅଫିସ । ବିଭିନ୍ନ ପୋଷାକରେ ସ୍କୁଲକୁ ଆସୁଥିବା ଦଳ ଦଳ ପୁଅ ଝିଅ । ସ୍କୁଲ କମ୍ପାଉଣ୍ଡ ଚାରିକଡ଼ରେ ବିରାଟ ବିରାଟ ପ୍ରାଚୀର ଓ ଗେଟ । ସ୍କୁଲ ପିଲାଙ୍କୁ ନେବାଆଣିବା ପାଇଁ ବିଭିନ୍ନ କିସମର ବସ୍ । ସ୍କୁଲ ନାଁ ସବୁ ଲେଖାଯାଇଥାଏ ।

ବାଟରେ ପଡ଼ିଲା ପେଟ୍ରୋଲ ପମ୍ପ । ତେଲ ଦର ଜାଣିବାକୁ ସେଇଠି ଅଟକି ଗଲି । ପେଟ୍ରୋଲ ଲିଟରକୁ ଏକ ପାଉଣ୍ଡ ଓ ଡ଼ିଜେଲ ୪୦ ପିଆଷ୍ଟର । ତେଲର ଭଣ୍ଡାର ସେ ଅଞ୍ଚଳ କିନ୍ତୁ ବିଦେଶୀ ପର୍ଯ୍ୟଟକମାନଙ୍କ ଠାରୁ ବେଶ୍ କସିକରି ଅର୍ଥ ଆଦାୟ କରନ୍ତି । ଯେଉଁଠୁ ଇଚ୍ଛା ସେଠୁ ଟ୍ୟାକ୍ସି ମିଳି ପାରିବ । ଅଟୋ ନାହିଁ । ଡ୍ରାଇଭର ମାନଙ୍କର ପ୍ରାୟ ନିଜର ଗାଡ଼ି । ଯାହା ପଚାରିବ କହିବେ, 'ୟସ !' ନୋ ପ୍ରୋବ୍ଲେମ' ।

ରାସ୍ତା କଡ଼ରେ ପଡ଼ିଥିବା ନୀଳନଦୀକୁ ଚାହିଁଲି । କି ପ୍ରଶସ୍ତ । କାଏରୋ ମଧ୍ୟଦେଇ ତାକୁ ନିୟନ୍ତିତ କରାଯାଇଛି । ନଦୀ କଡ଼େ କଡ଼େ ପାର୍କ ଓ ବଡ଼ ବଡ଼ ଡ଼ଙ୍ଗା । ରାତିରେ ଚାଲେ ବ୍ୟବସାୟ 'ନାଇଲ କ୍ରୁଜରା' । ମସ୍କୋରେ ମସ୍‌କବା ନଇକୁ ଦେଖିଥିଲି । ସହରର ଅଭିବୃଦ୍ଧି ଓ ସୌନ୍ଦର୍ଯ୍ୟ ପାଇଁ ନଦୀକୁ କିପରି ଉପଯୋଗ କରାଯାଇଛି, ତା' ଅନୁଭବ କରୁଥିଲି ।

ମର୍ଣ୍ଣିଂ ଓ୍ୱାକରେ ଚାଲିଥିବା ବେଳେ ଦଳଦଳ ଲୋକ ଧଇଁ ସଇଁ ହୋଇ ଚାଲୁଥିବାର ଦେଖିଲି ନାହିଁ । ଦେଖୁଥିଲି ବିଭିନ୍ନ ପନିପରିବା ଗାଡ଼ି ଠେଲା ମାନଙ୍କରେ ବୁହା ହୋଇ ବିକ୍ରି ପାଇଁ ଯାଉଛି ।

ଫେରି ଆସିଲି ହୋଟେଲ ସଫିର୍‌କୁ । ସମ୍ମିଳନୀ ଆରମ୍ଭ ହେବାକୁ ଦୁଇଘଣ୍ଟା ବାକି । ନିତ୍ୟ କର୍ମ ସାରିବାକୁ ହେବ । ହୋଟେଲର ସୁଇମିଂ-ପୁଲରେ ଗାଧୋଇବାକୁ

Digitized by PPRACHIN, SOA

ଇଚ୍ଛା ହେଲା । କିନ୍ତୁ ସେଠାରେ ଦେବାକୁ ହେବ ୩୦ ପାଉଣ୍ଡ । ଫେରି ଆସିଲି ରୁମ୍‌କୁ ଓ ବାଥରୁମ୍‌ରେ ପଶି ଦେଖିଲି ପାଇଖାନାରେ ମଗ୍ ନାହିଁ । କମୋଡ୍ ପାଇଖାନା । ଗତ ରାତିରେ ମଗ୍ କଥା ଭାବିବାକୁ ବେଳ ଆଉ ପାଇନଥିଲି । କିନ୍ତୁ ବର୍ତ୍ତମାନ କ'ଣ କରିବି ବିଚାର କରି ରୁମ୍‌ରେ ଥୋଇଥିବା କାଚଗ୍ଲାସ୍‌କୁ ଶୌଚ କାର୍ଯ୍ୟରେ ବ୍ୟବହାର କଲି ।

ଆମ ଚଳଣି ଓ ତାଙ୍କ ଚଳଣିରେ କେତେ ପ୍ରଭେଦ ଅନୁଭବ କରୁଥିଲି ।

□□□

Digitized by PPRACHIN, SOA

ଆପ୍ସୋ ଶାନ୍ତି ସମ୍ମିଳନୀ ଆରମ୍ଭ

ଆପ୍ସୋ ହେଉଛି ଆଫ୍ରିକା-ଏସିଆ ଗଣ ସଂହତି ସଂଗଠନ । ୧୯୫୮ରେ ଆରମ୍ଭ ଏହି ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତି ଓ ସଂହତି ନିମିତ୍ତ ଜନସଚେତନତା ଜାଗ୍ରତ କରୁଛି । ତା'ର ଚାଳିଶ ବର୍ଷ ପୂର୍ତ୍ତି ଉପଲକ୍ଷେ "ଆଫ୍ରୋ-ଏସିଆନ୍ ସଲିଡ଼ାରିଟ୍ ମୁଭମେଣ୍ଟ-ଏ ହିଷ୍ଟୋରିକାଲ ଏକସ୍‌ପିରିଏନ୍‌ସ ଆଣ୍ଡ ଫିଉଚର ପ୍ରସ୍ପେକଟିଭସ୍" ଶୀର୍ଷକ ବିଷୟବସ୍ତୁକୁ ଆଧାରକରି ଆଲୋଚନା ଚକ୍ର ସଂଘଟିତ ହୋଇଥାଏ । ଭାରତରୁ ଆମେ ସମୁଦାୟ ପ୍ରତିନିଧି ଥିଲୁ ଆଠଜଣ ।

ମେ' ମାସ ୫ ତାରିଖ ଦିନ ଦିବା ୯ଘଟିକା ସମୟରେ ଆଲୋଚନା ସଭା ଆରମ୍ଭ ହେଲା । ପ୍ରତିନିଧିମାନେ ରେଜିଷ୍ଟ୍ରେସନ୍ କରିବାପରେ ହଲ୍ ଘରେ ନିଜ ନିଜ ଆସନ ଅଳଙ୍କୃତ କଲେ । ଇଜିପଟ୍ ବୈଦେଶିକ ବିଭାଗର ମନ୍ତ୍ରୀ ଅମିର ମୌସା ଏହାକୁ ଉଦ୍‌ଘାଟନ କଲେ ଏବଂ ଆରବ ରାଷ୍ଟ୍ର ସମୂହର ସାଧାରଣ ସମ୍ପାଦକ ଡ଼କ୍ଟର ଇସ୍‌ମାତ ଅବଦୁଲ ମେଗୁଡ଼ ଥିଲେ ମୁଖ୍ୟ ଅତିଥି । ସଭାରେ ସଭାପତିତ୍ୱ କରୁଥିଲେ 'ଆପ୍ସୋ'ର ସଭାପତି ଡ଼କ୍ଟର ମୋରାଦ ଗାଲିବ୍ ।

ବାନ୍ଦୁଂ ସମ୍ମିଳନୀ ପରେ ୧୯୫୫ ମସିହାରେ ଦିଲ୍ଲୀଠାରେ ଭାରତୀୟ ଶାନ୍ତି ପରିଷଦ ଓ ଏସିଆ ଶାନ୍ତି କମିଟି ଆନୁକୂଲ୍ୟରେ ବେସରକାରୀ ସଭ୍ୟମାନଙ୍କର ଏକ ବୈଠକ ଡ଼କା ଯାଇଥିଲା । ସେହି ବୈଠକରେ ଆଫ୍ରିକା ଓ ଏସିଆ ମହାଦେଶର ଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ସଂହତି ସ୍ଥାପନ ପାଇଁ ଏକ ସଂଗଠନ ଗଠନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ନିଷ୍ପତ୍ତି ପଛରେ ପଣ୍ଡିତ ନେହେରୁଙ୍କର ପୂର୍ଣ୍ଣ ସମର୍ଥନ ଥିବା ଯୋଗୁ ୧୯୫୭ ଡ଼ିସେମ୍ବର ୨୬ ତାରିଖରେ କାଏରୋଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହେଲା । ସାମ୍ରାଜ୍ୟବାଦ ବିରୁଦ୍ଧରେ, ଜାତୀୟ ମୁକ୍ତି ସଂଗ୍ରାମ ଓ ସାମାଜିକ ପ୍ରଗତି ପାଇଁ ଏପରି ଏକ ସଂଗଠନର ଆବଶ୍ୟକତା ରହିଛି ବୋଲି ମିଶରର ରାଷ୍ଟ୍ରପତି ନାସେର ରାଜି ହେଲେ । କାଏରୋ ଏହି ସଂଗଠନର କେନ୍ଦ୍ର ହେବ ବୋଲି ସ୍ଥିର ହେଲା କାରଣ ଗାମାଲ ଅବଦୁଲ

Digitized by PPRACHIN, SOA

ନାସେରଙ୍କ ନେତୃତ୍ୱରେ ଇଜିପଟ୍‌ର ଲୋକମାନେ ସଂଗ୍ରାମ କରି ସଫଳତା ପାଇଥିଲେ ଓ ସୁଏଜ୍ କେନାଲକୁ ଜାତୀୟକରଣ କରାଯାଇଥିଲା । ଭାରତ ଓ ଇଜିପଟ୍ ଉଭୟ ଦେଶ ସାମ୍ରାଜ୍ୟବାଦୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରି ଉପନିବେଶବାଦ ଶାସନର ମୂଳୋତ୍ପାଟନ କରିଥିବା ହେତୁ ଲୋକମାନଙ୍କ ମଧ୍ୟରେ ସେହି ସଂହତି ବଜାୟ ରଖିବାର ପ୍ରତୀକ ନେଇ ଜନ୍ମ ଲାଭ କଲା ଆଫ୍ରୋଏସିଆନ୍ ପିଉପିଲ୍‌ସ ସଲିଡ଼ାରିଟ୍ ଅର୍ଗନାଇଜେସନ୍ ୧୯୫୮ ଜାନୁୟାରୀ ୧ ତାରିଖ ଦିନ । କାଏରୋ ଠାରେ ରହିଲା ମୁଖ୍ୟ କାର୍ଯ୍ୟାଳୟ । ଏହାର ପ୍ରଥମ ସମ୍ମିଳନୀରେ ଏପ୍ରିଲ ୧୯୫୫ ମସିହାରେ ହୋଇଥିବା ବାନ୍ଦୁଂ ସମ୍ମିଳନୀର ନୀତିନିୟମ ଏହାର ଆନ୍ତର୍ଜାତିକ ସମ୍ପର୍କରେ ଭିତ୍ତିଭୂମି ହେବାର ସ୍ଥିର ହେଲା । ଏହା କ୍ରମଶଃ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କଲା ।

ପ୍ରଥମ ସମ୍ମିଳନୀରେ ଉପନିବେଶବାଦ ବିରୁଦ୍ଧରେ ସ୍ୱର ଖୁବ୍ ଜୋରରେ ଗ୍ରହଣ କରାଗଲା । ୧୯୬୦ ଏପ୍ରିଲ ମାସରେ ଦ୍ୱିତୀୟ ସମ୍ମିଳନୀ ହେଲା କୋନାକ୍ରି ଠାରେ । ରାଷ୍ଟ୍ରପତି ଅହମ୍ମଦ ସେକୁଟୁର ସଂହତି ଆନ୍ଦୋଳନର ଉପନିବେଶବାଦ ବିରୁଦ୍ଧରେ ସଂଗ୍ରାମକୁ ପ୍ରଶଂସା କଲେ ।

ଫେବୃୟାରୀ ୧୯୬୩ରେ ତୃତୀୟ ସମ୍ମିଳନୀ ଟାଙ୍ଗାନିଆର 'ମୋଶି'ଠାରେ ଅନୁଷ୍ଠିତ ହେବା ଅବକାଶରେ ସାମ୍ରାଜ୍ୟବାଦର ନୂତନରୂପ 'ନବ୍ୟ-ଉପନିବେଶବାଦ' ସମ୍ପର୍କରେ ହେଲା ବିଚାର ବିମର୍ଷ । ନବ୍ୟ-ଉପନିବେଶବାଦର ବିପଦ ନୂତନ ଭାବେ ସ୍ୱାଧୀନତା ଲାଭ କରିଥିବା ରାଷ୍ଟ୍ର ସମୂହଙ୍କର କିପରି କ୍ଷତି କରୁଛି, ତାହା ଆଲୋଚିତ ହୋଇ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ମହାଦେଶରେ ରାଷ୍ଟ୍ରମାନଙ୍କର ଲୋକମାନଙ୍କ ମଧ୍ୟରେ ଏକତା ଓ ସଂହତିକୁ ଅଧିକ ମଜଭୁତ କରିବାର ଥିଲା ଆହ୍ୱାନ ।

୧୯୫୬ ମେ' ମାସରେ 'ଉନେବା' ଘାନା ଠାରେ ହେଲା ଚତୁର୍ଥ ସମ୍ମେଳନ । ଏବଂ ୧୯୭୨ରେ ଏହାର ପଞ୍ଚମ ଐତିହାସିକ ସମ୍ମିଳନୀ ଅନୁଷ୍ଠିତ ହେଲା । ଏହି ସମ୍ମିଳନୀରେ ଉପନିବେଶବାଦ, ବର୍ଣ୍ଣବୈଷମ୍ୟ ନୀତି, ଆଫ୍ରିକାରେ ଗଢ଼ିଉଠୁଥିବା ନବ୍ୟ-ଉପନିବେଶବାଦ, ଭାରତ-ଚୀନ ସମସ୍ୟା, ଶାନ୍ତି, ନିରସ୍ତ୍ରୀକରଣ, ୟୁରୋପର ସୁରକ୍ଷା ବ୍ୟତୀତ ଆଲୋଚିତ ହେଲା ଯୁବକ ଓ ମହିଳାମାନଙ୍କ ସମସ୍ୟା । ଆରବ ଲୋକମାନଙ୍କ ଉପରେ ଇସ୍ରାଏଲ୍‌ର ୧୯୬୭ର ଆକ୍ରମଣ ଏଥିରେ ସ୍ଥାନ ପାଇଲା ।

୧୯୭୪ ମସିହାରେ ବାଗଦାଦ୍ ଠାରେ ଏହାର ପରିଷଦ ବୈଠକ ହୋଇ

Digitized by PPRACHIN, SOA

ସାଙ୍ଗଠନିକ ସମସ୍ୟା ସମ୍ପର୍କରେ ଆଲୋଚିତ ହୋଇଥିଲା ଏବଂ ଆପ୍‌ସୋ କିପରି ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ଯୋଗ ସୂତ୍ର, ସମନ୍ୱୟ ଓ ସହଯୋଗ ବୃଦ୍ଧି କରିପାରିବ, ଆଞ୍ଚଳିକ ଓ ଆନ୍ତର୍ଜାତିକ ସଂଗଠନ ମାନଙ୍କ ସହିତ କାର୍ଯ୍ୟକ୍ରମ ରୂପାୟନ କରିବ, ତା'ର ରୂପରେଖ ପ୍ରସ୍ତୁତ କରିଥିଲା ।

ଆପ୍‌ସୋ ପ୍ରଚେଷ୍ଟାରେ ପ୍ରଥମ କରି ଆଫ୍ରିକା-ଏସିଆ ଲେଖକ ସଂଘ ପ୍ରତିଷ୍ଠା ହୋଇ ଏହାର ପ୍ରଥମ ସମ୍ମିଳନୀ ୧୯୮୫ ସେପ୍ଟେମ୍ବର ମାସରେ ତାସ୍‌କେଣ୍ଟଠାରେ ଅନୁଷ୍ଠିତ ହେଲା । ୧୯୫୯ରେ ଅଫ୍ରୋ-ଏସିଆନ୍ ଯୁବ ସମ୍ମିଳନୀ କାଏରୋରେ ଓ ୧୯୬୧ରେ ଆଫ୍ରୋ-ଏସିଆନ୍ ମହିଳା ସମ୍ମିଳନୀ ସେହି କାଏରୋ ଠାରେ ଅନୁଷ୍ଠିତ ହେଲା । ଆପ୍‌ସୋର ଉଦ୍ଦେଶ୍ୟ ଥିଲା ଅଫ୍ରୋ-ଏସିଆର ଅଭିନ୍ନତା ବା ସମାନତାକୁ ପ୍ରତିପାଦନ କରିବା ।

ଆପ୍‌ସୋର ଉଦ୍ୟମ ଆଫ୍ରିକା ମହାଦେଶର ସଂଯୁକ୍ତ ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲା, ଯାହାର ଫଳ ହେଲା ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଆଫ୍ରିକା ଦେଶମାନଙ୍କର ସ୍ୱାଧୀନତା ପାଇଁ ପ୍ରସ୍ତାବ ଗ୍ରହଣ ।

ଏତିକି କାର୍ଯ୍ୟରେ ଆପ୍‌ସୋ ସୀମିତ ନ ରହି ସ୍ୱାଧୀନତା ପାଇଁ ସଂଗ୍ରାମ କରୁଥିବା ବିଭିନ୍ନ ରାଷ୍ଟ୍ରମାନଙ୍କୁ ଆନ୍ତର୍ଜାତିକ ଆର୍ଥିକ ସହଯୋଗ ବୃଦ୍ଧିରେ ସାହାଯ୍ୟ କରିଥିଲା । ଭିଏତ୍‌ନାମ ଜନଗଣଙ୍କ ମୁକ୍ତି ସଂଗ୍ରାମକୁ ସମର୍ଥନ କରି ଆପ୍‌ସୋ ଛିଡା ହେଲା ସଶକ୍ତ ଭାବରେ ।

ଏହି ଅନ୍ଦୋଳନକୁ ୧୯୬୦ ମସିହାରେ ଲାଗିଲା ଶକ୍ତଧକ୍କା, ଯେତେବେଳେ ସୋଭିଏତ୍ ୟୁନିୟନ ଓ ଚୀନ୍ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ଭାରତ-ପାକିସ୍ଥାନ ସମସ୍ୟା, ଚୀନ-ଭାରତ ସୀମା ବିବାଦ, ବର୍ଣ୍ଣଭେଦ ଦ୍ୱନ୍ଦ୍ୱ, ଆଫ୍ରିକା ରାଷ୍ଟ୍ର ସମୂହ ମଧ୍ୟରେ ବିଭେଦ ଇତ୍ୟାଦିକୁ ସମାଧାନ କରିବାରେ ବିଫଳ ହେଲା । ଏହାର ଏକ ନକାରାତ୍ମକ ପ୍ରଭାବ ପଡିଲା ଆପ୍‌ସୋ ଆନ୍ଦୋଳନ ଉପରେ । କେବଳ ସେତିକି ନୁହେଁ, ବିଭିନ୍ନ ରାଷ୍ଟ୍ର ସମୂହ ମଧ୍ୟରେ ଦ୍ୱନ୍ଦ୍ୱ, ଆଙ୍ଗୋଲା ଓ ମୋଜାମ୍ବିକର ଗୃହଯୁଦ୍ଧ, ଇଥିଓପିଆ, ସୋମାଲିଆ ଓ ଏରିଟ୍ରିଆ ମଧ୍ୟରେ ଯୁଦ୍ଧ ଇତ୍ୟାଦି ସହିତ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଇରାନ୍-ଇରାକ୍ ଯୁଦ୍ଧ, ଦ୍ୱିତୀୟ ଗଲ୍‌ଫ ଯୁଦ୍ଧ, ଆଫଗାନିସ୍ଥାନ ଓ କାମ୍ବୋଡିଆ ପରିସ୍ଥିତି, ଏସିଆନ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଶେଷ କରି ଭାରତ-ଚୀନ୍ ବିବାଦ ସମାଧାନରେ ବିଫଳ ହେବା ଆପ୍‌ସୋର ଶକ୍ତି, ସାମର୍ଥ୍ୟ, ଏକତା ଓ ସଂହତି ଉପରେ ଦାରୁଣ ଧକ୍କା ଦେଲା । ୧୯୮୮ ମସିହାରେ ଯେତେବେଳେ ଦିଲ୍ଲୀଠାରେ ଏହାର ସପ୍ତମ

Digitized by PPRACHIN, SOA

ସମ୍ମିଳନୀ ଆରମ୍ଭ ହେଲା, ସେତେବେଳକୁ ସୋଭିଏତ୍ ୟୁନିୟନ୍‌ରେ ପରିବର୍ତ୍ତନର ହାଓ୍ୱା । ପେରେସ୍ତୋରିକା ଓ ଗ୍ଲାସନୋସ୍ତ ଆନ୍ଦୋଳନ ତିନିବର୍ଷ ଆଗରୁ ଆରମ୍ଭ ହୋଇ ଯାଇଥିଲା । ଆନ୍ତର୍ଜାତିକ କ୍ଷେତ୍ରରେ ବିଶେଷ କରି ଦକ୍ଷିଣ ରାଷ୍ଟ୍ର ସମୂହରେ ଯେଉଁ ପରିବର୍ତ୍ତନ ଘଟୁଛି, ସେ ସମ୍ପର୍କରେ କାଏରୋ ଓ ନିକୋସିଆଠାରେ ଆପ୍‌ସୋ ତରଫରୁ ଆଲୋଚନା ହେଲା । ଦିଲ୍ଲୀ ସମ୍ମିଳନୀ ପରେ ଶୀତଳ ଯୁଦ୍ଧ ଅବସାନ ଘଟି ଥିଲେ ହେଁ ଭାଙ୍ଗିଗଲା ସାମ୍ୟବାଦୀ ରାଷ୍ଟ୍ର ସମୂହ ।

ବିଶ୍ୱୀକରଣ ନେଲା ସାର୍ବଜନୀନ ଭୂମିକା । ଏହା ବିଶ୍ୱ ବ୍ୟବସ୍ଥାର ଅର୍ଥନୀତି, ରାଜନୀତି ଓ ତଥ୍ୟ ସଂଗ୍ରହକୁ ସମ୍ପୂର୍ଣ୍ଣ ନିୟନ୍ତ୍ରିତ କଲା । ଯେଉଁ ଦ୍ୱନ୍ଦ୍ୱ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଲାଗି ରହିଥିଲା, ତାହା ପରିବର୍ତ୍ତନ ହୋଇଗଲା ଉତ୍ତର-ଦକ୍ଷିଣକୁ ଫଳରେ ଦକ୍ଷିଣ ରାଷ୍ଟ୍ର ସମୂହ ଏକପାଖିଆ ହୋଇଗଲେ ଏବଂ ସେମାନଙ୍କର ଅର୍ଥନୀତିକ ଓ ସାମାଜିକ ଅବସ୍ଥା ଶୋଚନୀୟ ହେବାକୁ ଲାଗିଲା ।

୧୯୭୦ ମସିହାବେଳକୁ ଆପ୍‌ସୋର ଆଭିମୁଖ୍ୟରେ ଥିବା ବହୁ ବିଚାର ଧାରାରେ ପରିବର୍ତ୍ତନ ଘଟିଲା । ଆନ୍ତର୍ଜାତିକ କ୍ଷେତ୍ରରେ ଆମେରିକାର ବଡ଼ଭାଇ ପଣିଆ ଓ ମନମୁଖୀ କାର୍ଯ୍ୟ ବିଶେଷ କରି ଅର୍ଥନୀତି ଓ ସମରସଜ୍ଜା କ୍ଷେତ୍ରରେ ଏତେବେଶି ବ୍ୟାପକ ହେଲା ଯେ, ଜାତିସଂଘ ଆମେରିକାକୁ ନିୟନ୍ତ୍ରଣ କରି ପାରିଲା ନାହିଁ । ଆନ୍ତର୍ଜାତିକ ଆଇନ, ସାମୂହିକ କାର୍ଯ୍ୟ ଓ ବିଚାରବିମର୍ଷ କରିବାରେ ଆମେରିକା ନିଜର ସମ୍ପୂର୍ଣ୍ଣ ଆଧିପତ୍ୟ ଜାହିର କଲା । ଫଳରେ ଦକ୍ଷିଣ ରାଷ୍ଟ୍ର ସମୂହର ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି ।

ଆପ୍‌ସୋର ଉଦ୍ଭବ, ବିକାଶ, ଅବନତି ଓ ଆଗାମୀ ଦିନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ପାଇଁ କାଏରୋ ଠାରେ ଏହି ସମ୍ମିଳନୀ ଉପସ୍ଥିତ ବିଭିନ୍ନ ଦେଶର ପ୍ରତିନିଧିମାନଙ୍କ ମଧ୍ୟରେ ଉତ୍ସାହ, ଉତ୍କଣ୍ଠା ଓ ଉଦ୍ଦିପନା ସୃଷ୍ଟି କରିଥିଲା ଏବଂ କିପରି ଭାବରେ ସମଗ୍ର ବିଶ୍ୱ ବ୍ୟବସ୍ଥାରେ ଦେଖା ଦେଇଥିବା ସମସ୍ୟାକୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ ଜନ ସଚେତନତା ଜାଗ୍ରତ କରାଯାଇ ପାରିବ ଏବଂ ବିଭିନ୍ନ ରାଷ୍ଟ୍ର ଶକ୍ତି ଉପରେ ଚାପ ପ୍ରୟୋଗ କରି ଲୋକଙ୍କର ଦୁର୍ଦ୍ଦଶାକୁ ମୋଚନ କରାଯିବ, ତାହା ଆଲୋଚିତ ହେବା ପାଇଁ ସମ୍ମିଳନୀ ଉଦ୍‌ଘାଟନ ହେଲା । ଏହି ସମ୍ମିଳନୀରେ ଚୀନ୍ ସମେତ ଯେଉଁ ବିଭିନ୍ନ ଦେଶର ପ୍ରତିନିଧିମାନେ ଥିଲେ ସେମାନେ ହେଲେ ଭାରତ, ଋଷିଆ-ସିଆଇଏସ୍, ସାଇପ୍ରସ, ଶ୍ରୀଲଙ୍କା, ସୁଦାନ, ଇଜିପ୍ଟ, ମୋଜାମ୍ବିକ, ଗ୍ରୀସ୍, ବଙ୍ଗଳାଦେଶ, ଲେବାନନ୍, ପି.ଏଲ୍.ଓ. କୋରିଆ ପ୍ରମୁଖ । ବିଶିଷ୍ଟ କୂଟନୀତିଜ୍ଞ, ସମାଜସେବୀ, ରାଜନୀତିକ

Digitized by PPRACHIN, SOA

ନେତାମାନଙ୍କର ଏହି ମଞ୍ଚ ଆଫ୍ରିକା-ଏସିଆ ମହାଦେଶର ରାଷ୍ଟ୍ର ସମୂହରେ ଶାନ୍ତି, ସଂହତି, ପ୍ରଗତି ଓ ବିକାଶ ପାଇଁ ଯେଉଁ ଆଲୋଚନା କଲେ, ତାହା ଥିଲା ଅସାଧାରଣ ଓ ଅନନ୍ୟ ।

ଏହି ସମ୍ମିଳନୀ ବିଭିନ୍ନ ରାଷ୍ଟ୍ରର ଜନଗଣଙ୍କ ମଧ୍ୟରେ ପ୍ରେମ ଓ ଶ୍ରଦ୍ଧା ବନ୍ଧନ କରିବାର ଥିଲା ମାଇଲଖୁଣ୍ଟ ।

ସଫିର୍ ହୋଟେଲ ସମ୍ମିଳନୀ କକ୍ଷର ଭବ୍ୟ ବାତାବରଣ, ଉଚ୍ଚକୋଟୀର ଆନ୍ତର୍ଜାତିକ ସମସ୍ୟା ଗୁଡ଼ିକର ଆଲୋଚନା ଓ ପରସ୍ପର ମଧ୍ୟରେ ବ୍ୟକ୍ତିଗତ ଭାବ ବିନିମୟ ଓ ବନ୍ଧୁତା ସାଂସ୍କୃତିକ ଚେତନାର ବାର୍ତ୍ତାବହ ଓ ଉନ୍ନତ ସଭ୍ୟତାର ବିକାଶ ବୋଲି ଅନୁଭୂତ ହେଲା । ମନ ଓ ହୃଦୟରେ ରୋମାଞ୍ଚ ସୃଷ୍ଟି ହେଉଥିଲା । ମିଶରୀୟ ଲୋକମାନଙ୍କ ଶ୍ରଦ୍ଧା ଓ ଆତିଥେୟତାରେ ମୁଣ୍ଡ ନଇଁ ପଡୁଥିଲା ।

କାଏରୋ ସହରରେ ସନ୍ଧ୍ୟା ନଇଁ ଆସୁଥିଲା । ଆମେ ନୀଳନଦୀରେ ନୌକା ବିହାର କରିବାର ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେଉଥିଲୁ । ଟ୍ୟାକ୍‌ସିବାଲା ଦର କଷୁଥିଲା ଯିବା ଆସିବା ପାଇଁ ୨୫୦ ପାଉଣ୍ଡ । ବନ୍ଧୁ ଭାର୍ଗେବେ ଏତେ ଅର୍ଥ ଦେବାକୁ ଥିଲା ନାରାଜ ।

ମୋ' ମନ ନୀଳନଦୀର ସେହି ଅକାତକାତ ପାଣିରେ ହଜି ଯିବାକୁ ବ୍ୟାକୁଳ ହେଉଥିଲା ।

□□□

Digitized by PPRACHIN, SOA

ନୀଳ ଜଳରାଶିରେ ନୌକା ବିହାର

ନୀଳନଦୀ । ଦି ରିଭର ନାଇଲ । ଏଥିରେ ହେବ ନୌକା ବିହାର ଓ ଆମେ ଦେଖିବୁ ନାଇଟ କ୍ରୁଜର । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ବେଶ୍ କିଛି ରୋଜଗାର କରିବାର ମାଧ୍ୟମ ଏଇ ସବୁ ନାଇଟ୍ କ୍ରୁଜର । ବିରାଟ ବିରାଟ ବୋଟ୍ । ସେଇଠି ଚାଲେ ରାତିର ଶେଷ ପ୍ରହର ଯାଏ ନାଚ ଗୀତ ଗରମ ପାନୀୟ ସହିତ । ପୃଥିବୀର ସବୁଠାରୁ ଦୀର୍ଘତମ ଏଇ ନୀଳନଦୀ ଲକ୍ସର ଠାରୁ ଅସୱାନ ପର୍ଯ୍ୟନ୍ତ ଲମ୍ବିଯାଇଛି ।

ଆମେ ରହୁଥିବା ହୋଟେଲ ସଫିର୍ ଠାରୁ ଅନତି ଦୂରରେ ଏହି ନୀଳ ନଦୀକୁ କାଏରୋ ଭିତରକୁ ନିୟନ୍ତିତ କରି ଅଣାଯାଇଛି ଏବଂ ଏହାର ଉଭୟ ପାର୍ଶ୍ୱକୁ ସଂଯୁକ୍ତ କରୁଛି ଅନେକ ଗୁଡ଼ିଏ ପୋଲ । ବିରାଟ ବିରାଟ ହୋଟେଲ ଓ ଅଫିସ ଚାହିଁ ରହିଛି ଏଇ ନଦୀବକ୍ଷକୁ । ଆମେ କିନ୍ତୁ ତା'ର ବିସ୍ତୀର୍ଣ୍ଣ ଚେହେରା ଦେଖିବା ପାଇଁ କାଏରୋ ଠାରୁ ୧୫ କି.ମି. ଦୂରକୁ ଗଲୁ । ବନ୍ଧୁ ଭାର୍ସେନ ଭଡ଼ା ଛିଡ଼ାଇ ଦେଲେ ୫୦ ଡ଼ଲାର । ପାଞ୍ଚଜଣ ଯିବୁ । ଜଣକା ଦଶ ଡ଼ଲାର ।

ଗାଡ଼ି ଯାଇ ଲାଗିଲା ନୀଳନଦୀକୂଳରେ ଥିବା ଏକ ଘାଟରେ ଯେଉଁଠାରେ ୨/୩ଟି ବୋଟ ଯାତାୟତ କରେ । ଇଜିପ୍ଟ ପରି ଏକ ମରୁଅଞ୍ଚଳକୁ ମରୁଉଦ୍ୟାନରେ ପରିଣତ କରିଛି ଏଇ ବିରାଟ ନଈ । ବୋଟ୍ ମ୍ୟାନ ଖଣ୍ଡି ଖଣ୍ଡି ଇଂରାଜୀରେ କହିଲା ସେ ନେବ ୨୦୦ ପାଉଣ୍ଡ ଅର୍ଥାତ ୭୦ ଡ଼ଲାର । ଟିକିଏ ମୁଲଚାଲ କରିବାକୁ ହେଲା । ମୁହଁରେ ହୁକା ଲଗାଇ, ସେ ଆମ ସହିତ କଥା କହି ଚାଲିଥାଏ । ୬୦ଡ଼ଲାର ଦେଇ ଆମେ ଯିବା ସ୍ଥିର ହେବା ପରେ ସୁସଜ୍ଜିତ ନୌକାରେ ବସିପଡ଼ିଲେ ସମସ୍ତେ ଓ ଲଞ୍ଚବୋଟ୍‌ଟି ଆଗେଇ ଚାଲିଲା ।

ଗୌହାଟି ଠାରେ ବ୍ରହ୍ମପୁତ୍ରରେ ମଟର ବୋଟରେ ଥରେ ବୁଲିଥିଲି । ତା'ର ଭୟଙ୍କର ରୂପ ମନରେ ଆତଙ୍କ ସୃଷ୍ଟି କରିଥିଲା । କିନ୍ତୁ ନୀଳନଦୀ ବକ୍ଷରେ ବୋଟ ଧୀରେ ଧୀରେ ଆଗକୁ ବଢ଼ି ଚାଲିଥିଲା । ନଈ କୂଳେ କୂଳେ ବିରାଟ ବିରାଟ ଶସ୍ୟକ୍ଷେତ୍ର । ତାଳ ଓ ଖଜୁର ଗଛର ଅପୂର୍ବ ଶୋଭା ଆମର ଦୃଷ୍ଟିରେ ପଡୁଥିଲା । ନଈ

Digitized by PPRACHIN, SOA

ମଝିରେ ମଧ୍ୟ ଟାପୁ । ଚିଲିକାର ବିସ୍ତୀର୍ଣ୍ଣ ଜଳରାଶି ଯେପରି ମନକୁ ଛୁଇଁଯାଏ, ଠିକ୍ ସେହି ପରି ଲାଗୁଥିଲା ନୀଳନଦୀରେ ନୌକାବିହାର । ବୋଟରେ ଆମକୁ କୋକାକୋଲା ଦେଲା ସେହି ତରୁଣଟି ଓ ଆମର ଫଟୋ କ୍ୟାମେରାରେ ଟୋଳି ଧରିଲା । ନୀଳନଦୀ, ବୋଟ୍ ଓ ଆମର ନୌକାଭ୍ରମଣର ସ୍ମୃତି ସାଇତି ରଖିବାର ମାଧ୍ୟମ ଥିଲା ସେଇ ଫଟୋ କେବଳ । ପ୍ରାୟ ଏକଘଣ୍ଟା କାଳ ସେହି ନୌକାରେ ଆମେ ବୁଲୁଥିଲୁ । ମନରେ କ୍ଳାନ୍ତି ବା ଅବସାଦ ଲାଗୁନଥିଲା ।

କେହି କେହି ହୁଲିଡ଼ଙ୍ଗାମାନଙ୍କର ବସି ବନ୍ଶିରେ ମାଛ ଧରୁଥିବାର ଦୃଶ୍ୟ ସହିତ, ଘାସ ବୋଝେଇ ନୌକାର କ୍ଷିପ୍ର ଗମନ ଆମର ଦୃଷ୍ଟିକୁ ଏଡ଼ାଇ ଯାଉନଥିଲା । ଯେଉଁ ଆଡ଼େ ଚାହିଁଲେ କେବଳ ନୀଳ ଜଳରାଶି । ଆକାଶକୁ ଛୁଉଁଛି ନୀଳନଦୀ । କେଉଁଠି ଓଡ଼ିଶାର ଭୁବନେଶ୍ୱର । କେଉଁଠି କାଏରୋର ନୀଳନଦୀ । ସ୍ୱପ୍ନ ଓ କଳ୍ପନାଠାରୁ ଅନେକ ଦୂରରେ । ନୀଳନଦୀରେ ନୌକାବିହାର-କରିବାବେଳେ ଗୋପବନ୍ଧୁଙ୍କର କବିତା ପଙ୍କ୍ତିଟିଏ ମନେ ପଡ଼ିଗଲା । ମୁଁ ଗୁଣୁଗୁଣୁ ହୋଇ ଗାଇଲି, "ରହ ରହ କ୍ଷଣେ ବାଷ୍ପୀୟ ଶକଟ, ଦେଖିବି ଚିଲିକା ଚାରୁ ଚିତ୍ରପଟ" ବନ୍ଧୁ ଭାର୍ଗେନ ହିନ୍ଦୀରେ ପଚାରିଲେ, "କ୍ୟା ବାତ୍‌ହେ କବି ! କବିତା ସୁରୁ ହୋଗୟା । ନୀଳନଦୀ କି ପ୍ୟାର୍‌ମେ ଇତିନା ଫସ୍‌ଗୟା ତୋ' ନାଇଲ କୁଜର ମେ କ୍ୟା ହୋଗା ?"

ହଠାତ୍ ନାଇଲକୁଜର କଥା ମନେ ପଡ଼ିଲା । କାଏରୋ ନିକଟରେ ନୀଳନଦୀ ବକ୍ଷରେ ସଯତ୍ନ ସୁରକ୍ଷିତ ରହିଥିବା ନୌକାଗୁଡ଼ିକରୁ ଝରିବ ସୁରା, ସାକୀ ଓ ସଙ୍ଗୀତର ଆସର । ସିନେମା ହଲ୍‌ରେ ଆଡ଼ଭାନ୍‌ସ ବୁକ୍ ହେବା ପରି ଏଠାରେ ମଧ୍ୟ ବୁକିଂ ସରିଛି । ରାତି ୧୨ଟାରେ ସୋ ଆରମ୍ଭ ହୋଇ ଚାଲିବ ୩ଟା ପର୍ଯ୍ୟନ୍ତ । ବ୍ୟାଲେ ଡ଼ାନ୍‌ସ । ଅଣ୍ଟାଠାରୁ ଛାତି ପର୍ଯ୍ୟନ୍ତ ଖୋଲା ଧଳା ନାରୀ ଚମତ୍କାର ସୁସ୍ପଷ୍ଟ ପରିପ୍ରକାଶ ଓ ତାକୁ ହାତରେ ବେଷ୍ଟନ କରି ଚୁମ୍ବନ ଦେବାର ଅଭିପ୍ସା ।

ସକାଳୁ ବୁକିଂ କରିଛି ସନ୍ଧ୍ୟାରେ ନୀଳନଦୀ ଓ ନାଇଲ କୁଜର । ୧୫୦ ଡ଼ଲାର କିଛି କମ୍ ମୁଦ୍ରା ନୁହେଁ । ନୌକାବିହାର ଶେଷ କରି ଫେରିବାକୁ ହେବ । ମନେପଡ଼ିଲା ଇଜିପ୍ଟର କିମ୍ବଦନ୍ତୀ । ନୀଳନଦୀରେ ବୁଲିବାବେଳେ ତା'ର ପାଣିକୁ ଅମୃତଭାବି ପାନ ନ କଲେ, ନୌକା କୂଳରେ ଲାଗିପାରେ ବା ନ ଲାଗି ପାରେ ।

ଆମକୁ ଭାରତକୁ ଫେରିବାକୁ ହେବ । ନୀଳ ନଦୀ ଯେତେ ଅପରୂପା ଲାବଣ୍ୟମୟୀ ହେଲେ ହେଁ ଭାରତର ଧୂଳୀକଣା ତ ଆମପାଇଁ ପବିତ୍ର ।

Digitized by PPRACHIN, SOA

ବନ୍ଧୁମାନଙ୍କୁ କହିଲି, "ଆସ, ଏଇ ନଈର ପାଣିରୁ ଢ଼ୋକେ ଢ଼ୋକେ ପିଇବା ।" ଏହା କୁହାଯାଇଛି, "Those that drink of the Nile will return to its shores". ଅବଶ୍ୟ ସେତେବେଳକୁ ଲଞ୍ଚ୍ ଲାଗି ଯାଇଥିଲା କୂଳରେ ଏବଂ ବୋଟ୍‌ର ମାଲିକ ନିଧଡ଼କରେ ବସି ହୁକା ପିଉଥିଲା ।

ଆମେ ତାକୁ ଧନ୍ୟବାଦ ଦେବାକୁ ଯାଇ କହିଲୁ "ସୁକରାନ୍", ସେ ହୁକା ପିଇବାରୁ ଉଠି ପଡ଼ି କରମର୍ଦ୍ଦନ କରି କହିଲା, "ଆଇନ୍‌ଓ୍ୱସା ଆଇନ୍"-ଓ୍ୱେଲକମ୍ । ଆମନିକଟରେ ଲଞ୍ଚନେଇ ଯାଇଥିବା ତରୁଣଟି ସେ ପର୍ଯ୍ୟନ୍ତ ଠିଆ ହୋଇଥାଏ । ତାକୁ ଟିପ୍‌ସ ଦେବା କଥା ଆମେ ଭୁଲି ଯାଇଥାଉ । କାଏରୋରେ ସବୁ କଥାରେ ଟିପ୍‌ସ ଦେବାକୁ ହେବ ଏବଂ କହିବାକୁ ହେବ "ସୁକରାନ୍" ।

ଆମ ଗାଡ଼ିର ଡ୍ରାଇଭର ଗାଡ଼ି ଛାଡ଼ିବାକୁ ପ୍ରସ୍ତୁତ ହୋଇଯାଇଥିଲା । ପ୍ରାୟ ୨୫ କି.ମି. ଦୂରରେ ଥିବା ହୋଟେଲ ସଫିର୍‌କୁ ଫେରିବାକୁ ହେବ ଏବଂ ସେଠୁ ଯିବୁ ଦେଖିବାକୁ "ଦି ନାଇଲ କ୍ରୁଜର"

ରାସ୍ତା କଡ଼ରେ ଦଳଦଳ ଲୋକ ବସି ହୁକା ପିଉଥିବାର ଦୃଶ୍ୟ ସହିତ ମାର୍କେଟରେ ଗହଳି ଦେଖି ଦେଖି ଆମେ ଫେରୁଥିଲୁ ।

ବିଶ୍ୱର ଶ୍ରେଷ୍ଠ ଇତିହାସ ପ୍ରସିଦ୍ଧ ନୀଳନଦୀକୁ ଦେଖିବା ଓ ନୌକା ବିହାରର ଆମୋଦରେ ମନଖୁସି ହୋଇ ଯାଇଥାଏ । ବିଦେଶ ଭୂଇଁରେ କିଛି ଡ଼ଲାର ଖର୍ଚ୍ଚକୁ ଯଦି ଭାବି ବସିବ, ତେବେ ବୁଲାବୁଲି ଆଦୌ ହୋଇପାରିବ ନାହିଁ । କାଏରୋ ଆସିବା ଅର୍ଥ ନାଇଲ କ୍ରୁଜରରେ କିଛି ସମୟ କଟାଇବା । ଗିଜା ପିରାମିଡ୍ ଦେଖିବା, ଓଟ ଚଢ଼ିବା ଓ ପାପିରୋଜର ସୁଗନ୍ଧିତ ପରଫ୍ୟୁମ୍ ଏବଂ ପାନୀୟକୁ ଉପଭୋଗ କରିବା ।

ସୁସଜ୍ଜିତ ନୌକା ମଧ୍ୟରେ ବିରାଟହଲ । ପଞ୍ଚତାରାକା ହୋଟେଲ ପରି ସମସ୍ତ ସାଜସଜ୍ଜା ଖାଦ୍ୟପେୟର ବିଶେଷ ବ୍ୟବସ୍ଥା ସହିତ ନାଚ । ପ୍ରାୟ ଅର୍ଦ୍ଧାଧିକ ବିଦେଶୀ ନାଗରିକ । କାଏରୋ ନାରୀର ଟିକିଏ ସାନ୍ନିଧ୍ୟ, ଉଚ୍ଚାଟ ମନର ଉନ୍ମାଦନାକୁ ଭାଙ୍ଗିବାର ସହଜ ନିଶା । ନିଜ ସ୍ତ୍ରୀ ଠାରୁ ଦୂରରେ ରହି ନାରୀ ସୁଖ ଅନୁଭବ କରିବାର ସ୍ୱପ୍ନିଳ ଆନନ୍ଦ । ଆମେ ଚାରିବନ୍ଧୁ ଗୋଟିଏ ଟେବୁଲକୁ ଆବୋରି ବସିଲୁ । ଅନେକ ଥିଲେ ଯୁଗଳ ଦମ୍ପତି । ବିଦେଶୀ ପର୍ଯ୍ୟଟକ ମାନେ ସ୍ୱାମୀ ସ୍ତ୍ରୀ ବା ପ୍ରେମିକ ପ୍ରେମିକା ନାଚଗୀତକୁ ଉପଭୋଗ କରିବା ଅପେକ୍ଷା ପାନୀୟର ସଦ୍‌ବ୍ୟବହାର ଥିଲା ଅଧିକ । ବିଭିନ୍ନ ପ୍ରକାର ଆମିଷ ଖାଦ୍ୟ ଓ ଡ୍ରିଙ୍କ୍‌ସ । ବ୍ୟାଲେ ଡ଼ାନ୍‌ସରେ ଉପରକୁ ଫୁଟିଉଠୁଥିବା ନାଭିଦେଶ ସେହି ନର୍ତ୍ତକୀର ।

Digitized by PPRACHIN, SOA

ନିଦ ଆଖିପତା ଉପରେ ମାଡ଼ି ଆସୁଥାଏ । ନିରାମିଷ ଖାଦ୍ୟ ସହିତ ସଂଯତ ଯୌନ ଜୀବନ ଓ ରକ୍ଷଣଶୀଳ ଚାଲିଚଳନ ନାଇଲ କୂଳର ଉପଭୋଗରେ ଆମ ପାଇଁ ଭଟ୍ଟା ପକାଇ ଦେଇଥାଏ । କିନ୍ତୁ ଆମେ ଅନୁଭବ କରୁଥାଉ କ୍ଷଣିକ ଆନନ୍ଦର ମସ୍‌ଗୁଲ, ପର୍ଯ୍ୟଟକମାନଙ୍କ ଅବାଧରେ ଖସି ଚାଲିଥିବା ଡ଼ଲାର ଏବଂ କାଏରୋ ସମ୍ବନ୍ଧରେ ନାଇଲ କୂଳରର ଭୂମିକା ।

ନୀଳନଦୀ ଉପରେ ଭାସମାନ ନୌକାର ସୁସଜ୍ଜିତ ଆଲୋକ ସମୂହ କାଏରୋ ସହର ଆଲୋକ ସହିତ ମିଶି ସୃଷ୍ଟି କରୁଥାଏ ଦିବସର ଭ୍ରମ । ଆମେ ରାତ୍ରିର ସେହି ନିସ୍ତବ୍ଧ ପ୍ରହରରେ ଗୋଟିଏ ଗୋଟିଏ ଚାଲି ହୋଟେଲ ସଫିର୍ ଦିଗରେ ଆଗେଇ ଚାଲିବା ବେଳେ ଦେଖୁଥିଲୁ ନିର୍ବିକାର ଭାବରେ ରାସ୍ତା ସାରା ବିଛାଡ଼ି ହୋଇ ପଡ଼ିଥିବା ଅନେକ କାର୍ ଏବଂ ଏଠିସେଠି ବୁଲା କୁକୁରଙ୍କର ଭୋ ଭୋ ଶବ୍ଦ ।

□□□

କାଏରୋ ଟାୱାର

"ନୀଳ ନଦୀର ଦାନ ଇଜିପ୍ଟ", ହେରୋଡ଼ଟସ୍‌ଙ୍କର ଏହି ପ୍ରସିଦ୍ଧ ବକ୍ତବ୍ୟକୁ ନୀଳ ନଦୀରେ ନୌକାଭ୍ରମଣ ଓ କାଏରୋ ସହର ଦେଖିବାରୁ ଅନୁଭୂତ ହେଲା । ଉନବିଂଶ ଶତାବ୍ଦୀର ଏହି ନଦୀ ବିଶ୍ୱର ସର୍ବବୃହତ୍ ନଦୀ ଓ ଏହାର ଦୀର୍ଘ ୬୭୪୧ କିଲୋମିଟର । କିନ୍ତୁ ଇଜିପ୍ଟ ମଧ୍ୟଦେଇ ମାତ୍ର ୧୫୦୮ କି.ମି. ଏହି ନଦୀ ପ୍ରବାହିତ । ବିଶ୍ୱର ପ୍ରାଚୀନ ସଭ୍ୟତା ଇଜିପ୍ଟ କଳ୍ପନା ଏହି ନଦୀ ବ୍ୟତୀତ କରାଯାଇ ପାରେନା ।

ଦୁଇଟି ବିରାଟ ମରୁଭୂମି ଅଞ୍ଚଳ ମଧ୍ୟରେ ଇଜିପ୍ଟ ହେଉଛି ମରୁଦ୍ୟାନ । ଏଠାରେ ଅନୁଭୂତ ହୁଏ ଦୁଇଟି ଋତୁ । ଗ୍ରୀଷ୍ମଋତୁ ଏପ୍ରିଲ୍ ଠାରୁ ଅକ୍ଟୋବର ଓ ଶୀତଋତୁ ନଭେମ୍ବର ଠାରୁ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ । କିନ୍ତୁ କୃଷକମାନେ ପ୍ରାୟ ତିନିଗୋଟି ଋତୁ ମାନନ୍ତି । ପ୍ରଥମଟି ଚେତୋଇ (ଶୀତ) ସେଫି (ଗ୍ରୀଷ୍ମ) ଓ ନୀଳ (ନୀଳନଦୀରେ ପାଣି ଆସିବାର ସମୟ) କିନ୍ତୁ ବର୍ଷା ହୁଏ ନାହିଁ । ସାହାରା ମରୁଭୂମିର ଉତ୍ତାପର ପ୍ରବାହ ଯାହାକୁ 'ଚେରଡ୍' ଗାଉଁଲି ଭାଷାରେ ବେଦଉଇନ୍‌ଙ୍କ ନିକଟରେ ମେରିସି ଓ ସେଠାକାର ଅଧିବାସୀମାନେ 'ସିମୋନ୍' ବୋଲି କହିଥା'ନ୍ତି, ଏହା ପ୍ରବାହିତ ହୁଏ ଦକ୍ଷିଣ ପଶ୍ଚିମ ଦିଗରୁ । ପଶ୍ଚିମ ଦିଗରୁ ଏହି 'ଖାମସିନ୍' ପ୍ରବାହ ପ୍ରବାହିତ ହୋଇ ତାପମାତ୍ରାରେ ପରିବର୍ତ୍ତନ ଆଣେ । ଇଜିପ୍ଟର ପବନ ଶୁଷ୍କ କିନ୍ତୁ ଜୁଲାଇ ଠାରୁ ଅକ୍ଟୋବର ମଧ୍ୟରେ ନୀଳନଦୀରେ ଏତେ ପାଣି ଆସେ ଓ ସେହି ପାଣି ସମଗ୍ର ଅଞ୍ଚଳକୁ ଏପରି ଆର୍ଦ୍ର କରିଦିଏ ଯେ, ପବନର ତାପମାତ୍ରାରେ ଶୀତଳତା ଅନୁଭୂତ ହୁଏ ।

ଆମର କାଏରୋ ରହଣି ସମୟରେ ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ଆରମ୍ଭ ହୋଇନଥିଲା । ସକାଳୁଆ ପବନ ଶିତୁଆ ଲାଗୁଥିଲା । ଡ଼କିର ସେହି ପ୍ରସିଦ୍ଧ ଅଞ୍ଚଳଟି ନୀଳ ନଦୀ କୂଳରେ ଅବସ୍ଥିତ ହୋଇ ନୂତନ କାଏରୋର ରୂପଲାବଣ୍ୟବିମଣ୍ଡିତ ଶୋଭା ଥିଲା । ହୋଟେଲ୍ ସଫିର୍‌ଠାରୁ ଅନତି ଦୂରରେ ଥିଲା କାଏରୋ

Digitized by PPRACHIN, SOA

ଟାୱାର । ବନ୍ଧୁ ଭାର୍ଗବେ ଓ ମୁଁ ଚାଲି ଚାଲି ଟାୱାର ଦେଖିବାକୁ ସନ୍ଧ୍ୟା ସମୟରେ ସେଠାରେ ଯାଇ ପହଞ୍ଚିଲୁ । 'ଗିଜାରା' ଦୀପଖଣ୍ଡ ମଧ୍ୟରେ ସଗର୍ବରେ ୧୮୭ ମିଟର ଉଚ୍ଚତାର ଏହି ଟାୱାର ଦଣ୍ଡାୟମାନ । ୬୦ ମହଲା କୋଠାଘରର ଉଚ୍ଚତା ଏହି ଟାୱାର ଏବଂ ସର୍ବବୃହତ୍ ପିରାମିଡ୍ ଠାରୁ ୫୦ ମିଟର ଅଧିକ ଉଚ୍ଚତା ।

ଆମେ ପ୍ରତ୍ୟେକ ୧୮ ଇଜିପ୍ଟିଆନ୍ ପାଉଣ୍ଡ ଦେଇ ଦୁଇଟି ଟିକେଟ୍ କିଣିଲୁ । ଲିଫ୍ଟ୍‌ରେ ଯିବାକୁ ହେବ ଉପରକୁ ଓ ଦେଖିବାକୁ ହେବ ସମଗ୍ର କାଏରୋର ସୌନ୍ଦର୍ଯ୍ୟ । ସବୁଠାରେ ଗାଇଡ୍ । ଆମେ କିନ୍ତୁ ଗାଇଡ୍ ନ ନେଇ ସେହି ଟାୱାର ଉପରକୁ ଯିବାକୁ ମନସ୍ଥ କଲୁ । ଟାୱାର ସମ୍ମୁଖରେ ଏକ ପ୍ରସ୍ତର ଗାତ୍ରରେ ଲିପିବଦ୍ଧ ହୋଇଛି ଟାୱାର ସଂପର୍କିତ ବିବରଣୀ । ଟିକେଟ୍ ପଛ ପାଖରେ ମଧ୍ୟ ।

ଏହାର ମୂଳଦୂଆ ଗଢ଼ା ହୋଇଛି ଅସ୍‌ୱାନ୍ ଗ୍ରାନାଇଟ୍ ପଥରରେ । ୧୯୬୧ ଏପ୍ରିଲ୍ ୧୧ ତାରିଖରେ ଏହାର ଉଦ୍‌ଘାଟନ ହୋଇଥିଲା । ଇଜିପ୍ଟ ଇଂଜିନିୟର ଓ ଟେକ୍ନିସିଆନ୍ ମାନଙ୍କର ହସ୍ତନୈପୁଣ୍ୟ ଓ ବ୍ୟବହୃତ ଇଜିପ୍ଟ ପଦାର୍ଥର ପରିଚୟ ପ୍ରଦାନ କରୁଥିଲା ଏଇ ଟାୱାର ।

ବନ୍ଧୁ ଭାର୍ଗବେ ଓ ମୁଁ ଲିଫ୍ଟରେ ଚଢ଼ିଲୁ । ମାତ୍ର କେଇ ସେକେଣ୍ଡରେ କାଏରୋ ଟାୱାରର ଶିଖର ତଳ ମହଲାରେ ପହଞ୍ଚିଗଲୁ । ଜଣା ପଡୁ ନ ଥିଲା ଲିଫ୍ଟର କ୍ଷିପ୍ରତା । ଟାୱାର ଉପର ଚାରିକଡ଼ରେ ଲୁହା ରେଲିଂରେ ପ୍ରାଚୀର । ନଚେତ୍ ପ୍ରବଳ ପବନର ଚାପ ସମ୍ଭାଳିବା କଷ୍ଟସାଧ୍ୟ । ଚାରିକଡ଼ରେ କେବଳ ଯୁବକ ଯୁବତୀମାନଙ୍କର ଭିଡ଼ । ହୀର-ରାନ୍‌ଝା, ରୋମିଓ ଜୁଲିଏଟ୍ । ବୟସ ୧୮ରୁ ୨୪ ମଧ୍ୟରେ । ପରସ୍ପର ଗେଞ୍ଜାଗେଞ୍ଜିହୋଇ, କପୋତ କପୋତି ପ୍ରେମ ନିବେଦନ କରିବା ପରି ଶବ୍ଦହୀନ ପ୍ରେମରେ ମସ୍‌ଗୁଲ । ଝିଅପୁଅଗୁଡ଼ିକ ଦେଖିବାକୁ ସୁନ୍ଦର । ଗୋରା ଗୋରା, ସୁଗଢ଼ଣ, ଚାହାଣୀରେ ମାଦକତା, ପୋଷାକରେ ପାଶ୍ଚାତ୍ୟ ପ୍ରଭାବ । କିନ୍ତୁ ସୁସଂଯତ ବ୍ୟବହାର ଓ ଶାଳୀନତାର ମର୍ଯ୍ୟାଦା ମଧ୍ୟରେ ସୀମାବଦ୍ଧ ।

ମୁଁ ଦେଖିଛି ଆମ ଭାରତର ବମ୍ବେ ଜୁହୁବିଚ୍ ବା ଚୌପାଟିଠାରେ କିମ୍ବା କଲିକତାର ଭିକ୍ଟୋରିଆ ମେମୋରିଆଲ୍‌ର ବଗିଚାରେ ଉନ୍ମତ୍ତ ଯୌବନର ନଗ୍ନ ପ୍ରକାଶ, ବିଭତ୍ସ ଯୌନକ୍ରିୟାର ଦୃଶ୍ୟ । ଏଠି ବୟସର ମାପକାଠି ନାହିଁ କିନ୍ତୁ କାଏରୋ ଟାୱାର ଉପରେ ଆମେ ଭାରତୀୟ ଦୁଇବଂଧୁ ଥିଲୁ ଯୌବନ ଅତିକ୍ରାନ୍ତ । ଆମକୁ ଆମର ଯୁବକ ବୟସର ସ୍ମୃତି ମନ୍ଥିତ କରୁଥିଲା । ଆମ ପୁଅଝିଅ ବୟସର ଏହି ତରୁଣ ତରୁଣୀ ମାନଙ୍କର ପରସ୍ପର ପ୍ରତି ଭଲ ପାଇବା, ପ୍ରେମନିବେଦନ କରିବା,

Digitized by PPRACHIN, SOA

ନିଜକୁ ଆପଣାର କରିବାରେ ଥିଲା ସଂଭ୍ରମତା, ଶାଳୀନତା ଓ ପ୍ରାଚୀନ ସଂସ୍କୃତିର ସଂରକ୍ଷଣ ପ୍ରତି ସଚେତନତା । ସେଇ ଝିଅମାନଙ୍କ ସହିତ ଫଟୋଟିଏ ଉଠାଇବାର ଇଚ୍ଛା ଥିଲେ ହେଁ ପବନର ଗତି ଥିଲା ଅତି ତୀବ୍ର ଓ ଲୁହା ରେଲିଂକୁ ନଧରି ଠିଆ ହେବା ଅସମ୍ଭବ । ୧୮୭ ମିଟର ଉଚ୍ଚରୁ କାଏରୋ ସହର ସମ୍ପୂର୍ଣ୍ଣ ଭାବେ ହେଉଥିଲା ଦୃଶ୍ୟମାନ । ବହୁଦୂରରେ ଗୀଜା ପିରାମିଡ଼ । ତିନିଗୋଟି ପିରାମିଡ଼ ଆକର୍ଷଣ କରୁଥିଲା ମନକୁ । ଇଜିପ୍‌ଟରେ ଏହି ପିରମିଡ୍ ଦେଖିବାକୁ ତ ଆସିବା କଥା ।

ଏଇ ପ୍ରାଚୀନ ସଭ୍ୟତାର ବିଶେଷତ୍ୱ ଥିଲା ପ୍ରକୃତି ମଧରେ ଦେବତ୍ୱକୁ ସଂଦର୍ଶନ କରିବା । ଆକାଶ, ପୃଥିବୀ, ବାୟୁ, ସୂର୍ଯ୍ୟ, ଚନ୍ଦ୍ର, ତାରା ଏ ସମସ୍ତ ଦେବତାଙ୍କର ସମ୍ପର୍କ ପ୍ରକୃତି ସହିତ । କାଏରୋ ଟାୱାର ଉପରୁ ଆକାଶ ପାଖ ଦିଶୁଥିଲା । ଚନ୍ଦ୍ର ହାତ ପାହାନ୍ତାରେ । ମନରେ ଧରି ପକାଇବାର ଇଚ୍ଛା ।

ମିଶରବାସୀ ମାନଙ୍କ ପାଇଁ ଆକାଶ ହେଉଛନ୍ତି ଦେବୀ । ତାଙ୍କର ରୂପହେଉଛି ଗୋମାତା । ପୃଥିବୀ ଉପରେ ଗୋମାତା ଛିଡ଼ା ହୋଇଛନ୍ତି ଅନ୍ୟାନ୍ୟ ଦେବତା ଦେବୀମାନଙ୍କ ସହିତ । ସୂର୍ଯ୍ୟ ତାଙ୍କର ସେହି ଚିକ୍‌କଣ ଉଦର ଉପର ଦେଇ ଯାଉଛନ୍ତି । ଏହି ଉଦର ବିଶାଳ ସମୁଦ୍ର ।

ଆଉ କେତେକ ଭାବନ୍ତି ଏକ ଲଜ୍ଜାବତୀ ନାରୀ ଅବଗୁଣ୍ଠନ ହୋଇ ନଇଁ ପଡ଼ିଛି ପୃଥିବୀ ଉପରକୁ ଏବଂ ତାକୁ ବାୟୁ ବା ପବନ ଦେବତା ଯାହାକୁସେମାନେ 'ସୁ' କହନ୍ତି ଧରି ରଖିଛି କିମ୍ବା ବିରାଟ ବିରାଟ ପର୍ବତମାଳା ପୃଥିବୀକୁ ବାନ୍ଧି ରଖିଛି । ସେହି ନାରୀର ନିମ୍ନ ଦେଶକୁ ଗୋଲାକାର ବୃତ୍ତରେ ସମୁଦ୍ର ବେଷ୍ଟନ କରିଛି ଏବଂ ତାର କେନ୍ଦ୍ରରେ ପୃଥିବୀ ଦେବତା ଯାହାକୁ 'ଜେବ' ବୋଲି କହନ୍ତି, ଉତ୍ପାଦିତ ଦ୍ରବ୍ୟରେ ପୂର୍ଣ୍ଣ । ପୃଥିବୀର ଗୋଟିଏ ପଟ ଲାଲ ଏବଂ ଏଠାରେ ସେହି ଅନାର୍ଯ୍ୟ ଯାଯାବରମାନେ ମରୁଭୂମିରେ ବାସ କରୁଛନ୍ତି । ଏହାର ଅନ୍ୟ ଭାଗଟି ଉର୍ବରା । ନୀଳନଦୀର କଳାମାଟି ଦ୍ୱାରା ଆଚ୍ଛନ୍ନ । ନୀଳନଦୀର ସେହି ପବିତ୍ର ପାଣି ବହିଯାଉଛି କେଉଁ ଏକ ଅଜଣା ଅଶୁଣା ଅଦେଖା ବାଟରେ ଭୂଇଁ ତଳକୁ । ମଲା ମଣିଷ ମାନଙ୍କର ସେହି ବାସସ୍ଥାନକୁ । ସେମାନଙ୍କର ବାସସ୍ଥାନ ତ ସ୍ୱର୍ଗ ଦେଖିବାର ଆଇନା ।

କାଏରୋ ଟାୱାର ଉପରୁ ସୂର୍ଯ୍ୟ ବୁଡ଼ିଯିବାର ଲୋହିତ କିରଣ ଗୀଜା ପିରାମିଡ଼ ଦେଇ ଦେଖାଯାଉଥିଲେ । ଉଡୁଥିଲା ଆକାଶରେ ଅସଂଖ୍ୟ ଧୂଳିକଣା । ଯେପରି ବାଲିବର୍ଷା । ଗୀଜା ପିରାମିଡ଼ ଠାରୁ ଯୋଜନ ଯୋଜନ ବ୍ୟାପୀ ସାହାରା ମରୁଭୂମିର ବିସ୍ତୀର୍ଣ୍ଣ ବାଲୁକା କ୍ଷେତ୍ର ।

Digitized by PPRACHIN, SOA

ଏକ ପାର୍ଶ୍ୱରେ ନୀଳନଦୀର ଉପତ୍ୟକା, ଜନବସତିର ଆଧୁନିକ ଇମାରତ ଓ ଜନମାନସର ଗହଳ ଚହଳରେ କମ୍ପି ଉଠୁଥିବା ମେଦିନୀ । ଅନ୍ୟ ପାର୍ଶ୍ୱରେଗୀଜା ପିରାମିଡ୍ ପରଠାରୁ ବାଲୁକା ରାଶିର ମହାସମୁଦ୍ର ।

କାଏରୋ ଟାୱାରରୁ ଠିଆ ହୋଇ ବର୍ଣ୍ଣାଢ୍ୟ, ବୈଚିତ୍ର୍ୟମୟୀ, ରୂପଲାବଣ୍ୟ ପ୍ରକୃତିକୁ ଦେଖିବା ବେଳେ ଶ୍ରୀମଦ୍ ଭଗବଦ୍‌ଗୀତାର ଶ୍ରୀକୃଷ୍ଣଙ୍କର ଅର୍ଜ୍ଜୁନଙ୍କୁ ମହାଭାରତ ଯୁଦ୍ଧକ୍ଷେତ୍ରରେ ତାଙ୍କର ବିଶ୍ୱରୂପ ଦର୍ଶନ କଥା ମନେ ପଡୁଥିଲା । ଭୟଭୀତ ହୋଇ ପଡ଼ିଥିଲେ ଅର୍ଜ୍ଜୁନ ।

“ହେ ଗୁଡ଼ାକେଶ । ମୋତେ ଆପଣଙ୍କର ସେଇ ଶାନ୍ତ, ସୌମ୍ୟ ରୂପ ଦେଖିବାକୁ ମିଳୁ ।” ବୋଲି ନେଉଁଳି ଛାଉଳି ହୋଇଥିଲେ ଅର୍ଜ୍ଜୁନ । ବ୍ୟସ୍ତ, ବିବ୍ରତ, ଭୟାର୍ତ୍ତ ଅର୍ଜ୍ଜୁନଙ୍କର ପୌରୁଷତ୍ୱ କ୍ଳୀବତ୍ୱରେ ପରିଣତ ହୋଇ ଯାଇଥିଲା ।

କାଏରୋ ଟାୱାର ମଣିଷର ଅହଂ ପ୍ରବୃତ୍ତିକୁ ‘ମମି’ରେ ପରିଣତ କରିଦେଇଛି କି ? ଏବଂ ଏଇଥିପାଇଁ ଏତେ ପିରାମିଡ୍ ।

ଅସ୍ତଗାମୀ ସୂର୍ଯ୍ୟ ମିଶରୀୟ ମାନଙ୍କର ପରମ ଆରାଧ୍ୟ ଦେବତା । ତାଙ୍କର ନାନା ନାମ । ତାଙ୍କର ମଧ୍ୟ ଭିନ୍ନ ଭିନ୍ନ ଅସ୍ତ ହେଉଥିବା ସୂର୍ଯ୍ୟ ଆଟେନ୍ ଏବଂ ଉଦୟ ସୂର୍ଯ୍ୟ ଖେପ୍ରି । ମଧ୍ୟାହ୍ନ ସୂର୍ଯ୍ୟଙ୍କୁ କହନ୍ତି ହୋରସ । ପ୍ରତ୍ୟେକ ଦିନ ସୂର୍ଯ୍ୟ ଏକ ସୁବର୍ଣ୍ଣ ବତ୍ସ ଭାବରେ ଜନ୍ମଲାଭ କରନ୍ତି ସ୍ୱର୍ଗ ଗୋମାତାଙ୍କ ଜଠରରୁ । ସୂର୍ଯ୍ୟ ଦେବତାଙ୍କୁ ନେଇ ଅନେକ କିମ୍ବଦନ୍ତୀ, ଅନେକ ଲୋକକଥା ।

ଆକାଶରେ ଜହ୍ନ ଉଇଁ ଆସୁଥିଲା । କାଏରୋ ଟାୱାରରୁ କ’ଣ ଜାଣିହେବ ଦିନ କେତେ, ରାତି କେତେ । କାଏରୋ ସହର ସାରା ବିଛାଡ଼ି ହୋଇ ପଡ଼ିଛି ଆଲୋକର ମାଳା, ନୀଳନଦୀର ନାଇଲ କୁଇର ଠାରୁ ହୋଟେଲ୍, ରେସ୍ତୋଁରା ପର୍ଯ୍ୟନ୍ତ । ବିଜ୍ଞାନର ଜୟ ଜୟଗାନ ମଧ୍ୟରେ ପ୍ରକୃତି ଦେବୀ ମଣିଷ ଚେତନାର କେଉଁ କୋଣରେ ନିଜର ଅସ୍ମାନ ଏମିତି ଜମେଇ ଦେଇଛନ୍ତି ଯେ ଜହ୍ନକୁ ଦେଖିବା ମାତ୍ରେ ନିଜକୁ ଭୁଲିଯିବା ପରି ଲାଗିଲା । ମିଶରୀୟମାନଙ୍କ ପାଇଁ ଜହ୍ନ ସୂର୍ଯ୍ୟଙ୍କର ଭାଇ ଏବଂ ଆକାଶର ପୁତ୍ର । କେବେକେବେ ଚନ୍ଦ୍ର ହୁଅନ୍ତି ସେମାନଙ୍କର ବିଦ୍ୟାର ଦେବତା ।

ଆସିବା ଅନେକ ବେଳ ହୋଇ ଯାଇଥିଲା । ଜୀବନର ବହୁ ଘଟଣା ସ୍ମୃତିରେ ଭାସିବାରେ ଲାଗିଥିଲା । କାରଣ ଟାୱାର ଉପରେ ଠିଆ ହୋଇ ଜୀବନ ଯେତିକି ସତ୍ୟ, ମୃତ୍ୟୁ ତା’ଠାରୁ ଅଧିକ ସତ୍ୟ ଏ ଧାରଣା ଥିଲେ ମଧ୍ୟ ପ୍ରଥମ କରି ଏହା ଅନୁଭୂତି ମଧ୍ୟକୁ ପ୍ରବେଶ କରିଥିଲା ।

Digitized by PPRACHIN, SOA

ବହୁ କଷ୍ଟରେ ଭାର୍ସେନେ ଓ ମୁଁ ଫଟୋଗ୍ରାଫରକୁ ନେଇ ଫଟୋ ଉଠାଇଲୁ । ନିଜ ଫଟୋକୁ ଚିହ୍ନିବା ଥିଲା କଷ୍ଟ । ଆକାଶରେ ଉଡୁଥିବା ପରୀର ଦୃଶ୍ୟ । କାଫେଟେରିଆରେ କଫି ପିଇ ତଳକୁ ଓହ୍ଲାଇବା ବେଳକୁ ରାତି ୮ଟା । ଫଟୋ ନେବାକୁ ଅପେକ୍ଷା କଲୁ ପ୍ରାୟ ଅଧଘଣ୍ଟା ।

ମାଳ ମାଳ ପୁଲିସ୍ ଆମକୁ ଚାହୁଁଥିଲେ । ଆମେ ବାହାରେ ପଡ଼ିଥିବା ପଥର ଖଣ୍ଡ ଉପରେ ନିର୍ବିକାର ଭାବରେ ବସିଥିଲୁ ଓ କାଏରୋ ଲୋକମାନଙ୍କର ଚାଲିଚଳଣ, ଖାଇବା ରହିବା ସମ୍ପର୍କରେ ନିଜ ନିଜ ଦୃଷ୍ଟିକୋଣକୁ ପରସ୍ପର ଆଗରେ ମେଲି ଧରିଥିଲୁ ।

ଘୋଡ଼ା ଗାଡ଼ିରେ ବସି ଫେରିଲୁ ହୋଟେଲ୍ ସଫିର୍ । ବିଳମ୍ବିତ ରାତ୍ରିରେ କଲିକତାର ରାସ୍ତାରେ ହାତରେ ଫୁଲମାଳ ଗୁଡ଼ାଇ ଅତୀତରେ ଫେରୁଥିବା ଆଭିଜାତ୍ୟ ପରିବାରର ବାବୁମାନଙ୍କ ପରି ଯଦିଓ ନୁହେଁ, ତଥାପି ମୁହଁରେ ଥିଲା ହିନ୍ଦୀ ସିନେମାର ପ୍ରେମ ସଂଗୀତ ।

□□□

Digitized by PPRACHIN, SOA

ହୋଟେଲ ସଫିରରେ ସାହିତ୍ୟ ସଂଧ୍ୟା

ହୋଟେଲ ସଫିର୍‌ରେ ଯେଉଁ ହଲରେ ଆମର ମିଟିଂ ହେଉଥିଲା, ସେଠାରେ ସେଦିନ ଥିଲା ସଂଧ୍ୟାରେ ଏକ ସାହିତ୍ୟ ସଭା । ନୀଳନଦୀରେ ନୌକା ବିହାରରୁ ଫେରିବା ସମୟରେ ଆଖିରେ ପଡ଼ିଲା ଇଂରାଜୀରେ ଲିଖିତ "A Tribute to Nizar Qubbani". ହୋଟେଲ ଗେଟ୍ ନିକଟରେ ସେ ଦିନ ସଂଧ୍ୟାରେ କାର୍ଯ୍ୟକ୍ରମରେ ଏହା ଦେଖି କିଛି ସମୟ ସେଠାରେ ବସିବାକୁ ଇଚ୍ଛା ହେଲା ।

ନିଜାର କ୍ୱବାନୀ ଆରବ ରାଷ୍ଟ୍ର ସମୂହର ଜଣେ ପ୍ରସିଦ୍ଧ କବି ଥିଲେ ଓ ତାଙ୍କର ଦେହାନ୍ତ ମେ ମାସ ପ୍ରଥମ ସପ୍ତାହରେ ହୋଇଥାଏ । ବହୁଦିନ ଧରି କାଏରୋ ଠାରେ ସିରିୟାରେ ରାଷ୍ଟ୍ରଦୂତ ଭାବେ ରହି ସେଠାକାର ସାହିତ୍ୟ ସଂସ୍କୃତି ସହିତ ଓତପ୍ରୋତଃ ନିଜକୁ ଜଡ଼ାଇ ଦେଇଥିଲେ । ବିଶେଷ କରି ଆଲ୍-ଆହରମ୍ ସମ୍ବାଦପତ୍ର ସହିତ ତାଙ୍କର ସମ୍ପର୍କ ଥିଲା ଘନିଷ୍ଠ ।

ସଭାରେ ପ୍ରାୟ ୩୦-୪୦ ଜଣ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଗୋଲାକାର ଆକୃତିରେ ବସିଥିଲେ ଓ ଆରବୀଭାଷାରେ କଥା ହେଉଥିଲେ । ମଝିରେ ମଝିରେ ଅଳ୍ପ ଅଳ୍ପ ଇଂରାଜୀରେ ବକ୍ତବ୍ୟ ଥିଲା । ଆରବୀ ବୁଝିବା ଥିଲା ମୋ' ପକ୍ଷରେ ଅସମ୍ଭବ କିନ୍ତୁ ସଂଗୀତ ଆକାରରେ କ୍ୱବାନୀଙ୍କର କବିତାର ଆବୃତ୍ତି ଥିଲା ମନୋମୁଗ୍ଧକର ।

ବିଂଶ ଶତାବ୍ଦୀରେ ଆରବୀ କବିତାରେ ନୂତନ ମୋଡ଼ ଦେବାରେ ସମର୍ଥ ହୋଇଥିଲେ ନିଜାର କ୍ୱବାନୀ । ୧୯୨୩ ମାର୍ଚ୍ଚ ୨୧ ତାରିଖରେ ଜନ୍ମ ଲାଭ କରିଥିବା କ୍ୱବାନୀ ୭୫ ବର୍ଷ ବୟସରେ ଲଣ୍ଡନ ଠାରେ ଦେହତ୍ୟାଗ କରିଥିଲେ ଏବଂ ତାଙ୍କ ପାର୍ଥିବ ଶରୀରକୁ ନିଜର ପ୍ରିୟ ଜନ୍ମଭୂମି ଡ଼ାମାସ୍କସ ଠାରେ ସମାଧି ଦିଆଯାଇଥିଲା । ଛାତ୍ର ଜୀବନରୁ ଆରବୀ ଭାଷାର ପ୍ରସିଦ୍ଧ ଲେଖକ ଖଲିଲ୍ ମୁରଦମ୍‌ଙ୍କ ପ୍ରେରଣାରେ ସେ କବିତା ଲେଖିବାକୁ ଆରମ୍ଭ କରିଥିଲେ ଏବଂ ତାଙ୍କର ପ୍ରଥମ କବିତା ସଂକଳନ ୧୯୪୨ ମସିହାରେ ପ୍ରକାଶିତ ହୋଇଥିଲା ।

Digitized by PPRACHIN, SOA

ଆଇନ୍ ଡ଼ିଗ୍ରୀ ୧୯୪୫ ମସିହାରେ ପାଇବାପରେ ସେ ୧୯୪୫ ଠାରୁ ୧୯୬୫ ମସିହା ପର୍ଯ୍ୟନ୍ତ ଲଣ୍ଡନ, କାଏରୋ, ବିରୁଟ, ପେକିଂ ଓ ମାରଡ଼ିଡ଼୍ଠାରେ ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରି ଅବସର ନେବାପରେ କବିତାକୁ ନିଜ ଜୀବନ ବଞ୍ଚିବାର ମାଧମ ଭାବେ ଗ୍ରହଣ କରିଥିଲେ ।

ସେ ଥିଲେ ଆରବୀ କବିତାର ଆଧୁନିକତାର ପ୍ରବକ୍ତା । କ୍ୱାନା ଗଣହତ୍ୟାଠାରୁ ଆରମ୍ଭ କରି ପାଲେଷ୍ଟାଇନର ଦୁଃଖ ତାଙ୍କ କବିତାକୁ ପ୍ରାଚୀନ ପରମ୍ପରାରୁ ମୁକ୍ତ କରି ଆଧୁନିକତାର ନୂତନ ଦିଗ ନିର୍ଦ୍ଦେଶ କରିଥିଲା । ତାଙ୍କ କବିତାର ପ୍ରାଣ ପ୍ରାଚୁର୍ଯ୍ୟରେ ପୁରୁଷ ନାରୀ, ଯୁବକ-ବୃଦ୍ଧ ସମସ୍ତେ ମୋହିତ ହୋଇଥିଲେ ।

"ପକ୍ଷୀ ଶାବକ ତା'ର ନିଡ଼କୁ ଫେରି ଆସିବା ପରି ଶିଶୁ ସନ୍ତାନ ଫେରିଆସେ ମା' ସ୍ତନ ପାଖକୁ", ଏହା ଥିଲା କ୍ୱବାନୀଙ୍କର ଭ୍ରମଣ କଥା । ତାଙ୍କ କାବ୍ୟ ପ୍ରତିଭାର ଅଖଣ୍ଡ ସ୍ରୋତର ସୂଚନା ଦିଏ ତାଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ କାବ୍ୟସୂଚୀରୁ । କ୍ୱାଲିତି-ଲିଖଲ-ସାମରା (The dark one said to me) ୧୯୪୪, ତେଫୋଉଲତ ନାହଦ୍ (Childehood of a breast) ୧୯୪୮, ସମ୍ବା (Samba) ୧୯୪୯. ଇନ୍‌ସାଲି (You are for me) ୧୯୫୦, କ୍ୱାସେଦ୍ (Poems) ୧୯୫୬, ହବିବାତି (My beloved) ୧୯୬୧. ଅଲ୍-ରସମ ବିଇଲ କଲିମାଡ଼ (Drawing with words) ୧୯୬୬, ହୱାମିସ ଅଲା ଦଫତାର ଅଲ୍ ନାକସା (Manginalia on the note book of the) ୧୯୬୭, ୱାମିୟତ ଇମ୍ରା ଲା ମୁବାଲିୟା (Diarieo of an indifferent woman) ୧୯୬୮, କ୍ୱାସେଦ୍ ମୁଟା ୱାହିସା (Wilde poems) ୧୯୭୦, କିତାବ-ଅଲ୍-ହବ (The book of love) ୧୯୭୦, ଆସାର ଖରିଗା ଆଲା-ଆଲା କୁଇଟ୍ (Delinquent poems) ୧୯୭୨, ଇହିବିକ୍ ଉହିବିକ୍ ୱଲ ବାକିଆ ତର୍ତି (I love you, I love you and the Rest Follows) ୧୯୭୮, କୁଲୁଆମ୍, ୱା ଆନ୍ତି ହବିବାତି (Every year and you are my beloved) ୧୯୭୮, ଆଷାଡୁ ଆନ୍ ଲା ଇମ୍ରା ଇଲା ଆନ୍ତି (I Bear witness that there is no woman but you) ୧୯୧୯, ମାୱାଉଇଲ ଡ଼ିମିନସିକ୍ୱିୟାଇଲା କ୍ୱମାର ବାଗ୍‌ଦାଦ, (Dama scene songs to the moon of Baghdad) ୧୯୭୯, ହକଥା ଅକ୍‌ତୁବା ତାରିଖ ଏଲ-ନିସା (The Dictionary of lovers) ୧୯୮୧, କ୍ୱାମୋସ ଆଲ୍ ଆସିକୁଇନ୍ (The Dictionary of lovers) ୧୯୮୧, ଆସାର ମାଜନୌନା (Mad poems) ୧୯୮୩, ଆଲ୍-ହୁବ ଲା ୟାକୁବଥାଲା ଦ ଅଲ ହମର

Digitized by PPRACHIN, SOA

(Love doesnot stop at the Red light)୧୯୮୩, କ୍ୱସତି ମା ଆଲ ସେ'ର (My story with poetry)୧୯୮୩, କ୍ୱାସେଦ୍ ମାଗଦାଓ ଆଲାଇହ । (Scorned Poems) ୧୯୮୬, ତାଜାଓ୍ୱାଜତିକ୍ ଆସ୍ପୁହା ଆଲ ହୋରେୟା (I married you O liberty) ୧୯୮୮, ଜୋଉମହୌରିୟାତ୍ ଜନଉସ୍ଥାନ(The Republic ofCrzyestam) ୧୯୮୮, ଆଲା-କ୍ୱାବ୍ରିତ୍ ଫି ଯାଦି ଓ୍ୱା ଦ୍ୱାଦ୍ୱାଲେତିକୁମ ମିଚ୍ ଆଲଓ୍ୱାରକ୍ (The match is in my Hands and your little Nation is made of paper) ୧୯୮୯, ଆଲ୍ ଓ୍ୱାରକ୍ଅଲସିରିୟା ଲି ଯାସିକ୍ କ୍ୱାରାମତି (The confidential of a lover) ୧୯୮୯, ଲା ଗାଲିବ ଇଲା ଅଲ-ହବ (No victor except love) ୧୯୯୦, ହାଓ୍ୱାମିସ୍ ଆଲାଅଲ ହାଓ୍ୱାମିସ୍ (Can you hear the Weighing of my sorrows) ୧୯୯୧, ଆନା ରାଜୁଲ ଓ୍ୱାହିଦ୍ ଓ୍ୱା ଆନ୍ତି କ୍ୱାବିଲା ମିନ୍ ଅଲ୍ ନିଶ୍ୱନ (I am one man and you are a trible of woman) ୧୯୯୩, ଖମସୁନା ଅମନ ଫି ମାଧ୍ୱ ଅଲ-ନିଶା (Fifty years in praise of women)୧୯୯୪, ତାଡ଼ ଉଇତ ନିଜାରୟା ଫି ମାକାମତ ଅଲ-ଇସକ୍ (Nizarian vaiations on passion) ୧୯୯୬, ଅନ୍ୟତମ ।

ସାହିତ୍ୟ ସଂଧାରେ ଉପସ୍ଥିତ କ୍ୱବାନୀଙ୍କର ସତୀର୍ଥମାନେ କବିତା ଆବୃତ୍ତି କରୁଥିଲେ ଓ ଆଲୋଚନା କରୁଥିଲେ । ମହମ୍ମଦ ଡ଼ାରଉଇସବିଜାର କ୍ୱବାନୀଙ୍କ ସଂପର୍କରେ ତାଙ୍କର ମତ ଦେଇ କହୁଥିଲେ ତାଙ୍କ କବିତାର ବିଶେଷତ୍ୱ ହେଉଛି, "କବିତା ଓ ଲୋକମାନଙ୍କ ମଧରେ ସମଝୋତା ।" କାରଣ କବିର ପ୍ରକୃତ ସମସ୍ୟା ହେଉଛି କେତେ ଲୋକଙ୍କ ପାଖରେ ସେ ପହଞ୍ଚି ପାରୁଛି । କବିର କବିତାରେ କେତେ ଲୋକ ଆବିଷ୍ଟ ହେଉଛନ୍ତି ବା କବି କେତେ ଲୋକଙ୍କ ହୃଦୟକୁ ମାଡ଼ି ବସିଛନ୍ତି ।

କ୍ୱବାନୀ ଆରବମାନଙ୍କର ସମ୍ମିଳିତ ହୃଦୟରେ ଅବସ୍ଥାପିତ । ନିଜାର କ୍ୱବାନୀ ଯୋଦ୍ଧା-ମୁକ୍ତିଦାତା । ବନ୍ଧୁ, ସଖା ଓ ସୁହୃଦ । ସହଯାତ୍ରୀ । କଣ୍ଟକିତ ଓ କର୍ଦ୍ଦମାକ୍ତ ପଥରେ ସେ ଆମର ସହଯାତ୍ରୀ । ତାଙ୍କ କବିତାରେ ଆମେ ପାଉଁ ଆନନ୍ଦ, ପ୍ରେମ ଓ ସଂଗ୍ରାମ । ତାଙ୍କ କବିତା ଗୁଚ୍ଛ ସୃଷ୍ଟି ହୋଇଛି କେବେକେବେ ପ୍ରଚେଷ୍ଟାରୁ, କେବେକେବେ ଆନନ୍ଦରୁ, କେବେ କ୍ରୋଧ ଓ ରାଗରୁ କିନ୍ତୁ ସବୁ ତିକ୍ତତା ସତ୍ତ୍ୱେ ସବୁ ରାଗ ଓ କ୍ରୋଧ ସତ୍ତ୍ୱେ, ସେ ହେଉଛନ୍ତି କବିଟିଏ ଯେ କେବଳ କବି ହେବାକୁ ଭଲ ପାଆନ୍ତି । କବି ଭାବରେ ତାଙ୍କର ଅନୁସନ୍ଧାନ ଅସରନ୍ତି । ତାଙ୍କ

Digitized by PPRACHIN, SOA

ଅନୁସନ୍ଧାନ ଯେତେ ପ୍ରଶଂସା କରିବ, ତା'ର ସେତେ ଶେଷ ନାହିଁ ବୋଲି ଅନୁଭବ କରିବ ।

ନିଜାର କ୍ୱବାନୀ କବିଙ୍କୁ ଆବିଷ୍କାର କରିବା ଅର୍ଥ ନିଜକୁ ଆବିଷ୍କାର କରିବା । ନିଜାର କ୍ୱବାନୀ କେବଳ ଖଣ୍ଡିଏ କବିତା ବହି ନୁହନ୍ତି ଯାହାକୁ ଥରେ ପଢ଼ି କବିତା ବହି ଥାକରେ ରଖାଯାଇ ପାରିବ ।

ତାଙ୍କ କବିତା କେବଳ କବିତା ନୁହେଁ, ଏହା ଜୀବନର ଅବବୋଧ । ତା'ଙ୍କ କବିତା ପ୍ରଶସ୍ତ ରାଜପଥ ଠାରୁ ଗଳିରାସ୍ତା ପର୍ଯ୍ୟନ୍ତ, ଉଜ୍ଜ୍ୱଳ ବିଦ୍ୟୁତ୍ ଆଲୋକଠାରୁ ଚନ୍ଦ୍ରାଲୋକ ପର୍ଯ୍ୟନ୍ତ ସୁଗନ୍ଧିତ । ସୁବାସିତ ଅତର ଠାରୁ ନାଇଟ୍ କ୍ଲବ ପର୍ଯ୍ୟନ୍ତ ଅପରୂପ ବର୍ଣ୍ଣନାରେ ପ୍ରାଣବନ୍ତ ଓ ଜୀବନ୍ତ ।

ସମସ୍ତଙ୍କ ପାଇଁ ଯେପରି ସେ ନିଜର, ଏକାନ୍ତ ଆପଣାର । ଧରାବନ୍ଧାରୀତି ନୀତି ବା ଷ୍ଟାଇଲ ଭିତରେ ତାଙ୍କୁ ବନ୍ଧାଯାଇ ପାରେନା । ତାଙ୍କ କବିତା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ି ପାଇଁ ବାର୍ତ୍ତା ।

ସେ ସମଗ୍ର ଆରବ ସଂସ୍କୃତିର ଏକ ମାଇଲଖୁଣ୍ଟ । ନିଜାର କ୍ୱବାନୀଙ୍କ ସମ୍ପର୍କରେ କିଛି ଜାଣିବାର ସୁଯୋଗ ଯଦିଓ ମିଳିଲା, କିନ୍ତୁ ଉପସ୍ଥିତ ଥିବା କବି, ଲେଖକ ମାନଙ୍କ ସହିତ ବ୍ୟକ୍ତିଗତ ବନ୍ଧୁତା ସ୍ଥାପନ କରିବା ଥିଲା ଦୁରୂହ ବ୍ୟାପାର । ସେମାନେ ନିଜ ନିଜ ମଧ୍ୟରେ ଯେତିକି ମୁକ୍ତ ଓ ସହଜ ବିଦେଶୀ ମାନଙ୍କ ସହିତ ସେମାନେ ବନ୍ଦ କବାଟ ।

ମୋତେ ଖୋଜିବାକୁ ହେଲା ନିଜାର କ୍ୱବାନୀଙ୍କ କବିତାର ଇଂରାଜୀ ରୂପାନ୍ତର । ସଫଳତା ମିଳିବା କ'ଣ ଏତେ ସହଜ ?

କିନ୍ତୁ ସଫିର୍ ହୋଟେଲର ସାହିତ୍ୟ ସନ୍ଧ୍ୟା ଥିଲା ମୋ' ଅନୁଭବର ଅନ୍ୟ ଏକ ପିରାମିଡ୍ ।

□□□

Digitized by PPRACHIN, SOA

ପିରାମିଡ୍ ଓ ସ୍ପିଙ୍କସ୍‌ର ସାନ୍ନିଧ

ମିଦାନ୍-ଇଲ-ତହରୀର ଠାରୁ ଟ୍ୟାକ୍ସି ଯୋଗେ ଗିଜା ପିରାମିଡ୍ ଦେଖିବାକୁ ବାହାରିଲୁ । ହୋଟେଲ୍ ସଫିର୍ ନିକଟରେ ଏହି ମିଦାନ-ଇଲ୍-ତହରୀର । ମାର୍କେଟ ଓ ଛକ ଜାଗା । କାଏରୋ ଆସିବା ପୂର୍ବରୁ ପିରାମିଡ୍ ସମ୍ପର୍କରେ ଓ ଦିଗ୍ରେଟ୍ ସ୍ପିଙ୍କସ୍' ସମ୍ପର୍କରେ ଜଣାଥିଲା ।

ପ୍ରାଚୀନ ସହର ମିଶର । କାଏରୋରେ ନୂତନ ସଭ୍ୟତାର ଛାପ । ସ୍ୱାମୀ ବିବେକାନନ୍ଦ ମିଶର ସମ୍ପର୍କରେ କ'ଣ କହିଥିଲେ, ତାହା ବନ୍ଧୁ ଭାର୍ସେନେଙ୍କୁ କହିବାକୁ ଇଚ୍ଛାହେଲା । ସେତିକିବେଳକୁ ଭାରତୀୟ ପ୍ରତିନିଧି ଦଳରେ ସବୁ ସଭ୍ୟମାନେ ମୁଁ ସ୍ୱାମୀ ବିବେକାନନ୍ଦଙ୍କର ଜଣେ ଅନୁଗତ ଭକ୍ତ ବୋଲି ଜାଣି ଯାଇଥିଲେ । କାଏରୋ ଠାରେ ଜଣେ ବଙ୍ଗାଳୀ ଇଂଜିନିୟରଙ୍କ ସହିତ ମଧ୍ୟ ସାକ୍ଷାତ ହେଲା । ତାଙ୍କ ପରିବାର ରାମକୃଷ୍ଣ ମଠର ଭକ୍ତ ।

ପରିବ୍ରାଜକ ସମୟରେ ସ୍ୱାମୀଜୀ ନିଜ ଡ଼ାଏରୀରେ ଯେପରି ବର୍ଣ୍ଣନା କରିଛନ୍ତି, ତା'ର କିୟଦଂଶ ନିମ୍ନରେ ଉଦ୍ଧାର କରିବାର ଆଗ୍ରହ ସମ୍ବରଣ କରିପାରୁନି । ଏହା ପାଠକମାନଙ୍କୁ ମିଶର ସମ୍ପର୍କରେ ଧାରଣା ଦେବ ।

"ଏହି ସେପାରିରେ ଆରବ ମରୁଭୂମି, ଏ ପାରିରେ ମିଶର । ଏହି ସେହି ପ୍ରାଚୀନ ମିଶର । ଏହି ମିଶରୀମାନେ ପଣ୍ଟ ଦେଶ (ସମ୍ଭବତଃ ମାଲାବାର)ର ରୋଡ୍-ସି ପାର ହୋଇ କେତେକ ହଜାର ବର୍ଷ ପୂର୍ବେ କ୍ରମେ କ୍ରମେ ରାଜ୍ୟ ବିସ୍ତାର କରି ଉତ୍ତରରେ ପହଞ୍ଚିଥିଲେ । ଏମାନଙ୍କର ଆଶ୍ଚର୍ଯ୍ୟଜନକ ଶକ୍ତିବିସ୍ତାର, ରାଜ୍ୟ ବିସ୍ତାର ଓ ସଭ୍ୟତା ବିସ୍ତାର । ଯବନ ମାନେ ଏମାନଙ୍କ ଶିଷ୍ୟ । ଏମାନଙ୍କ ବାଦ୍‌ଶା ମାନଙ୍କର ପିରାମିଡ୍ ନାମକ ଆଶ୍ଚର୍ଯ୍ୟଜନକ ସମାଧି ମନ୍ଦିର, ନାରୀସିଂହୀ ମୂର୍ତ୍ତି । ଏମାନଙ୍କର ମୃତ ଦେହ ଗୁଡ଼ିକ ଆଜି ପର୍ଯ୍ୟନ୍ତ ବିଦ୍ୟମାନ । ବାବରି କଟା ବାଳ, କଚ୍ଛାହୀନ ଧପ୍‌ଧପିଆ ଧୋତି ପିନ୍ଧା, କାନରେ କୁଣ୍ଡଳ, ମିଶରୀ ଲୋକସବୁ ଏହି ଦେଶରେ ବାସ କରୁଥିଲେ । ଏହି ହିକ୍‌ସ ବଂଶ, ଫେରୋ ବଂଶ, ଇରାନୀ

Digitized by PPRACHIN, SOA

ବାଦଶାହି, ସିକନ୍ଦର, ଟଲେମି ବଂଶ ଏବଂ ରୋମାନ୍ ଓ ଆରବ ବୀରମାନଙ୍କର ରଙ୍ଗଭୂମି ମିଶର । ସେହି ସେତକାଳ ପୂର୍ବେ, ଏମାନେ ଆପଣାର ବୃତ୍ତାନ୍ତ ପାପିରସ ପତ୍ରରେ, ପଥରରେ, ମାଟି ବାସନ ଦେହରେ, ଚିତ୍ରାକ୍ଷରେ ତନ୍ନ ତନ୍ନ କରି ଲେଖି ଯାଇଛନ୍ତି ।"

କାର୍ 'ଭ୍ୟାଲି ଅଫ୍ ଦି କିଙ୍ଗସ୍' ନିକଟରେ ପହଞ୍ଚିଲା । ଭିତର ରାସ୍ତା ଦେଇ ଯିବାକୁ ୩୦ ମିଶରୀୟ ପାଉଣ୍ଡ । ଗାଡ଼ି ପାର୍କିଂ କରିବା ପରେ ଆମେ ଦୂରରୁ ପ୍ରଥମେ ପିରାମିଡ଼ର ସୌନ୍ଦର୍ଯ୍ୟ ଅବଲୋକନ କଲୁ । ଦୂର ପର୍ବତ ସୁନ୍ଦର ପରି ଦୂରରୁ ତିନିଗୋଟି ପିରାମିଡ଼ ନିଜ ନିଜର ସୌନ୍ଦର୍ଯ୍ୟର ପସରା ଚତୁର୍ଦ୍ଦିଗରେ ବିସ୍ତୀର୍ଣ୍ଣ ବାଲୁକାରାଶି ମଧ୍ୟରେ ମେଲି ଦେଇଛନ୍ତି ଓ ସେମାନଙ୍କର ଅତୀନ୍ଦ୍ର ପ୍ରହରୀ ରୂପେ ବିଦ୍ୟମାନ 'ଦି ଗ୍ରେଟ ସ୍ଫିଙ୍କ୍ସ' । ଦେହଟା ସିଂହ ପରି ଓ ମୁଣ୍ଡଟା ମଣିଷ ପରି ।

ଗିଜା ଅଞ୍ଚଳ ମରୁଭୂମିରେ ହୋଇଥିଲେ ମଧ୍ୟ କାଏରୋ ସହର ସେ ଯାଏ ଲମ୍ବି ଯାଇଛି ଏବଂ ଢ଼େର ସାରା ଦୋକାନ । ଟୁରିଷ୍ଟମାନଙ୍କୁ ଆକର୍ଷଣ କରିବା ପାଇଁ ଓଟ ସାହାଯ୍ୟରେ ପିରାମିଡ଼ ଦେଖାଇବାର ବ୍ୟବସ୍ଥା ।

ବିରାଟ ଓଟକୁ ତଳକୁ ନଇଁଦେବା ପରେ, ମୁଁ ତା' ଉପରେ ବସି ଚୁଟିରେ ଲାଗିଥିବା ବାଉଁଶ ମେଣ୍ଟକୁ ଖୁବ୍ ଜୋରରେ ମୁଠେଇ ଧରିଲି । ହାତରେ ଥାଏ ଛୋଟିଆ ବ୍ୟାଗଟିଏ । କ୍ୟାମେରା, ପାର୍ସପୋର୍ଟ ଓ କିଛି ଡ଼ଲାର ।

ଓଟକୁ ବାଟ କଢ଼ାଇ ନେଉଥାଏ ୧୪/୧୫ ବର୍ଷର ପିଲାଟିଏ । ଇଂରାଜୀରେ ଅଳ୍ପ ଅଳ୍ପ କହୁଥାଏ । ଧୁ ଧୁ ମରୁଭୂମି ଓ କବରଖାନା ମଧ୍ୟ ଦେଇ ଉପର ତଳହୋଇ ଓଟ ଚାଲିଥାଏ ଏବଂ ଉପରେ ମୋର ମେରୁଦଣ୍ଡ କଟକଟ କରୁଥାଏ । ମନରେ ଭୟ ମଧ୍ୟ ଲାଗୁଥାଏ କାଳେ ମୋତେଏହି ବାଳକଟି ବାଲି ଭିତରେ ପକାଇବକି ? ଓଟ ଚଢ଼ି ପିରାମିଡ଼ ଦେଖିବାର ଆନନ୍ଦ ଭୟ ଓ ଯନ୍ତ୍ରଣା ମଧ୍ୟରେ କୁଆଡ଼େ ମିଳେଇ ଯାଇଥାଏ ସେତେବେଳକୁ ।

ଆମ ଓଟ ପଛେ ପଛେ ତିନିଗୋଟି ଘୋଡ଼ା ସବାର । ଯେପରି ଆରବ ଦସ୍ୟୁ ଲୁଣ୍ଠନ କରିବା ପାଇଁ ଆମକୁ ଗୋଡ଼ାଇଛନ୍ତି । ମନେ ପଡୁଥିଲା ଏହି ବୀରପ୍ରସୂ ଆରବ ମରୁଭୂମିରେ କେତେବେଳେ ଆଲଖୋଲା ଝୁଲା, ପଶମର ଗୋଛା ଦଉଡ଼ି ଦେଇ ଖଣ୍ଡେ ବଡ଼ ରୁମାଲ ମୁଣ୍ଡରେ ବନ୍ଧା ହୋଇଥିବ, ସେହି ମଣିଷର ଚାଲି, ଠିଆ ହେବାର ଭଙ୍ଗୀ ଓ ଚାହାଣିରେ ସ୍ୱାଧୀନତା ଫୁଟି ବାହାରୁଥିବ ।

ଆରବ ଉପତ୍ୟକାର ଅନେକ କାହାଣୀ ଉଙ୍କି ମାରୁଥିଲା ମନରେ ଓଟ ପିଠିରେ ବସି ।

Digitized by PPRACHIN, SOA

ପିରାମିଡ଼ ପାଖରେ ଓହ୍ଲାଇଲୁ । ଭିତରକୁ ଯିବାକୁ ହେବ । ସୁଡ଼ଙ୍ଗ । ପାହାଚ ପରେ ପାହାଚ । ନଇଁ ନଇଁ ଚାଲିବାକୁ ପଡ଼ିବ । କିଛିବାଟ ଯାଏ ଏହା ଖୋଲା ହୋଇଛି ଏବଂ ସୁଡ଼ଙ୍ଗ ପରି କରାଯାଇ ପର୍ଯ୍ୟଟକମାନଙ୍କୁ ଦେଖାଇବାର ବ୍ୟବସ୍ଥା ହୋଇଛି । ଭିତରକୁ ଯାଇ ଥରେ ଫେରିଆସିବା ବେଳକୁ ଅଣ୍ଟା, ପିଠି ଓ ବେକର ଦାରୁଣ ବ୍ୟଥା କେବଳ ଅନୁଭବୀ ହିଁ ବୁଝି ପାରିବ ।

ପ୍ରାଚୀନ ମିଶରୀୟମାନଙ୍କ ମତରେ ମଣିଷ ମଲେ, ତା'ର ସୂକ୍ଷ୍ମ ଶରୀର ବୁଲୁଥାଏ, କିନ୍ତୁ ମୃତ ଦେହର କୌଣସି ଅନିଷ୍ଟ ହେଲେ ହେଁ ସୂକ୍ଷ୍ମ ଶରୀରରେ ଆଘାତ ଲାଗେ, ପୁଣି ମୃତ ଶରୀର ଧ୍ୱଂସ ହେବାକ୍ଷଣି ସୂକ୍ଷ୍ମ ଶରୀରର ଏକାନ୍ତ ନାଶ; ତେଣୁ ଶରୀର ରଖିବାକୁ ଏତେ ଯତ୍ନ । ଏଥିପାଇଁ କୌଶଳର ସହିତ ନିର୍ମାଣ ହୋଇଛି ରାଜା ବାଦଶା ମାନଙ୍କର ପିରାମିଡ଼ । ଏହି ପିରାମିଡ଼ ଖୋଲି ନାନା କୌଶଳରେ ରାସ୍ତାର ରହସ୍ୟ ଭେଦ କରି ରତ୍ନ ଲୋଭରେ ଦସ୍ୟୁମାନେ ସେ ରାଜ-ଶରୀର ଚୋରି କରିଛନ୍ତି । ପ୍ରାଚୀନ ମିଶରୀୟମାନେ ନିଜେ ମଧ୍ୟ କରିଛନ୍ତି । ପାଞ୍ଚ ସାତ ଶହ ବର୍ଷ ପୂର୍ବେ ଏହି ସବୁ ଶୁଖିଲା ମଡ଼ା ଇହୁଦୀ ଓ ଆରବୀୟ ଡ଼ାକ୍ତରମାନେ ମହୌଷଧିଜ୍ଞାନରେ ଇଉରୋପ ତମାମ ରୋଗୀମାନଙ୍କୁ ଖୁଆଉଥିଲେ । ତାକୁ 'ମାମିୟା' କହନ୍ତି ।

ଗିର୍ଜା ପିରାମିଡ୍ ନିକଟରେ ଥିବା ସବୁଠାରୁ ବଡ଼ ପିରାମିଡ଼୍‌ର ନାମ ହେଉଛି 'ଦି ଗ୍ରେଟ୍ ପିରାମିଡ୍ ଅଫ ଚିୟପସ୍ । ଅନ୍ୟ ଦୁଇଟି ପିରାମିଡ୍ ହେଲା ଚିଫ୍‌ରେଡ଼ ଓ ମିକରିନ୍‌ସ । ପ୍ରାଚୀନ ମିଶରୀ କିମ୍ୱଦନ୍ତୀ ଅନୁସାରେ ଅତୁମ୍ ବା ସୂର୍ଯ୍ୟ ଦେବତା ବାଲି ଉପରେ ପ୍ରବାହିତ ଜଳ ଶୁଖିଯିବା ପରେ ତା' ଉପରେ ଆର୍ବିଭାବ ହୋଇଥିଲେ । ଏହାପରେ ସେହି ସୂର୍ଯ୍ୟ ଦେବତା ସୃଷ୍ଟିକଲେ ବାୟୁ ଓ ଆଲୋକ ଦେବତା (ସୁ) ଏବଂ ଉତ୍ପାଦିକା ଶକ୍ତିର ଦେବୀ (ଟେଫ୍‌ନୁ) ଏହି ଦୁହିଁଙ୍କର ମିଳନରୁ ଜନ୍ମ ହେଲା ପୃଥିବୀ ଦେବତା (ଦେବ) ଏବଂ ଆକାଶ ଦେବତା (ନଟ୍) । ଏ ଉଭୟ ହେଲେ ଇସିସ୍, ଓସରିସ୍, ସେଠ, ନେଫଟିସ୍‌ଙ୍କର ପିତାମାତା ।

ଖ୍ରୀଷ୍ଟପୂର୍ବ ୨୭ ଶତାବ୍ଦୀରେ ରାଜା ଜୋସାରଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଥିଲା ଏବଂ ଏହାକୁ ନିର୍ମାଣ କରିଥିଲେ ଇମନ ଲୋଟେପ । ଏହା ସାକରାର ଷ୍ଟେପ ପିରାମିଡ୍ । ସୂର୍ଯ୍ୟଦେବତା (ରା) ସେ ସମୟର ଅଧିଷ୍ଠାତା ଦେବତାଭାବେ ଏହି ପିରାମିଡ୍ ପାହାଚ ପରେ ପାହାଚ ତିଆରି ହୋଇ ସୂର୍ଯ୍ୟଙ୍କର ରାସ୍ତାଭାବେ ନିର୍ମାଣ କରାଯାଇଥିଲା । ସମଗ୍ର ଗିଜା ଅଞ୍ଚଳ ହେଉଛି ପିରାମିଡ଼ ।

ପିରାମିଡ଼ର ପ୍ରାଚୀନତା ସମ୍ପର୍କରେ ନାନା ମୁନିଙ୍କର ନାନା ମତ କିନ୍ତୁ ଏହାର ନିର୍ମାଣ ଅତ୍ୟନ୍ତ ଚମତ୍କାର ଓ ଆଶ୍ଚର୍ଯ୍ୟଜନକ । ଖୁମ୍ଫୁ(ଚିୟରସ) ପିରାମିଡ଼କୁ ରାଜା

Digitized by PPRACHIN, SOA

ଖୁଂଫୁ ପ୍ରାୟ ଏକଲକ୍ଷ ଲୋକ ନିଯୁକ୍ତି କରି ୨୦ବର୍ଷ ମଧ୍ୟରେ ନିର୍ମାଣ କରିଥିଲେ । ଖୁଂଫୁ ରାଜା ସମୁଦାୟ ୨୪ ବର୍ଷ ଶାସନ କରିଥିଲେ । ଏହି ପିରାମିଡ୍‌ର ଉଚ୍ଚତା ୧୪୬ମିଟର କିନ୍ତୁ ବର୍ତ୍ତମାନ ଏହା ୧୩୭ ମିଟର । ଏହାର ଚତୁଃପାର୍ଶ୍ବର ବ୍ୟାସାର୍ଦ୍ଧ ୨୫୦ ମିଟର ।

ଖୁଂଫୁ ପିରାମିଡ୍‌ର ଦକ୍ଷିଣ ପଶ୍ଚିମକୁ ଖାଫ୍ରେଂ (ଚିଫ୍‌ରେନ୍) ପିରାମିଡ୍ । ଏହାର ଉଚ୍ଚତା ୧୩୬.୫ ମିଟର ଯଦିଓ ଏହା ପ୍ରଥମରୁ ଥିଲା ୧୪୩ ମିଟର । ଏହାର ବ୍ୟାସାର୍ଦ୍ଧ ୨୧୦ ମିଟର । ତୃତୀୟ ପିରାମିଡ୍ ହେଉଛି ମେନ୍‌କଭ (ମିକିରନଓ) । ଏହାର ଉଚ୍ଚତା ୬୨ ମିଟର ଯଦିଓ ପ୍ରଥମନିର୍ମାଣ ସମୟରେ ଏହାର ଉଚ୍ଚତା ଥିଲା ୬୬ ମିଟର ବ୍ୟାସାର୍ଦ୍ଧ ହେଉଛି ୧୦୮.୫ ମିଟର ଏହି ପିରାମିଡ୍‌ର ।

ଖୁଂଫୁ ପିରାମିଡ୍‌ର ପ୍ରାୟ ୩୫୦ ମିଟର ଦୂରରେ ସେହି ନରସିଂହ ରୂପୀ ଦି ଗ୍ରେଟ୍ ସ୍ଫିଙ୍କସ୍ । ଏହାର ଦେହଟା ସିଂହ ଭଳି କିନ୍ତୁ ମୁଣ୍ଡଟା ମଣିଷର । ସ୍ଫିଙ୍କସ୍‌ର ଆରବୀ ନାମ ହେଉଛି ଆବୁ-ଏଲ-ହୋଇ ଅର୍ଥାତ୍ ବିଭୀଷିକାର ଜନକ । ଏଠାରେ ରହିଛି ଫାରାଓ ଖାଫ୍ରେଙ୍କର ମୁହଁର ଆକୃତି ଯାହାକୁ ଏହି ନରସିଂହରୂପୀ ସ୍ଫିଙ୍କସ୍ ସଦା ସର୍ବଦା ପହରା ଦେଉଛି । ଏହାର ପ୍ରକୃତ ନାମ ଥିଲା ହୋର-ଏମ୍-ଅଖେତ୍ ଯାହା ଦିଗ୍‌ବଳୟରେ ଦେଖାଯାଏ । ଶତାବ୍ଦୀ ଶତାବ୍ଦୀଧରି ସ୍ଫିଙ୍କସ୍‌ର ଏହି ଶରୀରକୁ ବାଲି ପୋତି ପକାଇଛି, କେବଳ ରହିଛି ପାଞ୍ଚମିଟର ଉଚ୍ଚତାର ସେହି ମୁହଁଟି । ସୃଷ୍ଟି କରେ ମନରେ ଭୟ ଓ ଉତ୍କଣ୍ଠା ।

ବହୁ ସମୟରେ ଏହାର ମୁହଁରୁ ବାଲିକୁ ଲୋକମାନେ ପୋଛି ଦିଅନ୍ତି । ସ୍ଫିଙ୍କସ୍ ସମ୍ପର୍କରେ ରହିଛି ଏକ କିମ୍ବଦନ୍ତୀ । ଖ୍ରୀଷ୍ଟପୂର୍ବ ୧୪୦୧ ମସିହାରେ ଟୁଟମସ୍ ଚତୁର୍ଥ ନୂତନ ସାମ୍ରାଜ୍ୟର ଫାରାଓ ଏକ ବାଲି ଗ୍ରାନାଇଟ୍ ପଥର ସ୍ଫିଙ୍ଗସ୍ ସମ୍ମୁଖରେ ସ୍ଥାପିତ କରି ଏହାକୁ ଲିପିବଦ୍ଧ କରିଛନ୍ତି ।

ଦିନକର ଘଟଣା । ଟୁଟମସ୍ ସ୍ଫିଙ୍କସ୍ ନିକଟରେ ଶୋଇ ରହି ବିଶ୍ରାମ ନେଉଥା'ନ୍ତି । ହଠାତ୍ ସ୍ଫିଙ୍କସ୍ ତାଙ୍କୁ କଥା କହିବାକୁ ଲାଗିଲା । ସେ ତାଙ୍କୁ କହିଲା ଯଦି ଟୁଟମସ୍ ସେଠାରୁ ବାଲି ଗୁଡ଼ିକ ବାହାର କରି ତାଙ୍କୁ ସେଠାରେ ପୁନଃ ସ୍ଥାପିତ ହେବାରେ ସାହାଯ୍ୟ କରନ୍ତି, ତେବେ ସେ ରାଜା ହେବେ, ସେ ତାହା ହିଁ କଲେ । ତଳେ ଚୂନପଥରରେ ଭର୍ତ୍ତି କଲେ । କିନ୍ତୁ କେତେକ ଐତିହାସିକଙ୍କର ମତ ଭିନ୍ନ । ହୁଏତ ଟୁଟମସ୍ ଚତୁର୍ଥ ତାଙ୍କର ଭାଇକୁ ହତ୍ୟା କରି ରାଜଗାଦୀ ଅଧିକାର କରି ଥାଇ ପାରନ୍ତି ।

କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ, ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ଇଉରୋପୀୟ ଏ ସମ୍ପର୍କରେ କିଛି ଲେଖି ନାହାନ୍ତି । ହେରୋଡଟସ୍ ପ୍ରଥମେ ଏହାର

Digitized by PPRACHIN, SOA

ସୂଚନା ଦେଇଛନ୍ତି । ୧୮୪୦ ମସିହାରେ ଫରାସୀମାନେ ସ୍ଫିଙ୍କ୍‌ସ୍‌କୁ ବାଲୁକା ସ୍ତୂପ ମଧ୍ୟରୁ ବାହାର କଲେ ଯାହା କ୍ରମଶଃ କ୍ଷୟ ହେବାରେ ଲାଗିଛି ।

କୁହାଯାଏ ମଣିଷ ଡ଼ରେ ସମୟକୁ ଓ ସମୟ ଭୟ ପାଏ ପିରାମିଡ଼କୁ । କିନ୍ତୁ ଏହା କ'ଣ ପ୍ରକୃତରେ ସତ୍ୟ ? ପିରାମିଡ଼ ଓ ସ୍ଫିଙ୍କ୍‌ସ ଶୁଷ୍କ ଜଳବାୟୁ ଯୋଗୁ ହୁଏତ ଦୀର୍ଘ ୪-୫ ହଜାର ବର୍ଷ ଧରି ତିଷ୍ଠି ରହିଛନ୍ତି କିନ୍ତୁ ସମୟ ସେ ଗୁଡ଼ିକୁ ବାରମ୍ବାର ଭୟଭୀତ କରୁଛି ।

୧୯୮୮ ମସିହାରେ ପର୍ଯ୍ୟଟକମାନଙ୍କର ଦର୍ଶନ ପାଇଁ ଏହାକୁ ବନ୍ଦ କରି ଦିଆଯାଇଥିଲା, କାରଣ ମଣିଷର ନିଶ୍ୱାସ ଓ ଝାଳରୁ ଯେଉଁ ଲବଣ ସୃଷ୍ଟି ହେଉଥିଲା ତାହା ପିରାମିଡ଼୍‌ର ଅବକ୍ଷୟର ଥିଲା କାରଣ । ପବନର ଆଘାତ ଯୋଗୁ ସ୍ଫିଙ୍କ୍‌ସ୍ ମଧ କ୍ଷୟ ହେଉଥିଲା । ସ୍ଫିଙ୍କ୍‌ସ୍‌କୁ ରକ୍ଷା କରିବାର ଏକମାତ୍ର ଉପାୟ ଯାହା ଟୁଟମସ୍ ପ୍ରୟୋଗ କରିଥିଲେ, ତାହା ହେଉଛି ଚୂନ ପଥରରେ ଏହାକୁ ଢ଼ାଙ୍କିବା ।

କିଏ ତିଆରି କଲା ଏହି ସ୍ଫିଙ୍କସ୍‌କୁ ? କେବେ ? କିପରି ? ମନରେ ଅସୁମାରୀ ପ୍ରଶ୍ନ । ବୋଷ୍ଟନ୍ ବିଶ୍ୱବିଦ୍ୟାଳୟ ଗବେଷଣା କରି କହେ ଏହା ଖ୍ରୀଷ୍ଟପୂର୍ବ ୫୦୦୦ । କେହି କହି ପାରେନି ଏହାର ସମୟ । ଏହାର ଇତିହାସ, ଏହାର ଗଠନ ପ୍ରଣାଳୀ । ମିଶର ବାସୀମାନେ ବିଶ୍ୱାସ କରନ୍ତି ଏହା ଦୈବୀସୃଷ୍ଟ । ମଣିଷ ଦ୍ୱାରା ଗଢ଼ା ଯାଇନି ।

ବିସ୍ତୀର୍ଣ୍ଣ ସାହାରା ମରୁଭୂମି ନିକଟରେ ଏହି ଗିଜା ପିରାମିଡ଼୍ ବିଦେଶୀମାନଙ୍କୁ କରୁଛି ଚମତ୍କୃତ୍ । କିନ୍ତୁ କାଏରୋର ଲୋକେ ଚେଷ୍ଟା କରୁଛନ୍ତି ଏଥିରୁ ଆୟ କରିବାକୁ ଅପର୍ଯ୍ୟାପ୍ତ ଡ଼ଲାର । ଓଟ ପିଠିରେ ବସି ଅନେକ ସମାଧି ଓ ବାଲି ସ୍ତୂପ ଅତିକ୍ରମ କରି ହେଉ ବା କାରରେ । ସବୁଠାରେ ସେହି ଡ଼ଲାରର ଚମତ୍କାର ଯାଦୁଖେଳ ।

ପିରାମିଡ଼ ଦେଖି ଫେରି ଆସିବା ପରେ ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟ ଏକ ଆକର୍ଷଣ ପାପିରସ ।'

ସନ୍ଧ୍ୟା ନଇଁ ଆସିଲାଣି ସେତେବେଳକୁ । ରାସ୍ତାରେ ଆଲୁଅର ଢ଼େଉ । ମନରେ ବିଦେଶ ଭୂଇଁରେ ଶଙ୍କା । ସେହି ଶଙ୍କିତ ମନନେଇ ପ୍ରବେଶ କଲି 'ପାପିରସ' ଦୋକାନ ଭିତରକୁ । ଦେଖାଯାଉ କ'ଣ ଅଛି ସେଠାରେ ।

Digitized by PPRACHIN, SOA

ମ୍ୟୁଜିୟମ୍‌ରେ ହୃଦୟ ବନ୍ଦୀ

ଦିନ ବିତିଗଲେ, ମନରେ ଥିବା ସ୍ମୃତିମାନଙ୍କର ରୋମନ୍ଥନ କରିବା କଷ୍ଟ ହୁଏ । କାଏରୋ ସହର ଦେଖିବାର ଅଭୁଲା ସ୍ମୃତି ଆସ୍ତେ ଆସ୍ତେ ମନରୁ ପାଶୋରି ଯାଏ । ଭାରତକୁ ଫେରିବାର ଦିନ ପାଖେଇ ଆସୁଥିଲା । ମେ ୭ ତାରିଖ ଦିନ କାଏରୋଠାରେ ଥିବା ବିଶ୍ୱପ୍ରସିଦ୍ଧ ମ୍ୟୁଜିୟମ୍ ଦେଖିବାକୁ ଗଲୁ । ମୃତ ବ୍ୟକ୍ତିମାନଙ୍କର ଶବ ଗୁଡ଼ିଏ ସେଇଠି ରହିଛି, ଏ କଥା ଶୁଣିବାକୁ ପାଇଥିଲୁ । ମ୍ୟୁଜିୟମ୍‌ରେ ପ୍ରବେଶ କରିବାପାଇଁ ୨୦ ଇଜିପ୍‌ଟିଆନ୍ ପାଉଣ୍ଡ ଦେବାକୁ ହେଲା । ହାତରେ ଥିଲା କ୍ୟାମେରା । ସେଥିପାଇଁ ୧୦ ପାଉଣ୍ଡ । ଫରାସୀ ସ୍ଥପତି ମାର୍ଶାଲ ଡୋରଗନନ୍ ଏହି ମ୍ୟୁଜିୟମ୍‌ର ନିର୍ମାଣ କରିଥିଲେ । ସମଗ୍ର ମଧ୍ୟ ପ୍ରାଚ୍ୟରେ ଏହା ଥିଲା ପ୍ରଥମ ମ୍ୟୁଜିୟମ । ଯଦିଓ ଏହା ୧୮୬୩ରେ ଆରମ୍ଭ ହୋଇଥିଲା, କିନ୍ତୁ ୧୯୦୨ମସିହାରେ ବର୍ତ୍ତମାନର ଏହି ଦୁଇମହଲା ବିଶିଷ୍ଟ କୋଠାକୁ ଆସିଥିଲା ।

ଆମେ ଯେମିତି ଭିତରକୁ ପ୍ରବେଶ କଲୁ, ଗ୍ରାନାଇଟ୍ ପଥରରେ ନିର୍ମିତ ଚାରିଗୋଟି ଷ୍ଟାଚ୍ୟୁ ଆମକୁ ସ୍ୱାଗତ କଲେ । ବିଭିନ୍ନ ହଲ ଓ କୋଠରୀଗୁଡ଼ିକରେ ଯେଉଁ ଯେଉଁ ବିଶେଷ ଦ୍ରବ୍ୟମାନ ଦର୍ଶକମାନଙ୍କୁ ଦେଖାଯିବା ପାଇଁ ରଖାଯାଇଛି, ସେ ଗୁଡ଼ିକ ବିଭିନ୍ନ ସମୟର ଶାସକମାନଙ୍କର ମୂର୍ତ୍ତି, ସେମାନଙ୍କର ପୋଷାକପତ୍ର ଓ ବ୍ୟବହୃତ ଅଳଙ୍କାର ଓ ଅସ୍ତ୍ରଶସ୍ତ୍ର । ଏହି ମ୍ୟୁଜିୟମ୍ ଇଜିପଟ୍ ଇତିହାସର ମୂକ ସାକ୍ଷୀ । ଇତିହାସ ଅଧ୍ୟୟନ କରୁଥିବା ଦଳଦଳ ଯୁବକ ଯୁବତୀ ପ୍ରତ୍ୟେକ ବସ୍ତୁକୁ ତନ୍ନତନ୍ନ କରି ପରୀକ୍ଷା କରୁଥିବାର ଏବଂ ଲିପିବଦ୍ଧ କରୁଥିବାର ଦେଖିଲୁ । ସବୁଠାରୁ ସୁନ୍ଦର ଓ ଆଶ୍ଚର୍ଯ୍ୟ ଥିଲା ଟୁଟନଖାମେନ୍‌ଙ୍କର ସମ୍ପତ୍ତି । ୫୩ ସେଣ୍ଟିମିଟର ଉଚ୍ଚର ସୁନାର ମୁଖା ଉପରେ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ପଥରରେ ନିର୍ମିତ ସର୍ପ ଟୁଟନଖାମେନଙ୍କର ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରି ଦେଉଥିଲା । ଏଠାରେ ଆମେ ମୂଲ୍ୟବାନ୍ ପଥର ସବୁ ତ ଦେଖିଲୁ, ତା'ଛଡ଼ା ଅନୁଭବ କଲୁ କିପରି ମିଶରୀୟ

Digitized by PPRACHIN, SOA

ରାଜ ପରମ୍ପରା ବହୁମୂଲ୍ୟ ଦ୍ରବ୍ୟ ପରିଧାନ କରୁଥିଲେ । ପ୍ରତ୍ୟେକ ଶାସକର ଭିନ୍ନଭିନ୍ନ ଅଳଙ୍କାରରେ ଶୋଭା ପାଉଥିଲା ମ୍ୟୁଜିୟମ୍‌ର କୋଠରୀଗୁଡ଼ିକ । ବିଭିନ୍ନ ସାମ୍ରାଜ୍ୟରେ କିପରି ଭିନ୍ନ ଭିନ୍ନ ପଦାର୍ଥ ବିଶେଷ କରି ପଥର ଓ କାଠର ବ୍ୟବହାର କରାଯାଉଥିଲା, ତାହା ସେହି ସମ୍ରାଟ ବା ସାମ୍ରାଜ୍ୟର ଅଂଶବିଶେଷ ହୋଇଥିବାରୁ, ଚିହ୍ନଟ ହେବାରେ ସହଜ ହୋଇ ଯାଉଥିଲା । ମୃତ ଶବଗୁଡ଼ିକ ଯଦିଓ ସେଠାରେ ନ ଥିଲା, କିନ୍ତୁ ମୃତ ଶବଗୁଡ଼ିକ (ମମିଜ୍) କିପରି ବାକ୍ସ ମଧ୍ୟରେ ସାଇତି ରଖାଯାଏ, ସେହିପରି ବାକ୍ସଗୁଡ଼ିକ ସହିତ ସେହି ସମ୍ରାଟ ଓ ସାମ୍ରାଜ୍ଞୀଙ୍କର ଷ୍ଟାଚ୍ୟୁ କାଠ ବା ବିଭିନ୍ନ ଗ୍ରାନାଇଟ୍ ପଥରରେ ନିର୍ମିତ ହୋଇ ରଖାଯାଇଥିଲା ଏବଂ ଷ୍ଟାଚ୍ୟୁଗୁଡ଼ିକୁ ଭିନ୍ନଭିନ୍ନ ଅଳଙ୍କାର ବିମଣ୍ଡିତ କରାଯାଇଥିଲା ।

ଏହି ମ୍ୟୁଜିୟମ୍‌କୁ ଦେଖିବାକୁ ପ୍ରାୟ ୪/୫ଘଣ୍ଟା ଲାଗିଲା । ଆମେ 'ମମି' ଥିବା କୋଠରୀ ନିକଟକୁ ଆସିଲୁ । ସେହି ହଲ୍ ଘର ନାମକରଣ କରାଯାଇଛି "ଦି ରୟାଲ ମମିଜ୍ ହଲ୍" । ୪୦ ପାଉଣ୍ଡ ଦେଇ ଟିକେଟ୍ କରିବାକୁ ହେଲା । ପ୍ରାୟ ୬ଗୋଟି ଶବ ଯତ୍ନ ହୋଇ ସାଇତା ଯାଇଛି । କେବଳ ନରକଙ୍କାଳ ସେହି ଶରୀରରୁ ମନୁଷ୍ୟକୁ ଚିହ୍ନିବା କଷ୍ଟ ।

ମିସରରେ ଶାସକଥିବା ହିକ୍‌ସ ବଂଶ, ଫେରୋବଂଶ, ଇରାନୀ ବାଦଶାହୀ, ସିକନ୍ଦର, ଟଲେମିବଂଶ ଇତ୍ୟାଦିର ବୃତ୍ତାନ୍ତ ପାପିରସ୍ ପତ୍ରରେ, ପଥରରେ, ମାଟିବାସନ ଦେହରେ, ଚିତ୍ରାକ୍ଷରେ ଲିପିବଦ୍ଧ ହୋଇ ଏହି ମ୍ୟୁଜିୟମ୍‌ରେ ସ୍ଥାନ ପାଇଛି ।

ଟଲେମି ବଂଶର ରାଜତ୍ୱକାଳରେ ମିଶରର ପ୍ରଭୂତ ଉନ୍ନତି ହୋଇଥିବାର କୁହାଯାଏ । ସମ୍ରାଟ ଆଶୋକ ଧର୍ମ ପ୍ରଚାର କରିବା ପାଇଁ ଧର୍ମ ପ୍ରଚାରକ ଏଠାକୁ ପଠାଇଥିଲେ । ସେମାନେ ଏଠାରେ ଧର୍ମପ୍ରଚାର କରିବା ସହିତ ଲୋକମାନଙ୍କର ରୋଗ ଭଲ କରୁଥିଲେ । ସେମାନଙ୍କ ଦ୍ୱାରା ଏଠାରେ ନାନା ସଂପ୍ରଦାୟ ସୃଷ୍ଟି ହେଲେ, ଯଦିଓ ସେମାନେ ହେଲେ ଖ୍ରୀଷ୍ଟିୟାନ୍ । ଏ ସମ୍ପର୍କରେ କୌଣସି ସବିଶେଷ ବିବରଣୀ ଦେଖିବାକୁ ମିଳିଲା ନାହିଁ । ମିଶରରେ ଖ୍ରୀଷ୍ଟିୟାନ୍‌ମାନଙ୍କର ସଂଖ୍ୟା ଖୁବ୍ ନଗଣ୍ୟ ।

ସ୍ୱାମୀ ବିବେକାନନ୍ଦ ତାଙ୍କ ଇଉରୋପ ଭ୍ରମଣ ସମୟରେ ମିଶର ଇତିହାସ ସମ୍ପର୍କରେ ଯାହା ଲେଖିଯାଇଛନ୍ତି, ତାହା ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତାକୁ ଅନୁଭବ କରୁଛି । ସ୍ୱାମୀଜୀ ଲେଖିଛନ୍ତି, "ରୋଜେଷ୍ଟୋଷ୍ଟୋନ" ନାମକ ଖଣ୍ଡେ ବୃହତ୍ ଶିଳାଲେଖ ମିଶରରେ ମିଳିଥିଲା । ତା' ଉପରେ ଜୀବଜନ୍ତୁର ଲାଙ୍ଗୁଡ଼

Digitized by PPRACHIN, SOA

ଇତ୍ୟାଦି ରୂପ, ଚିତ୍ରଲିପିରେ ଲିଖିତ ଗୋଟିଏ ଲେଖା ଅଛି । ତା' ତଳେ ଆଉ ଏକ ପ୍ରକାର ଲେଖ, ସବୁର ତଳେ ଗ୍ରୀକ୍‌ଭାଷା ଅନୁଯାୟୀ ଲେଖ । ଜଣେ ପଣ୍ଡିତ ଏହି ତିନି ଲେଖକୁ ଏକବୋଲି ଅନୁମାନ କରନ୍ତି । 'କପ୍ତ' ନାମକ ଯେଉଁ ଖ୍ରୀଷ୍ଟିଆନ୍ ଜାତି ଆଜିକାଲି ମଧ୍ୟ ମିଶରରେ ବିଦ୍ୟମାନ ଏବଂ ଯେଉଁମାନେ ପ୍ରାଚୀନ ମିଶରୀୟ ମାନଙ୍କର ବଂଶଧର ବୋଲି ପରିଚିତ, ସେମାନଙ୍କ ଲେଖା ସାହାଯ୍ୟରେ ସେ ଏହି ପ୍ରାଚୀନ ମିଶରି-ଲିପିର ଉଦ୍ଧାର କରିଥିଲେ । ଏହିପରି ବାବିଲ୍‌ମାନଙ୍କର ଇଟା ଓ ଟାଇଲିରେ ଖୋଦିତ ଉଲ୍ଲୁଶ ପରି ଲିପି ମଧ୍ୟ କ୍ରମେ ଉଦ୍ଧାର ହୁଏ । ଏ ଦିଗରେ ଭାରତବର୍ଷର ଲଙ୍ଗଳାକୃତି କେତେଗୁଡ଼ିଏ ଲେଖ ମହାରାଜା ଅଶୋକଙ୍କ ସମସାମୟିକ ଲିପି ବୋଲି ଆବିଷ୍କୃତ ହେଲା । ମିସରୀୟ ନାନାପ୍ରକାର ମନ୍ଦିର, ସ୍ତମ୍ଭ, ଶବାଧାର ଇତ୍ୟାଦିର ଯେଉଁସବୁ ଚିତ୍ରଲିପି ଲିଖିତ ଥିଲା, କ୍ରମେ ସେଗୁଡ଼ିକ ପଠିତ ହୋଇ ପ୍ରାଚୀନ ମିସର-ତତ୍ତ୍ୱ ବିଶଦ କରି ପକାଇଛି ।"

"ମିଶରୀୟମାନେ ସମୁଦ୍ର ପାରି ହୋଇ 'ପୁଣ୍ଟ' ନାମକ ଦକ୍ଷିଣ ଦେଶରୁ ମିସରରେ ପ୍ରବେଶ କରିଥିଲେ । କିଏ କିଏ କହନ୍ତି ଯେ, ଏହି 'ପୁଣ୍ଟ' ବର୍ତ୍ତମାନ ମାଲାବାର ଏବଂ ମିଶରୀୟା ଓ ଦ୍ରାବିଡ଼ିଆ ଏକ ଜାତି । ଏହାଙ୍କର ପ୍ରଥମ ରାଜାଙ୍କର ନାମ 'ମେନୁସ୍' । ଏମାନଙ୍କର ପ୍ରାଚୀନ ଧର୍ମ ମଧ୍ୟ କୌଣସି କୌଣସି ଅଂଶରେ ଆମମାନଙ୍କ ପୌରାଣିକ କଥା ପରି । 'ଶିବୁ' ଦେବତା 'ନୁଇ' ଦେବୀଙ୍କ ଦ୍ୱାରା ଆଚ୍ଛାଦିତ ହୋଇଥିଲେ, ପରେ ପୁଣି ଏକ ଦେବତା 'ଶୁ' ଆସି ବଳପୂର୍ବକ 'ନୁଇ'ଙ୍କୁ ଉଠାଇ ନେଲେ । ନୁଇଙ୍କ ଶରୀର ଆକାଶ ହେଲା, ଦୁଇହାତ ଓ ଦୁଇଗୋଡ଼ ହେଲା ସେହି ଆକାଶର ଚାରିସ୍ତମ୍ଭ । ଆଉ 'ଶିବୁ' ହେଲେ ପୃଥିବୀ । 'ନୁଇ'ଙ୍କ ପୁତ୍ରକନ୍ୟା 'ଅସିରସ୍' ଓ 'ଇସିସ୍' ମିସରର ପ୍ରଧାନ ଦେବଦେବୀ ଏବଂ ସେମାନଙ୍କର ପୁତ୍ର 'ହୋରସ୍' ସର୍ବୋପାସ୍ୟ । ଏହି ତିନିଜଣ ଏକ ସଙ୍ଗରେ ଉପାସିତ ହୁଅନ୍ତି । 'ଇସିସ୍' ପୁଣି ଗୋ-ମାତା ରୂପେ ପୂଜିତ ।"

"ପୃଥିବୀରେ 'ନୀଳ' ନଦୀପରି ଆକାଶରେ ଏହି ପ୍ରକାର ନୀଳନଦୀ ଅଛି-ପୃଥିବୀର ନୀଳନଦୀ ତାହାର ଅଂଶମାତ୍ର । ଏମାନଙ୍କ ମତରେ ସୂର୍ଯ୍ୟଦେବ ନୌକାଦ୍ୱାରା ପୃଥିବୀ ପରିଭ୍ରମଣ କରନ୍ତି; ସେତେବେଳେ ଗ୍ରହଣ ହୁଏ ।"

"ଚନ୍ଦ୍ରଦେବଙ୍କୁ ଗୋଟିଏ ଶୂକର ମଝିରେ ମଝିରେ ଆକ୍ରମଣ କରିଥାଏ ଏବଂ ଖଣ୍ଡ ଖଣ୍ଡ କରି ପକାଏ । ପରେ ୧୫ ଦିନ ତାଙ୍କୁ ଭଲ ହେବାକୁ ଲାଗେ । ମିସରର ଦେବତା ସବୁ କିଏ 'ଶୃଗାଳ ମୁଖ', କିଏ 'ଛଗ୍ଧାଣ ମୁଖଯୁକ୍ତ', କିଏ 'ଗୋ-ମୁଖ' ଇତ୍ୟାଦି ।"

Digitized by PPRACHIN, SOA

ସ୍ୱାମୀଜୀଙ୍କର ମିସର ସମ୍ପର୍କରେ ଏହି ସମ୍ୟକ୍ ଧାରଣା ସହିତ ମିସର ଦେବ ଦେବୀମାନଙ୍କର ପଶୁପକ୍ଷୀଙ୍କର ରୂପ ମୋତେ ଆମୋଦ କରୁଥିଲା । ସେହି ନାମ ଗୁଡ଼ିକ ଥିଲା ନନ୍, ଅତୁମ୍, ରା, ଖେପ୍ରି, ସୁ, ଟେଫନଟ୍, ଅନ୍‌ହୁର, ଗେବ୍, ନଟ୍, ଓସିରିସ୍, ଇସିସ୍, ସେଟ୍, କେପଥିସ୍, ହୋରସ, ହାରୋଇରିସ୍, ହୋରସ ବୋହଡ଼େଟି, ହାରାଖେତେ, ହାରମାଣିସ, ହାରସିଲସିସ୍, ହାଥୁର ଆନୁବିସ୍, ଅପୁଅତ୍, ଥୋଥ, ସେସହାର, ବେଶରେ, ବୁଟୋ, ହର୍ଷାଫେଣ, ମଣ୍ଡ, ସେବେକ୍, ଅମନ, ଆତେନ, ଖୋନସ୍, ମତ, ବାସ୍ତ, ନିଥ୍, ପଣହା, ସେଖମେତ୍, ନେଫରତୁମ୍, ଖୁନୁମ୍, ହେକେତ୍, ସାତିସ୍, ଅନୁକେତ, ହାପି, ମିନ୍, କେଶ୍, ତଉରେତ୍, ମେସ୍‌କେତ୍, ରେନେନେତ୍, ସାଇ, ହାଥିରସ, ହୁ, ସିଆ, ସେହେମ ଏବଂ ହେ, ମାୟେତ୍, ସେକର, ସେଲ୍‌କେତ୍, ମେର୍ତ୍ତସେଗର, ଇତ୍ୟାଦି ଅନ୍ୟତମ । ଏପରିକି ମିସରରେ ପଶୁମାନଙ୍କୁ ପବିତ୍ର ଭାବି ପୂଜାକରନ୍ତି ।

ଯେପରି କି ଷଣ୍ଢ ମନେଭିସ୍‌କୁ ନେଶୁର ମଧ କୁହାଯାଏ । ଜୀବନ ଚକ୍ର ମଧ୍ୟରେ ତାଙ୍କ ଜୀବନର ପୁନର୍ଜନ୍ମ ଘଟେ ।

ଆପିସ୍ ନୀଳ ଦେବତାର ରୂପ । ଏହି ଦେବଦେବୀମାନଙ୍କର ଆବିର୍ଭାବ ଇଜିପଟ୍‌ରେ ବିଭିନ୍ନ ଶାସନ ସମୟରେ ଘଟିଥିଲା । ଜନ୍ମ ଓ ମୃତ୍ୟୁ ସହିତ ଏମାନଙ୍କର ସଂପର୍କ । ଏପରି କି ଚଢ଼େଇମାନଙ୍କୁ ମଧ ଦେବତାର ରୂପରେ ପୂଜା କରାଯାଏ । ସବୁଠାରୁ ପବିତ୍ର ପକ୍ଷୀ ହେଉଛି ବାଜପକ୍ଷୀ ବା ଛଞ୍ଚାଣ ।

ସ୍ୱାମୀଜୀଙ୍କର ଏହି ମତର ନିଛକ ପ୍ରତିଛବି କାଏରୋ ଠାରେ ଇଜିପିଟ୍ ମ୍ୟୁଜିୟମ୍‌ରେ ପ୍ରତିଫଳିତ ହେଉଥିଲା । ଆମେ ବାହାରକୁ ଫେରି ଆସିବାବେଳକୁ ସମୟ ୨ଟା, ଭୋକ ବି ଲାଗିଲାଣି । ବାହାରେ ଫଟୋଟିଏ ଉଠାଇଲୁ । ଆମେ ଇଂରାଜୀରେ କଥା ହେବାବେଳେ ଆମ ସହିତ ସେଠାକାର ଲୋକମାନେ ଭଲଭାବରେ ଭାବର ଆଦାନ ପ୍ରଦାନ କରି ପାରୁନଥାନ୍ତି । ଅନେକ କଥା ଜାଣିବାର ସୁଯୋଗ ଆମେ ହରାଇଥାଉ ।

ବନ୍ଧୁ ଭାର୍ସେନ୍ ମ୍ୟୁଜିୟମ୍ ସାମନାରେ ମୋର ଗୋଟିଏ ଛବି ନେବାର ଚେଷ୍ଟା କଲେ । ଅନତିଦୂରରେ ବସିଥିଲେ ଜଣେ ସୁନ୍ଦରୀ ତରୁଣୀ । ସେ ନିଜର ମୁହଁ ବୁଲାଇ ଦେବାକୁ ଚେଷ୍ଟା କରିବା ପୂର୍ବରୁ ଫଟୋଟିକୁ ନେଇ ଯାଇଥିଲେ ବନ୍ଧୁ । ସେହି ଫଟୋ ମୋର ଇଜିପଟ୍ ମ୍ୟୁଜିୟମ ଦେଖିବାର ସ୍ମୃତିକୁ ସଦାସର୍ବଦା ଜାଗ୍ରତ କରି ରଖିବ ବୋଲି ଆଶା ।

□□□

Digitized by PPRACHIN, SOA

ଓସିରିସ୍ ଧର୍ମମତ

ଗିଜା ପିରାମିଡ୍ ଦେଖିସାରି ହୋଟେଲ ସଫିରକୁ ଫେରି ଆସିଲି । କାଏରୋରେ ବୁଲିବାକୁ ହେଲେ ପକେଟ୍‌ରେ ବେଶି କିଛି ଡ଼ଲାର ହେବା ଚାହିଁ । ଯେଉଁଠିକୁ ଯାଅ, ସେଠାରେ କେବଳ ଡ଼ଲାର ବା ଇଜିପିଟିଆନ୍ ପାଉଣ୍ଡର କାରବାର । ସେମାନେ ତୁମକୁ ଅସ୍ତବ୍ୟସ୍ତ କରିଦେବେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଭିତରକୁ ଯିବା ପୂର୍ବରୁ ପଣ୍ଡାମାନଙ୍କର ପ୍ରଶ୍ନ ପରି କିମ୍ବା କୋଣାର୍କର ଗାଇଡ୍‌ମାନଙ୍କ ପରି । ପାପିରସ୍ ଏକ ପ୍ରକାର ପାନୀୟ ଓ ସୁଗନ୍ଧ ଦ୍ରବ୍ୟ ମଧ୍ୟ । ମୋର ପାନୀୟରେ ବା ସେଣ୍ଟରେ ଆଗ୍ରହ ନ ଥିବାରୁ, ମୁଁ ସେଠାରେ ବେଶି ସମୟ ନ ରହି ହୋଟେଲ୍ ସଫିରକୁ ଫେରି ଆସିଲି । ଡ୍ରାଇଭର ଇଂରାଜୀରେ 'ୟସ' ଏବଂ 'ନୋ' ଏହି ଦୁଇଟି ଶବ୍ଦକୁ ବ୍ୟବହାର କରୁଥାଏ । ଇଂରାଜୀ ଶବ୍ଦଭଣ୍ଡାରରକୁ ଯେମିତି ଏ ଦୁଇଟି ଶବ୍ଦ ଯଥେଷ୍ଟ । ତା'ର ଏହି ଦୁଇଟି ଶବ୍ଦର ପ୍ରୟୋଗ ମୋତେ ବଡ଼ ଅଡୁଆ ଲାଗୁଥିଲେ ବି ମୋତେ ତା' ସହିତ ହିଁ କଥାବାର୍ତ୍ତା କରିବାକୁ ହେଉଥାଏ ।

ଓସିରିସ୍ ହେଉଛନ୍ତି ମୃତ୍ୟୁର ଦେବତା । ଇଜିପଟ୍‌ର ଏହି ବିଭିନ୍ନ ଧର୍ମମତ ସହିତ ରାଜନୀତକ ଶାସନ ଜଡ଼ିତ । ଓସିରିସ୍ କିମ୍ବଦନ୍ତୀ ହେଉଛି ଯେ ଓସିରିସ୍‌ଙ୍କୁ ତାଙ୍କର ଦୁଷ୍ଟଭାଇ ହତ୍ୟା କରିବାପରେ ତାଙ୍କ ସ୍ତ୍ରୀଙ୍କ ଯୋଗୁ ସେ ଚିରନ୍ତନ ଜୀବନ ପାଇଥିଲେ । ସାଧାରଣ ଲୋକମାନେ ନିଜକୁ ଏହି ଧର୍ମମତ ସହିତ ସାମିଲ କରନ୍ତି । ଓସିରିସ୍‌ଙ୍କ ସହିତ ଉତ୍ପାଦନକୁ ସଂଶ୍ଳିଷ୍ଟ କରାଗଲା । ଯେପରି ମନୁଷ୍ୟ ମୃତ୍ୟୁପରେ ଜନ୍ମଲାଭ କରେ, ଠିକ୍ ସେହିପରି ଓସିରିସ୍‌ଙ୍କ ସାହାଯ୍ୟରେ ଗଛଲତା ଓ ପଶୁମାନଙ୍କର ପୁନର୍ଜନ୍ମ ଘଟେ । ଇଜିପ୍ଟରେ ଋତୁ ପରିବର୍ତ୍ତନ ନାଟକୀୟ ଢ଼ଙ୍ଗରେ ଘଟେ ଏବଂ ସମୁଦାୟ ଲୋକେ ପ୍ରକୃତି ଉପରେ ନିର୍ଭର କରନ୍ତି । ଓସିରିସ୍ ଧର୍ମମତ ଯେତେ ଅଧିକା ବୃଦ୍ଧି ପାଇଲା, ଏହା ସହିତ ସୂର୍ଯ୍ୟଦେବତାଙ୍କର ଧର୍ମ ମତକୁ ଯୋଡ଼ି ଦିଆଗଲା ।

Digitized by PPRACHIN, SOA

ନୀଳନଦୀ ସହିତ ଓସିରିସ୍‌ଙ୍କୁ ମଧ୍ୟ ଯୋଡ଼ାଯାଏ । ସେ ମଧ୍ୟ କନ୍ୟା ଓ ଫସଲ ଉତ୍ପାଦନର ଦେବତା । ଅତି ସୂକ୍ଷ୍ମ ପତାକା 'ମମି' ସୁଦୃଶ୍ୟ ବାକ୍ସ ମଧ୍ୟରେ ଶସ୍ୟ ମଞ୍ଜିକୁ ରଖାଯାଏ, ସେଥିରେ ପାଣି ସିଞ୍ଚାଯାଏ ଏବଂ କ୍ରମଶଃ ସେହି ମଞ୍ଜି ଗଛଆକାରରେ ସେହି ସୂକ୍ଷ୍ମ ବାକ୍ସ ମଧ୍ୟରୁ ନିର୍ଗତ ହୁଏ । ଏହାକୁ କୁହାଯାଏ 'ଶସ୍ୟ ଓସିରିସ୍' । କିମ୍ବଦନ୍ତୀରେ କୁହାଯାଏ ଯେ ଓସିରିସ୍‌ଙ୍କ ଶରୀରକୁ ଟାମାରିକ୍ସ ଗଛ ସହିତ ଯୋଡ଼ି ଦିଆଯାଇଥିଲା ଏବଂ ଏହା ବିଶାଳ ଆକାର ଧାରଣ କଲା । ଏହା ଦେବତାଙ୍କର ଉତ୍ପାଦିକା ଶକ୍ତି ବୋଲି ପ୍ରତୀୟମାନ ହେଲା ।

ଏହି ଉତ୍ପାଦିକା ଧର୍ମମତକୁ ସାଧାରଣତଃ କୃଷକ ମୃତଧର୍ମମତ ସହିତ ଯୋଡ଼ିଥା'ନ୍ତି । ଓସିରିସ୍ ଧର୍ମମତକୁ ଉତ୍ପାଦିକା ଶକ୍ତି ସହିତ ଯୋଡ଼ିବା ଦ୍ୱାରା ସେ ଯେ ମୃତ୍ୟୁଦେବତା ଏହି ଦାବି କରିବା ଫଳରେ କ୍ରମଶଃ ତାହା ଗ୍ରହଣୀୟ ହେଲା କାରଣ ନିଜକୁ ଓସିରିସ୍ ସହିତ ଯୋଗ କଲେ ଚିରନ୍ତନ ଜୀବନ ମିଳେ ବୋଲି ଥିବା ବିଶ୍ୱାସ ଦୃଢ଼ତର ହେବାକୁ ଲାଗିଥିଲା । ଓସିରିସ୍ ପାଲଟି ଗଲେ ଆଶାର ପ୍ରତୀକ । ପ୍ରତ୍ୟେକ ମୃତ୍ୟୁ ବ୍ୟକ୍ତିର ଆତ୍ମା ସାଧୁପୁରୁଷ କି ନୁହେଁ, ତାହାର ବିଚାରକ ହେଲେ ଓସିରିସ୍ । ମୃତ୍ୟୁ ପରେ ଜୀବନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତିର ଦାୟିତ୍ୱ ନ୍ୟସ୍ତ ହୋଇଗଲା ଓସିରିସ୍‌ଙ୍କ ଉପରେ । ମୃତ୍ୟୁ ପରେ ଜୀବନ ଅଛି କି ନାହିଁ ? ମୃତ୍ୟୁ ପରେ ମଣିଷ ପୁନର୍ଜନ୍ମ ପାଏକି ? ଏ ସମ୍ପର୍କରେ ମିସରୀୟ ମାନଙ୍କର ନାନାପ୍ରକାର ବିଶ୍ୱାସ ରହିଛି ଏବଂ ସେହି ବିଶ୍ୱାସ ହେତୁ ସେମାନେ ମୃତବ୍ୟକ୍ତିକୁ ନ ପୋଡ଼ି ସାଇତି ରଖୁଥିଲେ । ମୃତ ବ୍ୟକ୍ତିକୁ ସାଇତି ରଖିବାର ପଦ୍ଧତିକୁ 'ମିସିଫିକେଶନ୍' କୁହାଯାଉଥିଲା । ମୃତ ହେବାଠାରୁ ମୃତବ୍ୟକ୍ତିର ନାମ ସହିତ ଓସିରିସ୍ ନାମକୁ ଯୋଡ଼ିଦିଆଯାଏ । ଯେପରି ଆମେ 'ସ୍ୱର୍ଗତ ଅମୁକ' କହିବା ବେଳେ ସେମାନେ କୁହନ୍ତି, "ଓସିରିସ୍ ଅମୁକ" ।

ମରିବା ପରେ ମୃତ୍ୟୁକାଳୀନ କାର୍ଯ୍ୟ ପ୍ରାୟ ସତୁରୀ ଦିନ ଅବଧି ଚାଲେ ଏବଂ ଏହା ଅତ୍ୟନ୍ତ ଜଟିଳ । ମୃତବ୍ୟକ୍ତିର ଶରୀରକୁ ତା'ର ଘରଠାରୁ ଏକ ଦୂର ସ୍ଥାନକୁ ନିଆଯାଏ । ତମ୍ବୁରେ ନିର୍ମିତ ବିଶେଷ କର୍ମଶାଳାରେ ସେହି ମୃତବ୍ୟକ୍ତିର ଶବକୁ ରଖାଯାଏ । ସେହି ତମ୍ବୁ ନିର୍ମିତ ଗୃହକୁ କୁହାଯାଏ 'ଦି ଗୁଡ୍ ହାଉସ୍' ବା "ଦି ପ୍ଲେସ୍ ଅଫ୍ ପିଉରିଫିକେସନ୍" କିମ୍ବା "ଦି ହାଉସ୍ ଅଫ୍ ଗୋଲ୍ଡ୍ ।"

ପ୍ରଥମେ ମୃତ ବ୍ୟକ୍ତିର ଶରୀରକୁ ନୀଳ ନଦୀର ଜଳରେ ଗାଧୋଇ ଦିଆଯାଏ । ସେହି ମୃତବ୍ୟକ୍ତିର ଶରୀରର ବାମ ପାଖରେ ଗୋଟିଏ କଣା କରାଯାଇ

Digitized by PPRACHIN, SOA

ଶରୀରରୁ ଯକୃତ୍, ଫୁସ୍‌ଫୁସ୍,ପାକସ୍ଥଳୀ ଏବଂ ପାକନଳୀକୁ ପୃଥକ୍ କରାଯାଇ ଚାରିଗୋଟି ପାତ୍ର ଯାହାକୁ କାନୋପିକ୍ ଜାର ବୋଲି କୁହାଯାଏ ସେଥିରେ ରଖାଯାଏ ।

ଓସିରିସ୍ ଧର୍ମମତର ଏହି କ୍ରମବିକାଶର ଇତିହାସ ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା । କିପରି ଭାବରେ ମୃତବ୍ୟକ୍ତିକୁ ସାଇତି ରଖାଯାଏ ଏବଂ ଓସିରିସ୍ ଆରୋପିତ ହୁଏ ତାହା ଜାଣିବାକୁ ମୋର ବଳବତ୍ତର ଇଚ୍ଛା ହେବାରୁ ମୁଁ କିଛି ତଥ୍ୟ ସେଠାରେ ସଂଗ୍ରହ କରିବାକୁ ଚେଷ୍ଟା କଲି ।

□□□

Digitized by PPRACHIN, SOA

ଇତିହାସର ଅଧ୍ୟାୟରୁ

କାଏରୋ ସହର ବୁଲି ଦେଖିବାକୁ ଯେତିକି ଆନନ୍ଦ ଲାଗୁଥିଲା, ତା'ଠାରୁ ବେଶି ଆନନ୍ଦ ଅନୁଭବ କରୁଥିଲି ତା'ର ଐତିହ୍ୟ, ପରମ୍ପରା, ସଭ୍ୟତା ଓ ଇତିହାସକୁ ଜାଣିବା ପାଇଁ । ମନେ ପଡୁଥିଲା ଜୁଲାଇ ୨୩ ତାରିଖ ଯେଉଁଦିନ ଇଜିପଟ୍ ଇତିହାସରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଥିଲା । ମହାନ୍ ବିପ୍ଲବର ନେତୃତ୍ୱ ନେଇଥିଲେ ଗାମାଲ ଅବଦୁଲ ନାସେର୍ । ୧୯୫୨ ଜୁଲାଇ ୨୩ ତାରିଖ ଦିନ ମିଶରର ସ୍ୱାଧୀନତା ସେହି ଦେଶର ଲୋକମାନଙ୍କର ଜୀବନଧାରା ଓ ପ୍ରଗତିପଥକୁ ବଦଳାଇ ଦେଲା । ବ୍ରିଟିଶ ହୁକୁମତର ଅକ୍ଟୋପାସ ମଧ୍ୟରେ ଜାବୁଡ଼ି ହୋଇ ରହିଥିଲା ଦୀର୍ଘ ସତୁରୀ ବର୍ଷଧରି ଏବଂ ଇଂରେଜମାନଙ୍କର ଚିରାଚରିତ ଅଭ୍ୟାସ ମିଶର ଗୃହନୀତିକୁ ନିୟନ୍ତ୍ରିତ କରୁଥିଲା । ଶାସକବର୍ଗ ଅତ୍ୟାଚାରୀ, ଦୁର୍ନୀତି ଗ୍ରସ୍ତ । କ୍ଷୁଦ୍ର କ୍ଷୁଦ୍ର ରାଜନୀତିକ ଦଳମାନେ ବ୍ରିଟିଶ ସରକାରର ଓ ରାଜାଙ୍କର ସଖୀକଣ୍ଢେଇ ଦଳ ଭାବରେ ନିଜ ନିଜର କ୍ଷମତା ଭୋଗ କରୁଥିଲେ । ୧୯୪୮ ମସିହାରେ ପାଲେଷ୍ଟାଇନ ସହିତ ଯୁଦ୍ଧରେ ଅଯଥାରେ ମୃତାହତ ହେଲେ ଅନେକ ମିଶରୀୟ ସୈନିକ ଓ ପଦସ୍ଥ ଅଧିକାରୀ । ଦାରୁଣ କ୍ଷତର ଚିହ୍ନ ଆଙ୍କି ହୋଇଗଲା ମିଶରୀୟଙ୍କ ହୃଦୟରେ ।

ଆରମ୍ଭ ହେଲା ବିପ୍ଲବ । ଘର ଶତ୍ରୁମାନଙ୍କ ସହିତ ବ୍ରିଟିଶ୍ ସୈନ୍ୟମାନଙ୍କର ସମ୍ମିଳିତ ପ୍ରତିରୋଧକୁ ସାମନା କଲେ ମିଶରୀୟ ଅଗଣିତ ଜନଗଣ । ସୁଏଜ କେନାଲ ଅଞ୍ଚଳକୁ ଅଧିକାରରେ ରଖି ନିଜ ଶାସନକୁ ଜାହିର କରୁଥିବା ବ୍ରିଟିଶ ଶାସକଙ୍କୁ ନିକାଲି ଦେବାକୁ ଯେମିତି ବଦ୍ଧ ପରିକର ହୋଇ ଉଠିଲେ ସେମାନେ । ଦେଶରୁ ସାମନ୍ତବାଦକୁ ହଟାଇବାକୁ ହେବ । ଜମି ଉପରେ ସାଧାରଣ ଲୋକଙ୍କର ଅଧିକାରକୁ ସାବ୍ୟସ୍ତ କରିବାକୁ ହେବ । ପୁଞ୍ଜିବାଦରକବର ଉପରେ, ବ୍ୟକ୍ତିଗତ ମାଲିକାନାର ଶବଉପରେ, ସମାଜବାଦର, ସମାନତା ଓ ପ୍ରୀତିର ବୈଜୟନ୍ତି ଉଡ଼ାଇବାକୁ ହେବ । ଘରଶତ୍ରୁ ବିଭୀଷଣ ମାନଙ୍କୁ ପଦଦଳିତ କରି, ସୈନ୍ୟମାନଙ୍କୁ ଜାତୀୟ ସ୍ୱାର୍ଥ ଓ ଜାତୀୟତାର ସୁରକ୍ଷା ପାଇଁ ବିନିଯୋଗ କରାଯିବ ଏବଂ ସର୍ବୋପରି

Digitized by PPRACHIN, SOA

ଜାତୀୟ ସ୍ୱାଭିମାନ, ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପାଇଁ ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ କରିବାକୁ ହେବ ଓ ତା'ର ସୁରକ୍ଷା କରିବାକୁ ହେବ । ଏହା ହିଁ ଥିଲା ଜୁଲାଇ ୨୩ ବିପ୍ଳବର ମହାନ୍ ଆଦର୍ଶ । ଏହି ଆଦର୍ଶର ପ୍ରବକ୍ତା ଓ ନେତା ଥିଲେ ନାସେର । ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ, ସାମନ୍ତବାଦ, ସାମ୍ରାଜ୍ୟବାଦ, ଓ ସ୍ୱେଚ୍ଛାଚାରବାଦ ବିରୋଧୀ ରାଷ୍ଟ୍ରନେତା ଯାହାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ଆରବ ଜାତୀୟତାବାଦକୁ, ସଂହତିକୁ ସୁସଂହତ କରିବା ଓ ଐକ୍ୟ ସ୍ଥାପନ କରିବା । କେବଳ ସେତିକିରେ ସେ ସୀମିତ ନ ଥିଲେ । ଜୁଲାଇ ୨୩ ବିପ୍ଳବର ମହାନ୍ କର୍ଣ୍ଣଧାର ବିଶ୍ୱ ରାଜନୀତିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଗଲେ ଏକ ନୂତନ ବୈଦେଶିକନୀତି ଘୋଷଣା କରି, ଯାହାକୁ କୁହାଗଲା ନିରପେକ୍ଷ ନୀତି; ନାସେର, ଟିଟୋ ଓ ନେହେରୁ ଏହି ନୀତିର ବଳିଷ୍ଠ ପ୍ରବକ୍ତାଭାବେ ସମଗ୍ର ବିଶ୍ୱକୁ ଶାନ୍ତି, ସଂହତି ଓ ପ୍ରଗତି ମାର୍ଗରେ ନେବାକୁ ଚେଷ୍ଟା କଲେ ।

୧୯୧୮ ମସିହା ଜାନୁୟାରୀ ୧୫ ତାରିଖ ଦିନ ଆଲେକଜାଣ୍ଡ୍ରିୟାଠାରେ ତାଙ୍କର ଜନ୍ମ ଏବଂ ଶିକ୍ଷା । ପନ୍ଦର ବର୍ଷ ବୟସରେ ସେ ପ୍ରଥମ କରି ବ୍ରିଟିଶ ବିରୋଧୀ ବିକ୍ଷୋଭରେ ଯୋଗ ଦେଇ, ଯେତେବେଳ କାଏରୋ ଆସିଲେ ମାଧ୍ୟମିକ ସ୍କୁଲ ଛାତ୍ରମାନଙ୍କୁ ସଂଗଠିତ କଲେ । ନଭେମ୍ବର ୧୯୩୫ରେ ବ୍ରିଟିଶ ହୁକୁମତ ବିରୁଦ୍ଧରେ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ତାଙ୍କ ମୁଣ୍ଡରେ ଗୁଳିବାଜିଲା । ମରୁ ମରୁ ସିନା ବଞ୍ଚିଗଲେ କିନ୍ତୁ ଚିର ଦିନ ତାଙ୍କର ମଥାରେ ସେହି କ୍ଷତଚିହ୍ନର ଦାଗ ରହିଗଲା ବିପ୍ଳବର ସ୍ମୃତି ହୋଇ ।

୧୯୩୮ ମସିହାରେ ରୟାଲ ମିଲିଟାରୀ ଏକାଡ଼େମୀରୁ ସେ ଲାଭ କଲେ ସ୍ନାତକ ଡ଼ିଗ୍ରୀ ଏବଂ ମୁକାବାବାଦ ସୈନ୍ୟଛାଉଣୀରେ ଜଣେ ସୈନିକ ଭାବରେ ଯୋଗଦେଲେ । ସେଠାରେ ହିଁ କଳ୍ପନା କଲେ ମିଶର ଇତିହାସର ଗତିପଥକୁ ପରିବର୍ତ୍ତନ କରିବାକୁ ହେଲେ ବିପ୍ଳବକୁ ହିଁ ମାଧ୍ୟମ କରିବାକୁ ହେବ । ୧୯୪୨ ଫେବୃଆରୀ ୪ ତାରିଖ ଦିନ ବ୍ରିଟିଶ ରାଜଦୂତ ରାଜଭବନରେ ପ୍ରବେଶ କରି ମହାରାଜ ଫାରୁକ୍‌ଙ୍କୁ ନାହାମ୍ ପାଶାଙ୍କ ନେତୃତ୍ୱରେ ୱାଫ୍‌ଦିଷ୍ଟ ସରକାର ଗଠନ କରିବାକୁ ବାଧ କଲେ । ନାସେର ୧୯୪୨ରୁ ୧୯୪୮ ପର୍ଯ୍ୟନ୍ତ ଆର୍ମିଅଫିସର ମାନଙ୍କୁ ସଂଗଠିତ କଲେ ଯେଉଁମାନେ ମୁକ୍ତ ଚିନ୍ତାରେ ବିଶ୍ୱାସ କରୁଥିଲେ, ଦେଶର ସ୍ୱାଧୀନତା ଲାଭ ପାଇଁ ଆଗ୍ରହ ରଖୁଥିଲେ । ସେହି ସୈନିକ କଲେଜରୁ ସେ ସଂଗ୍ରହ କରୁଥିଲେ ତାଙ୍କର ସାଥୀ, ସହଯୋଗୀ ଓ ସହଯୋଦ୍ଧା ମାନଙ୍କୁ ଯେଉଁମାନେ ଆଗାମୀ ଦିନରେ ତା'ଙ୍କ ଆନ୍ଦୋଳନର ନେତୃତ୍ୱ ନେବେ ।

Digitized by PPRACHIN, SOA

୧୯୪୮ ମସିହାରେ ବ୍ରିଟିଶ ସରକାର ପାଲେଷ୍ଟାଇନ୍‌ଉପରୁ ନିଜର ଅଧିକାରକୁ ମୁକ୍ତ କଲେ । ଏବଂ ଇସ୍ରାଏଲ ରାଷ୍ଟ୍ରଘୋଷଣା ହେଲା । ନାସେର ପାଲେଷ୍ଟାଇନ ଯାଇ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧରେ ଯୋଗ ଦେଇଥିଲେ । ସେଠାରେ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ କିପରି ଭାବରେ ମିଶରୀୟ ସୈନ୍ୟବଳର ମନୋବଳ ଭାଙ୍ଗି ପଡୁଥିଲା । ନିଜ ଚକ୍ଷୁରେ ଦେଖିଥିଲେ ସେମାନଙ୍କର ଯୁଦ୍ଧଭୂମିରେ ଅସହାୟତା, କାରଣ ବନ୍ଧୁକରୁ ଗୁଳି ଫୁଟୁନଥିଲା । ସେହି ସବୁ ଅସ୍ତ୍ରଶସ୍ତ୍ର ଥିଲା ଅକାମୀ । ବ୍ରିଟିଶମାନଙ୍କ ମିଶରକୁ ଚିରଦିନ କରାୟତ୍ତ କରିରଖିବାର ଚକ୍ରାନ୍ତ ତାଙ୍କ ଆଖିରେ ଜଳଜଳ ହୋଇ ଦେଖାଯାଉଥିଲା । ସେ ସେଇଠି ସ୍ଥିର କଲେ ବିପ୍ଳବକୁ ଆରମ୍ଭ କରିବାକୁ ହେବ । ତାଙ୍କର ସୈନିକ ଜୀବନର ସବୁ ସମୟ ତ ଏଇ ଚିନ୍ତାରେ ତାଙ୍କୁ ବିବ୍ରତ କରୁଥିଲା । ସେ ସ୍ଥିର କଲେ ସେନାବାହିନୀକୁ ଦାୟିତ୍ୱ ନେବାକୁ ହେବ ରାଷ୍ଟ୍ରକୁ ଦୁର୍ନୀତିର ବ୍ୟୂହ ମଧ୍ୟରୁ ରକ୍ଷା କରିବା ପାଇଁ । ନିଜର ସାଙ୍ଗଠନିକ ଦକ୍ଷତାକୁ ଲଗାଇଲେ କାର୍ଯ୍ୟରେ । ସ୍ୱତନ୍ତ୍ର ଅଫିସର ସେଇ ସୈନ୍ୟବାହିନୀ ଭିତରେ ଓ ବାହାରେ ଗଠନ କଲେ । ସଫଳ ହେଲା ତାଙ୍କର ଜୁଲାଇ ବିପ୍ଳବ । ଆମେ ଯେଉଁ କାଏରୋ ସହରକୁ ଦେଖୁଥିଲୁ, ସେହି ସହରର ନୂତନତ୍ୱଠାରୁ ଆରମ୍ଭ କରି କୃଷି, ଶିକ୍ଷା, ବାଣିଜ୍ୟ, କଳା ଓ ସଂସ୍କୃତିରେ ସେ ଆଣିପାରିଲେ ପରିବର୍ତ୍ତନ । ୟୁରୋପୀୟ ଢାଞ୍ଚାରେ କିନ୍ତୁ ମିଶରୀୟ ସଂସ୍କୃତିକୁ ଉଜ୍ଜୀବିତ ରଖି ଜନମାନସରେ ଆଣିଲେ ପରିବର୍ତ୍ତନ ।

ନାସେର୍ ଥିଲେ ଉପନିବେଶବାଦ ବିରୋଧୀ ସଶକ୍ତ ସଂଗ୍ରାମୀ । ୧୯୫୬ ମସିହାରେ ସେ ସୁଏଜ କେନାଲକୁ ଜାତୀୟକରଣ କରିବା ସହିତ ନିର୍ମାଣ କରିଥିଲେ ସୁପ୍ରସିଦ୍ଧ ଅସ୍‌ୱାନ ଡ୍ୟାମ୍, ଯାହାକୁ ଦେଖିବାର ସୁଯୋଗ ଘଟିଲା ନାହିଁ । ତାଙ୍କର ବିଚକ୍ଷଣ ରାଷ୍ଟ୍ରଚେତନା ଫଳରେ ସେ ଆରବ ରାଷ୍ଟ୍ର ସମୂହକୁ ଏକାଠି କରି ଗଠନ କରିଥିଲେ ୟୁନାଇଟେଡ୍ ଆରବ ରିପବ୍ଲିକ୍ ।

କାଏରୋ ସହରରେ ବୁଲିବାବେଳେ ମୋତେ ଲାଗୁଥିଲା ମିଶରବାସୀମାନେ ମଣିଷ ମଣିଷମାନଙ୍କ ମଧ୍ୟରେ ଓ ସଭ୍ୟତାଗୁଡ଼ିକ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧନ୍ତି, କାରଣ ସେମାନଙ୍କର ଲକ୍ଷ୍ୟ ହେଉଛି ଏକ ବର୍ଣ୍ଣିଳ ଆସନ୍ତା କାଲି । କାରଣ ମିଶରର ଭୂମି ହେଉଛି ଶାନ୍ତିର ଭୂମି, ପରସ୍ପର ପରସ୍ପରର ଭାବ ବିନିମୟର ଭୂମି, ସହାବସ୍ଥାନ, ସହନଶୀଳତା ଓ ସହଯୋଗିତା ଭୂମି । ଶାନ୍ତି, ସଂହତି ଓ ପ୍ରଗତିର ଭୂମି ।

କାରଣ ଏଇଠି ରହିଛି ନୀଳନଦୀ, ଏଇଠି ଗିଜା ପିରାମିଡ଼୍, ଏଇଠି ସ୍ଫିଙ୍କସ୍ । ସବୁ କିଛି ବିରାଟ ଓ ପ୍ରାଚୀନ । ଏଇ ନୀଳନଦୀ କବିର କଳ୍ପନା ହୋଇଛି

Digitized by PPRACHIN, SOA

ଓ କାଏରୋ ସହର ସମୃଦ୍ଧିର ଦ୍ୱାର ଭାବେ ଚିର ପ୍ରବାହିତ ହୋଇ ନାଇଟ୍‌କ୍ଲବ୍‌ର ମାଧ୍ୟମରେ ବିଦେଶୀଙ୍କୁ ଆକୃଷ୍ଟ କରିବାରେ ଲାଗିଛି । ମୁଁ ବୁଲିବୁଲି ଦେଖୁଥିଲି, ମିଶରୀୟମାନଙ୍କର ଆତିଥେୟତା ମଧ୍ୟରେ 'ସୁକରାନ୍' ଶବ୍ଦକୁ ବାରମ୍ବାର ଶୁଣୁଥିଲି । କବି ହାଫେଜ୍ ଇବ୍ରାହିମଙ୍କର ନୀଳନଦୀ ଉପରେ କବିତା ବହିକୁ ଖୋଜୁଥିଲି । କାରଣ ଏଇ କବି ହାଫେଜ୍ ଇବ୍ରାହିମ୍ ନୀଳନଦୀ ଉପରେ ଭାସୁଥିବା ନୌକା ମଧ୍ୟରେ ଜନ୍ମଗ୍ରହଣ କରିଥିଲେ । ସେ ତେଣୁ ବିଖ୍ୟାତ ହୋଇଥିଲେ "ନୀଳନଦୀର କବି" ଭାବେ । ସେ କବିଙ୍କର ବିଶ୍ୱାସ ଥିଲା ନୀଳ ନଦୀ ହିଁ ଏଇ ଭୂମି, ମଣିଷ, ଇତିହାସ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । ସେ ହିଁ କଲ୍ୟାଣମୟୀ ଓ ସୌନ୍ଦର୍ଯ୍ୟର ପ୍ରତୀକ । ନୌକା ଉପରେ ଜନ୍ମଲାଭ କରିଥିବା ଏହି କବିଙ୍କ ଉପରେ ନୀଳନଦୀ ପ୍ରଭାବ ଥିଲା ଅମାପ । ଯେପରି ନୀଳନଦୀ ତାଙ୍କର କବି ବ୍ୟକ୍ତିତ୍ୱକୁ ତିଆରି କରିଥିଲା । ତାଙ୍କ ସମସ୍ତ ସମ୍ପର୍କର ଆରମ୍ଭ ଓ ଶେଷ ଏଇ ନୀଳନଦୀ ବୋଲି ସେ ଭାବୁଥିଲେ । ତାଙ୍କର ସମସ୍ତ କବିତାରେ ନୀଳ ନଦୀର ବର୍ଣ୍ଣନା ଦେଖିବାକୁ ମିଳୁଥିଲା, ଏପରି କି ଧାଡ଼ିଟିଏ ମଧ୍ୟ ।

ମୁଁ କବି ହାଫେଜ୍ ଇବ୍ରାହିମ୍‌ଙ୍କର କବିତା ପୁସ୍ତକ ଅଣ୍ଡାଳୁଥିଲି । ୧୮୬୧ ମସିହା ଫେବ୍ରୁଆରୀ ୪ ତାରିଖରେ ଜନ୍ମଲାଭ କରିଥିବା ଏହି କବିଙ୍କର ଦେହାବସାନ ଘଟିଥିଲା ୧୯୩୨ ଜୁଲାଇ ୨୧ ତାରିଖରେ । କବିତା ରଚନା କରିବାରେ ମଗ୍ନ ହୋଇ ରହୁଥିବା କବି ହାଫେଜ୍ ନିଜକୁ ଓକିଲ ଭାବେ ପ୍ରତିଷ୍ଠା କରି ପାରିଲେ ନାହିଁ । ଜୀବନ ସଂଗ୍ରାମ ତାଙ୍କପାଇଁ ଥିଲା ଅତ୍ୟନ୍ତ ଦୁଃଖଦାୟକ ଓ ଯନ୍ତ୍ରଣା ଜର୍ଜରିତ । କିଛି ବର୍ଷ କାଳ ଜଣେ ସୈନିକ ଭାବରେ ତାଙ୍କୁ ଯୁଦ୍ଧ ଭୂମିରେ କଟାଇବାକୁ ହୋଇଥିଲା । ଗ୍ରୀକ୍ ଜନଜୀବନ ରାଜନୀତିକ ଅସାଧୁତା ଓ ସାମାଜିକ ଅଧୋଗତି ମଧ୍ୟରେ ଗତିକଲା ବେଳେ, ତାହାର ପରିବର୍ତ୍ତନ କରିବା ପାଇଁ ସେ କବିତା ମାଧ୍ୟମରେ ନିଜର ସ୍ୱର ଉତ୍ତୋଳନ କରିଥିଲେ । ଉପନିବେଶବାଦ ବିରୁଦ୍ଧରେ ଏହି ସବୁ କବିତା ଥିଲା ତୀବ୍ର । ରାଜନୀତିକ ଓ ସାମାଜିକ ସମସ୍ୟାରେ ପୂରି ରହିଥିବା ତାଙ୍କର କବିତା ପ୍ରାଚୀନ ଆରବ ଭାଷାରେ ହିଁ ରଚନା ହୋଇଥିଲା । ସେ ଲୋକଭାଷା ବା ବିଦେଶୀଭାଷା ବ୍ୟବହାର କରିବାକୁ ପସନ୍ଦ କରୁନଥିଲେ । ନିଜେ ଜଣେ ଦରିଦ୍ର ନିଃସହାୟ ଅନାଥ ଶିଶୁଭାବରେ ଜୀବନ କଟାଇଥିବା ହେତୁ ତାଙ୍କର ହୃଦୟ ପୂରି ରହିଥିଲା ଅନାଥ ଶିଶୁ ଓ ମହିଳାମାନଙ୍କ ପାଇଁ ଏବଂ ସେମାନେ ଥିଲେ ତାଙ୍କ କବିତାର ମୁଖ୍ୟ ଉପଜୀବ୍ୟ ।

Digitized by PPRACHIN, SOA

ମୋତେ ତାଙ୍କ କବିତାରୁ ଧାଡ଼ିଟିଏ ପଢ଼ିବାର ମଧ୍ୟ ସୌଭାଗ୍ୟ ମିଳିନାହିଁ । କିନ୍ତୁ ତାଙ୍କ ସମ୍ପର୍କରେ ଜାଣିବାକୁ ସୁଯୋଗ ମିଳିଲା । କବି ଓ ଲେଖକମାନେ ହିଁ ଯେକୌଣସି ରାଷ୍ଟ୍ରର ରାଜନୀତିକ ଓ ସାମାଜିକ ଭାଗ୍ୟ ବଦଳାଇଦେଇ ପାରନ୍ତି ଏଥିପ୍ରତି ଥିବା ମୋର ବିଶ୍ୱାସ ଆହୁରି ଅଧିକ ଦୃଢ଼ୀଭୂତ ହେବାକୁ ଲାଗିଥିଲା । ଅତୀତର ଗୌରବ ପ୍ରତି ଆଦୌ ବିମୁଖ ନ ହୋଇ ଆରବର ଯୁବପିଢ଼ି ଆଗେଇ ଯିବାକୁ ତାଙ୍କର ଆହ୍ୱାନ ତାଙ୍କୁ ଇତିହାସରେ ଗୌରୋବଜ୍ୱଳ କରିପାରିଥିଲା । ତାଙ୍କର କବିତା ମାନଙ୍କ ମଧ୍ୟରେ "ମିଶର ନିଜ କଥା କହେ, ସମ୍ପୂର୍ଣ୍ଣ ମା', ନୂତନ ହିଜାରାବର୍ଷ, ଆରବିକ ଭାଷା, ଇତ୍ୟାଦି ଅନ୍ୟତମ । କେବଳ କବିତା ନୁହେଁ, ଗଦ୍ୟ ରଚନା ପ୍ରତି ମଧ୍ୟ ଥିଲା ତାଙ୍କର ଆଗ୍ରହ । ସେ ସେକସ୍‌ପିୟରଙ୍କର ନାଟକ ମ୍ୟାକ୍‌ବେଥ ଓ ଭିକ୍ଟର ହ୍ୟୁଗୋଙ୍କର ଲେସ୍ ମିଜେରବୁଲ ପୁସ୍ତକଦ୍ୱୟର ଅନୁବାଦ କରିଥିଲେ । ଅନେକ ସମ୍ମାନରେ ବିଭୂଷିତ ଏଇ କବି ହାଫେଜ୍ ଇବ୍ରାହିମ୍‌ଙ୍କ ପ୍ରତି ମୋ'ର ଯୋଡ଼ହସ୍ତ ସଶ୍ରଦ୍ଧ ଭାବରେ ଲମ୍ବିଯାଇଥିଲା । ସେ ଥିଲେ ମିଶର ମାଟି, ପାଣି ଓ ପବନର କବି । ସେ ଥିଲେ ଉପନିବେଶବାଦ, ଦୁର୍ନୀତି ବିରୁଦ୍ଧରେ ସଶକ୍ତ ପ୍ରହରୀ । ପ୍ରକୃତରେ ନୀଳନଦୀର କବି ଭାବରେ ତାଙ୍କର ସର୍ବଜନବିଦିତ ଖ୍ୟାତି ତାଙ୍କୁ ଅମର କରି ତୋଳିଛି, ଏହା ମୋର ସେଦିନ ହିଁ ଅନୁଭବ ହୋଇଥିଲା ।

ମୃତ୍ୟୁପରେ ଜୀବନ ଅଛି କି ନାହିଁ, ଯଦି ଜୀବନ ଅଛି, ତେବେ ମଣିଷ କି ଯୋନିରେ ମୃତ୍ୟୁପରେ ଜନ୍ମ ଲାଭ କରିବ, ଏହାକୁ ମୁଁ ସେଇ ମିଶର ମାଟିରେ ଖୋଜୁଥିବା ବେଳେ ମୋର ସାକ୍ଷାତ ହେଲା ପ୍ରଥମେ ନାସେରଙ୍କ ସହିତ ଓ ପରେ ହାଫେଜ୍ ଇବ୍ରାହିମଙ୍କ ସହ ଏବଂ ଉପନିବେଶବାଦ ଓ ଦୁର୍ନୀତି ବିରୁଦ୍ଧରେ ସେମାନଙ୍କର ସଂଗ୍ରାମ ମୋତେ ସେମାନଙ୍କ ଜରିଆରେ ହିଁ କାଏରୋ ଓ ମିଶର ପ୍ରତି ଅଧିକ ଆକର୍ଷିତ କରିପାରିଲା । ନୀଳନଦୀ ହୋଇଗଲା ମୋର ତପସ୍ୟାର ଭୂମି । ମିଶରର ଅଧିବାସୀମାନେ ହେଲେ ମୋର ତପସ୍ୟା ।

Digitized by PPRACHIN, SOA

କାଏରୋ ଜୀବନ

ଗରିବୀ ଏପରି ଏକ ବେମାରୀ ଯାହା ବିଶ୍ୱରେ ସବୁ ରାଷ୍ଟ୍ରରେ ଦେଖିବାକୁ ମିଳେ । ଅନ୍ଧାର ଓ ଆଲୁଅ ପରସ୍ପର ପରିପୂରକ ହେବା ପରି ଧନୀ ଓ ଗରିବ ସବୁ ଦେଶରେ ସମାନ ଭାବରେ ସହାବସ୍ଥାନ କରନ୍ତି । କାଏରୋ ସହର ଜୀବନରେ ଏଇ ଅଭାବ ମଧ୍ୟ ଦେଖାଦିଏ । ଅବଶ୍ୟ ରାସ୍ତାରେ ଭିକାରୀ ଦେଖିବାକୁ ମିଳନ୍ତି ନାହିଁ ।

ଆମେ ଯେଉଁ କେତେଦିନ ହୋଟେଲ ସଫିର୍‌ରେ ରହିଥିଲୁ, ସବୁଦିନ ସକାଳେ ଟିକିଏ ନୀଳନଦୀ ଓ ତା'ର ସଂଯୁକ୍ତ କେନାଲ କୂଳରେ ବୁଲି ଆସିବା ପ୍ରାୟ ଅଭ୍ୟାସରେ ପଡ଼ିଯାଇଥାଏ । ରୁମ୍‌ନମ୍ବର ୧୦୦୩ରୁ କାଚ ଝରକାରୁ ସ୍କ୍ରୀନ ଟାଣିଦେଲେ କାଏରୋ ସେରାଟନ ହୋଟେଲ ଦୃଷ୍ଟିରେ ପଡ଼େ । ମର୍ଣ୍ଣିଂଓ୍ୱାକ୍‌ରେ ମୁଁ ପ୍ରାୟ ଚାଲି ଚାଲି ଖସ୍ରନିନ ବ୍ରିଜ୍ ପର୍ଯ୍ୟନ୍ତ ଯାଏ । ଏହି ପୋଲର ଦୁଇକଡ଼ରେ ଦୁଇଟି ସିଂହର ପ୍ରତିମୂର୍ତ୍ତି ଏହାର ଗୌରବକୁ ବୃଦ୍ଧି କରୁଥାଏ ।

ନୂଆ କାଏରୋ ଓ ପୁରୁଣା କାଏରୋ ମଧ୍ୟ ଦେଇ କେନାଲ ଓ ତା' ଉପରେ ପ୍ରତି କିଲୋମିଟର ଅନ୍ତରରେ ବ୍ରିଜ । ଏହି ବ୍ରିଜ୍‌ଗୁଡ଼ିକ ସହିତ ବିଭିନ୍ନ ଦିଗରୁ ଆସିଥିବା ରାସ୍ତାମାନ ସଂଯୁକ୍ତ ହୋଇଥାଏ । ରାସ୍ତାକଡ଼ରେ ସକାଳୁ ସକାଳୁ ଠେଲାଗାଡ଼ିରେ ପରିବା ଓ ପାଉଁରୁଟି ଧରି ବିଭିନ୍ନ ସ୍ଥାନରେ ବିକ୍ରୀ କରିବାକୁ ଲୋକମାନେ ନେଉଥା'ନ୍ତି । ନାଲି ଚା ର ଡିମାଣ୍ଡ ବେଶି । ରାସ୍ତା କଡ଼ରେ ଗାଡ଼ି ରଖିବାର ପାର୍କିଂ ୫ପାଉଣ୍ଡ । ସେଠାକାର ୧ ପାଉଣ୍ଡ ଆମର ପନ୍ଦରଟଙ୍କା । ପେଟ୍ରୋଲ ଲିଟରକୁ ୪୦ ପିଏଷ୍ଟର ଅର୍ଥାତ୍ ୨୦ଟଙ୍କା । ତେଲ ଶସ୍ତା ହେତୁ ଅସଂଖ୍ୟ କାର୍ । କାର୍ ଗୁଡ଼ିକର ନାଁ ମନେ ରଖିବା କଷ୍ଟ । ଚିଭୋରଲେଟ୍, ସଟ୍ରୋଏନଏକସ୍, ହୁଇନ୍‌ବ୍ରାଇର ଲମ୍ବାଧାଡ଼ି ଏମିତି ଲାଗି ଯାଇଥାଏ ଯେ, ସମୟ ସମୟରେ ଟ୍ରାଫିକ୍ ଜାମ୍ ଘଟେ । ଅତ୍ୟନ୍ତ ପ୍ରଶସ୍ତ ରାସ୍ତା ମଧ୍ୟ ଗାଡ଼ି ଗୁଡ଼ିକରେ ଭର୍ତ୍ତି ହୋଇଯାଏ ।

ଆମେ ଅଲ୍-ତହରିର ସ୍କୋୟାରକୁ ଗଲୁ । ଗାଡ଼ି ପାର୍କିଂ ଏକ ମୁସ୍କିଲ ବ୍ୟାପାର । ଡ୍ରାଇଭର ପ୍ରାୟ ଦୁଇ କିଲୋମିଟର ଦୂରରେ ଗାଡ଼ି ରଖିବାକୁ ଆମକୁ

Digitized by PPRACHIN, SOA

ସଙ୍କେତ ଦେଲା । ଏ ସମସ୍ୟା କେବଳ କାଏରୋରେ ନୁହେଁ; ପ୍ରାୟ ବହୁତ ବଡ଼ ବଡ଼ ସହରରେ । ସିରିୟା ଯାଉଥିବାବେଳେ ଡ଼ାମାସ୍କସରେ ଆମେ ଏଇ ଅସୁବିଧା ସମ୍ମୁଖୀନ ହୋଇ ମାର୍କେଟିଂ ନ କରି ଫେରି ଆସିଥିଲୁ । ଭାରତର କୌଣସି ବଡ଼ ସହରରେ ଏତେ ବେଶୀ ପାର୍କିଂ ସମସ୍ୟା ନାହିଁ । ଭୁବନେଶ୍ୱରରେ ଯେ କୌଣସି ରାସ୍ତାକଡ଼ରେ ପାର୍କିଂ କରି ରାସ୍ତା ଅବରୋଧ ଆଜିକାଲି ବହୁଳ ଭାବରେ କରାଯାଉଛି । ଏଥିପାଇଁ କୌଣସି ଟ୍ୟାକ୍ସ ଦେବାକୁ ହେଉନାହିଁ । କିନ୍ତୁ କାଏରୋର ଯେଉଁଠାରେ ଗାଡ଼ି ରଖିଲେ ମଧ୍ୟ ଟିକସ ଦେବାକୁ ବାଧ୍ୟ । ରାତିସାରା ଘର ସାମନାରେ ଗାଡ଼ି ଥାଏ, ଚୋରୀ ପ୍ରାୟ ହୁଏନି ।

ଏଠାରେ ପର୍ଯ୍ୟଟକମାନଙ୍କର ଭିଡ଼ ବେଶି । ଫଳରେ ଟ୍ୟାକ୍ସି ଭଡ଼ା ମଧ୍ୟ ଅଧିକ । ମୂଲଚାଲ ମଧ୍ୟ କରିବାକୁ ହୁଏ । ବହୁ ଡ୍ରାଇଭର ଇଂରାଜୀ ଜାଣନ୍ତି ନାହିଁ । ଯଦି କିଛି କଥା ତାଙ୍କ ସହିତ ହେବ, ତେବେ କହିବେ 'ଇୟସ୍' 'ଭେରିଗୁଡ୍' 'ନୋ ପ୍ରୋବ୍ଲେମ୍' । ଭଡ଼ା ତ ନେବେ, ତା'ଛଡ଼ା ରିସପତ୍ (ରସୱା) ମଧ୍ୟ ମାଗିବେ । ଯେଉଁ ଗାଡ଼ିର ମାଲିକ ନିଜେ ଡ୍ରାଇଭର, ତା'ର ପ୍ରାୟ ଦିନକୁ ୧୦୦ ପାଉଣ୍ଡ ରୋଜଗାର ହୁଏ । ହୋଟେଲରେ କାମ କରୁଥିବା କର୍ମଚାରୀ ମାନଙ୍କର ଦରମା ମାତ୍ର ୩୦୦ ପାଉଣ୍ଡ । ସେମାନଙ୍କୁ କିଛି କିଛି ବକ୍‌ସିସ୍ ମଧ୍ୟ ମିଳେ । ଯେତେ କମ୍ ଦରମା ପାଇଲେ ବି ସେଥିରୁ ଇନକମ୍‌ଟାକ୍ସ ଦେବାକୁ ବାଧ୍ୟ । ସର୍ବନିମ୍ନ ଶତକଡ଼ା ଟ.୫.୦୦ ଟିକସ୍ ସାଧାରଣ କର୍ମଚାରୀ ମାନେ ଦିଅନ୍ତି ।

ଯେଉଁମାନେ ଘରଭଡ଼ା ନେଇ ରହନ୍ତି, ସେମାନଙ୍କୁ ପ୍ରାୟ ସାଧାରଣ ଘର ପାଇଁ ୨୦୦ ପାଉଣ୍ଡ ଭଡ଼ା ଦେବାକୁ ହୋଇଥାଏ । ଡାକ୍ତର ଖାନାରେ ରୋଗୀର ଚିକିତ୍ସା ପ୍ରାୟତଃ ମାଗଣା । କିନ୍ତୁ ଔଷଧ ଖର୍ଚ୍ଚ ୧୦୦ ପାଉଣ୍ଡରୁ ଅଧିକ ହେଲେ, ସେଥିପାଇଁ ରୋଗୀକୁ ବଳକା ଖର୍ଚ୍ଚକୁ ଭରଣା କରିବାକୁ ହୁଏ । ସାଧାରଣ ଜଣେ ଲୋକର ଖର୍ଚ୍ଚ ପ୍ରାୟ ୧୦୦୦ପାଉଣ୍ଡ । କାଏରୋ ସହରରେ ରୋଜଗାରର ମାଧ୍ୟମ ବେଶି ପର୍ଯ୍ୟଟକମାନଙ୍କ ଯୋଗୁ । ହୋଟେଲ, ରେସ୍ତୋରାଁ, ନାଇଟ୍ କ୍ଲବ, ଗୀଜା ପିରାମିଡ୍, ପାପିରସ ଓ ପର୍ଫ୍ୟୁମ୍, ମ୍ୟୁଜିୟମ୍, ନୀଳନଦୀରେ ନୌକା ବିହାର ଓ ସର୍ବୋପରି ବିଭିନ୍ନ ବିକ୍ରୟ ପଦାର୍ଥ ପାଇଁ ଏତେ ଅସୁମାରୀ ଭିଡ଼ ଯେ, ଯେ କେହି ମିଶରୀୟ ଏଥିରେ ନିଯୁକ୍ତ ରହି ଭଲ ଦି ପଇସା କମାଇ ପାରିବ । କିନ୍ତୁ କାଏରୋ ସହରଠାରୁ ଟିକିଏ ଦୂର ମଫସଲ ଆଡ଼କୁ ଯାହାକୁ କୁହାଯାଏ ଡାଉନ୍ ଟାଉନ୍ ଗଲେ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବଞ୍ଚୁଥିବା ମଣିଷ ମାନଙ୍କର ରୂପ ଆଖିରେ ପଡ଼େ ।

Digitized by PPRACHIN, SOA

କଦଳୀ ଖାଇବା ମୋର ଏତେ ପ୍ରିୟ ଯେ ମନ ହେଲା ୨ଟା କଦଳୀ କିଣିଖାଇବି । ପାଚିଲା କଦଳୀ ବେଶ୍ ବଡ଼ବଡ଼ । ହଳଦୀ ଗୁରୁଗୁରୁ । ଆମ ଓଡ଼ିଶାରେ ଏତେବଡ଼ କଦଳୀ ମିଳେନାହିଁ, କଦଳୀ କିଲୋ ୨ ପାଉଣ୍ଡ । ଯେ କୌଣସି ଜିନିଷ କିଣିବେ, ଦାମ ଅଧିକ ହେଲେ ମଧ କ୍ୱାଲିଟିଭଲ । ବଡ଼ ବଡ଼ ଚିନାବାଦାମ ପ୍ୟାକେଟ୍ ଦେଖିଲେ ବେଶ୍ ଲୋଭ ହୁଏ । ଏଠାରେ 'ଖଜୁରୀ' କୋଳି ମିଳେ ବୋଲି ଜାଣିଥିଲି । ପ୍ରସିଦ୍ଧ ଖଜୁର ଖୋଜି ପାଇବା ମୁସ୍କିଲ । ଖଜୁରୀ ଗଛକୁ ଚାହିଁଲେ ବେଶ୍ ପାହାଚ ପାହାଚ ହୋଇ ଅଗ ପର୍ଯ୍ୟନ୍ତ ଲମ୍ବି ଯାଇଥାଏ । ମାର୍କେଟରେ ସେଠାକାର ଚକୋଲେଟ୍ ମିଳେ । ବେଶ୍ ସୁସ୍ୱାଦୁ ଓ ପୁଷ୍ଟିକର ।

ପ୍ରତ୍ୟେକ ପରିବାରର ଉଭୟ ପୁରୁଷ ଓ ସ୍ତ୍ରୀ କାମ କରି ରୋଜଗାର କରନ୍ତି । ଆପ୍‌ସୋ ସଂସ୍ଥାରେ କାମ କରୁଥିବା ଅଧିକାଂଶ ପ୍ରାୟ ମହିଳା । ଜଣଙ୍କ ସହିତ ମୋର ବନ୍ଧୁତା ହେଲା । ସେ ମୋର ଦେଇଥିବା ଭାଷଣକୁ ପ୍ରଶଂସା କଲେ । ତାଙ୍କ ନାଁ ହେଉଛି ମାନା କରମ । ବୟସ ପ୍ରାୟ ୩୫ ବର୍ଷ । ବେଶ୍ ସୁନ୍ଦର । ହସ ହସ ମୁହଁ । ମୁସଲମାନ ହୋଇଥିଲେ ବି ୟୁରୋପୀୟ ବେଶ ପୋଷାକରେ । ବାହା ହୋଇଛନ୍ତି । ତାଙ୍କର ଦୁଇଟି ପୁଅ । ସ୍ୱାମୀ ଡାକ୍ତର । ସେ ମାସକୁ ପାଆନ୍ତି ୬୦୦ ପାଉଣ୍ଡ । ମୁଁ ମୋର ଖଣ୍ଡିତ ଇଂରାଜୀ ଜ୍ଞାନରେ ଗୋଟିଏ କବିତା ଲେଖିଉପହାର ଦେଲି । ସେ ତାକୁ ପଢ଼ିଲେ । ତାଙ୍କ ମୁହଁରେ ହସ ଫୁଟି ଉଠିଲା । ବିଦେଶରେ ବିଦେଶୀ ରମଣୀମାନଙ୍କ ସହିତ ବେଶ୍ ମୌଖିକ ବନ୍ଧୁତ୍ୱ କରିହୁଏ ବିଶେଷ କରି ଯେଉଁମାନେ ଶିକ୍ଷିତ ଓ ଇଂରାଜୀ ଜାଣନ୍ତି ।

ସେ ତାଙ୍କ ପରିବାର ଜୀବନ କଥା ମୋତେ ଅଳ୍ପ କହିଲେ । ପିଲା ଦୁହେଁ ଘରୋଇ ବିଦ୍ୟାଳୟରେ ପଢୁଛନ୍ତି କାରଣ ସରକାରୀ ବିଦ୍ୟାଳୟ ବହୁତ ଭିଡ଼ ଓ ସେତେ ବେଶି ଭଲ ପଢ଼ା ହେଉନି । କେବଳ ଓଡ଼ିଶା କାହିଁକି ସବୁଠି ବର୍ତ୍ତମାନ ଏଇ ଅବସ୍ଥା । ପ୍ରତ୍ୟେକ ଶ୍ରେଣୀରେ ପ୍ରାୟ ୮୦ଜଣରୁ ଅଧିକ ଛାତ୍ର । ସମସ୍ତଙ୍କର ୟୁନିଫର୍ମ ଡ୍ରେସ୍ । ମଧ୍ୟବିତ୍ତ ଶ୍ରେଣୀ ସଂଗ୍ରାମରେ ସେମାନେ ବ୍ୟସ୍ତ । ଜୀବନ ବଞ୍ଚାଇବା ପାଇଁ ଚାକିରି କରିବାକୁ ହୁଏ ।

କାଏରୋରେ ଅନେକ ବ୍ୟାଙ୍କ । ସବୁ ବ୍ୟାଙ୍କ ଘରୋଇ ଉଦ୍ୟୋଗ । ଇଜିପ୍‌ଟିଆନା କମର୍ସିଆଲ ବ୍ୟାଙ୍କ, ଦି ନ୍ୟାସନାଲ ବ୍ୟାଙ୍କ ଅଫ୍ ଇଜିପ୍‌ଟ୍, ଦି ନାଇଲ ବ୍ୟାଙ୍କ, ମୋହନଦେସବ୍ୟାଙ୍କ ଇତ୍ୟାଦି ସହିତ ପ୍ରତ୍ୟେକ

Digitized by PPRACHIN, SOA

ହୋଟେଲରେ ବିଦେଶୀ ମୁଦ୍ରା ବିନିମୟର କାଉଣ୍ଟର । ଚଟାପଟ୍ ଡଲାର ଭଙ୍ଗାଇ ହୁଏ । ସବୁଠି କିନ୍ତୁ କିଛି ରିସିଓ୍ୱା ପାଇବାର ଇଚ୍ଛା ସମସ୍ତଙ୍କ ଭିତରେ ଦେଖାଯାଏ । ଯାହା ସାଙ୍ଗରେ କଥାହେଲେ ସେମାନେ ଧନ୍ୟବାଦ ଦେବେ 'ସୁକରାନ୍' କହି ।

ହୋଟେଲ ସଫିର୍‌ର ଶେଷଦିନ ଆମେ କେତେଗୁଡ଼ିଏ ମସ୍‌ଜିଦ୍ ଦେଖିବାକୁ ଗଲୁ । କାରଣ ଏହା ଏ ଅଞ୍ଚଳରେ ପ୍ରସିଦ୍ଧ ଓ ଦର୍ଶନୀୟ ସ୍ଥାନ । ଆମେ ମହମ୍ମଦ ଅଲ୍ଲୀ ମସ୍ କ(ମସଜିଦ୍) ଦେଖିବାକୁ ଗଲୁ । ଏହି ମସଜିଦ୍ କାଏରୋର ଚିହ୍ନ । ଏହି ମସ୍କ ୧୮୩୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା । ସେତେବେଳେକୁ ମହମ୍ମଦ ଅଲ୍ଲୀ ଇଜିପ୍ଟର ବଡ଼ଲାଟ ଥିଲେ । କାଏରୋ ଠାରେ ଥିବା ସବୁଠାରୁ ବଡ଼ ମସଜିଦ୍ ହେଉଛି ଏବନଟୁଲୁନ୍ ମସଜିଦ୍ । ସେ ଟୁଲୁନିଦ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ଥିଲେ । ଏହାର ନିର୍ମାଣ ଶୈଳୀ ପ୍ରସ୍ତୁତ କରିଥିଲେ ସିରିୟା ଦେଶର ଜଣେ ଖ୍ରୀଷ୍ଟିଆନ୍ । ଆମେ ସୁଲତାନ ହସନ୍ ଓ ଅଲ-ରିଫାଇ ମସଜିଦ୍ ଦେଖି ସେଗୁଡ଼ିକର କାରୁକାର୍ଯ୍ୟ, ଗଠନ ଶୈଳୀ ଓ ବିଭିନ୍ନ ପ୍ରକାର ପଥର ଦେଖି ଚମତ୍କୃତ ହେଲୁ ।

କାଏରୋ ଲୋକସଂଖ୍ୟାର ୯୦ ଭାଗ ମୁସଲମାନ ଓ ୧୦ଭାଗ ଖ୍ରୀଷ୍ଟିୟାନ । ଯୀଶୁଖ୍ରୀଷ୍ଟ ଏଠାକୁ ଆସିଥିଲେ ବୋଲି କଥିତ ଅଛି ଏବଂ ଗୋଟିଏ ପୁରାତନ ଚର୍ଚ୍ଚ ମଧ ରହିଛି । ଆମେ ସେହି ଚର୍ଚ୍ଚକୁ ଯାଇ ଯୀଶୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କଲୁ । ଆମ ଟ୍ୟାକ୍ସିର ଡ୍ରାଇଭର ଆମକୁ ଏହି କମଟିକ୍ ଚର୍ଚ୍ଚ ସମ୍ପର୍କରେ ତା'ର ଖଣ୍ଡି ଖଣ୍ଡି ଇଂରାଜୀରେ ଧାରଣା ଦେଲା ।

ଦୀର୍ଘ ୬ଦିନର ରହଣି ମଧ୍ୟରେ ସମଗ୍ର କାଏରୋ ବୁଲି ଯାହା ଯାହା ଦେଖିବା କଥା ସେଗୁଡ଼ିକ ତ ଦେଖିଲୁ । ସେଠାକାର ଲୋକମାନଙ୍କର ଜୀବନଶୈଳୀକୁ ମଧ ଅନୁଧ୍ୟାନ କଲୁ । ଡ୍ରାଇଭରକୁ ଦଶପାଉଣ୍ଡ ବକ୍‌ସିସ୍ ଦେବାରୁ ସେ ଖୁସି ହେଲା ଏବଂ ଆମକୁ ଅନେକ ଧନ୍ୟବାଦ ଜଣାଇଲା ।

ଆମେ ହୋଟେଲ ଛାଡ଼ି ଏୟାରପୋର୍ଟକୁ ଆସିଲୁ । ଅନେକ ଦୂର । ବିରାଟ ଏୟାରପୋର୍ଟ ଦୁଇଭାଗରେ ବିଭକ୍ତ । ଟ୍ୟାକ୍ସି ଯେଉଁଠି ଛାଡ଼ି ଦେଇଗଲା, ସେଠାରୁ ଅମନ୍ ଉଦ୍ଦେଶ୍ୟରେ ଉଡ଼ାଜାହାଜ ଯାଏନି । ଚିରବାକୁ ମୋ ସହିତ ନ ଥିଲେ । ଭାର୍ସେନେ ଅନ୍ୟବାଟ ଦେଇ ଭାରତକୁ ଯିବେ । ମୁଁ ଏକାକୀ ଅନ୍ୟ ଏୟାରପୋର୍ଟକୁ ଆସିଲି । ହାତରେ ସମୟ ବହୁତ । ଭୋକ ବି ଲାଗୁଥାଏ । ପାଣି ବୋତଲଟିଏ କିଣି ଅପେକ୍ଷା କଲି ଓ୍ୱେଟିଂ ହଲରେ । ଷ୍ଟଲରୁ ଅଲ୍-ଅହରାମ୍ ସାପ୍ତାହିକୀ ଖବରକାଗଜ ଖଣ୍ଡିଏ ୭୫ ପିଆଷ୍ଟର ଦେଇ କିଣିଲି । ୧୮୭୫ ମସିହାରେ ଏହି ଇଂରାଜୀ ସାପ୍ତାହିକୀ ଆରମ୍ଭ ହୋଇଛି । ୨୦ପୃଷ୍ଠା ବ୍ୟାପୀ ଏହି

Digitized by PPRACHIN, SOA

ସାପ୍ତାହିକୀରେ ରାଜନୀତି ଠାରୁ ସାହିତ୍ୟ ପର୍ଯ୍ୟନ୍ତ, ଖେଳ କସରତ ଠାରୁ ନାଟକ ପର୍ଯ୍ୟନ୍ତ ସବୁ କିଛି ଦେଖିବାର ଓ ଜାଣିବାର ଧାରଣା ଦିଆଯାଇଛି । ଆନାଉନ୍‌ସ ହେଲା ପ୍ଲେନରେ ଚେକ୍‌ଇନ୍ କରିବାକୁ ହେବ । କାଉଣ୍ଟରରେ ଟିକେଟ ଧରି ଛିଡ଼ା ହେବା ସମୟରେ କାଉଣ୍ଟରରେ କର୍ତ୍ତବ୍ୟରତ କର୍ମଚାରୀ ମୋତେ ରିସ୍‌ଓ୍ୱା(ରିସ୍‌ପତ) ମାଗିଲେ । ମୁଁ ଚାହିଁଲି ତା ମୁହଁକୁ ବଲବଲ କରି । ରିସ୍‌ପତ ସବୁଆଡ଼େ । ବଙ୍ଗୋପସାଗରରୁ ଆରବସାଗର ଦେଇ ନୀଳନଦୀ ଓ ପିରାମିଡ଼ ପର୍ଯ୍ୟନ୍ତ ବ୍ୟାପୀ ଯାଇଛି । ବିଶ୍ୱ ଏ ବିଷୟରେ ଏକ ।

ସିକ୍ୟୁରିଟି ଭିତର ଦେଇ ଅପେକ୍ଷା କଲି ପ୍ଲେନକୁ । କାଏରୋରୁ ଅମନ୍ ଓ ଅମନ୍‌ରୁ ଦିଲ୍ଲୀ । ଆସନ୍ତାକାଲି ସକାଳେ ପହଞ୍ଚିବି ଦିଲ୍ଲୀରେ । ଚାହିଁ ଦେଖିଲି ଏୟାରପୋର୍ଟର ସେହି ହଲ ଘରକୁ । କାନ୍ଥରେ ଟଙ୍ଗା ହୋଇଥିଲା ପିରାମିଡ଼ି ଚିତ୍ର ଓ ନୀଳନଦୀର ସୌନ୍ଦର୍ଯ୍ୟ । ବିଶ୍ୱର ଏହି ବିଚିତ୍ର ଦୃଶ୍ୟକୁ ନିଜ ଆଖିରେ ଦେଖିବାର ସୌଭାଗ୍ୟ ମିଳିଲା । ଏଥିପାଇଁ ମନେ ମନେ ଶ୍ରୀ ରାମକୃଷ୍ଣଙ୍କୁ ପ୍ରଣତି ବାଢୁଥିବାବେଳେ ଘୋଷଣା ହେଲା ପ୍ଲେନ ଛାଡ଼ିବ ଅମନ୍ ଅଭିମୁଖେ । ବାସ୍, ପ୍ଲେନ ଯାତ୍ରା ଆରମ୍ଭ ହେଲା । ମନ ଉଡ଼ିଗଲା ଭୁବନେଶ୍ୱରରେ ଥିବା ପିଲାମାନଙ୍କ ପାଖକୁ । ଆମେ ଭାରତୀୟମାନେ ପୋଷା ଚଢ଼େଇ । ଯେତେ ଉଡ଼ିଲେ ବି ମନଥାଏ ଘରେ । ସ୍ତ୍ରୀ ଓ ପିଲାମାନଙ୍କ ପାଖରେ । କାଏରୋ ଏରୋପ୍ଲେନ ପଡ଼ିଆରେ ବସି ଭାବୁଥିଲି କେତେବେଳେ ପହଞ୍ଚିବି ।

ଅନେକ ଦିନ ପରେ ଏ ସ୍ମୃତିକୁ ଲେଖିବାବେଳେ ମୋ' ଆଖିଆଗରେ କାଏରୋ ସହର ଓ ସେଠାରେ ଦେଖିଥିବା ସ୍ଥାନ ଓ ଘଟଣା ଭାସି ଆସେ । ତାହା ହୁଏତ ମୋ' ପାଇଁ ସ୍ମୃତିଭରା ଇତିହାସ କିନ୍ତୁ ମୋର ପାଠକମାନଙ୍କ ପାଇଁ କାଏରୋ ଦେଖିବାର ସ୍ୱପ୍ନ ।

□□□

Digitized by PPRACHIN, SOA

କାଏରୋଠାରେ ମ୍ୟୁଜିୟମ୍‌ରେ ସଂରକ୍ଷିତ 'ମମି' ନିକଟରେ

କାଏରୋ ମ୍ୟୁଜିୟମ୍ ବାହାରେ

Digitized by PPRACHIN, SOA

କାଏରୋଠାରେ ଥିବା ସଂଗ୍ରାମୀ ସ୍ତମ୍ଭ ନିକଟରେ

କାଏରୋ ମ୍ୟୁଜିୟମ୍ ଭିତରେ

Digitized by PPRACHIN, SOA

କାଏରୋ ଠାରେ ଆପ୍‌ସୋ ଶାନ୍ତି ସମ୍ମିଳନୀରେ ମଞ୍ଚାସୀନ

କାଏରୋ ସମ୍ମିଳନୀରେ ଆପ୍‌ସୋର ସଭାପତି
ମୋରାଦ୍ ଗାଲିବ୍‌ଙ୍କୁ କୋଣାର୍କ ଚକ୍ର ପ୍ରଦାନ

Digitized by PPRACHIN, SOA



ସମ୍ମିଳନୀରେ ଆପ୍‌ସୋର ସଭାପତି
ମିଃ ମୋରାଦ୍ ଗାଲିବ୍‌ଙ୍କ ସହିତ

କାଏରୋଠାରେ ପିରାମିଡ୍ ନିକଟସ୍ଥ ପାପିରସ୍ ଦୋକାନରେ
'ହୁକ୍କା' ସେବନ

Digitized by PPRACHIN, SOA

‘ମାନବତାର ମହାନ୍ ତୀର୍ଥ ତିନିଗୋଟି ଭ୍ରମଣ କାହାଣୀର ସଂକଳନ । ମସ୍କୋଭ୍ରମଣ ନାମକରଣ ‘ମାନବତାର ମହାନ୍ ତୀର୍ଥ’ ହୋଇଥିବାବେଳେ ଭିଏତ୍‌ନାମର ହାନୋଇ ଭ୍ରମଣର ନାମ ଦିଆଯାଇଛି ‘ମୁକ୍ତି ସଂଗ୍ରାମର ଉଜ୍ଜ୍ୱଳ ମସାଲ’ ଏବଂ ଇଜିପ୍ଟର କାଏରୋ ଭ୍ରମଣକୁ ‘ନୀଳ ଉପତ୍ୟକାରେ ଶାନ୍ତିକପୋତ’ ଭାବରେ ନାମିତ । ଏହି ତିନିଗୋଟି ରାଷ୍ଟ୍ରର ରାଜଧାନୀ ଶାନ୍ତି ଓ ସଂହତି ପାଇଁ ମୁକ୍ତି ସଂଗ୍ରାମର ମୁଖ୍ୟ କେନ୍ଦ୍ର ବିନ୍ଦୁ ହୋଇଥିବାରୁ ଏବଂ ସମଗ୍ର ମାନବଜାତି ସମ୍ମୁଖରେ ନୂତନ ଆଲୋକ ବର୍ତ୍ତିକା ବିଶ୍ୱକୁ ପ୍ରଭାବିତ କରିଥିବାରୁ ପୁସ୍ତକଟିର ନାମ ‘ମାନବତାର ମହାନ୍ ତୀର୍ଥ’ ଦେବାର ଯଥାର୍ଥତା ରହିଛି । ଭ୍ରମଣ କାହାଣୀରେ ବିଶ୍ୱର ତିନି ପ୍ରମୁଖ ମହାନାୟକ ଲେନିନ୍, ହୋ-ଚି-ମିନ୍ ଓ ଟଲଷ୍ଟୟଙ୍କ ସଂପର୍କରେ କିଛିଟା ଝଲକ ମିଳିବା ସହିତ ସେଠାକାର ଲୋକମାନଙ୍କର ଜୀବନ ଶୈଳୀର ସମ୍ୟକ୍ ଆଭାସ ଦେଖିବାକୁ ମିଳିବ । ଓଡ଼ିଆରେ ବହୁ ଭ୍ରମଣ କାହାଣୀ ଥିଲେ ମଧ, ‘ମାନବତାର ମହାନ୍ ତୀର୍ଥ’ ନିଶ୍ଚିତ ଭାବେ ପାଠକମାନଙ୍କୁ ଆମୋଦିତ କରିବ କାରଣ ଏହା ଲେଖକଙ୍କର ପ୍ରତ୍ୟକ୍ଷ ଅନୁଭୂତିର ମାର୍ମିକ ସ୍ୱାକ୍ଷର । ଓଡ଼ିଶାରେ ବିଭିନ୍ନ ପତ୍ରପତ୍ରିକାରେ ଏହା ବିଭିନ୍ନ ସମୟରେ ପ୍ରକାଶିତ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି ।

ଲେଖକ ସୌରୀବଂଧୁ କର (୧୯୪୮) ଓଡ଼ିଆ ଭାଷାରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ, ସ୍ତମ୍ଭକାର, ଗାଳ୍ପିକ, ଜୀବନୀଲେଖକ ଓ ଅନୁବାଦକ ଭାବେ ଜଣାଶୁଣା । ବିବେକାନନ୍ଦ, ଗାନ୍ଧୀ ଓ ମାର୍କ୍ସଙ୍କ ଦର୍ଶନକୁ ଆଧାର କରି ତାଙ୍କର ପ୍ରାୟ ୪୦ ଗୋଟି ପୁସ୍ତକ ପ୍ରକାଶିତ ହୋଇଛି ଏବଂ ପାଠକୀୟ ସୀକୃତି ଲାଭ କରିଛି । ସଂପ୍ରତି ସେ ଜଣେ ଶ୍ରମିକ ନେତା ଭାବେ ସେମାନଙ୍କର ସମସ୍ୟା ଓ ତାର ସମାଧାନ କର୍ମରେ ଭୁବନେଶ୍ୱରଠାରେ ଅବସ୍ଥାପିତ ।

Digitized by PPRACHIN, SOA